

# ଶୂନ୍ୟ ସନ୍ତରଣ

ରଜତ ମହାପାତ୍ର

Digitized by srujanika@gmail.com

# ଶୂନ୍ୟ ସନ୍ତରଣ

ରଜତ ମହାପାତ୍ର

ଲାର୍କ ବୁକ୍ସ

Digitized by srujanika@gmail.com

# ଶୂନ୍ୟ ସନ୍ତରଣ

**ରଜତ ମହାପାତ୍ର**

ପ୍ରକାଶକ

ଲାର୍କ ବୁକ୍ସ

ସୁବର୍ଣ୍ଣରେଖା ଚ୍ୟାମ୍ବର୍ସ

ଏ/୯, ଭୌମ ନଗର, ଭୁବନେଶ୍ୱର - ୭୫୧ ୦୦୧

ପ୍ରଥମ ପ୍ରକାଶ : ୨୦୧୪

© କଲ୍ୟାଣୀ ମିଶ୍ର

ପ୍ରଚ୍ଛଦ

ଶ୍ରୁତି ମହାପାତ୍ର

ମୁଦ୍ରଣ

ମିଡ଼ିଆ ପ୍ରେସ୍

୨୪-ଇଷ୍ଟ, ଅଶୋକ ନଗର, ଭୁବନେଶ୍ୱର-୯

ଏକଶହ ଟଙ୍କା ମାତ୍ର

## SUNYA SANTARANA

**RAJAT MOHAPATRA**

Published by

**LARK BOOKS**

Subarnarekha Chambers

A/9, Bhauma Nagar, Bhubaneswar - 751 001

First Edition ■ 2014

© Kalyani Mishra

Cover Design

**Sruti Mohapatra**

Printed by : **Media Press**

24-East, Ashok Nagar, Bhubaneswar - 751 009

Phone : 0674-2530632

Rupees One hundred only

*Digitized by srujanika@gmail.com*

# ଉତ୍ସର୍ଗ

ମୁଁ ଏଇ ବହିଟି ମୋର ସହଧର୍ମିଣୀ ମୁନୁ
ଏବଂ
ଦୁଇ ଝିଅ ଜୁନୁ ଆଉ ଜିଲିଙ୍କ
ହାତରେ ଟେକି ଦେଉଛି ।

ରଜତ

Digitized by srujanika@gmail.com

# କ'ଣ କହିବି, କ'ଣ ଲେଖିବି

ମୁଁ ଆଜି ନିର୍ବାକ । ତଥାପି କିଛି କହିବାକୁ ଯାଉଛି । ମୋ ସ୍ୱାମୀ ରଜତ ହଠାତ୍ ମୋ ପାଖରେ ଶଶରୀରେ ନାହାନ୍ତି ସତ, କିନ୍ତୁ ମୋର ପ୍ରତି ନିଃଶ୍ୱାସ ଓ ନିସ୍ତବ୍ଧତା ଭିତରେ ତାଙ୍କ ସ୍ନେହକୁ ମୁଁ ଅନୁଭବ କରୁଛି । ଜଣେ ସ୍ନେହଶୀଳ ପିତା, ଜଣେ ଯତ୍ନବାନ ପତି ଭାବରେ ଓ ସର୍ବୋପରି ଜଣେ ଯଶସ୍ୱୀ ଲେଖକ-ଅଧ୍ୟାପକ ଭାବରେ ସେ ସର୍ବଦା ଆଦୃତ । ମୋର ବିଶ୍ୱାସ, ସେ ମୋର ଓ ଆମର ଦୁଇ ଝିଅ ଶ୍ରୁତି ଓ ପ୍ରଜ୍ଞାର ପଥଦ୍ରଷ୍ଟା ହୋଇ ସଦାବେଳେ ରହିଥିବେ । ତାଙ୍କ ପାଇଁ ମାତ୍ର ଏଇ ପଦକ ଲେଖୁଛି ।

"କେବେ ତୁମେ ହଜିଯାଅ ଶୂନ୍ୟ ସନ୍ତରଣେ
ଫେରିଆସ କେବେ ପୁଣି ମୋ ବାହୁ ବନ୍ଧନେ
ଜୁଆରରେ ଭଟ୍ଟା ପଡ଼େ
ଆଉ ମୋର ହୋଇ ଯାଅ ।"

୨୦୧୨ ମସିହା ଏପ୍ରିଲ୍ ମାସ ମଝିରୁ ଡିସେମ୍ବର ଯାଏଁ ଯେତେବେଳେ ସେ ଗୁଡ଼୍‌ଗାଓଁ ଆମ ଝିଅ ଘରେ ରହି, ବେଦାନ୍ତ ହସ୍ପିଟାଲ୍‌ରେ ଚିକିସିତ ହେଉଥିଲେ, ମୁଁ ତାଙ୍କ ପାଖରେ ପ୍ରତି ମୁହୂର୍ତ୍ତଟି କଟାଇଥିଲି ଓ ଏକ ସୁନ୍ଦର ନୂଆ ସକାଳର ଉଦୟରାଗ ଆମେ ଶୁଣି ପାରୁଥିଲୁ । ତାଙ୍କର ଆଧ୍ୟାତ୍ମିକ ମନୋଭାବ ଓ ଶୀଘ୍ର ସୁସ୍ଥ ହେବାର ଇଚ୍ଛା ଓ ପ୍ରୟାସ ଆମକୁ ଏକ ସୁନ୍ଦର ଶାନ୍ତମୟ ନୂଆ ଜୀବନର ଅପେକ୍ଷା ଆଣିଦେଉଥିଲା । ହଠାତ୍ କିନ୍ତୁ ଭଗବାନଙ୍କର ଭିନ୍ନ ନିଷ୍ପତ୍ତି ମୋତେ ଓ ଆମ ଝିଅ, ଜ୍ୱାଇଁ ଓ ସାନ ଝିଅଙ୍କୁ ହତବାକ୍ କରିଦେଲା। ତଥାପି ଭଗବାନଙ୍କର ଏ ନିଷ୍ପତ୍ତିକୁ ଆମେ ମୁଣ୍ଡ ପୋତି ସହି ନେଲୁ ଓ ମୋ ସ୍ୱାମୀଙ୍କର ସବୁ ସ୍ୱପ୍ନକୁ ସାକାର କରିବାକୁ ମନସ୍ଥ କଲୁ ।

ଆମ ଝିଅ ଘରେ ଓ ହସ୍ପିଟାଲ୍‌ରେ ମନ ହେଲେ ସେ ଅନେକ କବିତା ଲେଖିଛନ୍ତି ଯେଉଁଥିରେ ଭରି ରହିଛି ଆଶାବାଦ ଓ ଶିଶୁସୁଲଭ ସରଳତା । ସେ ଆଗରୁ ଇଂରାଜୀ ଓ ଓଡ଼ିଆରେ ଅନେକ କ୍ଷୁଦ୍ର ଗଳ୍ପ ଲେଖିଛନ୍ତି ଯାହା ବିଭିନ୍ନ ପତ୍ରପତ୍ରିକାରେ ବାହାରିଛି । ତାଙ୍କର ଗଳ୍ପ ଓ କବିତା ସବୁରେ ଭରିରହିଛି ଜୀବନର ସୂକ୍ଷ୍ମତମ ମର୍ମସ୍ପର୍ଶୀ ଘଟଣା, ଭାବନା ଓ ଚିନ୍ତାଧାରା ଓ ସୁନ୍ଦର ସକରାତ୍ମକ କଳ୍ପନା ।

Digitized by srujanika@gmail.com

ଆମର ସ୍ୱପ୍ନ ଥିଲା ନୂଆବର୍ଷରେ ଘରକୁ ଫେରି ଏଇ କ୍ଷୁଦ୍ରଗଳ୍ପ ସମ୍ଭାରଟିକୁ ଆପଣମାନଙ୍କୁ ଅର୍ପଣ କରିବୁ । ମାତ୍ର ଭଗବାନଙ୍କର ବରାଦ ତ ଅନ୍ୟ ପ୍ରକାର । ୧୯୮୩ ମସିହାରୁ ୨୦୧୨ ଏଇ ତିରିଶ ବର୍ଷର ପ୍ରାଣୋଚ୍ଛ୍ୱଳ ଦାମ୍ପତ୍ୟ ଜୀବନରେ ହଠାତ୍ ଯବନିକା ପଡ଼ିଗଲା । ତେଣୁ ସେ ଦାୟିତ୍ୱଟିକୁ ରଜତଙ୍କର ଅର୍ଦ୍ଧାଙ୍ଗିନୀ ଭାବରେ ମୁଁ ପୂର୍ଣ୍ଣ କରିବାକୁ ଯାଉଛି । ଭଗବାନ ମୋତେ ଶକ୍ତି ଦିଅନ୍ତୁ ।

ପାଠକଙ୍କୁ ଭଲ ଲାଗିଲେ ଆମକୁ ଭଲ ଲାଗିବ ।

୨୦ ଡିସେମ୍ବର ୨୦୧୩ — **କଲ୍ୟାଣୀ ମିଶ୍ର**

❑❑❑

Digitized by srujanika@gmail.com

# କଥା ଥିଲା

ଇଂରାଜୀ ଭାଷା ସାହିତ୍ୟର ତରୁଣ ଅଧ୍ୟାପକ ରଜତ ମହାପାତ୍ର ବକ୍ସି ଜଗବନ୍ଧୁ ମହାବିଦ୍ୟାଳୟରେ ଗତ ଅଶି-ନବେ ଦଶକରେ ମୋର ସହକର୍ମୀ ଥିଲେ । ଇଂରାଜୀ ବିଭାଗର ଅଧ୍ୟାପକ ହେଲେ ମଧ୍ୟ ଓଡ଼ିଆ କଥା ସାହିତ୍ୟ ସମ୍ପର୍କରେ ତାଙ୍କର ପ୍ରବଳ ଆଗ୍ରହ ଥିଲା । ବିଶେଷ କରି ମୋ ଗଳ୍ପର ସେ ଥିଲେ ଜଣେ ମୁଗ୍ଧ ପାଠକ ଏବଂ ମୃଦୁ ସମାଲୋଚକ । ମୋ 'ସମାନ୍ତରାଳ ସରଳରେଖା' ଏବଂ 'ବଇଦାସର ବଳଦ' ଗଳ୍ପ ଦୁଇଟିକୁ ସେ ନିଜେ ଇଂରାଜୀରେ ଅନୁବାଦ କରି ଷ୍ଟେଟସ୍‌ମ୍ୟାନ ବାର୍ଷିକ ପୂଜା ସଂଖ୍ୟା ଏବଂ ରବିବାସରୀୟ ସଂଖ୍ୟାରେ ପ୍ରକାଶ କରିଥିଲେ । ବିଜେବି କଳା ବିଭାଗ ଷ୍ଟାଫ୍ କମନରୁମ୍‌ରେ ଥରେ ତାଙ୍କୁ ମୁଁ କହିଥିଲି - ଆପଣ ତ ଏତେ ସୁନ୍ଦର ଓଡ଼ିଆ ଗଳ୍ପର ଆଲୋଚନା କରୁଛନ୍ତି - ନିଜେ କାହିଁକି ଓଡ଼ିଆରେ ଛୋଟ ଗଳ୍ପ ଲେଖୁନାହାନ୍ତି ?

ରଜତ ବାବୁ ସମ୍ଭବତଃ ମୋ ମୁହଁରୁ ଏଇ କଥା ପଦକ ଶୁଣିବା ପାଇଁ ଅପେକ୍ଷା କରିଥିଲେ । ସେ ତତ୍‌କ୍ଷଣାତ୍ ଉତ୍ତର ଦେଲେ - ଗଳ୍ପ ଲେଖିଛି, ଆପଣଙ୍କ ସମ୍ପାଦିତ 'ଗଳ୍ପ'କୁ ଦେବି ବୋଲି ଭାବିଛି, କିନ୍ତୁ କାଳେ ଆପଣଙ୍କ ମନକୁ ପାଇବ ନାହିଁ, ସେଥିପାଇଁ ମୁଁ କେବେ ଗଳ୍ପ ଲେଖେ ବୋଲି କହିନାହିଁ ।

ସେତେବେଳେ 'ଗଳ୍ପ'ର ପ୍ରକାଶକ ଜଗନ୍ନାଥ ରଥଙ୍କର ପରଲୋକ ହୋଇଯାଇଥିଲା । ଅନିୟମିତ ତ୍ରୟୋମାସିକ 'ଗଳ୍ପ' ଶାରଦୀୟ ପୂଜାବେଳେ ବର୍ଷକୁ ଥରେ ମାତ୍ର ପ୍ରକାଶିତ ହେଉଥିଲା । 'ଗଳ୍ପ' ପ୍ରଚଣ୍ଡ ପ୍ରତିଭାଶାଳୀ ତରୁଣ ଲେଖକମାନଙ୍କ ଲେଖାରେ ସମୃଦ୍ଧ ହେବ ବୋଲି ଘୋଷିତ ହୋଇଥିଲେ ମଧ୍ୟ ଯେଉଁମାନେ ୧୯୭୦ ମସିହାରୁ ନିୟମିତ 'ଗଳ୍ପ'ରେ ଗଳ୍ପ ଲେଖି ଆସୁଛନ୍ତି ସେମାନଙ୍କୁ ଉପେକ୍ଷା କରି ନୂତନ କଥାଶିଳ୍ପୀମାନଙ୍କୁ ଲେଖା ପଠାଇବା ପାଇଁ ନିମନ୍ତ୍ରଣ କରିବା ଆମ ପକ୍ଷରେ ସମ୍ଭବ ହେଉନଥିଲା । କିନ୍ତୁ ରଜତବାବୁ ତାଙ୍କ ଗଳ୍ପ ମୋ ସମ୍ପାଦିତ 'ଗଳ୍ପ'ରେ ଛାପିବା ପାଇଁ ଆଗ୍ରହୀ ବୋଲି ଜାଣିଲା ପରେ ବିନା ଦ୍ୱିଧାରେ ମୁଁ ତାଙ୍କୁ ଗଳ୍ପଟିଏ ଦେବା ପାଇଁ କହିଥିଲି ।

୧୯୯୧ ମସିହା ଶାରଦୀୟ ସଂକଳନ 'ଗଳ୍ପ'ରେ ପତ୍ରସ୍ଥ ହୋଇଥିଲା ରଜତ ମହାପାତ୍ରଙ୍କ ଗଳ୍ପ 'ଭଡ଼ାଘର' । ଏହା ପୂର୍ବରୁ ତାଙ୍କର ଅନ୍ୟ କୌଣସି ଗଳ୍ପ ଅନ୍ୟ କେଉଁ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା କି ନାହିଁ ମତେ ଜଣା ନାହିଁ, କିନ୍ତୁ ପ୍ରଥମ ଥର

Digitized by srujanika@gmail.com

'ଗଳ୍ପ' ପୃଷ୍ଠାରେ ସ୍ଥାନିତ ତାଙ୍କ 'ଭଡ଼ାଘର' ଗଳ୍ପରେ ପୋଖତ ହାତର କାରୁକାର୍ଯ୍ୟ ଦେଖି ମୁଁ ଅଭିଭୂତ ହୋଇପଡ଼ିଥିଲି । ମପାଚୁପା, ବ୍ୟଂଜନାମୟ ଭାଷା ଏବଂ କଥା ବିନ୍ୟାସରେ ତାଙ୍କର ନିଆରାପଣ 'ଭଡ଼ାଘର' ଗଳ୍ପଟିକୁ ତାଙ୍କର ଅନ୍ୟ ଅନେକ ସମସାମୟିକ ଗାଳ୍ପିକଙ୍କ ଠାରୁ ଅଲଗା କରି ଚିହ୍ନାଇ ଦେଇଥିଲା ।

ଗଳ୍ପର ନାୟକ ପ୍ରଥମ ପୁରୁଷ ନିଜ ଗବେଷଣା କାର୍ଯ୍ୟ ପାଇଁ ତାଙ୍କର ସଂପର୍କୀୟ ରାମ ଭାଇଙ୍କ ସରକାରୀ କ୍ୱାର୍ଟସରେ ଭଡ଼ାରେ ରହୁଥିଲେ । ତାଙ୍କର ପିଲାଦିନର ସାଙ୍ଗ ଦେବାଶୀଷ ବହୁ ବର୍ଷ ପରେ ହଠାତ୍ ଦିଲ୍ଲୀରୁ ଆସି ସେଇ ଭଡ଼ା ଘରେ ଆଶ୍ରୟ ନେଲେ । ଗବେଷଣା-ମନସ୍କ ପ୍ରଥମ ପୁରୁଷଙ୍କୁ ତାଙ୍କର ପ୍ରତିବେଶୀ ମିସେସ୍ ଦାସ ତାଙ୍କ ସାନ ଭଉଣୀ ସହିତ ବିବାହ ବନ୍ଧନରେ ଛନ୍ଦିବା ପାଇଁ ଚେଷ୍ଟା କରି ବିଫଳ ହେଲା ପରେ ତାଙ୍କ ସହିତ ସଂପର୍କ ତିକ୍ତ ହୋଇଯାଇଥିଲା । କିନ୍ତୁ ଭଡ଼ାଘରର ଦ୍ୱିତୀୟ ପୁରୁଷ ଦେବାଶୀଷଙ୍କୁ ମିସେସ୍ ଦାସ ସହଜରେ ଆପଣାର କରିନେଲେ । ମଫସଲରୁ ଆସି ଏଇ ସହରରେ ଅଧ୍ୟାପିକା ଚାକିରି କରୁଥିବା ଲଳିତା ତାଙ୍କ ଘରେ ରହୁଥିଲା । ଅନ୍ୟତ୍ର ଘର ଭଡ଼ା ନେଇ ଏକାକିନୀ ରହିବାକୁ ସେ ଭୟ କରୁଥିଲା । ସେଇ ଲଳିତା ଆଉ ଦେବାଶୀଷଙ୍କ ମଧ୍ୟରେ ସମ୍ପର୍କର ସେତୁ ତିଆରି କରିଦେଇଥିଲେ ମିସେସ୍ ଦାସ । ମିଷ୍ଟର ଦାସ ଟୁର୍‌ରେ ଯାଇଥିବା ବେଳେ ଦିନେ ମିସେସ୍ ଦାସ ଲଳିତା ଓ ଦେବାଶୀଷଙ୍କୁ ଘରେ ଏକାଠି ଛାଡ଼ି ଦେଇ ବାହାରେ ତାଲା ପକାଇ ଦେଇଥିଲେ। ଭଡ଼ାଘରର ପ୍ରଥମ ପୁରୁଷ ପ୍ରତିବେଶୀ ଘରେ ଚାଲିଥିବା ଏଇ ନିଷିଦ୍ଧ ପ୍ରେମର ନାଟକ ଦେଖି ଭିତରେ ଭିତରେ ଭାଙ୍ଗି ପଡୁଥିଲେ ବି ମୁହଁ ଖୋଲି ପ୍ରତିବାଦ କରିପାରୁନଥିଲେ। ଦେବାଶୀଷ ଓ ଲଳିତା ଗୃହବନ୍ଦୀ ଥିଲା ବେଳେ ଦେବାଶୀଷ ପିତାଙ୍କ ଗୁରୁତର ଅସୁସ୍ଥତା ବାର୍ତ୍ତା ନେଇ ଏଇ ଟେଲିଗ୍ରାମ୍ ଆସି ଉଡ଼ାଘରର ପ୍ରଥମ ପୁରୁଷଙ୍କ ପାଖରେ ପହଞ୍ଚିଥିଲା । କିନ୍ତୁ ବାହାରୁ ତାଲାବନ୍ଦ ଘରେ, ବନ୍ଦୀ ଦେବାଶୀଷଙ୍କୁ ସେ ଟେଲିଗ୍ରାମ୍ ସେ ଦେଇପାରିନଥିଲେ । ରାତିରେ ମିସେସ୍ ଦାସ ବାହାରୁ ଘରକୁ ଫେରି ତାଲା ଖୋଲିଲା ପରେ ଦେବାଶୀଷ, ଅସୁସ୍ଥ ପିତାଙ୍କ ଅନ୍ତିମ ଦର୍ଶନ ପାଇଁ ଗ୍ରାମକୁ ଯାଇ ପୁଣି ଏ ସହରକୁ ଫେରି ଆସିଲା ଏବଂ ଅନ୍ୟ ଏକ ଭଡ଼ାଘରେ ଆରମ୍ଭ କଲା ଜୀବନର ଦ୍ୱିତୀୟ ଇଂନିସ୍ ।

ଭଡ଼ାଘରର ଉଡ଼ା ପକ୍ଷୀଙ୍କୁ ନେଇ ରଚିତ ଏଇ କାହାଣୀ ରଜତ ବାବୁଙ୍କ ସ୍ୱଚ୍ଛନ୍ଦ କଥନ ଭଙ୍ଗୀ ଓ ଚରିତ୍ର ଚିତ୍ରଣରେ ଗଭୀର ଅନ୍ତର୍ଦୃଷ୍ଟି ଯୋଗୁଁ ପାଠକମାନଙ୍କ ମନରେ ସହଜରେ ଦାଗ କାଟି ପାରିଥିଲା ।

୧୯୯୨ ମସିହା ଶାରଦୀୟ 'ଗଳ୍ପ'ରେ ପ୍ରକାଶିତ ତାଙ୍କର ଦ୍ୱିତୀୟ ଗଳ୍ପ 'ଜଳନ୍ତା ନିଆଁର ରଙ୍ଗ' ପ୍ରଥମ ଗଳ୍ପ 'ଭଡ଼ାଘର' ଠାରୁ ଆହୁରି ଗଭୀର ଭାବନାର ଗଳ୍ପ । ବିଚ୍ଛିନ୍ନ ଘଟଣାକୁ ଯୋଡ଼ି ଏକ ଆକର୍ଷଣୀୟ ଗଳ୍ପ ଗଢ଼ିବାର ମାନସିକତାକୁ ଅତିକ୍ରମ କରି ସେ ତାଙ୍କର ଏହି ଗଳ୍ପରେ ଏକ ଜ୍ୱଳନ୍ତ ନାରୀ ଜୀବନର ମର୍ମନ୍ତୁଦ ଆଖ୍ୟାନ ଉପସ୍ଥାପନ କରିଥିଲେ ।

Digitized by srujanika@gmail.com

"ଦେବୀ ଠିଆ ଠିଆ ଜଳୁଚି । ତା ଦେହରୁ ଉଠୁଥିବା ହାତେ ଲମ୍ବର ଜଳନ୍ତା ନିଆଁର ଜିଭ ତାକୁ ଚାଟି ଯାଉଛି, କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ତାକୁ ବର୍ତ୍ତମାନ ଥଣ୍ଡା ଲାଗୁଛି । ସେ ଭାବି ନଥିଲା ଯେ ବାଣ ରୋଷଣିରେ ଆରମ୍ଭ ହୋଇଥିବା ଗୋଟେ ବାହାଘର ଏତେ ଶୀତଳ ଭାବରେ ଶେଷ ହୋଇପାରେ ।" ଏହାହିଁ ହେଉଛି 'ଜଳନ୍ତା ନିଆଁର ରଙ୍ଗ' ଗଳ୍ପର ଆରମ୍ଭ ଏବଂ ଗୋଟିଏ ଅର୍ଥରେ ଶେଷ ମଧ୍ୟ । ଦଗ୍ଧିଭୂତ ଦାମ୍ପତ୍ୟ ଜୀବନର ଶୀତଳ ବହ୍ନିର ରଙ୍ଗ ସେ ଏହି ଗଳ୍ପରେ ଏପରି ବିଚକ୍ଷଣତା ସହିତ ବୁଝାଇଛନ୍ତି ଯେ ସେ ନିଆଁ ଧାସରେ ପାଠକର ମନ ଝାଉଁଳି ନଯାଇ ଝଲସି ଉଠେ ।

୧୯୯୧ ମସିହାରୁ ୨୦୦୪ ମସିହା ମଧ୍ୟରେ 'ଭଡ଼ାଘର' ଏବଂ 'ଜଳନ୍ତା ନିଆଁର ରଙ୍ଗ' ବ୍ୟତୀତ ମୋ ସମ୍ପାଦିତ 'ଗଳ୍ପ'ରେ ତାଙ୍କର 'ପ୍ରତ୍ୟାହାର', 'ଡିଉକସ୍ ନୋଇଜ୍', 'କଥାରେ କଥାରେ', 'କିଏ ଶୁଣୁଛି', ଏବଂ 'ଏସିଡ୍' - ଏହିପରି ଆଉ ପାଞ୍ଚଟି ଗଳ୍ପ ମଧ୍ୟ ସ୍ଥାନିତ ହୋଇଥିଲା ।

'ଗଳ୍ପ' ବ୍ୟତୀତ ଗୌରହରି ଦାସଙ୍କ ସମ୍ପାଦିତ 'କଥା'ରେ ୧୯୯୧ ରୁ ୧୯୯୬ ମସିହା ମଧ୍ୟରେ ତାଙ୍କର 'କାକଚରିତ', 'କୋଇଲି', 'ନିଶ୍ଚୟ ଦୁଃସ୍ୱପ୍ନର ଅନ୍ତ', 'ଅନୁରକ୍ତିର ହାତ', 'ଚେର', 'ମଞ୍ଜି', 'ଆୟୁଧ', ଏବଂ 'ପ୍ରତ୍ୟକ୍ଷ' ଶୀର୍ଷକ ଆଠଟି ଗଳ୍ପ ପ୍ରକାଶିତ ହୋଇଥିଲା । 'ଗଳ୍ପ' ଏବଂ 'କଥା' ବ୍ୟତୀତ 'ଇସ୍ତାହାର'ରେ ତାଙ୍କର 'ଖୋଲା ଝରକା' (୧୯୯୭), 'ଭୟ' (୧୯୯୩), ଧରିତ୍ରୀ (୧୯୯୯) ମସିହା ଜନ୍ମଦିନ ବିଶେଷାଙ୍କରେ 'ବୟସ୍କଙ୍କ ପାଇଁ ବେଡ୍ ଟାଇମ୍ ଷ୍ଟୋରି' 'ସମାବେଶ'ରେ 'ଲୁଚୁକାଳି', ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ସାହିତ୍ୟ ପତ୍ରରେ, 'ଭାର' ଏବଂ ବାଲେଶ୍ୱରରୁ ପ୍ରକାଶିତ 'ଗପ ବହି'ରେ ୨୦୦୦ ମସିହାରେ ତାଙ୍କ 'ଶୂନ୍ୟ ସନ୍ତରଣ' ଗଳ୍ପଟି ପ୍ରକାଶିତ ହୋଇ ପାଠକ ଓ ସମାଲୋଚକମାନଙ୍କ ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିଥିଲା । ଏହା ବ୍ୟତୀତ ୧୯୯୧ ରୁ ୨୦୦୦ ମସିହା ମଧ୍ୟରେ ତାଙ୍କର ଆଉ କେତୋଟି ଗଳ୍ପ 'ଝଙ୍କାର', 'ପ୍ରତିବେଶୀ' ଏବଂ 'ଆଲେଖ୍ୟ'ରେ ପ୍ରକାଶିତ ହୋଇଥିବା ଜଣାଯାଇଛି । ଏହି ସମୟ ମଧ୍ୟରେ ପ୍ରକାଶିତ ତାଙ୍କର ଷୋଳଟି ଗଳ୍ପକୁ ନେଇ ୨୦୦୦ ମସିହାରେ କଟକର ଆର୍ଯ୍ୟ ପ୍ରକାଶନୀ ତରଫରୁ ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ଅପହରଣ' ଆତ୍ମପ୍ରକାଶ କରିଥିଲା ।

୨୦୦୪ ମସିହାରେ 'ଗଳ୍ପ' ପ୍ରକାଶନ ବନ୍ଦ ହୋଇଗଲା ପରେ ସମ୍ଭବତଃ ସେ ଗଳ୍ପ ଲେଖା ବନ୍ଦ କରି କଲମ ଥୋଇ ଦେଇଥିଲେ । ଲାର୍କବୁକ୍‌ସର ମହେନ୍ଦ୍ର ମିଶ୍ରଙ୍କ ପରିଚାଳନା ଓ ମୋ ସମ୍ପାଦନାରେ 'ଗଳ୍ପ ଏକବିଂଶ ଶତାବ୍ଦୀର' ୨୦୧୦ ମସିହାରେ ପ୍ରକାଶିତ ହେଲାପରେ ପୁନଶ୍ଚ ଗଳ୍ପ ଲେଖିବା ପାଇଁ ସେ କଲମ ଧରିଥିଲେ । 'ଗଳ୍ପ ଏକବିଂଶ ଶତାବ୍ଦୀର' ପ୍ରଥମ ସଂଖ୍ୟା (୨୦୧୦ ଜାନୁଆରୀ)ରେ ତାଙ୍କର 'ଶିକାର', ୨ୟ ସଂଖ୍ୟା (ଜୁଲାଇ - ୨୦୧୦) ରେ 'ଝିଅ ବିକ୍ରି', ତୃତୀୟ ସଂଖ୍ୟା (ଡିସେମ୍ବର-

Digitized by srujanika@gmail.com

୨୦୧୦)ରେ 'ଆବଦ୍ଧ ଅକ୍ଷର', ୨୦୧୧ ମସିହା ଏପ୍ରିଲ୍ ସଂଖ୍ୟରେ 'ନିୟମ ଗିରିର ଝିଅ' ଏବଂ ୨୦୧୨, ଜାନୁୟାରୀ ସଂଖ୍ୟାରେ 'ଅନ୍ଧାରର ରାଣୀ' – ଏହିପରି ଶେଷ ପାଞ୍ଚଟି ଗଳ୍ପ ପ୍ରକାଶିତ ହୋଇଥିଲା ।

୧୯୯୧ ମସିହାଠାରୁ ୨୦୦୦ ମସିହା ମଧ୍ୟରେ 'ଗଳ୍ପ' ଏବଂ ଅନ୍ୟ ସାହିତ୍ୟ ପତ୍ରିକାରେ ତାଙ୍କର ପ୍ରକାଶିତ ଗଳ୍ପ ଗୁଡ଼ିକରେ ବିଷୟ ନିର୍ବାଚନ ଏବଂ ଭାଷା, ଶୈଳୀ ପ୍ରକରଣରେ ସେ ଯେଉଁ ଧାରା ଅନୁସରଣ କରିଥିଲେ, ୨୦୧୦-୧୨ ମସିହା ମଧ୍ୟରେ 'ଗଳ୍ପ ଏକବିଂଶ ଶତାବ୍ଦୀର'ରେ ପତ୍ରସ୍ଥ ତାଙ୍କର ସେ ଶେଷ ପାଞ୍ଚଟି ଗଳ୍ପରେ ସେ ଧାରାକୁ ସେ ନିଜେ ଅତିକ୍ରମ କରିଯାଇଥିଲେ । ଉଦାରବାଦୀ ବଜାର ଅର୍ଥନୀତିର ପ୍ରଭାବରେ ଶ୍ରେଣୀ – ବିଭକ୍ତ ଆମ ସମାଜରେ ଯେଉଁ ସମସ୍ୟା ଏବଂ ସଂକଟ ସୃଷ୍ଟି ହୋଇଥିଲା, ତାର ସମାଧାନ ପାଇଁ ସଂଘର୍ଷ ଅନିବାର୍ଯ୍ୟ ଥିଲା । ପୁଞ୍ଜିବାଦୀ ବଜାର ଅର୍ଥନୀତି ଯେଉଁ ନୂତନ ଦରିଦ୍ର ଶ୍ରେଣୀ ସୃଷ୍ଟି କରିଥିଲା, ସେଥିରୁ ମୁକ୍ତିର ଏକମାତ୍ର ଉପାୟ ଥିଲା "ଝିଅ ବିକ୍ରୀ" ।

"ନିୟମଗିରିର ଝିଅ" ଏବଂ "ଅନ୍ଧାରର ରାଣୀ" ଶେଷ ଗଳ୍ପ ଦୁଇଟି କେବଳ ତାଙ୍କର ଶ୍ରେଷ୍ଠ ଗଳ୍ପ ନୁହେଁ, ସମକାଳୀନ ଓଡ଼ିଆ କଥା ସାହିତ୍ୟରେ ଦୁଇଟି ଭିନ୍ନ ଉଚ୍ଚତାର ଅତିକ୍ରମ୍ୟ ଗଳ୍ପ । ବାସ୍ତବବାଦ, ପାରା-ବାସ୍ତବବାଦର ସୀମାନ୍ତ ଅତିକ୍ରମ କରି ସେ ଏହି ଗଳ୍ପ ଦୁଇଟିରେ ଆଲେଗୋରି ବା ରୂପକର ମାୟାବୀ ଜଗତରେ ପ୍ରବେଶ କରିଛନ୍ତି । ରୂପାତ୍ମକତା 'ନିୟମିଗିରିର ଝିଅ' ଗଳ୍ପକୁ ସମକାଳୀନ ବାସ୍ତବାତାର ଊର୍ଦ୍ଧ୍ୱକୁ ନେଇ ସର୍ବକାଳୀନତାର ନୂତନ ଜଗତରେ ସ୍ଥାପନ କରିଦେଇଛି ।

ଡଙ୍ଗରିଆ କନ୍ଧଙ୍କ ରାଜା କନ୍ଧ ସମାଜ ପାଇଁ ନିୟମ ବାନ୍ଧି ଦେଇଛନ୍ତି। ସେହି ନିୟମଗିରି ରାଜ୍ୟରେ କେହି ଉପାସ ରହିବେ ନାହିଁ, କେହି ଲଙ୍ଗଳା ରହିବେ ନାହିଁ । ଜଙ୍ଗଲ ସେମାନଙ୍କୁ ସବୁ ଦେଇଛି । ସେ ଜଙ୍ଗଲରୁ କେହି ଗଛ ହାଣିବେ ନାହିଁ । ମାଟି ଖୋଳି ବିକ୍ରି କରିପାରିବେ ନାହିଁ, କାହାକୁ ମଧ୍ୟ ଧୋକା ଦେଇପାରିବେ ନାହିଁ। ଧୋକା ହେଉଛି ସହରୀ ସଭ୍ୟତାର ପ୍ରଧାନ ବିଲକ୍ଷଣ । କେହି ପାଠ ପଢ଼ିବେ ନାହିଁ, ବହି କି ଖବର କାଗଜ ପଢ଼ିବେ ନାହିଁ । କାରଣ ବହି ଓ ଖବର କାଗଜ ଜଙ୍ଗଲ ଧ୍ୱଂସର କାରଣ । ସହରୀ ସଭ୍ୟତା ଆରଣ୍ୟକ ସଭ୍ୟତାକୁ ଧ୍ୱଂସ କରିବା ପାଇଁ ବହି ଓ ଖବର କାଗଜ ତିଆରି କରୁଛି । ଡଙ୍ଗରଆ କନ୍ଧଙ୍କ ରାଜା ପ୍ରଜାମାନଙ୍କ ପାଇଁ ଏହିସବୁ ନିୟମ ବାନ୍ଧିଥିବାରୁ ତାର ଅନ୍ୟନାମ ହେଉଛି ନିୟମିଗିରିର ରାଜା ।

ସେଇ ନିୟମିଗିରିର ରାଜ୍ୟର ଝିଅ ଝୁମ୍କି । ସେ କେବଳ କନ୍ଧ ଯୁବତୀ ନୁହେଁ, ଅକୃତ୍ରିମ ପ୍ରକୃତି ! କିନ୍ତୁ ସେହି ଝୁମ୍କି ଜଣେ ବିଦେଶୀ ସାହେବର ହଜାର ଟଙ୍କିଆ କାଗଜ ନୋଟ୍‌ର ମାୟାରେ ବାଟ ଭୁଲିଛି । ନିୟମ ଭାଙ୍ଗିଛି । ସହରୀ ସାହେବମାନଙ୍କ ଖନନ, କର୍ଷଣ, ଧର୍ଷଣ ଏବଂ ଶୋଷଣ ପାଇଁ ନିୟମିଗିରିକୁ ରାସ୍ତା ତିଆରି କରି ଦେଇଛି ।

Digitized by srujanika@gmail.com

'ଅନ୍ଧାରର ରାଣୀ' ମଧ୍ୟ ଏକ ରୂପକାତ୍ମକ କଳ୍ପ-କାହାଣୀ । ଉତ୍ତରପ୍ରଦେଶ ରାଜାଙ୍କର ଜଣେ ରକ୍ଷିତା-ରମଣୀ ରାଜ୍ୟରୁ ବିତାଡିତା ହୋଇ ପୁରୀ ଧାମକୁ ଆସି ଏକ ରାଣୀ-କୋଠି ନିର୍ମାଣ କରିଥିଲା । ତାର ଦେହାନ୍ତ ହେଲାପରେ ସେଇ ରାଣୀ-କୋଠୀ ହେଲା ଏକ ହଲିଡେ ହୋମ୍ । ସେଇ ଅତିଥି ଭବନରେ ଲୋକଙ୍କର ଅଶରୀରୀ ରାଣୀ ସହିତ ଭାବ ବିନିମୟ । ରାଣୀ ଅନ୍ଧାରର ପ୍ରତିମା । ଆଲୋକରେ ସେ ଅଦୃଶ୍ୟମାନା, ଆକାର-ନିରାକାର, ଆଲୋକ-ଅନ୍ଧକାରର ଅପୂର୍ବ ଗଦ୍ୟଗାଥା—"ଅନ୍ଧାରର ରାଣୀ", ସମକାଳ ଆଧୁନିକ ଓଡ଼ିଆ କଥା ସାହିତ୍ୟରେ ଏକ ଅନନ୍ୟ ସୃଷ୍ଟି ।

ରଜତ ମହାପାତ୍ର ଚମକପ୍ରଦ ଗଳ୍ପ .ଲେଖାରେ ବିଶ୍ୱାସ କରୁନଥିଲେ । ପାଠକ ମନରେ ଚମକ ସୃଷ୍ଟି କରିବା ଅପେକ୍ଷା ପାଠକର ଚେତନାରେ ଚହଲ ସୃଷ୍ଟି କରିବାରେ ତାଙ୍କର ଝୁଙ୍କ ଥିଲା । ପ୍ରଥମେ ପ୍ରଥମେ ଗଳ୍ପରେ ବର୍ଣ୍ଣନାତ୍ମକ ଭାଷା ବଦଳରେ ବ୍ୟଞ୍ଜନାମୟ ଗଦ୍ୟ ବ୍ୟବହାର କରି ସେ ନିଜର ଏକ ନିଆରା ଗଳ୍ପ-ଶୈଳୀ ତିଆରି କରିଥିଲେ । କିନ୍ତୁ ତାଙ୍କର ଶେଷ ପାଞ୍ଚଟି ଗଳ୍ପରେ ବ୍ୟଞ୍ଜନାର ଆଶ୍ରୟ ତ୍ୟାଗ କରି ଗଳ୍ପର ଭାଷାକୁ ଭାବନାତ୍ମକ ଶବ୍ଦ-ପ୍ରତିମାରେ ସଜାଇବା ଆରମ୍ଭ କଲେ । କ୍ରମାଗତ ଭାଷା ସହିତ ତାଙ୍କର ଗଳ୍ପର ଥିମ୍ ବା ଭାବବସ୍ତୁ ମଧ୍ୟ ବଦଳିବା ଆରମ୍ଭ କରିଥିଲା । ମୋ ଆଖିକୁ ସେ ବିପୁଳ ସମ୍ଭାବନାର ଏକ ସମୁଚ୍ଚ ଶିଖର ଭଳି ଦେଖାଯାଇଥିଲେ । କିନ୍ତୁ ତାଙ୍କର ଅକାଳ ବିୟୋଗ (୨୧ ଡିସେମ୍ବର, ୨୦୧୨) ସେ ସମ୍ଭାବନାକୁ ଧୂଳିସାତ୍ କରିଦେଲା ।

ମୁଁ ତାଙ୍କୁ କଥା ଦେଇଥିଲି, ତାଙ୍କର ଏହି ଗଳ୍ପ ସଂକଳନ 'ଶୂନ୍ୟ ସନ୍ତରଣ' ପାଇଁ ଗୋଟିଏ ଭୂମିକା ଲେଖିଦେବି । ସେ କଥା ଦେଇଥିଲେ "ଗଳ୍ପ ଏକବିଂଶ ଶତାବ୍ଦୀର" ପାଇଁ ନିୟମିତ ନିଶ୍ଚୟ ଗଳ୍ପ ଲେଖିବେ। କିନ୍ତୁ ସେ ତାଙ୍କ କଥା ରଖି ପାରିଲେ ନାହିଁ । 'ଅନ୍ଧାରର ରାଣୀ' ତାଙ୍କର ଶେଷ ଗଳ୍ପ ହୋଇ ରହିଗଲା ।

ତା.୧୧.୧୨.୨୦୧୩ — ବିଭୂତି ପଟ୍ଟନାୟକ

ଭୁବନେଶ୍ୱର

Digitized by srujanika@gmail.com

# ସୂଚୀ


| | |
|---|---|
| ଭଡ଼ାଘର | ୧୩ |
| ଜଳନ୍ତା ନିଆଁର ରଙ୍ଗ | ୨୫ |
| ପ୍ରତ୍ୟାହାର | ୩୫ |
| ଅନୁରକ୍ତିର ହାତ | ୪୪ |
| କଥାରେ କଥାରେ | ୫୧ |
| ଆୟୁଧ | ୬୪ |
| ବୟସ୍କଙ୍କ ପାଇଁ ବେଡ୍‌ଟାଇମ୍ ଷ୍ଟୋରି | ୭୨ |
| ଏସିଡ୍ | ୮୧ |
| ଭାର | ୯୩ |
| ଡିଉକ୍‌ସ ନୋଜ୍ | ୧୦୮ |
| ଲୁଚକାଳି | ୧୧୭ |
| କିଏ ଶୁଣୁଛି | ୧୩୪ |
| ଯୁଗଳବନ୍ଦୀ | ୧୪୪ |
| କୋଇଲି | ୧୫୧ |
| ଶୂନ୍ୟ ସନ୍ତରଣ | ୧୫୯ |
| ପ୍ରତ୍ୟକ୍ଷ | ୧୭୧ |
| ଶିକାର | ୧୮୨ |
| ଝିଅ ବିକ୍ରୀ | ୧୯୨ |
| ଆବଦ୍ଧ ଅକ୍ଷର | ୧୯୯ |
| ନିୟମଗିରିର ଝିଅ | ୨୦୭ |
| ଅନ୍ଧାରର ରାଣୀ | ୨୧୪ |


❑❑❑

*Digitized by srujanika@gmail.com*

Digitized by srujanika@gmail.com

# ଭଡ଼ାଘର

ମୋ ରହୁଥିବା ଘରର ଠିକଣା କୋଉଠୁ ପାଇଥିଲା କେଜାଣି, ସିଧା ଟ୍ରେନ୍‌ରୁ ଓହ୍ଲେଇ ଆସି ମୋ ଘରେ ହାଜର। ମୁଁ ତ ତାକୁ ଅନେକ ଦିନ ହେଲା ଚିଠିପତ୍ର ଦେବା ବନ୍ଦ କରିଦେଇଥିଲି, କହିବାକୁ ଗଲେ ପୂରା ଭୁଲି ଯାଇଥିଲି। ଅବଶ୍ୟ ଦିଲ୍ଲୀରେ ମୋର ଅନେକ ସାଙ୍ଗ ଅଛନ୍ତି ଯେଉଁମାନଙ୍କୁ ପଚାରି ସେ ମୋ ବିଷୟରେ ସବୁକଥା ଜାଣିପାରିବା କିଛି କଷ୍ଟକର କଥା ନୁହେଁ। ମୁଁ ତାକୁ ହଠାତ୍ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲି। ସେ ଆସି ମୋ ଘରେ ଯେ ପହଞ୍ଚିବ, ସେ କଥା ମୁଁ ଭାବି ନଥିଲି । ମୋ ପାଖରୁ ପଇସା ନେଇ ରିକ୍‌ସାବାଲାକୁ ବିଦାକରି ମତେ କହିଲା, କ'ଣ ଚିହ୍ନି ପାରୁନ କି ? କ'ଣ ମତେ ଏବେ ପରିଚୟ ଦେବାକୁ ପଡ଼ିବ ନା କଣ ?

ଯଦିଓ ଚିହ୍ନିବାରେ ମୋର କିଛି ଅସୁବିଧା ହେଲାନି, ତଥାପି ସେ ବହୁତ ବଦଳି ଯାଇଛି। ଟ୍ରେନ୍‌ରେ ଏତେ ଦୂର ଯାତ୍ରା କଲାପରେ ତା ଆଖିଦି'ଟା ଲାଲ ପଡ଼ିଯାଇଛି, ପାଦ ଆଙ୍ଗୁଠି ଫୁଲିଯାଇଛି। ତା ମୁହଁରେ ଅନିଦ୍ରାର ଛାଇ। ମୁଣ୍ଡବାଳ ସବୁ ଭୁତୁରା । ତାର ବ୍ୟକ୍ତିତ୍ୱ ବେଶି ଚାଲାକି ଆଉ ଅଳ୍ପ ନିଷ୍ଠୁରତାର ମିଶ୍ରଣରେ ତିଆରି । ଖୁବ୍ ଆକର୍ଷଣୀୟ ଆଦୌ ନୁହେଁ। ତାକୁ ଦେଖି ମତେ ଅଡୁଆ ଲାଗିଥିଲା। କାରଣ ପିଲାଦିନର ଦେବାଶୀଷ ଆଉ ଆଜିର ଦେବାଶୀଷ ଭିତରେ କେତେ ତଫାତ୍। ସେ କେତେ ବଦଳି ଯାଇଛି !

ସେ ମୋଟା ପେଟା ବିଶିପିମ୍ପୁଡ଼ିପରି ଲୋକଟିଏ ଭଳି ଦିଶୁଛି। ମସ୍ତିଷ୍କ ବିଭ୍ରାନ୍ତିରୁ ନିରୁଦ୍ଦିଷ୍ଟ ହୋଇଯାଇଥିବା କୌଣସି ଏକ ଲୋକର ଫଟୋ ସହିତ ତାର ସାମଞ୍ଜସ୍ୟ ଅଛି। ହେଲେ ତା'ର ଏପରି ପରିବର୍ତ୍ତନ କାହିଁକି ହେଲା ? ସେ ତ ମାଷ୍ଟ୍ରଘର ପିଲା। ତା' ବାପା, ଆମ ଅଙ୍କ ସାର, ଏତେ ଭଲ ଲୋକ। ଅଥଚ ତାଙ୍କର ପୁଅ ହୋଇ ଦେବା ଏତେ ଖରାପ କାହିଁକି ଦିଶୁଛି ? ତା'ଫୁଲିଲା ଫୁଲିଲା ଗାଲକୁ ଲକ୍ଷ୍ୟକଲି ମୁଁ । ତା' ଉପରେ ଦୁଇଚାରିଟା କାମାତୁର ବ୍ରଣ ଉଠ୍‌ପଡ୍ ହେଉଛନ୍ତି । ଏସବୁ ସତ୍ତ୍ୱେ ବି ମୋର ଧାରଣା ହେଲା ଯେ ଲୁଚି କରି ଥିଲେ ବି ତା ଛାତିରେ ଦମ୍ଭ ଅଛି, ସାହସ ଅଛି ।

ଦେବା ମୋର ପିଲା ଦିନର ସାଙ୍ଗ। ଆମେ ଏକାଠି ପଢୁଥିଲୁ, ଖେଳୁଥିଲୁ। ଏକା ସ୍କୁଲର ଛାତ୍ର ହିସାବରେ ଆଉ ବାଲ୍ୟବନ୍ଧୁ ହିସାବରେ ବହୁତ ବଦମାସିରେ ଭାଗି ହୋଇଛୁ । ସେତିକି ବେଳୁ ଆମେ ପରସ୍ପରର ଖୁବ୍ ଘନିଷ୍ଠ ଥିଲୁ। ମୋର ହାଫ୍‌ପ୍ୟାଣ୍ଟ ପିନ୍ଧା ଦୁର୍ବଳ ଟଳମଳିଆ ପୋଲିଓଗ୍ରସ୍ତ ଗୋଡ଼ପରି ଦିଶୁଥିବା ଗୋଡ଼କୁ ସେ ସବୁବେଳେ ଚିମୁଟିଦେଉଥିଲା

Digitized by srujanika@gmail.com

ଆଉ ସବୁ ବେଳେ ପାଠକଥା ପଚାରି ପଚାରି ବୋର୍ କରିଦଉଥିଲା। ତାର ଗଣିତ ଭଲ ହଉଥିଲା ଆଉ ମୋର ସାହିତ୍ୟ। ସେ ଭଲ ଖେଳୁଥିଲା ଆଉ ମୁଁ ତର୍କ ପ୍ରତିଯୋଗିତାରେ ପ୍ରଥମ ହଉଥିଲି। ଥରେ ସେ ହେଡ୍‌ମାଷ୍ଟରଙ୍କ ଝିଅକୁ ଚିଠିଦେଇଥିଲା ବୋଲି ବହୁତ ମାଡ଼ ଖାଇଥିଲା। ମୁଁ ବି ତା'ସାଙ୍ଗରେ କଟି ପକେଇ ଦେଇଥିଲି। ପରେ ସେ ସାଇନ୍‌ସ ପଢ଼ି ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ କରିବାକୁ ଓଡ଼ିଶା ବାହାରକୁ ଚାଲିଗଲା। ମୁଁ ବି ଦର୍ଶନରେ ଏମ୍.ଏ ପାଶକରିଥିଲି ବନାରସରୁ। ତା' ରାସ୍ତା ମୋ ରାସ୍ତା ଅଲଗା ହୋଇଯାଇଥିଲା। ତା'ର ପୃଥିବୀଟା କଳ କବଜା ଓ ଯନ୍ତ୍ରପାତିର। ମୋର ସାରା ଜୀବନର ସମ୍ପର୍କ ଗଢିଉଠିଥିଲା ଚିନ୍ତା ଓ ଚେତନା ସହିତ, ବହି, ଖାତା, କଲମ ସହିତ ।

ସତକଥା କହିବାକୁ ଗଲେ ଏଇ ଗତ ତିନିବର୍ଷ ଧରି ମୁଁ ଯେତେବେଳେ ମୋର ଗବେଷଣାରେ ଲାଗିଥିଲି ସେତେବେଳେ ପ୍ରାୟ ବାହାର ଦୁନିଆଁ କଥା ପୂରା ଭୁଲିଯାଇଥିଲି। କେବଳ ଶୁଭ୍ରା ଆଉ ପି.ଏଚ୍.ଡି, ଏଇ ଦୁଇଟା ଭିତରେ ମୋର ସମୟକୁ ବାଣ୍ଟି ଦେଉଥିଲି। ପ୍ରଥମେ ଶୁଭ୍ରା ତ ମତେ ମୋ କାମରେ ବହୁତ ସାହାଯ୍ୟ କରୁଥିଲା। ସେ ମୋର ପ୍ରେରଣାର ମୂଳ ଉତ୍ସ ଥିଲା। ଏବେ ଅବଶ୍ୟ ଅଲଗା ହୋଇ ଯାଇଛି। କେଉଁ ଏକ ଅବୋଧ୍ୟ କାରଣରୁ ସେ ମତେ ଛାଡ଼ି ଆଉ ଅନ୍ୟଠାଏ ସ୍ୱେଚ୍ଛାରେ ବାହାହୋଇଯାଇଛି, ଆଉ ଏବେ ଖୁବ୍ ଆରାମରେ ଅଛି । ସେ ଏକ ବିଚିତ୍ର ଝିଅ, ଯାହା ସାଙ୍ଗରେ ମୋର ସମ୍ପର୍କର ଆରମ୍ଭ ଆଉ ଶେଷ ଖୁବ୍ କମ୍ ଲୋକ ଜାଣିଥିଲେ । ସେ ମୋ ଜୀବନରୁ ଅଲଗା ହୋଇଗଲା ପରେ ମୁଁ ବି ଖୁବ୍ ମନଧ୍ୟାନ ଦେଇ ମୋର ପାଠରେ ଲାଗିଥିଲି। ଦେବାଶୀଷ ପହଞ୍ଚିବା ବେଳକୁ ମୁଁ ନିଜର ସବୁ ଅସୁବିଧାକୁ ସଜାଡ଼ି ସାରିଥିଲି। ଏପରିକି ଶୁଭ୍ରାସହିତ ମୋର ଉଷ୍ମ ସମ୍ପର୍କର ଦାହ ଥଣ୍ଡାପଡ଼ିଯାଇଥିଲା । ଏ ସମସ୍ତ କଥା ଦେବାଶୀଷକୁ ଅଜଣା ଥିଲା।

ମୁଁ ଦେବାଶୀଷକୁ ନଦେଖେ କି ତା କଥା ମୋର ମନେ ନ ପଡ଼େ। ଭାଗ୍ୟ ଭଲ ମୋର ରିସର୍ଚ୍ଚ ସରିବାକୁ ସେ ଆସି ପହଞ୍ଚିଲା। ନହେଲେ ତା'ପରି ପିଲା ସହିତ ପଡ଼ି ମୋର ପାଠପଢ଼ା ଅବଶ୍ୟ ବାଧାପ୍ରାପ୍ତ ହୋଇଥାନ୍ତା । ସେ ଯେତେବେଳେ ସିଧା ଆସି ପହଞ୍ଚିଲା ଏବଂ ମୋ ପାଖରେ କିଛିଦିନ ରହିବ ବୋଲି କହିଲା ମୁଁ ତାକୁ ମନା କରି ନ ଥିଲି। ଏକା ରହିବାଠାରୁ ବରଂ ଦି ଜଣ ରହିବା ଭଲ। ତା ପରେ ଭୁବନେଶ୍ୱରରେ ଭଡ଼ାଘରର ଅଭାବ ନ ହେଲେ ବି ସୁବିଧା ଜାଗାରେ କମ୍ ପଇସାରେ ଘର ଖଣ୍ଡେ ପାଇବା ଅତି କଷ୍ଟ । ତେଣୁ ମୁଁ ତାକୁ ରହିବାକୁ ନାହିଁକରି ନଥିଲି ।

ରାମ ଭାଇଙ୍କୁ ମିଳିଥିବା ସରକାରୀ ଘରଟିରେ ଦୁଇଟି ରୁମ୍। ସେ ଗାଁ ଛାଡ଼ି ଆସିପାରନ୍ତିନି ବୋଲି ସବୁଦିନ ଭୁବନେଶ୍ୱରକୁ ଯା'ଆସ କରନ୍ତି ଆଉ ମତେ ତାଙ୍କ ଘରଟି ଛାଡ଼ିଦେଇଆନ୍ତି। ଅଳ୍ପକିଛି ଭଡାବାବଦକୁ ମୁଁ ତାଙ୍କୁ ଦେଇଥାଏ। ଏଇଟା ଗୋଟେ ସରକାରୀ ଫ୍ଲାଟ୍‌ଘର। ଗୋଟିଏ ବ୍ଲକ୍‌ରେ ଚାରୋଟି ପରିବାର ରହିବାପାଇଁ ଦୁଇବଖରିଆ

Digitized by srujanika@gmail.com

ଘର । ଗୋଟିଏ ଘରେ ଦୁଇଜଣ ତ ଆରାମରେ ରହିପାରିବେ, ମୋର ବା ଆପତ୍ତି କରିବାର କ'ଣ ଅଛି ? କିନ୍ତୁ ସେ ଏଘରଟା, ଏ ଜଙ୍ଗଲିଆ ସହର ଭିତରେ ପାଇଲା କେମିତି ? ଆଉ ପହଞ୍ଚିଲା ବେଳକୁ ମୁଁ ଘରେ ଦୈବାତ୍ ଥିଲି ବୋଲି ସିନା । ନହେଲେ ଯଦି କୁଆଡ଼େ ଯାଇଥାନ୍ତି ସେ କଣ କରିଥାନ୍ତା ? ଚିଠି ଖଣ୍ଡେ ଲେଖିକରି ଆସି ନଥାନ୍ତା । କହିଲା କୁଆଡେ ଚିଠି ଖଣ୍ଡେ ଲେଖିଥିଲା ବୋଲି। କାଇଁ ମୁଁ ତ ଚିଠି କିଛି ବି ପାଇନି ! ମୋ ପିଠିରେ ହାଲ୍‌କା ଚାପଡ଼ା ମାରି କହିଲା, ଆରେ ତତେ କଣ ମୁଁ ଚିହ୍ନିନି କି ? ସେଇଥିପାଇଁ ତ ଏତେ ନିଶ୍ଚିନ୍ତ ହୋଇ ଚାଲିଆସିଲି । କାଲି ମୋର ଏଠି ଗୋଟେ ନୂଆ ଖୋଲିଥିବା କମ୍ପାନୀରେ ଜଏନ୍ କରିବାର ଅଛି—ବୁଝିଲୁ ?

ମୁଁ କହିଲି, ଏତେ ଦୂରବାଟ ଗାଡ଼ିରେ ଆସିଛୁ, ଯା ଟିକେ ଧୂଆ ଧୋଇ ହୋଇପଡ଼ । କଣ ଟିକେ ଖାଇଦେଇ ଆଗ ଶୋଇପଡ଼, ବଡ଼ କ୍ଳାନ୍ତ ଦିଶୁଛୁ ।

ସେ ଜଳଖିଆ କଥା ବାଦ୍‌ଦେଇ ଚା' ମାଗିଲା। କିଛି କଥା ମୋର ନଶୁଣି ତା ବେଡ଼ିଂ ଆଉ ବାକ୍‌ସଟାକୁ, କାନ୍ଥକଡ଼କୁ ପେଲିଦେଇ ତା ଉପରେ ବସିଗଲା ଆଉ ଗପିବାକୁ ଲାଗିଲା। ସେ ଯା'ଭିତରେ ଏତେ ଗପୁଡ଼ି ହୋଇ ଯାଇଛି ବୋଲି ମୁଁ ଜାଣି ନଥିଲି। ମୁଁ ଦେଖୁଥିଲି ତା'ର ପରିବର୍ତ୍ତନକୁ। ଦିଲ୍ଲୀରେ ରହି ସେ ବେଶି ସ୍ମାର୍ଟ ହୋଇଯାଇଛି, କଥାବାର୍ତ୍ତା ଢଙ୍ଗରଙ୍ଗରେ। ପକେଟ୍‌ରୁ କାଢ଼ି ସିଗ୍ରେଟ୍ ଧରେଇଲା। ଆଉ ମୁଁ କଣ ଭାବୁଚି ସେ ମୁଁ ଖାଉଥିବା ଚୁଡ଼ା ମୁଢ଼ି ଖାଇବ ବୋଲି। ଛାଡ୍ ସେକଥା ।

ସେ ପଚାରି ଦେଇଗଲା ଗାଁ କଥା, ବାପାଙ୍କ କଥା, ଆମ ସାଙ୍ଗରେ ପଢୁଥିବା ଗାଁ ସ୍କୁଲର ଲବଙ୍ଗଲତା କଥା, ବାଙ୍କସାରଙ୍କ ବାଡ଼ିର ବରକୋଳି ଗଛ କଥା, ମୁଁ ଆଉ କବିତା ଲେଖୁଛି କି ନାହିଁ, ଯଦି ନୁହେଁ ତେବେ କ'ଣ ପାଇଁ ? ମୁଁ କାହିଁକି ଫିଲୋସଫି ପଢ଼ିଲି ? ଏତେ ଦିନର ତଫାତ୍‌ରେ ଦେଖାହେଲେ ବହୁ ପ୍ରଶ୍ନ ପଚରାଯାଏ, ଉତ୍ତରକୁ ଅପେକ୍ଷା ନକରି। ସେ ମୋ ବିଷୟରେ ସବୁକଥା ଜାଣିବାକୁ ଇଚ୍ଛା କରୁଥିଲା। କିନ୍ତୁ କୌଣସି ଗୋଟିଏ କଥାରେ ଅଟକି ରହିବାକୁ ରାଜି ନ ଥିଲା ସେ । ସେଇମିତି ହୁଏ। ଚିଠି ଦିଆନିଆ ନାହିଁ ତ କଣ ହେଲା ? ବର୍ଷ ବର୍ଷର ନୀରବ ବ୍ୟବଧାନରେ ବି ବନ୍ଧୁତା ଅକ୍ଷତ ରହିପାରେ ।

ପାଟିରୁ ଭକ୍‌ଭକ୍ ଧୂଆଁ ଛାଡ଼ି ଘରକାନ୍ଥର ଚାରିପାଖକୁ ଚାହିଁ କହିଲା 'ଆବେ ଯାର୍, ତୁ ତ ବଢ଼ିଆ ରେଖା ଫଟୋଥିବା କ୍ୟାଲେଣ୍ଡରଟା କାନ୍ଥରେ ଟଙ୍ଗେଇଛୁ। ତୁ ତ ଯା' ଭିତରେ ମଣିଷ ହୋଇ ଗଲୁଣି ।' ତା'ର ଏପରି ଦରହିନ୍ଦୀ ସମ୍ଭାଷଣ ମତେ ଆଦୌ ଭଲ ଲାଗିଲାନି। ମୋ ମୁହଁର ରଙ୍ଗ ବଦଳିଗଲା। ମତେ ଟିକେ ବିରକ୍ତ ବି ଲାଗୁଥିଲା। ରାମଭାଇ ମତେ ଏ ଘରଟା ଦବା ଆଗରୁ ସେ ଫଟୋଟା କ୍ୟାଲେଣ୍ଡର ସହିତ ସେଇଠି ସେମିତି ଝୁଲୁଥିଲା ।

Digitized by srujanika@gmail.com

ସେଇଟା ତାଙ୍କ ସାନଭାଇ ଲକ୍ଷ୍ମଣ ସେଠି ଟାଙ୍ଗିଥିଲା ବୋଲି ମୁ ଜାଣେ । ସେଇଥିପାଇଁ ସେଇଟା ମୁଁ ସେ ଜାଗାରୁ କାଢ଼ି ଫିଙ୍ଗିଦେଇ ନଥିଲି। ଆଉ ମୁଁ ଗଲା ପରେ ବି ସେ ରେଖାଚିତ୍ରଟି ସେଇଠି ସେମିତି ଝୁଲୁଥିବ। 'ରେଖା କିଏ ମୁଁ କି ଜାଣେ? ମୁଁ ସିନେମା ଦେଖେନି ।' ସେ ମୋର ବିରକ୍ତି ଲକ୍ଷ୍ୟକରି ହଠାତ୍ ଟପିକ୍ ବଦଳେଇଲା। ବାଁଆରେଇ ନରମାଗଳାରେ ପଚାରିଲା, 'ଆଛା ଏଠି ସବୁ ଚାରିପଟେ ଆଉ କିଏ ରହୁଛନ୍ତି ?' ମୁଁ ଭାବେ ଦୁଇଜଣ ଭଲ ପଡ଼ୋଶୀଙ୍କ ଦୁଇଘର ମଧ୍ୟରେ ଆଉରି ଭଲ ପାଚୀରିଟିଏ ଦରକାର । ତେଣୁ ମୁଁ କାହିଁକି ସେ କଥା ଜାଣିବି? ତାକୁ କହିଲି, କାଲି ସକାଳହେଲେ ବଳେ ଜାଣିଯିବୁନି କି? ଆଉ କାହାକୁ ନ ହେଲେ ବି ଆମ ତଳ ମହଲାରେ ରହୁଥିବା ମିସେସ୍ ଦାସ ଓରଫ ଗେହ୍ଲିନାନୀଙ୍କୁ ।

'ସେ ଏକ ଅସାଧାରଣ ଭାବରେ ସ୍ନେହୀ ମହିଳା। ଅବଶ୍ୟ ତାଙ୍କର ସ୍ୱାମୀଙ୍କୁ ଖୁବ୍ କମ୍‌ଲୋକ ଚିହ୍ନନ୍ତି। କାରଣ ସେ ସମାଜଠାରୁ ଦୂରେଇ ରହୁଥିବା ଏକ ତ୍ରସ୍ତ ଗବେଷକ ଯାହାଙ୍କର ସାକ୍ଷାତ୍ ବି ଖୁବ୍ କମ୍ ମିଳେ। ଗତ ଦି'ବର୍ଷ ଭିତରେ ମୁଁ ତାଙ୍କୁ ଛଅ ଆଠଥର ଦେଖିଥିବି। ଦିନରାତି ବହିମେଳରେ, ପାଠପଢ଼ାରେ ହଜିଯାଇଥାନ୍ତି, ବାହାର ଦୁନିଆଁଟାକୁ ପୂରାପୂରି ପାଶୋରି ଦେଇଥାନ୍ତି। ଖୁବ୍ ଭଲ ସ୍କଲାର୍ । କିନ୍ତୁ ଗେହ୍ଲିନାନୀ ତାଙ୍କୁ କିଛି କହନ୍ତିନି କି ପଚାରନ୍ତିନି ।' ମୋର ଏ ଉକ୍ତିରେ ଗେହ୍ଲିନାନୀ ପ୍ରତି ତାଚ୍ଛଲ୍ୟ ଭରି ରହିଥିଲା ।

ତା'ପରେ ବେଶି ରାତି ପର୍ଯ୍ୟନ୍ତ ଆମେ ଇଆଡୁ ସିଆଡୁ ଗପିଥିଲୁ। ସେ ବେଶି କହୁଥିଲା ଓ ମୁଁ ଶୁଣି ଯାଉଥିଲି। ତାପରେ ରାତି ଅଧିକ ହେବାରୁ ମତେ ନିଦ ଆସୁଥିଲା। କିନ୍ତୁ ତା'ଆଖି ସେମିତି ଢ଼ିମା ଢ଼ିମା। ସେ ବୋଧହୁଏ ବେଶି ରାତିରେ ଚେଇଁ ରହିବାରେ ଅଭ୍ୟସ୍ତ। ମୋର ଅସହାୟ ଆଖିକୁ ଦେଖି ସେ ଗପ ବନ୍ଦକଲା ଆଉ ତା ବ୍ୟାଗରୁ କ'ଣ ଗୋଟେ ବଟିକା କାଢ଼ି ଗିଳିଲା। ସେ ପାଞ୍ଚ ମିନିଟ ଭିତରେ ଶୋଇପଡ଼ିଲା। ଏପରି କି ମଶାରୀ ବାନ୍ଧିବାକୁ ବି ମନେ ନଥିଲା ତା'ର ।

ସକାଳ ହେଲା। ତଥାପି ସେ ସେଇମିତି ଶୋଇଥାଏ। ସେ ବୋଧେ ଡେରିରେ ଉଠେ, ତେଣୁ ତାକୁ ହଇରାଣ କରିବା ଠିକ୍ ହେବନି ଭାବି ମୁଁ ଉଠି ମୋର ସବୁକାମ ସାରିଲି । ତା'କୁ ଉଠେଇବି ନା ନାହିଁ ଭାବୁଭାବୁ ନ'ଟା ବାଜିଗଲା। ସେ ଧଡ଼ପଡ଼ରେ ଉଠି ଦାନ୍ତଘଷି, ଦାଢ଼ିକାଟି, ଭୁଷଭୁଷ୍ ପାଣି ଅଜାଡ଼ି ହୋଇ ଗାଧୋଇପଡ଼ିଲା। ତା'ର ଅଫିସରେ ଆଜି ସାଢ଼େଦଶଟାକୁ ଜଏନ୍ କରିବାକୁ ଅଛି। ମୋର ସେ ଦିନ କୁଆଡ଼େ ବାହାରକୁ ଯିବାର ନଥାଏ। କେବଳ ଘରେ ବସି ଗୋଟେ ପେପର୍ ରିଭାଇଜ୍ କରିବାକୁ ଥାଏ। ତେଣୁ ମୁଁ ଘରେ ରହିଲି। ସେ ଏକା ବାହାରିଗଲା।

ମୋର ଲେଖାଲେଖି କାମ ସାରି ତିନିଟା ବେଳକୁ ଟିକେ ଚା' ପିଇବାକୁ ବସିଛି ସେ ଆସି ପହଞ୍ଚିଲା। ମନଖୁସିରେ ଗୁଣୁଗୁଣୁ ହୋଇ ଗୋଟେ ହିନ୍ଦି ସିନେମା ଗୀତ ଗାଉଥାଏ।

Digitized by srujanika@gmail.com

ଆଣିଥିବା ଗାଙ୍ଗୁରାମ ମିଠା ଗୋଟେ ମୋ ପାଟିରେ ଦେଇ ନିଜେ ଗୋଟେ ଖାଇଲା। ତା'ପରେ ମୁଁ ମୁହଁ ବୁଲେଇ ଦେଖେ ତ ଗେହ୍ଲିନାନୀର ଅଢ଼େଇ ବର୍ଷର କୁନି ଝିଅଟା ମୋ ରୁମ୍ ଦୁଆର ପାଖେ ଛିଡ଼ା ହୋଇଛି। ଦେବା ଦାଣ୍ଡଦୁଆର ଖୋଲା ରଖିଦେଇ ଆସିଥିବାରୁ ସେ କୁନି ଝିଅଟା ଚାଲିଆସିଚି ।

ପିଲାଟି ତ ଅନେକ ଦିନ ଦେଲା ଆସୁ ନଥିଲା, ପୁଣି ହଠାତ୍ ଆସିଲା କେମିତି ? ତା' ମା ତାକୁ ଛାଡିଲା କେମିତି ? ନାଁ ଦେବାଶୀଷର ପିଲାମାନଙ୍କୁ ଆକର୍ଷଣ କରିବାର ଗୋଟେ ମ୍ୟାଜିକ୍ ଅଛି। ତା' ମା ଘରେ ଅନ୍ୟକଣ କାମ କରୁଥିଲା ବେଳେ ଲୁଚି ଚାଲିଆସିଛି ବୋଧେ । କାନେଇ ଶୁଣିଲି ଗେହ୍ଲିନାନୀ କାହାସାଙ୍ଗରେ ଗୋଟେ ବଡ଼ପାଟିରେ ଗପୁଚି। ତା'ର ପାଟି କଂକ୍ରିଟ୍ ଛାତ ଭେଦି ଚାଲି ଆସୁଛି । ସେ ବୋଧେ କୁନି ଝିଅକୁ 'ଯା ଉପରଘର ଆଡ଼େ ଟିକେ ବୁଲିଆସିବୁ, କିଏ ଜଣେ ନୂଆ ଲୋକ ଆସିଛନ୍ତି ଦେଖିଆସିବୁ' କହି ପଠେଇ ଦେଇଛି। ସେଇଥିପାଇଁ ସବୁବେଳେ ଗୋଟେ ସାଙ୍ଗ ଖୋଜୁଥିବା ନିରୀହ କୁନି ଝିଅଟି ବୁଲି ଆସିଛି। ଏଥର କିନ୍ତୁ ଭଲ ସାଙ୍ଗଟିଏ ପାଇଛି ସିଏ, ଦେବାଶୀଷକୁ, ଯିଏ ସାଙ୍ଗେ ସାଙ୍ଗେ ପକେଟରୁ କାଢ଼ି ଚକୋଲେଟ୍ ଦେଲା ତାକୁ ।

କେତେଦିନ ହୋଇଗଲାଣି ଦେବାର ଆସିବାର । ଆଜିକାଲି ସେ ଆହୁରୀ ବଦଳୁଛି। ତା'ଦେହଟା ତା' ନିଜକୁ ବାସ୍ନା କରୁଛି ବୋଧେ। ଗପସପ ଟିକେ କମିଯାଇଛି। ହାବଭାବରେ ସ୍ଥିର ହୋଇଯାଇଛି। ମୁହଁରେ ବ୍ରଣଦାଗ ଲିଭି ଆସୁଚି । ଯାଦୁ ଦର୍ଶକର ସ୍ତମ୍ଭୀଭୂତ ମୁଖମଣ୍ଡଳ ତାର। ଗଧୋଇଗଲା ବେଳେ ବି ଦାର୍ଶନିକ ପରି ଯାଉଛି, ପାଦ ଟିପିଟିପି ବିରାଡ଼ି ପରି ନିଃଶବ୍ଦରେ । ମୋ ଦୃଷ୍ଟିର ଆଢୁଆଳରେ ଲୁଚିଯିବାକୁ ଚେଷ୍ଟା କରୁଛି । ଏବେ ସେ ଅଫିସ୍‌ରୁ ବି ବହୁତ ଡେରିରେ ଫେରୁଛି। ମୋର ସେଥିରେ କିଛି ଅସୁବିଧା ହୁଏନି, ବରଂ ପଢ଼ାପଢ଼ିରେ ଆହୁରି ସୁବିଧା ହୁଏ। ତା ସହିତ ଯେତେ କମ୍ ସମୟ କଟିବ ସେତେ ଭଲ ।

ମୁଁ ଦେଖୁଛି ଦର୍ପଣ ଆଗରେ ଦେବାର ଦୀର୍ଘ ନୀରବ କଥୋପକଥନ । ତା ମୁଣ୍ଡକୁଣ୍ଡେଇବାର ଢଙ୍ଗରେ ପରିବର୍ତ୍ତନ। ତା ଦେହରେ ଦାମୀ ଅତରର ସୁଗନ୍ଧ, ଯାହା ତା'ର ଅନିଚ୍ଛାରେ ମୋର ନାକଆଡ଼େ ଭାସି ଆସୁଥିଲେ ସେ ଅପ୍ରସ୍ତୁତ ହୋଇଯାଏ। ତା ପକେଟ୍‌ରେ ଆହୁରି ଦାମିକା ଚକୋଲେଟ୍- ବୋଧହୁଏ ଗେହ୍ଲିନାନୀର କୁନିଝିଅଟି ପାଇଁ । ସେ ଅତ୍ୟଧିକ ଚାଲାକ ହୋଇଥିବାରୁ ଜାଣି ପାରୁଥିଲା ଯେ ତା'ର ଏ ପରିବର୍ତ୍ତିତ ଢ଼ଙ୍ଗରଙ୍ଗରେ ମୁଁ ବିଶେଷ ଖୁସି ନୁହେଁ। ନିଜକୁ ସବୁପ୍ରକାର ଦୋଷରୁ ଖଲାସ କରିବାକୁ ଯାଇ କହିଲା-

'ତୋର ଥେସିସ୍‌ର ଶେଷ ଚାପ୍‌ଟର୍‌ଟା ଲେଖିବା ସମୟରେ ମୁଁ ତୋର ଆଦୌ କୌଣସି ପ୍ରକାରର ବିଭ୍ରାଟ କରିବାକୁ ଚାହେଁନି ।'

Digitized by srujanika@gmail.com

ସେ କି ସମଝଦାର ସତେ ! ସେ ଡାଳେ ଡାଳେ ଗଲେ ମୁଁ ପତ୍ରେ ପତ୍ରେ ଯିବା ଲୋକ। ମୁଁ ତାକୁ ହାଡ଼େ ହାଡ଼େ ଚିହ୍ନେ । ସେ କ'ଣ ମତେ ବୁଝେଇବ ? ମୁଁ କହିଲି, 'ସେ କଥା ଛାଡ, ଆଉ ଅଫିସ କେମିତି ଚାଲିଛି ? କ'ଣ ଏ ଚାକିରୀଟା ଭଲ ଲାଗୁଛି ନାଁ ଫେରେ ଆଉ କିଛି ଖୋଜୁଚୁ ?' ସେ କହିଲା, 'ଅଫିସ କଥା ଛାଡ଼, ଏବେ ଟିକେ ମୋ ଫିଲୋସଫି ଶୁଣ। ଗୋଟେ ଗୋଟେ ଝିଅଙ୍କୁ ଦେଖିଲେ କେମିତି ଆପେ ଆପେ ଭଉଣୀ କରି ପକାଇବାକୁ ଇଚ୍ଛା ହୁଏ, ଏଇ ଯେମିତି ଆମ ଅଫିସର ବଡ ଭଉଣୀ । କେହି କେହି ଶସ୍ତା ଦିଶନ୍ତି ତ କେହି କେହି ଦମ୍ଭିଲା ଆଉ ସମ୍ମାନୀୟା । କିଏ ବ୍ରଥେଲ୍‌ର ମାଲିକାଣୀ ବାଇଜୀ ପରି, କିଏ ନାଚବାଲୀ ପରି। ପୁଣି ଆଉରି କେତେ ଅଛନ୍ତି କ୍ୱଚିତ୍ ବୟସ୍କା ହୋଇଥିବା ସତ୍ତ୍ୱେ ବି ଆଦରଣୀୟା ହୋଇ ପଡ଼ନ୍ତି। କିନ୍ତୁ ସ୍ୱଭାବତଃ ମୁଁ ସେମାନଙ୍କୁ ସନ୍ଦେହରୁ ଉପରେ ରଖିବାକୁ ଚାହେଁ ।'

ମୁଁ ଯଦିଓ ତା'ଠାରୁ ଅଲଗା ମତରେ ବିଶ୍ୱାସ କରୁଥିଲି ତଥାପି ତା ଉପରେ ବିରକ୍ତି ପ୍ରକାଶ ନ କରି ପଚାରିଲି, 'ତୁ କ'ଣ କହିବାକୁ ଚାହୁଁ?'

'ଏଇ ଦେଖ ଆମ ତଳ ମହଲାର ଗେହ୍ଲିନାନୀକୁ। କେତେ ନିରୀହ ସ୍ନେହୀ ସ୍ତ୍ରୀ ଲୋକଟିଏ। କେତେ ଭଲ ସିଏ। ମତେ ଦେଖୁ ଦେଖୁ କହିଥିଲେ ଯେ ତମ୍ଭକୁ କୋଉଠି ଦେଖିଛି ବୋଲି। ସତରେ ସଂପର୍କ ଏଇମିତି ଗଢ଼ିଉଠେ । ସେ କେଉଁଠି ଥିଲେ ଆଉ ମୁଁ କେଉଁଠି । ତଥାପି ତାଙ୍କୁ ଦେଖିଲାମାତ୍ରେ ମତେ ଭଲ ଲାଗିଥିଲା ।'

ମୁଁ ଦେଖିଲି ଘନିଷ୍ଠତା ବହୁ ମାତ୍ରାରେ ବଢ଼ି ଯାଇଛି । ମୋର ଏପରି କୃତ୍ରିମ ସଂପର୍କର ଅଳନ୍ଧୁ ସୂତାରେ ବନ୍ଧା ଘନିଷ୍ଠତାରେ ବିଶ୍ୱାସ ନଥାଏ । ମନର ଆବର୍ଜନାମୟ କୋଣସବୁକୁ ଝାଡ଼ିଝୁଡ଼ି ସଫା କରିଦେଲେ ଆମେ ସବୁ ଗୋଟେ ଗୋଟେ ଅଧିକ ଭଲ ମଣିଷରେ ପରିଣତ ହୋଇପାରିବା । ମତେ ଆଦୌ ଭଲ ଲାଗେନି ଅତି ଅପରିଚିତର ଆପଣାମି । ମୁଁ ବିଶ୍ୱାସ କରେନି ଜବରଦସ୍ତିଆ ଭଉଣୀମାନଙ୍କର ରାକ୍ଷୀର ଦୃଢ଼ତାରେ। ଆକର୍ଷିତ ହୁଏନି ଅପ୍ରାକୃତିକ ରଙ୍ଗିଲା ନିମନ୍ତ୍ରଣରେ । ଆଗେଇ ପାରେନି ସେ ଦିଗରେ ।

ଗେହ୍ଲି ଯାହା ଭାବୁ ନା କାହିଁକି ମୁଁ ତାକୁ ନାନୀ ଡାକିପାରେନି। ମୁଁ ତାକୁ ସିଧାସଳଖ ମନା ନ କଲେ ବି ଏକଥା ସ୍ପଷ୍ଟ କରିଦେଇଥିଲି ଯେ ତା ସହିତ ସମୟ ସାରିବାକୁ ମୋର ଉଦ୍ଦେଶ୍ୟ ନାହିଁ କି ଆଗ୍ରହ ନାହିଁ। ମୋ ପାଇଁ ସେ କେବଳ ମିସେସ୍ ଦାସ। ଶ୍ରୀମାନ ସରୋଜଙ୍କର ଧର୍ମପତ୍ନୀ । ଏବଂ ତା'ର ଆଉ ମୋ ଭିତରେ ଏକମାତ୍ର ସାଧାରଣ କଥା ହେଲା ଆମେ ଏକା ଫ୍ଲାଟରେ ଦୈବାତ୍ ବାସ କରୁଛୁ। ବାସ୍ ସେତିକି। ଆଉ କିଛି ଅଧିକ ନୁହେଁ ।

ମୁଁ ଗେହ୍ଲି ଉପରେ ଆଉରି ଅଧିକ ବିରକ୍ତ ହୋଇ ଉଠୁଛି। ତା' ସହିତ ମୋର ଏପରି ଅପଡ଼ ହେବାର ଆଉ ଗୋଟେ କାରଣ ହେଲା, ଥରେ ସେ ମୋତେ କୌଣସି ଏକ ବିବାହ ପ୍ରସ୍ତାବରେ ଆଗ୍ରହୀ କରେଇବାର ଚେଷ୍ଟାରେ ବିଫଳ ହୋଇଥିଲା । ଝିଅଟି

Digitized by srujanika@gmail.com

ତା'ର ଭଉଣୀ। ମତେ ଗୋଟେ ଭଲ ପ୍ରସ୍ତାବ ହିସାବରେ ବିଚାର କରି ତା'ର ସାନ ଭଉଣୀକୁ ଦାନ କରିବାର ଇଚ୍ଛାରେ ଗେହ୍ଲି ମୋ ଉପରେ ଯେଉଁ ସ୍ନେହ ଆଦରର ବିନିର୍ବ୍ୟୟ କରିଥିଲା ତାହା ତାକୁ ଭୀଷଣ ଲାଞ୍ଛିତ କରିଥିଲା। ଏହାର ବଦଲା ନେବାକୁ ସେ ପ୍ରତିଜ୍ଞା କରିଥିଲା ବୋଧେ। ପ୍ରଥମେ ମୁଁ ଏକା ଓ ଅବିବାହିତ ଥିବାର ଦେଖି ସେ ମୋ ପାଇଁ ବିବାହ ପ୍ରସ୍ତାବର ସୁନ୍ଦର ସୁନାଥୋପ ଦେଇଥିଲା ଯାହା ଗିଳିବାର ବୋକାମୀ କରିବା ଭଳି ମାଛ ମୁଁ ନ ଥିଲି ।

ମୁଁ ଜାଣି ନଥିଲି ଯେ ଗେହ୍ଲି ତା ଝିଅ ଜନ୍ମ ଦିନରେ ମତେ ନିମନ୍ତ୍ରଣ କରିବା ପଛରେ ଏହି ଉଦ୍ଦେଶ୍ୟ ରଖିଥିଲା। ତା' ଝିଅଟିକୁ ମତେ ଭାରି ଭଲଲାଗେ। ଗୁଲୁଗୁଲୁଆ କଣ୍ଢେଇଟାଏ। ଆଖି ଦୁଇଟା ଚକ୍‌ଚକ ଆଉ ବଡ଼ ସୁନ୍ଦର। ଠିକ୍ ତା'ରି ସାଇଜର ଗୋଟେ ଖେଳନା କଣ୍ଢେଇ ନେଇ ତାକୁ ମୁଁ ଉପହାର ଦେଇଥିଲି। ଅତି ସାଧାରଣ ମାଇପି ଲୋକଟେ ପରି ଖୁସିହୋଇ ଯାଇଥିଲା ଗେହ୍ଲି। ଚୁପଚୁପ୍ ମତେ ଘର କଡ଼କୁ ଡାକିନେଇ କହିଲା -

'ଦେଖନ୍ତୁ, ସୋଫା ଉପରେ ସେ କଡକୁ ଆଉଜି ବସିଥିବା ଝିଅଟି ଆପଣଙ୍କୁ କେମିତି ଲାଗୁଛି ? ଯାହାର ହଳଦିଆ ଶାଢ଼ିରେ ନାଲିଆ ବର୍ଡର ଅଛି, ସେଇ ମୋ ଭଉଣୀ। ବି.ଏ. ପାସ୍ କରିଛି ।'

ମୁଁ ତାକୁ ଥରେ ଦେଖିନେଇ ଆଖି ଫେରାଇ ଆଣିଲି। ଠିକ୍ ଅଛି, ଗୋରା, ଅସୁନ୍ଦର ନୁହେଁ, ଚଷମା ପିନ୍ଧେନି, ଉଚ୍ଚତା ଭଲଅଛି, ସେ ଯାହାର ସ୍ତ୍ରୀ ହେବ, ସେ ତାକୁ ନେଇ ଗର୍ବ କରିପାରିବ । କିନ୍ତୁ ମୁଁ, ନା ନା ମୁଁ ସେ କଥା ପାରିବିନି, ମୋ ପାଇଁ ଏ ପ୍ରକାର ପ୍ଲାନିଂ ମୁଁ ଆଦୌ ସହ୍ୟ କରିପାରିଲିନି । ଏପରି ପ୍ରସ୍ତାବରେ ମୁଁ ହୁରୁଡ଼ି ଯାଇଥିଲି। ତା'ପରେ ତା ଘରେ କିଛି ନ ଖାଇ ଏବଂ କିଛି ନ କହି ଚାଲି ଆସିଥିଲି । ସେଦିନ ରାତିରେ ଶୁଭ୍ରାକୁ ମୋ ଭିଜା ସ୍ୱପ୍ନରେ ଉବୁଟୁବୁ ହେଉଥିବାର ଦେଖିଥିଲି ।

ତା ପରଦିନ କଥା । ଗେହ୍ଲିର ଭଉଣୀ ଲିଲି ବୋଧେ ଗେହ୍ଲିର ଏ ପ୍ଲାନ୍‌ଟା ଜାଣି ନଥିଲା । ସେ ଅପମାନିତ ନ ହୋଇ ତାଙ୍କ ଗାଁକୁ ଫେରିଯାଇଥିଲା । ଗେହ୍ଲିକୁ କିନ୍ତୁ ଏ କଥାଟା ବହୁତ ବାଧିଥିଲା । ସତେକି ସେ ଶିଶୁପାଳ ହୋଇଥିଲା। ସେବେଠୁ ତାର ମୋ ଉପରେ ବହୁତ ରାଗ । ସେ ଖୋଜି ବୁଲୁଥିଲା ପ୍ରତିଶୋଧ ନବାର ଗୋଟେ ସୁଯୋଗ। ମୁଁ ଜାଣି ନଥିଲି ସେ ଏତେ କଦର୍ଯ୍ୟ ଓ କୁତ୍ସିତ ହୋଇପାରେ । ଅବଶ୍ୟ ଅପମାନିତା ନାରୀକୁ ଫ୍ୟୁରିଠାରୁ ଅଧିକ ଭୟଙ୍କର ବୋଲି ବର୍ଣ୍ଣନା କରାଯାଇଛି। ସେଇଦିନଠୁ ମୋ ଉପରେ ଅତ୍ୟଧିକ କ୍ରୋଧାନ୍ୱିତା ହୋଇଥିଲା ଗେହ୍ଲି। ମୋ ଉପରେ ହିଂସା ସାଧିବାର ଗୋଟେ ଅଦ୍ଭୁତ ଉପାୟ ଉଦ୍‌ଭାବନ କରିଥିଲା ସେ । ଦେବା ଆସିବା ପରେ ତା'ର ସେଇ ସୁବିଧାଟା ମିଳିଗଲା। ମତେ ଜଳେଇବା ପାଇଁ ସେ ଏକ ଷଡ଼ଯନ୍ତ୍ର କରିଥିଲା । ସେ ଜାଣିଥିଲା ଯେ ଦେବା ମୋର ପ୍ରିୟବନ୍ଧୁ ।

Digitized by srujanika@gmail.com

ଦେବାଶୀଷର ଚେହେରା ଆଉ ପ୍ରକୃତି, ଦୁଇଟାଯାକରେ ପରିବର୍ତ୍ତନ ଆସିଛି। ଗାଲ ଦୁଇଟା ବନ୍ ପରି ଫୁଲିଗଲେଣି। ନାଲି କଳା ରଙ୍ଗର ପୃଥୁଳ ବପୁ । କଥା କହୁ କହୁ ଆଖି ମିଞ୍ଜି ମିଞ୍ଜି କରୁଛି। ଥଟ୍ଟା, ଗୁଲି, ଅପମାନଜନକ କଥା କହିଲେ ସହିପାରେନି। ଚିଡ଼ିଉଠେ। ନାଲିପଡ଼ିଯାଏ, ଚଷମା କାଢ଼ି ଆଖି ମଳେ, ଛେପ ଢ଼ୋକେ, ଆଉ ଇଂରାଜୀରେ ବିର୍ ବିର୍ ହୁଏ । ସାମୟିକ ମାନସିକ ଭାରସାମ୍ୟ ହରାଇବସେ। ତାର ବ୍ୟକ୍ତିତ୍ୱର ପତଳା ମଣିଷପଣିଆ ତଳେ ତାର ଧୈର୍ଯ୍ୟ ଅତଡ଼ା ଖାଏ, ସେ ହଜିଯାଏ ।

ତା'ର ସଫଳତା ଅନେକ । ତାର ମୋ ସହିତ ବନ୍ଧୁତ୍ୱକୁ ଆଧାର କରି ମତେ ମନକଷ୍ଟ ଦେବାକୁ ଯୋଜନା କରିଥିଲା ଗେହ୍ଲି। ମୁଁ କିନ୍ତୁ ଟିକେ ଟିକେ ସନ୍ଦେହ କରୁଥିଲି ଗେହ୍ଲିର ପ୍ଲାନ୍ କଣ ହୋଇପାରେ। ସେଥିପାଇଁ ପ୍ରଥମେ ମନରେ କଷ୍ଟ ତ ପ୍ରବେଶ କରି ନ ଥିଲା। କିନ୍ତୁ ପରେ ବିରକ୍ତି ଆଉ ଘୃଣା ଜାତ ହୋଇଥିଲା। ହୁଏତ ତା'ପରେ ମୁଁ ଗେହ୍ଲିର ଉଦ୍ଦେଶ୍ୟ ବି ଭଲକରି ବୁଝିପାରିନଥାନ୍ତି ।

ଦେବା ପ୍ରାୟ ପ୍ରତିଦିନ ତାଙ୍କ ଘରେ ଚା ପିଉଛି। ଆଗ୍ରହରେ ଦୌଡ଼ ଯାଉଛି ତାଙ୍କ ଘରକୁ। ଚକୋଲେଟ ଦଉଚି ତା ଝିଅକୁ। ମୁଁ ହୋଇଥିଲେ ଆଦୌ ଯାଇ ନ ଥାନ୍ତି । ଦେବା ଏକ ବିକଳିଆ ପାଲଟିଛି–ଗେହ୍ଲିନାନୀର ସାନଭାଇ ହବାକୁ ସତେ ଯେପରି ଯୁଗ ଯୁଗରୁ ଅପେକ୍ଷା କରିଥିଲା! ଦେବା ତା ଘରକୁ ଯିବାର ଆଉ ଗୋଟେ କାରଣ ହେଲା ଏବେ କେତେଦିନ ହେଲା ଲଳିତା ବୋଲି ଝିଅଟିଏ ଗେହ୍ଲି ଘରେ ଆସି ରହୁଛି। ସେ ବି ଚାକିରୀ କରେ । ନୂଆକରି ଅଧ୍ୟାପିକା ହୋଇ ଆସିଛି ଏ ସହରକୁ। ତା'ର ବାପା ମା' କେହି ନାହାନ୍ତି। ଗେହ୍ଲି ତା'ର ଏକ ବହୁଦୂରୀୟ ସମ୍ପର୍କୀୟା ହେବ ।

ଗେହ୍ଲିର ଝିଅ ଆସି ଡାକିଦେଇ ଗଲା, "ଅଙ୍କଲ ମା ଡାକୁଛି । ଆସ ଚା ପିଇବ ।" ଦେବା ସରୁ ପାନିଆରେ ମୁଣ୍ଡ କୁଣ୍ଡାଇଲା, ମୁହଁରେ ପାଉଡ଼ର ଘଷିଲା, ଦେହରେ ଅତର ମାଖିଲା, ପୁଣି ଗଳା ଝାଡିଲା । ଗୋଟେ ଗୋଲାପି ହିରୋମାର୍କା ଶାର୍ଟ ଗଳେଇ ଦୁମ୍ ଦୁମ୍ ବାହାରିଗଲା। ମୁଁ ଚାହିଁଛି, ମତେ ପଦେ କଥା ନ କହି ଚାଲିଗଲା। ଦାଣ୍ଡ ଦୁଆର ମେଲାକରି ଗଲା ଯେ ମତେ ବନ୍ଦ କରିବାକୁ ବି କହିଲାନି। ମତେ ଭାରି ବିରକ୍ତ ଲାଗିଲା। ପଢୁଥିବା ବହିରୁ ମନ ଛାଡ଼ିଗଲା। ପାଞ୍ଚଦଶ ମିନିଟ୍ ନଷ୍ଟ ହୋଇଗଲା ।

ଦେବା ପହଞ୍ଚିବା ଦିନଠୁ ଗେହ୍ଲି ଘରେ ଏକ ବିଶିଷ୍ଟ ସ୍ଥାନ ଆବୋରି ନେଇଥିଲା। ସତେ ଯେପରି କେଉଁ କାଳରୁ ପରିଚିତ ତାଙ୍କ ଘର ସାଙ୍ଗେ। ଆଉ ମୁଁ – 'ମୁଁ ଗୋଟେ ଅପରିଚିତ କେହିନୁହେଁ '– ଅକସ୍ମାତ୍ ମୋ ନାଁ ବି ପଡୁ ନଥିବ ତାଙ୍କ କଥାବାର୍ତ୍ତାରେ । ସେମାନଙ୍କର ବନ୍ଧୁତ୍ୱ ଫ୍ରିଜ୍‌ରେ ବରଫ ଖଣ୍ଡ ପରି ଜମାଟ ବାନ୍ଧି ଗଲାଣି। ଦେବା ଏତେ ସୁନ୍ଦର ବାନ୍ଧି ହୋଇପାରେ ବୋଲି ମୁଁ ଜାଣି ନଥିଲି ।

ଏବେ ଗେହ୍ଲି ଅପା ଘରୁ ଦେବାପାଇଁ ପ୍ରତିଦିନ କିଛି ନା କିଛି ଖାଇବା ଜିନିଷ

Digitized by srujanika@gmail.com

ଆସେ। ଆଜି ସିଙ୍ଗଡ଼ା, କାଲି ସାଲେପୁରରୁ ତାଙ୍କ କୁଣିଆ ଆଣିଥିବା ରସଗୋଲା ତ କେବେ ପୁଣି ମାଂସ ତରକାରୀ। ସେ ଖାଏ ଏବଂ ମତେ ଯାଚେ, ହେଲେ ମୁଁ ନିଏନି। ଗେହ୍ଲି ପଠେଇଥିବା ଖାଦ୍ୟପଦାର୍ଥର ବାସ୍ନାରେ ମୋ ନାକ ରୁନ୍ଧି ହୋଇଯାଏ। କିନ୍ତୁ ଏ ସବୁକୁ ନେଇ ମୋ ମନରେ ରାଗ ବା ବିଦ୍ୱେଷ ଜନ୍ମେନି। ସେ କଥା ଚିନ୍ତା କରିବାକୁ ମୋର ସମୟ ନଥାଏ। ମୁଁ ମୋ ଗବେଷଣାର ଗଭୀରତାରେ ବୁଡ଼ିରହିଥାଏ ।

ଯେବେଠୁ ଲଳିତା ଆସି ଗେହ୍ଲି ଘରେ ରହୁଛି ସେବେଠୁ ଦେବାଶୀଷ ତାଙ୍କ ଘରକୁ ଆହୁରି ବେଶି ଯା'ଆସ କରେ। ସେ ମଧ୍ୟ ଦେବାଶୀଷର ଆପଣାର ହୋଇସାରିଛି। ମାତ୍ର ଗେହ୍ଲିର ରାଗ ମୋ ଉପରେ ଅନେକଟା ବଢ଼ି ଯାଇଛି। ସେ ମତେ କଟମଟ ହୋଇ ଚାହେଁ, ଯେବେ ତା ସହିତ ଅକସ୍ମାତ ରାସ୍ତାରେ ଦେଖା ହୋଇଯାଏ। ଆଗରୁ ତା' ଭଉଣୀ ସାଙ୍ଗରେ ବାହାଘର ପ୍ରସ୍ତାବରେ ତ ମୁଁ ରାଜି ନ ହୋଇଥିବାରୁ ରାଗିଥିଲା। ଏବେ ତାକୁ ସୁଯୋଗ ମିଳିଯାଇଛି ମୋ ଉପରେ ରାଗ ଶୁଝେଇବାକୁ ।

ଲଳିତା ଆଉ ଦେବାଶୀଷର ମିଳାମଶା ଓ ଘନିଷ୍ଠତା ପାଇଁ ଅନେକ କିଛି ସୁଯୋଗ ଦେବାକୁ ଗେହ୍ଲି ଯୋଜନା କରିଥିଲା। ସେ ସେମାନଙ୍କୁ ଏକାଘରେ ଏକ ସମୟରେ ଗପିବାକୁ, ଚା ପିଇବାକୁ ଦିଏ। ମୁଁ ସେ ସବୁ କଥାରେ ଆଗ୍ରହୀ ନହେଲେ ବି ଅଜାଣତରେ ଆଉ ଅନିଚ୍ଛାରେ ଅସୁବିଧାରେ ପଡ଼େ । କାରଣ ଦେବା ବେଳେ ବେଳେ ଖୁବ୍ ଡେରି ରାତିରେ ଘରକୁ ଫେରେ । ସନ୍ଧ୍ୟା ନହେଉଣୁ ବାହାରିଯାଏ। ରବିବାରଟିଏ ବା ଛୁଟିଦିନଟିଏ ତାକୁ ମୋ ସାଙ୍ଗରେ କଟେଇବାକୁ ମିଳେନି। ନାଁକୁ ମାତ୍ର ମୋ ପାଖରେ ରହେ ଅଥଚ ପ୍ରାୟ ସବୁ ସମୟ ତଳମହଲାରେ ଗେହ୍ଲି ଘରେ ଥାଏ। ସେଥିପାଇଁ ତାର ଆଦୌ ଦୁଃଖ ବି ନାହିଁ। ଆମ ଦିଜଣଙ୍କ ବନ୍ଧୁତା ପାଇଁ ତାର ସମୟ ହିଁ ନାହିଁ ।

ଦିଟା ମାସ ଭିତରେ ସେ ଲଳିତାର ପଣତକାନିରେ ଯେପରି ଚାବି ପେନ୍ଥାଟେ ପରି ବନ୍ଧାହୋଇ ସାରିଥିଲା। ଖାଲି ଯାହା ବାହାଘରଟା ବାକି ରହିଲା, ଆଉ ସବୁକାମ ସରିଛି। ମୁଁ ସବୁ ଜାଣେ ହେଲେ କିଛି କୁହେନି। ତା'ପରି ପ୍ରାପ୍ତ ବୟସ୍କ ପ୍ରଣୟଲିପ୍ତ ଯୁବକକୁ ଭଲମନ୍ଦ ବୁଝେଇବା ବୋକାମୀ। ମୁଁ ତା'ର ଆଚରଣକୁ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ବିଶ୍ଳେଷଣ କରୁଥିଲି । ସେ ଏତେ ନିର୍ଲଜ୍ଜ ହୋଇପାରିଲା କିପରି ?

ତାଙ୍କ ଘରୁ ତା'ର ବାପା ଯା'ଭିତରେ ଚାରିଖଣ୍ଡ ଚିଠି ଦେଇ ସାରିଲେଣି। ପ୍ରତ୍ୟେକ ଚିଠିରେ ସେଇ ଗୋଟିଏ ବାର୍ତ୍ତା ଯାହା ପ୍ରତି ବାପା ପୁଅପାଖରୁ ଚିଠି ନପାଇ ଲେଖିଥାଏ। 'ଦେହ କିପରି ଅଛି ? ଚିଠିପାଇ ଚିଠିଦେବୁ ।' ଚିଠି ଯେଉଁଦିନ ପହଞ୍ଚେ ଦେବା ସେଦିନ ବିରକ୍ତି ଓ ଘୃଣାରେ ଚିଡଚିଡ୍ ହୁଏ । ବାପାଙ୍କ ଉପରେ ରାଗେ। ଅନ୍ୟମନସ୍କ ହୁଏ। ଘରର ବଡ଼ପୁଅ ସେ, ତା'ଚିଠିର ଧାଡ଼ିମାନଙ୍କୁ ନ ପଢ଼ି ମୁଁ ଅନୁମାନ କରେ କ'ଣ ଲେଖା ହୋଇଛି। ହୁଏତ ତାର ଦାୟିତ୍ୱ ମନେପକେଇ ଦଉଥିବେ ବାପା । ଆଉ ସେଇଠି ଥାଏ

Digitized by srujanika@gmail.com

ତାର ସବୁ ବିରକ୍ତିର ମୂଳ। ଦେବା ବୋଧହୁଏ ତା ବାପାମାଙ୍କୁ ପଚାରୁନି କି ପଚାରିବାକୁ ଚାହୁଁନି। ସେମାନେ ଗରିବ ଲୋକ, ଗାଁରେ ରହନ୍ତି। ପଇସାପତ୍ର ପାଇଁ ଯା'ର ହାତକୁ ଚାହିଁଥାନ୍ତି। ତିନି ଚାରିଟା ସ୍କୁଲ କଲେଜ ପଢୁଆ ଭାଇ ଭଉଣୀ ବି ଅଛନ୍ତି ଯେଉଁମାନଙ୍କ ବିଷୟରେ ଥରେ ବି ମତେ ସେ କହିନି। ଆଜି ଦେବାଶୀଷ ଆଧୁନିକ ହୋଇଗଲା ପରେ ବାପାମା ଜନ୍ମକରିଥିବା ପଞ୍ଚାଏ ଭାଇଭଉଣୀଙ୍କ କଥା ବୁଝିବାକୁ ତାର ସମୟ ନାହିଁ। ସେ ହିସାବ ରଖେନି ଯେ ସେମାନେ ତା ଉପରେ କେତେ ନିର୍ଭର କରନ୍ତି। ସେ ଟଙ୍କା ପଠାଏନି ନୁହେଁ, ମାସକୁ ମାସ ଧରାବନ୍ଧା କିଛି ପଠାଏ, ହେଲେ ସେ ସବୁ ବିରକ୍ତିରେ, ବାଧ୍ୟବାଧକତାରେ, ଦାୟିତ୍ୱଶୀଳତାରେ, ମାତ୍ର ଖୁସିରେ ନୁହେଁ ।

ଏଥରକର ଆସିଥିବା ଯେଉଁ ପୋଷ୍ଟକାର୍ଡ଼ଟା ଡାକବାଲା ସିଡ଼ିରେ ପକାଇଦେଇ ଚାଲିଯାଇଥିଲା, ସେଇଟା ମୁଁ ପଢ଼ିନେଇଥିଲି। ତା' ମା ଲେଖିଥିଲେ। ବାପରେ ଧନରେ କରି ଗାଉଁଲି ଶବ୍ଦରେ କେତେ ନେହୁରା ହୋଇ ଥରେ ଗାଁଆଡ଼େ ବୁଲିଯିବା ପାଇଁ ଲେଖିଥିଲେ। ବେଶିବାଟ ତ ନୁହେଁ ମାତ୍ର ଛ ଘଣ୍ଟାର ରାସ୍ତା, ବସରେ ଗଲେ ସୁବିଧାରେ ପହଞ୍ଚିଯିବ ।

ଦେବାର ଅନୁପସ୍ଥିତିରେ ତା'ର ଚିଠି ପଢ଼ି ଜାଣିପାରିଥିଲି ତା'ର ଅସଲି ରୂପ। ତାର ବାପା ତା ପାଖୁ ଯେଉଁ ଚାରିଟା ଚିଠି ଦେଇଥିଲେ ସବୁଥିରେ ତା ପାଇଁ ବାହାଘର ପ୍ରସ୍ତାବ କଥା ସୂଚାଇଥିଲେ ଆଉ ସେଇଥିପାଇଁ ତାକୁ ଗାଁକୁ ଆସିବାକୁ ଚାହାଁନ୍ତି। ପଇସାପାଇଁ ନୁହେଁ। ବାପା ବି କେତେଥର ବାହାରିଲେଣି ଯା' ଭିତରେ ଦେବାକୁ ଦେଖାକରିବେ ବୋଲି, ହେଲେ ତା'ର ନୀରବତାରେ ଭାଙ୍ଗିପଡିଛନ୍ତି। ଆଉ ବେଶିଦିନ ବଞ୍ଚିବେ କି ନାହିଁ। ସେ ବାତରୋଗୀ, ଏବେ ଥରେ ଗୋଡ ଖସି ପଡ଼ିଗଲେ ଯେ ଖଟିଆରେ ପଡ଼ି ରହିଛନ୍ତି, ଉଠିପାରୁନାହାନ୍ତି। ମୁଁ ଏସବୁ ଖବର ପଢ଼ି ଆଉ ନୀରବରେ ରହିବା ଠିକ୍ ହବନି ବୋଲି ଭାବିଲି। ଦେବା ଅଫିସରୁ ଫେରୁ ଫେରୁ ତା' ପାଇଁ ପରିହାସରେ ଆରମ୍ଭ କଲି-

'ଆଉ ସବୁ କଣ କେମିତି ଚାଲିଛି ? ଗେହ୍ଲିନାନୀଙ୍କ ଖବର କଣ ? ଆଜିର ସ୍ପେସାଲ ପ୍ରୋଗାମ୍ କ'ଣ ? ରୋଜରୋଜ ତ ତାଙ୍କ ଘରେ ବସିଛ, ଆଜି ଯାଉନ ଟିକେ ସିନେମା ଦେଖି ଆସିବ; ଶ୍ରୀୟାରେ ଭଲ ସିନେମା ଚାଲିଛି। ଲଳିତାକୁ ସାଙ୍ଗରେ ନେଇଯାଅ ।'

ରାଗିପାଚି ସେ କହିଲା, 'ହଁ ଆଜି ଆମେ ସିନେମା ବି ଦେଖିବୁ, ବାହାରେ ବି ଖାଇବୁ, ତୋର କ'ଣ ହେଲା ?' ତାପରେ ଅଣନିଶ୍ୱାସୀ ହୋଇ ଭୟାତୁର ଛେପ ଢ଼ୋକିଲା। ମୋ ଆଖିକୁ ଚୋରଙ୍କପରି ଚାହିଁ ଚୁଁ ଚୁଁ ହଉଥିଲା। ସିଧା ମୋର ସାମ୍ନାକରିବାକୁ ତାର ସାହସ ନଥିଲା। ମୁଁ ଭାବିଲି ସେ ଗଲେ ନଗଲେ ମୋର ସେଥିରେ କଣ ଯାଏ ଆସେ ।

Digitized by srujanika@gmail.com

ସେ ଯାହା କରିବ ତାର ଫଳ ସେ ନିଜେ ଭୋଗିବ। ମତେ ଖାଲି ଲାଗୁଛି ଯେ ଏକା ଘରେ ରହି ଆମ ଦି'ଜଣଙ୍କର ରାସ୍ତା ଏତେ ଅଲଗା ଅଲଗା କାହିଁକି ?

ସେଦିନ ମୁଁ ଆଉ ବିଶେଷ କିଛି କହିପାରି ନଥିଲି । ପଢ଼ାପଢ଼ିରେ ମୋର ବହୁତ ରାତି ହୋଇଗଲା ଆଉ ମୁଁ ଶୋଇପଡ଼ିଲି। ତା ପରଦିନ ରବିବାର। ସେ ମତେ କିଛି ନ କହିଥିଲେ ମୁଁ ରାଗି ନଥାନ୍ତି । ବରଂ ସେ ମତେ ମିଛକଥା କହି ପୁଣି ଲଳିତା ଘରକୁ ଯାଇଥିଲା । ଗେହ୍ଲି ଘରଟା ତା ପାଇଁ କେବଳ ଲଳିତାର ଘର। ସେଦିନ ମୁଁ ଯାହା ଦେଖିଲି ତା ବିଶ୍ୱାସ କରିପାରିଲିନି । ରାତି ଆଠଟା ପାଖାପାଖି ଲଳିତା ଓ ଦେବାଶୀଷକୁ ଘର ଭିତରେ ବସାଇଦେଇ ବାହାରୁ ତାଲା ଲଗାଇ ଗେହ୍ଲିଅପା ଦୁଇଘଣ୍ଟା ପାଇଁ ବାହାରକୁ ଚାଲିଯାଇଥିଲା । ମଝିରେ ଘଣ୍ଟାଏ ପାଇଁ ଲାଇନ୍ କଟିଯାଇ ସାରା ସହର ଅନ୍ଧାରରେ ବୁଡ଼ିରହିଥିଲା ।

ସେଦିନ ଗେହ୍ଲିର ସ୍ୱାମୀ ମିଷ୍ଟର ଦାସ କୁଆଡ଼େ ଗୋଟେ ଅଲଇଣ୍ଡିଆ ଇକୋନୋମିଷ୍ଟସ୍ କନ୍‌ଫରେନ୍‌ସରୁ ଘରକୁ ଫେରିଥିଲେ। ଦୁଆରେ ତାଲା ପଡ଼ିଥିବାର ଦେଖି ମୋ ଘରେ ଆସି ବସିରହିଥିଲେ ସ୍ତ୍ରୀକୁ ଅପେକ୍ଷାକରି । ମୁଁ ସବୁକଥା ଜାଣି ମଧ୍ୟ ମିଃ ଦାସ୍‌ଙ୍କୁ କିଛି କହିବାକୁ ଇଚ୍ଛା ହଉନଥିଲା। ରାତି ଦଶଟାକୁ କବାଟର ତାଲା ଖୋଲିବାର ଶବ୍ଦ ତଳୁ ମୁଁ ଶୁଣିପାରିଲି । କିନ୍ତୁ ମିଃ. ଦାସ କାଲିର ପୁରୁଣା ଖବରକାଗଜଟା ପଢ଼ିବାରେ ମଗ୍ନ ଥିଲେ। ମୁଁ ହଠାତ୍ ତଳକୁ ଗଲେ, କାଳେ କଣ ବିଶେଷ ଅସୁବିଧା ହୋଇପାରେ ଭାବି ଦୁଇମିନିଟ ପରେ ତଳକୁ ଯାଇ ଉପରକୁ ଫେରି ଆସିଲି ।

ଟିକିଏ ପରେ ଦେବାଶୀଷ ଫେରିଲା। ତା'ମୁହଁରେ ପାଣି ନଥାଏ। ଆଖି ଶୁଖିଲା। ପନ୍ଦରଦିନ ଅନିଦ୍ରା ରହିଲେ ଯେମିତି ଦିଶିବ ସେମିତି ଦିଶୁଛି। ସେ ଆସିବାରେ ମୁଁ ମିଃ ଦାସଙ୍କୁ ଗେହ୍ଲିନାନୀ ଆସି ଘର ଖୋଲିଲେଣି ବୋଲି କହିଲି। ସେ ବାହାରିଗଲେ ତଳକୁ । ଦେବାକୁ ଆଉ ଅଧିକ ଲଜ୍ଜିତ ନକରି ମୁଁ ଟେଲିଗ୍ରାମ୍‌ଟା ତା ହାତକୁ ବଢ଼ାଇଦେଇ କହିଲି, 'ତୁମେ ଠିକ୍ ଗଲା ପରେ ପରେ ଏଇଟା ଡାକବାଲା ଆସି ଦେଇଗଲା। ତୁମ ବାପାଙ୍କର ଦେହ ଅତି ଖରାପ ଅଛି, ଶୀଘ୍ର ଯିବାକୁ ଡାକିଛନ୍ତି ।' ସେ ଯିବାବେଳେ ମତେ ଯଦି କୁଆଡ଼େ ଯାଉଛି ବୋଲି ଟିକିଏ କହି ଦେଇଥାଆନ୍ତା, ତାହାହେଲେ ଏତେ ଡେ଼ରି ହୋଇ ନଥାନ୍ତା । ମୁଁ କହିଲି, 'ତୁମେ ଏଇଠି ତଳ ମହଲାରେ ଅଛ ବୋଲି ମୁଁ ତ ଜାଣି ନଥିଲି। ତା'ପରେ ବାହାରୁ ତାଲା ପଡ଼ିଥିଲା। ମୁଁ ଯଦି ଜାଣିଥାନ୍ତି ତାହାଲେ ତ ସଙ୍ଗେ ସଙ୍ଗେ କହିଦେଇଥାନ୍ତି ଆଉ ତମେ ରାତିର ଶେଷ ବସଟା ଧରି ଗାଁକୁ ଚାଲିଯାଇ ପାରିଥାନ୍ତ।'

ଦେବାର ଶୁଖିଲା ଆଖିଦିଟା ଲୁହରେ ଭରିଗଲା ଆଉ ଦୀର୍ଘ ନିଶ୍ୱାସଟିଏ ବାହାରି ଆସିଲା ।

Digitized by srujanika@gmail.com

ତାପରଦିନ ସକାଳୁ ଭୋର୍‌ରୁ ସବୁ ଜିନିଷପତ୍ର ତା'ର ଧରି ସିଏ ଗାଁକୁ ଚାଲିଗଲା । ଫେରି ଆସି ଆଉ ମୋ ପାଖେ ରହିନି । ଆଉ ଠାଏ ଭଡ଼ାଘର ନେଇ ରହିଲା । ମାସେପରେ ଦିନେ ହଠାତ୍ ରାସ୍ତାରେ ଦେଖା ହୋଇଗଲା । ଝଡ଼ି ଯାଇଛି ଆଉ ଲଣ୍ଡା ମୁଣ୍ଡରେ ଦୁଇ ସପ୍ତାହର ବାଳ ଉଠିଛି । ମତେ ତା'ଘରର ନୂଆ ଠିକଣା ଦେଇ କହିଲା, 'ଭାଇ ଆସୁଛି, ଏଇଲେ ସମୟ ନାହିଁ, କେବେ ବେଳହେଲେ ମୋ ଘରଆଡ଼େ ଆସିବୁ ।'

ଘରକୁ ଫେରି ଗେହ୍ଲିର କୁନି ଝିଅଟିକୁ ପଚାରି ବୁଝିଲି ଯେ ଲଳିତା ବି ଆଉ ତାଙ୍କ ଘରେ ରହୁ ନଥିଲା ।

❑❑❑

Digitized by srujanika@gmail.com

# ଜଳନ୍ତା ନିଆଁର ରଙ୍ଗ

ଦେବୀ ଠିଆ ଠିଆ ଜଳୁଛି ।

ତା' ଦେହରୁ ଉଠୁଥିବା ହାତେ ଲମ୍ବର ଜଳନ୍ତା ନିଆଁର ଜିଭ ତାକୁ ଚାଟି ଯାଉଛି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ତାକୁ ବର୍ତ୍ତମାନ ଥଣ୍ଡା ଲାଗୁଛି । ସେ ଭାବି ନଥିଲା ଯେ ବାଣ ରୋଷଣୀରେ ଆରମ୍ଭ ହୋଇଥିବା ଗୋଟେ ବାହାଘର ଏତେ ଶୀତଳ ଭାବରେ ଶେଷ ହୋଇଯାଇପାରେ । ହୋମ କୁଣ୍ଡରେ ଜଳୁଥିବା ନିଆଁକୁ ଯେ ସହିପାରୁନଥିଲା, ସେ ପୁଣି ନିଜେ ଜଳୁଛି । ସେ ଯେପରି ନିଆଁର ଶାଢ଼ିଟାଏ ପିନ୍ଧିଛି । ନିଆଁ ବି ଗୋଟେ ବସ୍ତ୍ର ଯାହାର ଲେଲିହାନ୍ ଶିଖା ରଙ୍ଗୀନ କରିଦେଇଛି ତା'ର ପାଦଠୁ ମୁଣ୍ଡଯାଏ । ତା' ଦେହର ସୁନ୍ଦର ଚମଡ଼ା ମହମପରି ତରଳି ଯାଉଛି । ତା' ପାଟିରେ ଅସଂଖ୍ୟ ଶବ୍ଦ ହାଉଯାଉ, ଅଥଚ ସେ ନୀରବ । ତା' ମନ ଭିତରେ ଅସରନ୍ତି ଭାବନାର ଭିଡ଼, ହେଲେ ସେ ସବୁ ଅନ୍ଧାରର ଏକ ପର୍ଦ୍ଦା ଭିତରେ ଲୀନ ହୋଇଯାଉଛନ୍ତି । ତା' ଦେହ ଗୋଟେ ମୂକ ବାରୁଦର ଖଣି ପରି । ତା'ର ପ୍ରତି ଲୋମକୂପରେ ଛୋଟ ଛୋଟ ଭୀଷଣ ଆଗ୍ନେୟଗିରି । ସେ ଏକ କୃଶ ପୁତ୍ତଳିକା ପରି ଦୂର ପାହାଡ଼ ଉପରେ ଠିଆହୋଇ ଜଳୁଛି । ଏବେ ଲିଭିଯିବ, ପାଉଁଶ ହୋଇଯିବ, ହଜିଯିବ । ତାକୁ କେହି ବି ଦେଖିପାରିବେନି ।

ଦେବୀ ଦେହକୁ ଚାହୁଁଛି । ଏଇଟା କ'ଣ ସେଇ ଦେହ ଯାହାର ନୂତନ ପ୍ରଦେଶମାନ ଆବିଷ୍କାର କରିବା ଆଗରୁ ଅନ୍ଧାର ନହେଲେ ସେ କବରୀ ଖୋଲିବାକୁ ମଧ୍ୟ କମଳକୁ ନାହିଁ କରି ଦେଇଥିଲା । କମଳ କଲମ୍ବସ୍ ପରି ତାକୁ ଅଣ୍ଡାଳି ଯାଉଥିଲା ପାଦଠାରୁ ମୁଣ୍ଡଯାଏ । ତା'ର ପିଠି ସାଉଁଳେଇ ତାକୁ ସଲସଲ୍ କଲାବେଳେ, "ଯା, ତୁମେ ଗୋଟେ ଭାଲୁ" ବୋଲି ସମ୍ବୋଧନ କରୁଥିଲା ଦେବୀ । ଦେବୀର ପିଠିରେ ମୁହଁ ଘଷୁ ଘଷୁ ଥରେ ତାର ମେରୁଦଣ୍ଡ ଉପରେ ଗୋଟେ ପୁରୁଣା ଶୁଖିଲା ଘା' ଦାଗ ଦେଖି କମଳ ପଚାରିଲା, "ଏଇଟା କ'ଣ ?"

"ସେ କିଛି ନୁହେଁ, ପିଲାଦିନେ ଗୁରୁଣ୍ଡି ଶିଖିଲାବେଳେ ଜଳନ୍ତା ଦୀପଟିଏ ଆଡେ ଯାଉଯାଉ ଦୀପ ସହିତ ରୁଖା ମୋ ପିଠିରେ ପଡ଼ିଗଲା ବୋଲି ବୋଉ କହୁଥିଲା । ମୁଁ ବି ଜାଣି ନଥାନ୍ତି ସେ ଦାଗଟା ମୋ ପିଠିରେ ଆଜି ଯାଏ ଅଛି ବୋଲି । କିନ୍ତୁ ସେଇଟା ମଝିରେ ମଝିରେ ଟିକେ କିନ୍ଦେ ପୁଣି ଠିକ୍ ହୋଇଯାଏ । ଏବେ କାହିଁକି ସେଇଟା ଭାରି କାଟୁଛି । ଛାଡ, ରାତି ବେଶି ହେଲାଣି । ଶୋଇବନି କି ?"

Digitized by srujanika@gmail.com

ଦେବୀର କଥା ନ ଶୁଣି କମଳ କହିଲା, "କାଲି ସକାଳେ ଡାକ୍ତର ପାଖକୁ ନେଇଯିବି । ମୋର ସାଙ୍ଗ ଜଣେ ଭଲ ଡାକ୍ତର, ଏଇଠି ଥାଏ ।" ଦେବୀ ଆଶ୍ୱସ୍ତ ହେଲା । ତା' ନିଜ ହାତକୁ କମଳ ହାତରେ ଛନ୍ଦି କହିଲା, "ତମେ ମୋର ଏତେ ଯତ୍ନ ନେଲେ ମୋର ଆଉ କ'ଣ ଅସୁବିଧା ଅଛି ?" କମଳ ଦେବୀକୁ ଆହୁରି ଆଦର କଲା, ଗେଲ କଲା ଆଉ କିଛି ସମୟ ପରେ ମନକୁ ମନ କଡ଼ ଲେଉଟାଇ ଶୋଇ ପଡ଼ିଲା, ଯେମିତି ହାଲିଆ ହୋଇ ସମସ୍ତେ ଶୋଇ ପଡ଼ନ୍ତି ।

ଦେବୀ ଆଖିକୁ ନିଦ ନାହିଁ । କମଳ କେତେବେଳୁ ଶୋଇଗଲାଣି । ସେ ଶୋଇ ପାରୁନି । ଛାତକୁ ଚାହିଁ ଚାହିଁ ପଡ଼ିଛି । ଛାତରୁ ଯୋଡ଼ାଏ ଆଉ କାହାର ଆଖି ତା' ଆଡେ ଅପଲକ ଚାହିଁଛନ୍ତି । ତହିଁରେ ଦୁଇଠୋପା ଲୁହ ଡବ ଡବ ହେଉଛି ହେଲେ ପଡୁନି । ଦେବୀକୁ ବି କାନ୍ଦ ମାଡୁଛି ହେଲେ ସେ କାନ୍ଦିପାରୁନି । ତା'ର ବୋଉ କଥା ମନେ ପଡୁଛି । ସେ ଆଖି ବୋଉ ଆଖି ଛଡା ଆଉ କାହାର ହୋଇପାରେନି । ସେ 'ବୋଉ ବୋଉ' ବୋଲି ଡାକି ଉପରକୁ ହାତ ବଢାଇଲା ବେଳକୁ ଦେଖିଲା ଛାତରେ ଆଖି ନାହିଁ, କେବଳ ପୁରୁଣା ପଙ୍ଖାଟା ସଶବ୍ଦେ ଘୂରୁଛି, ସତେ ଯେପରି ତା'ଉପରେ ଖସି ପଡ଼ିବ । ସେ ଓଃ କହି ଉଠି ବସିଲା । କମଳ ଘୁଙ୍ଗୁଡି ମାରି ଶୋଇଛି କାଠ ଗଡ଼ ପରି । ଏପରି ଲୋକ ପାଖରେ କିଏ ଶୋଇପାରେ ?

ତା' ପିଠିଟା କାହିଁକି ଟିକେ କାଟିଲା । ପିଠିର ମଝି, ମେରୁଦଣ୍ଡର ଠିକ୍ ଉପରକୁ ତାର ସେଇ ପୁରୁଣା ଶୃଙ୍ଖଳା କ୍ଷତର ଜାଗା ଉପରେ କି କ'ଣ ? ହାତ ବଢ଼ାଇ ସେ ସେହି ଜାଗାକୁ ଆଉଁସିବାକୁ ଛୁଇଁବାକୁ ଚାହେଁ ହେଲେ ପାରେନି । ସମସ୍ତଙ୍କ ପିଠିରେ ଠିକ୍ ଏମିତି ଗୋଟେ ଜାଗା ଅଛି ଯେଉଁଠି ଆପଣାର ହାତ ବି ପହଞ୍ଚିପାରେନି । ଭାରି ଅଡୁଆ ଆଉ ଅସମର୍ଥ ଲାଗେ ସେଇ ଅଞ୍ଚଳରେ ପୀଡା ଭୋଗିଲେ । ସେ ଭାବିଲା, କମଳକୁ ଡାକିବ ବୋଲି । ଥରେ ଦି'ଥର ତାର ପାଦକୁ ଆସ୍ତେ ହଲାଇ, "ଏଇ ଶୁଣୁଛ" ବୋଲି କହିଲା ହେଲେ କମଳର ଘୁଙ୍ଗୁଡ଼ିରେ ତାର ଡାକ କୁଆଡେ ମିଳେଇ ଗଲା । ସେ ସେଇଠି ସେମିତି ବସିରହିଲା । ବାପାଙ୍କ କଥା, ବୋଉ କଥା ଆଉ ସାନ ଭଉଣୀ ବେବି କଥା ଭାବୁ ଭାବୁ କେତେବେଳେ ସକାଳ ହୋଇଯାଇଛି ।

ସେଇ ପ୍ରାରମ୍ଭିକ ରାତି ପରେ ଆହୁରି ଅନେକ ରାତି ତା ଖୋଲା ଖୋଲା ଆଖି ଆଗରେ ଗେଣ୍ଡା ଗତିରେ ଘୁଷୁରି ଘୁଷୁରି ପାର ହୋଇଛନ୍ତି । ସେ ସହିପାରେନି ରାତିମାନଙ୍କର ବିଳମ୍ବିତ ଧୀର ଦୀର୍ଘ ଗତି । ଦିନମାନେ ଠିକ୍ ଚାଲିଯା'ନ୍ତି । ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସେ କାମଦାମରେ ବୁଡ଼ି ରହେ । ଶଶୁରଙ୍କର ସକାଳ ନ ହେଉଣୁ ଚା' ମାଗିବାଠୁ ତା'ର ଦିନ ଆରମ୍ଭ ହୋଇଯାଏ । ଦିଅର ପାଇଁ ତରତର ଜଳଖିଆ, ନଣନ୍ଦର ମୁଣ୍ଡ ବନ୍ଧା, ଆଉ ଶାଶୁଙ୍କର ଗାଧୁଆ ପାଣି ଗରମ କରିବା ପରେ ପୂଜାପାଇଁ ଫୁଲଗୁଚ୍ଛା ଶେଷ କରି ସେ

Digitized by srujanika@gmail.com

ସମସ୍ତଙ୍କ ପାଇଁ ରୋଷେୟାଣୀରେ ବଦଳି ଯାଏ । କମଳକୁ ଟା ଦେଇ ଟିକେ ଟେବୁଲ୍ ପାଖରେ ଠିଆ ହେଲାବେଳକୁ ଶାଶୁଙ୍କର ନିର୍ଦ୍ଦୟ ଡାକରା ଆସେ ଯାହାକୁ ବିନା ପ୍ରଶ୍ନରେ ମାନିବାକୁ କମଳର ତା' ପ୍ରତି ସ୍ପଷ୍ଟ ନିର୍ଦ୍ଦେଶ ଅଛି । ଦେବୀ ଖବର କାଗଜଟାକୁ ଟିକେ ପଢ଼ି ପାରେନି । ଦୀର୍ଘଶ୍ୱାସ ପକାଇ ରୋଷେଇଘରେ ପଶେ ।

ମସଲା ବାଟେ । ପରିବା କାଟେ । କାଟୁ କାଟୁ ଅନଭ୍ୟସ୍ତ ହାତର ଆଙ୍ଗୁଠି ଠାଏ ଠାଏ କଟିଯାଏ, ରକ୍ତ ବାହାରେ । ସେ ଆଙ୍ଗୁଠିକୁ ଦେଖେ ଆଉ ତା'ର ବୋଉ ମନେ ପଡ଼ିଯାଏ । ତାକୁ କାନ୍ଦ ମାଡେ । ଲୁହ ପୋଛୁ ପୋଛୁ ନଣନ୍ଦ ଲକ୍ଷ୍ମୀ ପଶି ଆସେ ରୋଷେଇ ଘରକୁ, "ଏ କ'ଣ ମା' ଲୋ ଭାଉଜ କାନ୍ଦୁଛନ୍ତି ?" ଶାଶୁ ବାରଣ୍ଡାରୁ ବିରକ୍ତ ହୋଇ ଚାହାନ୍ତି । କହନ୍ତି, "ବାହା ଘରର ଦି'ମାସ ହେଲାଣି ଆହୁରି ବୋଉ ମନେ ପଡୁଛି ? ଛି, ଆଜିକାଲି ଏ ପାଠପଢୁଆ ଝିଅଗୁଡାକ କ'ଣ ହଉଛନ୍ତି ଲୋ ମା' । କାଇଁ ଆମେ'ତ ଦିନେ ହେଲେ ଏମିତି ହଉ ନଥିଲୁ । ଦେବୀ, ଏ ସବୁ କ'ଣ ହଉଛି, କ'ଣ ତୋଠୁ ଅନ୍ୟମାନେ ଶିଖିବେ ?"

ଲୁହ ପୋଛୁ ପୋଛୁ ଦେବୀ ଉତ୍ତର ଦିଏ "ନାଇଁ ମ ମାଆ, ପିଆଜ କାଟୁଥିଲି ତ' ସେଇଥିପାଇଁ ଆଖିରୁ ପାଣି ଗଡୁଛି ।"

ପୁଣି ରାନ୍ଧିବାରେ ମନଦିଏ ଦେବୀ । ଶାଗରେ ଥପ୍ ଥପ୍ ପଡ଼ିଯାଏ ତା' ଆଖିର ଲୁହ । କଟା ଆଙ୍ଗୁଠିରୁ ରକ୍ତ ନିଗିଡେ, ପଡେ ପରିବା ତରକାରୀରେ । ଦେବୀ ରାନ୍ଧିଥିବା ସବୁ ରାନ୍ଧଣା ସୁଆଦ ଲାଗେ । ଘରଯାକ ଲୋକ ଆଙ୍ଗୁଠି ଚାଟି ଚାଟି ଖାଆନ୍ତି ଆଉ ତାରିଫ୍ କରନ୍ତି । ଏକୁଟିଆ ଦେବୀ ଖାଇପାରେନି । ତା' ତଣ୍ଟିରେ ଭାତ ଗଳେନି, ତା ପାଇଁ ତରକାରୀ ବଳେନି । ତଥାପି ସେ କୁଆଡେ ଘରର ଲକ୍ଷ୍ମୀ । ତା' ମୁହଁ ଶେତା ପଡ଼ିଯାଏ ।

ଦିନ ଯାଇ ରାତି ଆସେ । ଶଶୁର ଆରାମ୍ ଚେୟାର ଉପରେ ଘୂମେଇ ଘୂମେଇ କଳାଧଳା ଟି.ଭି. ଦେଖୁଥାନ୍ତି । ସାତଟା ବାଜିଲା ମାନେ ସାରା ଘରଟାର ଲୋକ ଟି.ଭି. ସାମ୍ନାରେ ବସିଯାନ୍ତି । ଶାଶୁ ଶଶୁରଙ୍କୁ ଖେଞ୍ଚି ଖେଞ୍ଚି ଉଠାଇ କହୁଥାନ୍ତି "ଦେଖ' ମ ଦେଖ'ମ, କେଡେ ସୁନ୍ଦର ଘୋଡା ନାଚ ଗୀତ ଦଉଛି, ଦେଖ'ମ ଖବର ପଢୁଛି, କହୁଛି ପୁଣି ଆଜି ରାତିରେ ବର୍ଷା ହେବ । ଆଜି କଟକର ତାପମାତ୍ରା ସର୍ବୋଚ୍ଚ ପଇଁତିରିଶ ସର୍ବନିମ୍ନ ପଚିଶ ଡିଗ୍ରୀ । ଏଇ, କ'ଣ କହିଲ ତା'ମାନେ ? କ'ଣ ଗରମ ହଉଚି ନା ଥଣ୍ଡା ପଡିଛି ? ବୁଝେଇ ଦିଅନା ଟିକେ ।" ନଣନ୍ଦ ଲକ୍ଷ୍ମୀ କହୁଛି, "ମା' ତୁ କାହିଁକି ବକ୍ ବକ୍ କରୁଛୁ । ରହ ଆଜି ଏଇ ସିରିଆଲଟା ଟିକେ ଦେଖ । ଏଇଟା ସ୍ତ୍ରୀ ଲୋକମାନଙ୍କ ଉପରେ । ଓ୍ୱିମେନସ୍ ଲିବରେସନ୍ । ନାରୀ ଜାଗରଣ କଥା । ଦେଖ କେମିତି ଏ ଲୋକ ଗୁଡାକ ତାଙ୍କ ବୋହୂ ଉପରେ ଅତ୍ୟାଚାର କରୁଛନ୍ତି । ତାକୁ ଖାଇବାକୁ ଦଉନାହାନ୍ତି । ମୋର ଯଦି

Digitized by srujanika@gmail.com

ଏମିତି ଶାଗୁ ହବନା ତାକୁ ଏକାଥରେ ଏମିତି ପାନେ ଦେବି ଯେ ତା ନାନୀକୁ ଯାଦ୍ କରୁଥିବ । ଏ ଭାଉଜ ଆସ ମ ଦେଖିବ, ତମକୁ ପରା ଏଇ ସିରିଆଲ୍‌ଟା ଭଲ ଲାଗେ । ଆସ, ଆସ ।"

ତା ମା' ରାଗି କହନ୍ତି, "ଥାଉ ମ' ତାକୁ କାହିଁକି ଡାକୁଛୁ ? ସେ ପରା ରାନ୍ଧୁଛି, ଏଇଲେ ବାପା ପୁଣି ଖାଇବାକୁ ମାଗିବେ । ତାକୁ ଡାକନା । ଏ ଦେବୀ, ରନ୍ଧା ସରିଲା କି ?"

ଦେବୀ ଭାବେ ଏଇ ଟିଭିଟା ସିଏ ତା ସାଙ୍ଗରେ ଆଣିଛି । କଲର ଟିଭିଟେ ବାପା ହଠାତ୍ କିଣି ପାରିଲେନି ବୋଲି ସେଇଟାକୁ ଦେଇଥିଲେ । ବ୍ଲାକ୍ ଏଣ୍ଡ ହ୍ୱାଇଟ୍ ହେଲେ କ'ଣ ହେଲା, ସେଇଟା ତାକୁ ଭାରି ଭଲ ଲାଗେ । ସେ ଭାବେ କଳାଧଳା ହେଲା ଜୀବନ ଡ୍ରାମାର ପ୍ରକୃତ ଉପାଦାନ । ସବୁ ରଙ୍ଗର ଏକକାଳୀନ ମିଶ୍ରିତ ଉପସ୍ଥିତିରୁ ଧଳା ରଙ୍ଗର ସୃଷ୍ଟି । ତାହା ରଙ୍ଗମାନଙ୍କୁ ବିଭାଜନ କରି ଖଣ୍ଡ ଖଣ୍ଡ କରି ଦେଖେ ନାହିଁ । କଳାଧଳା ଲୁଚକାଳି ଭିତରୁ ପ୍ରକୃତ ଜୀବନର ଚିତ୍ର ଅଙ୍କାଯାଏ । ତହିଁରେ ନାଲିରଙ୍ଗର ବିପଦ ନାହିଁ କି ନୀଳ ରଙ୍ଗର ବିସ୍ତାର ନାହିଁ । ବିସ୍ତୀର୍ଣ୍ଣ ଜୀବନର ରଙ୍ଗମଞ୍ଚରେ କଳାଧଳା ବାଦଲ ମାନଙ୍କର ପ୍ରବେଶ ଓ ପ୍ରସ୍ଥାନ ତାକୁ ଭଲ ଲାଗେ । ସବୁ ଚିତ୍ରମାନଙ୍କର ଅନୁପସ୍ଥିତିରେ ବି ଟିଭିର ଆକାଶ ରଙ୍ଗର ପରଦା କେବେହେଲେ ଚିତ୍ରଶୂନ୍ୟ ହୁଏ ନାହିଁ ।

ସମସ୍ତେ ଖାଇପିଇ ଆରାମରେ ଦି'ପହରେ ଗଡୁଥିବା ବେଳେ ସେ ସେଇ ଟିଭି ସାମ୍ନାରେ ଯାଇ ଛିଡା ହୁଏ । ଚିକ୍କଣ କାଚ ପର୍ଦ୍ଦାର ସାମ୍ନା । ସ୍ୱଚ୍ଛତାରେ ତାର ଏକ ଚିତ୍ର ଭାସି ଉଠେ । ସେ ପିନ୍ଧିଛି କଳା ରଙ୍ଗର ଏକ ଶାଢୀ । ମୁଣ୍ଡରେ ବାଧ ନୂଆ ବୋହୂର ଓଢ଼ଣା । ଓଢ଼ଣା ଖସି ଯାଉଛି । ମୁଣ୍ଡବାଳ ଫିଟି ଯାଉଛି । ଆଖି ବଡ଼ ବଡ଼, ଗୋଲଗୋଲ ଆଉ ଜୀବନ୍ତ । ସେ ହିଁ ଟିଭି ଭିତରେ ଗୀତ ଗାଉଥିବା ଏକ ଗାୟିକା । ତା'ର କୋଇଲି ପରି ସ୍ୱର । ସେ ଗାଉଛି, ଆଉ ସେ ହିଁ ଶୁଣୁଛି । ଜଣାଶୁଣା ଜଣାଣଟା ଆସ୍ତେ ପପ୍ ଗୀତରେ ବଦଳି ଯାଉଛି । ସେ ସ୍ଥିର ହୋଇ ଦେଖୁଛି ଟିଭି ପର୍ଦ୍ଦାରେ କାହାର ନାଚ । ନର୍ତ୍ତକୀ ପିନ୍ଧିଛି ଝଲମଲ ସୂର୍ଯ୍ୟାଲୋକର ବେଶ । ପାଦଠାରୁ ମୁଣ୍ଡଯାଏ ଜୀବନ୍ମୟ ହୋଇଛି ସ୍ୱପ୍ନିଳ ଅନୁଭୂତି । ହଠାତ୍ ସେଇ କଳାଧଳା ଟିଭି ପର୍ଦ୍ଦାରେ କାହାର ଅନୁପ୍ରବେଶରେ ସେ ଆତଙ୍କିତ । ଏକ ଯୁବକ, କଳା କାଳପୁରୁଷ ପରି ମୁହଁରେ ନିଶ । ଝୁଲିପଡୁଛି ମସ୍ତକରୁ ଜଟା । ହାତ ଉପରକୁ କରି ନାଚିବା ଭଙ୍ଗୀରେ ସେ ଆଗେଇ ଆସୁଛି ନର୍ତ୍ତକୀ ଆଡକୁ । ନର୍ତ୍ତକୀ ପଛେଇ ଯାଉଛି । ସେ ତାକୁ ଅଣ୍ଟାଠାରୁ ଧରିନେଉଛି । ନର୍ତ୍ତକୀ ସ୍ଥିର ହୋଇଯାଉଛି । ଯୁବକ ତାକୁ ଆଦରର ଅତ୍ୟାଚାରରେ ପୋତିପକାଉଛି, ମୁହଁରେ ମୁହଁ ଘଷୁଛି । ନର୍ତ୍ତକୀ କୋହଲା ଗଡ଼ପରି ଭିତରେ ଭିତରେ ଜଳୁଛି । ସେ ଭଲକରି ଦେଖିଲା ସେ ଯୁବକ ଆଉ କେହି ନୁହେଁ, ତା'ରି ସ୍ୱାମୀ କମଳ ।

Digitized by srujanika@gmail.com

କମଳ ମଦ ପିଇ ଘରକୁ ଫେରିଲା । ଦେବୀର ବିଶ୍ୱାସ ହେଲାନି । ସେ ଏ କ'ଣ ଦେଖୁଛି ? ନାକକୁ ଟେକି ଦି'ଥର ଶୁଙ୍ଘିଲା । କହିଲା, 'ଆଁ କଲ, ଇସ୍ ତମେ କ'ଣ ପିଇକି ଆସିଛ ?" କମଳ ଜବାବ ଦେଲାନି, କି ଆଁ ବି କଲାନି । ଦେବୀ ନିଶ୍ଚିତ ହେଲା, ଏ ସବୁ ନାଳିପାଣିର କରାମତି । ସେ ନିଜ ଭାଗ୍ୟକୁ ଧିକ୍କାରିଲା । ସ୍ୱାମୀ ପଛେ ପଛେ ଶୋଇବା ଘରକୁ ଯାଇ ଦେଖିଲା ବେଳକୁ ସେ ଚିତ୍ ହୋଇ ପଡ଼ିଛି । ଗୋଡ଼ରୁ ଜୋତା ଖୋଲିନି କି ଜାମାପଟା ବଦଳା ଯାଇନି । ସେ ଗଭୀର ନିଦରେ ବାଉଳି ହଉଛି, ବାଇ ଉସ୍ମାନ ତାରାର ନାଁ ନଉଛି, ପୁଣି ତୁନି ହୋଇଯାଇଛି ।

କମଳ ପୁଣି ଏମିତି ହେବ ବୋଲି ସେ ଭାବିପାରୁନି । ସେ ଯେଉଁଦିନ ତାକୁ ଦେଖିବାକୁ ଆସିଥିଲା ପ୍ରଥମ କରି ସେଦିନ ତାକୁ ଏକାନ୍ତ ମୁହୂର୍ତ୍ତରେ କହିଥିଲା "ମତେ ଏସବୁ ଝିଅଦେଖା, ମିଠା ଖିଆ ଓ ଜଣାଣ ବୋଲା ଭଲ ଲାଗେନି । ମୁଁ ଦେଖିବାକୁ ଆସିଛି ମାନେ ତୁମେ ଧରି ନିଅ ମୁଁ ଠିକ୍ କରିନେଇଛି । କିନ୍ତୁ ମୋର କେତୋଟି କଥା ତୁମକୁ ମାନିବାକୁ ପଡ଼ିବ ଯେ, ମୋର ବାପା ବୁଢ଼ା ରିଟାୟାର୍ଡ ରେଲୱେ ଚାକିରୀଆ, ତାଙ୍କ କଥା ତୁମେ ବୁଝିବ । ଆଉ ମୋର ମା' ଯିଏ ନିଜ କଥା ଭୁଲି ଯାଇ ଆମକୁ ସବୁ ମଣିଷ କରିଛି ତା କଥା ମାନିବ । ମୋର ଆଉ ତୁମକୁ କିଛି କହିବାକୁ ନାହିଁ, ମୁଁ ଗୋଟାପଣେ ତମର ।"

ଦେବୀ ନିଜ ଭାଗ୍ୟକୁ ଧନ୍ୟବାଦ ଦେଲା । ଏତେ ସୁଧାର ସରଳ ପିଲା ପୁଣି ଆଜିକାଲି ଅଛନ୍ତି ? ଏଇତ କାଲି ଆଉଜଣେ ଲୋକ, ବୁଢ଼ାଳିଆ ବ୍ୟବସାୟୀ ତାକୁ ଦେଖିବାକୁ ଆସି, ତା ଜଳଖିଆ ଖାଇ ଟଖାଙ୍କ ପରି ଚାଲିଗଲା ଯେ ଆଉ ପଛକୁ ଫେରି ଚାହିଁଲାନି । ତା'ର ଦରକାର ଥିଲା ଦଶଭରି ସୁନା, ଦୁଇଟା ଦୁହାଁଳିଆ ଗାଈ, ଦଶହଜାର ଟଙ୍କା ଆଉ ବାପାଙ୍କ ଭୁବନେଶ୍ୱରରେ ଥିବା ଜମିରୁ ଦୁଇଗୁଣ୍ଠ । ବାପା ମନାକରିବା ଆଗରୁ ଦେବୀ ନିଜେ ମନା କରିଦେଲା । ଯୌତୁକିଆକୁ ଗୋଇଠା ମାର ।

କମଳ ତା'ର ଏତେ ହତାଦର କରିପାରେ ସେ ବିଶ୍ୱାସ କରିପାରୁନଥିଲା । ତା' ବାପାଙ୍କ ସେବା କରିବାକୁ କହି ବାପାଙ୍କର ଗୋଟେ କ୍ରିତଦାସୀ କରିଦେଇଥିଲା ତାକୁ । ମା'ଙ୍କ କଥା ମାନିବୁ କହି ବଳି ଚଢେଇ ଦେଇଥିଲା ତାକୁ । ସବୁ କଥା ନୀରବରେ ସହି ଯାଉଥିଲା ଦେବୀ । ସେ ଭାବୁଥିଲା ଯେ କମଳ ଯେ ପର୍ଯ୍ୟନ୍ତ ନିଜେ ମନପ୍ରାଣଦେଇ ତାକୁ ଭଲ ପାଉଥିବ ସେ ପର୍ଯ୍ୟନ୍ତ ସେ ସ୍ତ୍ରୀ ହିସାବରେ ଶାନ୍ତିରେ କାଳକାଟିବ । ସେତିକି ଯଥେଷ୍ଟ ।

କିନ୍ତୁ କମଳ ଯେ ତାକୁ ନଚାହିଁ ଏମିତି ଦିନେ ମଦ ପିଇ ଆସି ଘରେ ପଡ଼ିବ ଏକଥା ସେ ଆଦୌ ଭାବିନଥିଲା । ପାଠଶାଠ ପଢି କମଳ କ'ଣ ଏଇଆ ଶିଖିଛି ? ଏଇଥିପାଇଁ ପାଠୁଆ ସ୍ତ୍ରୀ ବାହାହୋଇଛି । ଦେବୀ ନିଜେ ଓଡ଼ିଆରେ ଏମ୍.ଏ. ପାଶକରି ଫକୀର ମୋହନଙ୍କ ସାହିତ୍ୟ ଉପରେ ଗବେଷଣା କରିବ ବୋଲି ଭାବିଥିଲା । ହୁଏତ

Digitized by srujanika@gmail.com

'ଫକୀର ମୋହନଙ୍କ ଉପନ୍ୟାସରେ ନାରୀ' ହୋଇଥାନ୍ତା ତା'ର ଗବେଷଣାର ବିଷୟବସ୍ତୁ । କିନ୍ତୁ ବାହାଘର ପରେ ଘର ସଂସାରରେ ପଶି ସେକଥା ପୁରା ଭୁଲିଯାଇଛି । ଏବେ ଭାବୁଛି ଜଇରା ତରକାରୀ ରାନ୍ଧୁ ରାନ୍ଧୁ ତା'ର ଜୀବନ ସରିଯିବ । ଏବେ କମଳ ପୁରା ଗୋଟେ ଅଜଣା ଅପରିଚିତ ଲୋକଟେ ପରି ଶୋଇଚି । ସେପଟ ଘରେ ଶାଶୁ ନଣନ୍ଦ ଆଉ ଦାଣ୍ଡଘରେ ଶଶୁର ଆଉ ଦିଅର । ଯେ ଯାହା ଶୋଇଚନ୍ତି । ଏକା ତାକୁଇ ନିଦ ନାହିଁ ।

ସେ ଶୁଣିପାରୁଛି ଦୂର କେଉଁଠୁ ଗୋଟେ ଭାସିଆସୁଛି ଖୋଳ କରତାଳର ଶବ୍ଦ । ପଡ଼ିଶା ଘରେ ଆଲୁଅ ଲଗେଇ ପାଠପଢୁଛି କଲେଜ ପଢୁଆ ପିଲାଟି । ସବୁଦିନ ପରି ନୀରବରେ ଦେବୀ କମଳକୁ ଆଉଁସି ଆଦରରେ ଡାକିଲା, "ଏଇ କ'ଣ ଶୋଇପଡ଼ିଲଣି କି ?" କମଳ ଜବାବ ଦେଲା ହେଲେ ଦେବୀକୁ ନୁହେଁ ଆଉ କାହାକୁ । ସେ ତକିଆ ଯାବୁଡ଼ି ଧରି ଉଃ ଉଃ ହଉଛି । ତା ପେଟ ଭିତରେ ମଦ ଆଉ ମେଣ୍ଢାମାଂସର ଲଢେଇ ଲାଗିଛି । ମଝିରେ ମଝିରେ ଉତ୍କଟ ଦୁର୍ଗନ୍ଧର ହାକୁଟି ଉଠୁଛି । ସେ ଉଠୁଛି ପଡୁଛି, ପୁଣି ଉଠୁଛି ପଡୁଛି, ତାପରେ ପୁଣି ନିଶ୍ଚଳ ହୋଇ ପଡିରହୁଛି । ହଠାତ୍ ତାର ମନେ ହେଲା କମଳ କେବଳ ଗୋଟେ ସ୍ୱାର୍ଥପର ପୁରୁଷଟିଏ ଯିଏ ତା ବାପାମାଆଙ୍କର କର୍ତ୍ତବ୍ୟନିଷ୍ଠ ପୁଅ କିନ୍ତୁ ସ୍ତ୍ରୀର ଦାୟିତ୍ୱସମ୍ପନ୍ନ ସ୍ୱାମୀ ନୁହେଁ । ଦେବୀ ଭାବୁଥିଲା ସ୍ତ୍ରୀ ହିସାବରେ ସ୍ୱାମୀର ସେବା ଯତ୍ନ କରିବାକୁ ତଥାପି ତାର ଅନେକ କଥା କରିବାକୁ ଥିଲା । କମଳକୁ କୁପଥରୁ ସୁପଥକୁ ଆଣିବାକୁ ତାକୁ ଅନେକ କିଛି ତ୍ୟାଗ କରିବାକୁ ହେବ । ସେ କମଳର ପାଦ ଦି'ଟାରୁ ଜୋତା ଖୋଲି ଆଉଁସି ଦେଉଦେଉ ଦେଖିଲା ସତେ ଯେପରି ତା'ର ଦେହଟା ରବରରେ ତିଆରି । ସେଥିରେ ଥଣ୍ଡା ନିର୍ଜୀବପଣିଆ ଛଡା ଆଉ କିଛି ନାହିଁ । କମଳର ଶୀତଳ ସ୍ୱାର୍ଥପର ଅସ୍ୱୀକାରରୁ କିଛି ଅଂଶ ତା' ପେଟ ଭିତରେ ଆସ୍ତେ ବଢୁଛି । ଦୁଇମାସର ଗର୍ଭ ଭିତରେ ତାକୁ ରହି ରହି କାମୁଡୁଛି ଏକ ଅଶ୍ୱସ୍ତିକର ଅନୁଭୂତି । ସେ ତା'ର ତଳିପେଟକୁ ଆଉଁସି ଦେଖୁଛି ତହିଁରେ ବଢୁଥିବା ପେଣ୍ଡୁ ଆକାରର ଏକ ଅସ୍ଥିର ଶୂନ୍ୟତା ଯାହା ପ୍ରତ୍ୟେକ ସ୍ତ୍ରୀର ସଫଳତାର ପ୍ରଥମ ପୁରସ୍କାର । ସେ ଏତେ ଶୀଘ୍ର ଏସବୁ ଘଟିଯିବ ବୋଲି ଜାଣି ନଥିଲା ।

ତାକୁ ବାନ୍ତି ଲାଗୁଛି । କବାଟ ଖୋଲାଅଛି । ସକାଳ ହୋଇଯିବ ଆଉ ଟିକିଏ ପରେ । ଶଶୁର ଖଁ ଖଁ କାଶୁଛନ୍ତି । ଶାଶୁ ଫୁଲ ତୋଳିବାକୁ ବାଡ଼ି ଆଡେ । ଆଉ ଲକ୍ଷ୍ମୀ ସକାଳୁ ଉଠି ଠାକୁରଙ୍କୁ ନମସ୍କାର କରୁଛି କାରଣ ତାକୁ ଆଜି ତା'ର ବର୍ଷେ ତଳର ପୁରୁଣା ଜଣାଶୁଣା ଏବଂ ତାକୁ ଗୁପ୍ତରେ ଭେଟୁଥିବା ଲୋକଟି, ଚିଠି ଲେଖୁଥିବା ଲୋକଟି, ପ୍ରଥମ କରି ବିବାହ ପ୍ରସ୍ତାବ ସହିତ ତାକୁ ଦେଖିବାକୁ ଆସିବ । ଦେବୀ ବି ଇଚ୍ଛା କରୁଛି ହୋଇଯାଉ ସେଇଠି ତା'ର ବାହାଘର । କେତେ ଦିନ ଆଉ ଏସବୁ ଲୁଚେଇ ଛପେଇ ଚାଲିବ ? ବାହାଘର ହୋଇଗଲେ ସେ ମୁକ୍ତ ହୋଇଯିବ, ଶାନ୍ତ ହୋଇଯିବ ।

Digitized by srujanika@gmail.com

କିନ୍ତୁ ବାହାଘରର ପକୃତ ମାନେ କ'ଣ ? ସ୍ୱାମୀର ଅନୁଗତ ହୋଇ ସେବା କରିବା ? ନା, ଶାଶୁ ଶଶୁରଙ୍କର ସମ୍ମାନ କରି ସେମାନଙ୍କ କଥା ବୁଝିବା ? ନା, ତାର ପ୍ରକୃତ ଅର୍ଥ ସନ୍ତାନ ଧାରଣ କରି ବଂଶ ବିସ୍ତାର କରିବା ? ନା ଆଉ କିଛି ? ସେ ଠିକ୍ ବୁଝିପାରୁନି । ବାପା ମା'ଙ୍କ ଘର ଛାଡ଼ି ଆସି ଆଉ ଗୋଟେ ଘରେ ଅନୁପ୍ରବେଶ କରି ସେ ଘରର ଚାବିଟା ନିଜ କାନିରେ ବାନ୍ଧିପାରିବାଟା ବୋଧହୁଏ ଯୋଗ୍ୟ ସ୍ତ୍ରୀର ପରମ ସୌଭାଗ୍ୟ । ଏଠି କିନ୍ତୁ ଦେବୀ ଗୋଟେ ସର୍କସ ଦୋଳିରୁ ଡେଇଁ ଶୂନ୍ୟରେ ଝୁଲିବା ପରି ଅନୁଭବ କରୁଛି । ବାପଘର ପଟ ଦୋଳିଟା ଛାଡି ଦେଇଛି, ଶଶୁର ଘରେ ତା ହାତଧରି କେହି ଉଠେଇ ନେଉନି, ସେ ଜାଣେନି ସେ କେଉଁଠି ପଡ଼ିବ । ଅନ୍ଧାରରେ ସ୍ୱାଭାବିକ ଭାବରେ ରହି ଶିଖିବା ସେ ଏପର୍ଯ୍ୟନ୍ତ ଶିଖିନି, ତେଣୁ ସକାଳକୁ ଅପେକ୍ଷା କରୁଛି । ତାର ନିର୍ଭୟତା ପାଇଁ ଆଲୋକ ଜରୁରୀ ।

* * * * * *

ସକାଳ ହେବାପରେ କମଳ ଶେଯରୁ ଉଠି ଆଖି ମଳି ମଳି ଚା' ମାଗିବା ଆଗରୁ ଦେବୀ ଆଣି ସାରିଛି ଆଉ ହସି ହସି ଦେଉଛି । କମଳକୁ ଭାରି ଖରାପ ଲାଗିଲା । ତାର ମନେ ପଡ଼ିଲା କାଲି ରାତି କଥା । ପାଖରେ ଡାକି ଦେବୀକୁ ବସାଇଲା । କହିଲା, "କାଲି ରାତିରେ ମୁଁ ଯଦି କିଛି କହିଥିବି ଭୁଲ୍ ବୁଝିବନି, ମତେ କ୍ଷମା କରିଦେବ ।" ଉତ୍ତରରେ ଦେବୀ କିଛି ନକହି ଖାଲି ମୁହଁ ଚିପି ଚିପି ହସୁଥିଲା । କମଳ ବୁଝିପାରୁ ନଥିଲା ସେ ହସର ଗୁରୁତ୍ୱ, ପ୍ରକୃତରେ ଦେବୀ ତାକୁ କ୍ଷମା କରିଛି ନା ନାହିଁ ? ପ୍ରକୃତରେ ସେ ଦୋଷ ସ୍ୱୀକାର କରି କ୍ଷମା ମାଗିଛି ନା ନାହିଁ ? ସେ ନିଜର ଏ ପ୍ରକାର ଅକ୍ଷମତାକୁ ଢାଙ୍କି ରଖି କହିଲା, "ଆଜି ସନ୍ଧ୍ୟାରେ ସେମାନେ ଆସୁଛନ୍ତି ଲକ୍ଷ୍ମୀକୁ ଦେଖିବାକୁ । ତମେ ତ ଜାଣିଛ, ମନୋଜର ଏତେ ବଡ଼ ବିଜିନେସ୍ ଅଛି । ତା'ର ଏ ବାହାଘରରେ କିଛି ବା ଆପତ୍ତି ନାହିଁ । କିନ୍ତୁ ଅଧିକ ଗୋଟେ ଏଜେନ୍‌ସି ପାଇଁ ତାର ଆଉ ପଚାଶ ହଜାର ଟଙ୍କା ଦରକାର । ମଧ୍ୟସ୍ଥଙ୍କ ହାତରେ ଗୋଟେ ଖବର ପଠେଇଛି । ଝିଅ ଦେଖାଟା ଖାଲି ଗୋଟେ ନାଁକୁ ମାତ୍ର । ଏବେ ଆମକୁ ଟଙ୍କା ଯୋଗାଡ କରିବାକୁ ହେବ ।"

ସେ ଟିକେ ଚୁପ୍ ରହି ଦେବୀର ମୁହଁକୁ ଲକ୍ଷ୍ୟ କଲା । ପୁଣି କହିଲା, "ଏଥିପାଇଁ ବାପା କିଛି ଟଙ୍କା ଯୋଗାଡ଼ କରିଛନ୍ତି ଆଉ ମା' କହିଛି ତାର ସୁନା ଗହଣାତକ ଦେଇଦେବ । ବାକି ଟଙ୍କା ପାଇଁ ଆମେ ଭାବୁଥିଲୁ ତମେ ଯଦି ତମ ବାପାଙ୍କର କିଛି ଅସୁବିଧା ନଥାଏ ତାହେଲେ ତାଙ୍କୁ ଅଳ୍ପଦିନ ପାଇଁ ଧାର ଦେବା ପାଇଁ ଯଦି ଲେଖିଦିଅନ୍ତ ଭଲ ହୁଅନ୍ତା । ବେଶି ନୁହେଁ ଏଇ ପନ୍ଦର କୋଡିଏ ଭିତରେ ।"

ଶୁଣୁ ଶୁଣୁ ଦେବୀର ଅଗ ଜିଭଟା କାମୁଡି ହୋଇଗଲା, କାନରେ ଅତଡା ପଡ଼ିଲା । ସେ କିଛି ଶୁଣି ପାରୁନି । ତା'ର ଚତୁର୍ଦ୍ଦିଗରେ ପୃଥିବୀ ଘୁରୁଛି । ସେ କଚାଡି ହୋଇପଡ଼ିବା

Digitized by srujanika@gmail.com

ପରି ଲାଗୁଛି । ପନ୍ଦର କୋଡ଼ିଏ ହଜାର ଶବ୍ଦ ତା କାନରେ ଏକ ସମୟରେ ପ୍ରବେଶ କରିଛନ୍ତି ।

କମଳ କହି ଚାଲିଛି "ନାଁ ନାଁ ସେପରି ଭାବନି । ସେ ପଇସାଟା ମୁଁ ନିଜେ ଫେରାଇ ଦେବି । ତମେ ତ ଜାଣ, ଏଇଲେ ମୋ ହାତରେ କିଛି ଟଙ୍କା ପଇସା ନାହିଁ । ଆଉ ମୁଁ ବାପାଙ୍କୁ ସାହାଯ୍ୟ ନକଲେ ସୁନ୍ଦର ହବନି । ତେଣୁ ମୋ ସମ୍ମାନ ଜଗି ଯଦି ତମେ ଏତିକି କରିପାରନ୍ତ ।"

ଦେବୀର ମନ ଭିତରେ ଅସରନ୍ତି ଦୁଃସ୍ୱପ୍ନର ଦୌଡ଼ । ପ୍ରତିଦିନ ଖବର କାଗଜରେ ବାହାରୁଥିବା ନାରୀ ନିର୍ଯ୍ୟାତନାର ନିର୍ଦ୍ଦୟ ଖବର । କିଏ ଦୁଇମାସରେ ତ କିଏ ଦୁଇ ବର୍ଷରେ । କିଏ ଦୁଇଶହ ପାଇଁ ତ କିଏ ଦୁଇ ଲକ୍ଷ ପାଇଁ । କିଏ ପାଣିରେ ତ କିଏ ଦଉଡ଼ିରେ । କିଏ ବିଷ ଖାଇ ତ କିଏ ଆତ୍ମାହୂତି ଦେଇ । କିଏ ଅମାନୁଷିକ ଭାବରେ ତ କିଏ ଧୀରେ ଆସ୍ତେ ଅଦୃଶ୍ୟ ହାତରେ । ମରୁଛି, ମରୁଛି, ସେଇ ଗୋଟିଏ କାହାଣୀ ବାରମ୍ବାର ପ୍ରବର୍ତ୍ତିତ, ପ୍ରଦର୍ଶିତ ହେଉଛି । ସେଇ ଗୋଟିଏ ଚରିତ୍ର ଅପସରିଯାଉଛି ବିବାହ ବିବାଦର କେନ୍ଦ୍ର ବିନ୍ଦୁରୁ । ଏବେ ସେଇ ଷ୍ଟେଜ୍ ଉପରେ ଦେବୀ ଠିଆହୋଇଛି । ତା ଉପରେ ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ଆଖି । ସେ ଆଖିମାନେ ଭୋକରେ ଜଳୁଛନ୍ତି । ସେ ଆଖିମାନଙ୍କରୁ ନିର୍ଗତ ଲୁବ୍ଧ ଚାହାଣୀରେ ବିବ୍ରତ ହେଉଛି ଦେବୀ । ସେ ଦୁର୍ବଳ ଅନୁଭବ କରୁଛି । ହାତ ଉଠାଇ ପାରୁନି । ମୁଣ୍ଡ ଓଢ଼ଣାର ଭାରରେ ତଳକୁ ହୋଇଯାଉଛି । ସେ ପ୍ରାର୍ଥନା କରୁଛି, "ଭଗବତୀ, ମତେ ଶକ୍ତି ଦିଅ । ମୁଁ ଏ ଲୋଲୁପ ସମାଜର ମୁକାବିଲା କରିପାରେ । ମତେ ବଳ ଦିଅ, ବୁଦ୍ଧି ଦିଅ । ମୋ ହାତରେ ଅସ୍ତ୍ରଟିଏ ଦିଅ ଯାହା ମତେ ଆତ୍ମନିର୍ଭରଶୀଳ କରିପାରେ । ଅନ୍ୟ କାହାରି ମା'ର ଜନ୍ମିଥିବା ଝିଅର ବାହାଘର ହେବାପାଇଁ ମୋ ବାପାଙ୍କୁ ମୁଁ ପଣବନ୍ଧୀ କରିପାରିବିନି ।"

ଦେବୀ କମଳର ପ୍ରସ୍ତାବରେ ହିଁ କି ନାହିଁ କିଛି କହିଲାନି । ଦେବୀର ମୌନ ଅର୍ଥ କେବଳ ସମ୍ମତି ନୁହେଁ । ତାହା କମଳ ଜାଣେ ବୋଲି ଦେବୀ ବିଶ୍ୱାସ କରେ । ତେଣୁ ଆଦୌ କିଛି ନ କହି ସେହି ସ୍ଥାନ ଛାଡ଼ି ଚାଲିଗଲା । ତା' ମନରେ ଦୁଃଖ, ଘୃଣା, ଅପମାନ, ଅଭିମାନ ଓ ସର୍ବୋପରି ଅମାପ କ୍ରୋଧ ଭରିଗଲା । ସେ ଯାଇ ଦାଣ୍ଡଘରେ ଟି.ଭି. ଆଗରେ ଛିଡ଼ାହୋଇ ଶୂନ୍ୟ ପର୍ଦ୍ଦାକୁ ଚାହିଁଲା । ଚାହୁଁ ଚାହୁଁ ଭାସି ଉଠିଲା ତାର ଛୋଟ କ୍ଷୁଦ୍ରାୟିତ ପ୍ରତିଛବି । ପର୍ଦ୍ଦା ଭିତରେ ଦେବୀର ଛବି ପରିବର୍ତ୍ତିତ ହେଉଛି । କଳାଧଳା ଏକ ବାଲିଘରେ ବାଳିକା ଦେବୀ ଖେଳୁଛି । ଏକା ଏକା ହସୁଛି । ତା ମୁଣ୍ଡରେ କୁଞ୍ଚୁକୁଞ୍ଚିଆ ବାଳ ପବନରେ ଉଡୁଛି । ତା ଆଖି, ଉଜ୍ଜଳ, ଚଞ୍ଚଳ । ତା ବାପାମାଙ୍କଠୁ ଟିକେ ଦୂରରେ ଖେଳୁଛି । ଏଇ ସମୟରେ ଏକ ବିକଟ ଅଟ୍ଟହାସ୍ୟ କରି ରାକ୍ଷସ ପରି କିଏ ତା ପଛରେ ଛିଡ଼ା ହୋଇଗଲା । ତାକୁ ଭାରି ଡର ମାଡ଼ିଲା । ସେ ବାପା, ମା' ଚିତ୍କାର କଲା ହେଲେ

Digitized by srujanika@gmail.com

କେହି ଶୁଣି ପାରୁନଥିଲେ । ରାକ୍ଷସ ତାକୁ ଅଣ୍ଟାରୁ ଧରି ଉଠାଇ ଫିଙ୍ଗି ଦଉଥିଲା ସମୁଦ୍ର ଭିତରକୁ; ସେଇ ସମୁଦ୍ରକୁ ଯାହାର ବକ୍ଷରେ ପାଣି ନୁହେଁ କଳାବାରୁଦିଆ ଅଗ୍ନିର ଲହରୀ ଢେଉ ହୋଇ ଚାରିଆଡକୁ ମାଡି ଯାଉଥିଲା । ଆଉ ଦେଖିପାରିଲାନି ଦେବୀ ସେ ଚିତ୍ରରେ ବୁଡି ଯାଉଥିବା ତାର ଅନ୍ୟ ପ୍ରତିବିମ୍ବକୁ । ମୁଣ୍ଡରୁ ଓଢଣା ଖସାଇ ଦ୍ରୌପଦୀ ପରି ଖୋଲିଦେଲା ନିଜର ଶିଖା । ଦୁମ୍‌ଦୁମ୍ ହୋଇ ଚାଲିଗଲା ଗାଧୁଆ ଘରକୁ ।

ଭଲକରି ଗାଧୋଇ ପାଧୋଇ ଠାକୁର ପୂଜା କରିସାରି ଶୋଇବା ଘରେ ପଶି ବାପାଙ୍କ ପାଖୁ ଚିଠିଟିଏ ଲେଖିବାକୁ ଭାବିଲା । ଲେଖିବା ଆରମ୍ଭ କରିବା ଆଗରୁ ଶାଶୁଙ୍କ ଆଜ୍ଞା ପାଳନ କରି ପୁଣି ରୋଷେଇ ଘରେ ପଶିଲା ସେ ।

ବାପାଙ୍କ ପାଖୁ ନ ଲେଖିଥିବା ଚିଠିଟି ଏଇପରି ।

"ବାପା, ମୋର ପ୍ରଣାମ ଗ୍ରହଣ କରିବ । ବୋଉକୁ ବି ଜଣାଇ ଦେବ । ମୁଁ ବେବିର ଠିକଣା ଜାଣିନଥିବାରୁ ତମକୁ ଲେଖୁଛି । ତାକୁ କହିଦେବ ଭଲ କରି ପାଠ ପଢି ଚାକିରି କରିବ ନିଶ୍ଚୟ । ଯଦି ପାଠ ନ ହୁଏ ତେବେ ଯାଇ ବାହାହବ । ବାହା ହେଲେ ପିଲା ଜନ୍ମ କରିବା ଦରକାର ନାହିଁ । ପିଲା ଜନ୍ମ କରିବନି । ରାତିରେ କବାଟ ଖୋଲି ଶୋଇବନି କିମ୍ବା ନିଆଁ ସାଙ୍ଗରେ ଖେଳିବନି । ଏଇଟା ମୋର ବେବିକୁ ଶେଷ ଉପଦେଶ । ହଁ, ତମେ କୌଣସି ପରିସ୍ଥିତିରେ ଯା'ଙ୍କ ଘରକୁ ଆସିବନି । ମୁଁ ବୋଧହୁଏ ଶୀଘ୍ର ତୁମକୁ ଦେଖିବି । ॥ ଇତି ॥ ଦେବୀ ।"

ରୋଷେଇ ଘରେ ପଶିବା ଆଗରୁ ଶାଶୁଙ୍କୁ ଗୋଟିଏ ଦୀର୍ଘ ମୁଣ୍ଡିଆ ମାରିଲା ଆଉ ଅଯାଚିତ ଆଶୀର୍ବାଦରୁ ମୋଷ୍ଟାଏ ଧୂପକାଠିରୁ ଝରି ପଡୁଥିବା ପାଉଁଶ ପରି ବାସ୍ନାହୀନ ବିଭୂତି ତା ମୁଣ୍ଡରେ ଝରିପଡ଼ିଲା । ସେ ତା' ଭିତରେ ପୋତି ହୋଇ ପଡ଼ିଲା । ଝାଡ଼ିଝୁଡି ହୋଇ ରୋଷେଇ ଘରେ କାମ ଆରମ୍ଭ କଲା । ସବୁଦିନ ପରି ଆଜି ବି ପରିବା କାଟିଲା, ଶାଗକାଟିଲା ଆଉ ଜାଣି ଜାଣି ଆଙ୍ଗୁଠି କାଟିଲା । ଆଙ୍ଗୁଠିକୁ ଚୁଚୁମି ଦେଖିଲା ଦେବୀ, କୁଆଡେ ଗଲା ତା ଶିରା ପ୍ରଶିରାର ଲାଲ୍ ସ୍ରୋତ ? ବୁଝିଗଲା ସେ ସବୁ ଏବେ ବିପରୀତ ମୁଖୀ ।

ଗ୍ୟାସ୍‌ଟା ଅନ୍ କଲା । ଦିଆସିଲିଟା ଲଗେଇ ବର୍ଣ୍ଣରର ସୁଇଚ୍‌ଟା ଅନ୍ କରି ଧରିଲା ସେ । ଠକ୍ କରି ନିଆଁଟା ଧରିଗଲା ଗ୍ୟାସ୍‌କୁ । ଶାଶୁ ତେଣେ ପାଟି କରି ଉଠିଲେ, "କେତେ ଡେରି କରୁଛ ମ ? ପୁଅର ତେଣେ ବେଳ ହେଇ ଯାଉଛି; ବାପାଙ୍କୁ ପରା ଭୋକ ହେଲାଣି । ଆଉ କେତେ ସମୟ ଲଗେଇବୁ ? ତୋ ମା' ତତେ ଏଇଆ ଶିଖେଇ ଛାଡିଛି କି ?"

ଦେବୀ ଉତ୍ତର ଦେବାରେ ଡେରି କରିନି । "ରାନ୍ଧୁଛି ମା', ଆଉ ଟିକେ ।" ତା ମେରୁଦଣ୍ଡ ଉପରେ ଥିବା ଶୃଙ୍ଖଳା କ୍ଷତଟା ହଠାତ୍ କମ୍ପି ଉଠିଲା । ସେ ପିଠି ଆଉଁସି ଦେଖିଲା

Digitized by srujanika@gmail.com

କିନ୍ତୁ ତା' ହାତ କଷ୍ଟକର ସ୍ଥାନଟିରେ ପହଞ୍ଚି ପାରିଲା ନାହିଁ । ସେ ବହୁ ଚେଷ୍ଟା କଲା କିନ୍ତୁ ତାହା ଅସମ୍ଭବ ମନେହେଲା । ତାକୁ ଲାଗିଲା ତା ପିଠିରେ କେବଳ ଛୋଟ କ୍ଷତଟିଏ ନୁହେଁ ଗୋଟେ ବିରାଟ ଗର୍ତ୍ତ ହୋଇଛି । ସେଇବାଟ ଦେଇ ତାର ସମସ୍ତ ସତ୍ତା କ୍ଷରିତ ହୋଇଯାଉଛି ଏବଂ ସେ ନିଜେ ଗରମ ଲାଭା ପରି ବୋହିଯାଉଛି । ତାର ତାପମାତ୍ରା ଅସଂଭବ ଭାବରେ ବଢିଯାଇଛି । ସେ ସିନ୍ଥେଟିକ୍ ଶାଢି କାଢି କଡ଼କୁ ଫିଙ୍ଗିଦେଲା ବେଳକୁ ତହିଁରେ ନିଆଁ ଲାଗି ଯାଉଛି । ଜଳନ୍ତା ଶାଢୀଟା ତା ଦେହରେ ଜଡ଼େଇ ଯାଉଛି ଏବଂ ସେ ହୁତ୍‌ହୁତ୍ ହୋଇ ଜଳୁଛି ।

ଏହା ଥିଲା ଦେବୀର ଶେଷ ଶକ୍ତିର ଚରମ ପ୍ରକାଶ । ଏ ନିଆଁ ହେଉଛି ତାହାର ପ୍ରଖର ପ୍ରଜ୍ୱଳନଶୀଳତାର ପ୍ରତ୍ୟକ୍ଷ ପ୍ରମାଣ । ଆଲୁଅ ଅନ୍ଧାର ଭିତରେ ଛାଇଛାଇକା ଶୀତଳ ସମ୍ପର୍କର କଣ୍ଟକିତ କାରାଗାରରୁ ମୁକ୍ତ ହୋଇ ସେ ଏବେ ପହଞ୍ଚିଛି ଶିଖାର ଶୀର୍ଷରେ । ତା'ର ଭଙ୍ଗୁର ଶରୀରରେ ପ୍ଲାଷ୍ଟିକ୍ ପର୍ଦାପରି ଚମଡା ଉପରେ ରଙ୍ଗୀନ ନିଆଁର ଅନିୟନ୍ତ୍ରିତ ନୃତ୍ୟ । ବାହାଘରର ଶୀତଳ ଭଣ୍ଡାରରୁ ବାହାରି ଆସି ଦେବୀ ତା'ର ବାରୁଦୀ ଦେହରେ ଗଢ଼ିଛି ଏକ ଆଗ୍ନେୟ ମୀନାର । ନିଆଁ ସହିତ ତା'ର ଗୋପନୀୟ ପ୍ରୀତିକୁ ସ୍ୱୀକାର କରି ସେ ପ୍ରଥମ ଥର ପାଇଁ ରଙ୍ଗର ମାଦକତା ବୁଝିପାରିଥିଲା ।

ସେ ଦେଖୁଛି, ତା ଦେହ ରଙ୍ଗ ବିଚ୍ଛୁରଣ କରୁଛି ଏବଂ ଇନ୍ଦ୍ରଧନୁ ପରି ସାରା ଆକାଶଟାକୁ ଢାଙ୍କି ଦେଉଛି ।

❑❑❑

Digitized by srujanika@gmail.com

# ପ୍ରତ୍ୟାହାର

ଭାରତ ରାଜନୈତିକ ମାନଚିତ୍ରରେ ସ୍ଥାନ ପାଇନଥିବା ସେ ଏକ ଦୁଷ୍ପ୍ରବେଶ୍ୟ ଅଞ୍ଚଳ ଯେଉଁଠି ଡାକ୍ତରଖାନା ନାହିଁ, ସ୍କୁଲ୍ ନାହିଁ, ଦୋକାନ ବଜାର କିଛି ନାହିଁ । ସେମିତିକା ଜଙ୍ଗଲିଆ ଇଲାକାର ଗାଁ ଟିଏ । ସେଠିକୁ ଯିବାକୁ ସିଧା ରାସ୍ତା ନାହିଁ । ପ୍ରତିଥର ଗଲାବେଳେ ନୂଆବାଟ କାଟି ଯିବାକୁ ହୁଏ । ଯିଏ ସେଠାକୁ ଯିବ ସେ ପୂର୍ବରୁ ଚିହ୍ନାପରିଚୟ ଲୋକଟିଏ ଭେଟିବ ନାହିଁ । ଆଗରୁ ଶୁଣିଥିବା କଥାମାନ ଶୁଣିବ ନାହିଁ । ତାକୁ ବି କେହି ଚିହ୍ନିବେ ନାହିଁ, କୁଶଳ ମନାସ କରିବେ ନାହିଁ । ସେ ତା' ଯାନବାହନକୁ ଦୂରରେ ଛାଡ଼ି, ଛତାଟିଏ ଧରି ଖାଲି ପାଦରେ ଚାଲିଚାଲି ଆସିବ । ନଈଟିଏ ପାରି ହବ, ପାହାଡଟିଏ ଅତିକ୍ରମ କରିବ । ତା ଦେହରେ କଣ୍ଟା ଫୋଡି ହେବ ଏବଂ ସେ ପଥର ଝୁଣ୍ଟିବ, ତେବେ ଯାଇ ସେଠାରେ ପହଞ୍ଚିବ ।

ସେଇଠି ତା'ସହିତ ଭେଟ ହେବ । ସେ ବୁଲୁଥିବ, ନହେଲେ ଚୁପ୍‌ଚାପ୍ ପଥର ଖଣ୍ଡ ଉପରେ ବସିଥିବ ।

ସିଧା ତା'ରି ମୁହଁରୁ ତା'ରି କଥା ଶୁଣିବା ପାଇଁ ମୁଁ ଆସିଛି ବୋଲି କହିବାରୁ ଗାଁର ସବୁଠାରୁ ପୁରୁଖା ଲୋକ ମତେ ତା ବିଷୟରେ ଯେଉଁ ପ୍ରାରମ୍ଭିକ କାହାଣୀ ଶୁଣାଇଥିଲା ତାହା ଏହିପରି-

"ତାକୁ ଦେଖିଲା ମାତ୍ରେ ତୁମେ ଚିହ୍ନି ଦେବ । ତା'ର ନାଁଆ କ'ଣ ଆମେ ଜାଣିନୁ, ତେଣୁ ତୁମେ ତାକୁ ନାଁ ଧରି ଡାକିପାରିବନି । ପଚାରିଲେ ବି ସେ ତା ନାଁ କହିପାରିବନି । ତୁମେ କିନ୍ତୁ ମୁହାଁମୁହିଁ ତା ସହିତ କଥାବାର୍ତ୍ତା କରିପାରିବ । ଭଲମନରେ ଯାହା କିଛି ପଚାରିଲେ ସେ ଉତ୍ତର ଦେବ । ସବୁ କହିବ, କିଛି ଲୁଚାଇବନି । ଭାରି ନିର୍ମଳ ହୃଦୟର ଲୋକଟା । ଆଉ ଗୋଟେ କଥା ମନେ ରଖିଥିବ, ତାକୁ ଥଟ୍ଟା କରିବନି । ସାବଧାନ । ତା ପାଖକୁ ଭଦ୍ରାମିର ସହିତ ଯିବ ଆଉ ତାକୁ ନିଜ ଲୋକପରି ବିଚାର କରି କଥାବାର୍ତ୍ତା ଆରମ୍ଭ କରିବ । ତା'ପରେ ସବୁ ଠିକ୍ ଚାଲିବ ।

ପୁରୁଖା ଲୋକ ଜଣକ ମତେ ପୁଣିଥରେ ସତର୍କ କରାଇଦେଇ କହିଲେ, ଦେଖ ତମେ ସହରୀ ମେମ୍ । ତମକୁ ଏ ଅତ୍ୟାଧୁନିକ ବେଶ ପୋଷାକରେ ଦେଖିଲେ ସେ ହୁରୁଡି ଯାଇପାରେ । କିନ୍ତୁ ତୁମେ ନଡରି ତାକୁ ପୁରୁଣା ସାଙ୍ଗ ପରି ଭାବି ତା'ଆଡକୁ ଆସ୍ତେ ଆଗେଇ ହାତ ବଢେଇଲେ ସିଏ ବି ତା' ହାତ ବଢାଇବ । ତମକୁ ତା' ପାଖରେ

Digitized by srujanika@gmail.com

ବସିବାକୁ କହିବ । ତମେ ତା' କଥା ମାନିବ ଏବଂ ସାବଧାନତାର ସହିତ କଥାବାର୍ତ୍ତା ଆରମ୍ଭ କରିବ ।

ତମେ କହିବ ଆଜି ପାଗ ଭଲ ଅଛି, କେତେ ସୁନ୍ଦର ଦିନଟା ! ତା'ପରେ ସେ ଆକାଶକୁ ଚାହିଁବ ଏବଂ ମୁଣ୍ଡ ଟୁଙ୍ଗାରିଦବ । ସେ କହିବ, "ତୁମ ଆଗରୁ ଆହୁରି ଦୁଇଜଣ ଲୋକ ମତେ ଭେଟିବାକୁ ଆସିଥିଲେ, କିନ୍ତୁ ପ୍ରବଳ ବର୍ଷା ହେବାରୁ ସେମାନେ ଓଦା ହୋଇ ଫେରିଯାଇଥିଲେ । ଦେଖୁନ, ପୋଖରୀରେ ପାଣି ଗୋଳିଆ ହୋଇଛି ।" ତମେ ତା ସହିତ ଛଳନା ନକରି କଥାବାର୍ତ୍ତା କଲେ ସେ ତା ଆଡୁ ଆପେ ସବୁ କଥା ଖୋଲି କହିବ । ତେଣିକି ତମେ ଯାହା ପଚାରୁଛ ପଚାର । ମନେରଖ ଦରଖଣ୍ଡିଆ ଇଂଲିଶ୍‌ରେ ତାକୁ କିଛି ପଚାରିଲେ ସେ ବିଗିଡ଼ି ଯିବ । କିନ୍ତୁ ଥରେ ତମ ଉପରେ ତାର ବିଶ୍ୱାସ ହୋଇଗଲେ ତମେ ଯାହା କହିବ ସେ ମାନିବ ।

ଏତେ ସବୁ କଥା କହିସାରିବା ପରେ ପୁରୁଖା ଲୋକ ଜଣକ ପ୍ରଶ୍ନ କଲେ, "କିନ୍ତୁ ତମେ ତାଙ୍କୁ କାହିଁକି ଭେଟିବ ?"

"ଆଜ୍ଞା ଆମ ଖବର କାଗଜରେ ତା ଉପରେ ଗୋଟିଏ ରିପୋର୍ଟ ଲେଖିବାର ଅଛି । ସେଥିପାଇଁ ମତେ ଦାୟିତ୍ୱ ଦିଆଯାଇଛି । ମୋ ପାଇଁ ଏଇଟା ଗୋଟେ ପରୀକ୍ଷା..." ମୁଁ ଭେଟିବାକୁ ଯାଉଥିଲି ଏ ବିଶ୍ୱ ବ୍ରହ୍ମାଣ୍ଡରେ ଏମିତି ଏକ ଚରିତ୍ରକୁ ଯାର ସରଳ ନିଷ୍ପାପ ଦୀନ (ହୀନ ?) ଜୀବନ ଭାରତର / ଓଡ଼ିଶାର / ଏକ ଅଖ୍ୟାତ ମାଳ ଅଞ୍ଚଳର ଲୋକଲୋଚନର ଅନ୍ତରାଳରୁ ଅଚିହ୍ନା ହୋଇ ରହିଯାଇଛି । ତା'ର ଉଲ୍ଲେଖ ପୃଥିବୀର କୌଣସି ତଥ୍ୟଭିତ୍ତିକ ରେକର୍ଡ ବହିରେ ନାହିଁ । ଏପରି ଲୋକ ଯାହାର ନାଁଟିଏ ମଧ୍ୟ ନାହିଁ । (ଧରାଯାଉ ତାର ନାଁ କିଛିବି... ଗ୍ରହଣଯୋଗ୍ୟ ନାଁଟିଏ ମଧ୍ୟ ମିଳେନାହିଁ) । ସବୁଠାରୁ ଦୀନ ଦରିଦ୍ର । ତା' ତଳକୁ ଆଉ କେହି ନାହିଁ । ଦାରିଦ୍ର୍ୟ ରେଖାଠାରୁ କାହିଁ କେତେ ତଳେ ରସାତଳରେ ପଡ଼ି ରହିଥିବା ଏହି ଲୋକଟିର ଜୀବନାଦର୍ଶ ପ୍ରଣିଧାନ ଯୋଗ୍ୟ । ତାକୁ ଚିହ୍ନିବା ପାଇଁ ପ୍ରବଳ ଆଗ୍ରହ ନେଇ ମୁଁ ତା' ପାଖକୁ ଯାଉଥିଲି । ପୁରୁଖା ଲୋକ ଜଣକ ମୋର ଶୁଭ ମନାସିଲେ ଏବଂ 'ତଥାସ୍ତୁ' କହିଲେ । ମୁଁ ଆଗେଇଲି ।

ମୋ ନିକଟରେ ଗଚ୍ଛିତ ଥିବା ସୂଚନା ଅନୁସାରେ ସେଇ ଦରିଦ୍ର ଲୋକଟି ପାଖରେ ବସ୍ତୁବାଦୀ ଚେତନାର ଘୋର ଅଭାବ ଥିଲା, ମାତ୍ର ବିଚାର ବୁଦ୍ଧିର ପ୍ରୟୋଗରେ ସେ କାହାରିଠାରୁ କମ୍ ନଥିଲା । ହୁଏତ ତା' ପାଖରେ ଆପଣାର ସମ୍ପତ୍ତି ବୋଲି କିଛି ନଥିଲା । ଏବଂ ତାକୁ କାଗଜରେ ଛପା ନୋଟ୍ ଦେଖାଇଲେ ମଧ୍ୟ ସେ ଚିହ୍ନିପାରି ନଥାନ୍ତା । ସୁନାରୁପା ଗହଣାଗାଣ୍ଠି ହୀରାମୋତି ଆମକୁ ଅପୂର୍ବ । ମାତ୍ର ତା'ପାଇଁ ମୂଲ୍ୟବାନ୍ ନଥିଲା । ସେ ଧନସମ୍ପତ୍ତିକୁ ଚାହେଁ ନାହିଁ ଛୁଏଁ ନାହିଁ । ଲୋଭ ପ୍ରତିବଦ୍ଧଳରେ ତା' ନିକଟରେ ଥିଲା ପର୍ଯ୍ୟାପ୍ତ ଦୁଃସାହସ ଏବଂ ଅସରନ୍ତି ମାନବିକତାର ମୂଳାଧାର । ଭୂତ ଭବିଷ୍ୟତର ଚିନ୍ତା, ହାସ୍ୟକାରୁଣ୍ୟର

Digitized by srujanika@gmail.com

ଉଦ୍‌ବେଳନ ତଥା ପ୍ରେମ ଓ ଭୟର ବିଭ୍ରାନ୍ତିଠାରୁ ସେ ନିଜର ଆତ୍ମାକୁ ଦୂରେଇ ରଖିଥିଲା । ହୁଏତ ସେ ଏକ ନାଟକୀୟତା ମଧ୍ୟରେ ବଞ୍ଚି ରହିଥିଲା ଏବଂ ନିର୍ଭୟରେ ଭବିଷ୍ୟତ ଆଡକୁ ସାହସିକ ପଦକ୍ଷେପ ପକାଇ ଆଗକୁ ଚାଲୁଥିଲା । ତାର ସ୍ୱପ୍ନ ଉପରେ ଆସ୍ଥା ନଥିଲା ଏବଂ ସ୍ୱାସ୍ଥ୍ୟପ୍ରତି ଖାତିର ନଥିଲା । ସେ କେବଳ ବର୍ତ୍ତମାନ-ସର୍ବସ୍ୱ ଜୀବନଟି ଜୀଇଁଥିଲା ।

ତା'ର ରହିବା ପାଇଁ ଘର ନଥିଲା । ସେ ନିଜ୍ ପାଇଁ ଛୋଟ କୁଡ଼ିଆଟିଏ ତିଆରି କରିଥିଲେ ବି ତା' ଭିତରେ କ୍ୱଚିତ୍ ରହୁଥିଲା । ଗାଁର ଲୋକମାନେ ତାକୁ ପର୍ବପର୍ବାଣୀରେ ଖାଇବାକୁ ଓ ପିନ୍ଧିବାକୁ ଗାମୁଛା ଦେଉଥିଲେ । ସେଇ ଥିଲା ତା'ର ସର୍ବସ୍ୱ । କେବେ ଯଦି ଭୋକ ହୁଏ ସେ ଫଳମୂଳ, ପିଜୁଳି, କାକୁଡି ଇତ୍ୟାଦି ଗଛରୁ ତୋଳି ଖାଏ । କେହି କେହି ଗାଁ ଲୋକ ତାକୁ ଖୁସିରେ ବିସ୍କୁଟ୍ ବା ଚକୋଲେଟ୍ ଦେଲେ ସେ ଖୁସିରେ ଖାଏ । ଥରେ ଅଧେ  ଭୋଟ୍ ବେଳେ ଦେଶୀ ଦାରୁ ପିଇ ମାତାଲ ବି ହୋଇଛି । ସେ ବେଳେ ବେଳେ ମୁଡ୍‌ରେ ଆସି ଉଚ୍ଚ ସ୍ୱରରେ ଗୀତ ମଧ୍ୟ  ଗାଏ । ତାର ତାଳ, ଲୟ, ସ୍ୱର, ଭାଷା, ଭାବ କେହି ବୁଝିପାରନ୍ତି ନାହିଁ । ହେଲେ ଗାଁର କୌଣସି ଲୋକ ଆଜି ପର୍ଯ୍ୟନ୍ତ ତାକୁ ଖଳ ବୁଦ୍ଧି ବା ଦୁଷ୍ଟ ଚରିତ୍ର ବୋଲି ବିଚାରି ନାହାଁନ୍ତି । ତାକୁ ଭେଟିବାଟା ମୋ ପାଇଁ ଏକ ଅଭୁଲା ଘଟଣା ହେବ । ତାକୁ ଦେଖିବା ମାତ୍ରେ ସେ ଏଠାକୁ କିପରି ଆସିଲା ସେ କଥାକୁ ନେଇ ଏକ ଚାଞ୍ଚଲ୍ୟଭରା କାହାଣୀ ମୋ ମନ ଭିତରେ ଆପେ ସମ୍ପାଦିତ ହୋଇଗଲା । ମୁଁ କିନ୍ତୁ କଳ୍ପନାକୁ ପ୍ରଶ୍ରୟ ନ ଦେଇ ସତ୍ୟର ସାମ୍ନା କରିବାକୁ ଆଗେଇଲି ।

ମୁଁ ନିଜକୁ ସଭ୍ୟସମାଜର ଜଣେ ପରିବ୍ରାଜିକା ବୋଲି ପରିଚୟ ଦେଇ ତା ଆଡକୁ ହାତ ବଢ଼ାଇଲି ତ ସେ ମୋ ଆଡକୁ ସ୍ୱତଃ ତାର ଡାହାଣ ହାତ ବଢାଇଦେଲା । କରମର୍ଦ୍ଦନ ହେଲା । କଥାବାର୍ତ୍ତା ପାଇଁ ବାଟ ଖୋଲିଗଲା । ମୁଁ ମୋର ସମସ୍ତ ମାନସ ସମ୍ବଳକୁ ସଜାଗ କରି ତା'ସହିତ ଏକ ସାକ୍ଷାତକାର ପାଇଁ ପ୍ରସ୍ତୁତ ହୋଇଗଲି । ମୁଁ ତା'ର ପ୍ରତିଟି ଶବ୍ଦର ଅର୍ଥ ଓ ପ୍ରତିଟି ବାକ୍ୟର ମହତ୍ତ୍ୱକୁ ଲିପିବଦ୍ଧ କରିବାକୁ ପ୍ରସ୍ତୁତ ହୋଇଯାଇଥିଲି ଏବଂ ମୋର ହାଣ୍ଡବ୍ୟାଗ୍ ଭିତରେ ଥିବା ଛୋଟିଆ ସୋନି ଟେପ୍‌ରେକର୍ଡରଟାକୁ ଅନ୍ କରିସାରିଥିଲି ।

ସେ ସେତେବେଳକୁ ଏକ ଲମ୍ବା ପଥର ଉପରେ ଗୋଡ ଝୁଲାଇ ବସିଥିଲା । ତା'ପରେ ବଳକା ସ୍ଥାନରେ ବସି ମୁଁ ତା ମୁହଁକୁ ଚାହିଁ କଥାବାର୍ତ୍ତା କିପରି ଆରମ୍ଭ କରିବି ସେଇକଥା ଚିନ୍ତା କରୁଥିଲି । ମୋ ମନରେ ଅନେକ ପ୍ରଶ୍ନ ଥିଲା ହେଲେ ସବୁ ପ୍ରଶ୍ନ ପଚାରିବା ଏଠାରେ ଠିକ୍ ହେବ ନା ନାହିଁ ଜାଣିପାରୁନଥିଲି । ହୁଏତ୍ ସେ ମୋ ପ୍ରଶ୍ନକୁ ଏଡ଼ାଇ ଯାଇପାରେ, ନିରବ ରହିପାରେ, ଉତ୍‌କ୍ଷିପ୍ତ ବି ହୋଇପାରେ । କିନ୍ତୁ ତାକୁ କଥା କୁହାଇବାକୁ ପଡ଼ିବ । ଏବଂ ତା' କଥାରୁ ସିଧା ହେଉ ବଙ୍କା ହେଉ ଯାହା ବି ଆଭାସ ମିଳିବ ସେଇ ହେବ ତାର ବାର୍ତ୍ତା ।

Digitized by srujanika@gmail.com

ଚିରାଚରିତ ଭାବେ ପାଣିପାଗ ଉପରେ ମନ୍ତବ୍ୟ ଦେଇ ଆଳାପ ଆରମ୍ଭ କରିବା ଉଦ୍ଦେଶ୍ୟରେ କହିଲି, "ଏଠି ପ୍ରକୃତି କେତେ ମନଲୋଭା, ଆକାଶ କେତେ ନିର୍ମଳ, ଚଢ଼େଇମାନଙ୍କର କାକଳି କେତେ ମୂର୍ଚ୍ଛନାମୟ ! ସହରରେ ଏସବୁ ନଥାଏ । ଆମେ ସବୁ ପ୍ରଦୂଷଣକ୍ଲିଷ୍ଟ ଲୋକମାନେ ଏପରି ସୁନ୍ଦର ଜାଗାଠୁ ବହୁତ ଦୂରରେ ।"

ମୋର ଅଭିମତ ଉପରେ ନିଜର ମନ୍ତବ୍ୟ ନଦେଇ ସେ ଆକାଶକୁ ଚାହିଁ କହିଲା, "ଏଇଟା ମୋ ମୁଣ୍ଡ ଉପରେ ଛାତ" । ପାଖ ଘାସ ବୁଦାରେ ରହି ରହି ଡ଼େଉଁଥିବା ଝିଣ୍ଟିକା ଆଡେ ଆଙ୍ଗୁଠି ବଢ଼ାଇ କହିଲା, "ଏଇଟା ମୋର ସାଙ୍ଗ । ବଣର ଫଳମୂଳ ମୋର ଆହାର, ଗଛପତ୍ର ମୋର ଅନ୍ତରଙ୍ଗ, ଫୁଲ ମୋ ପାଇଁ କବିତା । ଏ ଚତୁର୍ଦ୍ଦିଗରେ ଯାହାସବୁ ଦେଖୁଛ ସେ ସବୁ ମୋର ନିଜର, ଅତି ପ୍ରିୟ । କାନେଇଲେ ଶୁଣିପାରିବ ଏକ ଅଦ୍ଭୁତ ସଂଗୀତ ।" ଉଡି ଉଡି ଆସିଲା ଏକ ପ୍ରଜାପତି, ତା' ହାତ ପାଖରେ ବସିଲା । ତାକୁ ଦେଖାଇ କହିଲା "ଇଏ ହେଲା ମୋର ଚିତ୍ରିତ ବର୍ତ୍ତମାନ ।"

ମୋ ବିଚାରରେ ସେ ସତ କହୁଥିଲା । ତା'ପାଇଁ ପ୍ରକୃତିର ରୂପ ଥିଲା ଅଲଗା । ସେ ହଠାତ୍ ଅଣ୍ଟାରେ ଗୁଡାଇ ରଖିଥିବା ପିଜୁଳିଟାଏ ଖୋଲି କାଢ଼ିଲା ଏବଂ ମୋ ହାତକୁ ଦେଇ ଖାଇବାକୁ ଆଦେଶ ଦେଲା । ନିପଟ କଷି ପିଜୁଳିଟା କେମିତି ଖାଇବି ନ ଜାଣି ମୁଁ ତାକୁ ହାତରେ ଧରି ବସି ରହିଲି ତ ସେ ମୋ ଆଡେ ରାଗିରାଗି ଚାହିଁଲା । ମୁଁ ତାର ଅପ୍ରିୟ ନ ହେବାକୁ ନିଷ୍ପତ୍ତି ନେଇଥିବାରୁ ମୁଁ ସେହି କଷି ପିଜୁଳିକୁ ପାଚିଲା ଆପଲ୍ ପରି ବିଚାରି ଆଗ୍ରହରେ କାମୁଡ଼ି ଖାଇବାକୁ ଆରମ୍ଭ କଲି । ସେ ହସି ହସି ଚାହିଁଥିଲା । "କେମିତି ଲାଗୁଛି ?"

"ଭଲ, ଖୁବ୍ ମିଠା ।"

ସେ ପୁଣି ହସି ହସି ପଚାରିଲା, "ତମ ଆଡେ ଇଏ ମିଳେ ?"

"ନାଁ ଆମେ ଯେଉଁ ଫଳ ସବୁ ଖାଉ ସେ ସବୁ ଦୂରଦୂରାନ୍ତରୁ ଆସେ । ସେ ସବୁ ପ୍ୟାକେଟ୍‌ରେ ଜରିବନ୍ଧା ହୋଇ ଆମ ସହରକୁ ଆସେ । ତା ଭିତରେ କାଶ୍ମୀରରୁ ଆପଲ୍, ପଞ୍ଜାବରୁ ଆମ୍ବ, ବନାରସ୍‌ରୁ ପିଜୁଳି ଓ ହାଇଦ୍ରାବାଦରୁ ଅଙ୍ଗୁର । ଆମର ନିଜର କିଛି ବାଡି ବଗିଚା ନାହିଁ ମାତ୍ର ଆମକୁ ସବୁ ମିଳିଯାଏ । ଆମ ସହରୀ ସ୍କୁଲ୍ ପିଲାମାନଙ୍କୁ ଯଦି ପଚାରିବ ଚାଉଳ କେଉଁଠୁ ଆସେ ସେମାନେ କହିବେ ମାର୍କେଟରୁ । ପରିବା, ମାଛ କେଉଁଠୁ ଆସେ ପଚାରିଲେ କହିବେ ହାଟରୁ ।"

ସେ ଆଶ୍ଚର୍ଯ୍ୟ ହୋଇ ସହରୀ ପିଲାମାନଙ୍କ ବୁଦ୍ଧିକୁ ତାରିଫ୍ କଲାପରି ବଡ଼ ବଡ଼ ଆଖିରେ ମୋ ଆଡେ ଚାହିଁଲା । ପଚାରିଲା "ତମେ ଆଉ ସବୁ ସେଠି କ'ଣ କର ? କେଉଁଠି ରୁହ, କ'ଣ ଖାଅ ଆଉ କେମିତି ସମୟ କଟାଅ ?"

"ଆମେ ବଡ଼ ବଡ଼ କୋଠାଘରେ ଦିମହଲା ତିନିମହଲାରେ ରହୁ । ରନ୍ଧାଖାନା ଖାଉ । ଫଳମୂଳ, ଆଇସ୍‌କ୍ରିମ୍ ଓ ଚକୋଲେଟ୍ ଖାଉ । ପାର୍କ ଯାଉ । ଟିଭି ସିନେମା

Digitized by srujanika@gmail.com

ଦେଖୁ । କେବେ କେବେ ବହି ପଢୁ ଆଉ ବହୁତ ସମୟ ମଉଜମଜଲିସ୍‌ରେ କଟାଉ ।”

“ସେଥିପାଇଁ ତମକୁ କ’ଣ କରିବାକୁ ହୁଏ ?”

“ପଇସା ଖର୍ଚ୍ଚ କରିବାକୁ ହୁଏ ଏବଂ ପଇସା ଖର୍ଚ୍ଚ କରିବାକୁ ହେଲେ ତାହା ରୋଜଗାର କରିବାକୁ ପଡ଼େ ।”

“ତାହା କିପରି ?”

“କାମ କରି ପରିଶ୍ରମ କରି ଟଙ୍କା ଉପାର୍ଜନ କରିବାକୁ ହୁଏ, ତା ହେଲେ ଯାଇ ଖର୍ଚ୍ଚ କରିବାରେ ମଜା ଆସେ ।”

“ଟଙ୍କା କ’ଣ ?”

“ଟଙ୍କା ଜାଣିନ ? ଟଙ୍କା, ହେଇଟି ଦେଖ ।” ମୁଁ ବ୍ୟାଗରୁ କାଢି ଚକଚକିଆ ଶହେ ଟଙ୍କିଆ ନୋଟ୍‌ଟାଏ ଦେଖାଇଲି; ଏବଂ କହିଲି “ଇଏ ହେଲା ଟଙ୍କା । ଆମର ସବୁ ସମସ୍ୟାର ସମାଧାନ, ଯାକୁ ନେଇ ତମେ ଯାହାକୁ ଦେବ ସେ ତାର ପ୍ରତିବଦଳରେ ଯାହା ମାଗିଲେ ବି ଦବ ।”

“ଯାହା ମାଗିଲେ ଦବ ? ସେୟା କହିଲ ନାଁ ?”

“ହଁ ।”

ତା’ପରେ ସେ ଗମ୍ଭୀର ହୋଇଗଲା ଏବଂ ଚିନ୍ତା କଲା ଯେ ଏପରି କ’ଣ ଦ୍ରବ୍ୟ ଅଛି ଯାହା ସେ ପାଇନାହିଁ ଏବଂ ଏ ଟଙ୍କା ବିନିମୟରେ ସେ ତାହା ପ୍ରାପ୍ତ ହେବ । ସେ ଅବିଶ୍ୱାସରେ ପୁନରାୟ ପ୍ରଶ୍ନକଲା ।

“ତେବେ ମୁଁ ଯାହା ମାଗିବି ତାହା ପାଇବି ?”

“ନିଶ୍ଚୟ ।”

“ତେବେ ମତେ ସେଇ ଟଙ୍କାକୁ ଦିଅ । ମୁଁ ଗୋଟେ କଥା ପାଇବାକୁ ମନ କରିଛି ।”

“ତାହା କ’ଣ ?”

“କହିବିନି । ସେଇଟା ମୁଁ ନିଜେ ଆଣିବି ।”

“ମାତ୍ର ତମକୁ ଏ ଟଙ୍କା ଖାଲିଟାରେ ଦେଇ ହେବନି । ତମକୁ ଏହାକୁ ଉପାର୍ଜନ କରିବାକୁ ହେବ । ହୁଏତ କିଛି କାମ କରିବାକୁ ପଡ଼ିପାରେ । ମୋ ସର୍ତ୍ତରେ ରାଜି ହେବାକୁ ପଡ଼ିବ ।”

“କ’ଣ କରିବି କୁହ ।” ସେ ଅତି ଆଗ୍ରହରେ କହିଲା, “ତୁମେ ଯାହା କହିବ ମୁଁ କରିବାକୁ ପ୍ରସ୍ତୁତ ।”

“କିଛି କରିବା ଦରକାର ନାହିଁ । ମୁଁ ଯାହା ପଚାରିବି ତାର ଠିକ୍ ଠିକ୍ ଉତ୍ତର ଦେବ । କିଛି ଲୁଚାଇବନି । ମୋର ପ୍ରତ୍ୟେକ ପ୍ରଶ୍ନର ସଠିକ୍ ଉତ୍ତର ପାଇଁ ମୁଁ ତୁମକୁ

Digitized by srujanika@gmail.com

ପାରିଶ୍ରମିକ ଅର୍ଥ ପ୍ରଦାନ କରିବି । ଥରେ ତୁମ ହାତରେ ପଡ଼ିଲେ ଏ ଟଙ୍କା ତୁମର ହେଇଯିବ ଏବଂ ତାକୁ ନେଇ ତୁମେ ଯା'ଇଚ୍ଛା ତା କରିପାର ।" ସେ ମୋ କଥା ଶୁଣି ଅତ୍ୟନ୍ତ ଉତ୍ସାହିତ ହୋଇପଡ଼ିଲା । ସେ ଯେ କୌଣସି ପ୍ରଶ୍ନର ଉତ୍ତର ଦେଇ ସେହି ଟଙ୍କାକୁ ଅର୍ଜିବା ପାଇଁ ପ୍ରସ୍ତୁତ ଥିଲା ।

ତା'ପରେ ମୁଁ ମୋର ପ୍ରଶ୍ନ ପଚାରିବାକୁ ଆରମ୍ଭ କଲି, "ପ୍ରଥମେ ମୁଁ ପଚାରିବି ତୁମେ କିଏ, କେଉଁଠୁ ଆସିଲ ଏବଂ ଏଠାରେ କିପରି ପହଞ୍ଚିଲ ? କିଏ ତୁମର ମାତାପିତା ?"

"ଜାଣେନି, ଜାଣେନି, ଭଲ କରି ଜାଣେନି ।"

"ତୁମର ସେମାନଙ୍କ ଉପରେ ଧାରଣା କ'ଣ ?"

"ସେମାନେ ହତଭାଗ୍ୟ ଥିଲେ ।"

"ତାଙ୍କ ବିଷୟରେ ତମର କିଛି ସ୍ମୃତି ଅଛି, କିଛି ମନେ ପଡୁଛି ?"

"ହଁ ମୋର ମନେ ପଡୁଛି ମୋ ବାପା ଜଣେ ସୁଦୃଶ୍ୟ, ସୁଉଚ୍ଚ, ଉନ୍ନତ ଶରୀରଧାରୀ ସୁପୁରୁଷ ଥିଲେ । ତାଙ୍କ ହାତରେ ଗୋଟେ ବନ୍ଧୁକ ଏବଂ ମୁଣ୍ଡରେ ଗୋଟେ ଟୋପି ଥିଲା । ସେ ବି ତୁମ ପରି କଳା ଚଷମା ପିନ୍ଧୁଥିଲେ । ଆଉ ମା' ତାଙ୍କର ଛାଇପରି ତାଙ୍କ ପଛେ ପଛେ, ସାରା ଜୀବନ ତାଙ୍କର ପୂଜା ପାଇଁ ନିଜକୁ ଅର୍ପଣ କରିଥିଲା । ସେ ଆଦର୍ଶ ପତ୍ନୀ ଥିଲା । ବାପା ଗୋଟେ ବିଲାତି କୁକୁର ପୋଷିଥିଲେ ଏବଂ ମା' ଗୋଟେ ମୟୂର ପାଳିଥିଲା । କୁକୁର ଏବଂ ମୟୂର ଦି'ଟା ଭାରି ସାଙ୍ଗ ଥିଲେ । ବାପାଙ୍କର ଖୁସି ଥିଲା ଶିକାର କରିବା ଆଉ, ମା'ର ଘର ସଜାଇବା ।"

"ତା'ପରେ କ'ଣ ହେଲା ?"

"ତା'ପର କଥା ମୋର ମନେ ନାହିଁ । ସେତେବେଳେ ମୁଁ ବହୁତ ଛୋଟ ଥିଲି । ଆଉ କିଛି ମନେ ପଡୁନି ।"

"ସେମାନେ ତମକୁ ଭଲ ପାଉଥିଲେ ତ ?"

"ହଁ ବହୁତ ଭଲ ପାଉଥିଲେ । ଏତେ..." ସେ ହାତ ସଂପ୍ରସାରଣ କରି ଦେଖାଇବାକୁ ଚାହିଁଲା । "ବାପା ବଜାର ଗଲାବେଳେ ମୋ ପାଇଁ ଲଲିପପ୍ ଆଣୁଥିଲେ ।"

"ତୁମେ ସେମାନଙ୍କୁ ମନେ ପକାଅ ? ଖୋଜ ?"

"ଆଗରୁ ଛୋଟ ଥିଲା ବେଳେ ମନେ ପକାଉଥିଲି, ଏବେ ନୁହେଁ । ଏବେ ମୁଁ ବହୁତ ବଡ଼ ହୋଇଗଲିଣି ତ !"

"ଆଚ୍ଛା ତମର ଏବେ ଗୋଟେ ସାଧାରଣ ଦିନର ଚିତ୍ର କିପରି ?"

"ସବୁ ଦିନ ମୋ ପାଇଁ ସାଧାରଣ ଦିନ । ଉଠିଲାବେଳେ ଉଠେ । ଶୋଇଲା ବେଳେ ଶୁଏ । ମୁଁ କାହାରିକୁ ଖାତିର କରେନି, କାହାରିକୁ ଡରେନି । ଭୋକ ହେଲେ

Digitized by srujanika@gmail.com

ଖାଏ । ନହେଲେ ଶୋଇପଡେ । ମୋର କିଛି ଚିନ୍ତା ନଥାଏ ।"

"ନିରବରେ ଏକୁଟିଆ ରହି ରହି ବିରକ୍ତ ଲାଗେନି ?"

"ଲାଗେ, ହେଲେ କ'ଣ କରାଯିବ ? ମୋ ସାଙ୍ଗରେ ତ କେହି କଥା ହେବାକୁ ଚାହାଁନ୍ତିନି, ଭଲ ପାଆନ୍ତିନି । ମୋ ମନକୁ ଚିହ୍ନି ପାରନ୍ତିନି । ଏପାଖ ଗାଁର ଅନେକ ଲୋକ ମୋ ପାଖୁ ଆସିବାକୁ ଚାହାନ୍ତି ହେଲେ କାହିଁକି କେଜାଣି ଦୂରରେ ଠିଆ ହୋଇ ମତେ ଦେଖନ୍ତି ଆଉ ଟିକେ ପରେ ଚାଲିଯାନ୍ତି । ମତେ ହସ ଲାଗେ, ଏତେ ଡରୁଆ ଗୁଡାକ । ମୁଁ କ'ଣ ସେମାନଙ୍କୁ ଖାଇଦେବି ? ମାରି ପକାଇବି ? ହଁ ଛୋଟ ପିଲାମାନେ ଅବଶ୍ୟ ମୋର ନଖ ଦାଢ଼ୀ ଦେଖିଲେ ଡରିବେ । ଶୁଣିଛି କେତେଟା ଛୋଟ ପିଲାଙ୍କ ମା' ମତେ ବାୟାଭୂତ କହି ତାଙ୍କର ପିଲାମାନଙ୍କୁ ଡରାନ୍ତି । ଯା'ହଉ ଗୋଟେ କାମରେ ତ ଲାଗିଲି । ମତେ ବଡ଼ ହସ ଲାଗେ । ମୁଁ କ'ଣ ସତରେ ବାୟା ନା ଭୂତ ?"

ଏତିକି କହି ସେ ବଡ଼ ବଡ଼ ଆଖି କରି ମତେ ଗୋଡଠୁ ମୁଣ୍ଡ ଯାଏ ଚାହିଁଲା ଏବଂ ଉଚ୍ଚ ଗଳାରେ ଠୋ ଠୋ କରି ହସିଲା । ସେ ହସ ମୋ ଦେହରେ ଗଳିଗଲା । ମୁଁ ଶିହରି ଉଠିଲି । ଚାରିପଟରେ ଚେଁ ଚେଁ ହେଉଥିବା ଚଢେଇମାନେ ମଧ୍ୟ ତୁନି ହୋଇଗଲେ । ଝିଣ୍ଟିକାଟାଏ ଡେଇଁ ଡେଇଁ ଚାଲିଗଲା ଦୂରକୁ । ଲୋକର ପ୍ରଚଣ୍ଡ ଅଟ୍ଟହାସ୍ୟ ମୁଣ୍ଡ ଉପରେ ଆକାଶର ଗମ୍ବୁଜରେ ପ୍ରତିଧ୍ୱନିତ ହୋଇ ମୋ ପାଖକୁ ଫେରି ଆସିଲା ।

ତା'ପରେ ମୋର ଭୟକୁ ଲୁଚାଇ ମୁଁ ତା ଆଖିକୁ ଚାହିଁଲି ଏବଂ ତାକୁ ଅଧିକ ପ୍ରଶ୍ନ ପଚାରିବା ପୂର୍ବରୁ ସେ ମୋ ବ୍ୟାଗକୁ ଅନାଇ ପଚାରିଲା, "ସେ ଟଙ୍କାଟା ରଖିଛନା ମୋ ପାଇଁ ?"

"ହଁ, ରଖିଛି," ମୁଁ କହିଲି, "ଦେବା ପାଇଁ ତ ଆଣିଛି ।"

"ହଁ, ତେବେ ଆଉ ଯାହା ପଚାରିବାର ଅଛି ଜଲ୍‌ଦି ପଚାରି ଦିଅ ।"

ମୁଁ ପଚାରିବାକୁ ଲାଗିଲି, "ତମକୁ ସବୁଠୁ ବେଶି କ'ଣ କରିବାକୁ ଭଲ ଲାଗେ ?"

"ଏଠି ଏମିତି ପଥର ଉପରେ ଘୁମେଇ ଶୋଇ ପଡ଼ିବାକୁ" କହୁ କହୁ ସେ ଘୁମେଇ ପଡ଼ିଲା ଏବଂ ଲମ୍ବ ହୋଇ ପଥର ଉପରେ ଶୋଇ ପଡ଼ିଲା । ମୁଁ ଘୁଞ୍ଚିଗଲି । ଦେଖିଲି ତା ବନ୍ଦ ଆଖିପତା ତଳେ ତାର ଡୋଳାମାନେ ଘୂରି ବୁଲୁଥିଲେ ହୁଏତ ଅନ୍ୟ କିଛି ଦୃଶ୍ୟର ସନ୍ଧାନରେ । ସେ ଶୋଇ ଶୋଇ ବଉଳ ଫୁଲର ବାସ୍ନାକୁ ନାକରେ ଭରିଲା ଏବଂ ହଠାତ୍ ଚମକିଲା ପରି ପୁଣି ଉଠି କହିଲା, "ପଚାର ପଚାର ଯାହା ପଚାରିବା କଥା । ଆଉ ଡେରି କରନା । ଆଉ ଟିକେ ପରେ ଅନ୍ଧାର ହେଇଯିବ ।" ମୁଁ ଘଣ୍ଟା ଦେଖିଲି ସନ୍ଧ୍ୟା ହେବାକୁ ଆହୁରି ଘଣ୍ଟାଏ ଉପରେ ବାକି ଅଛି । ପଚାରିଲି, "ଆଚ୍ଛା ଏ ଗାଁ ଉପରେ ତମର ଧାରଣା କ'ଣ ?"

"ଏ ଗାଁ ଗୋଟେ ଅତି ଦିବ୍ୟ ଜାଗା। ଲୋକମାନେ ଏଠାରେ ଅତି ସଚ୍ଚରିତ୍ର ।

Digitized by srujanika@gmail.com

ମୋର ଅତି ପ୍ରିୟ ସେମାନେ । ହେଲେ ମୁଁ ସେମାନଙ୍କ ଗହଣରେ ରହିବାକୁ ଚାହେଁନି । କାରଣ ପାଖରେ ପାଖରେ ରହିଲେ ଶତ୍ରୁତା ହେବ । ସେମାନେ ତାଙ୍କ କାମ କରନ୍ତୁ, ମୁଁ ମୋ କାମ କରେ ।"

"କିନ୍ତୁ ତମେ ତ କିଛି କରୁନ ।"

"କିଏ କହିଲା ? ତମେ ଜାଣିନ ? କାମ ନ କରିବାଟା ବି ଗୋଟେ ବଡ଼ କାମ" ।

ମୁଁ କିଛି ବୁଝିପାରିଲିନି କ'ଣ ତାର ମତଲବ । ଏଥରକ ଆଉ ଅର୍ଥ ବୁଝିବାକୁ ଅପେକ୍ଷା ନକରି କେବଳ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଲି । ଉତ୍ତରରେ ତର୍ଜମା କରିବାକୁ ମତେ ପରେ ଅନେକ ସମୟ ମିଳିବ । ତା'ପରେ ମୋ ହାତରେ ତ ଟେପ୍ ରେକର୍ଡର ଅଛି ।

"ତମର ଭୟ ?"

"ଅଦୃଷ୍ଟକୁ ।"

"ତମର ଆଗ୍ରହ ?"

"ତମ ପରି ଲୋକଙ୍କୁ ଭେଟିବା ।"

"ତୁମର ଧର୍ମ, ଜାତି ?"

"ମଣିଷ ପଣିଆ ।"

"ତମର ଜୀବନର ଲକ୍ଷ୍ୟ ?"

"ଭାବିନି ଏ ଯାଏଁ ।"

"ମୋର ଏସବୁ ପ୍ରଶ୍ନର ଉତ୍ତର ବାହାରେ ଆଉ କିଛି ଅଧିକ କହିବାକୁ ଚାହିଁବ ତ କହିପାର ।"

"ହଁ ତୁମେ ନ ପଚାରିଲେ ମଧ୍ୟ ମୁଁ କହିବି ମୁଁ କ'ଣ ଚାହେଁ । କେଜାଣି କାହିଁକି ତୁମକୁ ଦେଖିଲେ ମୋର ସବୁ କଥା ଖୋଲି କହିବାକୁ ଇଚ୍ଛା ହୁଏ । ମୁଁ ଜଣେ ପୁରୁଷ । ଶୁଣ, ବେଳେ ବେଳେ ମୋର ବି ଇଚ୍ଛା ହୁଏ ଜଣେ ସ୍ତ୍ରୀ ସହିତ ସାଙ୍ଗ ହୁଅନ୍ତି, ଏକାଠି ହୁଅନ୍ତି ଏବଂ ଯଦି ଚାହିଁବି ମୁଁ ଏଇଠି ତମକୁ ମୋର ସାଙ୍ଗ କରିବାକୁ ବାଧ୍ୟ କରିପାରେ । କିନ୍ତୁ ମୁଁ ତାହା କରିବି ନାହିଁ । କାରଣ ମୁଁ ତୁମକୁ ଡରାଇବାକୁ ଚାହେଁନି, ଜବରଦସ୍ତ କରିବାକୁ ଚାହେଁନି ।"

ମୁଁ ଆଶ୍ୱସ୍ତ ହେଲି । କହିଲି "ଏବେ ମୋର ଗୋଟେ ଅନୁରୋଧ ଅଛି । ତୁମେ ପଶ୍ଚିମ ଦିଗରେ ସୂର୍ଯ୍ୟଙ୍କ ଆଡକୁ ମୁହଁ କରି ବସିଲେ, ମୁଁ ତୁମର କେତେଟା ଫଟୋ ଉଠେଇବି । ଅବଶ୍ୟ ଯଦି ତୁମର କିଛି ଆପତ୍ତି ନଥାଏ ।"

ସେ ମୋ କଥା ମାନି ଆଲୋକ ଆସୁଥିବା ଦିଗକୁ ମୁହଁ କରି ବସିଲା । ତା ମୁହଁର କଳା ଦାଢୀ ପବନରେ ଫୁର୍ ଫୁର୍ ହୋଇ ଉଡୁଥାଏ । ସେ ମୁଣ୍ଡ ବାଳକୁ ସଜାଡ଼ି ସିଧା କ୍ୟାମେରା ଭିତରକୁ ଚାହିଁଲା । ମୁଁ ଏପଟୁ ସେପଟୁ ପାଖରୁ ଦୂରରୁ ଏମିତି କରି ଆଠ

Digitized by srujanika@gmail.com

ଦଶଟା ଫଟୋ ଉଠାଇ ନେଲି । ତା'ପରେ କ୍ୟାମେରା ବନ୍ଦ କରି ବ୍ୟାଗ୍‌ରେ ରଖୁଥିବା ବେଳେ ସେ ମୋ ଆଖିରୁ କଳା ଚଷମାଟା ହଠାତ୍ ଟାଣି ବାହାର କରିନେଇ ନିଜ ଆଖିରେ ପିନ୍ଧିଲା । ଥରେ ଆକାଶ ଓ ଥରେ ମାଟିକୁ ଚାହିଁବା ପରେ ସେ ମୋ ଆଡକୁ ନଜର ପକାଇଲା । ଚଷମା କାଚ ଭିତରେ ତାର ଏକ୍‌ସରେ ପରି ଆଖି ମୋର ପୋଷାକ ଭେଦ କରି ମୋର ସମଗ୍ର ଶରୀରକୁ ଯେପରି ଦେଖିନେଲା । ହଠାତ୍ ଭୟରେ ମୋର ପଞ୍ଜରା ହାଡ ଖଡ୍ ଖଡ୍ ହୋଇ ଥରିଗଲା । ସେ ମୋ ପାଖକୁ ଲାଗିଆସି ତା ବଳୁଆ ବାହୁରେ ଟାର୍ଜନ୍ ପରି ମତେ ଉଠାଇ ନେଇ ମୋ ଓଠ ଉପରେ ଓଠ ଥାପି କହିଲା, "ଏଇଟା ତମର ସବୁ ପ୍ରଶ୍ନର ଉତ୍ତର ।"

ତା'ପରେ ସେ ମତେ ଆସ୍ତେ ତଳେ ଥୋଇଲା ପରେ ମୁଁ ଟଳମଳ ପାଦରେ ଛିଡାହୋଇ ଚାରିଆଡକୁ ଚାହିଁଲି । କାନ୍ଧରେ ବ୍ୟାଗ୍‌ଟାକୁ ସଜାଡ଼ି ତା ଭିତରେ ସେ ଫେରାଇଥିବା କଳା ଚଷମାଟାକୁ ପୂରାଇଲି । ତାକୁ କହିଥିବା ଅନୁସାରେ ପର୍ସରୁ ବାହାର କରି ଶହେ ଟଙ୍କିଆ ନୋଟ୍‌ଟାଏ ତା ହାତକୁ ବଢାଇ ଦେଲି । ସେ ସେଇଟାକୁ ଖୁସିରେ ନେଇ କୋଚାମୋଚା କରି ମୁଠାଇ ଧରିଲା ହାତରେ । ଟଙ୍କା ପାଇ ସେ ଖୁବ୍ ଖୁସି ହୋଇଥିଲା ।

ମୁଁ ତାପରେ ତା ସହିତ ବନ୍ଧୁତ୍ୱପୂର୍ଣ୍ଣ କରମର୍ଦ୍ଦନ କରି ଆସ୍ତେ ପଛଘୁଞ୍ଚା ଦେଲି । ନିଶ୍ୱାସ ମାରିଲି ଯେ ଯାହା ହେଉ ତା ହାତରୁ ମୁକୁଳି ପାରିଲି । ତା'ପରେ ଏକା ଦମ୍‌ରେ ଚାଲିବାକୁ ଆରମ୍ଭ କଲି । ଦଶ ପନ୍ଦର ପାଦ ରାସ୍ତା ଚାଲିଛି କି ନାହିଁ ସେ ପଛରୁ ଡାକିଲା-

"ଶୁଣିଲା" ମୁଁ ଅଟକି ଫେରି ଚାହିଁଲି ।

"ତମେ କହିଛ ନା ଏ ଟଙ୍କା ବଦଳରେ ମୁଁ ଯାହା ମାଗିବି ମତେ ମିଳିବ ।"

"ହଁ, ଆଉ କେତେ ଥର କହିବି ?"

"ତେବେ ଯାକୁ ନେଇ ମତେ ତମର ସେ କ୍ୟାମେରାର ରୋଲ୍‌ଟା ଆଉ କ୍ୟାସେଟ୍ ଟେପ୍‌ଟା ଦେଇଦିଅ ।"

ମୁଁ ହଁ କିମ୍ବା ନାଇଁ କରିବା ପୂର୍ବରୁ ସେ ଶହେ ଟଙ୍କିଆ ନୋଟ୍‌ଟା ମୋ ହାତରେ ଗୁଞ୍ଜି ଦେଇ ମୋ କାନ୍ଧରୁ ଝୁଲା ମୁଣିଟା ଟାଣିନେଇ ତା ଭିତରୁ କ୍ୟାମେରାରୁ ରୋଲ୍‌ଟା ଏବଂ ଟେପ୍ ରେକର୍ଡରୁ କ୍ୟାସେଟ୍‌ଟା ବାହାର କରି ନେଇଗଲା ଏବଂ ପାଖ ପୋଖରୀର ପାଣି ଭିତରକୁ ଫିଙ୍ଗିଦେଲା । ତା'ପରେ ନିଜେ ବି ପାଣି ଭିତରକୁ ଡେଇଁ ପଡ଼ିଲା । ପହଁରୁ ପହଁରୁ ପାଣି ଭିତରୁ ହାତ ହଲାଇ କହିଲା- "ଆଉ ଥରେ ଆସିବ ନିଶ୍ଚୟ ।"

❑❑❑

Digitized by srujanika@gmail.com

# ଅନୁରକ୍ତିର ହାତ

କମଳନାଥର ଚେହେରା ଦେଖି କେହିବି ତା'ର ଅସଲ ଭିତିରି କଥା ଜାଣିପାରିବନି । ତା' ବୟସ, ତା' ଚାକିରୀ, ତା ସ୍ତ୍ରୀ, ତା' ବାହାଦୁରୀ ତା' ପାଇଁ ଗର୍ବର ଦର୍ପଣ । ସେ ଜଣେ ସୁଦର୍ଶନ ସ୍ୱାଭିମାନୀ କିରାଣୀ । ଏବେ ଗମ୍ଭୀର ସମସ୍ୟାର ସମ୍ମୁଖୀନ । ଭାବୁଛି ତାର ଏ ସମସ୍ୟା ବିଷୟରେ ରମେଶକୁ କହିବାକୁ ପଡ଼ିବ । କେମିତି କହିବ ? ରମେଶଟା ଭାରି ଖୋଲା । ତା' ପେଟରେ ଲୁଣ ବି ମିଳେଇବନି । ପ୍ରଥମେ ତ କମଳକୁ ଦେଖୁ ଦେଖୁ ତା' ଭିତର କଥା ଜାଣି ନବ । କାରଣ ସିଏ ତାକୁ ପିଲାଟି ଦିନୁ ଘନିଷ୍ଠ ସାଙ୍ଗ ହିସାବରେ ଜାଣିଛି, ଚିହ୍ନିଛି ।

ଦେଖୁ ଦେଖୁ ରମେଶ କମଳକୁ କହିଲା, "ହଁ ଜାଣେ ତୁ କ'ଣ ଚାହୁଁ ।"

"କାହାରିକୁ କହିବୁନି, ମୁଁ ଆଉ ତା' ସହିତ ଚଳି ପାରିବିନି । ତାକୁ ଶେଷ କରିଦେବି ।"

"ସେ ପାଗଳାମି ଛାଡ, ତୋ ଦ୍ୱାରା ସେ କାମ ହବନି ।"

"ସେଥିପାଇଁ ତ ତୋ ପାଖକୁ ଆସିଛି । ଦି'ଜଣ ମିଶି କାମଟା ଫତେ କରିବା । କ'ଣ କହୁଚୁ ?"

"ନା, ନା, ଆମେ ଲତାକୁ ଏମିତି ମାରିବା ଉଚିତ୍ ହବନି । ଆମେ ପାରିବାନି । ହେଲେ ମୁଁ ଜାଣିବାକୁ ଚାହେଁ କ'ଣ ତା'ର ଅପରାଧ ?"

"ଏକ ନୁହେଁ ଅନେକ । ସେ ମତେ ଆଉ ଆଗପରି ଚାହୁଁନି । ସବୁବେଳେ କାନ୍ଦୁଛି । ବାପଘର ଚାଲିଯିବାକୁ କହୁଛି । ଝର୍କା ପାଖରେ ଠିଆହୋଇ ରାସ୍ତାକୁ ଚାହୁଁଛି । ତାର ତ ଆଉ ପିଲାପିଲି ହବାର ସମ୍ଭାବନା ନାହିଁ । ତାକୁ ନେଇ ମୁଁ ଆଉ କ'ଣ କରିବି ?"

"ଚାଲି ଯାଉ ବାପଘର । ମାରିବା ଦର୍କାର କ'ଣ ?

"ସେ ବୋଧେ ଏବେ ପୁରୁଣା କ୍ଲାସ୍‌ମେଟ୍ ବିମଳକୁ ଅଧିକ ଚାହେଁ ।"

"କିପରି ଜାଣିଲୁ ?"

"ଜାଣିଲି ତ.."

"ଈର୍ଷା କରୁଛୁ, ସେଇଥିପାଇଁ ତ ଏମିତି ଭାବୁଛୁ । ଚାଲ୍ ତାକୁ ତା ମନକଥା ପଚାରିବା । କ'ଣ ସେ ଚାହେଁ ?"

"ନା ସେ କିଛି ଶୁଣିବନି । ତା'ର ଗୋଟେ ହୃଦୟ ବୋଲି କିଛି ନାହିଁ ।"

Digitized by srujanika@gmail.com

"ଏସବୁ କଥା ଏତେ ସହଜରେ କିପରି କହି ପାରୁଛୁ ?"

"ବାହାଘର କେତେ ବର୍ଷ ହେଲାଣି ତୁ ତ ଜାଣିଛୁ, ପୁଣି ଏକଥା ପଚାରୁଛୁ କାହିଁକି ? ତୁ ଭଲକରି ଜାଣିଛୁ ଲତା ହେଲା ମୋ ଜୀବନର ସବୁଠୁ ବଡ଼ ହାର । ବର୍ତ୍ତମାନ ସେ ମୋ ମୁଣ୍ଡର ସବୁଠୁ ବଡ଼ ବୋଝ ।"

"ପାଞ୍ଚବର୍ଷ ତ ହେଇଛି, ଆଉ ବେଶି କ'ଣ ? ଆଶାର ତ ପୁଣି ବାର ବର୍ଷ ପରେ ପିଲା ହେଲା । ତମର ବି ହବ । ବାଛି ବାଛି ବାହା ହେଇଥିଲ ଯେ ! ସେତେବେଳେ କେତେ ଆଳାପ ଆସର, କେତେ ଗୀତ ବୋଲା, ସିନେମା କାହାଣୀ, ସବୁ କୁଆଡେ ଭୁଲିଗଲ ?

ରମେଶର ଭାଷା ଲତାର ମୁହଁରେ, "ଆଜିକାଲି ତମର କ'ଣ ହେଇଛି ? ଏତେ ଦିନ ଧରି ଭଲ ପାଇଥିଲ ବୋଲି ବାପା ଆଣିଥିବା ଡାକ୍ତର ପ୍ରସ୍ତାବକୁ ଛାଡ଼ି ତମପରି ଲୋକଟିଏକୁ ବାହା ହବାକୁ ରାଜି ହେଲି । କିଛି ନ ନେଇ କି ନ ମାଗି ତମେ ଖାଲି ମୋର ମୁହଁକୁ ଚାହିଁ ରାଜି ହେଲ । ତା'ଛଡା, ତମେ ବି ତ ପୁଣି ଏତେ ଭଲ ଲୋକ ବୋଲି ମୋର ଧାରଣା । ପରିବାର, ପାଠଶାଠ, ଗୁଣଗ୍ରାମ, ଚେହେରା, କଥାବାର୍ତ୍ତା ସବୁଥିରେ ମୋତେ ପସନ୍ଦ କରି ସାବାସି ଦଉଥିଲ । ମୋର ଆଖିର ଆକର୍ଷଣରେ ଟାଣି ହୋଇ ଆସୁଥିଲ ।

"ଲୁଚେଇ ଲୁଚେଇ ଭଲ ପାଇଲ, ଚିଠି ଦେଲ, ଫୋନ୍ କଲ, ପୁଣି କିଛି ନ ଜାଣିବା ପରି ଆମ ଘରେ ଆସି ଝିଅ ଦେଖାର ବାହାନା କଲ । ମିଠା ଖାଇ ହଁ କରିବା ପର୍ଯ୍ୟନ୍ତ ତର ସହିଲାନି । ତମ ମା' ମତେ ଦେଖି ଖୁସିରେ କୁଣ୍ଢେଇ ପକେଇଲେ, ମୁଦିଟିଏ ମୋ ଆଙ୍ଗୁଠିରେ ପିନ୍ଧାଇ ଦେଲେ । ବାପା କିଛି ନକହି ବି ଖୁସି ଜଣା ପଡୁଥିଲେ । ପଡ଼ିଶା ଘର ମିନୁ, ସେଇ ଫୁଲେଇ ଝିଅଟା ମ, ମୋ ପିଠିକୁ ନଖରେ ଚିମୁଟି ଦେଇ ହସି ହସି ଗଡ଼ିଗଲା । ଆହୁରି ମନେ ପକାଅ - କେହି ନ ଦେଖିଲା ବେଳେ ଆଖିରେ ଇଶାରା ଦେଇ  ପାଖକୁ ଡାକିଲ, ମୁଁ ଆସିଲି । ମୋ କାନରେ କ'ଣ କହିଲ ଯେ ସେ ଉଷୁମ କଥାଗୁଡାକ ମୁଁ ଶୁଣି ବି ଶୁଣି ପାରିଲିନି । କାଳେ ସେମାନେ ମତେ ତମ ପାଖେ ଦେଖିଦେବେ ବୋଲି ମୁଁ ସେଠୁ ଚାଲି ଆସିଲି । କ'ଣ ଏସବୁ ଭୁଲିଗଲ ?"

ଏବେ ବୋଧହୁଏ କମଳନାଥର ମୋହଭଙ୍ଗ ହୋଇସାରିଛି । ନାଲି ଶାଢୀରେ ଗୁଡ଼େଇ ହୋଇ ବନ୍ଧା ହୋଇଥିବା ସ୍ତ୍ରୀ ଦେହ ତାକୁ ଆଉ ଏତେ ଭଲ ଲାଗୁନି । ସେ ଲତାକୁ ଅନ୍ୟ ଏକ ପ୍ରଜାପତି ପରି ବିଚାରୁଛି । ପ୍ରଜାପତିର ସୁନ୍ଦର ବିସ୍ତାରିତ ପକ୍ଷ ପ୍ରକୃତରେ ଅତ୍ୟନ୍ତ ଅପରିଷ୍କାର ଓ ଭଙ୍ଗୁର । ତା'ର ରଙ୍ଗକୁ ମୁହଁରେ ବୋଳି କେହି କେବେ ସୁନ୍ଦର ହୋଇପାରେନା । ପ୍ରଜାପତିର ସୁନ୍ଦର ପକ୍ଷ ଉପରେ ରଙ୍ଗୀନ ବିନ୍ଦୁ ବିସର୍ଗମାନେ କୁଆଡେ ତା'ର ସୌନ୍ଦର୍ଯ୍ୟ ପାଇଁ କେବଳ ଆଖି ଦୁରୁଶିଆ ଚକଚକିଆ କାରୁକାର୍ଯ୍ୟ ମାତ୍ର । ସେ

Digitized by srujanika@gmail.com

କଥା ପ୍ରଜାପତିକୁ ହାତରେ ଧରି ସାରିବା ପରେ ବୁଝାପଡେ, ଆଗରୁ ନୁହେଁ । ଥରେ ଧରି ସାରିଲେ ହାତରେ ଲାଗିଯାଏ ତା ଦେହର ପାଉଡର ପରି ଧୂଳି । ଠିକ୍ ସେମିତି ପଙ୍କ ରଙ୍ଗର କେଶରେ ଭରିଛି ଲତାର ମଥା । ତା'ର ଭଙ୍ଗୁର ଦେହ ହୋଇଯାଉଛି ଅସନ୍ତୋଷର ଖଣି । ସେ ଦେଖିପାରୁଛି ଲତାର ଟଳମଳ ଅନ୍ତର୍ଦାହ ଭିତରେ ହାଣ୍ଡିପରି କଳା କାନ୍ଦୁରୀପଣ ।

ପଙ୍ଖା ତଳେ ହାଲ୍କା ନିଃଶ୍ୱାସ ନଉ ନଉ ଗଜଲ ଗାଇବା ଢଙ୍ଗରେ କମଳ ପଚାରେ ଅନ୍ୟାନ୍ୟ ପ୍ରଶ୍ନମାନ । ଜୀବନର ଆଉ ଗୋଟେ ଅର୍ଥ । ତା' ପାଇଁ ଜୀବନର ଆବଶ୍ୟକତା ଏତେ ଚୁମ୍ୱକୀୟ ଯେ ତହିଁରେ ସେ କୌଣସି ପ୍ରକାର ବୁଢ଼ିଆଣୀ ପରି ଝୁଲିରହେ । ସେ ଲତା ସହିତ ଏକ ଅଦୃଶ୍ୟ ସୂତାରେ ବନ୍ଧା ହୋଇଛି । ସେଇ ବନ୍ଧନ ତା'ର ନୂଆ ଚିନ୍ତା । ଲତା ସହିତ ତା'ର ସମ୍ପର୍କ ଏକ ଲୁଚକାଳି ଖେଳ ପରି ଯେଉଁଥିରେ ସେ ବାରମ୍ବାର ଧରାପଡି ଯାଏ । କବାଟକଣରୁ  ତା' ଗୋଡଟା ଦିଶିଯାଏ । ଯେମିତି ରାତି ହୁଏ ସେ ଏକ ଦୁର୍ବୃତ୍ତ ପାଲଟିଯାଏ । ତା'ର ଭାଷା ରହସ୍ୟମୟ ହୁଏ, ମନ ଚଞ୍ଚଳ ଓ ଭାବ ଆବେଗିତ ହୁଏ । ଆକାଶରେ ବିଜୁଳି ଚମକେ । ସେମାନେ ଦୁଇଜଣ, ନା ଜଣେ, ନା କେହି ନୁହେଁ, କିଛି ନୁହେଁ । ଏମିତି ଥରେ ଆରମ୍ଭ ହୋଇଥିଲା ଆଦିମ କାହାଣୀଟିଏ ।

କମଳର କିରାଣୀ ଜୀବନର ପ୍ରାୟ ପ୍ରତ୍ୟେକ ରାତିର ସ୍ୱପ୍ନ ଅପୂର୍ଣ୍ଣ ରହିଗଲା ପରି ଲାଗେ । ତେଣୁ ସେ ଦିବାସ୍ୱପ୍ନ ଦେଖିବାକୁ ବାଧ୍ୟ । ସେ ରାଜା ଠାଣିରେ ବସେ, ହସେ ଆଉ ଆଦେଶ ଦିଏ । କାଳ୍ପନିକ ଗୋଲାପ ଫୁଲଟେ ନାକ ଆଗରେ ଧରି ଯୁବରାଜ ସଲିମ୍ ପରି ନିଜକୁ ମନେ କରେ । ପୁଣି ହଠାତ୍ ସମୟ ସଚେତନ ହୋଇପଡେ । ହୁଏତ ତାର ଆୟୁଷ ଅଳ୍ପ । ହୁଏତ୍ ସବୁ ମଣିଷଙ୍କର ଆୟୁର ଅଭାବ ସେମାନଙ୍କୁ ମଣିଷ କରି ଗଢ଼ିଥାଏ । ସେଇଥିପାଇଁ ସେ ଏବେ ମନେ ମନେ କାନ୍ଦୁଛି । ବିନା ଲୁହରେ । ଏଇ ନିରବ କାନ୍ଦ ତାକୁ ଭାରି କଷ୍ଟ ଦିଏ । ସେ ସହିପାରେନି । ସେଥିପାଇଁ କଷ୍ଟକୁ ଉପଭୋଗ କରିବାକୁ ଚାହେଁ । ସେ ଗୋଟେ ଆତ୍ମଘାତୀ ମେଜୋକିଷ୍ଟରେ ବଦଳିଯାଏ । ନ ମରି ମରିବାକୁ ଇଚ୍ଛା ପ୍ରବଳ ହୁଏ । ମାରିବାକୁ ଆଗ୍ରହ ବଢେ । ନିଜେ ମରି ପାରେନି ବୋଲି ଅନ୍ୟକୁ ମାରିବାକୁ ଇଚ୍ଛା ହୁଏ । ସେ ସାମ୍ନାରେ ଆଉ କାହାକୁ ପାଏନି । ଲତା ଉପରେ ଝାଡ଼ିଦିଏ ତା'ର ସନ୍ତ୍ରାସବାଦ । ସେଡିଜିମ୍‌ରେ ଜର୍ଜରୀତ ହୋଇ ତାର ଭାବାବେଗ ଜଳିଯାଏ । ଯେହେତୁ ଲତା ଉପରେ ତା'ର ଅଧିକାର ଅଛି, ତେଣୁ ସେ ତାକୁ ହିଁ ମାରିପାରିବ । ମାରିବ, ମର୍ଡର ।

ଏଇଟା ହୋଇପାରେ ତା'ର ଈର୍ଷାର ଏକ ଉଗ୍ର ରୂପାନ୍ତର । ହେଲେ କେମିତି ପାରିବ ? ଆଗରୁ ତ କାହାରି ଗଳା ଚିପିବାର ଅନୁଭୂତି ତା'ର ନାହିଁ । ତା' ହାତରେ ବା ଏତେ ବଳ କାହିଁ ? ହାତକୁ ଚାହିଁଲା । ଡେସ୍‌ଡେମୋନାକୁ ମାରିବାକୁ ଯିବା ଆଗରୁ ଓଥେଲୋର ଥରଥର ହାତ । କମଳ ହାଁ କରି ନିଜ ହାତକୁ ଚାହିଁଛି । ଏତେ ଦୁର୍ବଳତା ପୁଣି କେଉଁଠି ଥିଲା । ଦିନ ଥିଲା ଏ ହାତର କରାମତିରେ ନିଜେ ଚକିତ ହେଉଥିଲା ।

Digitized by srujanika@gmail.com

ନିଆଁରେ ଖେଳୁଥିଲା । ପାଣିରେ ପହଁରୁଥିଲା । କେତେ କବିତା, ଗପ ଓ ପ୍ରେମପତ୍ର ଲେଖୁଥିଲା । ପୁଣି ଲତାର ଚିତ୍ର ଆଙ୍କିଥିଲା । ତା'ର ଗାଲ, ବେକ, ଛାତି, ପେଟରେ ରଙ୍ଗତୁଳୀ ଦେଇ କେତେ ସୁନ୍ଦର କରି ବନେଇଥିଲା । ସେଇଟା ତା'ଜୀବନର ଶ୍ରେଷ୍ଠ ଏବଂ ଶେଷ କୃତି ।

ଅନେକ ଦିନ ତଳେ ଥରେ ସାଙ୍ଗମାନଙ୍କ ସଙ୍ଗେ ବାଜି ପକେଇ ଲତା ସାମ୍ନାକୁ ଯାଇଥିଲା ପ୍ରଥମ କରି । ଜଣେ ସାଙ୍ଗ କହିଥିଲା, "ତା ଚୁଟିରୁ କେରାଏ କାଟି ଆଣି ପାରିବୁ ?" "ହଁ" । ଆଉ ଜଣେ, "ତା ଶାଢୀ କାନିରୁ ସୂତା ଛିଣ୍ଡାଇ ପାରିବୁ ?" "ହଁ" । "ଚିଠିଟାଏ ଲେଖି ପାରିବୁ ?" "ହଁ" । "ତା ହାତକୁ ନିଜ ହାତରେ ଧରିପାରିବୁ ?" "ହଁ" । ତାକୁ ଚୁମା ଦେଇପାରିବୁ ? କ୍ୟାଣ୍ଟିନ୍ ଯାଏ ନେଇ ପାରିବୁ ? ତା'ଠୁ ଦି'ଟଙ୍କା ଧାର ଆଣିପାରିବୁ ? ଅଦ୍ଭୁତ ଅନୁରୋଧ, ଆହୁରି ଅନେକ, ଯାହାର କୌଣସି ଯୌକ୍ତିକତା ନାହିଁ । ଯଦିଓ ସବୁତକ କରିପାରିବାର କ୍ଷମତା କମଳର ଥିଲା । ତଥାପି ଲତା ସାମ୍ନାକୁ ଯାଇ କେବଳ ମୁହଁ ତଳକୁ କରି ଠିଆ ହୋଇ ରହିଲା । ସେତେବେଳେ ନିଜର ହାର୍ ମାନିବାକୁ ତାକୁ ଭାରି ଭଲ ଲାଗିଥିଲା । ଅନେକ ସମୟ ପରେ ବହୁତ ସାହସ ସଞ୍ଚୟ କରି ତାକୁ ଫଟୋଟିଏ ମାଗିଥିଲା ।

ମନା କରିଦେଲା, "ଫଟୋ ନେଇ କ'ଣ କରିବ ? ମତେ ନେଇଯାଅ" କହି ନିଜ ହାତକୁ ତା' ଆଡେ ବଢ଼ାଇ ଦେଲା । କମଳ ଏତକ କଥା ମନେ ପକେଇ ପୁଣି ନିଜ ହାତକୁ ଚାହିଁଲା । ହାତ ତଥାପି ଥରୁଛି । ଏହି ହାତନେଇ ସେ ଅତି ସାଧାରଣ କାମ ବି କରିପାରିବନି । ନା କଲମ ଧରିପାରିବ, ନା ଛୁରୀ । ଏଇଟା ବୋଧହୁଏ ତା' ନିଜର ହାତ ନୁହେଁ । ଆଉ କାହାର । ହାତଟା ତା' ଭାଗ୍ୟର ଦର୍ପଣ ପରି । ଅନ୍ୟଘରୁ କାଞ୍ଚନିକ ହସର ଲହରୀ ଭାସି ଆସୁଛି । କମଳ ଭୟରେ ଝାଳନାଳ । ତା କାନ୍ଧରୁ ହାତଦେଇ ଦୁର୍ବଳତା ହିଁ ଝୁଲୁଛି । ଶିରା ପ୍ରଶିରାରେ ଲମ୍ବିଛି ତା'ର ବିଫଳତାର ଓହଳ । ପାପୁଲିରେ ତୈଳାକ୍ତ ଆସକ୍ତିର ଅସମାପିକା ।

କାନ୍ଥକୁ ଚାହିଁଲା କମଳ । ଜନୈକ ବିଖ୍ୟାତ ଫଟୋଗ୍ରାଫର ନେଇଥିବା ଗୋଟେ ଫଟୋ କିଣିଥିଲା ଥରେ ଗୋଟେ ପ୍ରଦର୍ଶନୀରୁ । ଫଟୋଟି ଏହିପରି କଳାଧଳା ପ୍ରିଣ୍ଟରେ ଛନ୍ଦାଛନ୍ଦି ଦୁଇଟି ହାତ । କାହାର, ସେଇକଥା ଦେଖିବାର କଥା । ହାତ ଦୁଇଟିର ମିଳନ କେଉଁ ଆଦିମ କାଳରୁ ଆରମ୍ଭ ହୋଇଛି କେଜାଣି ? ପ୍ରେମ, ଦୟା, କ୍ଷମା, ଶ୍ରଦ୍ଧା, ଆଦେଶ, ଅନୁଜ୍ଞା, ଅନୁମାନ, ଅନୁତାପ ସବୁ ମିଶାମିଶି ହୋଇ ରହିଛନ୍ତି ଏଇ ଫଟୋଟିରେ । ତଳକୁ ରହିଛି ଯୁବକର ଅପେକ୍ଷାକୃତ ସ୍ଥୁଳ ଦୁର୍ବଳ ପୁରୁଷର ଡାହାଣ ହାତ । ତା' ଉପରକୁ ତାକୁ ଆଶ୍ୱସ୍ତ କଲାପରି ଛନ୍ଦିହୋଇ ରହିଛି ଯୁବତୀଟିର ସୂକ୍ଷ୍ମ, ସତେଜ, ଆର୍ଦ୍ର ବାମ ହାତ । ନରମ, ଗୋରା, ଆଦରଣୀୟ ଓ ସମ୍ବେଦନାରେ ଆତୁର ।

Digitized by srujanika@gmail.com

ସେଇ ହାତଟି ଲତାର ହାତ ହୋଇପାରେ ଅବା ଡେସ୍‌ଡେମୋନାର । ସେଇ ହାତକୁ ଦେଖିଲେ ଲାଗିବ ସତେ ଅବା ସେ ହାତର ମାଲିକାଣୀ କାନ୍ଦୁଛି । କାରଣ ହୁଏତ ପୁରୁଷର ହାତଟି ଆହତ୍ ପକ୍ଷାଘାତଗ୍ରସ୍ତ ବା ନିହତ ଲୋକର ହୋଇପାରେ । ଏହା ମହତ୍ତ୍ୱପୂର୍ଣ୍ଣ ଯେ ପୁରୁଷର ହାତଟି ସ୍ତ୍ରୀ ହାତଠାରୁ ନିମ୍ନରେ । ପୁରୁଷଟି ସ୍ତ୍ରୀ ଲୋକର ଅପେକ୍ଷାରେ ରହିଛି ଯେପରି । ଉପରୁ ବିନ୍ଦୁଏ ସ୍ପର୍ଶ ନ ପଡ଼ିଲେ ସ୍ପନ୍ଦନ ବନ୍ଦ ହୋଇ ଯାଇପାରେ । କିନ୍ତୁ ଲତାର ଏତେ ଭଲ ପାଇବା କୁଆଡେ ହଜିଗଲା ? ଏମିତି କ'ଣ ହେଲା ଯେ ସେ ଏମିତି ବଦଳିଗଲା ?

କମଳ ସବୁ ପ୍ରକାର ଚିନ୍ତାକୁ ବନ୍ଦ ରଖି ଘଡ଼ିକୁ ଚାହିଁଲା । ସମୟ ସହିତ ଘଡ଼ିର ସମ୍ପର୍କ କେବଳ ବର୍ତ୍ତମାନରେ ସୀମିତ ହୋଇ ରହିଛି । ଘଡ଼ିର ବି ଦୁଇଟି ହାତ, ଗୋଟିଏ ଦୁର୍ବଳ ଚଞ୍ଚଳ ଓ ତୀବ୍ର । ଖୁବ୍ ଅସ୍ଥାୟୀ । ଆଉ ଗୋଟେ ଅଧିକ ନିର୍ଭରଶୀଳ ଯାହାର ଗତିକୁ ଖାଲି ଆଖିରେ ଦେଖି ହୁଏନି । ଏବେ ଘଡ଼ିର ହାତ ଦୁଇଟି ଟ୍ରାଫିକ୍ ପୁଲିସ୍‌ବାଲାର ହାତପରି ବିସ୍ତାରିତ । ସତେ ଅବା ତାହା କମଳ ପାଇଁ ରହିଯିବାକୁ ନିର୍ଦ୍ଦେଶ । ଘଣ୍ଟାରେ ତିନି ବାଜିବାକୁ ପନ୍ଦର ମିନିଟ୍ । ତର ତର ହେଲା ଯିବାପାଇଁ କମଳ ।

ସେ ଶୋଇବା ଘରେ ପଶି ଦେଖିଲା ଖାଇସାରି ଲତା ଖଟ ଉପରେ ଗଡୁଛି । ଲତାର ଆଖି ଖୋଲା ଅଛି ଏବଂ ସେ ଛାତ ଉପରକୁ ଏକ ଲୟରେ ଚାହିଁଛି । ସତେ ଅବା କିଛି ଗୋଟେ ନାଟକୀୟ ଚିତ୍ର ତା ଆଖି ଆଗରେ ଘଟିଯାଉଛି । ଶୋଇବା ଘରେ ପଶି କମଳ କବାଟକୁ ଭିତରପଟୁ ବନ୍ଦ କଲା । ଏପରି ସେ କରିବାର ଲତା କେବେ ଦେଖିନାହିଁ । ତେଣୁ ସେ ଭୟରେ ଉଠି ଠିଆହେଲା । କମଳର ହାତକୁ ନିଜ ହାତରେ ଧରି ଆଉଁସିଲା । ତା'ର ଆଖିପତା ବନ୍ଦ ହୋଇଗଲା । ତା'ର ଶାଢୀ ଖୋଲିଗଲା । କମଳ ନାକରେ ଭରିଗଲା ଲତାର ବାସ୍ନା । ସେ ଲତାକୁ ଜୋର୍‌ରେ ଚାପି ଧରିଲା । ନିଜର ବାହୁ ବଳକୁ ପ୍ରଶଂସା କରୁ କରୁ ନିଜକୁ ଧନ୍ୟ ମନେକଲା । ଏଇଟା ହିଁ ଠିକ୍ ସମୟ । ଏତିକିବେଳେ ଶ୍ୱାସରୁଦ୍ଧ ହୋଇ ଲତା ଯଦି ମରିବ, ତେବେ କେହି ଜାଣିବେ ନାହିଁ ଯେ ଏହା କମଳର କାମ ବୋଲି । ଆଜିର ଏ ସୁବର୍ଣ୍ଣ ସୁଯୋଗ ପାଇଁ ସେ କେତେ ଆଗରୁ ଯୋଜନା କରିଛି । କେତେ ଅପେକ୍ଷା କରିଛି । ସକାଳୁ ଦେହ ଖରାପ ବୋଲି ଅଫିସ୍‌କୁ ଛୁଟି ଦରଖାସ୍ତ ପଠାଇଛି । ଲତା ହାତରନ୍ଧା ମାଛ ତରକାରୀ ଖାଇ ଖୁସି ହୋଇଛି । ଏବେ ତା'ର ଦିବାସ୍ୱପ୍ନକୁ ସାର୍ଥକ କରିବାର ବେଳ । ଏ ସୁଯୋଗକୁ ହାତଛଡା କରିବା ଠିକ୍ ହେବନି ।

ସେ ଲତାକୁ ଆହୁରି ବଳ ପ୍ରୟୋଗ କରି କୁଣ୍ଢାଇ ଧରିଲା । ହୃଦୟରେ ଘୃଣା ଭରିଥିଲା କିନ୍ତୁ ଉପରେ ଭଲ ପାଇବାର ବାହାନା କଲା । ଲତା ଏପରି ନୃଶଂସ ପ୍ରେମରେ ବିଭୋର ହୋଇପଡ଼ିଲା । ଖୁସିହେଲା । ଏତିକିବେଳେ କମଳ ତକିଆଟାଏ ଉଠାଇ ଧରିଲା ତା ମୁହଁ ଉପରେ ଲଗାଇ ଚାପି ଧରିବ ବୋଲି । ଠିକ୍ ହେବ, ଏଇଟା ହିଁ ସମୟ । କେହି ଜାଣିବେ ନାହିଁ ।

Digitized by srujanika@gmail.com

ହଠାତ୍ କିଏ ଗୋଟାଏ କଲିଂ ବେଲ୍ ଚିପିଲା । ପୋଷ୍ଟମ୍ୟାନ୍ ହବ ନା କ'ଣ ? ନା, ତାଙ୍କ ଅଫିସ୍‌ର ପିଅନ ସୁରେନ୍ଦ୍ର । ରମେଶ ବାବୁ ଜରୁରୀ କାମରେ ପଠାଇଛନ୍ତି । ସୁରେନ୍ଦ୍ର କହିଲା, "ସାର୍ ଆପଣ ସାଙ୍ଗେ ସାଙ୍ଗେ ଆସନ୍ତୁ ।" ରାଜୀବ ବାବୁଙ୍କ ସ୍ତ୍ରୀ ନିଆଁରେ ପୋଡିହୋଇ ଯାଇଛନ୍ତି । ଏହା ଶୁଣି କମଳ ସ୍ତବ୍ଧ ହୋଇଗଲା । "ହଉ ତୁ ଚାଲ୍ ମୁଁ ଆସୁଛି " ବୋଲି କହିଲା । ସେ ପୁଣି ବେଡ୍‌ରୁମ୍‌କୁ ଫେରି ଲତାକୁ ଚାହିଁଲା । ଲତାର ମୁହଁରେ ପରିତୃପ୍ତିର ଭାବ ସ୍ପଷ୍ଟ । ତା' ହାତ ପାପୁଲିରେ ସୁନ୍ଦର ମେହେନ୍ଦିର ଡିଜାଇନ୍ । ତା' ଗାଲରେ ଲାଲି । ଆଖିରେ ପୂର୍ଣ୍ଣ ସନ୍ତୋଷର ଆଶ୍ୱାସନା । ସେ କମଳକୁ ପାଖକୁ ଡାକୁଛି । "ରୁହନା, ଏଇଲେ ବାହାରକୁ ଯିବା କ'ଣ ଦରକାର ଯେ ! ଜାଣିଛ, ମୋର ବେଳେ ବେଳେ କ'ଣ ଇଚ୍ଛା ହୁଏ ?"

"ଇଚ୍ଛାହୁଏ, ଏଇଠି ଏମିତି ଶୋଇ ଶୋଇ ମରିଯା'ନ୍ତି କି !" କହିବା ବେଳେ ଲତାର ଆଦୌ ଦୁଃଖ ବା ଅନୁଶୋଚନା ନଥିଲା । କୌଣସି ଗାମ୍ଭୀର୍ଯ୍ୟ ମଧ୍ୟ ନଥିଲା। କମଳ ଏ କଥାର ତାତ୍ପର୍ଯ୍ୟ ବୁଝିପାରିନଥିଲା । ତେଣୁ ସେ ନିରବରେ ମୁଣ୍ଡ ଓହଳାଇ କିଛି ସମୟ ବସିରହିଲା । ତା'ପରେ ଅଫିସ୍‌କୁ ବାହାରିଗଲା ।

ବାଟରେ ତା' ମନରେ ଭାବନାର ସୁଅ ଛୁଟିଥିଲା । ଦୁନିଆ ଯାକରେ ସେ ହିଁ କେବଳ ଏକୁଟିଆ ନୁହେଁ ଯେ ତା'ର ସ୍ତ୍ରୀକୁ ମାରି ଦେବାକୁ ଚାହେଁ । ଲତା ବି ଦୁନିଆରେ କେବଳ ଗୋଟିଏ ସ୍ତ୍ରୀ ନୁହେଁ ଯେ ତା'ର ସ୍ୱାମୀ ତାକୁ ଘୃଣା କରିବା ସତ୍ତ୍ୱେ ବି ଅଧିକ ଭଲପାଏ । ତା' ମୁଣ୍ଡ ଭିତରେ ଉଠିଥିବା ଅନ୍ୟ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦିଷ୍ଟ ଭାବରେ ସେ ପାଉନଥିଲା । ତୁମକୁ ଘୃଣା କରୁଥିବା ଲୋକଟି କ'ଣ ମନକୁ ମନ ତମକୁ ଭଲ ପାଇବାକୁ ବାଧ୍ୟ । ଏସବୁର ଉତ୍ତର ଆପେକ୍ଷିକ ଭାବରେ ବୋଧହୁଏ ହଁ । କିନ୍ତୁ ପ୍ରଧାନତଃ ବିଡମ୍ବନା ଓ ପ୍ରବଞ୍ଚନାର ଊର୍ଦ୍ଧ୍ୱରେ ହିଁ ଏହା ସତ ହୁଏ ।

ସତକଥା କହିବାକୁ ଗଲେ ଭଲପାଇବା ଓ ଘୃଣା କରିବା ଦୁଇଟାଯାକ ପରସ୍ପର ଉପରେ ନିର୍ଭରଶୀଳ ନୁହଁନ୍ତି । କେବେକେବେ ଗୋଟିକରୁ ଅନ୍ୟଟି ଜାତ ହୁଏ, ବଢେ ଓ ଅନ୍ୟ କିଛିରେ ବଦଳିଯାଏ ଯାହାର ନାଁ ଦେବା ମୁସ୍କିଲ୍ । ଘୃଣା ଓ ଭଲପାଇବା ବାହାରେ ଗୋଟେ ନୂଆ ଅର୍ଥ, ନୂଆ ଚିଜରେ ବଦଳିଯାଏ । ଏକ ପକ୍କା ରିସ୍ତା ବନିଯାଏ । କମଳ ଓ ଲତା, ତାଙ୍କ ପାଇଁ ଏବେ ଏହିପରି ଏକ ସମ୍ପର୍କ ଲୋଡ଼ା ।

ସେଥିପାଇଁ ସ୍ତ୍ରୀର ଜୀବନବୀମା କରିବା ଦରକାର ନାହିଁ । ତାକୁ ମାରିବା ବି ଦରକାର ନାହିଁ । ସେ ଯାହା ରାନ୍ଧିବ ଭଲ ଲାଗିବ । ସ୍ତ୍ରୀ ବଞ୍ଚିରହିଲେ ବନସ୍ତର ହାତୀପରି ଲକ୍ଷେ ଟଙ୍କା । ତା'ର ଅନୁପସ୍ଥିତିର ଭୟାବହତା ବୁଝିବା ପାଇଁ ତା'ର ମୃତ୍ୟୁ ଚିନ୍ତା କରିବା କି ଦରକାର ? ବିଷ, ଛୁରୀ, ନିଦ ବଟିକା, ଗୁଳି, ଛାତ ଉପରୁ ଖସି ପଡ଼ିବା ଏବଂ ଅନ୍ୟାନ୍ୟ ଉପାୟ ଯାହା ସାମାଜିକ ଅପବାଦରୁ ମୁକ୍ତି ଦେଇ ପାରିବନି । ଏସବୁ କଥା ଭୁଲି ଯିବାକୁ

Digitized by srujanika@gmail.com

ପଡ଼ିବ କମଳନାଥକୁ । ଏଠାରେ ସମାଜର କି ଆବଶ୍ୟକତା ଅଛି ? ଭାବୁ ଭାବୁ କମଳର ଭାବନାର ଦିଗ ବଦଳିଗଲା ।

ସେ ଘରକୁ ଫେରି ସନ୍ଧ୍ୟାବେଳେ ଲତାକୁ ପାଖକୁ ଡାକି ବସାଇଲା । କହିଲା, ''ବୁଝିଲ, ରମେଶର ଗୋଟେ ସାଙ୍ଗ ରାଜୀବ ତା'ର ସ୍ତ୍ରୀକୁ ଜୀଅନ୍ତା ମାରିଦେଲା । ନିଆଁ ଲଗେଇ ପୋଡିଦେଲା । ବିଚାରୀ କେଡେ ସୁନ୍ଦର ଝିଅଟାକୁ ଜମାରୁ ବର୍ଷେ ତଳେ ବାହା ହେଇଥିଲା । ସବୁବେଳେ ମିଛଟାରେ ତା'ର ଦୋଷ କାଢ଼ିଲା । ତା' ସହିତ ଅବୁଝାମଣା, ଅଭଦ୍ର ବ୍ୟବହାର କଲା । ସବୁବେଳେ ତାକୁ ଉପେକ୍ଷା କଲା । ତା' ଉପରକୁ ଭାତଥାଳି ଫିଙ୍ଗି ଦେଉଥିଲା । ତାକୁ ଦାନ୍ତୁରୀ, ଅସୁନ୍ଦରୀ, ଅଲକ୍ଷଣୀ କହୁଥିଲା । ତା' ବାପାକୁ ଶଳା କହିଲା । ମନରେ ସନ୍ଦେହ ଭରି ସ୍ତ୍ରୀ ଉପରେ ସବୁବେଳେ ରାଗି ରାଗି କଥା କହୁଥିଲା । "ଝର୍କା ପାଖରେ କାହିଁକି ଠିଆ ହେଇଛୁ, ଭିତରକୁ ଯା' ।" ଆଜି ନା, ମଦ ପିଇ ଆସି ତା' ଉପରେ ହାତ ଉଠେଇଲାରୁ ଝିଅଟା ନିଜେ ଯାଇ କିରାସିନି ଢାଳିହୋଇ ନିଆଁ ଲଗାଇ ଦେଇ ଆତ୍ମହତ୍ୟା କରିଦେଲା । ତାଙ୍କରି ଘରକୁ ରମେଶର ମୋର ଯାଇଥିଲୁ । ସେଇଠୁ ଫେରୁ ଫେରୁ ଏତିକି ଡେରି ହେଇଗଲା ।

"ଏଇଲେ ସେ ରାଜୀବଟା ବାହୁନି କାନ୍ଦୁଛି - ହେଲେ କ'ଣ ହବ ? ସେ କ'ଣ ଆଉ ଫେରିବ ?"

ଲତା ବି ଶୁଣୁ ଶୁଣୁ ଝର୍କା ପାଖକୁ ଚାଲିଯାଇ ବାହାରକୁ ଚାହିଁଥିଲା । ସେ କାନରେ ହାତ ଦେଇଦେଲା, କାରଣ ଆଉ ଆଗକୁ ଶୁଣି ପାରୁନଥିଲା । ଆଖିରେ ଲୁହ ଭର୍ତ୍ତି ହୋଇଯାଇଥିଲା । କମଳ ତାକୁ ଝର୍କା ପାଖରୁ ନିଜ ଆଡକୁ ଆଉଜାଇ ଆଣି ଲୁହ ପୋଛିଦେଲା । ଆଦରରେ ତା ମୁଣ୍ଡକୁ ଆଉଁସି କହିଲା, "କପେ ଚା' ଦେଇପାରିବ, ଭାରି ଥକି ଯାଇଛି ।" ଲତା ଚା' ଆଣିବାକୁ ଗଲାପରେ କମଳ ନିଜ ହାତକୁ ଚାହିଁଲା ।

ତା' ହାତ ପାପୁଲିର ରେଖାମାନ ସାପ ପରି ସଲସଲ୍ ହୋଇ ଏଣେ ତେଣେ ଲମ୍ବି ଯାଇଥିଲେ । ହାତଟିରେ ତା' ମୁହଁ ପ୍ରତିବିମ୍ବିତ ହେଉଥିଲା ।

□□□

Digitized by srujanika@gmail.com

# କଥାରେ କଥାରେ

ସେ ସବୁବେଳେ ଭାବୁଥିଲା ଯେ ବଦଳିଗଲେ ସବୁକଥା ଭଲ ଲାଗିବ । ଏଇଟା ନହୋଇ ସେଇଟା ହୋଇଥିଲେ ଭଲ ହୋଇଥାନ୍ତା । ଚିରାଚରିତ ଠାରୁ ଭିନ୍ନ । ସେ ଯେତେବେଳେ କେବଳ ଯୁବକ ଥିଲା ଭାବୁଥିଲା ବାହା ହୋଇପଡ଼ନ୍ତା, ବୟସ୍କ ହୋଇଯାନ୍ତା କି ? ଯଦି ଯା ନହୋଇ ତା ହୋଇଥାନ୍ତା ଖୁବ୍ ଜମନ୍ତା । ସବୁକଥାରେ ସାଧାରଣ ପଣିଆକୁ ସେ ଭିନ୍ନ କରି ଆଙ୍କି ବସେ । ଘଟଣାକୁ ସେ ମନ ଭିତରେ ଓଲଟ ପାଲଟ କରେ । ବିପରୀତ ହିଁ ତାକୁ ଚମକାଇ ଦିଏ । ବିପରୀତ ହିଁ ସେ ଭଲପାଏ । ସେଥିପାଇଁ ସେ ନିଜ ନାଁକୁ ବଦଳାଇ ଦିଏ । କରିଦିଏ ବିଳାସ ।

ଥରେ ଥରେ ବିଳାସର ମନେହୁଏ ସେ ଘରେ ଏକା ଅଛି । ସେ ଏକା ଅଥଚ ତାକୁ ବେଢ଼ି ଯାଇଛନ୍ତି ଚାରିଜଣ ଯୁବତୀ । ଚାରିଜଣ ଏକ ସମୟରେ ତାକୁ ବଳାତ୍କାର କରୁଛନ୍ତି । ଅତି ଅସମ୍ଭବ ଘଟଣା, ହେଲେ ଅଘଟଣ ନୁହେଁ । ପୃଥିବୀରେ ଏପରି ଘଟେ ନାହିଁ । ତା'ହେଲେ ଆଉ କ'ଣ ଚନ୍ଦ୍ରରେ ? ସେ କଥା ଭାବିପାରିଲା କିପରି ? ଯଦି ଭାବି ପାରିଲା ତେବେ ତାହା ଘଟି ମଧ୍ୟ ପାରେ । ତା' ମନ ଚହଲିଲା । ଉନ୍ମତ୍ତ ହେଲା । ଲତା ତା' ହାତକୁ ଚାପି ଧରିଛି, ବିନିତା ତା' ମୁହଁକୁ ମହୁପରି ବିଚାର କରୁଛି । କବିତା ତା' ମୁଣ୍ଡ ବାଳକୁ କଷି କରି ଟାଣି ଧରିଛି ଏବଂ ପୁଷ୍ପିତା ତା'ର ନଗ୍ନ ଦେହ ଉପରେ କ୍ରମାଗତ ଆଘାତ କରିଚାଲିଛି । ସେ ଜାଣେନି ବିଳାସର କଠିନ ଦେହ ଉପରେ ଯୁବତୀର ଆକ୍ରମଣ ଗୋଟେ ହାଲ୍‌କା ସ୍ପର୍ଶପରି । ସତେ ଅବା ଝଲକାଏ ପବନ । ପବନରେ ବାସ୍ନା । ଯେମିତି ଫୁଲରେ ରେଣୁ, କାନରେ ବେଣୁ । ନା ବରଂ ଏବେ ତାର ଉଗ୍ରଭଙ୍ଗ ହୋଇଯିବ । ଚତୁର୍ଦ୍ଦିଗରୁ ଯଦି କୁସୁମରେ ପ୍ରହାର କରାଯାଏ କେଉଁ ପୁରୁଷଟି ବା ଭୀରୁରେ ପରିବର୍ତ୍ତିତ ନହେବ ? ତେଣୁ ବିଳାସର ମନ ଚଞ୍ଚଳ ହେବାର କାରଣ ହେଲା ତାର ସମୟ ସଚେତନତା । ସମୟ କେବେ· ଫେରି ଆସେନାହିଁ । ସବୁବେଳେ ଚାଲୁଥାଏ । ଘଣ୍ଟାକୁ ଭାଙ୍ଗିଦେଲେ ବି ସେ ଅଟକେ ନାହିଁ । ମୁହଁରେ ପାଉଡର, କ୍ରିମ୍ ବୋଳିଲେ ଯୌବନ ସ୍ଥିର ରହେନି । ଆଚାର ଚାଟିଲେ କୈଶୋର ସ୍ଥାୟୀ ହୁଏ ନାହିଁ, କିମ୍ବା ରାସ୍ତାରେ ଠିଆ ହୋଇ ଦୂରକୁ ଚାହିଁଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ହୁଏ ନାହିଁ ।

ସେ ଯେତେବେଳେ ପ୍ରଥମ ଯୁବତୀ ପ୍ରତି ଆକୃଷ୍ଟ ହେଲା ସେତେବେଳେ ସେ ସେହି ଆକର୍ଷଣର କୌଣସି ନିର୍ଦ୍ଦିଷ୍ଟ କାରଣ ବୁଝିପାରିଲା ନାହିଁ । ସବୁ କଥାର କାରଣ

Digitized by srujanika@gmail.com

ଖୋଜିବା ମଧ୍ୟ ଗୋଟେ ବୋକାମୀ । ତୁମେ ଖୋଜ ବା ନଖୋଜ, ଖୋଜି ବାହାର କର ବା ନକର, ଘଟଣା ଅଛି ମାନେ ତା'ର କାରଣ ବି ଅଛି । ସବୁ କଥାର କାରଣ ଅଛି, ତେଣୁ ପାଣି ତଳକୁ ଗଡେ, ଧୂଆଁ ଉପରକୁ ଉଠେ । ଭୋକର ଖାଦ୍ୟ ଲୋଡା । ମୋ ପାଇଁ ଗପ ଲୋଡା ତେଣୁ ମୁଁ ଲେଖିବି । ଘଟଣା ଘଟିଥାଉ ବା ନଥାଉ । ବୋଧହୁଏ ନ ଘଟିଥିବା ଘଟଣାମାନ ଘଟିଥିବା ଘଟଣାମାନଙ୍କଠାରୁ ଖୁବ୍ ଜରୁରୀ । ସେ ନିଜକୁ ନିଜେ ଏକା ଏକା କହିବାକୁ ଆରମ୍ଭ କଲା ଏପରି ଗପ, ଯେଉଁଥିରେ ସେ ଯାହାସବୁ ବନେଇ ଚୁନେଇ କହୁଥିଲା ତାହା ଆଦୌ ଘଟିନଥିଲା ।

ବସ୍‌ରେ ଘରକୁ ଫେରିବା ବେଳେ ଏଥରକ ନିଜକୁ ସମ୍ପୂର୍ଣ୍ଣ ଏକା ଅନୁଭବ କରୁଥିଲା ବିଳାସ । ସାଙ୍ଗରେ କେହି ନାହିଁ । ସେ କୁଆଡେ ଗଲା ? ସେଇ ଯୁବତୀ ମ ? ଆର ଥର ତ ଥିଲା ସେଇ ସେପଟକୁ ବସିଥିଲା । ଝର୍କା କଡ଼ ସିଟ୍‌ରେ । ମଝିରେ ମଝିରେ ଏଥର ହସୁନି, ତା' ଆଡକୁ ଚାହୁଁନି ମଧ୍ୟ । କଥା କହିବାର ସମ୍ଭାବନା କ୍ଷୀଣ । ତଥାପି ସେ ନ କହିଥିବା କଥାମାନ ବିଳାସକୁ ଶୁଭୁଛି । ସେ କହୁନି ବୋଲି ତା'ର ବିଶ୍ୱାସ ହଉନି । କାହିଁକି ଦି ପଦ କଥା କହିଲେ କ'ଣଟା ସରିଯାଉଛି ତା'ର ? ନମସ୍କାର ବି କରିପାରନ୍ତା, ତା ବି ନାହିଁ । ହଠାତ୍ ବିଳାସକୁ କିଛି ଶୁଣାଗଲା । ସେ ଭଲ କରି କାନେଇଲା ।

"ଅଧଘଣ୍ଟାଏ ପାଇଁ ବି ମୋର ବ୍ୟକ୍ତିଗତ କଥା ହୋଇ ରହିପାରିଲିନି, ବିଳାସ । ମୁଁ ସବୁବେଳେ ଅନ୍ୟର ଆଦେଶ, ଅନୁଜ୍ଞା, ପ୍ରଶ୍ନ ଓ ଅନୁସନ୍ଧିତ୍ସାର ଶରବ୍ୟ । ଏବେ ମୋ ପାଖରେ ଲଜିକ୍‌ର ଘୋର ଅଭାବ । ଏଇ ଯେମିତି ରାତି ପରେ ସକାଳ ଆଉ ତା'ପରେ ପୁଣି ରାତି । ମୁଁ ନୀରବତାରେ ଆହତ ହୋଇପଡେ । ମୁଁ କ'ଣ କେବଳ ଅନ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ । ମୁଁ ଛାର ନାରୀ, ଦାସୀ, ଅନୁଚରୀ । ମୁଁ ଶବ୍ଦ ଖୋଜେ ଯାହା ମୋ କଥା ମୋ ଭାଷାରେ ପ୍ରକାଶ କରିବ । ପାରେନି । ସେମାନେ ମତେ ଖୋଜିବା ଆଗରୁ ପାଇଯାନ୍ତି । ମୁଁ ଲୁଚିବା ପରେ ବି ସହଜରେ ଧରାପଡିଯାଏ । ସତରେ ମତେ ଲୁଚିବାକୁ ଜାଗା ମିଳେନି । କବାଟ କୋଣ, ରୋଷେଇ ଘର, ଗାଧୁଆ ଘର, ଡ୍ରଇଂ ରୁମ୍, ମଶାରୀ ଭିତର, ରାସ୍ତା ଉପର, ଏପରିକି ଜନାରଣ୍ୟ ସହରୀ ସନ୍ଧ୍ୟାରେ ମୁଁ କେଉଁଠି ହଜିପାରେନି । ମୋ ଶାଢୀର ରଙ୍ଗ ତଳେ ସେମାନେ ମୋ ଦେହର ଚମକକୁ ସ୍ପଷ୍ଟ ଦେଖି ନିଅନ୍ତି । ମୋର ନିଜର କେହି ନାହାନ୍ତି । ସମସ୍ତେ ଶତ୍ରୁ ।"

"ତୁମେ ଏମିତି କାହିଁକି ଭାବୁଛ ?" ପଚାରିଲା ବିଳାସ ।

"ହଁ, ତୁମେ ଆଉ କୋଉ ଅଜଗା କି ? ତମ ଆଖି ମତେ ଏମିତି ଦେଖିନଉଛି ଯେ ମତେ ସମ୍ପୂର୍ଣ୍ଣ ଉଲଗ୍ନ ହେଲାପରି ଲାଗୁଛି । ନା ବରଂ ତୁମେ ଜଣେ ହତ୍ୟାକାରୀ ପରି, ଆଘାତ ଦେବା ତୁମର କାମ, ରକ୍ତ ବୁହାଇବା ତୁମର ପେଷା । ତୁମେ ଗଢ଼ିପାରନା, କେବଳ ଭାଙ୍ଗିପାର । ତୁମ ହାତର ସ୍ପର୍ଶରେ ମୁଁ ଜଳୁଛି ।"

Digitized by srujanika@gmail.com

"କାଲି ରାତିରେ ତୁମେ କେଉଁଠି ଥିଲ କି ?"

"ଲୁଚି ଥିଲି ।"

"କାହିଁକି ?"

"ତୁମ ଭୟରେ ।"

"କେଉଁଠି ?"

"ତୁମ ଆଲିଙ୍ଗନ ଭିତରେ ।"

ଏପରି ଆଉ ଅଧିକ ବାର୍ତ୍ତାଳାପକୁ ଆଗେଇ ନେବା ସମ୍ଭବ ହେଲାନି । ତେଣୁ ବିଳାସ ହଠାତ୍ ଅଟକି ଯାଇ ସିଧା ସିଧା ପଚାରିଲା - "ତୁମ ସ୍ୱାମୀ ?"

"ସେ ଆଜିକାଲି ଖୁବ୍ ଚିନ୍ତିତ ହୋଇ ପଡିଛନ୍ତି । ବୟସ୍କ ବି । ବୁଢା କହିଲେ ଚଳିବ ।"

"ତୁମେ ବି ତ ଖୁବ୍ ଯୁବତୀ ହୋଇ ରହିନାହଁ ।"

"ମୁଁ କ'ଣ ଏପରି ବୁଢୀ ପରି ଦେଖାଯାଉଛି ?"

"ନା ସେତେ ବେଶି ନୁହେଁ, ତେବେ ଅନୁଭବୀ ନିଶ୍ଚୟ । ପରିବାରର ଅନୁଭବ ଏବଂ ଅନ୍ୟାନ୍ୟ ଖୁସିର ଅନୁଭବ ।"

"ଅନୁଭବ କହିଲେ ମୋ ପାଇଁ କେବଳ ପ୍ରେମର, ଯନ୍ତ୍ରଣାର, ଦୁଃଖର... ଖୁବ୍ ଶାରୀରିକ ଯନ୍ତ୍ରଣାରେ ଦଗ୍ଧ । ମୋ ସ୍ୱାମୀକୁ ଦେଖିଲେ ତୁମେ ଜାଣିପାରିବ ।"

"ତେବେ ?"

"ଚାଲ ସେ ଦି'ଜଣଙ୍କୁ ଅଲଗା ବସେଇ ଦେବା ଏବଂ ଆମେ ଦି'ଜଣ ଏକାଠି ଆମ ଅନୁମାନକୁ ସଂଗଠିତ କରିବା । କିଛି ନହେଲେ ଗପିବା ।"

"ସେମାନଙ୍କୁ ଜବରଦସ୍ତ ଏକାଠି କରିବା ସମ୍ଭବ ନୁହେଁ ।"

"ତେବେ ଆମେ ନିଜେ ନିଜେ ସେ ଦି ଜଣରେ ବଦଳିଯିବା - ପରକାୟା ପ୍ରବେଶ କରିବା ।"

"ସେ ସ୍ୱାଧୀକାର ମୋର ନାହିଁ ।"

"ମୁଁ ନିଜେ ନିଜର ବିରୋଧୀ । ମୋ ଇଚ୍ଛାର ମୁଁ ନିଜେ ବାଧା ।"

"ତଥାପି ଥରେ ଚେଷ୍ଟା କରି ଦେଖିଲେ କ୍ଷତି କ'ଣ ? ମୋର ତୁମକୁ ଏକାନ୍ତ ଅନୁରୋଧ । ଏଇ ମୁହୂର୍ତ୍ତରୁ ତୁମେ ରାଧିକା ହୋଇଯାଅ । ମୁଁ ହୋଇଯାଉଛି ଶ୍ରୀମାନ୍ ବଂଶୀଧର - ଛୋଟ କରି କହିଲେ କେବଳ ଶ୍ରୀଧର । ମୁଁ ସତ୍ୟପାଠ କଲାପରି କହୁଛି । ତୁମେ ଡରିବନି । ଡରିଗଲେ ଲୋକ ମରିଯାଏ । ତୁମେ ମରିବନି । ରାଧିକା, ତୁମେ ମରିନପାର, ମୋ ପାଖକୁ ଘୁଞ୍ଚିଆସ । ବସ । ଏଠି ଆଉ ଆମକୁ କେହି ଦେଖି ପାରିବେ ନାହିଁ । ଏଠି ସମସ୍ତେ ଯେଝା କାମରେ ବ୍ୟସ୍ତ । କିଏ ତମକୁ ଦେଖୁଛି ନା ଚାହୁଁଛି ।

Digitized by srujanika@gmail.com

ଦେଖିଲେ ବି କିଏ ଆମର କ'ଣଟା କରିପକେଇବ ଯେ ?"

ଶ୍ରୀଧର କହିଲା, "ଆମେ ଅନ୍ୟମାନଙ୍କର ମତାମତକୁ ଗୁରୁତ୍ୱ ନଦେଇ ନିଜ କଥା ନିଜେ ବୁଝିଲେ ଅଧିକ ସୁଖୀ ହୋଇପାରିବା ।"

ରାଧିକା କହିଲା, "ମୋର ନିଜତ୍ୱ ବୋଲି କିଛି ନାହିଁ ।"

"କାହିଁକି ?"

"ସେ ସବୁ ଅଧିକାର ମୋର ଚାଲି ଯାଇଛି । ମୁଁ ଗୋଟେ ଚାକରାଣୀ, ରାନ୍ଧୁଣୀ ବୋଲି କହିଲେ ଠିକ୍ ହେବ । ଶାଢୀ ପିନ୍ଧା ମଖମଲି ଡଲ୍ । ନାଲି ଓଠ ଓ କଜଳ ଆଖିରେ ଗଢ଼ା ମୋର ମୁହଁ । ଚୁଡ଼ିରେ ଭରା ମୋର କଲାଇ । ରାତି ହେଲେ ମୁଁ ଗୋଟେ ହାଲିଆ ଦେହରୁ ଲମ୍ବିଥିବା ଦି'ଟା ଜଙ୍ଘ ।"

"ନା ନା ସେକଥା ସବୁ ମିଛ । କେତେଟା ଡ଼ଲ୍ ଏପରି କଥା କହିପାରନ୍ତି ? କେତେଟା ଚାକରାଣୀ ନିଜକୁ ଏତେ ସୁନ୍ଦର କରି ସଜାଇ ପାରନ୍ତି । ଅଥବା କେଉଁ ଜଙ୍ଘ ଉପରେ ତିଷ୍ଠିଥିବା ଦେହ ଏତେ କାବ୍ୟିକ କଥା କହିବାରେ ସାହାଯ୍ୟ କରେ ? ତୁମର ଆଖି ମୋ ଆଖିରେ ମିଳାଅ, ଦେଖିବ କିପରି ଜୁଆର ଭରିଯାଉଛି ତୁମ ହୃଦୟରେ ।"

ହଠାତ୍ ରାଧିକାର ହାତକୁ ନିଜ ହାତରେ ମୁଠାଇ ଧରି ଆଉଁସି ଆଉଁସି ସେ ପଚାରିଲା- "ଘରକାମ କରିବା ଛାଡି ଦଉନ ? ଘରକାମ କରି କରି ଏ ହାତ ଶ୍ରୀହୀନ ହୋଇଗଲାଣି । ତୁମେ ଏଥର ଘରକାମ ଛାଡି ଅନ୍ୟାନ୍ୟ କାମ କର । ତୁମକୁ ସାଜେନା ଘରଓଳା, ବାସନ ମଜା, ରନ୍ଧାବଢା । ଏସବୁ ପାଇଁ ଚାକରାଣୀଟିଏ ରଖ । କହିବ ଯଦି ତୁମର ସାହାଯ୍ୟ ପାଇଁ ମୁଁ ମୋର ସ୍ତ୍ରୀକୁ ପଠାଇ ଦେବି । ସେ ଘର କାମରେ ସାହାଯ୍ୟ କରିବେ ।"

"କାମ ନ କଲେ ଖାଇବା କ'ଣ ?"

"ହୋଟେଲ୍‌ରେ ଖାଇବା ।"

ରାଧିକା ହସିଲା । ଶ୍ରୀଧର ହାତରୁ ନିଜ ହାତକୁ ଖସାଇ ନେଇ ନିଜ ଜଙ୍ଘ ଉପରେ ଥୋଇଲା । କହିଲା - "ହୋଟେଲ୍ ଆମ ପାଇଁ ଦିନେ ଓଳିଏ କଥା । ସବୁଦିନିଆ ହୋଇନପାରେ । ତଥାପି ମତେ ବଡ଼ ଭୋକ ହେଲାଣି ।"

ଶ୍ରୀଧର ଏହାକୁ ଏକ ସୁଯୋଗ ମନେକରି ପଚାରିଲା, "ସାଉଥ ଇଣ୍ଡିଆନ୍ ଖାଇବ ?" ତାପରେ ସେମାନେ ଯାଇ ସିଧା ସାଉଥ୍ ଇଣ୍ଡିଆନ୍ ରେଷ୍ଟୋରାଁରେ ବସିଲେ । ଶ୍ରୀଧର ପଚାରିଲା, "କ'ଣ ଖାଇବା ? ଯାହା ଇଚ୍ଛା ବରାଦ କର । ମତେ ଆଜି ବୋନସ୍ ମିଳିଛି ଏବଂ ମୁଁ ଖୁବ୍ ଭଲ ମୁଡ୍‌ରେ ଅଛି । ତୁମର କିଛି ଭାବିବା ଦରକାର ନାହିଁ । ଏକଥା ଶ୍ରୀଧର କହିପାରିଲା କିପରି କେଜାଣି । କୌଣସି ହୋଟେଲ୍‌ରେ ବସି ଖାଇବା ବେଳେ ସେ ତ ବରା ଇଡଲି ବା ଦୋଷା ସହିତ ତା'ର ଦାମ ମିଶାଇ ହିସାବ କରୁ କରୁ ତା'ର

Digitized by srujanika@gmail.com

ଅଧା ସ୍ୱାଦ କମିଯାଏ । କିନ୍ତୁ ଆଜି ଏ କ'ଣ ? କି ବେହିସାବି ଢଙ୍ଗ । ରାଧିକା ବି ଯେବେ ଯେବେ ହୋଟେଲ୍ ଯାଏ ତା'ର ଗାଣିତିକ ଦୁର୍ବଳତାର ସାମ୍ନା କରେ । ଏଠାରେ ସେମାନେ ଯାହା ସବୁ ବରାଦ କଲେ ତାହା ପ୍ରାୟ ମିଳିଲା ନାହିଁ । କାଚଗ୍ଲାସରୁ ସୁଡ୍‌ସୁଡ୍ କରି ଚା ପିଇଲା ବେଳେ ସେମାନେ ବାଁ ପାଖ ଟେବୁଲ୍‌ରେ ପାଖାପାଖି ଗେଞ୍ଜି ହୋଇ ବସିଥିବା ଦୁଇଜଣ ଯୁବକ ଯୁବତୀଙ୍କୁ ଦେଖିଲେ ଏବଂ ସେଥିପାଇଁ ସେମାନେ ଲାଜେଇ ଗଲେ ।

ପ୍ରକୃତରେ ସେ ପଟକୁ ବସିଥିବା କଳା ଯୁବକଟି ସ୍ୱଭାବତଃ ଖୁବ୍ ଲାଜକୁଳା ଥିଲା । ସେ ଚଷମା ପିନ୍ଧିଥିଲା ଏବଂ ତା ଆଖି ଦୁଇଟା ଚଷମା କାଚ ପଛରେ ଲୁଚି ପଡୁଥିଲେ । ଭୟ ଓ ଲାଜ ସହିତ ତା' ମନରେ ଦୁର୍ବଳତା ବି ଭରିଥିଲା । ଏବେ ସେ ତଳକୁ ମୁହଁକରି ଯୁବତୀର ସମସ୍ତ କଥାରେ ମୁଣ୍ଡ ହଲାଉଥିଲା ଏବଂ ବେଳେ ବେଳେ ସଂକ୍ଷିପ୍ତ ଉତ୍ତର ଦେଉଥିଲା । ତା' ଚାପା ଗଳାର ଉତ୍ତର କେବଳ ଯୁବତୀ ହିଁ ଶୁଣିପାରୁଥିଲା ଏବଂ ଶୁଣୁଶୁଣୁ ଖୁବ୍ ଖୁସି ହେଉଥିଲା । ସେ ହସିଲାବେଳେ ତା ଛାତି ମଧ ଦୋହଲି ଯାଉଥିଲା ।

ହଠାତ୍ ଯୁବତୀ ହସ ବନ୍ଦ କରି ତା ଘଣ୍ଟାକୁ ଦେଖିଲା ଏବଂ କହିଲା, "କହିଥିଲି ପରା ଚାରିଟା ବାଜିଲା ମାତ୍ରେ ମତେ ମନେ ପକେଇ ଦବ ବୋଲି । ତୁମେ ଏତେ ଇଏ । ବାପା ସାଢେ ଚାରିଟାରେ ଘରକୁ ଫେରିବେ । ତମେ ଜାଣିଛ, ଅଥଚ ମତେ ଏତିକି ଟିକେ ମନେ ପକାଇ ପାରିଲନି । ଏଇଲେ ମୁଁ ଘରେ ପହଞ୍ଚିଲା ବେଳକୁ ସେ ପହଞ୍ଚି ସାରିଥିବେ । କ'ଣ କହି ତାଙ୍କୁ ଏତେ ଡେରି ହେଲା ବୋଲି ବୁଝାଇବି ?"

"ମିଛ କଥା" ମନେ ମନେ କହିଲା ଯୁବକ । ଯାହା ପ୍ରତ୍ୟେକ ଯୁବତୀର କହିବା ଅଭ୍ୟାସ । ପୁଣି ଏ ସମୟରେ ।

ଯୁବତୀ ଅଧିକ କିଛି ନ କହି ଉଠି ଚାଲିଗଲା ଏବଂ କାଉଣ୍ଟର ପାଖରେ ପଇସା ଗଣି ଦେଲା ଏବଂ ଥରେ ବି ପଛକୁ ନଚାହିଁ ଚାଲିଗଲା । ଯୁବକ ତା ଜାଗାରେ ଉଠି ଛିଡା ହେଲା ଏବଂ ତା ସମଗ୍ର ଶରୀରତତ୍ତ୍ୱ ଯେପରି ତା ପାଦ ଦେଇ ତରଳିଗଲା । ଶ୍ରୀଧରର ମନେହେଲା ଯେପରି ଯୁବକଟି ଉଭେଇଗଲା ଅଥବା ତା'ଠାରେ ଲୀନ ହୋଇଗଲା । ଠିକ୍ ଯେମିତି ଭୂତ ଗପରେ ହୁଏ କିମ୍ବା ଗୁଣିଗାରୁଡିରେ ହୁଏ । ଶ୍ରୀଧରକୁ ଖୁବ୍ ଓଜିନିଆ ଲାଗିଲା । ସେ ତା ନିଶରେ ହାତମାରି ସାଉଁଳେଇଲା ଏବଂ ଯୋତାର ଫିତାକୁ ଜୋର କରି ଆଣ୍ଠି ବାନ୍ଧିଲା । ତା କାନ୍ଧରେ କିଏ ଗୋଟେ ସବାର ହୋଇଛି ।

ରାଧିକା ଏଥରକ ଚା ଗ୍ଲାସ୍‌ଟା ସର୍ବତ ଗ୍ଲାସ ପରି ଉଠାଇ ପିଇ ଦେଲା ଏବଂ କହିଲା, "ଜାଣିଛ ଆଜି ସକାଳେ କ'ଣ ହେଲା ?"

"କ'ଣ ?" ପଚାରିଲା ଶ୍ରୀଧର ।

Digitized by srujanika@gmail.com

"ମୁଁ ତାଙ୍କୁ (ମିଛରେ) କହିଲି ଆଜି ମୋ ଦେହଟା ଦରଜ ଲାଗୁଛି । ଉଠିବାକୁ ମନ ହଉନି । ତୁମେ ଟିକେ ଚା'ଟା କରି ଆଣନ୍ତନି । ସେ କହିଲେ ହଉ ଠିକ୍ ଅଛି କିନ୍ତୁ ଭାବିଲେ ଆଜିକାଲି ଯୁଗ ତ ଓଲଟା । ମୁଁ ସେଇମିତି ଶେଯ ଉପରେ ଗଡ଼ପଡ଼ ହେଲି । ସେ ଚା' ବସାଇ ଦେଇ ପାଣିଟା ଗରମ ହଉ ହଉ ଆସି ମୋ ପିଠି ଓ ମୁଣ୍ଡକୁ ଚିପିଲେ । ବଡ଼ ଆରାମ ଲାଗିଲା । ବେଶି ଆରାମ ଲାଗିଲା କାରଣ ମୁଁ ମିଛ କହିଥିଲି । ବେଳେ ବେଳେ ତାଙ୍କୁ ଏମିତି ମିଛ କହିଲେ ମତେ ଖୁବ୍ ମଜା ଲାଗେ । ପୁଣି ସେ ଅଳ୍ପ ସମୟ ପରେ ଟ୍ରେ'ରେ ଚା' ଆଣିଲେ । ମୁଁ ମୋ ଗାଲରେ ଉଠୁଥିବା ଏକ ନୂଆ ବ୍ରଣ ଉପରେ ବାସି ଛେପ ଲଗାଉ ଲଗାଉ ପଚାରିଲି, "କେତେଟା ବାଜିଲାଣି ।" ସେ କାନ୍ଥ ଘଣ୍ଟାକୁ ଦେଖି କହିଲେ ସାଢେ ସାତ । ମୁଁ ପୁଣି ଆଖି ମଳିମଳି ପଚାରିଲି, "କ'ଣ, ଆଜିକଥା ମନେ ଅଛି ତ ?" ସେ ସାଙ୍ଗେ ସାଙ୍ଗେ କହିଲେ "ହଁ ମନେ ଅଛି ।" ପ୍ରକୃତରେ କିଛି କଥା ନଥାଏ ।

ରାଧିକାର ଏପରି ଦୁଷ୍ଟ ଖୟାଲର ଶୀକାର ହୋଇ ପଡୁଥିବା ତା'ର ବୁଦ୍ଧୁ ସ୍ୱାମୀ ପ୍ରତି ଶ୍ରୀଧରର ଦୟା ଆସୁଥିଲା । ସେ କିନ୍ତୁ ସେତେବେଳେ ନିଜ ବିଷୟରେ ଅଧିକ ସଚେତନ ଥିଲା । ସେ ଭାବୁଥିଲା ହୁଏତ ବ୍ରହ୍ମଦତ୍ତ ଏକ ରାକ୍ଷସ ଯିଏ ରାଧିକାକୁ ଉପରେ ଉପରେ ଅଧିକ ଭଲ ପାଇବାର ଛଳନା କରୁଛି ଏବଂ ଠିକ୍ ସମୟରେ ସୁଯୋଗ ପାଇଲେ ଯଥାବିଧି ଚର୍ଚ୍ଚା କରିବ । ସେ କଥା ବର୍ତ୍ତମାନ ଚିନ୍ତା କରିବାର ସମୟ ନୁହେଁ । ଏଠାରେ ସେ କେବଳ ରାଧିକାର ଦେହ ଉପରେ ଧ୍ୟାନ ଦେଉଛି । ତାର ଚଟୁଳ ଶରୀରର ପ୍ରତି ଲୋମକୂପରେ ଭରିଛି ବିବାଦିତ ଯୌନ ପିପାସାର ପରମାଣୁ । ସେ ସମ୍ପୂର୍ଣ୍ଣ ସୁସ୍ଥ ହଳଦୀ ରଙ୍ଗର ଖୁସ୍‌ମା ଗୋଲଗାଲ୍ ସ୍ତ୍ରୀ ଲୋକଟିଏ । ତା ଶରୀରର ମୁଖ୍ୟ ଅବୟବର ପ୍ରାୟ ଅଶି ପ୍ରତିଶତ ଆବୃତ୍ତ । ମୁଣ୍ଡରେ ଗହଳ କୁଞ୍ଚିତ କେଶ । ମୁହଁଟା ପ୍ରାୟ ବୃତ୍ତାକାର । କପାଳରେ ଲୋହିତ ବିନ୍ଦୁଏ ଦାଗ । ଆଖି ଦି'ଟା ମଝିରେ ବ୍ୟବଧାନ ଆବଶ୍ୟକତା ଠାରୁ ଅଧିକ । ଡୋଳା ପାଣିଚିଆ ଢଳଢଳ, ନାକ ସ୍ଫୀତ । ତା ତଳକୁ ଖୁବ୍ ଗଭୀର ଗୋଲାପୀ ରଙ୍ଗର ଓଠ ଯାହା ତାକୁ ମାନେ । ଗାଲରେ ଦିଟା କୁନି କୁନି ଖାଲୁଆ ଡିମ୍ପଲ । ବେକଟା ଖୁବ୍ ଦୀର୍ଘ ନହେଲେ ବି ଲମ୍ବା । କାନ୍ଧ ସିଧା । ଛାତି ଚୌଡ଼ା । ଚୋଳି ଭିତରେ ଆକର୍ଷଣୀୟ ବର୍ତ୍ତୁଳତା । ତା' ଭିତରେ ତା ହୃତପିଣ୍ଡଟା ଖୁବ୍ ଜୋର୍‌ରେ ଧକ୍‌ଧକ କରୁଛି ।

ସେ ତାକୁ ରେଷ୍ଟୋରାଁ ବାହାରେ ଛିଡା ହୋଇ ଭୋକରେ ଭିକ ମାଗୁଥିବା ଭିକାରୁଣୀ ସହିତ ତୁଳନା କରି ବିଚାର କଲା । ଦୁଇଜଣ ଉଦ୍‌ବିଗ୍ନ, ଦୁଇଜଣଯାକ କିଛି ଖୋଜିବାରେ ବ୍ୟସ୍ତ । ଖୋଜିବା ଜିନିଷ ପାଇ ସାରିବା ପରେ ମଧ ଖୋଜା ବନ୍ଦ କରିବେ ତା'ର କୌଣସି ଗ୍ୟାରେଣ୍ଟି ନାହିଁ । ଦୁହିଁଙ୍କୁ ସମୟ ଅତିକ୍ରମ କରିଯାଉଛି । ଦୁହେଁ ଦ୍ୱିଧାଗ୍ରସ୍ତ, ସ୍ୱାର୍ଥପର । ସେମାନଙ୍କ ଭିତରେ ତଫାତ୍ ଏତିକି ଯେ ରାଧିକା ପାଇଁ ସେ ଘରୁ ଲୁଚି ଲୁଚି

Digitized by srujanika@gmail.com

କାହାକୁ କିଛି ନକହି ଚାଲିଆସିପାରେ । ଏବଂ ତା'ଠାରୁ ନିଜର ସବୁ ସତକଥା ଲୁଚାଇ ରଖିପାରେ । ଭିକାରୁଣୀ ତାକୁ ଆଖିଠାରି ଡାକି ପାରିବନି । ରାଧିକା ପରି ତା' ହାତକୁ ଛୁଇଁ ପାରିବନି କିମ୍ବା ତାକୁ ମିଛ ଗପ କହିପାରିବନି । ତା' ପାଇଁ ଶ୍ରୀଧରର କୌଣସି ଆକର୍ଷଣ ନାହିଁ । ସେ ତାକୁ ଦୂରରୁ ଦେଖିପାରେ ଘୃଣାରେ, ଦୟାରେ, କରୁଣାରେ ବା ଅଜାଣତରେ । ରାଧିକାର ଦେହର ଆକର୍ଷଣ ଯେତିକି ଆବୃତ, ଭିକାରୁଣୀର ଦାରିଦ୍ର୍ୟ ସେଇ ଅନୁପାତରେ ଅନାବୃତ । ରାଧିକା ଦୟାପରବଶ ହୋଇ ଭିକାରୁଣୀକୁ ଦଶ ଟଙ୍କିଆ ନୋଟ୍‌ଟାଏ ବଢେଇ ଦେଲା । ଶ୍ରୀଧର ତାର ଏ ଦାନରେ ମୁଗ୍ଧ ହୋଇ ତାକୁ ଚାହିଁଲା । ତାପରେ ପଚାରିଲା – "ଆଚ୍ଛା, ବ୍ରହ୍ମଦତ୍ତ ତୁମକୁ ଖୋଜୁ ନଥିବେ ? ତୁମେ ଏକା ଏ ବେଳାରେ ଅନ୍ୟ ଲୋକଟିଏ ସହିତ । ତାଙ୍କ ମନରେ ବିଦ୍ରୋହ ଉପୁଜିବନି ? ତାଙ୍କର କ୍ରୋଧ ପ୍ରତି ତୁମର ଭୟ ନାହିଁ ? ପଚାରିଲେ ତୁମେ ତାଙ୍କୁ କି ଉତ୍ତର ଦେବ ?"

"ଏସବୁ ପଚାରିବାକୁ ତାଙ୍କୁ କିଏ ଅଧିକାର ଦେଇଛି ? ମୁଁ ତ ଦେଇନି । ସବୁ ପ୍ରକାର ପ୍ରଶ୍ନର ଉତ୍ତର ଦେବାକୁ ମୁଁ ବାଧ୍ୟ ନୁହେଁ। ଉତ୍ତର ଦେଲାବେଳେ ବି ସତକଥା କହିବାକୁ ମୋର ବାଧ୍ୟବାଧକତା ନାହିଁ । ଆଉ ତମେ ତ ବେଶ ଭଲ କରି ଜାଣ ମୁଁ କିଛି ବି କହିଦେଇପାରେ । ମିଛକୁ ସତ କଥା ପରି କହିପାରେ । ଏଇ ଯେମିତି ଏବେ ତମକୁ ତମରି ସାମ୍ନାରେ କହୁଛି । ପୁରୁଷମାନେ କ'ଣ ଏମିତି କରିପାରିବେ ? ଯଦି ତୁମର ପ୍ରିୟତମା ତୁମକୁ ଗୋଇନ୍ଦା ପରି ପ୍ରଶ୍ନ ପଚାରିବ ତେବେ ତମେ କ'ଣ ଉତ୍ତର ଦେବ ? ତୁମ କଥା ସେ ଗ୍ରହଣ କରି ନପାରେ ହେଲେ ସେ ଯାହା କହିବ ତାକୁ ସତକଥା ବୋଲି ବିଚାର ନକରି ତୁମର ଅନ୍ୟ ଗତି ନାହିଁ ।

ଶ୍ରୀଧର ନୀରବ ହେଲା ମାତ୍ର ଆଶ୍ୱସ୍ତ ହୋଇପାରିଲା ନାହିଁ । ପକେଟ୍‌ରେ ହାତ ପୂରାଇ ପର୍ସଟା କାଢ଼ି ପଇସା ଦେବା କଥା ଚିନ୍ତା କଲାବେଳେ ତା'ର ପକେଟ୍‌ରେ ଖୁଚୁରା ପଇସାମାନେ ଝଣଝଣ୍ ହେଲେ । ସେଇଟା କେବଳ ଅର୍ଥନୈତିକ ଦାରିଦ୍ର୍ୟ ନୁହେଁ । ପଇସା ହୁଏତ ପୌରୁଷ ଉପରେ ବୋଝ ପରି । ହଠାତ୍ ରାଧିକା ବଡ଼ପଣ ଦେଖାଇ କହିଲା, "ଆଜି ମୁଁ ଦେଉଛି, ତୁମ ପାଳି ଆଉ ଦିନେ ।" ତା'ପରେ ସେ ରୁମାଲ୍ କାଢ଼ି ମୁହଁ ପୋଛିଲା ଏବଂ କହିଲା, "ଏଇ ରୁମାଲ୍ କାହାର ଜାଣିଛ ? ଚନ୍ଦ୍ରଭାନୁର । ସି ଫର ଚନ୍ଦ୍ରଭାନୁ । ଚନ୍ଦ୍ରଭାନୁକୁ ଦେଇଥିଲା ସିନି । ଚନ୍ଦ୍ରା ମାଉସୀର ପୁଅ ଚନ୍ଦ୍ରଭାନୁ । ମଟର ସାଇକେଲଟାଏ କିଣିବ ବୋଲି ମଉସାଙ୍କୁ ପଇସା ମାଗିଲା ମନା କରିଦେଲାରୁ ମୁଠାଏ ନିଦ ଔଷଧ ଗିଳି ଶୋଇପଡ଼ିଲା ଯେ ଆଉ ଉଠିଲାନି । ସିନି ବୋଲି ଯେଉଁ ଝିଅଟିକୁ ସେ ଭଲ ପାଉଥିଲା ସେ ଚାହୁଁଥିଲା ଯେ, ମଟର ସାଇକେଲ୍ ପଛରେ ବସି ବୁଲିଥାନ୍ତା । କିନ୍ତୁ ସେ କଥା ହେବାର ନୁହେଁ । ଏଇ ପାଖରେ ତାଙ୍କ ଘର । ମାଉସୀ ଥିବ ଯେ । ଯିବ କି ? ମାଉସୀଟା ଭାରି ସ୍ନେହମୟୀ; ଯାହାକୁ ଦେଖିଲେ ପୁଅ ପରି ଭଲ ପାଇବ ।"

Digitized by srujanika@gmail.com

ଗପି ଚାଲିଛି ଯେ, ଗପି ଚାଲିଛି, ଆଦୌ ରୋକୁନି । ରାଧିକା ରୁମାଲରେ ମୁହଁପୋଛି ଚାଲିଛି । "ବିଚରା ଚନ୍ଦ୍ରଭାନୁ ମତେ ମାଗିଥିଲେ ମୁଁ ଟିକେ ଯା'ଙ୍କୁ କହି ଆମ ମଟର ସାଇକେଲଟା ଦେଇ ନଥାନ୍ତି ! ସିନିକୁ ପଛରେ ବସାଇ ବୁଲାଇ ଆଣିଥାନ୍ତା । ସିନେମା ନେଇଯାଆନ୍ତା । ମରି ଯାଇ କି ଲାଭଟା ପାଇଲା ? ସିନି ତ ତାକୁ ଏବେ ଆଉ ମନେ ରଖିନଥିବ । ନା ରଖିଥିବ ? ମୁଁ କହିପାରିବିନି ।" ସେ ଅଟକିଗଲା ଏବଂ କିଛି ସମୟ ପରେ ପୁଣି ପଚାରିଲା–

"ଆଚ୍ଛା, କହିଲ ଶ୍ରୀଧର, ବ୍ରହ୍ମଦତ୍ତ ମତେ ଏପରି ହେୟଜ୍ଞାନ କରିବାର କାରଣଟା କ'ଣ ? ବୋଧହୁଏ ମୁଁ ଜଣେ ସ୍ତ୍ରୀ ଲୋକ ବୋଲି ନା ?"

ଶ୍ରୀଧର ସେ ପ୍ରଶ୍ନର ଉତ୍ତର ଦେବାକୁ ଠିକ୍ ମଣିଲା ନାହିଁ । ରାଧିକା ଶ୍ରୀଧରର ଆଖିକୁ ସିଧା ଚାହିଁ ପଚାରିଲା, "ତୁମେ କ'ଣ ତୁମ ସ୍ତ୍ରୀ ସହିତ ଏମିତି ବ୍ୟବହାର କର ? କେତେବେଳେ କାଗଜ ପରି ତ କେତେବେଳେ ଆଖି ପରି ! ଅନେକ ସମୟରେ ଖାଦ୍ୟ ପଦାର୍ଥ ସହିତ ତୁଳନା କେଉଁ ସ୍ତ୍ରୀଟା ଭଲ ପାଇବ ? ମୋ ମିଠା ମୁହଁକୁ ଦେଖିଲେ ତାଙ୍କର ମନ ବିଭ୍ରାନ୍ତ ହେଉନାହିଁ । ଏବେ ତାଙ୍କୁ ଡାଇବିଟିସ୍ । ସେ ଆଦୌ ଆଗପରି ଆଗ୍ରହରେ ତାକୁ ନାହାନ୍ତି, ଅଧିକାଂଶ ବେଳେ ରୁକ୍ଷ କର୍କଶ ଭାଷା । ତା ଅର୍ଥ ନୁହେଁ ଯେ ସେ ମତେ ଘରୁ ବାହାର କରିଦେବେ । ନା ଆଦୌ ନୁହେଁ । ମୁଁ ତାଙ୍କ ପାଇଁ କେତେ କାମ କରି ଦଉଛି । ଏଇ ଯେମିତି ସେଦିନ ଘରକୁ ଫେରି ଦେଖିଲି ଦାଣ୍ଡ ଦୁଆର ଖୋଲା । ଚୁପ୍‌ଚାପ୍ ଭିତରକୁ ଯାଇ ଦେଖିଲି ଟିଭିଟା ଚାଲିଛି । ତା ଆଗରେ ବ୍ରହ୍ମଦତ୍ତ ଚଡିଟେ ପିନ୍ଧି ବସି ସିଗ୍ରେଟ୍ ଟାଣୁଛନ୍ତି । ଭାବିଥିଲି ପଛରୁ ଯାଇ ଚମକାଇ ଦେବି ବୋଲି, ହେଲେ.. ପାରିଲିନି ।

"ସେତେବେଳକୁ ପାଞ୍ଚଟା ବାଜିବାକୁ ଯାଉଥାଏ । ମତେ ତାଙ୍କୁ ଏ ବେଶରେ ଦେଖି ଖୁବ୍ ଚିଡି ମାଡ଼ିଲା, କହିଲି, କ'ଣ ଏମିତି ଅଭଦ୍ରଙ୍କ ପରି ବସିଛ ମ', ଦେହରେ ଲୁଗା ନାହିଁ । କାହିଁକି ଲଙ୍ଗଳା ହୋଇ ବସିଲନି ?"

"ହଉ ବସୁଛି, କହି ସେ ଚଡିଟାକୁ ବି କାଢି ଫିଙ୍ଗିଦେଲେ ।"

"ତା'ପରେ ?"

"ତାପରେ ଆଉ କ'ଣ ? ମୁଁ ଦୌଡ଼ି ଯାଇ ଦାଣ୍ଡ କବାଟଟା ବନ୍ଦ କରିଦେଲି କାଳେ କିଏ ଭଦ୍ରଲୋକ ପଶିଆସିବ ଘର ଭିତରକୁ ଆଉ ତାଙ୍କର ଏ ଦିଗମ୍ବର ଦୃଶ୍ୟ ଆଖିରେ ଦେଖିବ । ତାପରେ ପଚାରିଲି କ'ଣ ହେଲାକି, ଏମିତି କାହିଁକି ହଉଛ ? ସେ ତମତମ କରି ଉଠିଯାଇ ଟାୱେଲଟା ଗୁଡେଇ ହୋଇ ପଡ଼ିଲେ ଏବଂ ବ୍ୟାଙ୍କର ପାଶବୁକ୍‌ଟା ଆଣି ମୋ ସାମ୍ନାରେ ଫିଙ୍ଗିଦେଇ କହିଲେ, "ଆଉ ଏ ପାଞ୍ଚଶ ଟଙ୍କା ଛାଡ଼ିଲ କାହିଁକି ? ନେଇଗଲନି ଚୁଡି ଶାଢୀ କିଣି ଆଣିଥାନ୍ତ ।"

Digitized by srujanika@gmail.com

"ଓଃ, ଏଇକଥା ।" ବୁଝିଗଲି ତାଙ୍କ ରାଗର କାରଣ । ତାଙ୍କୁ ନକହି ମୁଁ ଆମ ଜଏଣ୍ଟ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇ ଏଇ କାନଫୁଲ ଦି'ଟା କିଣି ଆଣିଛି ତ । ଟିକେ ରହିଯାଇ ପଚାରିଲି- "ଆଚ୍ଛା, ତମେ କ'ଣ ଚାହଁନି ତମ ସ୍ତ୍ରୀ ଟିକେ ସୁନ୍ଦର ହୋଇ ସଜେଇ ହୋଇ ରହୁ ? ନା, ସୁନ୍ଦର ସଜେଇ ହବାଟା ତମର ଜନ୍ମଗତ ଅଧିକାର । ସେଥିରେ ତମକୁ କିଏ ପାରିବ ? ଏହାପରେ ବ୍ରହ୍ମଦତ୍ତ ସୁଧାର ବାଳକଟିଏ ପରି ତୁନି ହେଲେ । ମୁଁ ବିନା ଚିନିରେ ଚା କରି ଆଣିଲି ଏବଂ ସେ ପିଇଲେ । ତାପରେ ସବୁ ଠିକ୍‌ଠାକ୍ ହୋଇଗଲା ।"

ଏପଟେ ଘରକୁ ଫେରି ଶ୍ରୀଧର ଆଉଗୋଟେ ନାଟକୀୟ ଅଙ୍କରେ ଭାଗ ନେବାକୁ ବାଧ୍ୟ । ଏହାର ଦୃଶ୍ୟ ନିତାନ୍ତ ନିଃସର୍ତ୍ତ, ଅନଭିଜ୍ଞ ଏବଂ ତା ମଧ୍ୟରେ ନିହିତ ଶ୍ରୀଧରର ବାଧ୍ୟବାଧକତା । ସେ ଘରକୁ ପଶି ଦେଖିଲା ସ୍ତ୍ରୀ ରୋଷେଇ ଘରେ ଠିଆ ହୋଇ କାନ୍ଦୁଛନ୍ତି । ପଚାରିଲା, "କ'ଣ ହେଲା ?"

"କିଛି ନାହିଁ ।"

"ତେବେ କାନ୍ଦୁଛ କାହିଁକି ?"

"ମୋ ମା'ର ସବୁ ଭୁଲ୍ । ସେ ମତେ ବଞ୍ଚାଇ ରଖିଥିଲା କାହିଁକି ?"

"ଏମିତି କାହିଁକି କହୁଛ ?"

"ଆଉ କ'ଣ ଟା କହିବି ? ତୁମେ ମୋ ପିଠି ପଛଆଡେ ଏ କାମ କରିପାରିଲ ?"

"କି କାମ ? ମୁଁ ତ କିଛି କରିନି ।"

"ହୋଟେଲ ଯାଇନ ଆଉ ଜଣେ ସ୍ତ୍ରୀ ଲୋକ ସାଙ୍ଗରେ ? ତା ସାଙ୍ଗରେ ଗପୁ ନଥିଲ । ହସୁ ନଥିଲ । ଦୋସା ଖାଇନ ? ମିଠା ଖାଇନ ? କଫି ପିଇଲନି ? ମତେ ସବୁ ଜଣା । ମୋ ଅଜ୍ଞାତସାରରେ ଯାହା କରୁଛ ସବୁ ମୁଁ ଜାଣେ । ନିର୍ମଳ ସବୁ ଦେଖିଛି ତା ନିଜ ଆଖିରେ । ଏକବାରେ ପାଖରୁ । ତମେ ବି ତାକୁ ଦେଖିଛ ହେଲେ କିଛି କହିଲନି । ଏଇଆ ତମର ଭଲ ପାଇବା ତା ହେଲେ ?"

"ନିର୍ମଳ ସେଠି କ'ଣ କରୁଥିଲା ?"

"ସେ ଟୋକାଲୋକ, ସେ ତାଙ୍କ ସାଙ୍ଗମାନଙ୍କ ସାଙ୍ଗରେ ବସି ଯାହା କଲା ତମର ସେଥିରେ କ'ଣ ଯାଏ ଆସେ ?"

"ହଉ ହେଲା, ଯେ ଯଦି ଯାହାକୁ ଇଚ୍ଛା ତାକୁ ସାଙ୍ଗରେ ନେଇ ସେଠି ବସିଲା ଠିକ୍ ହେଲା, ଆଉ ମୁଁ ଯଦି ଭିଡ଼ ଥିଲା ବେଳେ ଗୋଟେ ଖାଲି ଚୌକିରେ ବସିଲି ଆଉ ଯଦି ମୋ ପାଖ ଟେବୁଲ୍‌ରେ ଗୋଟେ ଅଜଣା ସ୍ତ୍ରୀ ଲୋକଟି ବସିଛି ତେବେ ମୁଁ ଦୋଷୀ ଆଉ ମତେ ଫାଶୀ ।"

"ମୁଁ ଯେ ଏଠି ତୁମ ପାଇଁ ରାନ୍ଧି ଅପେକ୍ଷା କରିଛି । ଏସବୁ ଖାଇବ କିଏ ? ହଁ,

Digitized by srujanika@gmail.com

ମନେ ଅଛି ନା ନାହିଁ ଆଜି ଆଉଟିକେ ପରେ କୁନି ଆସିବ କହିଛି ।"

"କୋଉ କୁନି ?"

"ମୋ ଭଉଣୀ କୁନି । ତା କଥା ଭୁଲି ଗଲଣି ?"

"ତାର ପୁଣି କ'ଣ ହେଲା ?"

"ତାର କିଛି ଟଙ୍କା ଦରକାର ।"

"ହୁଃ ! କେତେ ହଜାର ?"

"ପାଞ୍ଚ ହଜାର ।"

"କୋଉଠୁ ଆଣିବ ?"

"ଯୋଉଠୁ ହେଲେ ବି ଆଣିବି । ସେ ମୋ ନିଜ ଭଉଣୀଟା ବୁଝିଲ ।"

"ସେ ପଇସା ନେଇ ତା ସ୍ୱାମୀ ଜୁଆ ଖେଳିବ, ମଦ ପିଇବ, ନାଁ କ'ଣ ? ମୁଁ ଯଦି ସେଇ କାମ କରି ପଇସା ଉଡାଏ ମତେ ତମେ ଦେଇପାରିବ ?"

"ତା ମେଡିସିନ୍ ମତେ ଭଲ କରି ଜଣା ।"

"ସେଇ ଶ୍ରୀକାନ୍ତଟା ଗୋଟେ କୁଳାଙ୍ଗାରଟେ । ସବୁବେଳେ ପଇସା ଉଡୋଉଛି । ଆଉ ସେଥିରେ ତମେ ତାକୁ ସାହାଯ୍ୟ କରିବ ?"

"ମୁଁ ତାକୁ ସାହାଯ୍ୟ କରୁନି, ମୋ ଭଉଣୀକୁ ରକ୍ଷା କରିବାକୁ ଚାହେଁ ।"

"ବ୍ଲାକ୍ ମେଲିଂ କ'ଣ ଜାଣିଛ ?"

"ହଁ ଭଲ କରି ଜାଣେ ।"

"ଏଇ ହେଲା ସେଇଆ । ଯା'ର ଅନ୍ତ ନାହିଁ । ମଣିଷ ପ୍ରକୃତି ଯେ । ଶୋଷି ଶୋଷି ପୂରା ସମୁଦ୍ରକୁ ଢୋକି ଦେବେ । ଆଉ ଆମେ ବି ତ ସାଧାରଣ ଲୋକ, ସମୁଦ୍ର ନୁହେଁ ଯେ ଯିଏ ଯେତେ ମାଗିବ ଦେଇ ଦବା ।"

"ତେବେ ମୋ ପାଖେ ଆଉ ଗୋଟେ ପ୍ରସ୍ତାବ ଅଛି ।"

"କ'ଣ ?"

"ଯଦି ସେମାନେ ତାକୁ ତଡ଼ି ଦିଅନ୍ତି ତେବେ ଆମ ଘରେ ରହିବାକୁ ଦବା ?"

"ଏଠି ସେ ଆସି କରିବ କ'ଣ ? ତମ କାମର ଅଧା ଅଧା ।"

ଏକଥା ଶୁଣିବା ମାତ୍ରେ ତୀକ୍ଷ୍ଣ ପ୍ରତିକ୍ରିୟା ବ୍ୟକ୍ତ କଲା ଶ୍ରୀଧରର ସ୍ତ୍ରୀ ସଂଯୁକ୍ତା । ସେ ଭାବିଲା ଆଉ ଗୋଟେ ସ୍ତ୍ରୀ ଲୋକ ତା' ଘରେ ଅନୁପ୍ରବେଶ କରିଛି । ତା ଶାଢ଼ି ପିନ୍ଧି ତା ସୁଖରେ ଭାଗ ହଉଛି । ଏମିତିକା ଗୋଟେ ସ୍ତ୍ରୀ ଲୋକକୁ ସେ କେମିତି ସହିପାରିବ ? ଛିଃ- ସେ ଏହା କଦାପି ହେବାକୁ ଦବନି । "ଏଇଟା ମୋ ଘର, ମୋ ନିଜର । ତା ଭିତରକୁ ଆଉ କେହି ବି ଆସିପାରିବେନି, ସେ କୁନି ହେଉ କି ଆଉ କିଏ ହେଉ ।"

ବ୍ରହ୍ମଦତ୍ତ ଓ ସଂଯୁକ୍ତା ପରସ୍ପରକୁ ଜାଣନ୍ତି ନାହିଁ ତଥାପି ଗୋଟିଏ କାହାଣୀରେ ଛନ୍ଦି

Digitized by srujanika@gmail.com

ହୋଇ ପଡ଼ିଛନ୍ତି । ସେମାନଙ୍କ ମଧ୍ୟରେ ଅନେକ ଗୁଣଗତ ସାମଞ୍ଜସ୍ୟ । ଦୁହିଁଙ୍କର ମନ ସନ୍ଦେହୀ ଓ ଯାବତୀୟ ଦୁର୍ବଳତାରେ ଭରପୁର । ଦୁହେଁ ପରସ୍ପର ଅଚିହ୍ନା ହେଲେ ବି ସତେ ଯେପରି ସେମାନେ ଗୋଟେ ବୈବାହିକ ବିଜ୍ଞାପନ ଜରିଆରେ ପରସ୍ପରକୁ ଆବିଷ୍କାର କରିଛନ୍ତି ଏବଂ ଖୁସିରେ ପରସ୍ପରକୁ ଆଦରି ନେଇଛନ୍ତି । ସଂଯୁକ୍ତା ଖୋଜି ଖୋଜି ପାଇଛି ସୁସ୍ଥ, ସଂଭ୍ରାନ୍ତ, କୁଳୀନ ପୁରୁଷ । ବ୍ରହ୍ମଦତ୍ତ ପାଇଚି ଆଧୁନିକା, ସୁରୁଚିର ସୁନ୍ଦରୀ ତନ୍ୱୀ । ସେ ଦୁଇଜଣଙ୍କର ଏକାଠି ହେବା ଏକ ଅତ୍ୟନ୍ତ ଅସମ୍ଭବ ସଂଯୋଗର ଅସଂଘଟିତ ଉପାଖ୍ୟାନ । ଗଳ୍ପ ପ୍ରବାହରେ ସଂଯୁକ୍ତା ବ୍ରହ୍ମଦତ୍ତ ସହିତ ଜଡ଼ିତ ଏବଂ ସେଇଥିପାଇଁ ହିଁ ସେମାନଙ୍କର ଏକାଠି ହେବା ସମ୍ଭବ ।

ଏ କାହାଣୀ ସେମାନଙ୍କର ଏକତ୍ରିକରଣର ମାଧ୍ୟମ ମାତ୍ର, ମଧ୍ୟସ୍ଥ ନୁହେଁ । ପ୍ରକୃତରେ ସାମ୍ନାସାମ୍ନି ହେବା ଆଗରୁ ବ୍ରହ୍ମଦତ୍ତକୁ ଚିହ୍ନିବା ପାଇଁ ସଂଯୁକ୍ତା କୌଣସି ପ୍ରୟାସ କରିନଥିଲା । ସେ ତାକୁ ଅନ୍ଧାର ଭିତରେ ହିଁ ପ୍ରଥମ ସାକ୍ଷାତ କରିବା ପାଇଁ ପ୍ରସ୍ତୁତ ହୋଇଥିଲା । ସେ ତା ବିଷୟରେ କିଛି ବି ଜାଣିନଥିଲା । ଯେମିତିକି ତା ବିଷୟରେ ବ୍ରହ୍ମଦତ୍ତ । ଏହା ଥିଲା ସେମାନଙ୍କର ଜୀବନର ଚରମ ଆହ୍ୱାନ । ଦୁଇଜଣଙ୍କର ପରସ୍ପରକୁ ଜାଣିବା ପାଇଁ ଥିଲା ନାଟକୀୟ ଉତ୍କଣ୍ଠା ଓ ଅସାଧାରଣ ଆଗ୍ରହ ।

ସେଦିନ ବାସର ରଜନୀ । ଅନ୍ଧାର ହିଁ ଆକର୍ଷଣର କେନ୍ଦ୍ର । କିଏ ନେବ ପ୍ରଥମ ପଦକ୍ଷେପ । ଦୁହେଁ ଅପେକ୍ଷମାଣ । ଦୁହେଁ ସାବଧାନତା ଓ ସତର୍କତା ସହିତ ଚୁପ୍ ରହୁଥାନ୍ତି । ଉତ୍ତରଠାରୁ ପ୍ରଶ୍ନ ଅଧିକ । ନୀରବତାଠାରୁ ମୌନତ୍ୱ ଅଧିକ । ରାତ୍ରୀର ତୃତୀୟ ପ୍ରହରରେ ମୁଖର ସଂଯୁକ୍ତା । ପଚାରିଲା - "ଆମର ଆଗରୁ କାହିଁକି ଦେଖା ହେଲା ନି ?"

"ତୁମେ ତୁମ କଥା କହୁନ କାହିଁକି ?"

"କି କଥା କହିବି - ପଚାର ।"

"ନିଜ କଥା, ଅନ୍ୟ କଥା ବା ଆଉ କିଛି ।"

"ମୁଁ ଜାଣିପାରୁନି କ'ଣ କହି ଆରମ୍ଭ କରିବି । କି ପରିଚୟଟା ଦେବି ?"

"ନା ତୁମେ ପରିଚୟ ଦବା ଆବଶ୍ୟକ ନୁହେଁ । ତୁମ କଥାରୁ ମୁଁ ଚିହ୍ନି ନେବି ତୁମେ କିଏ । ଆମେ ଯାହାସବୁ କହୁ ସେଇ ହୋଇଯାଏ ଆମର ପରିଚୟ । ଭାଷାରୁ ଭାବନା ନୁହେଁ ବରଂ ବ୍ୟକ୍ତିର ସମଗ୍ର ପ୍ରସଙ୍ଗ ଜଣାପଡେ । ପାଟି ଖୋଲିଲେ ବ୍ୟକ୍ତିର ପର୍ଦ୍ଦା ଖୋଲେ । ବର୍ତ୍ତମାନର ଏକ ଅନ୍ଧାରୁଆ ଉଷ୍ମତା ଭିତରେ ତୁମେ ଯାହା କହିବ ସେଇ ହେବ ତୁମ ଅନ୍ତରଙ୍ଗ ଆଳାପ ।"

ଏକଥା ଶୁଣି ହଠାତ୍ ଅଧିକ ସତର୍କ ହୋଇଗଲା ସଂଯୁକ୍ତା । ତାର ଦର ମୁକୁଳା ଦେହ ଉପରକୁ ପତଳା ଚାଦରଟା ଟାଣି ନେଇ ସେ ନିଜକୁ ଢାଙ୍କି ନେଲା । ତା ନାହି ଉପରେ ବିଛାଟାଏ ଚାଲିଗଲା ପରି ତାକୁ ସଲସଲ୍ ଲାଗିଲା । ସେ ଚଞ୍ଚଳ ହୋଇ

Digitized by srujanika@gmail.com

ଉଠିବସିଲା । ସେ ଶୁଣିପାରିଲା ବାହାରେ ରାସ୍ତା ଉପରେ ବୁଲା କୁକୁରଟାଏ ଭୁକୁଛି ବହୁ ଦୂରରେ । କାନେଇଲେ ଶୁଣାଯିବ ଟ୍ରେନ୍‌ର ହ୍ୱିସିଲ୍ । ଛାତ ପଙ୍ଖାରୁ ପବନର ଅସରନ୍ତି ସୁଅ । ଠିକ୍ ଏତିକି ବେଳେ ନାଟକୀୟ ଆକସନ୍‌ରେ ସଂଯୁକ୍ତାର ହାତକୁ ଯାବୁଡି ଧରି ବ୍ରହ୍ମଦତ୍ତ କହିଲା-

"ଅନେକ ଦିନ ତଳେ ଠିକ୍ ତମରି ପରି ଜଣେ ଯୁବତୀ ପ୍ରତି ଆକର୍ଷିତ ହୋଇ ତାକୁ ନିଜର କରିବା ଆଶାରେ ଦୁଃସାହସ କରି ଆଗେଇଥିଲି, ତା ଦିଗରେ ଦୁଇପାଦ । ମୁଁ ଭାବୁଥିଲି ମୁଁ ସୁଯୋଗ୍ୟ ପୁରୁଷ । ମୋଠାରେ ବଳୁଆ ମାଂସପେଶୀ ସହିତ ବେଶ ପରିମାଣର ଆଡ୍‌ଭେଞ୍ଚର ସ୍ପିରିଟ୍ ବି ଅଛି । ଯୁବତୀମାନେ ତାହାହିଁ ପସନ୍ଦ କରିଥାନ୍ତି । ଅବଶ୍ୟ ସ୍ଥଳ ବିଶେଷରେ କେହି କେହି ଯୁବତୀ ପୁରୁଷର ଦେହ, ମୁହଁ, ନିଶ, ଉଚ୍ଚତା ଇତ୍ୟାଦି ଶାରୀରିକ ଆକର୍ଷଣରେ ମୁଗ୍ଧ ହୋଇଥାନ୍ତି । କେହି କେହି ଖୋଜନ୍ତି ପାଠପଢୁଆ, ସ୍କଲାର, ଶିଳ୍ପୀ, ସଂଗୀତଜ୍ଞ, ପଣ୍ଡିତ ବା ଉଚ୍ଚ ପରିବାରର ବଡ଼ ଚାକିରିଆ । ସାଧାରଣ ସ୍ଥଳରେ ବିତ୍ତଶାଳୀ ପ୍ରତି ଆକୃଷ୍ଟ ହେବା ଅତି ସହଜ କଥା ।"

"ଏପରି କୋଉ ଝିଅ ନାହିଁ ଯେ ଦୁଃସାହସୀ ଯୁବକର ସହଜ ଲଭ୍ୟ ସଫଳତାରେ ବିମୋହିତ ନହୁଏ । ଯେପରି ହିନ୍ଦୀ ସିନେମାରେ ସର୍ବଦା ଦେଖାଯାଏ । ଯୁବତୀର ମନ ଢ଼ଳିଯାଏ ସେଇ ବାଳକ ସଦୃଶ ଚପଳ ଯୁବକ ଆଡକୁ ଯେ ଗୋଟିଏ ମାତ୍ର ମୁଷ୍ଟିକାଘାତରେ ଦଶାଧିକ ଖଳନାୟକଙ୍କୁ ସାମୁହିକ ଭୂତଳଶାୟୀ କରିପାରେ । ସେ ନିଆଁରେ ଖେଳେ, ନିଆଁ ତାର କିଛି କରିପାରେନି । ପାଣିରେ ବୁଡେ, ବୁଡି ବୁଡି ଗୀତ ଗାଇପାରେ । ଉପରୁ ଉପରକୁ ଡେଇଁପାରେ, ମାଧ୍ୟାକର୍ଷଣ ଶକ୍ତି ବିରୁଦ୍ଧରେ । ଏତିକିରେ ତରଳିଯାଏ ନାୟିକାର ବରଫ-ମନ ବା କଠିନ ହୃଦୟ । ଦୁହେଁ ଏକ ହୋଇଯାନ୍ତି । ଏକ କଣ୍ଠସ୍ୱରରେ ଡୁଏଟ୍ ଗାଆନ୍ତି ଏବଂ ପ୍ଲେବ୍ୟାକ୍ ପାର୍ଶ୍ୱଗାୟିକାକୁ କେହି ମନେ ରଖନ୍ତି ନାହିଁ ।"

ଏସବୁ କଥା କହିବାର କୌଣସି ଆବଶ୍ୟକତା ନଥିବାରୁ ବ୍ରହ୍ମଦତ୍ତ ତୁନି ରହିଥିଲା, ମାତ୍ର ତା ମନ ଭିତରେ ତଥାପି ଅନେକ ତର୍କ ବିତର୍କ ଚାଲିଥିଲା । କ୍ରମେ ସେ ରାତିର ଗଭୀରତା ଭିତରେ କାଳେ ପୁରୁଷ ବା କୁପୁରୁଷରେ ବଦଳିଯିବ, ସେହି ଭୟରେ ଉତ୍ପୀଡିତ ହୋଇ ସଂଯୁକ୍ତାକୁ ଭଲକରି ଦେଖିଲା, ଅତି ପାଖରୁ । ସଂଯୁକ୍ତା ତା'ଠୁ ଆସ୍ତେ ଅଳ୍ପ ଘୁଞ୍ଚିଯାଇ ଖଟ ଧାରରେ ବସିଲା । ତାପରେ ସେ ଦୁଇଜଣଙ୍କ ମଧ୍ୟରେ ପ୍ରକୃତ କଥାବାର୍ତ୍ତା ଆରମ୍ଭ ହେଲା । ତହିଁରେ ରାଜନୀତି ବା ପାଣିପାଗ ନଥିଲା । ତାଙ୍କର କଥାବାର୍ତ୍ତା ଛଳନାଠୁ ଊର୍ଦ୍ଧ୍ୱରେ ସେମାନଙ୍କର ସ୍ପଷ୍ଟବାଦିତା ସୂଚାଉଥିଲା । ଶବ୍ଦମାନେ ଆରାମରେ ପହଁରି ଯାଉଥିଲେ । କୋଠରୀସାରା ଉଷ୍ଣ ଆଲୋଡନ । କଥାରେ କଥା ଗୁନ୍ଥି ଦି'ଜଣ ନିଜକୁ ଭୁଲିଯାଇଥିଲେ ।

* * * * * *

Digitized by srujanika@gmail.com

ଏଣେ ବିଳାସ ଡେରିରେ ଘରକୁ ଫେରି ଦେଖିଲା ଘଣ୍ଟାରେ ଏଗାରଟା ବାଜି ସାରିଲାଣି । ସୁରମା ନିଦୁଆ ଆଖିରେ ଆସି କବାଟଟା ଖୋଲି ଦେଇ ପୁଣି ଯାଇ ଶୋଇ ପଡ଼ିଲା । ବିଳାସ ଗାଧୁଆଘରେ ପଶି ଗୋଡହାତ ଧୁଆଧୁଇ କରି ବାହାରିଲା ଏବଂ ଦେଖିଲା ତା' ଖାଇବା ଜିନିଷ ଟେବୁଲ୍‌ରେ ଥୁଆହୋଇ ଢଙ୍କା ହୋଇଛି । ସେ ସବୁ ନଖାଇ ଫ୍ରିଜ୍‌ରୁ କପେ ଥଣ୍ଡା ଦୁଧ କାଢି ପିଇଲା ଏବଂ ଶୋଇବା ଘରେ ପଶିଲା । ବନ୍ଦ ଆଖିରେ ସୁରମା କହିଲା, "ମତେ ଆଜି ଭାରି ନିଦ, ପ୍ଲିଜ୍ ଉଠେଇବନି । ମୁଁ ତମର କୌଣସି କଥା ଶୁଣିବିନି କି ଗପି ପାରିବିନି ।"

ବିଳାସ କିଛି ନ କହି ପାଖ ତକିଆରେ ମୁଣ୍ଡ ଦେଇ ଲମ୍ବ ହୋଇ ଶୋଇଲା । ସେପଟକୁ ମୁହଁକରି ଶୋଇଥିବା ସୁରମା ପିଠିରେ ଆସ୍ତେ ଟିପମାରି କହିଲା, "ଜାଣିଛ, ଆଜି ନା ଦେଖା ହୋଇଥିଲା ବସ୍‌ରେ ଫେରିଲା ବେଳେ, ଲତିକା ସାଙ୍ଗରେ । ତା'ସହିତ ଆଉ କେହି ନଥିଲେ । ସେ ଏକୁଟିଆ ଏତେ ରାତିରେ କୁଆଡୁ ଫେରୁଥିଲା କେଜାଣି ।"

ସୁରମା ବିଜୁଳି କରେଣ୍ଟ ଖାଇଲା ପରି ଉଠି ବସିଲା । ତା'ର ନିଦ ଛାଡ଼ି ଯାଇଥିଲା । ସେ ତା ପାଟିରେ ନିଜ ମୌନପଣକୁ ଚାକୁଳେଇ କହିଲା "ଏଇଟା ମୋ ଘର, ଏଇ ମୋର ସମୟ । ଯାହା କହିବାର ଅଛି କହିଦିଅ ।" ସୁରମାର ଜଳନ୍ତା ଆଖିକୁ ଚାହିଁ ବିଳାସ ବୁଝିଗଲା ଯେ, ସେ ହିଁ ହେଉଛି ଏକମାତ୍ର ପ୍ରେୟସୀ ଯିଏ ଅନ୍ୟାନ୍ୟ ଅଶରୀରୀ ନାୟିକାମାନଙ୍କ ଆଖିକୁ ଅଙ୍ଗାରରେ ବଦଳାଇଦେଇପାରେ ।ଏବଂ ବ୍ରହ୍ମଦତ୍ତମାନଙ୍କର ଅନୁମାନ ସବୁବେଳେ ଭୁଲ୍ ଏବଂ ଶ୍ରୀଧରମାନଙ୍କର ମୁହଁ ଗୋଟେ ଗୋଟେ ଚେପ୍‌ଟା ଦର୍ପଣ ପରି ।

❑❑❑

Digitized by srujanika@gmail.com

# ଆୟୁଧ

ତା ମୁହଁକୁ ଦେଖିବାମାତ୍ରେ ତା' ମନ ଭିତରର ଦୁଃଖ ଜଣାପଡିଯିବ । ତୁମେ ଜାଣିପାରିବ ଯେ ସେ ମନକଷ୍ଟରେ ଅଛି । ଅନ୍ୟାନ୍ୟ ସମସ୍ତ ସୁନ୍ଦରୀ ଝିଅଙ୍କ ପରି ସାଧାରଣଭାବେ ସଂଭ୍ରାନ୍ତ ଦିଶୁଥିବା ଜଣେ ଲୋକକୁ ସେ ବାହା ହେବାକୁ ରାଜି ହୋଇଯାଇଥିଲା । ଲୋକଟା ତାକୁ ନିଜେ ପସନ୍ଦ କରି ବାହା ହୋଇଛି, ନା ତା' ବାପା ମା'ଙ୍କ କଥାରେ ପଡ଼ି ବାହା ହୋଇଛି ଜାଣିବା ମୁସ୍କିଲ୍ । ତା'ର ବି ହୁଏତ ଅନେକ ମନସ୍ତାପ ଠିକ୍ ଯେମିତି କବିତାର । ସେ ବି ବୋଧହୁଏ ତାରି ଇଚ୍ଛାକୁ ଅସ୍ୱୀକାର କରି ନିଜର ଆତ୍ମ ମର୍ଯ୍ୟାଦାକୁ ବଳି ଚଢାଇ ତାର ସ୍ୱାମୀକୁ ବାହା ହୋଇଛି ଏବଂ ଏଇ ବିବାହରୁ ସେ ସମାଜରେ କିଛିଟା ପରିଚୟର ପ୍ରତିଷ୍ଠା ପାଇଛି । ନହେଲେ ହୁଏତ ଘରେ ବସିଥାନ୍ତା, ଟିଭି ଦେଖୁଥା'ନ୍ତା, ବାପା ମା'ଙ୍କ ମୁଣ୍ଡରେ ବୋଝ ହୋଇ ଏକ ଅପ୍ରିୟ ଅନାଗତର ଅପେକ୍ଷା କରିଥା'ନ୍ତା ।

ହେଲେ ଏ ଦି' ବର୍ଷ ଭିତରେ ସେ ପାଇଛି କ'ଣ ? ସଂସାରର ଜଞ୍ଜାଳ ଭିତରେ ପ୍ରେମ ଦୁର୍ବଳ ଓ କାଙ୍ଗାଳ ହୋଇଯାଇଛି । ସ୍ୱାମୀର ତାଡନାର ଜ୍ୱାଳାରେ ତା'ର ଆପଣାର ସମସ୍ତ ସୂକ୍ଷ୍ମ ଉନ୍ମାଦନା ଅଦିନ କୁହୁଡିରେ ବଉଳ ପରି ଝରି ପଡ଼ିଛନ୍ତି । ତା' ଅନୁମାନରେ ଏବେ ଭଲ ପାଇବା ଗୋଟେ ଦୁଃସ୍ୱପ୍ନର କୁପରିଣାମ, ଅନୁରକ୍ତି ଗୋଟେ ଦୁଷ୍ଟର ଆକର୍ଷଣ, ସେକ୍ସ ଗୋଟେ ଅନ୍ଧ ଆଚରଣ, ଚୁମ୍ବନ ଗୋଟେ ଅସ୍ୱାସ୍ଥ୍ୟକର ଆଚମନ, ଗର୍ଭଧାରଣ ଗୋଟେ ଅହେତୁକି ଭୟ, ରାତ୍ରି ଗୋଟେ ଅନ୍ଧାରିଆ ଆଶଙ୍କା । ସହବାସ ଗୋଟେ ସନ୍ଦେହ । ସନ୍ଧ୍ୟା ଗୋଟେ ଉନ୍ମାଦୀ ଉପକରଣ । ଅନ୍ୟ ପୁରୁଷ ଗୋଟେ ପାପ । ପ୍ରଣୟ ଗୋଟେ ପାଠ୍ୟ ପୁସ୍ତକର ଅଭିସାର । ଆନୁଗତ୍ୟ ଗୋଟେ ଦୁଷ୍ପ୍ରାପ୍ୟ ଅଭିଧାନର ଶବ୍ଦ । ସତୀତ୍ୱ ଗୋଟେ ଦୁର୍ବଳତାର ପାର୍ଥକ୍ୟ । ମିଳାମିଶା ଓ ସହାବସ୍ଥାନ ଗୋଟେ ଅଜଣା ଶିହରଣର ବିପରୀତ । ଏମିତିକା ଜୀବନ ଜିଇଁ କୋଉଁ ସୁଖଟା ବା ସେ ପାଇ ପାରିଥାନ୍ତା ?

ସେଦିନ ସେ ଥିଲା ସୁପୁରୁଷ । ତା'ପରେ ସମୟ ବଦଳି ଯାଇଛି । ଦିନେ ଦି'ଦିନ ପରେ ତା'ର ସ୍ୱରୂପ ପଦାରେ ପଡ଼ିଛି । ସେ ଏକ ଦୁଷ୍ଟ ଦୁର୍ବୃତ୍ତରେ ବଦଳି ଯାଇଛି । ମଦ୍ୟପ ଜୁଆଡ଼ି ଶଳା ବାହାଙ୍ଗୋ ସୈତାନ ଇତ୍ୟାଦି ଗାଳିର ଯୋଗ୍ୟ । ତାକୁ ନେଇ ଗୋଟେ ସୁନ୍ଦର ଗପ କହିବାର ଧୃଷ୍ଟତା ମୋର ନାହିଁ । ହେଲେ ସତରେ ସେ ଆମରି ଆଖପାଖରେ ଆତଯାତ ହେଉଛି । ତାକୁ ଚାଲ ଧରା ପକାଇବା । ତା'ର ଅସଲ ରୂପ

Digitized by srujanika@gmail.com

ପଦାକୁ ଦେଖେଇବା । ପାରିବା ଯଦି ତାକୁ ବଦଳାଇବା । ତାକୁ ଆଉ ଗୋଟେ ଟାନ୍ସ ଦେବା ।

ତା'ର ଏଇ ସୁନ୍ଦରିଆ ଚିକ୍କଣ ମୁହଁ ପଛରେ ଲୁଚିଛି ଏକ କଦାକାର, କର୍କଶ, ଧୂର୍ତ୍ତ, ଭୟଙ୍କର, ନୃଶଂସ, କାପୁରୁଷ । ସେ ଏକ ଘାତକ ବି ହୋଇପାରିଥା'ନ୍ତା । ରାତି ତା' ଉପରେ ଥରେ ଅନ୍ଧାର ବୋଳିଲେ ବଦଳି ଯାଉଛି ତା'ର ସମଗ୍ର ବ୍ୟକ୍ତିତ୍ୱ ।

ବିବାହର ପ୍ରଥମ ବାସର ରାତିରେ ନରମ ହାତ ବଢ଼ାଇ ସ୍ଲୋ ମୋସନ୍‌ରେ ଆସ୍ତେ ଆସ୍ତେ ଶାଢ଼ୀ ଖୋଲୁଥିବା ପ୍ରିୟ ସ୍ୱାମୀରୁ ବଦଳି ସେ ଆଜି ଏକ ଖଳନାୟକ ହୋଇଯାଇଛି । ଏବେ ସେ ରାତ୍ରି ହେବା ମାତ୍ରେ ଏକା ଥରକେ ଗୋଟେ ଝଟକାରେ ବିବସ୍ତ୍ର କରୁଛି ସ୍ତ୍ରୀକୁ । ଏକାଥରକେ ଚୋଲି ଖୋଲି ତଳେ ପଡୁଛି । ସେ ଏକ ନୃଶଂସ ପ୍ରେମିକ । ଆଲୁଅ ଅନ୍ଧାର କିଛି ମାନେ ନାହିଁ । ତା'ର ଅନ୍ଧ କାମନା କେତେବେଳେ ଜଙ୍ଘକୁ ଆକ୍ରମଣ କରୁଛି ତ କେତେବେଳେ ବକ୍ଷକୁ । କବିତାର ଛାତି ଥରି ଉଠୁଛି । ସେ ଆତଙ୍କରେ ଶିହରି ଉଠୁଛି । ତା'ର ପାଟି ଫିଟାଇବାର ଯୁ' ନାହିଁ । ତା' ଶରୀରର ସମସ୍ତ କୋମଳତାକୁ କ୍ରୁର ଆଘାତ ଦେଇ କ୍ଷତବିକ୍ଷତ କଲେ ବି ସେ ଚୁପ୍‌ଚାପ୍ ରହିଛି, ରହିବାକୁ ବାଧ୍ୟ । ପାଖ କୋଠରୀରେ ଶାଶୁ ଶ୍ୱଶୁର ଶୋଇଛନ୍ତି । ଅବଶ୍ୟ ଟି.ଭି.ଟା ବାଜୁଛି । ଆଉ ଏପଟ କାନ୍ଥର ଦଶ ଇଞ୍ଚର ବ୍ୟବଧାନରେ ପଡୋଶୀ ଦମ୍ପତିଙ୍କ ଘରେ ଚିରାଚରିତ ରୀତିର ଫଟା ରେକର୍ଡ । ସ୍ୱାମୀକୁ ନିଜର ଅତ୍ୟନ୍ତ ପ୍ରିୟଜନ ହିସାବରେ ଗ୍ରହଣ ନକରି ପାରିବାରୁ ମନଦୁଃଖ କରୁଥିଲା କବିତା । ଅଥଚ ତାକୁ ଭଲ ପାଇବା ନାଁରେ ତା' ଉପରେ ରୁକ୍ଷ କଠୋରପଣ ଲଦି ଦେଇ ଆମୋଦ ଲଭୁଥିବା ପତିଟିର ନାଁ କବିତା ଏବେ ଦେଇଛି ଦୁଃଶାସନ ।

ଦୁଃଶାସନ କିନ୍ତୁ କବିତାର ନାଁକୁ ପ୍ରତିଦିନ ରାତିରେ ବଦଳାଇ ବଦଳାଇ ଡାକୁଛି । କେଉଁଦିନ ମାଧୁରି ତ କେଉଁଦିନ କଜ୍ଜ୍ଵନା । ସେ ଯେଉଁ ନାଁରେ ଡାକିଲେ ବି କବିତା 'ଓ' କରିବାକୁ ବାଧ୍ୟ । ସହଯୋଗ ତାର କେବଳ ଗୋଟିଏ ମାତ୍ର ପନ୍ଥା । ନାହିଁ କରିବାର ଜୁ' ନାହିଁ । ତାକୁ କେହି ପଚାରନ୍ତିନି ତୁ ଖାଇଛୁ ନା ଖାଇନୁ । ଭାତ ନା ରୁଟି ତୋର କ'ଣ ପସନ୍ଦ ?

ସେ ଦେହଧାରୀ ସ୍ତ୍ରୀ ଲୋକଟେ ପରି ନିଃଶ୍ୱାସ ଗଣି ଗଣି ବଞ୍ଚିଯାଏ । ତାକୁ ଅନ୍ୟମାନେ ଦଂଶିଯା'ନ୍ତି । ବିଶେଷ କରି ଦୁଃଶାସନ ।

ଦୁଃଶାସନ ଦେହର ଭାଷା ବୁଝେ। କେବଳ ଶରୀରର ଇଙ୍ଗିତ ଓ ଉନ୍ମାଦନାକୁ ସମଝେ । ସେ ହାତ ଟେକିଲେ ଆଦେଶ କାର୍ଯ୍ୟକାରୀ ହୁଏ । ସେ ମଥା ନୁଆଁଇଲେ ସମ୍ମତି । ସେ ଆଖି ପତା ବନ୍ଦ କଲେ ରାତି । ସେ ଗୋଡ଼ କାଢ଼ିଲେ ଗସ୍ତ । ସେ ହସିଲେ ବିଜୁଳି । ସେ ତୁନି ରହିଲେ ଗମ୍ଭୀରତା । ସେ ଛୁଇଁଲେ କାମୁକତା । ପ୍ରତ୍ୟେକ ରାତିରେ ସେ କବିତାର ଦେହକୁ ଛୁଇଁ ତା'ର ପ୍ରତ୍ୟଙ୍ଗର ଉତ୍ତାପ ମାପେ । ସେ ପରଖେ କବିତାଠାରେ

Digitized by srujanika@gmail.com

ଲୁଚିଥିବା ରଙ୍ଗୀନ ବିଭିନ୍ନତାର ବିଭାବମାନ । ତା' ଦେହର ଗଭୀରତା ମଧ୍ୟରେ ଆବିଷ୍କାର କରେ ପ୍ରଖର ଉଷ୍ମ ଜୁଆରର ପ୍ରାମାଣିକ ତଥ୍ୟ । ସେ ପ୍ରସ୍ତାବ ଦିଏ "ଚାଲ କିଛି ନୂଆ କାମ କରିବା । କିଛି ନୂତନ ଆମୋଦର ଉଦ୍ଭାବନ କରିବା ।" କବିତା ହସେ । ଏଥିରେ କି ବା ନୂତନତ୍ୱ ଥାଇପାରେ । ସେଇ ପୁରାତନ ଲମ୍ପଟୀ ଦେହର ରକ୍ତମାଂସର ତନ୍ତ୍ରୀରୁ କି ନୂଆ ସ୍ୱାଦ ବା ମିଳବ ? ତଥାପି ସେ ଅପେକ୍ଷା କରିବା ପାଇଁ ପ୍ରସ୍ତୁତ । ସେ ନିଜର ଛୋଟିଆ ଦେହ ଭିତରେ ଆକାଶର ଅନୁଭବ ପାଇଁ ବର୍ଷ ବର୍ଷ ଅପେକ୍ଷା କରେ । ତାହା ଆସେନି । ସେ ଦୁଃଖ କରେ ।

ଦୁଃଶାସନ ତା' ହାତରେ ହାତ ମିଳାଏ । ତା' ଜଙ୍ଘରେ ମୁହଁ ଘଷେ, ତା ଛାତିରେ ଦାନ୍ତ ଚଳାଏ, ତା' ମୁଣ୍ଡ ବାଳକୁ ଟାଣେ । ପ୍ରବଳ ବଳାତ୍କାରରେ ତାକୁ ଛିନ୍‌ଭିନ୍ କରେ । କବିତା ଉଁ ଚୁଁ କିଛି କହେନି । ଯାର ଅର୍ଥ ନୁହେଁ ଯେ ଏସବୁ ତାକୁ ଭାରି ଭଲ ଲାଗେ । ସେ ମୌନ ରହେ କେବଳ ସ୍ୱଭାବ ବଶତଃ ନୁହେଁ । ଏଇଟା ତା'ର ବଞ୍ଚି ରହିବା ପାଇଁ ଆବଶ୍ୟକ ଯୋଜନାର ଅଂଶ । ସେ ଗୋଟେ ମର ଶରୀରଟେ ପରି ଚୁପ୍ ରହିଥାଏ । ସେ ତାର ଆପଣାର ଇଚ୍ଛାର ନିଆଁକୁ ନିଜ ଛାତି ଭିତରେ ଦବାଇ ପାରିଥିବାରୁ ଦୁଃଶାସନ ତା'ର ସ୍ୱାଭିମାନକୁ ଧ୍ୱଂସ କରିପାରେ ନାହିଁ । ସେ ତା' ଉପରେ ବିରକ୍ତ ହୋଇ ମଧ୍ୟ ତାକୁ କିପରି ପ୍ରେମ କରିପାରେ ସେ କଥା କବିତା ବୁଝିପାରେ ନାହିଁ । ନିଜର ଶରୀର ଭିତରେ ସେ ନିଜେ ଅପମାନିତ ହୁଏ, କ୍ଷୁର୍ଣ୍ଣ ହୁଏ । କବିତାର ଅସଜଡ଼ା କତିପୟ ପଂକ୍ତି ଭିତରେ ଅସହାୟ ଶବ୍ଦ ଛଟପଟ ହେଲାପରି ସେ ବିବ୍ରତ ହୁଏ । ତା' ମନ ଭିତରେ ବ୍ୟର୍ଥ ଅନୁମାନର ଦୁର୍ବଳତା ବନ୍ଧା ପଡ଼ିଥାଏ । ସେ ହଠାତ୍ ଦେଖେ ଦୁଃଶାସନ ନିଜର କାମୁକତାକୁ ନୃଶଂସତାରେ ବଦଳାଇ ଏକ ସାଂଘାତିକ ହିଂସ୍ର ପଶୁରେ ବଦଳିଯାଏ ।

ତାକୁ ସମସ୍ତେ ଚିହ୍ନି ରଖିବା ଦରକାର । କେତେବେଳେ ସେ ଆମକୁ ମଧ୍ୟ ଆକ୍ରମଣ କରିପାରେ । ମାଂସାହାରୀ ସିଂହ ପରି ସେ ଶାକାହାରୀ ହରିଣକୁ ହଠାତ୍ ଗୋଡାଏ, ମାରେ ଏବଂ ଖାଏ ।

ସେଦିନ ଖବରକାଗଜ ପଢୁ ପଢୁ ସକାଳୁ କବିତାକୁ ଡାକି କହିଲା, ଦେଖିଲଣି କ'ଣ ବାହାରିଛି ଏଥିରେ । ସେ ପଢି ଚାଲିଥିଲା ଆମେରିକାରେ ଘଟିଥିବା ଏକ ଚାଞ୍ଚଲ୍ୟକର ଘଟନା । ଅବିଶ୍ୱସ୍ତ ପୁରୁଷର ଲିଙ୍ଗଚ୍ଛେଦନ କରି ଯୁବତୀ ଗିରଫ । ଏପରି ଏକ ଘଟନାର ଇତିହାସ ପୃଷ୍ଠଭୂମି ବା ତା'ର ସାମାଜିକ ଗୁରୁତ୍ୱ ବିଷୟରେ ସେ ଟିପ୍ପଣି ନକରି କେବଳ ଅନ୍ତର୍ନିହିତ ହିଂସାକୁ ଦେଖିପାରୁଥିଲା । ଖବର କାଗଜରେ ଏମିତି ଗୋଟିଏ ମାତ୍ର ଘଟଣାର ଉଲ୍ଲେଖ ଥିଲେ ମଧ୍ୟ ଅନ୍ୟମତେ ଆମରି ଦେଶରେ ହଜାର ହଜାର, ଏପରିକି ଶାରୀରିକ ହିଂସା ଆଚରଣ- କର୍ତ୍ତନ, ଛେଦନ, ଲୁଣ୍ଠନ, ହରଣ- ପ୍ରତିଦିନ ଘଟୁଛି ଯାହାର ବିବରଣୀ ଆମେ ପାଉନା । ଆମରି ନିଜ ଭିତରେ ମଧ୍ୟ ଏପରି ହିଂସା ଲୁଚି ରହିଛି ଯାହା

Digitized by srujanika@gmail.com

ଲୋକଲୋଚନକୁ ଆସୁନାହିଁ । ଗୁପ୍ତରେ ଦୁଃଶାସନ ମାନଙ୍କର ଅତ୍ୟାଚାର କବିତାମାନଙ୍କ ଉପରେ ଜାରି ରହିଛି ।

ବଜାରରୁ କବାବ୍ କିଣି ଆଣି କବିତାକୁ ଭାଜିବାକୁ ଦେଇ କହିଲା ଦୁଃଶାସନ, "ସନ୍ଧ୍ୟାରେ ମୋର ବନ୍ଧୁ ଜଣେ ଆସିବ । ତୁମେ ଆମକୁ ପାନୀୟ ଯୋଗାଇବ । ଭଲ ଶାଢୀ ପିନ୍ଧିଥିବ । ହସି ହସି କଥା କହୁଥିବ । ଆଖିରେ କଳା ପିନ୍ଧିଥିବ । ଆମେ ଆସରରେ ଥିବାବେଳେ ମଝିରେ ମଝିରେ ଆସି ପଚାରିଯାଉଥିବ 'ଆଉ କ'ଣ ଦରକାର କି ?' ମନେରଖ ଡାର୍ଲିଂ ମତେ କୌଣସି ପ୍ରକାର ଛଳନା କି ବଦ୍‌ମାସୀ ଭଲ ଲାଗେନି । ନହେଲେ ମୋର ପ୍ରିୟ ସାଙ୍ଗ ରାଣାପ୍ରତାପ କ'ଣ ଭାବିବ କହିଲ ? ରାଜପୁତ ଆଗରେ ଓଡ଼ିଆଙ୍କ ସମ୍ମାନର ପ୍ରଶ୍ନ ।"

ଦୁଇ ସାଙ୍ଗ ମଦ ପିଇବାକୁ ଆରମ୍ଭ କଲେ ସନ୍ଧ୍ୟାବେଳକୁ ଯେ ରାତି ଅଧଯାଏ ଚାଲିଲା । କବାବ ସରିଲା, ସାଲାଡ୍ ସରିଲା, ପାମ୍ପଡ ସରିଲା । ସୋଡା ସରିଲା । ବରଫ ସରିଲା । ମଦ ସରିଲା । ହେଲେ ଶୋଷ ସରିଲା ନାହିଁ । ଗପୁ ଗପୁ ଦୁଇ ବନ୍ଧୁ ସମୟ ଜ୍ଞାନ ହରାଇ ବସିଲେ । ମାତାଲ ଅବସ୍ଥାରେ ଅସାମାଜିକ ହୋଇପଡ଼ିଲେ । ସେମାନଙ୍କର ଭାଷା ଅଶାଳୀନ ହେଲା । ସେମାନେ ପରସ୍ପରର ମିତ୍ରରୁ ଶତ୍ରୁରେ ବଦଳି ଗଲେ । କବିତା ସେମାନଙ୍କୁ ଦୂରରୁ ଦେଖି ବ୍ୟସ୍ତ ହେଲା । ବନ୍ଧୁ ଜଣକ ମାତାଲ ଅବସ୍ଥାରେ ଭାରସାମ୍ୟ ହରାଇ ତଳେ ପଡ଼ିଲା, ବାନ୍ତିକଲା ଏବଂ ସେଇଠି ଭୂମି ଉପରେ ଶୋଇଲା । ତାକୁ ଦୁଃଶାସନ ଘୋଷାରି ଘୋଷାରି ନେଇ ଦାଣ୍ଡଘର ସୋଫା ଉପରେ ଶୁଆଇ କହିଲା 'ଶଳା ରାଣା ପ୍ରତାପ ହେଇଛି । ଓଡ଼ିଆ ସାଙ୍ଗରେ ଟକ୍କର ଦଉଛି ।'

ମଦ୍ୟପାନ ପର୍ବ ଶେଷ ହେବା ପରେ ଦୁଃଶାସନ କବିତାକୁ ଆହ୍ୱାନ କରେ । ଏଇଟା ଗୋଟେ ଶୀତଳ ଶାରୀରିକ ଆହ୍ୱାନରୁ ଆରମ୍ଭ ହୋଇ କ୍ରମେ ଶତ୍ରୁତାରେ ବଦଳେ । ଏପରି ଶତ୍ରୁତା ଯାହା ମିତ୍ରତାର ଦୋହି ଦେଇ କ୍ରମେ ଆତ୍ମତୃପ୍ତି ପାଇଁ ନିଜକୁ ନିଜେ ଭକ୍ଷଣ କରିବାକୁ ଆରମ୍ଭ କରେ । ଏବେ ସେ ନିଜ ହାତ ଆଙ୍ଗୁଠି ଅଗର ନଖମାନଙ୍କୁ ପ୍ରକୃତରେ ଖାଇବାକୁ ଆରମ୍ଭ କରେ । ନଖ ଚୋବେଇ ଚୋବେଇ ବଡ଼ମାନଙ୍କ ପାଇଁ ଉଦ୍ଦିଷ୍ଟ ଗୋଟେ ଆଇଁଷା ଜୋକ୍ କହେ ଯାହା କବିତା ବୁଝେନି କି ବୁଝିବାକୁ ଚେଷ୍ଟା କରେନି । ଦୁଃଶାସନ ହସୁ ହସୁ ଆଦେଶ ଦିଏ, "ହସ, ଏଇଟା ଗୋଟେ ହସକଥା ମୁଁ କହିଲି ଅଥଚ ତୁମେ ହସିପାରୁନ ।" କବିତା ହସର ଗୁପ୍ତ ରହସ୍ୟଟି କେଉଁଠି ରହିଲା ଜାଣି ପାରେନି । ଦେଖି ପାରେନି । ତଥାପି ଭୟରେ ହସ ନ ଲାଗିଲେ ବି ନ ହସି ଦାନ୍ତ ଦେଖାଇ ଦିଏ । ଦୁଃଶାସନ ଜାଣିପାରେନି ! ମୂର୍ଖଟା ଦାନ୍ତକୁ ହସ ସହିତ ସମାନ କରି ଦେଖେ । ଓଠକୁ ପାଟି ସହିତ ସମାନ କରି ଦେଖେ । ମୁହଁକୁ ପ୍ରସାଧନ ସହିତ ସମାନ୍ତର କରି ସେ ବିଚାର କରେ ଯେ କବିତାଟା ପୁରାପୁରି ତା ନିଜର ଏକଚାଟିଆ ଅଧିକାର । ସଂପୂର୍ଣ୍ଣ ବ୍ୟକ୍ତିଗତ ସଂପତ୍ତି ।

Digitized by srujanika@gmail.com

ସବୁଦିନଠାରୁ ସେଦିନ ଅଲଗା ଥିଲା । ସେଦିନ ଦୁଃଶାସନ ନିଜର ସଦ୍‌ବୁଦ୍ଧିକୁ ଅଫିସ୍ ଆଲ୍‌ମିରାରେ ତାଲା ପକାଇ ଦେଇ ଘରକୁ ଫେରିଥିଲା । ସନ୍ଧ୍ୟାରୁ ରାତିଯାଏ ଏକଲା ବସି ମଦ ପିଇପିଇ ଟିଭି ଦେଖିଲା । ରାତିର ଖାନା ଖାଉ ଖାଉ ବାପା ମା'ଙ୍କ ସହିତ ଯୁକ୍ତି କଲା । ଶେଷରେ ଶୋଇବାକୁ ଆସିଲା ବେଳେ ଦେଖିଲା ତା' ଆଗରୁ କବିତା ଶୋଇ ସାରିଛି । କବିତା ଯେ ନିଜେ ନଖାଇ ଆସି ଶୋଇ ପଡ଼ିଛି ସେକଥା ଭାବିବାକୁ ତାର ସମୟ ନାହିଁ । କାନ୍ଥ ଆଲମୀରାରେ ଲୁଚାଇ ରଖିଥିବା କେବଳ ପ୍ରାପ୍ତ ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଗୋଟେ ମାଗାଜିନ୍ କାଢ଼ି ତା'ର ମଲାଟକୁ କିଛିକ୍ଷଣ ଚାହିଁ ସେ ସେଇଟାକୁ କବିତାର ମୁହଁ ଉପରକୁ ଫିଙ୍ଗିଲା । ବହିଟା ତା' ମୁହଁରେ ବାଜି ଆଘାତ ଦେବାରୁ ସେ ସତର୍କ ହୋଇପଡ଼ିଲା । ଏଇଟା ତା' ଖେଳର ଆରମ୍ଭ ମାତ୍ର । ରାତିରେ ଆଜି ଦୁଃଶାସନ କ'ଣ ଯେ କରିବ ସେକଥା ସେ ଭାବିପାରୁ ନଥିଲା ।

ସେ ମୁହଁ ଉଠାଇ ଦେଖିଲା ଦୁଃଶାସନ ଖଟ ଉପରକୁ ଲମ୍ଫ ପ୍ରଦାନ କରିବାକୁ ତୟାର ହୋଇସାରିଛି । ତା' ଦେହରେ ଗୋଟେ ବି ପରିଧାନ ନାହିଁ । ସଂଭ୍ରମର ଆଭାସ ନାହିଁ । ମୁଣ୍ଡ ଉପରେ ଜଳୁଥିବା ବାର୍ ଲାଇଟ୍ ତଳେ ସେ ନିର୍ଲଜ ହୋଇ ଛିଡା ହୋଇଛି । ତାକୁ ଏ ପ୍ରକାର ଅବସ୍ଥାରେ ଦେଖି କବିତା ଲଜ୍ଜିତ ହେଉଛି । ସେ ମୁହଁ ଫେରାଇ ନେବା ପୂର୍ବରୁ ଦୁଃଶାସନ କହୁଛି, "କ'ଣ ମୁଁ ଆସିବା ଆଗରୁ ଶୋଇଗଲ ? ଏଇଟା କ'ଣ ତମ ପତ୍ନୀର ଧର୍ମ ?"

କବିତା ନୀରବ ରହିଲା । ହିଂସ୍ର ବର୍ବରତାକୁ ପ୍ରଶ୍ରୟ ଦେବା ଯଦି ଧର୍ମ ତେବେ ସେ ବିଧର୍ମୀ ହେବାକୁ ଚାହେଁ । ତାର ମୌନପଣକୁ ସମ୍ମତିର ସୂଚନା ବୋଲି ଭାବିବା ଦୁଃଶାସନର ମୂର୍ଖତା ହେବ । ଅହିଂସାର ଶକ୍ତି ବିଷୟରେ ତାକୁ ଚେତାଇ ଦେବାକୁ ହେବ । ସେ ମହାତ୍ମା ଗାନ୍ଧୀଙ୍କୁ ମନେ ପକେଇଲା ଏବଂ ମନରେ ସାହସ ଭରିଲା ।

ଦୁଃଶାସନ ତା' ମନକଥା ବୁଝି ତାକୁ ଆଦେଶ ଦେଲା, ଆରେ ଉଠ୍, ଦେଖ ମତେ । ଚାହଁ ଇଆଡେ । ଆଦେଶ ପାଳନ କରି କବିତା ତା' ଆଡେ ଚାହିଁଲା । ଇସ୍ ଏତେ କଦାକାର ଦେଖାଯାଇପାରେ ଗୋଟେ ପୁରୁଷର ଉଲଗ୍ନ ଚେହେରା । ଦେହ ସାରା ଲୋମ, ଲୋମକୂପରେ ଝାଳ । ପୂରା ଶରୀରରେ ଚରିଛି ଅସନା କାମୁକତାର ଲାଳସା । ଦୁଇ ଗୋଡରେ ଛିଡା ହୋଇଛି ମଣିଷପରି ଭାଲୁଟେ ନା ଭାଲୁ ପରି ମଣିଷଟେ କିଏ କହିପାରିବ ? ଛାତି ସାରା କୁଞ୍ଚ କୁଞ୍ଚ ବାଳ, ଆଖିରେ ଜାନ୍ତବ ଜ୍ୱଳନ । ପୌରୁଷ ନାଁରେ ପାଖରେ ରଖିଛି କଠିନ ପ୍ରହାର ପାଇଁ ଏକ ରଣକୌଶଳ ଯାହାର ସଂଭାବ୍ୟ ଆଘାତରେ ଶିହରି ଉଠୁଛି କବିତା ।

ଦୁଃଶାସନ ଉତ୍‌ଫଣ ସାପ ପ୍ରାୟ ତା' ଆଡକୁ ଝୁଙ୍କି ତା'ର କେଶକୁ ଶୁଙ୍ଘିଲା ଓ ଉନ୍ମାଦ ହେଲା । ତାକୁ ବିବସ୍ତ୍ର କରି ତା'ର ଦେହକୁ ଦେଖିଲା । ତା' ଦେହର ରଙ୍ଗ ବାର

Digitized by srujanika@gmail.com

ଲାଇଟ୍‌ର ଆଲୁଅରେ ଶେତା ଦିଶୁଥିଲା । କବିତା ଆଖି ବନ୍ଦ କରି ପଡ଼ିରହିଲା । ତା'ପରେ ଦୁଃଶାସନ ତା' ବାଁ କାନର ସୁନା 'ରିଂ'ରେ ନିଜ ଡାହାଣ ହାତର ବିଶି ଆଙ୍ଗୁଠି ଗଳାଇ ଆସ୍ତେ ଭିଡ଼ିଲା । କବିତା କଷ୍ଟରେ "ଓଃ" ଟାକୁ ଓଠ କାମୁଡ଼ି ନିଜ ପାଟି ଭିତରେ ଅଟକାଇ ରଖିଲା ଏବଂ ନିଜର ଆତ୍ମ ନିୟନ୍ତ୍ରଣକୁ ମନେ ମନେ ସାବାସି ଦେଲା । ସେ ଏହି ନୀରବତାକୁ ଆୟୁଧ କରି ଦୁଃଶାସନର ନିଷ୍ଠୁର ପ୍ରହାରର ସାମ୍‌ନା କରିବାକୁ ପ୍ରସ୍ତୁତ ହେଲା । ଏଇ ଅବସରରେ ହଠାତ୍ ନରମି ଯାଇ ଦୁଃଶାସନ ତାକୁ ଆଦରରେ ଆଉଁଷି ଏକ ପ୍ରଶ୍ନ ପଚାରବାକୁ ଚାହିଁଲା । କବିତା ବୁଝିଗଲା ଯେ ତା'ର ଏ ପ୍ରକାର ନରମ ପଣରେ ହଠାତ୍ ଢ଼ଳିଯିବା ଅନୁଚିତ, କାରଣ ଏହା ଥିଲା ଅଧିକ ନିଷ୍ଠୁର ହିଂସ୍ରତା ପୂର୍ବର ଏକ ଚାଲ୍ । ଦୁଃଶାସନ ତାକୁ ଏଥର ଟେବୁଲ୍ ଉପରେ ଥୁଆ ହୋଇଥିବା ଏକ କଦଳୀ ଆଣି ତାର ଚୋପା ଛଡାଇ ନିଜେ ଅଧା ଖାଇ ବାକି ଅଧାକ ତାକୁ ଖାଇ ଦେବାକୁ ବାଧକଲା । କବିତା ଖାଇଲା ସିନା, ତାକୁ ବାନ୍ତି ଲାଗୁଥିଲା । ଏବେ ଦୁଃଶାସନର ସମସ୍ତ ଆଦର ବି ତାକୁ ଛଳନାର ନିଷ୍ଠୁରତା ଠାରୁ ଅଧିକ କ୍ରୁର ଲାଗୁଥିଲା ।

ଏବେ ସେମାନଙ୍କ ଭିତରେ ଅବୁଝାମଣା ଚରମ ପର୍ଯ୍ୟାୟରେ ପହଞ୍ଚିଛି । କବିତା ଦୁଃଶାସନର ଭାଷାକୁ ଘୃଣାକରେ । ଶୁଣି ଶୁଣି ଚୁପ୍ ରହେ । ଛେପ ଢୋକେ । କଥାର ଧାରୁଆ ଛୁରୀ ତା' ହୃଦୟକୁ ବିଦ୍ଧ କରେ । ତା କଥାରେ ଜବାବ ଦେବା ଅସମ୍ଭବ ମନେ କରେ ।

ସେତିକିବେଳେ ଦୁଇ ବାହୁରେ ତାକୁ ଭିଡ଼ି ଧରି ତାର କାନମୂଳକୁ କାମୁଡି କାମୁଡି ସେ ପଚାରେ – ଜାଣିଛ ମତେ ତୁମେ କ'ଣ ପିନ୍ଧିଥିଲେ ସବୁଠୁ ଭଲଲାଗେ ? ସେତେବେଳେ କବିତା ଦେହରେ ଆଙ୍ଗୁଳେ ବି ବସ୍ତ୍ର ନଥାଏ । ସେତେବେଳେ ସରମରେ ଆଖି ବନ୍ଦ ରଖି ସେ ନିଜ ଦୃଶ୍ୟଠାରୁ ନିଜକୁ ବଞ୍ଚାଇ ରଖିଥାଏ । ଦୁଃଶାସନ ନିଜ ପ୍ରଶ୍ନର ଉତ୍ତର ନପାଇ ନିଜେ କହେ ନିଜଆଡୁ – "ତୁମେ ଯଦି ମତେ ପିନ୍ଧନ୍ତ, ମୁଁ ତୁମର ଅଙ୍ଗବାସ ହୋଇଯାନ୍ତି" । ଏ ଥିଲା ତା'ର କବିତା ନାଁରେ ଚିତ୍ରକଳ୍ପ ପ୍ରୟୋଗର ଏକ ଖଳ ପ୍ରୟାସ । କବିତା ଚୁପ୍‌ଚାପ୍ ରହେ ।

ଏଥର ଦୁଃଶାସନ ସତରେ ରାଗିଯାଇ ପଚାରିଲା, "ତୁମେ ଏତେ ଭଦ୍ରଲୋକ ସାଜୁଛ କାହିଁକି ? ତୁମେ ନିଜକୁ କ'ଣ ବୋଲି ଭାବୁଛ କି ? କଥା କହିଲେ କ'ଣ ପଇସା ପଡୁଛି ? ଏ ଚୁପ୍‌ଚାପ୍ ଚଳିବନି । କ'ଣ ମୋ କଥା ଶୁଣୁଛ ନା ନାହିଁ ?"

ଏ ପ୍ରଶ୍ନ ସବୁର ଉତ୍ତର ନଦେବାକୁ କବିତା ଠିକ୍ କଲା । ସେ ସବୁ ଶୁଣିଛି, ହଁ । ହେଲେ ଉତ୍ତର ଦେବା ନ ଦେବା ତା' ଉପରେ ନିର୍ଭର କରେ । ସେ ଉତ୍ତର ଦେବ ନାହିଁ । ଦେଖିବ ସେ କ'ଣ କରିବ ? ତା ପରେ ପୁନରାୟ ଦୁଃଶାସନ ଥୋଡି ଚିପି ଚିପି ପଚାରେ, "ଆଚ୍ଛା କହିଲ – ଗୋଟେ ଅଚିହ୍ନା ଅଜଣା ଲୋକ ଆସି ତମ ଆଡେ ଚାହିଁ

Digitized by srujanika@gmail.com

ତୁମକୁ କିଛି ଇସାରା ଦବ, ତେବେ ତମେ କ'ଣ କରିବ ? ଖୁସି ହବ, ନା ବିରକ୍ତ ହବ, ନା ଆଉ କିଛି ? କବିତା ଉତ୍ତର ଦେଇଥିଲେ ସେ ଜାଣିଥା'ନ୍ତା ତାର ଶ୍ରେଣୀ ବିଭାଗ । ତାକୁ କୌଣସି ଉତ୍ତର ମିଳିଲା ନାହିଁ, କାରଣ କବିତା ନିରବ ରହିଲା ।

ଶେଷରେ ସେ ଧମକ ଦେଲାପରି ପଚାରିଲା ତାର ଶେଷ ପ୍ରଶ୍ନ । ଯଦି ଯା'ର ଉତ୍ତର ନଦେବ ତୁମର ହୃଦୟ ଶତଧା ଖଣ୍ଡ ଖଣ୍ଡ ହେବ । ମୋ'ଠାରୁ ଅଧିକ ନିଷ୍ଠୁର ଲୋକ ତମେ ଦେଖିବ ନାହିଁ । ତା'ପରେ ସେ ପ୍ରଶ୍ନ କଲା, "ଆଚ୍ଛା କୁହ, ମୋର ଭଲପାଇବା ତୁମ ପାଇଁ ଖୁସିର କଥା ନା ବିରକ୍ତିକର ? ନା ତୁମେ ଯାହା କରୁଛ କେବଳ ମତେ ବାହା ହୋଇଥିବାରୁ ବାଧବାଧକତାରେ କରୁଛ ? ଯା'ର ଉତ୍ତର ଦେବାକୁ ମୁଁ ତୁମକୁ ଦି'ମିନିଟ୍ ସମୟ ଦେଲି । ଯଦି କିଛି ନ କହିବ ତେବେ ବିପଦ ବରଣ କରିବାକୁ ପ୍ରସ୍ତୁତ ହୋଇଯାଅ ।"

ଏପରି ଅପେରାରେ କୁହାଯିବାର ଯୋଗ୍ୟ ଡାଇଲଗ୍ ଶୁଣି ତାର ଉତ୍ତରରେ କବିତା ନିରବ ରହିଲା । ସେ ଏବେ ସତରେ ନିର୍ଭୟ ହୋଇସାରିଛି । କୌଣସି ହିଂସାକୁ ତାର ଭୟ ନାହିଁ । ପରାଜୟ କ'ଣ ସେ ଜାଣେନି, ମାନେନି । ସେ ଚୁପ୍‌ଚାପ୍ ଚାହିଁଛି । ଅପେକ୍ଷା କରିଛି ଆଉ ଟିକେ ପରେ ଦୁଃଶାସନ ଆକ୍ରମଣ କରି ତା ହୃଦୟକୁ ଆଘାତ କରିବ । ସେଥିପାଇଁ ସେ ପ୍ରସ୍ତୁତ । ଆଜି ସେ ଦୁଃଶାସନକୁ ଦେଖେଇ ଦେବ ଯେ ସେ ତା'ର ସମସ୍କନ୍ଧ । ସେ ନୀଚ, କ୍ଷୁଦ୍ର, ତଳ ଶ୍ରେଣୀର, ମିନ୍ ସେକ୍ସି ନାରୀ ନୁହେଁ ଯାହାକୁ କେବଳ ବେଡ୍‌ରୁମ୍‌ରେ ବ୍ୟକ୍ତିଗତ ସଂପତ୍ତି ପରି ସଜାଇ ରଖାହୁଏ, କିନ୍ତୁ ଯାହାର ସ୍ୱାଧୀନତାକୁ ସ୍ୱୀକାର କରାଯାଏନି ।

ଉତ୍ତର ନପାଇ ମଧ ଦୁଃଶାସନ ନିର୍ଲଜ ହୋଇ ପୁନରାୟ ପଚାରେ ଏପରି ଏକ ପ୍ରଶ୍ନ ଯାହା ଅଶ୍ଳୀଳତାରେ ତା'ର ଆଚରଣକୁ ମଧ ବଳିଯାଏ । "ଆଚ୍ଛା ମୋ'ଠୁ ଯଦି ଅଧିକ ସୁନ୍ଦର ଯୁବକ ତୁମକୁ ତା' ସହିତ ଶଯ୍ୟାକୁ ଯିବାକୁ ଡାକେ ତୁମେ ଯିବ ?" ନିଶାଗ୍ରସ୍ତ ମନରେ ଏବେ ଦୁଃଶାସନ ଯା ଇଚ୍ଛା ତା' ବକିଯାଉଛି । ହେଲେ ଏ ପ୍ରଶ୍ନର ଉତ୍ତରରେ ନିରବତା ଅବଲମ୍ବନ ଦୋଷାବହ ହେବ ଭାବି କବିତା ଛଟପଟ ହେଲା । କିଛି କହିବାକୁ ଚାହିଁଲା ଏପରି କଥା ଯାହା ତା' ପାଇଁ ଆତ୍ମରକ୍ଷାର କବଚ ହୋଇ ଦୁଃଶାସନର ନୃଶଂସତାକୁ ସବୁଦିନ ପାଇଁ ବନ୍ଦ କରି ଦେଇପାରିବ । ଦୁଃଶାସନର ଅତ୍ୟାଚାରୀ ପ୍ରଶ୍ନ ବେତାଳ ପରି ତା' ବେକରେ ଝୁଲୁଛି ଯାହାର ଉତ୍ତର ନଦେଲେ ଆପତ୍ତି, ଦେଲେ ବିପତ୍ତି ।

ସେ କ'ଣ ଭାବିଲା କେଜାଣି ରାଣୀପରି ବିଜ୍ଞଠାଣିରେ ହସିଲା ଏବଂ ଦର୍ପଣ ଆଡକୁ ଆଙ୍ଗୁଠି ନିର୍ଦ୍ଦେଶ କରି ସେ ଆଡକୁ ଚାହିଁବାକୁ ଆଦେଶ ଦେଲା । ଦୁଃଶାସନ ଦେଖିଲା ଦର୍ପଣ ଭିତରେ ଆଉ ଏକ ମୁଖର କବିତା ତାକୁ ଅନୁରୋଧ କରୁଛି । ଯେ କୌଣସି ପ୍ରଶ୍ନ ପଚାରିବା ଆଗରୁ ପ୍ରଥମେ ନିଜକୁ ପଚାର । ଉତ୍ତର ଆପେ ଆପେ ମିଳିଯିବ ।

Digitized by srujanika@gmail.com

ପ୍ରକୃତରେ ଦୁଃଶାସନ ନିଜକୁ ନିଜେ କେବେ କୌଣସି ପ୍ରଶ୍ନ ପଚାରି ନଥିଲା । ତା' ଆଖି ସବୁବେଳେ ବାହାରକୁ ଚାହିଁଥିଲା । ତା' ନିଜ ଭିତରଟା ସବୁବେଳେ ଅନ୍ଧାରରେ ବୁଡ଼ି ରହିଥିଲା । ସେ କ'ଣ ଭାବି ଘର ଭିତରେ ଜଳୁଥିବା ଲାଇଟ୍‌ଟାକୁ ଲିଭେଇ ଦେଲା । ବାହାରର ଆଲୁଅ ଜଳି ଉଠିଲା ଯାହା ସେ ପ୍ରଥମ କରି ଦେଖିଲା । ସେଇ ଆଲୁଅ ଭିତରେ ସୁନ୍ଦରୀ କବିତା ବସିଛି । ସେ ସମସ୍ତ ପଚାରିଥିବା ପ୍ରଶ୍ନର ଉତ୍ତର ଶୁଣିବାକୁ ଅପେକ୍ଷା କରିଛି । ଏଥର ଦୁଃଶାସନ ବୁଝିଗଲା ନିଜର ତ୍ରୁଟି ।

ସେ ଆଦରରେ କବିତାକୁ ନିଜ ଛାତି ଆଡ଼କୁ ଆଉଜାଇ ଆଣିଲା । ଆସ୍ତେ ଉଠାଇ ତାକୁ ଖଟରେ ଶୁଆଇ ତା' ଉପରେ ନରମ ରେଶମୀ ଚଦରଟା ହାଲ୍‌କା କରି ଘୋଡାଇ ଦେଲା ଏବଂ ତା କ'ଡରେ ଛୋଟ ପିଲାଟେ ପରି ଗେଞ୍ଜି ହୋଇପଡ଼ିଲା । ତାକୁ ଚୁମିଲା, ଆଉଁଷିଲା ଆଉ ଆଦର କଲା । ତା'ପରେ କାନ୍ଦ କାନ୍ଦ ହୋଇଗଲା । ପ୍ରକୃତ ସହାନୁଭୂତିର ଦୁଇବୁନ୍ଦା ଲୁହ ତାକୁ ଭିଜାଇ ରଖିଲା ।

ତା'ପରେ କବିତା ଦୁଷ୍ୟନ୍ତକୁ (ତାହା ଥିଲା ଦୁଃଶାସନର ପ୍ରକୃତ ନାଁ) ଚାଦର ଭିତରକୁ ଡାକିଥିଲା ଓ ଦି'ଜଣଯାକ ଗୋଡଠୁ ମୁଣ୍ଡଯାଏ ଢାଙ୍କି ହୋଇଯାଇଥିଲେ ଯେପରି ତାଙ୍କୁ ଆଉ କେହି ଦେଖିପାରିବେନି । ଆମକୁ ଖାଲି ଯାହା ଶୁଭିଲା, "ନାଇଁ ଦୁଷ୍ୟନ୍ତ, ନା ଦୁଷ୍ୟନ୍ତ, ଓଃ ଦୁଷ୍ୟନ୍ତ ।" ତା'ପରେ ଲାଗିଲା ସତେ ଯେପରି କବିତାର ଆତଙ୍କ ଏକ ଚରମ ତୃପ୍ତିର ଆମୋଦିତ ଓଃ ରେ ବଦଳି ଯାଇଛି । ତା'ର ନୀରବତାରେ ଭରିଯାଇଛି ନିର୍ବିବାଦ ପ୍ରେମ ।

❑❑❑

Digitized by srujanika@gmail.com

# ବୟସ୍କଙ୍କ ପାଇଁ ବେଡ୍ ଟାଇମ୍ ଷ୍ଟୋରି

ତୁମକୁ ଦେଖିବା ଆଗରୁ ଏତେ ସୁନ୍ଦର ଚେହେରା ଦେଖି ନଥିଲି । ହୋଇପାରେ ମୁଁ ତୁମକୁ ଭଲପାଏ ବୋଲି ତୁମେ ମତେ ଏତେ ସୁନ୍ଦର ଦିଶ । ଏଇଟା ତୁମକୁ ଏତେ ପାଖରେ ପାଇବା, ପାଖରୁ ଦେଖିବାର ପ୍ରଥମ ସୌଭାଗ୍ୟ । ତୁମେ ଖଟ ଉପରେ ଲମ୍ବ ହୋଇ ଶୋଇଛ । ମୁଁ ଶୁଣି ପାରୁଛି ତୁମ ନିଃଶ୍ୱାସର ସୁଉ ସୁଉ । ତୁମ ଚିକ୍କଣ ଚମଡା ଉପରେ ନିଷ୍ପ୍ରଭ ଦୀପ ସାପ ପିଠିରେ ଜହ୍ନ ଆଲୁଅ ପରି ଚିକ୍ ଚିକ୍ କରୁଛି ।

ତୁମେ ଶୋଇନ, ଶୋଇବାର ବାହାନା କରି ମୋର ଅପେକ୍ଷା କରୁଛ । ଆଖି ମୁଦି ମୋର ପାଦ ଶବ୍ଦ ଶୁଣୁଛ । ହେଇ ପାଖରେ ପହଞ୍ଚିଲି ତ ମତେ ଚମକାଇ ମୋ ବେକରେ ଝୁଲି ପଡୁଛ । ମୋର କାନକୁ କାମୁଡି ମୋତେ ପାଗଳ କରି ଦେଉଛ । ପୁଣି ଆସ୍ତେ କାନରେ କହୁଛ ଗପଟିଏ କହିବାକୁ ।

ସବୁଦିନ ତମର ଗପ ଦର୍କାର । ମୋଠୁ ଗପ ଶୁଣି ଶୁଣି ତ ମତେ ଭଲପାଇ ବସିଲ । ଏବେ ପୁଣି କହୁଛ ଗପ କହ । କେତେ କହିବି ? ସବୁ ଷ୍ଟକ୍ ବୋଧେ ସରିଯିବ ଏଥରକ । ଆଉ ଯାହା ବଳିଛି ତାହା କେବଳ ସତ କଥା । ଗପ ବଦଳରେ ମିଛ କଥା କହିଲେ କ'ଣ ତୁମେ ପସନ୍ଦ କରିବ ? ଗପ ସରିଗଲେ ମିଛ କଥା ବାହାରେ, ମିଛର ଭଣ୍ଡାର ସରିଲେ ପୁଣି ସତକଥା । ପୁଣି ଶେଷକୁ ମିଛ ସତ ଆଉ ଗପ ଫେଣ୍ଟାଫେଣ୍ଟି ହୋଇପଡ଼ନ୍ତି । ତୁମେ କ'ଣ ବିଶ୍ୱାସ କରିବ ମୋର ଅଙ୍ଗେନିଭା କଥା । ଯାହା ଅନେକ ବେଳେ ଅବାନ୍ତର ଅସଂଭବ ଓ ସ୍ୱପ୍ନ ପରି ଜଟିଳ ହୋଇପଡ଼ନ୍ତି । ତାହାକୁ ବିଶୁଦ୍ଧ କାହାଣୀ ପରି କହି ହୁଏ ନାହିଁ । ଯଦି ତୁମେ ଚାହଁ ତେବେ ଶୁଣ ମୁଁ ଯାହା କହୁଛି । ମତେ ତୁମ କାନ ଦିଟା ଉଧାର ଦିଅ । କ'ଣ ଶୁଣୁଛ ତ ? ଆରେ ଆରେ ଭୁଲିଯାଇଛି ଯେ କାନ ଦିଟା ସବୁବେଳେ ଖୋଲା । ତୁମର ସୁନ୍ଦର ଅଧାବନ୍ଦ ଆଖିଠାରୁ କାନ ଏଇ ହିସାବରେ ଅଲଗା । କାନକୁ ବନ୍ଦ କରି ହୁଏନି, ଯେପରି ଆଖିକୁ ପତାର ପର୍ଦ୍ଦା ତଳେ ବନ୍ଦ କରି ଦିଆଯାଇପାରେ । ଆଲୋକକୁ ଆଖିଠାରୁ ଦୂରରେ ନିର୍ବାସନ ଦଣ୍ଡ ଦେଇହୁଏ ଏବଂ ନିଜକୁ ସାମୟିକ ଭାବରେ ଅନ୍ଧାରରେ ନିବୁଜ କରିହୁଏ, ମାତ୍ର କାନକୁ କବାଟ କିଳି ହୁଏନା । ଶବ୍ଦମାନେ ଅବିରତ ପ୍ରବେଶ କରନ୍ତି କର୍ଣ୍ଣ କୁହରରେ । କେବଳ ମନ ଚାହିଁଲେ ଶୁଣେ ବା ନ ଶୁଣେ ।

ଏଇତ ତୁମେ ମୋ କଥା ମନ ଧ୍ୟାନ ଦେଇ ଶୁଣୁଛ । କହୁଛ କ'ଣ ନା ଗପ କେବଳ କାନରେ ଶୁଣାଯାଏନି । ସେଥିପାଇଁ ଆଖିରେ ଅଙ୍କା ଯାଇପାରୁଥିବା କଳ୍ପନାର

Digitized by srujanika@gmail.com

ଚିତ୍ର ଅପରିହାର୍ଯ୍ୟ । ମୁଁ ଯାହା କୁହେଁ ତମେ ସଙ୍ଗେ ସଙ୍ଗେ ତାକୁ ଘଟଣାରେ ବଦଳାଇ ଅଧିକ ନାଟକୀୟ କରିଦିଅ, ଖୁସିହୁଅ । ତୁମେ ମୋର ପ୍ରିୟତମ ଶ୍ରୋତା ।

ଚାଲ ଆମେ ପାର୍କକୁ ବୁଲିବାକୁ ଯିବା, ସେଠି ବାରମଜା ଖାଇବା, ଗଛମୂଳେ ବସି ହାୱାରେ ଉଡୁଥିବା ପତ୍ରମାନଙ୍କୁ ଦେଖିବା । ଗପୁ ଗପୁ ଅନ୍ୟମାନଙ୍କୁ ଦେଖିବା । ମୁଁ ଶୁଣେଇବି ତୁମକୁ ଆମ ସମୟର କଥା । ପୁରୁଣା କଥା ଶୁଣିଶୁଣି ବୋର୍ ହୋଇଗଲଣି । ସବୁବେଳେ ପଚାରୁଛ 'ସତ ନାଁ ?' ଏ ସବୁ ପ୍ରଶ୍ନ ପଛରେ ସନ୍ଦେହ ନୁହେଁ ଆଗ୍ରହ ଅଧିକ ବୋଲି ତମେ ଏମିତି ପଚାରୁଛ । ମୁଁ ଗପଟିକୁ ଅଧିକ ବିଶ୍ୱାସଯୋଗ୍ୟ କରିବା ପାଇଁ ନୂଆ ତରିକା ଆପଣାଏ ।

ତୁମ ମୁଣ୍ଡର ଝାମ୍ପୁରା ବାଳ କାନ୍ଧ ଉପରେ ଆଧୁନିକ ଢଙ୍ଗରେ ଝୁଲି ପଡିଥାଏ । ଆଖି ଦୁଇଟା ଧ୍ୟାନ କଲା ପରି ଅଧା ବନ୍ଦ । ସତେ ଅବା କାହାଣୀରେ ମଗ୍ନ ହେଉ ହେଉ ତୁମେ ଆଉ ଏକ ପୃଥିବୀକୁ ଭାସିଯାଅ । ମୁଁ କାହାଣୀକୁ ଓଜନିଆ କରିଦିଏ । କହୁ କହୁ କଣ୍ଠରେ କମ୍ପନ ଜଗାଏ । ଓଠରେ ଲମ୍ବ ଲମ୍ବ ଦୀର୍ଘ ବିସର୍ଗିତ ଉପସର୍ଗମାନେ । ଆହା, ଓହୋ, ଇସ୍, ଚୁଃ, ଛିଃ ଛିଃ, ଉଃ, ସେଃ। ବାକ୍ୟରେ ଆବୁର ଯାବୁର ଗଣ୍ଠି । ଶବ୍ଦରେ ରଙ୍ଗର ପରିପାଟୀ, ଉପମାରେ ଅତ୍ୟଧିକ ଅନୁଭବର ଉପଲବ୍ଧି ଯାହା କେବଳ ମୋର ନ ହୋଇ ତୁମର ମଧ୍ୟ ହୋଇଯାଏ । ତୁମେ ଆଶ୍ଚର୍ଯ୍ୟବତ୍ ଶୁଣ, ସାପ ପରି ଚକ୍ଷୁଶ୍ରବା ହୋଇ । ଗପ ତୁମେ ଶୁଣୁ ନଥାଅ ଯେ ପିଇ ଯାଉଥାଅ । ଗପ ସରିଯାଏ ତଥାପି ତୁମେ ସନ୍ତୁଷ୍ଟ ହୋଇ ନଥାଅ । ମତେ ପୁଣି କହିବାକୁ ବାଧ୍ୟ କର ।

ମୁଁ ପୁଣି ଥରେ ମଝିରେ କହିବାକୁ ଆରମ୍ଭ କରେ । ଠିକ୍ ସେଇଠୁ ଯେଉଁଠାରେ ବଳାତ୍କାର ପ୍ରେମରେ ବଦଳିଯାଏ ଏବଂ ଝିଅଟି ଯୁବକଟିକୁ ସତରେ ଭଲପାଇ ବସେ, ହିନ୍ଦୀ ସିନେମା କାଇଦାରେ ।

ଯୁବକ ଝିଅଟିକୁ ପାଇ ତା' ଆଗରେ ଠିଆ ହୋଇପଡ଼ିଲା । ହାତ ବିସ୍ତାରି ବାଟ ଓଗାଳିଲା, ସମୟ କେତେ ବୋଲି ପଚାରିଲା, ତା' ହାତରେ ଧରିଥିବା ବହିଟା ମାଗିଲା ଦେଖିବାକୁ ତ ଝିଅଟା ମନା କଲା । ସୁନ୍ଦରୀ ଯୁବତୀ ହୋଇଥିବାରୁ ଝିଅଟି ମନରେ ଅନେକ ଗର୍ବ ଥିଲା ଯାହା ଆସ୍ତେ ତା'ର ଦୁର୍ବଳତାରେ ବଦଳି ବଦଳି ଯାଉଥିଲା ।

ଯୁବକଟିକୁ ଅତିକ୍ରମ କରିଯିବାକୁ ତା'ର ସାହସ ହେଉ ନଥିଲା । ଯୁବକଟି ତଥାପି ବାଟରେ ଛିଡା ହୋଇଛି ଏବଂ ତା'ରି ଆଡକୁ ଚାହିଁଛି । ନିଜକୁ ହିରୋ ମନେ କରି ଏହିପରି ସୁଯୋଗକୁ ହାତ ମୁଠାରେ ଚାପି ଧରିଛି । ହିରୋ ପରା କୁଆଡେ ବଳାତ୍କାର କରେ ନାହିଁ, ତେବେ ଯେ କ'ଣ ? ଖାଲି ଭିଡା ଓଟରା, ଧସ୍ତାଧସ୍ତି, ଶାଢି ଟାଣିବା ଓ ତଳେ ପକାଇ ବ୍ଲାଉଜ୍ ଚିରିବା କ'ଣ ବଳାତ୍କାର ? ଅନ୍ୟାନ୍ୟ ସବୁ ପ୍ରକାର ଜବରଦସ୍ତ କରିବାର ଉପକ୍ରମ ତ ଏଇଠି । ହିରୋ ର ଜବରଦସ୍ତ କଥା କହିବା ବି ତାକୁ ଅତ୍ୟାଚାର ପରି ଲାଗିଲା । ଅତ୍ୟାଚାର ପୁଣି ଅଦରକାରୀ କଥାବାର୍ତ୍ତାରୁ ଆରମ୍ଭ ହୋଇପାରେ, ସେ

Digitized by srujanika@gmail.com

ସାହାଯ୍ୟ କଲା ବେଳକୁ ବିରକ୍ତି ଲାଗେ, ଅତିଷ୍ଠ ଲାଗେ । ସବୁବେଳେ ଉପରେ ପଡ଼ି ସୁନ୍ଦରୀ ଯୁବତୀଟିକୁ ଅଯାଚିତ ସାହାଯ୍ୟ କରିବା କ'ଣ ଦରକାର ? କ'ଣ ତାର ମତଲବ ? ଯୌବନ ଉପରେ ତା'ର ରାଗ ଜନ୍ମିଲା । ହେଲେ କରିବ କ'ଣ ? ଯୁବକର ସବୁ ପ୍ରଶ୍ନର ଉତ୍ତର ଦେବାକୁ ସେ କ'ଣ ବାଧ୍ୟ ?

ହସ ହସ ମୁହଁରେ ପାଖକୁ ଆସି 'ହ୍ୟାଲୋ' କହି ହାତ ବଢ଼ାଇଦେଲା ଯୁବକ । ହସ୍ତମର୍ଦ୍ଦନ କରିବା ତା'ର ଉଦ୍ଦେଶ୍ୟ । ଝିଅଟା ଶଙ୍କିଗଲା, ପଛେଇ ଗଲା । ଯୁବକ କଥାରେ ଗର୍ବ ଭରି କହିଲା–

"ମୋ ନାଁ ରତିକାନ୍ତ । ତୁମ ନାଁ ?

ତା' ଦେହରେ ନିଆଁ କେଞ୍ଚି ହୋଇଗଲା ପରି ଲାଗିଲା । ମୋ ନାଆଁ ପଚାରିବାକୁ ତୁ କିଏ, ବୋଲି ମନେ ମନେ ଭାବିଲା । କହିଲା – 'ସୁକାନ୍ତି' । ମିଛଟାରେ । ନିଜକୁ ମିଛ ନାଆଁଟେ ଦେଇ ସେ ଖସିଯିବ ବୋଲି ଭାବିଥିଲା ହେଲେ ଯୁବକ ନଛୋଡବନ୍ଧା । କେବଳ ନାଆଁଟାରେ ଅସନ୍ତୁଷ୍ଟ ହୋଇ ପୁଣି ପ୍ରଶ୍ନ କରିବାକୁ ଆଗେଇଲା । "କେଉଁ କ୍ଲାସରେ ପଢୁଛ ?" ଯୁବତୀ କାନ୍ଧରୁ ଓଢଣାଟା ପବନରେ ଉଡ଼ିଗଲା ବେଳକୁ ଯୁବକ ଧରି ଆଣି ତା' ହାତରେ ଦେଲା । ଯୁବକ ଆହୁରି ପାଖେଇ ଆସୁଛି । ତା'ର ପ୍ରଶ୍ନର ତୀର ଯୁବତୀଠାରେ ଫୋଡ଼ି ହୋଇଯାଉଛି । ସେ ଉତ୍ତର ଦେବାକୁ ବାଧ୍ୟ ହେଉଛି । ତୁନି ରହିଲେ ବିରକ୍ତ ଲାଗୁଛି । ଏପରି ଅବସ୍ଥାରେ ମିଛ କହିବାକୁ ବରଂ ଭଲ ଲାଗୁଛି ।

"କାହାର ଅପେକ୍ଷା କରୁଛ ?"

"ବାପାଙ୍କର ।"

ଯୁବକ ଅଳ୍ପ ଅପ୍ରସ୍ତୁତ ହୋଇ ଏପାଖକୁ ସେ ପାଖକୁ ଚାହିଁ କେହି ନ ଆସୁଥିବାରୁ ଆଶ୍ୱସ୍ତ ହୋଇ ଆଉ ପାଦେ ଲାଗିଆସି କାନ ପାଖରେ ମୁହଁ ଲଗାଇବା ପରି କହୁଛି, "ତୁମକୁ ଏ କମଳା ରଙ୍ଗର ଡ୍ରେସ୍‌ଟା ଭାରି ମାନୁଛି, ସତରେ ଭାରି ସୁନ୍ଦର ଦିଶୁଛି..." । ସୁକାନ୍ତି ଯେତିକି ଉଲ୍ଲସିତ ହେଲା ତା'ଠାରୁ ଅଧିକ ଅପମାନିତ ହେଲା । ତା'ର ମନେ ହେଲା ତାକୁ ଯେପରି କିଏ ବିବସ୍ତ୍ର କରୁଛି । ଯୁବକ ବର୍ତ୍ତମାନ ଚତୁଃଷ୍ପଦ ପ୍ରାଣୀ ପରି ଭୋକିଲା ଦିଶୁଛି । ତା' ପାଟି ଭିତରେ ଜିଭ  ଲାଳାୟିତ । ତା' ଆଖିରେ ଲୋଲୁପଦୃଷ୍ଟି । ମନରେ ବିଭ୍ରାନ୍ତ ଇଚ୍ଛା । ସେ ବର୍ତ୍ତମାନ ଉଦ୍‌ଭ୍ରାନ୍ତ, ମଦମତ୍ତ, ଅବିବେକୀ ହୋଇଉଠୁଛି । ତା' ଗଳାରୁ ଶୁଷ୍କ ମଦର ଗନ୍ଧ, ତା' କପାଳରୁ ବିନ୍ଦୁ ବିନ୍ଦୁ ଝାଳ, ତା' ଦେହରେ କାମନାର କମ୍ପନ ସ୍ପଷ୍ଟ । ସେ ଏବେ କ'ଣ କରିବ ବା କହିବ ଚିନ୍ତା କରୁଛି । ଅଳ୍ପ ଦୂରରେ ତା'ର ମଟର ସାଇକେଲଟା ଚିତାବାଘ ପରି ଆଉଜି ଠିଆହୋଇଛି । ଯୁବକ ତାକୁ ଡାକୁଛି, "ଆସ ମୋ ମଟର ସାଇକେଲ୍‌ରେ ବସାଇ ତୁମକୁ ତୁମ ଘରେ ପହଞ୍ଚାଇ ଦେବି,ଆସ, ଆସ ।"

ଯୁବତୀ ନାହିଁ କଲା ପରି ମୁଣ୍ଡ ହଲାଇଲା ।

Digitized by srujanika@gmail.com

"ମୋ ନାଁଟା ଭୁଲିବନି— ରତିକାନ୍ତ । ମୁଁ କଥାରେ ବିଶ୍ୱାସ କରେ ନାହିଁ, କାମରେ ଦେଖାଇଦିଏ । ମୁଁ ସବୁ କରିପାରେ । ପଥରକୁ ମଣିଷ ଓ ମଣିଷକୁ ପଥର କରିଦେଇପାରେ । ମୋର ଆଉ କିଛି ଦର୍କାର ନାହିଁ, ଖାଲି ତୁମେ ଆଉ ତୁମର ହଁ ।"

ଯୁବତୀର ଯୁ' ନଥିଲା । ସେ ଭାବିଲା ଯାରି ନାଁ' ତ ଅତ୍ୟାଚାର, ବଳାତ୍କାର, ସବୁ କିଛି । ତଥାପି ସେ କାହିଁକି ନାହିଁ କରିପାରୁନି । ଏବେ କିଏ ତା ପାଟିରେ ତୁଣ୍ଡି ବାନ୍ଧିଦେଇଛି । ସେ କିଛି କହିବା ଆଗରୁ ଯୁବକ ତା' ପାଟିରେ ହାତ ଦେଇ ଚୁପ୍ କରେଇ ଦେଉଛି ।

ସୁକାନ୍ତି ପାଟିରେ ଭାଷା ଭରପୁର ମାତ୍ର ତା'ର ଆକାର ବା ବିସ୍ତାର ନାହିଁ । କେହି ଶୁଣି ପାରିବେନି ତା'ର ସେଇ ନୀରବ ଶବ୍ଦମାନଙ୍କୁ । ଟିଭିର ଆବାଜ୍ ପୁରା ଶୂନ୍ କରି ଛବି ଦେଖିଲେ ଯେପରି ଲାଗିବ ତାକୁ ଏବେ ସେପରି ଲାଗୁଛି । ଚୁପ୍‌ଚାପ୍ କଣ୍ଠରୁଦ୍ଧ ହେବା ପରି, ତୁନି ହୋଇଯାଇଛି, ଯେତେ ଚିଲ୍ଲେଇଲେ ମଧ୍ୟ କେହି ଶୁଣିପାରୁନାହାଁନ୍ତି । ସେଠାରେ କୌଣସି ଶବ୍ଦ ନାହିଁ । ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ । ଟିଭି ଚାଲିଛି, ହେଲେ ଦର୍ଶକ ଅନ୍ୟମନସ୍କ, ହୁଏତ ଶୋଇପଡ଼ିଛି । କିଏ ଗୋଟେ କାହା ଉପରେ ଅତ୍ୟାଚାର କରୁଛି, ଅତି ଚିରାଚରିତ ଭାବରେ, ଅତି ଖୁସିରେ, ସମସ୍ତଙ୍କ ଜାଣତରେ ।

ମୋ କାହାଣୀର ଏତିକି ଶୁଣୁ ଶୁଣୁ ତୁମେ ଚିହିଁକି ଉଠୁଛ । କହୁଛ ଏଥିରେ କିଛି ନୂତନତ୍ୱ ନାହିଁ । ସାରା ବିଶ୍ୱ ବ୍ରହ୍ମାଣ୍ଡରେ ଏମିତି ଅନେକ ଶିକାର ଶିକାରୀଙ୍କର ଭାଗ୍ ଦୌଡ ଲାଗିରହିଛି । କେତେବେଳେ କିଏ ଆଗରେ କିଏ ପଛରେ କହିବା ମୁସ୍କିଲ୍ । ସଂସାରରେ ବଞ୍ଚି ରହିବା ପାଇଁ ପ୍ରଥମ ନିୟମଟି ହେଲା "ଅନିଚ୍ଛାର ଆଦର କରି ଶିଖ । ଜୀବନରେ ଅନେକ ଅବାଞ୍ଛିତ ଘଟନାର ସାମ୍ନା କରି ଶିଖ ।" ମୋ ଠାରୁ ଗପ ଶୁଣୁ ଶୁଣୁ ତୁମ ମନରେ ଦ୍ୱିଧାର ପ୍ରଶ୍ନବାଚୀ ଉଠେ ।

ତୁମେ ଭାବ ତୁମ ସହିତ ମୋର ଯୋଗାଯୋଗ ଏପରି କି ବିବାହ ଅଧିକନ୍ତୁ କାହାଣୀ ପରି । ବିଶ୍ୱାସ କରି ହୁଏନି ଯେ ଏପରି ଘଟନା ଘଟିପାରେ । ସତ୍ୟ ହୋଇଯାଏ କାହାଣୀଠୁ ଅଧିକ ଆଶ୍ଚର୍ଯ୍ୟମୟ । ମୁଁ ଦେଖୁଥାଏ ଘଟନା କିପରି ଜୀବନ ଉପରେ ନିୟନ୍ତ୍ରଣ ଜମାଏ । ନିଜଠୁ ନିଜକୁ ଅଲଗା କରି ନିଜ କାହାଣୀ ତୁମକୁ ଶୁଣାଏ । ତୁମ ଅନୁରୋଧରେ ମୁଁ ଆଖି ବନ୍ଦ କରି ପୁଣି ମୂଳରୁ କହିବାକୁ ଆରମ୍ଭ କରେ ସେଇ କଥା । ତୁମେ ଶୁଣି ଶୁଣି ବୁଝ ଯାର ନିଗୁଢ ରହସ୍ୟକୁ । ମୋର ଶୁଦ୍ଧ ମୌଖିକ କାହାଣୀ ତୁମ କାନ ଯାଏ ଲମ୍ବିଯାଏ । ଆମକୁ ବାନ୍ଧି ରଖେ । ତୁମେ କୁହ ଲେଖା ଗପଠୁ କୁହା ଗପଟି ଅଧିକ ଆକର୍ଷଣୀୟ ଓ ସଫଳ ହୁଏ । ଯେପରି ପ୍ରେମିକାଠାରୁ ହଜାରେ ଚିଠି ପାଇବା ଅପେକ୍ଷା ତା' ସହିତ ଗୋଟିଏ ଥର ମୁହାଁମୁହିଁ ହେବା ଅଧିକ ଆନନ୍ଦ ଦେଇଥାଏ ।

ଗତକାଲି ସାହିତ୍ୟିକ ଭାଷା ପ୍ରୟୋଗ କରି ଗପଟିଏ କହିବାକୁ ଚେଷ୍ଟା କରି ହାରିଗଲି ମୁଁ । ତୁମେ କହିଲ – "ସେ ସାହିତ୍ୟ କଥା ଛାଡି ଏଥର ନିଜ କଥା କୁହ ।" ମୌନ

Digitized by srujanika@gmail.com

ହେବା ଆଗରୁ ମୁଁ କହେ, "ରଜା ପୁଅ ଘୋଡାରେ ଚଢି ଅନ୍ଧାରିଆ ଜଙ୍ଗଲ ଭିତରେ କେଉଁଆଡେ ହଜିଯାଇଛି । ଘଟଣା ନୂଆ ମୋଡ ନେଇଛି । ରାଜାପୁଅର ପ୍ରେମିକା ଲୁହ ଝରାଉଛି, ନୂଆ ସାଙ୍ଗ ଖୋଜୁଛି, ଅବୁଝା ହେଉଛି । ସେ ବୁଝେନାହିଁ ଘଟଣା ସହିତ କାହାଣୀର ଅନ୍ତରଙ୍ଗ ସମ୍ପର୍କ । ତାହା ମୋତେ ଜଣା, ହେଲେ ମୁଁ ସେ କଥା କାହାରିକୁ ବୁଝାଇ ପାରେ ନି; ନା ତୁମକୁ ନା ତାକୁ । କାରଣ ମୁଁ ଏବେ କେବଳ କାହାଣୀ ଉପରେ ଧ୍ୟାନ ଦେଇଛି ଠିକ୍ ଯେପରି କ୍ଷୁଧାର୍ତ୍ତ ବାଘ ହରିଣୀଟିର ଗତିବିଧି ଉପରେ ଲକ୍ଷ୍ୟ ରଖିଥାଏ । ପ୍ରକୃତ ଶିକାର ଯେ ପର୍ଯ୍ୟନ୍ତ ସଂଘଠିତ ହୋଇନଥାଏ, ହରିଣୀଟି ଘାସ ଖାଇ ଚାଲିଥାଏ ।

ଘଟଣାର ଅବର୍ତ୍ତମାନରେ ତା'ର ଠିକ୍ ଅଳ୍ପ ଆଗରୁ ସଂଘର୍ଷ ବା ସନ୍ଧିର ଉପସ୍ଥାନ ଆଗରୁ କାହାଣୀ ସଂଜୀବିତ ହୁଏ । ମ୍ୟାଜିକ୍ ପରି ଘଟଣାମାନେ ନିୟନ୍ତ୍ରଣର ଲକ୍ଷ୍ମଣରେଖା ଡେଇଁ ବାହାରକୁ ଆସନ୍ତି । ନୂଆ ରାବଣମାନେ ଅନ୍ୟାନ୍ୟ ସୀତାମାନଙ୍କୁ ଅପହରଣ କରନ୍ତି । କିଏ ଜାଣେ ଏଥର ରାଜାପୁଅ କ'ଣ କରିବ ? ସେ ଆସିବ ନା ଆସିବ ନାହିଁ । ସେ ରାସ୍ତା ପାଇବ ନା ନାହିଁ । ତା'ପାଖରେ ତାର ଘୋଡା ଥିବ ନା ନାହିଁ ? କିଛି ଚିନ୍ତା ନାହିଁ । ଜାଣିବାର ଦରକାର ନାହିଁ । ସେ କେଶବତୀ କନ୍ୟାକୁ ବିବାହ କରିବ ନା ନାହିଁ । ଯୁବରାଜ ଏ କାଳର ସିଣ୍ଡେରେଲାକୁ ପାଇବ ନା ନାହିଁ । ଖୋଜିଲେ ଯଥେଷ୍ଟ । ଖୋଜି ଖୋଜି ନିରାଶ ହୋଇ ସେଇ ସିଣ୍ଡେରେଲାର ଅସୁନ୍ଦରୀ ଭଉଣୀରୁ ଗୋଟିକୁ ବାହା ହେଲେ ବି ଚଳିବ । କ'ଣ ଶୁଣୁଛ ତ ?

କାହାଣୀର ଗୂଢ଼ ରହସ୍ୟ ହେଲା ତହିଁର ଘଟନାମାନ ଘଟି ପାରୁଥିବା ପରି ବିଶ୍ୱାସଯୋଗ୍ୟ ହେବା । ସେମାନେ ସବୁ ଅଧା ସତ ଅଧା ମିଛ- ଠିକ୍ ୱାଡସ୍‌ୱାର୍ଥଙ୍କ କବିତା ପରି ଅଧା ବାସ୍ତବ ଅଧା କାଳ୍ପନିକ ଯାହାର ସତ୍ୟାସତ୍ୟ ଉଦ୍‌ଘାଟନ କରିବାକୁ ପାଠକ ଅପେକ୍ଷା କରେ ନାହିଁ । ମୋର ଏତାଦୃଶ ଭାଷା ପ୍ରୟୋଗରେ ବିରକ୍ତ ହୋଇ ତୁମେ କଡ଼ ଲେଉଟାଇଲ। ପୁଣି ମୋ ଆଖି ଭିତରକୁ ସିଧା ଚାହିଁଲ । ମୋର ସାରା ଭିତରଟା ଆଲୋକିତ ହୋଇଗଲା । ସେଇଟା ତୁମ ଆଖିର ବାହାଦୁରୀ ।

ହଠାତ୍ ମୋର ମନେ ହେଲା ଆମେ ଦୁଇଜଣ ଅଜାଆଈଙ୍କ ପରି ବୁଢାବୁଢୀ ହୋଇଯାଇଛେ । ପିଲାମାନେ ଆମର ସବୁ ଦୂରରେ । ସାନପୁଅ ଆମେରିକାରୁ ଫୋନ୍ କରିବାକୁ କହିଥିଲା ଯେ, ଏ ଯାଏଁ କରିନି । ତେଣୁ ତମେ ମୋ ଉପରେ ରାଗୁଛ । ମୁଁ କ'ଣ କରିପାରିବି ? ଆମ ଦି'ଜଣଙ୍କର ତ ଏକ ଅବସ୍ଥା, ଜୀବନର ଶେଷ ଅଙ୍କରେ । ହେଲେ, ମୁଁ ଫେରିବା ଆଗରୁ ତୁମର ଶେଷ ଇଚ୍ଛାଟି ପୂରଣ କରିବି । ଆଜି ଶେଷଥର ବିଶ୍ୱାସ କରି ମତେ କହିଦିଅ ତୁମେ ମୋଠାରୁ କ'ଣ ଚାହଁ ? ମାଗ ଏପରି ଜିନିଷ ଯାହାର ମୁଁ ଅଧିକାରୀ, ଯାହା ଚାହିଁବା ମାତ୍ରେ ଦେଇପାରେ ।

ମୋ କଥା ଶୁଣି ତମେ ଧଡ଼ପଡ଼ ହୋଇ ଉଠିବସିଲ । ମୁଁ ମୋର ପ୍ରସ୍ତାବ ଦ୍ୱିବାର କହିଲି । ମୋର ପାଟି ଥରୁଛି, ଖଣି ମାରିଯାଉଛି, ଦାନ୍ତ ପଡ଼ିଲାଣି, ବାଳ ପାଚିଗଲାଣି, ଅଣ୍ଟା

Digitized by srujanika@gmail.com

ନଇଁଗଲାଣି ହେଲେ କଣ୍ଠରେ ସ୍ପଷ୍ଟବାଦୀ ଭାଷା ପରିଷ୍କାର ହୋଇ ଶୁଣାଯାଉଛି । ତୁମେ ଅନୁମାନ କଲ ଏଇଟା ହିଁ ପରମ ମୁହୂର୍ତ୍ତ । କହିଲ, "ପାରିବ ଯଦି କହିଦିଅ ଆଜି ପର୍ଯ୍ୟନ୍ତ ଲୁଚାଇ ରଖିଥିବା, ନ କହିପାରିଥିବା କଥାଟି । ନିର୍ଭୟ ହୋଇ କହିଦିଅ ସେଇ ସୁନାନାକି ଝିଅଟି କଥା ଯାହା ନାଆଁ ତମେ ତମ ଅଜାଣତରେ ରହି ରହି ରାତିର ସ୍ୱପ୍ନରେ ବିଳିବିଳାଅ ।"

ମୁଁ ଚମକି ଗଲି । ମୁଁ ଜାଣି ନଥିଲି ଯେ ସେ ଏକଥା ଜାଣନ୍ତି ବୋଲି । ମନେ ପକାଇଲି, ବହୁଦୁର ଅତୀତ ପର୍ଯ୍ୟନ୍ତ, କାହିଁ କେଉଁ ଅର୍ଦ୍ଧ ଶତାବ୍ଦୀ ତଳର କଥା ଯାହା ମୋର ଅବଚେତନ ତଳେ ମଣିମୁକ୍ତା ଭରା ଡଙ୍ଗାଟିଏ ସାଗରର ଗର୍ଭରେ ବୁଡି ରହିବା ପରି କେଉଁ କାଳରୁ ବୁଡି ରହିଥିଲା । ମନେ ପକେଇଲି ମୋର ଯୌବନ ବେଳର କଥା ।

ଦର୍ପଣ ଆଗରେ ଯାଇ ଠିଆ ହେଲି । ମୁଣ୍ଡରେ ବାସ୍ନା ତେଲ ଦେଇ ବାଳ କୁଣ୍ଡେଇଲି । ଦର୍ପଣ ସେ ପାଖରୁ ମୋର ପଚାଶ ବର୍ଷ ତଳର ମୁହଁ ହସୁଥିଲା । ମୁଁ ଅତୀତକୁ ଦେଖି ପାରୁଥିଲି ହେଲେ ତା'ର ଅଂଶ ହୋଇପାରୁନଥିଲି । କୃତ୍ରିମ ଦାନ୍ତ ଭାଡିଏ ପାଟିରେ ଲଗାଇ ଶବ୍ଦୋଚ୍ଚାରଣକୁ ନିୟନ୍ତ୍ରଣକୁ ଆଣି କହିଲି-

"ହଁ ଥିଲା ଗୋଟିଏ ଝିଅ ଯାହାକୁ ମୁଁ ଭଲ ପାଉଥିଲି ।"

"ଆଉ ସେ ତୁମକୁ ?"

ସେ କଥା ମୁଁ କିପରି କହିବି, ମୋ କଥା ସିନା ମୁଁ କହିପାରିବି । ମୁଁ ସତ କଥାକୁ କାହାଣୀ ପରି ନା କାହାଣୀକୁ ସତ କଥା ପରି କହୁଥିଲି ସେ କଥା ଜାଣିବା ମୁସ୍କିଲ୍ । ପୁଣି ଆଗକୁ କହିଲି, ଆମରି ଗାଁର ସୁନ୍ଦରୀ ମଫସଲି ଝିଅଟା । ଜଙ୍ଗଲି ଗଛପରି ଝଙ୍ଗାଳିଆ ଦେହ । ନୀଳ ନୀଳ ଆଖି । ସମ୍ମୋହିତ କରି ଦେବା ପରି ଯାଦୁଗରି ଚାହାଣୀ । ଆମ୍ବ ତୋଟାରେ ଦେଖା ହୋଇଥିଲା । ସେ ଦୋଳି ଖେଳୁଥିଲା । ମତେ ଦେଖି ଅନ୍ୟମନସ୍କ ହୋଇଗଲା ।

ଦୋଳିଟା କଟମଟ ହୋଇ ଛିଣ୍ଡିଗଲା । ପୁରୁଷେ ଉଚ୍ଚରୁ ତଳକୁ କଚାଡି ହୋଇ ପଡ଼ିଲା ତଳେ । ଚେତା ବୁଡ଼ିଗଲା । ଆଖି ବନ୍ଦ ହେଲା, ନାକ ଫୁଲିଗଲା । ପାଟି କଡରେ ଧୀରେ ନୀଳରକ୍ତ । ମୁଁ ଗାଆଁ ଲୋକଙ୍କୁ ଡାକ ପକାଇଲି । କେତେଜଣ ମିଶି ତାକୁ ଡାକ୍ତରଖାନା ନେବା ଆଗରୁ ସେ ଶେଷ ନିଦରେ ।

"ତା'ପରେ... ?" ଆଇଙ୍କ ପରି କାନ୍ଦି କାନ୍ଦି ତୁମେ ପଚାରିଲ ।

"ତା'ପରେ ଆଉ କ'ଣ ହବ । ଆମେ ଫେରି ଆସିଲୁ ତା'ର ମଲା ଦେହଟା ନେଇ । ତା' ମା'କୁ ଡାକିଲୁ । ତା' ମା ଆଦୌ ବିଶ୍ୱାସ କଲାନି ଯେ, ତା'ର ଝିଅ ଆଉ ନାହିଁ ବୋଲି । ସେ କାନ୍ଦିଲା ନାହିଁ କି ହସିଲା ନାହିଁ । ମୂକ ହୋଇଗଲା ।

"ନୀଳ ପରିଟିଏ ପରି ତା'ର ମୁହଁଟି ମୋ ପକ୍ଷରେ ଭୁଲିବା ଅସଂଭବ ହୋଇପଡ଼ିଲା । ମୁଁ ଚେଷ୍ଟା କରି ମଧ ଭୁଲି ପାରିଲିନି । ଦୁନିଆଁଟା ସାରା କିଛି ଭଲ ଲାଗିଲାନି । ବୈରାଗ୍ୟ

Digitized by srujanika@gmail.com

ଜନ୍ମିଲା । ତାହା ଦେଖି ମୋର ବାପା ଅତ୍ୟନ୍ତ ଚିନ୍ତିତ ହୋଇପଡ଼ିଲେ । ମୋର ହାବଭାବ ଦେଖି ସେ ଭାବିଲେ ହୁଏତ ବାହା କରିଦେଲେ ମୋର ସବୁ ସମସ୍ୟାର ସମାଧାନ ହୋଇଯିବ । ସେ କନ୍ୟା ସନ୍ଧାନରେ ବାହାରିଲେ । ତୁମର ଫଟୋଟିଏ ଆଣି ମତେ ଦେଖେଇଲେ, ମୁଁ ନୀରବରେ ମୁଣ୍ଡ ଟୁଙ୍ଗାରିଲି । ତୁମେ ମୋର ହୋଇଗଲ । ମୁଁ ତାକୁ ଭୁଲିଗଲି ।"

ତୁମେ ଆଈ ବୁଢ଼ୀ ପରି କହିଲ, "ନାଁ ନାଁ ଭୁଲିନାହଁ । ମିଛ କୁହନି । ଭୁଲିଥିଲେ ପୁଣି ମନେ ପକାଇଥାନ୍ତି କିମିତି ? ଭୁଲା କଥା କେହି କେବେ ଚେଷ୍ଟା କଲେ ବି ମନେ ପକେଇ ପାରେନି । ପ୍ରେମ ବା ଘୃଣା ଜଡ଼ିତ ଘଟଣାମାନ ଜୀବନର ଏତେ ଘନିଷ୍ଠ ହୋଇପଡ଼ନ୍ତି ଯେ ତାକୁ କିଏ ଭୁଲିପାରେ ? ଆଉ ତା'ପରେ ଭୁଲିଯିବା ବା ମନେ ରଖିବା ମଣିଷର ଚେଷ୍ଟାର ବାହାରେ । ତୁମେ ଏବେ ଜୀବନକୁ ସମ୍ପାଦନା କରି ତହିଁରୁ ସୁଖର ଆତ୍ମକାହାଣୀଟିଏ ଲେଖିବାର ବୃଥା ଚେଷ୍ଟା କରନି । ମୁଁ ପରା ତୁମକୁ ସେଇ ଦିନଠୁ ଦେଖି ଆସୁଛି । ତୁମେ ନ କହୁଣୁ ମୁଁ ଶୁଣୁଛି, ନ ବୁଝୋଉଣୁ ମୁଁ ବୁଝୁଛି । ଏବେ ଅଙ୍ଗେନିଭା କଥା ଥାଉ, ବରଂ ଗପଟିଏ କୁହ । ମୁଁ ଶୁଣି ଶୁଣି ଶୋଇପଡ଼ିବି । ବେଡ୍ ଟାଇମ୍ ଷ୍ଟୋରି । ଶୋଇବା ପାଇଁ କାହାଣୀ । ପରୀର କାହାଣୀ ।

ମୁଁ ନୀରବରେ ଭାବିଲି କିପରି ଅଲଗା କରିବି ଗପରୁ ଆତ୍ମକାହାଣୀ । କେମିତି କହିପାରିବି ବିଶୁଦ୍ଧ ଛଳନାର ଗପ । ତାହା ପୁଣି ସମୟଠୁ ଉର୍ଦ୍ଧ୍ୱରେ ଝୁଲୁଥିବ । ନାଁ ଦେଶ ଥିବ ନା କାଳ । ମୋ ପାଇଁ କାହାଣୀମାନେ ଯେତିକି ପୁରୁଣା ଜଣାପଡନ୍ତି ସେତିକି ସମୟୋପଯୋଗୀ ହୋଇଥାନ୍ତି । ଅନେକ ଦିନ ଆଗରୁ ଜଣେ ବୃଦ୍ଧ ଗାଳ୍ପିକ ଥରେ ସ୍ୱପ୍ନରେ ଆସି ମତେ ଯେଉଁ ଗପଟି କହିଥିଲେ ମୁଁ ସେଇଟିକୁ କହିବାକୁ ଆରମ୍ଭ କରେ । ରାତିର ଅନ୍ଧାରରେ କାହାଣୀର କ୍ଲାଇମାକ୍ସ କୁଆଡେ ହଜିଯାଏ । କଥାର ଖିଅ ଲମ୍ବି ଲମ୍ବି ଯାଏ । କାହାଣୀରେ ଭରିଯାଏ ମୁଁ ଓ ମୋର କୃତିତ୍ୱମାନ ଏବଂ ସେମାନଙ୍କର ପ୍ରତିଧ୍ୱନି । ପ୍ରାଗ୍ ଐତିହାସିକ ଯୁଗର ଡାଇନୋସର ପରି ଗପର ମୁହଁଟା ବର୍ତ୍ତମାନର ଜଞ୍ଜାଳରେ ବୁଡିରହିଥାଏ ଯଦିଓ ଲାଞ୍ଜଟା ଲମ୍ବି ଯାଇଥାଏ ଦିଗ୍‌ବଳୟର ସେପାଖ ଯାଏ । ବିଗତର ଅନୁଶୋଚନା ପାଇଁ ସମୟ ଆସି ନଥାଏ । ହାତରୁ ଘଟନା ଖସି ଅଣାୟତ ହୋଇନଥାଏ । ମୁଁ ସେହି ପରିପକ୍ୱ ଦମ୍ପତିଙ୍କ ପରିଣତି ରଚନା କରେ ।

ଏବେ ସେମାନେ ଆଉ ଅଜା ଆଈ ହୋଇ ରହି ନଥିଲେ- କେବଳ ସ୍ୱାମୀ-ସ୍ତ୍ରୀରେ ପରିଣତ ହୋଇ ପରସ୍ପରର ବାହୁବେଷ୍ଟନୀରେ ଥିଲେ । ସମୟ ତଥାପି ଅନ୍ଧାରରେ ବାଟ ହୁଡିଥିଲା । ସକାଳ ଶୀତୁଆ ଅଳସପଣରେ କଡ ଲେଉଟାଉଥିଲା । ଦୁଇଜଣଙ୍କ ଭିତରେ ଏକ ପ୍ରିୟ ବିରୋଧାଭାସ ଜୀବନ୍ତ ହୋଇ ଉଠୁଥିଲା । ସମୟାନୁକ୍ରମେ ସେମାନେ ଯେତେ ଆଗକୁ ଯାଉଥିଲେ ଅନୁଭୂତି ସେମାନଙ୍କୁ ସେତିକି ପରାସ୍ତ କରୁଥିଲା । ବିଗତକୁ ଚାହିଁ ଦେଖିଲା ବେଳକୁ ସବୁ ପତଳା, ନରମା, ହଳଦିଆ, ରଙ୍ଗଛଡା ବାସିକଥା ପରି

Digitized by srujanika@gmail.com

ଲାଗୁଥିଲା । ସେଗୁଡାକ କାହାକୁ ଭଲ ଲାଗିବ ? ସମସ୍ତେ ଚାହାନ୍ତି ଥମ୍ଥମ୍ ବର୍ତ୍ତମାନର ମୁଠାମୁଠା ମିଠାମିଠା ସତେଜ ମୁହୂର୍ତ୍ତ । ସମସ୍ତେ ଚାହାନ୍ତି ସାରା ଆକାଶରେ ଅହଂକାରର ପତାକା ଉଡେଇବାକୁ; ନିଜର କଲା କାମମାନ ବଖାଣିବାକୁ ।

ଆତ୍ମସନ୍ତୁଷ୍ଟ ସ୍ୱାମୀ, ସ୍ତ୍ରୀଙ୍କର ଅଧିକ ଆଦରଣୀୟ ହେବା ପାଇଁ ଗର୍ବରେ ହିସାବ କରୁଥିଲେ ତାଙ୍କର ଭଲପଣିଆ । ମନେ ମନେ ନିଜର ତାରିଫ୍ କରୁଥିଲେ ଯେ ସେ ହତ୍ୟା, ଚୋରି, ଧର୍ଷଣ, ଲୁଣ୍ଠନ, ମିଛ କହିବା, ଗୁଜବ ବାଣ୍ଟିବା ପ୍ରଭୃତି କିଛି ହେଲେ ଖରାପ କାମ କରିନାହାନ୍ତି । ସାରା ଜୀବନଟାକୁ ସାମାଜିକ ସଂଯମ ସହିତ ଅତିବାହିତ କରିଛନ୍ତି । ଏବେ ଯେବେ ତାଙ୍କୁ ସମସ୍ତଙ୍କ ଭିତରେ ଥାଇ ବି ଏକେଲା ଲାଗେ ଆଉ କାନ୍ଦ ମାଡେ । ସେ ଆଖିରୁ ଚଷମା କାଢି ଆଖି ପୋଛି ଦୂର ଦିଗ୍‌ବଳୟ ଆଡେ ଚାହାନ୍ତି ।

ଆକାଶରେ ଅତୀତ ଆଡକୁ ମୁହାଁଇଥିବା ପାଉଁଶିଆ ବାଦଲ । ସେଇ ବାଦଲର ବତୁରା ଦେହରେ ସେ ଦେଖନ୍ତି ହସଲୁହର ସଂଭାବ୍ୟ ବର୍ଷା । ଅତୀତର ଗପମାନେ ଦୂରାନ୍ତରୁ ଘଡଘଡ଼ି ପରି ଶବ୍ଦ ଶୁଣାନ୍ତି ସିନା ଡରାନ୍ତି ନାହିଁ । ବୃଦ୍ଧଙ୍କର ସବୁ ଗତ କଥା ଚଳଚ୍ଚିତ୍ର ପରି ମନରେ ଭାସିଉଠେ ।

ସେତେବେଳେ ଅର୍ଥାତ୍ ସେଦିନ ସନ୍ଧ୍ୟାବେଳେ, ତାରିଖ ମନେ ନାହିଁ, କେବେ ଗୋଟେ ମନରୁ ସବୁ ଭୟ ଦୂର କରି ସେ ଅନ୍ଧାରରେ ପ୍ରବେଶ କଲେ । ପଡ଼ିଶା ଘର ବାଡିରୁ ପିଜୁଳି ଚୋରି କଲାବେଳେ ସେ ଯେଉଁ ଶିହରଣ, ଝର୍କାବାଟେ କମଳାକୁ ଲୁଚେଇ ଚୋରେଇ ଚାହିଁ ଆଖି ମାରିବାରେ ଯେଉଁ ଆକର୍ଷଣ, ସ୍କୁଲ୍‌ରୁ ପାଠଚୋରଙ୍କ ପରି ଚାଲିଆସି ରାସ୍ତାକଡ଼ର ମ୍ୟାଜିକ୍ ଶୋ ଦେଖିବାରେ ଯେଉଁ ଆନନ୍ଦ, ଦର୍ପଣରେ ନିଜ ମୁହଁକୁ ଚାହିଁ ଗଜୁରି ଆସୁଥିବା ନିଶ ଦେଖି ମୁଗ୍ଧ ହେବାରେ ଯେଉଁ ଆସକ୍ତି, ସେ ସବୁ କ'ଣ ଆଉ ଆଜି ଅଛି । ପଛରୁ ଅନେକବାର ପ୍ରିୟ ଘଟଣାମାନ ହାତ ହଲାଇ ଡାକନ୍ତି ହେଲେ ସେ ଫେରି ପାରନ୍ତି ନାହିଁ । ତାଙ୍କୁ ଜୀବନର ସାଇକେଲଟା ଗଡେଇ ନିଏ ଆଗକୁ ଆଗକୁ । ପଛୁଆ ଗିୟର ସେଥିରେ ନାହିଁ । ଫେରି ପାରନ୍ତି ନାହିଁ ବୋଲି ମୁହଁ ବୁଲେଇ ବୁଲେଇ ଦେଖୁଥାଆନ୍ତି । ମନକୁ ମନ କହିଯାନ୍ତି ବ୍ୟତିକ୍ରମ ଭରା ନୂଆ ଗଳ୍ପଧାରା ।

ଗପ ଛଳରେ ଝରିପଡେ ତାଙ୍କ ମନ ଭିତରେ ତରଳ ମହମ ପରି ଅତୀତର ଅସରନ୍ତି ଝୁଲନ୍ତ ଭାବନା ଯାହା ଶୀତଳ ବର୍ତ୍ତମାନର ସମ୍ପର୍କରେ ଆସିବା ମାତ୍ରେ ପୁଣି ଥରେ ଜମାଟ ବାନ୍ଧିଯା'ନ୍ତି । ଏମିତି ବୃଦ୍ଧଙ୍କ ମନ ଭିତରେ ଗତାଗତ ଭାବନାମାନଙ୍କର ଶୀତୋଷ୍ଣ କୁସ୍ତି ଚାଲୁରହେ । ଉତ୍ତର ବାର୍ଦ୍ଧକ୍ୟରେ ମୃତ୍ୟୁଚିନ୍ତା ଯେତିକି ବ୍ୟଥା ଦିଏ ନାହିଁ ତା'ଠାରୁ ଅଧିକ କଷ୍ଟ ଦିଅନ୍ତି ଫେରି ନ ପାରୁଥିବା ଦିନଗୁଡ଼ିକ । ଯଦିଓ ବୃଦ୍ଧ ସବୁ ଜାଣନ୍ତି ତଥାପି ନିରାଶ ହୁଅନ୍ତି ନାହିଁ । ଗପ ନିଜେ କେବେ ବୁଢା ହୁଏନି ବୋଲି ବାରମ୍ବାର ଶ୍ରୋତାମାନଙ୍କୁ ସାବଧାନ କରାଇ ଦିଅନ୍ତି, ତଥାପି ତାଙ୍କର ଜରାଜୀର୍ଣ୍ଣ ମନସ୍ତାପର ଶିରାଳ ଅସନ୍ତୋଷ ଓ

Digitized by srujanika@gmail.com

ଅପୂର୍ଣ୍ଣତା ସ୍ପଷ୍ଟ ବାରିହୁଏ । ସେଇଥିପାଇଁ ତାଙ୍କ କାହାଣୀର ମୁଖ ସନ୍ଧ୍ୟାବେଳେ ଶୋଇପଡିଥିବା ରାଜହଂସ ପରି ପଛପଟକୁ ମୋଡି ହୋଇଯାଏ । ସେ ସ୍ୱପ୍ନରେ ଦେଖନ୍ତି ଅସ୍ତସୂର୍ଯ୍ୟର ଆଲୋକରେ ଘଟନା କିପରି କୁହୁଡି ଭିତରେ ପ୍ରତିବିଂବିତ ହୁଏ । କିପରି ବଦଳିଯାଏ ଜୀବନର କାରଣ, ଅନୁମାନ ଓ ରହସ୍ୟର ଦୃଷ୍ଟିଭଙ୍ଗୀ । ଅସ୍ପଷ୍ଟ ହୋଇଯାଏ ଶବ୍ଦମାନଙ୍କର ଅର୍ଥ । ସ୍ଥାନ ବଦଳାଇ ଦିଅନ୍ତି ପ୍ରଶ୍ନ ଓ ଉତ୍ତର । ଫେଣ୍ଟାଫେଣ୍ଟି ହୋଇଯାଏ ସକାଳ ସହ ସନ୍ଧ୍ୟା, ଆଲୁଅ ସହିତ ଅନ୍ଧାର । ତୁମ ସହିତ ମୁଁ ।

ବର୍ତ୍ତମାନ ପ୍ରାୟ ରାତି ଶେଷ ହେବା ଉପରେ; ତେଣୁ ମୁଁ ବୃଦ୍ଧଙ୍କୁ ପୁନରାୟ ଯୁବକ କରି ପେଶ୍ କରୁଛି । ସେ ଏକାଦିକ୍ରମେ କବି, ଗାଳ୍ପିକ, ପ୍ରେମିକ, ଲମ୍ପଟ, ଯୋଦ୍ଧା, ମିଛୁଆ, ମଦୁଆ... ଏବଂ ଆହୁରି ଅନେକ କିଛି । ସେ ହାତରେ ପାନୀୟ ଧରି ପ୍ରେମ କବିତା ଲେଖୁଛନ୍ତି, ଆଖି ଆଗରେ ତାଙ୍କର ଛିଡା ହୋଇଛି ସମୟ ଶାଣିତ, ଯୌବନଦୀପ୍ତ ନଗ୍ନ ସତ୍ୟ ପରି ଅନ୍ୟ ଜଣେ ମୋନାଲିସା । ସେ ନୀରବରେ ରହି ରହି ହସୁଛି । କବିତାର ଦେହରେ ଦୃଷ୍ଟିପାତ କଲାବେଳେ ସେ ଶୁଣିପାରୁଛନ୍ତି ତା'ର ରହସ୍ୟମୟ ଛଳନାର ପ୍ରତ୍ୟକ୍ଷ ଅନୁମାନ । ସେ ତାକୁ ତାରି କଥା ହିଁ ଶୁଣାଉଛନ୍ତି । ତା'ସହିତ କଥା ହେଉହେଉ କବିତାର ପଂକ୍ତି ଆପେ ଅନିର୍ଦ୍ଦିଷ୍ଟ ସମାପ୍ତି ଆଡକୁ ଆଗେଇ ଚାଲିଛି ।

ଠିକ୍ ଏତିକିବେଳେ ତାଙ୍କୁ ଲାଗୁଛି ସେ ହାତରେ କଲମ ଧରି ନାହାନ୍ତି, ଧରିଛନ୍ତି ଛୁରା । ତହିଁରେ କାହାର ଥଣ୍ଡା ରକ୍ତ ଚକଚକ୍ କରୁଛି । କବିତାର ହାତସାରା ବୋଳି ହୋଇଯାଏ ଏକ ରଙ୍ଗୀନ ପୁଲକର ରକ୍ତିମା । ରକ୍ତ କେବେ ମରେନି । ଯେପରି କବିର କବିତା । ତଥା ତମର ଗପ । କବି ମରି ମଧ ଅମର। କଥା ସରି ମଧ ଅସରନ୍ତି । ମରିବା ଚିନ୍ତାରୁ ଜନ୍ମେ ବଞ୍ଚିବାର ସ୍ପୃହା । ଲଜ୍ଜା ନ ଥାଏ କବିର ସେ ଯେବେ ନିର୍ଭୟରେ ଭଲପାଏ ଜୀବନକୁ ବା ପ୍ରେମିକାକୁ । ସେ ଅନ୍ୟମାନଙ୍କଠାରୁ ଅନେକ ପୃଥକ । ତାରି ନିର୍ଦ୍ଦେଶରେ ଜହ୍ନ ବି ଘଡ଼ିଏ ଅଟକିଯାଏ ଆକାଶରେ । ଯୁବକ ପ୍ରେମିକ ସାଜି ଯେବେ ପ୍ରେମିକା ଆଗରେ ଶୃଙ୍ଗାରଭରା ଆଦିମ ନୃତ୍ୟ ନାଚେ ସେତେବେଳେ ଥରି ଉଠେ ସାରା ଆକାଶ । କଦାଚିତ ସେ ମୃତ୍ୟୁର କାହାଣୀକୁ ଜୀବନ ଦେବା ପାଇଁ ରୋପଣ କରେ କଳ୍ପିତ ଆଶଙ୍କାର ଭ୍ରୁଣ । କାହାଣୀର ଗର୍ଭକାଳ ବର୍ତ୍ତମାନ ପର୍ଯ୍ୟନ୍ତ ଲମ୍ବିଯାଏ । ସେ ଭୂମିଷ୍ଠ ହୋଇ ମୋ ସହିତ ଖେଳେ । ମୁଁ ଶୁଣାଏ ଅତ୍ୟାବଶ୍ୟକ ଏଇ କଥାକୁ ପୁଣି ଥରେ ତୁମକୁ । ତୁମେ ରାଗି ପାଚି ଶୁଣ । ଏବଂ ମୁଁ ଯିବା ଆଗରୁ ମତେ ମୋରି କାହାଣୀର ଧାରୁଆ ଖଣ୍ଡାରେ ଟିକି ଟିକି କରି କାଟ । ମୋର ପ୍ରତି ଲୋମକୂପରୁ ସତ କଥାମାନେ କାହାଣୀ ହୋଇ ପୁନରୁଜ୍ଜୀବିତ ହୁଅନ୍ତି... ।

"ମୋ କଥା ନ ସରୁଣୁ ତୁମେ ଶୋଇପଡ଼ିଲ ଯେ ।"

❑❑❑

Digitized by srujanika@gmail.com

# ଏସିଡ୍

ଓ୍ୱେଷ୍ଟ ହଷ୍ଟେଲ୍ । ରାତି ତିନିଟା ବାଜିଲାଣି । ନିଦ ହେଉନି ମନୋହରର । କାରଣ ରାତିରେ ଥଣ୍ଡା ହୋଇଯାଇଥିବା ମେସ୍ ଖାଦ୍ୟରୁ ଅଧାପେଟ ଖାଇ ରୁମ୍ ନମ୍ବର ତିନିର ଛୋଟ ହାଡୁଆ ଖଟରେ ଛଟପଟ ହୋଇ କଡ଼ ବୁଲାଉଥିଲା ସେ । ମଶାମାନଙ୍କର ଶବ୍ଦରେ ଅତିଷ୍ଠ ହୋଇ ପଡୁଥିଲା । ମଶାରିଟା ବାପା କିଣି ଦେଇଥିଲେ ବୋଲି ଶୋଇବା ପୂର୍ବରୁ ତାକୁ ବାନ୍ଧିବାକୁ ବାଧ୍ୟ । ନହେଲେ ବାପାଙ୍କର ମୁହଁଟା ଦୁଃଖୀ ହୋଇଯିବା ପରି ମନେହୁଏ; ତା'ର ସେ ଶୋଇବା ବେଳେ ଖଟର କୋଉପଟକୁ ମୁଣ୍ଡ କରିବ ତାହା ମଧ୍ୟ ଜାଣି ପାରେନି । ଦି'ପଟ ଯାକ ସମାନ ଲାଗେ । ପୂର୍ବ ପଶ୍ଚିମ କିଛି ଜଣାପଡେନି । ଦିଗ ନିର୍ଣ୍ଣୟ କରିବା ତା'ପାଇଁ କଷ୍ଟ । ହଷ୍ଟେଲ୍‌ର ତିନି ନମ୍ବର ରୁମ୍‌କୁ ଆସିବାର ତିନିମାସ ହୋଇଗଲାଣି । ଏବେ ବି ରାତିରେ ଖଟ ଉପରେ ଗଡ଼ିବା ପରେ ଶୋଇପାରେନି । ମଶାରି ଭିତରେ ମଶାମାନେ କେଉଁପଟେ ପ୍ରବେଶ କରନ୍ତି ତା'ବି ଜଣାପଡେନି । ତା'ରି ଅନିଦ୍ରାର କାରଣ ମଶାମାନେ ନୁହଁନ୍ତି । ଆଉ କିଛି ।

ସେଇ ତିନିନମ୍ବର ରୁମ୍‌ରେ ତା' ସହିତ ଆଉ ତିନିଜଣ ପିଲା ରହନ୍ତି । ତାଙ୍କ ଭିତରୁ ଦୁଇଜଣ ସାଇନ୍‌ସ ପଢନ୍ତି । ଆଉ ଜଣେ କମର୍ସ । ଦୁଇଜଣ ଆଦିବାସୀ, ଆଉ ଜଣେ ବ୍ରାହ୍ମଣ । ଦି'ଜଣ ଧନୀଘର ପିଲା, ଆଉ ଜଣେ ଗରିବ । ଦୁଇଜଣ ପତଳା, ଡେଙ୍ଗା, ଆଉ ଜଣେ ଗୋରା ଆଉ ଗେଡା । ସେମାନଙ୍କୁ ଏପରି ଶ୍ରେଣୀରେ ବିଭକ୍ତ କରିଛି ମନୋହର । ତିନିଜଣ ଯାକ ଖୁବ୍ ପାଠ ପଢୁଆ, ପରିଶ୍ରମୀ ଆଉ ସ୍କଲାରଲି ପିଲା । ସେମାନଙ୍କ ଭିତରେ ମନୋହର ହେଲା ସବୁଠୁ ସିନିଅର ଆଉ ସେଥିପାଇଁ ଥିଲା ତା'ର ସବୁଠାରୁ ଅଧିକ ଆତ୍ମସମ୍ମାନ ।

ତା' ଖଟର ବାଁ ପାଖକୁ ସୁମନର ବେଡ୍ । ସୁମନ୍ କେବେ ଉତ୍ତରକୁ ମୁଣ୍ଡ କରି ଶୁଏ ନାହିଁ । ବାକି ଦି'ଜଣ ସନାତନ ଆଉ ବିବେକାନନ୍ଦ ରାତି ନ'ଟାରେ ଶୋଇପଡ଼ି ପାହାନ୍ତାରେ ଚାରିଟା ନବାଜୁଣୁ ଘଣ୍ଟାରେ ଆଲାର୍ମ ଲଗାଇ ଉଠିପଡ଼ନ୍ତି ପାଠ ପଢିବା ପାଇଁ । ମନୋହର ଆଶ୍ଚର୍ଯ୍ୟ ହୁଏ ସେ ଦୁଇଜଣଙ୍କର ପାଠପଢାର ଢଙ୍ଗ ଦେଖି । ବହି ବଦଳା ବଦଳି କରି ପାଠ ପଢନ୍ତି । ଦୁଇଜଣ ଯାକ କ୍ଲାସ ଟପର । ତିନିଜଣ ରୁମ୍‌ମେଟ୍‌ଙ୍କ ଭିତରୁ ସନାତନ ମନୋହରକୁ ଭାଇ ବୋଲି ଡାକେ । ସେଥିପାଇଁ ତାକୁ ମନୋହର ଆପଣାର ମନେ କରେ ।

Digitized by srujanika@gmail.com

ମନୋହର ସନାତନଠାରୁ ତିନିଚାରି ଥର ଟଙ୍କା ମଧ୍ୟ ଧାର ନେଇଛି । ଥରେ ଟଙ୍କା ନେଇ ଫେରେଇବାକୁ ମଧ୍ୟ ଭୁଲିଯାଇଛି । ଏବେ ବି ସନାତନର ଅଜାଣତରେ ମନୋହର ପାଖରେ ତା'ର ଚାଳିଶ୍ ଟଙ୍କା ରହିଛି ଯାହା ମନୋହରର ଡାଇରୀରେ ଲେଖା ହୋଇଛି । ସେ ଟଙ୍କାଟା ଫେରେଇବାକୁ ଚାହିଁ ମଧ୍ୟ ଫେରାଇ ପାରିନି ମନୋହର । ଖରାପ ଲାଗେ । ଏତେ ଗୁଡ଼ାଏ ଦିନ ହୋଇଗଲାଣି । ଟଙ୍କା ପଇସା ଯିଏ ଧାର ନେବ ସିଏ ମନେ କରି ଫେରାଇ ଦେବ, ଏଇ ହେଲା ହଷ୍ଟେଲ୍‌ର ନିୟମ । କେହି ନିଜଆଡ଼ୁ ମାଗିବେ ନାହିଁ । ନ ଫେରେଇବାଟା ଯେତିକି ଅଭଦ୍ରାମି, ଟଙ୍କା ମାଗିବାଟା ତା'ଠାରୁ ଅଧିକ ଅଭଦ୍ରାମି – ଏଇଟା ହେଲା ସେଇ ହଷ୍ଟେଲର ସାଧାରଣ ଆଚରଣ ବିଧି । ମନୋହର ଭାବେ ସନାତନଟା ଛୋଟପିଲା, ଅନ୍ୟ ସମୟରେ ସୁବିଧା ସୁଯୋଗ ଦେଖି ଅନ୍ୟାନ୍ୟ ଉପାୟରେ ସେ ଟଙ୍କାଟା ଶୁଝି ଦିଆଯାଇପାରେ । କେବେ ଥରେ ଡାକି ହୋଟେଲ୍‌ରେ ଖୁଆଇଦେଲେ ବା ସିନେମାଟା ଦେଖାଇଦେଲେ ବା ତା'ର କେବେ ଅଧିକ ଟଙ୍କା ଦରକାର ଥିଲେ ଋଣ ଦେବା ଆଳରେ ସାହାଯ୍ୟ କରାଯାଇପାରେ । ସନାତନ ସବୁବେଳେ ହସୁଥାଏ ବୋଲି ତା'ର କାର୍ପଣ୍ୟ ନାହିଁ ବୋଲି ବିଚାର କରିବାକୁ ହେବ । ତା' ମୁହଁଟି ହସହସ । ଖୁବ୍ ଦରଦୀ ସମ୍ବେଦନଶୀଳ ମଣିଷଟିଏ । ଯାହା ମୁହଁ ଯେତେ ବେଶି ହସହସ ତା' ସହିତ ସେତେ ବେଶି ବନ୍ଧୁତା ବାନ୍ଧିବାକୁ ଇଚ୍ଛାକରେ ମନୋହର । ଏଇଥିପାଇଁ ତ ସନାତନକୁ ସବୁକଥାରେ ବିଶ୍ୱାସ କରିବାକୁ ଉଚିତ୍ ମନେକରେ । ଆଉ ସେ ଝିଅଟା ଯାହାକୁ ମନୋହର ମନେମନେ ଭଲପାଏ– ନିଜ ତରଫରୁ – ଏପର୍ଯ୍ୟନ୍ତ ଜାଣେନି ତା' ମନର ଭାବନା କ'ଣ ? ସେକଥା ବି ସନାତନକୁ ଖୋଲି କହିଦେବାକୁ ଚାହେଁ ।

ସନାତନର ସରଳିଆ ହସକୁରା ମୁହଁକୁ ଦେଖି ମନୋହର ପ୍ରଥମ ଭେଟରେ ସନ୍ତୁଷ୍ଟ ହୋଇ ପଚାରିଥିଲା –

"ତୁମର ନାଁ ?"

"ସନାତନ ।"

"ପୂରା ନାଁ କୁହ ।"

"ସନାତନ ମାଝି ।"

"ଜାତିରେ... ?"

"ଆଦିବାସୀ ।"

"କ'ଣ କୋଟାରେ ଆସିଛ ?"

"ନା ।"

"କେତେ ପରସେଣ୍ଟ ଥିଲା ?"

"ନାଇଣ୍ଟି ଫୋର ।"

Digitized by srujanika@gmail.com

"ଓଃ", ମନୋହର ଶଙ୍କିଗଲା । ସେ ଜୀବନରେ କେବେ ଅଶିରୁ ଅଧିକ ପରସେଣ୍ଟ ପାଇନି । ପୁଣି ପଚାରିଲା - "ଘର କେଉଁଠି ?

"କେନ୍ଦୁଝର । ଅଜଣା ମଫସଲ ଗାଁରେ । ବସ୍‌ରୁ ଓହ୍ଲାଇ ଚାଲିଚାଲି ଚାରି କିଲୋମିଟର ଯିବାକୁ ହୁଏ ।"

ସନାତନର କଥା ଶୁଣି ମନୋହର ଅଧିକ ଜାଣିବା ପାଇଁ ଆଗ୍ରହ ହୋଇପଡ଼ିଲା । ତା'ର ସନାତନ ପ୍ରତି ସ୍ୱତଃ ଶ୍ରଦ୍ଧା ଓ ସମ୍ମାନ ଜନ୍ମିଲା । ନିଜର ପରିଚୟ ଦେଇ ସେ କହିଲା- "ଆଇ ଆମ୍ ମନୋହର ମିଶ୍ର, ଫାଇନାଲ୍ ଇୟର ଇକୋନମିକ୍ସ । ୱେଲକମ୍ ଟୁ କଲେଜ୍ ହଷ୍ଟେଲ୍ । ତୁମେ କ'ଣ ପଢ଼ିବାକୁ ଆସିଛ ?"

ମନୋହର ସନାତନ କିଛି କହିବା ଆଗରୁ ତା'ର ଥଣ୍ଡା ହାତକୁ ମୁଠାଇ ଜୋର୍‌ରେ ହଲାଇଲା । ତାହା ଥିଲା ଏକ ଅତ୍ୟନ୍ତ ଜରୁରୀ ଅଖଣ୍ଡ କରମର୍ଦ୍ଦନ । ଏବେ ସେମାନେ ରୁମ୍‌ମେଟ୍ ହୋଇ ବର୍ଷଯାକ ପାଇଁ ଏକାଠି ରହିବେ - ତେଣୁ ସେ ସନାତନକୁ ପୁଣି କହିଲା - "ଆଚ୍ଛା ଭଲ ହେଲା, ତୁମେ ତ ମୋର ସାନଭାଇ ପରି । ଯାହା ସୁବିଧା ଅସୁବିଧା ହବ ମତେ କହିବ ମୁଁ ଅଛି; ତମ ଘରେ ଆଉ କିଏ କିଏ ଅଛନ୍ତି ?"

"ବାପା, ମା', ସାନଭାଇ", କହିଲା ସନାତନ ।

"ହଉ ନିଅ, ଖାଅ" କହି ବ୍ରିଟାନିଆ ଗୁଡ୍‌ଡେ ବିସ୍କୁଟ୍ ଟଙ୍କାଇ ଦେଲା ମନୋହର ।

ଅନେକ ସମୟରେ ମନୋହର ସନାତନକୁ ତା'ର ଛୋଟ ଛୋଟ କାମ କରିଦେବାକୁ କହେ । 'ମୋର ଏ ଚିଠିଟା ଟିକେ ପୋଷ୍ଟ କରିଦେବ' । 'ମୋର ଏ ଶାର୍ଟଟା ଟିକେ ଧୋବା ପାଖରେ ଇସ୍ତ୍ରୀ କରି ଆଣିପାରିବ ?' ସନାତନ ବିନା ଦ୍ୱିଧାରେ କରିଦିଏ ।

"ମତେ କିଛି ଟଙ୍କା ଉଧାର ଦେଇପାରିବ ?"

"କେତେ ? ମୋ ପାଖରେ କମ୍ ଅଛି ।"

"ଏଇ, ଶହେ ଦୁଇଶ ? ସ୍କଲାରସିପ୍ ପାଇଛ ପରା କାଲି ? ଦେଇଥାଅ ମୁଁ ଏଇ ଦୁଇ ତିନି ଦିନରେ ଫେରାଇ ଦେବିନି ?"

ତା' ହାତରୁ ଦୁଇଶହ ଟଙ୍କା ନେଇ ପକେଟ୍‌ରେ ପୂରାଇ ମନୋହର ପୁଣି କହିଲା, "ଏବେ ମୋର ଗୋଟେ କାମ କରି ଦିଅ ପ୍ଲିଜ୍ । ଖୁବ୍ ଜରୁରୀ କାମ । ବ୍ୟକ୍ତିଗତ । ତୁମ ଛଡା ଏ କାମ ଆଉ କେହି କରିପାରିବେନି । ମୁଁ ବି ନୁହେଁ । ଏ ଚିଠିଟା ନେଇ ତାଙ୍କୁ ଦେଇଦେବ । କହିବ ମୁଁ ଦେଇଛି ।"

"କାହାକୁ ଦେବି ?"

"କେମିଷ୍ଟ୍ରି ଅନର୍ସ ପଢୁଛି । ଏକତା ପଟ୍ଟନାୟକ । ଏ କଲେଜର ସବୁଠୁ ସୁନ୍ଦରୀ ଝିଅ ।" ସନାତନ ଭାବିଥିଲା ଏ କଲେଜର ସବୁଠୁ ସୁନ୍ଦରୀ ଝିଅ ହେଉଛି ରୋମା ରାଏ, ଫାଷ୍ଟ ଇୟର ଇଂଲିଶ୍, ଆଉ ଇଏ କ'ଣ କହୁଛନ୍ତି କେମିଷ୍ଟ୍ରି ।

Digitized by srujanika@gmail.com

"କାହିଁକି ନିଜେ ଦେଇ ଦଉନ ?"

"ନା ତୁମକୁ ଦେବାକୁ ହେବ । ଆଉ କେହି ନୁହେଁ । ପ୍ଲିଜ୍ ।" କେତେବେଳେ କେଉଁଠି କିପରି ଚିଠିଟା ଦେବାକୁ ହେବ ବୁଝାଇ ଦେଲା ମନୋହର । ଖୁବ୍ ଗବେଷଣା କରିଛି ଏକତାର ଟାଇମ୍ ଟେବୁଲ୍ । କେତେବେଳେ କେଉଁଠି ସେ ମିଳିବ । କେଉଁଠାକୁ କେତେଟାବେଳେ ସେ ଯାଏ ବା ଆସେ । "ବାରଟା ତିରିଶରେ ସେ ହଷ୍ଟେଲ୍‌କୁ ଖାଇବା ପାଇଁ ଆସିବା ବାଟରେ ତାକୁ ଏଇ ଲଫାପାଟା ଦେଇଦେବ ।" ଅନିଚ୍ଛା ସତ୍ତ୍ୱେ ନେଲା ସନାତନ ।

ଏକତା ପାଇଁ ମନୋହର ସବୁଦିନ କିଛି ଲେଖିବାକୁ ଚାହେଁ । କବିତା ହେଉ ଚିଠି ହେଉ । ଆଗରୁ ତ ଅନେକ ଚିଠି ଲେଖିଲେଖି ଚିରି ଦେଇଛି । ଏଇ ପ୍ରଥମ କରି ସାହସ କରି ସନାତନ ହାତରେ ପଠାଇଛି ତା'ର ପ୍ରଥମ ଗୋଲାପୀ ଲଫାପା । ଏକତା ପଢ଼ିବ ନା ନାହିଁ ଜଣାନାହିଁ । ନ ପଢ଼ିଲେ କିନ୍ତୁ ତାକୁ ଖରାପ ଲାଗିବ ।

ଏକତା ଚୁପ୍‌ଚାପ୍ ଝିଅଟିଏ । କେବଳ ଗୋଟିଏ ମାତ୍ର ଝିଅ ସାଙ୍ଗ ତା'ର ଅମ୍ରିତା । ଖୁବ୍ ଉଚ୍ଚ ହାଇହିଲ୍ ପିନ୍ଧିଥିବା ଗେଡ଼ି ଅମ୍ରିତା ସହିତ ବେଳେ ବେଳେ ତାକୁ ଦେଖିବାକୁ ମିଳେ । ନହେଲେ ପ୍ରାୟ ଏକା ଯା' ଆସ କରେ ଏକତା । ଏକତା ସତରେ ଖୁବ୍ ଚୁପ୍‌ଚାପ୍ । ଖୁବ୍ କମ୍ କଥା କହେ । ସତେ ଅବା ତା'ର ଜିଭ ନାହିଁ । ତା' ମୁହଁକୁ ଦେଖିଲେ ଲାଗିବ ତା'ର ରାଗ ନାହିଁ, ହିଂସା ନାହିଁ, ବିରକ୍ତି ନାହିଁ, ଈର୍ଷା ନାହିଁ, ଇଚ୍ଛା ହିଁ ନାହିଁ । ତାକୁ କିଛି ପଚାରିଲେ ତା'ଠୁ ସହଜରେ ଉତ୍ତର ପାଇବାର ଆଶା କରିବା ବୃଥା । ମନୋହର ଭାବେ ମୌନ ଝିଅ ଭଲ ଝିଅର ଲକ୍ଷଣ । ମୌନ ସମ୍ମତି ଲକ୍ଷଣ ।

ମନୋହର ତା' ଚିଠିରେ କ'ଣ ଲେଖିଥିଲା ସେ ଜାଣେ । ସେ ଚିଠିରେ ହୁଏତ ଆରମ୍ଭ ଶେଷ ବୋଲି କିଛି ନଥାଏ । ଖୁବ୍ ଗୋଲାପି ଲଫାପା ଭିତରେ ଭଙ୍ଗା ଭଙ୍ଗା ହୋଇ ସାଧା ଧଳା କାଗଜରେ ଲେଖା ଅଛି ଅବ୍ୟକ୍ତ ବାର୍ତ୍ତା । ତା' ଭିତରେ ଲେଖାହୋଇ ପାରିନି ସେ ଯାହା କହିବାକୁ ଚାହିଁଛି । ଧଳା କାଗଜର ଚୌହଦୀରେ ଅଙ୍କାଯାଇ ପାରିନଥିବା ଅସ୍ପଷ୍ଟ ଅକ୍ଷରରେ ଅନୁଚ୍ଚାରିତ ଶବ୍ଦ, ଶବ୍ଦମାନଙ୍କ ଭିତରେ ହଜିଯାଇଥିବା ବାକ୍ୟ ଓ ବାକ୍ୟ ମାନଙ୍କର ଗହଳି ଭିତରେ ଲୁଚିଯାଇଥିବା ବାର୍ତ୍ତା, ଯାହାକୁ ପଢ଼ିଲାବାଲା ବା ପ୍ରେମୀ ହିଁ କେବଳ ବୁଝିପାରିବ । ଏଇ ଥିଲା ମନୋହରର ଚିଠି ଲେଖିବାର ଉଦ୍ଦେଶ୍ୟ ।

ଏକତା ସହିତ ସନାତନର ପୂର୍ବରୁ ପରିଚୟ ଥିବାର ଜାଣିପାରିଥିଲା ମନୋହର । ଥରେ ସେ ଦୁଇଜଣଙ୍କୁ କଲେଜ କୋଅପରେଟିଭ୍ ଷ୍ଟୋର ପାଖରେ କଥାବାର୍ତ୍ତା ହେଉଥିବାର ଦୂରରୁ ଦେଖିଥିଲା ସେ । ଏକତା ହସି ହସି ସନାତନକୁ ଚକୋଲେଟ୍‌ଟାଏ ଦେଲା ନା କ'ଣ । ସେଇଥିପାଇଁ ସେ ସନାତନର ନିକଟତର ହେବାକୁ ଚାହିଁଥିଲା । କାରଣ ସନାତନ ଏକତାକୁ ଭଲକରି ଜାଣିଥିଲା ଏବଂ ତା'ପାଖକୁ ଯାଇପାରେ ।

Digitized by srujanika@gmail.com

ସନାତନର କଳା ମୁଗୁନିପଥର ପରି ଚିକ୍କଣିଆ ଗୋଲଗୋଲ୍ ଗାଲ ଭର୍ତ୍ତି ମୁହଁ, ସ୍ୱଚ୍ଛ ଧଳାଧଳା ଆଖିରେ କଳାକଳା ଡୋଳା । ସେ ସ୍ୱାସ୍ଥ୍ୟର ଶିଖରରେ ଢଳଢଳ ସନ୍ତୋଷର ଚିତ୍ର । ସେ ହସିଲେ ତା' ଦାନ୍ତରେ ମୁକ୍ତାର ଦର୍ପଣ ଝଲସେ । ତା'ର ମୁହଁଟାକୁ କୋଉ ଆଦିମ ଶିଳ୍ପୀ ଗଢିଛି କେଜାଣି ତାକୁ ଦେଖିବାମାତ୍ରେ ତା' ଅନ୍ତରର ଭାଷା ପରିଷ୍କାର ଶୁଣାଯାଏ । ସେ ନିର୍ଭୀକ ଆଦିବାସୀ ଯୁବକ । ତା'ର ନିଆରା ବ୍ୟକ୍ତିତ୍ୱ ଏକ ଅଭୁତ ମଣିଷପଣିଆର ପ୍ରକୃତ ତଥ୍ୟକୁ ସୂଚାଇଦିଏ । ତାକୁ ଯିଏ ଦେଖିବ ସେ ମୁଗ୍ଧ ହେବ । ବିସ୍ମିତ ହେବ । ଭଦ୍ର ଚେହେରା, ଶାନ୍ତ ମୁଖମଣ୍ଡଳ, ବୁଦ୍ଧିଦୀପ୍ତ ଆଖି, ସବଳ ଅବୟବ, ପ୍ରଖର ମାନସିକ ନିଷ୍ଠା, ଏସବୁ ମିଶି ଗଢ଼ା ତା'ର ଶାନ୍ତ ସହୃଦୟତା । ତା'ର ଦେହଜ ଭାଷା ବି ଖୁବ୍ ମହତ୍ତ୍ୱପୂର୍ଣ୍ଣ ।

* * * * *

"ତମେ କ'ଣ ହେବାକୁ ଚାହଁ ?" ପଚାରିଲା ମନୋହର ।

"ସାଇଣ୍ଟିଷ୍ଟ, ଜୀବବିଜ୍ଞାନୀ । ପ୍ରାଣୀ ବିଜ୍ଞାନରେ ଗବେଷଣା କରିବାକୁ ଚାହେଁ । କୋଷତତ୍ତ୍ୱ ଅଧ୍ୟୟନ କରିବାକୁ ଚାହେଁ । ଖୋରାନାଙ୍କ ପରି । ଜୀବନ ଜଞ୍ଜାଳରୁ ବାହାରେ ନୂଆ ଜୀବନତତ୍ତ୍ୱ ।" ସନାତନ କହିଲା ।

"ତୁମର ଇଚ୍ଛା ନିଶ୍ଚୟ ପୂରଣ ହେବ । କିନ୍ତୁ ତୁମେ କ'ଣ କ୍ଲୋନ୍ ତିଆରି କରିବାକୁ ଚାହଁ ?"

"ହଁ, ନିଶ୍ଚୟ । ଯଦି ଶରୀରାଙ୍ଗରୁ ଗୋଟିଏ ଆଣବିକ ଜୀବକୋଷ ନେଇ ମୁଁ ଆଉ ଗୋଟିଏ ସନାତନ ଗଢିପାରିବି ତେବେ ଯାଇ ସଫଳ ହେବି ବୋଲି ଜାଣିବି ।"

"ତା' ହେଲେ କ'ଣ ହେବ ?"

"ତା' ହେଲେ ମୁଁ ମତେ ନିଜକୁ ଦେଖିପାରିବି, ଜାଣି ପାରିବି ଏବଂ ବୁଝିପାରିବି ମୋ ଜୀବନର ରହସ୍ୟ । ଅନ୍ଧକାରଠୁ ଦୂରରେ ଅନ୍ୟମାନେ ବି ମତେ ମୋ ଠାରୁ ଭିନ୍ନ କରି ଦେଖିପାରିବେ, ଜାଣିପାରିବେ ଏବଂ ଶେଷକୁ ମୁଁ ସେହି ଅନ୍ୟ ସନତାନଠାରେ ଲୀନ ହୋଇଯାଇପାରେ ।"

ହୁଏତ ସନାତନ ଓ ଏକତା ଦୁହେଁ ସୁଦୂର କେନ୍ଦୁଝରରୁ ଆସିଛନ୍ତି । ମନୋହରକୁ ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା । ସେ ଦୁହେଁ କିପରି ଏକାଠି ହୋଇପାରିଲେ । ସେ ମାନସିକ ସ୍ତରରେ ବିଚାର କଲା, ଜଣେ ବିୟୁଟି ହେଲେ ଆଉ ଜଣେ ବିଷ୍ଟ । ଏକତା ସୌନ୍ଦର୍ଯ୍ୟର ଆବର୍ତ୍ତିତ ପ୍ରତିଚ୍ଛବି । ସନାତନ ଆଦିମ ଇତିହାସର ସୁସ୍ଥ ପ୍ରତିବିମ୍ବ, ସେ ଦୁହେଁ ଏକାଠି ହେବାଟା ମନୋହର ପାଇଁ ଏକ ଚିତ୍ରକଳ୍ପର ସଂଭାବନା ।

"ସନାତନ, ସତ କହିଲ ତୁମେ ଏକତାକୁ କିପରି ଜାଣିଲ ?" ପଚାରିଲା ମନୋହର । ଏ ପ୍ରଶ୍ନରେ ଜିଜ୍ଞାସାଠାରୁ କାତରତା ଅଧିକ ଥିଲା ।

Digitized by srujanika@gmail.com

"ଖୁବ୍ ଭଲ କରି ଜାଣେ । ବହୁ ଆଗରୁ ପରିଚୟ ଆମର ।"

"କେବେଠାରୁ ?"

"ପ୍ରାଇମେରୀ ସ୍କୁଲ୍‌ଠାରୁ.. ସେ ମୋଠାରୁ ବର୍ଷେ ବଡ଼ । ମୋ ଉପରେ କ୍ଲାସରେ ପଢନ୍ତି । ସେ ମତେ ବହୁତ ସାହାଯ୍ୟ କରିଛନ୍ତି ସ୍କୁଲ୍‌ରେ ପାଠ ପଢ଼ିଲାବେଳେ । ତାଙ୍କର ପଢାବହି ସବୁ ସେ ପଢିସାରିଲା ପରେ ମୋତେ ଦେଇ ଦିଅନ୍ତି । ମୁଁ ତାକୁ ପଢି ପଢି ଆଜି ଆସି ଏଠି ପହଞ୍ଚିଛି ।

"ମତେ ଏତେ କାହାଣୀ ଶୁଣାଇବା ଦରକାର ନାହିଁ । ମୋର ଗୋଟେ କାମ କରିଦେବ ?"

"ଆଦେଶ କରନ୍ତୁ । ମୁଁ ଆପଣଙ୍କର ସାନଭାଇ ପରି । ଯାହା କହିବେ ତାହା କରିବାକୁ ଚେଷ୍ଟା କରିବି ।"

"ମୋର ଏକତା ସହିତ ଚିହ୍ନା ପରିଚୟ କରାଇ ଦେଇପାରିବ ?"

"ହଁ ନିଶ୍ଚୟ ଭାଇ, ସେଥିରେ କ'ଣ ଅସୁବିଧା ଅଛି । କିନ୍ତୁ କାହିଁକି ?"

"ତୁମେ ସେକଥା ବୁଝିପାରିବନି । ମୋର ତା' ସହିତ ପରିଚିତ ହେବା ଅତ୍ୟନ୍ତ ଜରୁରୀ । ମୋର ବହୁତ କଥା କହିବାର ଅଛି ତାକୁ । ନ କହିଲେ ମୁଁ ରହିପାରିବିନି । ମତେ ଶୀଘ୍ର ତା' ସହିତ ଚିହ୍ନା କରାଇ ଦିଅ ସନାତନ । ତୁମକୁ ମୋର ଅନୁରୋଧ, ପ୍ଲିଜ୍ ।"

ସନାତନ ଶୋଇ ସାରିଲାଣି । ବାକି ଦି'ଜଣ ଗହନ ନିଦରେ ପରୀକ୍ଷା ବିଷୟରେ ଦୁଃସ୍ୱପ୍ନ ଦେଖୁଥିବେ । ମନୋହର ମିଶ୍ର ବି ଅନ୍ୟ ଏକ ପ୍ରକାରର ସ୍ୱପ୍ନ ଦେଖୁଛି । ସତୁରୀ ମିଲିମିଟର ଥ୍ରିଡାଇମେନ୍‌ସନାଲ୍ ରଙ୍ଗିନ ସ୍ୱପ୍ନ । ଷ୍ଟେରିଓଫୋନିକ୍ ଶବ୍ଦରେ ଭରପୁର ସେଇ ସ୍ୱପ୍ନଭରା ଯାଦୁକରୀ ଅନୁଭବ, ଯାହା ବାସ୍ତବତାଠାରୁ ମଧ୍ୟ ଅଧିକ ନିର୍ଦ୍ଦିଷ୍ଟ, ଅଧିକ ସ୍ପଷ୍ଟ ।

"ସନାତନ, କାଲି ମୋ ଚିଠିଟାକୁ ନେଇ ଏକତାକୁ ଦେଇଥିଲ ?" ପଚାରିଲା ମନୋହର ।

"ହଁ ।"

"ଆଉ ପୂର୍ବର ଚିଠି ଗୁଡାକ ?"

"ହଁ ।"

"କେହି ନ ଦେଖିଲା ବେଳେ ଦେଲ ତ ?"

"ହଁ, ଆପଣ ଯେମିତି କହିଥିଲେ ଠିକ୍ ସେମିତି ।"

ସନାତନ ଭାବିଲା ଆଜି ଆଉଥରେ ପୁଣି ସେ ପୋଷ୍ଟମ୍ୟାନ୍ କାମ କରିପାରିବନି । ତେଣୁ ତାକୁ ସେ ରୋକ୍‌ଠୋକ ମନା କରିଦେବ ବୋଲି ଭାବିଲା । କିନ୍ତୁ ମନୋହର ଅଧିକ ଚିଠି ଦେବା ପାଇଁ ମନସ୍ଥ କରିନଥିଲା । ହୁଏତ ସେ ତା'ର ପୂର୍ବ ଚିଠିମାନଙ୍କର ଉତ୍ତର ପାଇବା ପାଇଁ ମଧ୍ୟ ଅପେକ୍ଷା କରିନଥିଲା ।

Digitized by srujanika@gmail.com

ତିନି ତିନିଟା ଗୋଲାପୀ ଲଫାପା ପାଇବା ପରେ ସନାତନକୁ ଦେଖୁ ଦେଖୁ ଏକତା ପଚାରିଲା, "କ'ଣ ଆଜି କିଛି ଅଲେଖା କାଗଜ ବା ଶୂନ୍ୟ ଚିଠିର ଲଫାପା ଆଣିଛ ?"

ସନାତନ ପଚାରିଲା, "ସେ କ'ଣ ?"

"ଖାଲି ପୃଷ୍ଠାଏ ଧଳାକାଗଜ କାହିଁକି ଦେଇଯାଉଛ ? କିଏ ପଠାଉଛି ସେ ସବୁ । କ'ଣ ଦରକାର ତାଙ୍କର ?"

"ନା, ଆଜି ଆଉ ଲଫାପା ପଠାଇ ନାହାନ୍ତି । ଆଜି ସେ ତୁମକୁ ଖବର ପଠାଇଛନ୍ତି ମୋ ଜରିଆରେ । ତୁମକୁ ଭେଟିବାକୁ ଚାହାନ୍ତି ମନୋହର ମିଶ୍ର । ଫାଇନାଲ୍ ଇୟର ଇକୋନମିକ୍ସ । କାଲି ଯେମିତି ହେଲେ ଦେଖାହବ । ସେ କେମିଷ୍ଟ୍ରି ଲାବୋରେଟୋରି ପାଖରେ ତୁମର ଅପେକ୍ଷା କରିଥିବେ ।ଏଗାରଟା ବେଳ କ୍ଲାସ ପାଇଁ ତୁମେ ଯେତେବେଳେ ସେ ବାଟରେ ଯିବ ସେ ସେଇଠି ପାଖରେ ତୁମର ଅପେକ୍ଷା କରିଥିବେ । ସିଧା ତୁମ ସହିତ ମୁହାଁମୁହିଁ କଥାବାର୍ତ୍ତା ହେବାକୁ ଚାହାନ୍ତି ଏଇ ମନୋହର ମିଶ୍ର ଜଣକ ।"

"ସିଏ କିଏ ? ତୁମେ ତାଙ୍କୁ ଜାଣ ?"

"ହଁ ଅଳ୍ପ ଜାଣେ । ସେ ମୋର ରୁମ୍ ମେଟ୍ । ଓ୍ବେଷ୍ଟ ହଷ୍ଟେଲ୍‌ରେ ରୁମ୍ ନମ୍ବର ତିନିରେ ରୁହନ୍ତି ମୋ ସହିତ । ଏ କଲେଜର ଅନେକ ବିଭୋର ଯୁବକମାନଙ୍କ ଭିତରୁ ସେ ବି ଜଣେ । ଅତି ସାଧାରଣ ଦିଶୁଥିବା ଜଣେ ଯୁବକ । ଅଳ୍ପ ଅଳ୍ପ କଅଁଳି ଆସୁଥିବା ଦାଢ଼ିର ମୁହଁ । ନାକଭର୍ତ୍ତି ପ୍ରଖର ନିଶ୍ୱାସ । ଅପଲକ ଆଖି ଅସ୍ଥିର ଉଚ୍ଛ୍ୱାସ । ଏସବୁ ହୁଏତ କେବଳ ତୁମ ପାଇଁ ହୋଇପାରେ । ଏ ରାସ୍ତାରେ ଆତଯାତ ଅନେକଙ୍କ ମଧ୍ୟରେ ସେ ବି ଜଣେ । ତୁମେ ତାଙ୍କ ଚେହେରାରେ ଏମିତି ଖାସ୍ କିଛି ନଦେଖିପାର, ଥରେ ଦେଖିଥିଲେ ଦ୍ୱିତୀୟଥର ଚିହ୍ନିନପାର । କିନ୍ତୁ ସେ ତୁମକୁ ଥରେ ଦେଖି ଆଦୌ ଭୁଲି ପାରିନାହାନ୍ତି । ସେ ତୁମ ଦ୍ୱାରା ଖୁବ୍ ବେଶି ଆକର୍ଷିତ । ଚୁମ୍ବକୀୟ ଆକର୍ଷଣ । ତାଙ୍କ ପାଇଁ ବିପରୀତ ମେରୁପରି ତୁମେ । ତୁମେ ଚାଲିଗଲା ପରେ ପଛରୁ ଚାହିଁରହନ୍ତି । ତୁମ ସହିତ ସ୍ୱପ୍ନରେ କଥାବାର୍ତ୍ତା କରନ୍ତି । ତୁମ ପାଇଁ କବିତା ଲେଖନ୍ତି । ତୁମକୁ ଚିଠି ଲେଖି ବସନ୍ତି, ମାତ୍ର ଶବ୍ଦ ପାଆନ୍ତି ନାହିଁ । ତୁମ ସହିତ ତାଙ୍କର ଖୁବ୍ ଘନିଷ୍ଠ ସମ୍ପର୍କ ଗଢ଼ିଉଠିଛି ଏଇ ଗତ ତିନିମାସ ହେଲା । ତୁମ ଅଜାଣତରେ ବି ସେ ତୁମକୁ ତାଙ୍କର ଅତି ଆପଣାର ବୋଲି ବିଚାର କରନ୍ତି । ସେଇ ହେଲେ ମନୋହର ମିଶ୍ର ।"

ଏକତାକୁ ବଡ଼ ଅଜବ ଲାଗିଲା । ଖାପଛଡ଼ା, ଅଦ୍ଭୁତ ଭାବରେ ଅସଂଲଗ୍ନ । ସେ ତା'ର ଅଜାଣତରେ ଏକ ଅଜ୍ଞାତ ବ୍ୟକ୍ତିର କଳ୍ପନାପ୍ରସୂତ ଭାବାବେଗର ଶୀର୍ଷରେ ଯେପରି ଆଲୋଡ଼ିତ, ଆନ୍ଦୋଳିତ ହେଉଛି । ଏପରି ଅନୁଭବ ତାକୁ କୌଣସି ଆନନ୍ଦ

Digitized by srujanika@gmail.com

ଦେଇନପାରେ । ସେ ବରଂ ଏକା ଏକା ଅଜଣା ଅପରିଚିତ ରହିଯିବାକୁ ଚାହେଁ । ଅପରିଚିତ ଯୁବକର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ଆହ୍ଲାଦିତ ହେବାରେ ତା'ର କୌଣସି ଆଗ୍ରହ ନାହିଁ ।

ଅଜଣା ଅଶୁଣା ଅପରିଚିତ ଲୋକମାନଙ୍କ କଳ୍ପନା ବଳୟରେ ନିଜ ଅଜ୍ଞାତରେ ଅନୁପ୍ରବେଶ କରିବା ପାଇଁ ତାର ଆକାଂକ୍ଷା ନାହିଁ । ସେ କାହା ସହିତ ମିଶିବ ନମିଶିବ ସେଥିପାଇଁ ତାକୁ ବାରଣ କରାଯାଇନାହିଁ । ଏହା ତା'ର ଇଚ୍ଛା ଉପରେ ନିର୍ଭର କରେ । ମାତ୍ର ସେ ଜାଣେ ଯେ ଏହା ଏକ ଆରାଧନାର କ୍ଷେତ୍ର । ସରସ୍ୱତୀଙ୍କ ସାଧନାପୀଠ । ସେ ଏଠାକୁ ପାଠ ପଢିବା ପାଇଁ ଆସିଛି । ଏହା ଏକ ବ୍ରତ ପରି । ତା' ପାଇଁ ଏହା ବିବାହ ପୂର୍ବରୁ ଏକ ପ୍ରସ୍ତୁତି ପର୍ବ ନୁହେଁ । ସେ ଯାହା କରିବାକୁ ଆସିଛି ତାହା ହିଁ କରିବ । ସେ ଏଠାକୁ ସ୍ୱୟଂବର କରିବା ପାଇଁ ଆସିନାହିଁ । ଆସିଛି ଗୋଟେ ମହତ୍ ଉଦ୍ଦେଶ୍ୟ ନେଇ ।

ପ୍ରଥମେ ତ ସେ ମନୋହରକୁ ଚିହ୍ନିନଥିଲା । ତେଣୁ ତାର କୌଣସି କୌତୂହଳ ମଧ ନଥିଲା । ତା'ର ଆଗ୍ରହ କ୍ରମେ ବିରକ୍ତିରେ ଓ ପୁଣି ସ୍ୱତଃସ୍ଫୂର୍ତ୍ତ ଘୃଣାରେ ପରିବର୍ତ୍ତିତ ହେଲା । ତିନିଟା ଖାଲି ଗୋଲାପି ଲଫାପା ଏବଂ ତା ଭିତରର ଧଳାକାଗଜର ଅବ୍ୟକ୍ତି ଆବେଗ ତା'ର ମନକୁ ଟିକିଏ ବି ଛୁଇଁ ପାରିନଥିଲା । କିନ୍ତୁ ସନାତନର ବାର୍ତ୍ତା ଏବେ ତାକୁ ଅଳ୍ପ ବିଚଳିତ କରିଥିଲା । ସେ ସନାତନକୁ କ'ଣ କହିବ ଜାଣି ପାରିନଥିଲା । ସେ ତ ମନୋହରର ବାର୍ତ୍ତାବହ, ତାକୁ ସେ ବା କ'ଣ ଟା କହନ୍ତା । ତେଣୁ ଚୁପ୍ ରହିଲା । ଚୁପ୍ ରହିବାଟା ତା'ର ସ୍ୱଭାବସୁଲଭ । ସେ ମନୋହରକୁ ନେଇ କି ପ୍ରକାରର ପଦକ୍ଷେପ ଗ୍ରହଣ କରିବ ସେ କଥା ବିଚାର କରୁକରୁ ତା'ର ଆଖି ବିସ୍ଫାରିତ ହେଲା, ମୁହଁରେ ସ୍ୱାଭିମାନ ଭରିଗଲା ଏବଂ ତା'ର ଓଠ ଉଷ୍ଣ ହୋଇଗଲା । ଏସବୁ ମିଶି ଏକ ମିଶ୍ର ପ୍ରତିକ୍ରିୟା ତାକୁ ଚିନ୍ତିତ କରିପକାଇଲା, ସେ ଦୀର୍ଘ ନିଶ୍ୱାସ ପକାଇ ହଷ୍ଟେଲ୍ ଫେରିବାକୁ ବାହାରିଲାରୁ ସନାତନ ପଚାରିଲା —

"ଆଉ କାଲି ଆସୁଛ ତ ତା' ହେଲେ ? ଦେଖା ହେବ ତ ମନୋହର ଭାଇଙ୍କ ସହିତ ? ସେ ତ ତୁମର ଅପେକ୍ଷା କରିଥିବେ ଅପଲକ ଆଖିରେ । ବିଶ୍ୱସ୍ତ ପଦାତିକ ସୈନିକ ପରି ତାଙ୍କର ବିଶ୍ୱାସ ଅସୀମ । ତୁମର ଅପେକ୍ଷା କଲା ବେଳେ ସେ ଆଉ କାହାରିକୁ ଦେଖିପାରୁ ନଥିବେ, ହେଲେ ଅନ୍ୟ ସମସ୍ତେ ତାଙ୍କୁ ଦେଖିପାରୁଥିବେ । ତୁମେ ଗୋଟିଏ ଝଲକରେ ଜାଣିଯିବ ମନୋହର ମିଶ୍ର କିଏ ? ଏକୁଟିଆ ଅନୁଭବରେ ବୁଡିଯାଇଥିବା ଯୁବକଟିଏ । ଆଶାର ବେଲୁନ୍‌ରେ ଝୁଲୁଥିବା ଦି'ଟା ଖୋଲା ଖୋଲା ଆଖି । ଆଶଙ୍କାର ଲୁହାବେଡିରେ ଧସେଇ ଯାଉଥିବା ଦି'ଟା ପାଦ ଉପରେ ଟଳମଳ ପ୍ରେମର ପରିଭାଷା । ଛଳନାର ବାହାରେ ଅଙ୍କାବଙ୍କା ଏକ ରେଖା ଚିତ୍ରପରି । ଅଥବା ତରଳ ରକ୍ତ ମାଂସରେ ଗଢ଼ା ଆବେଗର ଆତଙ୍କିତ ଅବବୋଧ ।

Digitized by srujanika@gmail.com

"ସେ ଛିଡା ହୋଇଥିବେ ଅପେକ୍ଷାର ମୁଦ୍ରାରେ । କରିଡୋରକୁ ମୁହଁ କରି । ପିନ୍ଧିଥିବେ ଢିଲା କୁର୍ତ୍ତା, ଧଳା ପ୍ୟାଣ୍ଟ ଆଉ କୋଲହାପୁରୀ ଚପଲ । ଆଖିରେ ଚଷମା ନଥିବ । କାଲି ରାତିରେ ତାଙ୍କ ଚଷମା ଉପରେ ପାଦ ପକାଇ ଭାଙ୍ଗି ଦେଇଛି ଆଉ ଦୁଇଜଣଙ୍କ ରୁମ୍‌ମେଟ୍‌ଙ୍କ ଭିତରୁ ଜଣେ । ସେ ନିକଟଦୃଷ୍ଟି ବାଲା । ତେଣୁ ଖାଲି ଆଖିରେ ସେ ତୁମକୁ ଦୂରରୁ ଦେଖି ପାରିବେନି, କେବଳ ପାଖରୁ ଦେଖିପାରିବେ । ଦୂରରୁ ଚାଲି ଚାଲି ଆସୁଥିବା ସବୁ ଝିଅ ତାଙ୍କୁ ସମାନ ଦିଶିବେ। ଝାପ୍‌ସା ଆଉ ଢଳଢଳ । ତୁମେ କିନ୍ତୁ ଠିକ୍ ବାରିପାରିବ ତାଙ୍କୁ, କାରଣ ସେ ଅନ୍ୟମାନଙ୍କଠାରୁ ଅଲଗା ଦିଶୁଥିବେ । ସେ ଏକ ଭିନ୍ନ ବ୍ୟକ୍ତିତ୍ୱ । ଯେ କେହି ଖୋଜୁଥିବା ଲୋକ ତାଙ୍କୁ ଗହଳିଭିତରେ ବି ସହଜରେ ପାଇଯାଇପାରେ ।"

ଏହା ଏକ ଚିରାଚରିତ ଘଟଣାର ସ୍ୱୟଂସଂପୂର୍ଣ୍ଣ ଅବତାରଣା ନୁହେଁ । ତା'ପରେ ଯାହା ଘଟିଲା ତାହା ବହୁକାଳ ଅପେକ୍ଷା କରିବା ପରେ ଘଟିବା ପରି ଘଟଣା ହୋଇପାରେ । ଜଣେ ଯୁବକ ଆଉଜଣେ ଯୁବତୀର ସାମ୍ନାସାମ୍ନି ହେବା ହୁଏତ ଏକ ଅସାଧାରଣ ସଂଯୋଗ ନ ହୋଇପାରେ, ମାତ୍ର ନିମନ୍ତ୍ରିତ ଏକ ଯୁବତୀକୁ ଅପେକ୍ଷା କରିଥିବା ଯୁବକ ଏକ ପକ୍ଷପାତି ସଂଯୋଜନାର କାରଣ ବୋଲି ଗ୍ରହଣ କରାଯାଇପାରେ । ଆଜି ଯଦି ମନୋହର ଏକ ଦୁର୍ବଳ ଭୟାତୁର ଯୁବକ ହୋଇଥାନ୍ତା ଏ ପ୍ରକାର ଘଟଣାର ସାମ୍ନା କରିପାରିନଥାନ୍ତା । ସେଥିପାଇଁ ସାହସ ଦରକାର, ସାହସ ।

ମନୋହର ଅପେକ୍ଷା କରିଥିଲା । ସତେ ଅବା କେଉଁ ଜଣେ ଦେବୀ ଆସିବେ ଏବଂ ତା'ଉପରେ ପ୍ରସନ୍ନ ହେବେ । ଖୁବ୍ ଉତ୍କଣ୍ଠାର ପ୍ରତୀକ୍ଷା ଇଏ । ଅନେକ ପ୍ରସ୍ତୁତି ଉତ୍ତାରୁ । ଆଖିର ଦୃଷ୍ଟି ଦୂରକୁ ପ୍ରସାରିତ । ସେ ଆସିବ ନା ନାହିଁ ସେଥିପାଇଁ ନୁହେଁ, ସେ ତାକୁ କ'ଣ କହିବ, କ'ଣ କହିବା ଠିକ୍ ହେବ ସେଇଥିପାଇଁ । ସେ କ'ଣ ତା'ର ପ୍ରଶ୍ନର ଉତ୍ତର ଦେବ ନା ଦେବ ନାହିଁ । କଥାବାର୍ତ୍ତାର ବିଷୟବସ୍ତୁ ବା ଦିଗ କ'ଣ ହୋଇପାରେ! ମନୋହରର ଭୋକ ଛାଡି ଯାଇଥିଲା । ଯଦିଓ କାଲି ରାତିରେ ସେ କିଛି ବି ଖାଇପାରିନଥିଲା । ପାଣି ଦି' ଢୋକ ପିଇଥିଲା ଏବଂ ରାତି ସାରା ନିଦ ହୋଇନଥିଲା । ସେ ଭାବୁଥିଲା ଅନିଦ୍ରାରେ ରହିଲେ ରାତ୍ରିର ଦୁଃସ୍ୱପ୍ନ ବି ଦିନର ଦିବାସ୍ୱପ୍ନଠାରୁ ଅଧିକ ଭୟଙ୍କର ହୋଇପାରେ । ଅନିଦ୍ରା ରହିବା ମଧ୍ୟ ଏବେ ତା'ର ଅଭ୍ୟାସରେ ପଡ଼ିଗଲାଣି ।

ଏଗାରଟା ବାଜିବାକୁ ପାଞ୍ଚମିନିଟ୍ ଅଛି । ଏକତା ଏକା ଚାଲିଚାଲି ଆସୁଥିଲା । ଏବେ ତା' ସାଙ୍ଗରେ ଅମ୍ରିତା ବି ନାହିଁ । ଭଲ ହୋଇଛି । ସବୁ ପିଲାମାନେ ଆଗରେ ଚାଲିଗଲେଣି । କରିଡୋରରେ ଆଉ କେହି ନାହାନ୍ତି । ଏବେ ଏକା ଅପେକ୍ଷା କରିଛି ମନୋହର ମିଶ୍ର କେମିଷ୍ଟ୍ରି ଲାବରୋଟେରୀ ପାଖରେ । ତା'ପାଖରେ ପହଞ୍ଚିଗଲାଣି ଏକତା - ସେଇ ଏକମାତ୍ର ଝିଅ ଯାହାକୁ ମନୋହର ପାଖରେ ପାଇବାକୁ ଚାହେଁ, ଯାହା ସହ

Digitized by srujanika@gmail.com

କଥାବାର୍ତ୍ତା ହେବାକୁ ଚାହେଁ, କିଛି ପ୍ରଶ୍ନ ପଚାରିବାକୁ ଚାହେଁ ଏବଂ ଯାହାକୁ ଆପଣାର କରିବାକୁ ଚାହେଁ ।

ଏତେ ପାଖରୁ କେବେ ତାକୁ ଦେଖିନଥିଲା । ଏକତାର ମୁହଁ ଗୋଲାପୀ, ବାଳ କୁଞ୍ଚୁକୁଞ୍ଚିଆ । ନାକ ତୀକ୍ଷ୍ଣ । ଛାତି ପ୍ରଚୁର ଭାବରେ ଉନ୍ନତ ଏବଂ ଆବୃତ । ପିନ୍ଧିଛି ଦୀର୍ଘ ପଞ୍ଜାବି କୁର୍ତ୍ତା । ପାଦରେ ପାଉଁଜି ଓ ତା' ତଳକୁ ରୂପାରଙ୍ଗର ଚପଲ । ତା'ର ଯେପରି ଡରଭୟ କିଛି ନାହିଁ । ସେ ସଂବେଦନଶୀଳ ହେଲେ ବି ସାହସୀ ଯୁବତୀ ପରି ଦିଶୁଥିଲା । ସେ ସିଧା ଆସିଲା ଏବଂ କେଉଁଠାରେ ନ ଅଟକି ସିଧା ଚାଲିଚାଲି ଲନ୍ ଆଡେ ଗଲା । ତା' ଚାଲିରେ କୌଣସି ଅସ୍ୱାଭାବିକତା ନଥିଲା, ଭୟ ନଥିଲା, ଆତୁରତା ନଥିଲା । ତା'ର କାହାକୁ ଭେଟିବାର ନଥିଲା ଯେପରି । କେହି ତା'ର ଅପେକ୍ଷା କରିଥିବା ପରି ମନେ ହେଉନଥିଲା । ମନୋହର ତାକୁ ଚାହିଁ ରହିଥିଲା । ଗୋଟେ ଖୋଲା ଏବଂ ଚାଲୁଥିବା ଭିଡ଼ିଓ କ୍ୟାମେରା ପରି ସେଇ କରିଡୋରରେ ତାର ସବୁ ଚଳନକୁ ସତେ ଯେପରି ରେକର୍ଡ କରିନେଇଥିଲା । ତାହାର ନାଁ ଦିଆଯାଇପାରେ ମନୋହରର ଅପମାନ । କାଣ ଏକତା ତା' ସାମ୍ନାରେ ନ ଅଟକି ଚାଲି ଚାଲି ପାର ହୋଇଗଲା, ଅଦୃଶ୍ୟ ହୋଇଗଲା । ମନୋହର ଖାଲି ଚାହିଁ ରହିଥିଲା । ତା' ମୁହଁରୁ ବଚନ ବାହାରିନଥିଲା । ସତେ ଅବା ସେ ମୂକ । ସେ କାହିଁକି କିଛି କହିପାରିଲାନି ସେ କଥା ସେ ନିଜେ ମଧ ଜାଣେନା ।

ସନାତନ ସେଦିନ ମନୋହରକୁ ସନ୍ଧ୍ୟାବେଳେ ଦେଖି ଚିହ୍ନି ପାରିଲାନି । ମନୋହରର ମୁଣ୍ଡବାଳ ଛୋଟ ଛୋଟ କରି କଟା ହୋଇଛି । ଆଖି ଦି'ଟା କୋଟରିଆ । ଗାଲରୁ ଦାଢ଼ି ଗାଏବ । ମୁହଁରୁ ସିଗ୍ରେଟ୍‌ର ଗନ୍ଧ । ପଚାରିଲାରୁ କିଛି କହିନଥିଲା ମନୋହର । ସେ ପାଠପଢ଼ା ଟେବୁଲ୍ ପାଖକୁ ନଯାଇ ଖଟ ଉପରେ ଦୁମ୍ କରି ଗଡ଼ି ପଡ଼ିଲା । ଗୋଡପଟକୁ ମୁଣ୍ଡ ଏବଂ ମୁଣ୍ଡ ପଟକୁ ଗୋଡ । ସେଦିନ ରାତିରେ ବି ମେସ୍‌ରେ ଖାଇବାକୁ ଯାଇନଥିଲା । ସେମିତି ଶୋଇପଡ଼ିଲା ।

ସମସ୍ତେ ଶୋଇବାପରେ ସନାତନ ତା' ନିଜ ପାଠ ପଢ଼ାସାରି ଶୋଇବାକୁ ଗଲା ଆଗରୁ ମନୋହରର ମଶାରିଟା ତା' ପାଇଁ ଟାଣିଦେଲା । ମନୋହର ପାଟିରୁ ଏକତାର ନାଁ ପରି ଶୁଭୁଥିବା ଏକ ଅସ୍ପଷ୍ଟ ଉଚ୍ଚାରଣ ସେ ଶୁଣିପାରିଥିଲା । ସେ ଜାଣିନଥିଲା ଏକତା ସହିତ ମନୋହର ସାମ୍ନାସାମ୍ନି ହେବାର ଫଳାଫଳ କ'ଣ ହୋଇଥିଲା ।

ମନୋହର ପାଇଁ ଚାରିଦିନ ଧରି ଏପରି ଅସଫଳତାର ପୁନରାବୃତ୍ତି । ମନୋହର ଏକତା ସହିତ କଥା ହେବାକୁ ଚାହେଁ । ଆଜି ଯେମିତି ହେଲେ ସେ କଥା କହିବ । ଆଜି ଶନିବାର । ଏପାର ନହେଲେ ସେପାର ହେବାକୁ ବିଚାର କରି ମନୋହର ମନକୁ ସ୍ଥିର କଲା । ସେ କରିଡୋର ପାଖରେ ଛିଡ଼ା ହୋଇରହିଥିଲା । ଏକତା ତା' ପାଖ ଦେଇ ପାର ହେଲା ବେଳେ ସାହସ ସଂଚୟ କରି ପଚାରିଲା, "ଟିକେ ଶୁଣିବ ?"

Digitized by srujanika@gmail.com

ଏକତା ଅଟକିଲା । ମୁହଁ ବୁଲାଇ ଚାହିଁଲା ।

"ମୋ ନାଁ ମନୋହର ମିଶ୍ର । ଫାଇନାଲ୍ ଇୟର ଇକୋନମିକ୍ସ ପଢୁଛି । ହଷ୍ଟେଲ୍‌ରେ ରହୁଛି । ମୁଁ ହିଁ ସନାତନ ହାତରେ ତୁମ ପାଖକୁ ଇଫାପା ପଠାଇଥିଲି । ତୁମେ ଜାଣ, ତୁମେ ପାଇଛ । ମୁଁ ତୁମ ସହିତ କଥାବାର୍ତ୍ତା ହେବାକୁ ଚାହେଁ । ମୁଁ ତୁମ ପାଇଁ ଅନେକ କବିତା ଲେଖିଛି, ଶୁଣାଇବାକୁ ଚାହେଁ । ଶୁଣିବ ? ମୁଁ ତୁମର.... ତୁମକୁ..." ଆଉ ଆଗକୁ କହିପାରିଲାନି ।

ଏକଥା ଏକତା କାନରେ ପଡ଼ିଥିଲା, ହେଲେ ସେ କିଛି ନକହି ନଶୁଣିଲା ପରି ଆଗକୁ ଆଗକୁ ଚାଲିଯାଉଥିଲା । ତାକୁ ପାଖ ଗ୍ୟାଲେରୀରୁ ପାଠପଢ଼ିବା ଶୁଣିବା ପରି ଲାଗିଲା । ଏ ଭାଷଣର କିଛି ଉତ୍ତର ନାହିଁ । ଏକତରଫା । ମନୋହର କହିଚାଲିଛି ଆହୁରି କେତେ କ'ଣ କିଏ ଜାଣେ । ଶେଷକୁ ଅନନ୍ୟୋପାୟ ହୋଇ ମନୋହର କହିପକାଇଲା, "ମୁଁ ତୁମ ସହିତ ଫ୍ରେଣ୍ଡସିପ୍ କରିବାକୁ ଚାହେଁ, ତୁମର ସାଙ୍ଗ ହେବାକୁ ଚାହେଁ, କଥାବାର୍ତ୍ତା ହେବାକୁ ଚାହେଁ, ତୁମକୁ ଗୋଟେ ଗିଫ୍‌ଟ୍ ଦେବାକୁ ଚାହେଁ । ହେଲେ ତୁମେ ତ କିଛି କହୁନାହଁ, କ'ଣ କିଛି କହିବନି ?"

"ନା, ମୋର କିଛି କହିବାର ନାହିଁ । ଦରକାର ନାହିଁ ।" ଅସମ୍ମତିର ମୁଣ୍ଡ ହଲାଇଲା ଏକତା । "ମୁଁ ଏଠାକୁ ପାଠ ପଢିବାକୁ ଆସିଛି ନା ଏସବୁ କରିବାକୁ ଆସିଛି ? ମୋର ସମୟ ନାହିଁ । ଘଣ୍ଟା ବାଜି ସାରିଛି ।" ଏକତା ଆଗେଇଲା । ମନୋହର ତା' ଆଗକୁ ଦୌଡ଼ିଆସି ବାଟ ଓଗାଳିଲା । "ନା ଏକତା, ତୁମକୁ ଶୁଣିବାକୁ ପଡ଼ିବ । ଶୁଣ । ମୋର କେବଳ ଗୋଟିଏ ସ୍ୱପ୍ନ ତୁମକୁ ନେଇ । ତୁମେ ଆଉ ମୁଁ । ମୁଁ ତୁମକୁ ଅତି ଅନ୍ତରଙ୍ଗ ଭାବେ ଜାଣେ। ମୋ ବିଷୟରେ ତୁମେ ସୁନନ୍ଦାଠାରୁ ସବୁ ବୁଝିପାରିବ । ମୁଁ ଆଉ କିଛି ଚାହେଁନି । ମୁଁ ତୁମ ପାଇଁ ଏଇ କବିତା ବି ଲେଖିଛି । ନିଅ ପଢିବ..." ସେ କହି ଚାଲିଥିଲା ।

ଏକତା ଆଗକୁ ଯାଇ ପାରୁନଥିଲା, କାରଣ ମନୋହର ବାଟ ଛାଡୁ ନଥିଲା । ସେ ଆଶ୍ଚର୍ଯ୍ୟ ହେଲା । ପ୍ରେମ ପୁଣି ଏତେ ବେଶି ଏକତରଫା ହୋଇପାରେ । ଏତେ ଅଜଣା ଲୋକଠାରୁ ଆସିପାରେ । ତା'ର ବିଶ୍ୱାସ ହେଲା ନାହିଁ । ଏକତା ଏଥର ତାକୁ ରାଗି କଟମଟ ଆଖିରେ ଚାହିଁଲା । କହିଲା, "ତୁମର ଆଖିକୁ ଦିଶୁଛି ତ ? ମତେ ଲାଗୁଛି ତୁମେ ମତେ ଯାହାକୁ ବୋଲି ଭାବିଛ ମୁଁ ସିଏ ନୁହେଁ ।"

ଏକଥା ଶୁଣି ମନୋହର ଖୁବ୍ ବେଶି ଅପମାନିତ ହେଲା । ସେ ସେଠାରୁ ଦୌଡ଼ି ଦୌଡ଼ି ଚାଲିଗଲା କେମିଷ୍ଟ୍ରି ଲାବରେଟୋରୀ ଭିତରକୁ ଏବଂ କ'ଣ ଗୋଟାଏ କାଚ ବୋତଲ ଧରି ଫେରି ଆସିଲା । ସେ କାଚ ବୋତଲର ଠିପିଟାକୁ ଖୋଲି ଏକତାର ମୁଣ୍ଡ ଉପରେ ଢାଳି ଦେଲା ।

Digitized by srujanika@gmail.com

ଆଃ.... ଆଃ.... ଆଃ....ଚାରିଆଡ ଅନ୍ଧାର ହୋଇଗଲା ପରି ଲାଗିଲା ଏକତାକୁ । ସାରା କଲେଜର ପରିସର ପ୍ରକମ୍ପିତ ହେଲା ଯେପରି । "ଇଏ ମୋର ତୁମ ପ୍ରତି ଭଲ ପାଇବାର ଦାନ । ଯା'କୁ ନିଅ ।"

"ମୁଁ ତୁମକୁ ଆଉ କିଛି ଦେଇପାରିବିନି । ପାରିଲିନି, ତେଣୁ ଏହା ଦେବାକୁ ବାଧ ହେଲି । ଏଇ ଏସିଡ୍ । ଏହା ତୁମକୁ ସଫାକରିଦେବ, ସୁନାପରି ଚକ୍‌ଚକ୍ କରିଦେବ । ଥରେ ଏଥିରେ ଧୋଇ ହୋଇଗଲେ ତୁମେ ବିଶୁଦ୍ଧ ହୋଇଯିବ । ତୁମଠାରେ ଖାଦର ଅପମିଶ୍ରିତ ନଥିବ । ଗର୍ବ ନଥିବ । ଅହଂକାର ନଥିବ... ତୁମ ପାଟି ଖୋଲିଯିବ, ତୁମେ ଝଲସିବ ।"

ଏକତାର ପାଟି ଖୋଲା ହୋଇ ରହିଯାଇଥିଲା । ସେ ହାହାକାର କରି ଉଠିଥିଲା । ତା'ର ଆଖି ପୋଡୁଥିଲା ।

ସନାତନ କେଉଁଠି ଥିଲା ଦୌଡି ଆସିଲା ଏବଂ ସେ ଲନ୍‌ରେ କାମ କରୁଥିବା ମାଳି ହାତରୁ ପାଣି ପାଇପ୍‌ଟା ଟାଣି ଆଣି ଏକତା ଉପରେ ପାଣି ଢାଳି ଚାଲିଲା... ଏକତାକୁ ତା'ପରେ ଟିକେ ଭଲ ଲାଗିଲା । ତାକୁ ହସ୍ପିଟାଲ୍ ନିଆଗଲା ଏବଂ କିଛି ଚିକିତ୍ସାପରେ ସୌଭାଗ୍ୟବଶତଃ ସେ ଭଲ ହୋଇଗଲା । ପୁଣି ସପ୍ତାହକ ପରେ ନିୟମିତ କଲେଜ ଆସିଲା । ମନୋହରକୁ କିନ୍ତୁ କଲେଜରୁ ବାହାର କରିଦିଆଗଲା । ତା' ନାଁରେ ପୁଲିସ୍ କେଶ ଦିଆଗଲା ଏବଂ ହତ୍ୟା ଅଭିଯୋଗରେ ତାକୁ ଦୋଷୀ ସାବ୍ୟସ୍ତ କରାଗଲା । ଆମେ ଶୁଣିଲୁ ଯେ ତାକୁ ତିନିବର୍ଷ ସଶ୍ରମ କାରାଦଣ୍ଡ ଦିଆଯାଇଛି ।

ଏସବୁ ଘଟଣାର ଦଶବର୍ଷପରେ ରାସ୍ତା ଉପରେ ଇଭିନିଂ ୱାର୍କରେ ଯାଉଥିବା ଏକତାକୁ ପଛରୁ ଡାକି ସନାତନ କହିଲା, "ଦିଦି, ସିଆଡେ ଯାଅନି, ଆଗରେ ମନୋହର ବୁଲୁଛି । ତା'ର କାରାବାସ ସରିଛି । ସେ ଏବେ କାଳୀ ମନ୍ଦିର ପାଖ ବରଗଛ ମୂଳରେ ବସି ରହିଛି । ତା' ପାଖରେ ଆଉ କିଛି ନାହିଁ । ନା ଚିଠି, ନା ଟଙ୍କା, ନା ଛୁରୀ । ଖାଲି ବିଅର ବୋତଲଟାଏ ଧରିଥିବାର ମୁଁ ଦେଖିଛି । ସେ ପାଗଳ ହୋଇଯାଇଛି ନା କ'ଣ ।"

ଏସବୁ ଶୁଣି ଏକତା କହିଲା, "ସନାତନ, ଧନ୍ୟବାଦ । ଏବେ କିନ୍ତୁ ସେ ସମୟ ପାର ହୋଇଯାଇଛି । କେଉଁଠି ଅଛନ୍ତି ମନୋହର ମିଶ୍ର । ମୁଁ ତାଙ୍କୁ ଗୋଟେ କଥା କହିବାକୁ ଠିକ୍ କରିଛି । ଯେଉଁଟା ମୁଁ ତାଙ୍କୁ ସେ ଦିନ କହିପାରିନଥିଲି, ଆଜି ସେକଥା କହିଦେବି ।"

ତା'ପରେ ଏକତା କାଳୀ ମନ୍ଦିର ବରଗଛ ଆଡକୁ ମୁହାଁଇଲା ।

❑❑❑

Digitized by srujanika@gmail.com

# ଭାର

ଲମ୍ବା ବେକ ଉପରେ ଆହୁରି ଲମ୍ବା ମୁହଁ । ମୁଣ୍ଡରେ କୁଞ୍ଚୁକୁଞ୍ଚିଆ ଖଇରିଆ ବାଳ । ଗାଲ ପତଳା । ଆଖି ଗାତୁଆ । ନାକ ସିଧା ଓ ସାଧାରଣ । ତା ତଳକୁ ମପାଚୁପା ନିଶ । ନିଶ ତଳକୁ ମୋଟା ଓଠ । ରାତି ଅନିଦ୍ରା ହେତୁ ଶେତା ପଡ଼ିଯାଇଛି, ଯାହାକି ସେ ମଝିରେ ମଝିରେ ଜିଭ କାଢ଼ି ଚାଟୁଛି । କଥା କହିଲା ବେଳେ ଦିଶୁଛି ତାର ବଡ଼ବଡ଼ ମଳିନ ଦାନ୍ତ । ଦେଖିଲେ ଲାଗିବ ଏଠାରେ ହସିବା ମନା । ସେଇ ଆମର ସହଯାତ୍ରୀ । ଚିନ୍ତାଗ୍ରସ୍ତ ଓ ପାଠୁଆ ଦିଶୁଥିବା ଏକୁଟିଆ ଲୋକଟେ ପରି ଚୁପ୍‌ଚାପ୍ ପ୍ରକୃତିର ।

ତା' ନାଆଁ ଅମର ବଲ୍ଲଭ। ବୟସ ତେତିଶ୍‌ରୁ ଅଧିକ ହେଲାଣି, ତଥାପି ଅବିବାହିତ । ବିବାହ ହେତୁ ବିବାହିତମାନେ ଯେପରି ଅସନ୍ତୁଷ୍ଟ ଦିଶନ୍ତି ସେ ସେପରି ଦିଶୁନାହିଁ । ତାପାଇଁ ବିବାହର ଆଉ ଆବଶ୍ୟକତା ଅଛି ନା ନାହିଁ ସେକଥା ତା ମୁହଁକୁ ଦେଖିଲେ ଭଲ କରି ଜଣପଡେନି । ଅନ୍ୟାନ୍ୟ ସହଯାତ୍ରୀଙ୍କ ଭିତରେ ଅଲଗା ବାରି ହୋଇପଡୁଥିବା ଅମରର ଦୁର୍ବଳ ଚେହେରା ସୂଚାଇ ଦିଏ ସତେ ଅବା ତା'ର ସ୍ନାୟୁ ଶିଥିଳ ହୋଇପଡ଼ିବଣି । ଏବେ ମୋଠାରୁ ସେ ବୟସରେ କମ୍ ବା ବେଶି ହେବା ଉଚିତ୍ ସେ କଥା ମୁଁ ଜାଣେନାହିଁ । ବୋଧହୁଏ ସେ ଏବେ କୌଣସି ଏକ ସମ୍ଭାବ୍ୟ ବିବାହ ପ୍ରସ୍ତାବ ହେତୁ ଦ୍ୱିଧାରେ ପଡ଼ିଛି ।

ଏମିତିକା ଲୋକ ମୁଁ ଆଗରୁ ଦେଖିନି । ଆମେ ସମସ୍ତେ ରାଜଧାନୀ ଏକ୍ସପ୍ରେସ୍‌ରେ ଭୁବନେଶ୍ୱରରୁ ଦିଲ୍ଲୀ ଯାଉଥିଲୁ । ଅନ୍ୟମାନଙ୍କ ବହୁ ଆଗରୁ ଆସି ସେ ତା' ସିଟ୍ ତଳେ ଓ ତା' ସାମ୍ନା ସିଟ୍‌ତଳେ ତା'ର ବହୁସଂଖ୍ୟକ ଲଗେଜ୍ ଓ ବାକ୍ସ ଖୁନ୍ଦିଖାନ୍ଦି ରଖି ଦେଇଥିଲା ଓ ଆରାମ୍‌ରେ ବସିଥିଲା । ମୁଁ ସବା ଶେଷରେ ଟ୍ରେନ୍ ଛାଡ଼ିବାର ଅଳ୍ପ କେଇ ମିନିଟ୍ ଆଗରୁ ଆସି ପହଞ୍ଚିଲି । ଦେଖିଲି ତା' ଆଗରେ ମୋର ସିଟ୍ ସଂରକ୍ଷିତ ମାତ୍ର ମୋ' ବାକ୍ସ ଥୋଇବା ପାଇଁ ସ୍ଥାନ ନାହିଁ । ତେଣୁ ମୋର ଛୋଟ୍ ହାଲ୍‌କା ଭିଆଇପି ବାକ୍ସଟାକୁ ପାଦ ପାଖରେ ଥୋଇ ତା' ମୁହଁକୁ ଭଲକରି ଚାହିଁଲି । ସେ ମତେ ନଚାହିଁ ଝର୍କା ଆଡକୁ ଚାହିଁଥିଲା । ମୁଁ ମନେ ମନେ ସ୍ଥିର କଲି ଲୋକଟା ଖୁବ୍ ଅସାମାଜିକ ହୋଇଥିବ ବୋଧେ ।

ଅମର ବଲ୍ଲଭକୁ ଛତିଶ ବର୍ଷ ହେବାକୁ ଆଉ ତିନି ବର୍ଷ ବାକି । ଛତିଶ ବର୍ଷ ହୋଇଗଲେ ସେ ବିବାହ ଯୋଗ୍ୟତାର ସୀମାରେଖା ପାର ହୋଇଯିବ । ପ୍ରମାଣିତ ବ୍ରହ୍ମଚାରୀ ହୋଇ ଅବିବାହିତ ରହିଯିବାର ଭୟ ଅଛି । ଜ୍ୟୋତିଷ କହିଛି କୁଆଡେ ଛତିଶ ପରେ

Digitized by srujanika@gmail.com

ଆଉ ନୁହେଁ । ତା ବାପାଙ୍କୁ ଯେତେବେଳେ ଛତିଶ୍ ବର୍ଷ ହୋଇଥିଲା ଠିକ୍ ସେତିକିରେ ସେ ଚାଲିଗଲେ । ସେତେବେଳେ ଅମରକୁ ପାଞ୍ଚ ଆଉ ତା' ମା'କୁ ତିରିଶ୍ । ଏବେ ମା'କୁ ଆସି ଅଠାବନ ଆଉ ବାପା ବଞ୍ଚିଥିଲେ ତାଙ୍କୁ ହୋଇଥାନ୍ତା ଚଉଷଠି । ଅମର ତା' ବାପାଙ୍କଠାରୁ ଏକତିରିଶ ବର୍ଷ ସାନ । ମା' ବାପାଙ୍କ ଏକମାତ୍ର ସନ୍ତାନ । ଯାହାକୁ ଦାୟାଦ ରୂପେ ପାଇଲେ ଯେ କୌଣସି ବାପା ମା'ଙ୍କର ଗୌରବ ବଢେ । ପୁଅ ବୋଲି ସମସ୍ତଙ୍କୁ ଦେଖେଇ ଦେବାକୁ ଇଚ୍ଛାହୁଏ । ଏବେ ଅମର ମା'ଠାରେ ଖୁବ୍ ସମ୍ପୃକ୍ତ, ମା'କୁ ଛାଡି ଆଉ କାହାରିକୁ ନିଜର ଅଧିକ ମଣେନି ।

ମା'ର ଗୋଡ ଫାଟିଛି ଓ ପାଦତଳେ ମାଛିଆଖିଆ । ସେ ଭଲରେ ଚାଲି ପାରେନି । ଟିପେଇ ଟିପେଇ ଚାଲୁଚାଲୁ ପଚାରେ, "କଣ କହୁଛୁ କହ ସିଧାସିଧା । ମହାନ୍ତି ବାବୁଙ୍କୁ ହଁ କରିବା ନା ନାହିଁ ?"

"ମା' ତୋ' ଗୋଡଟାକୁ ଆଜି ଡାକ୍ତର ଦେଖାଇବା ଚାଲ ।" କେଉଁ ପ୍ରଶ୍ନର ଉତ୍ତର ନଦେବାକୁ ହୁଏ ତାହା ଅମରକୁ ଖୁବ୍ ଭଲ କରି ଜଣା । ସେ କେତେବେଳେ ବାଁରେଇ ଦିଏ ତ କେତେବେଳେ ବାହାନା ବନାଏ । ସବୁଦିନ ସକାଳୁ ତରତର ହୋଇ ଅଫିସ୍ ଯିବାକୁ ବାହାରେ । ତା' ମା' ଚୁଡାଦହି ଦେଲେ ସେ ଖାଇଦିଏ । ଆଜିକାଲି ଯୁଗରେ ପୁଣି ଏମିତି ଖାନା କିଏ ଖାଇଥିବ । ଲଣ୍ଡନ ଫେରନ୍ତା ଅମରର ପ୍ରିୟ ଖାଦ୍ୟ ହେଲା ଚୁଡା ଦହି ଗୁଡ । କିଏ ଜାଣିବ ତା' ମୁହଁକୁ ଦେଖିଲେ ଯେ ସେ ଲଣ୍ଡନରୁ ବାୟୋଲଜିରେ ପିଏଚ୍.ଡି କରିଛି ।

ସେ ବାୟୋଲଜି ପଢିବାକୁ ଚାହିଁଥିଲା । କାରଣ ଜୀବନର ରହସ୍ୟ ବିଷୟରେ ତା'ର ଅଧିକରୁ ଅଧିକ ଜାଣିବାର ଅତିଶୟ ଆଗ୍ରହ ଥିଲା । ତା' ଅନୁମାନରେ ମନୁଷ୍ୟର ଉତ୍‌ଥାନ ପ୍ରାଣୀଜଗତର ସର୍ବୋତ୍କୃଷ୍ଟ ଆଗ୍ରହ । ତା' ପାଇଁ ଦେହ, ମନ, ହାତ, ପାଦ, ମନ ଓ ହୃଦୟ ସବୁ ଜୈବ । ମୁହଁର ଭାବ, ମନର ଉକ୍ତି ସବୁ ସେଇ ପ୍ରାଣମୟତାର ପରିପ୍ରକାଶ । ତା' ମା'ର ଗୋଡ ଫାଟିବାଟା ବି ସେଇ ଏକା କଥା । ତା' ବାପାଙ୍କର ଅଳ୍ପ ବୟସର ମୃତ୍ୟୁର କାରଣ ବି ସେଇ ବାୟୋଲଜିରେ ମିଳିବ । ଯୁଦ୍ଧ ଓ ରାଜନୀତି ସେଇ ପ୍ରାଣୀ ବିଜ୍ଞାନ ସହିତ ସଂପୃକ୍ତ । ତା'ର ଅନ୍ୟ କୌଣସି ଭାଇଭଉଣୀ ନଥିବାର କାରଣ ସେ ଜାଣେନା, ତଥାପି ସେ ଶୀଘ୍ର ବାହାହୋଇ ଘର ବସାଇବାକୁ ମନା କରିଦେଇଥିଲା । ସତେ ଯେପରି ବାହାହବାକୁ ମନା କରିଦେବାଟା ତା' ପାଠୁଆପଣର ଆଉ ଏକ ଆବଶ୍ୟକୀୟ ପରିଣାମ ଓ ପ୍ରେରଣା ।

ସେ ଆମର ସହଯାତ୍ରୀ । ଦ୍ୱିତୀୟ ଶ୍ରେଣୀ ବାତାନୁକୂଳ ବଗିରେ ଆମେ ବସିଛୁ । ସେ ତା' ସାଙ୍ଗରେ ଆଣିଛି ଚାରିଟା ବଡ଼ ବଡ଼ ବାକ୍ସ, ତା' ଭିତରୁ ଗୋଟିଏ ଥିଲା ଅତି ପ୍ରକାଣ୍ଡ । ତା' ସହିତ ଦୁଇଟା ହାତବ୍ୟାଗ । ଗୋଟେ ପାଣି ବଟଲ୍ । ଆଉ ଗୋଟେ

Digitized by srujanika@gmail.com

ପଲିଥିନ୍ ଖୋଳରେ ଝୁଲୁଥିବା ହାଙ୍ଗର ସହିତ ଜ୍ୟାକେଟ୍ । ଗୋଟେ ଲୋକର ଏତେଗୁଡେ ଲଗେଜ୍ ହେବା ସାଧାରଣ କଥା ନୁହେଁ । ସେ କିପରି ଏତେ ସହଜରେ ନିରୁଦ୍‌ବିଗ୍ନ ହୋଇ ବସି ପାରିଛି ସେ କଥା ମୋ କଳ୍ପନାର ବାହାରେ ଥିଲା । ସେ ଆମମାନଙ୍କ ଭିତରେ ଜଣେ ଯେ କି ଟାଇ ପିନ୍ଧିଥିଲା । ସେ ତା'ର ନାଲିଆ ଡଟେଡ୍ ଟାଇଟାକୁ ଆଉଁସି ସଜାଡିଲା ଏବଂ ପିଠି ଆଉଜାଇ ବସିଲା । ମୋର ତାକୁ ଦେଖିବାରେ ବେଶି ଆଗ୍ରହ ନଥିଲା । ମୁଁ ବାକ୍ସ କଥା, ବାକ୍ସ ଭିତରର କଥା ଭାବୁଥିଲି ।

ବାକ୍ସରେ କ'ଣ ସବୁ ଥାଇପାରେ ? ବାକ୍ସରେ ତ ସବୁକିଛି ରହିପାରେ । ନ ଭାବିପାରିବା କଥା ବି । ଓଜିନିଆ ଜିନିଷରୁ ଆରମ୍ଭ କରି ହାଲ୍‌କା ପର୍ଯ୍ୟନ୍ତ । ମାତ୍ର ଯା' ପାଖରେ ଯେଉଁ ପ୍ରକାଣ୍ଡ ବାକ୍ସଟି ଅଛି ତା' ଭିତରେ ତ ଭୂତ, ଭବିଷ୍ୟତ, ବର୍ତ୍ତମାନର ସବୁକିଛି ରଖିହେବ । ପାଣ୍ଡିତ୍ୟ ସହିତ ମୂର୍ଖତା ଓ ଧନସମ୍ପତ୍ତି ସହିତ ଦାରିଦ୍ର୍ୟକୁ ଏକାଠି ତାଲା ପକାଇ ଦେଇହେବ । ମୋର କୌତୁହଳ ବଢିଗଲା । ଏମିତି ତ ଗଲାବେଳେ ରାସ୍ତାରେ ଲୋକପାଖରେ କେବଳ ପାଥେୟ ଥାଏ କପଡ଼ା, କାଗଜପତ୍ର, ଦାନ୍ତକାଠି, ଛତା, ଜୋତା ସହିତ ପଇସାପତ୍ର ଏବଂ ଟିକେଟ୍ । ମାତ୍ର ଏଠି ଜଣେ ଯାତ୍ରୀର ଗୋଡପାଖକୁ ରଖାଯାଇଛି ଏକ ପ୍ରକାଣ୍ଡ ବାକ୍ସ ଯାହାକୁ ଚାହିଁଲେ ମଧ୍ୟ ଦର୍ଶକଙ୍କୁ ଓଜିନିଆ ଲାଗିବ । ଏମିତି ବାକ୍ସ ନେଇ ଯଦି ସମସ୍ତେ ଯିବାଆସିବା କରିବେ ତେବେ ଟ୍ରେନ୍ ବି ଥକିଯିବ । ସେଇ ଅତି ବୃହତ୍ ପାଉଁଶିଆ ରଙ୍ଗର ଫୋମ୍ ଲେଦର ପରି ଦିଶୁଥିବା ବାକ୍ସଟି ସିଟ୍ ତଳକୁ ପଶିଲା କିପରି ତାହା ମଧ୍ୟ ଆଶ୍ଚର୍ଯ୍ୟର କଥା । ତା' ଭିତରେ ସମ୍ଭବତଃ ରହିଛି - ନା, ଆଉ ଭାବିହେଲା ନାହିଁ । ତା'ପାଖକୁ ଥୁଆ ହୋଇଛି ଭିଆଇପି ବାକ୍ସ । ନେଳି ରଙ୍ଗର ଡବଲ୍ ତାଲାବାଲା । ତା'ଭିତରେ କ'ଣ ଅଛି କହିହେବନି । ତଥାପି ମୋର ମନେହେଲା ସେଥିରେ ଥିବ କିଛି ଉଲେନ୍ କପଡ଼ା, ଗୋଟେ ଲାପ୍‌ଟପ୍, ଆଲବମ୍, ଡାଇରୀ ଖାତା, ପ୍ୟାଣ୍ଟସାର୍ଟ । ତା' ସହିତ ସାର୍ଟିଫିକେଟ୍ ଓ ଟେଷ୍ଟିମୋନିଆଲ୍ । ତା' ଭିତରେ ଆଉ ଗୋଟିଏ କୁନି ଲେଦର ହ୍ୟାଣ୍ଡବ୍ୟାଗ୍‌ରେ ତାର ଭିସା, ପାସ୍‌ପୋର୍ଟ, ଏୟାର ଟିକେଟ୍ କିଛି ଡଲାର ସହିତ ଗୋଟିଏ ନିଯୁକ୍ତିପତ୍ର ବା ସେଇପରି କିଛି ଅଫରର ଆମନ୍ତ୍ରଣ । ତା'କଡକୁ ସଜଡା ହୋଇ ରହିଥିବ ତାର ଗବେଷଣାତ୍ମକ ନଥିପତ୍ର ସହିତ ନୂଆ ତଥ୍ୟର ସୂତ୍ରମାନ । କିମ୍ୱା ଆଉ କିଛି କାଳ୍ପନିକ ।

ତୃତୀୟ ବାକ୍ସଟିର ରଙ୍ଗ ହଳଦିଆ ହେଲେବି ତାକୁ ସୈନିକ ପୋଷାକ ପରି କପଡ଼ା ପିନ୍ଧାଇ ଦିଆଯାଇଛି । ତା ଭିତରେ ଅଛି କିଛି ଖାସ୍ ସରଞ୍ଜାମ । ଦର୍ପଣ, ଶିଙ୍ଗପାନିଆ, ରେଜର, ମା' ବାପାଙ୍କର ଫଟୋ, ପଟ୍ଟଚିତ୍ର ସହିତ ଜଗନ୍ନାଥଙ୍କର ମୂର୍ତ୍ତି, ହନୁମାନଙ୍କର ତାବିଜ, ଧବଳେଶ୍ୱରଙ୍କର ଧଣ୍ଟା, ଗଣେଶଙ୍କର ପ୍ରତିକୃତି, ଗୋଟେ ଏଣ୍ଡି ଚଦର, ଟ୍ରାନ୍‌ଜିଷ୍ଟର,

Digitized by srujanika@gmail.com

ଭଜନ କ୍ୟାସେଟ୍, ଓ୍ୱାକ୍‌ମ୍ୟାନ୍, ରାଶିଲଡ୍ଡୁ, ଆରିଷା ଓ ଧୂପକାଠି ସହିତ ଅନ୍ୟାନ୍ୟ ଦ୍ରବ୍ୟମାନ ।

ସେ କୋଳରେ ଜାବୁଡି ଧରିଛି ଗୋଲାପି ରଙ୍ଗର ଅନ୍ୟ ଏକ ଖୁବ୍ ଓଜିନିଆ (ଅପରିହାର୍ଯ୍ୟ) ମୋଲ୍‌ଡେଡ୍ ଆରିଷ୍ଟୋକ୍ରାଟ୍ ବାକ୍ସ । ଯାହାର ମାପ କୋଣରୁ କୋଣ ଚବିଶ ଇଞ୍ଚ । ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଲା ଯେ ସେ ତାକୁ ତଳେ ଥୋଇବାକୁ ନାରାଜ । ବାକ୍ସଟାକୁ ଜଙ୍ଘ ଉପରେ ଧରି ବସିଛି ଯେ ବସିଛି । ବାକ୍ସ ଧାରକୁ ଲେଖା ହୋଇଛି ଏ.ବି. । ଅମର ବଲ୍ଲଭ । ଏଇ ବାକ୍ସର ଭିତରର କଥା ଥିଲା ମୋ' ପାଇଁ ଏକ ବଡ଼ ଚାଲେଞ୍ଜ । କିପରି ଜାଣିବା ଯେ ତା' ଭିତରେ କ'ଣ ଅଛି ଏବଂ ତାହା ତଳକୁ ନଥୋଇବାର ରହସ୍ୟ କ'ଣ ? ବାକ୍ସକୁ କୋଳରେ ଧରି ବସିବା ଲୋକେ ଗାଁରୁ ଆସିଥାନ୍ତି ଏବଂ ଚୋରଠାରୁ ନିଜ ସମ୍ପତ୍ତିକୁ ରକ୍ଷା କରିବା ପାଇଁ ତାକୁ ଜଗିବସିଥାନ୍ତି ଏବଂ ବାରମ୍ବାର ପକେଟ୍‌ରେ ତା'ର ଚାବି ସୁରକ୍ଷିତ ବୋଲି ନିଜକୁ ଆଶ୍ୱାସନା ଦେଇଥାନ୍ତି ।

ହଠାତ୍ କୌଣସି କାରଣବଶତଃ ଅମରକୁ ବାକ୍ସଟା ଖୋଲିବାକୁ ପଡ଼ିଲା । କିଛି ଗୋଟେ ଭୁଲିଗଲା ନା କ'ଣ ? ବାକ୍ସଟି ସେଇ ଜଙ୍ଘ ଉପରେ ଖୋଲିଲା । ମୋ' ଆଖି ବାକ୍ସ ଭିତରକୁ ପହଁରିଗଲା । ସେ ମତେ ଚାହିଁଲା ଏବଂ ତା' ଚାହାଣୀରେ କିଛି ବାରଣ ଥିଲା । ସେ ଗୋଟେ ଛୋଟ ପକେଟ୍ ଡାଇରୀ କାଢିନେଇ ବାକ୍ସକୁ ଜଲ୍‌ଦି ବନ୍ଦ କରିଦେଲା । ପୁଣି ମତେ ଚାହିଁଲା ।

ମୁଁ ତାର ମନ ଶାନ୍ତ କରିବା ପାଇଁ ଚା ଯାଚିଲାରୁ ସେ ମନାକଲା । ମୁଁ ଚା' ବାଲାଠାରୁ କପେ ମାତ୍ର ଚା' ନେଇ ଶହେ ଟଙ୍କିଆ ନୋଟ୍ ବଢ଼େଇଲାରୁ ସେ ମନା କରିଦେଲା । ମୁଁ ତାହାକୁ ଅମର ପାଖରେ ଭଙ୍ଗାଇବାକୁ ଚାହିଁଲି, କାରଣ ମୋ' ପାଖରେ ରେଜା ପଇସା ନଥିଲା । ଅମର ତା' ଶାର୍ଟ ପକେଟରୁ ପଛପଟକୁ ହାତ ପୂରାଇ ବିଡାଏ ନୋଟ୍ କାଢିଲା ଏବଂ ସେଥିରୁ ଦଶଖଣ୍ଡ ଦଶଟଙ୍କିଆ ମୋ' ଆଡକୁ ବଢ଼େଇଦେଲା । ଶହେ ଟଙ୍କିଆଟାକୁ ଭିତରପଟ ପକେଟ୍‌ରେ ପୁରାଇନେଇ ସେ ସାମ୍ନାପଟରୁ ଗୋଟେ ସେଫ୍‌ଟିପିନ୍ ମାରିଦେଲା । ମୁଁ ତାକୁ ମନେ ମନେ ଖୁବ୍ ତାରିଫ କଲି । ଚା'ଟା ପିଉପିଉ ମୁଁ ତାକୁ ପଚାରିଲି ଯାହା ସେ ଶୁଣିପାରିଲା ନାହିଁ ବୋଧହୁଏ ଏବଂ ସେ ତାର ଏପରି ଉତ୍ତର ଦେଲା ଯାହା ମୁଁ ସ୍ପଷ୍ଟ ଶୁଣିପାରିନଥିଲି । ସେତେବେଳେ ଟ୍ରେନ୍‌ଟା ଗୋଟେ ବ୍ରିଜ୍ ଉପରେ ଯାଉଥିଲା । ମୁଁ କିଛି ନବୁଝିପାରି, 'ସରି' କହି ତା' ମୁହଁକୁ ଚାହିଁବା ବେଳେ ଦେଖିଲି ସେ ମୋ' କଥା ଶୁଣିବା ପାଇଁ ଆଗ୍ରହୀ ନୁହେଁ ।

ଏଥର ମତେ ତା'ର ମୁହଁ ଘୋଡା ମୁହଁ ପରି ଦେଖାଗଲା । ଲୋକଟାର ମୁହଁ ସତରେ ଦୀର୍ଘ, ଥୋମଣି ଲମ୍ବା ଏବଂ କାନ ତେରଛା । ଆଖିରେ ଲେଞ୍ଜେରା । ନାକରେ ଜିଭ ପଶିଯିବା ପରି କଣା । ସେ ଗୋଟେ କିଛି ଆସ୍ତେ ପାକୁଳି କରୁଛି । ଆଖି ଅଧା ଅଧା ବନ୍ଦ ହୋଇ ଆସୁଛି । ତାକୁ ହାଲିଆ ଆଉ ଶୀତୁଆ ଲାଗୁଛି । ସେ କଫି ବରାଦକରି

Digitized by srujanika@gmail.com

ପିଇବାକୁ ଲାଗିଲା । ପିଇସାରି ଟ୍ରେ'ଟାକୁ ଗୋଡପାଖକୁ ରଖିଲା । ସେତିକିବେଳେ ମୁଁ ଦେଖିଲି ତା' ବାଁପଟ ଗାଲରେ ଗୋଟେ କଳାଦାଗଟିଏ ସ୍ପଷ୍ଟ ହୋଇଉଠୁଛି । ନିଶ ଉପରକୁ ନାକ କଡକୁ, କଳା ଛୋଟ୍ କିସ୍‌ମିସ୍ ପରି ଫୁଲା ଏକ ଚିହ୍ନ । ସେ ଷ୍ଟେଓ୍ୱାର୍ଡକୁ କମ୍ବଳଟିଏ ମାଗି ଘୋଡାଇହୋଇ ବସିଲା । ସେ ନିଜ ସହିତ ବାକ୍ସକୁ ମଧ୍ୟ ସେଇ କମ୍ବଳରେ ଘୋଡାଇ ଧରିଲା । ମତେ ଲାଗିଲା ତାକୁ ଜର ହୋଇଥିବ ଏବଂ ବାନ୍ତି ମଧ୍ୟ ଲାଗୁଥିବ । ତାର ଆମବିକ ଡିସେଣ୍ଟ୍ରି ଥାଇପାରେ । ସେ ହଠାତ୍ କାଶିବାକୁ ଆରମ୍ଭ କଲା । ମୁହଁ ଆଗରେ ହାତକୁ ମୁଠାକରି ଧରିଲା । ମା' ମନେ ପକାଇଥିଲା ବୋଲି ଭାବିଲା ଅମର । ମେଞ୍ଚାଏ କଫ ତା' ହାତକୁ ଛିଟିକି ଆସିଲା ଯାହା ସେ ଇଣ୍ଡିଆନ୍ ରେଲୱେର କମ୍ବଳରେ ପୋଛିଲା । ତାପରେ ପୁଣି ଆଖି ବନ୍ଦ କରି ଶୋଇବାର ପ୍ରୟାସ କଲା । ତାର ଆଖିପତା ବନ୍ଦ ହେଲା ତ ଦୃଶ୍ୟଟିଏ ଜୀବନ୍ତ ହେଲା । ସେ ଯାହା ଭାବୁଥିଲା ତାହା ମତେ ଦିଶିଯାଉଥିଲା ।

ପ୍ରଥମେ ସେ ଭାବିଲା ତା' ମା' କଥା । ମା'ର ଫଟା ପାଦ, ମାଛଆଖିଆ, ତା' ଗୋଡ, ଅଣ୍ଟାବିନ୍ଧା, ମୁଣ୍ଡବ୍ୟଥା ଆଉ ଦୁର୍ବଳତା ହେତୁ ଅନ୍ୟାନ୍ୟ ପୀଡାମାନ । ସେ ମା'କୁ ତା'ର କିଛି ବି ସାହାଯ୍ୟ କରିପାରି ନଥିଲା । ପୁଅ ବାହାହେଲେ ଯାଇ ମା'କୁ ସାହାଯ୍ୟ ମିଳେ । ମାତ୍ର ଏପରି ନିୟମ ପାଳନ କରିବା ପରି ଆଜ୍ଞାଧୀନ ହେବା ଅମର ପକ୍ଷରେ ଏବେ ସମ୍ଭବ ନୁହେଁ ।

ତା'ପରେ ତା'ର ମନେ ପଡ଼ିଲା ମିତା ଦେଇଥିବା ଚିଠି ଯାହାର ଉତ୍ତର ଦେବା କେବଳ ଦୁର୍ବଳତା ସୂଚାଇଥାନ୍ତି । ମିତା ଏକ ସମ୍ପୂର୍ଣ୍ଣ କଳ୍ପନାର ଅବତାର । ତାର ଚିଠି ବି ହୁଏତ ସମ୍ପୂର୍ଣ୍ଣ କଳ୍ପନାପ୍ରସୂତ ଆତ୍ମୀୟତାର ଉଦ୍ଭଟ ସମ୍ଭାର । ଆବେଗର ଅନୁରୋଧରେ ସିକ୍ତ କଣ୍ଠରୁଦ୍ଧ ସ୍ୱାଭିମାନର ଆମୋଦ । ମିତା ବି ହୋଇପାରେ କେବଳ ଏକ ଉଷ୍ଣ ଅଶ୍ଳୀଳ ସ୍ୱପ୍ନର ଅନ୍ତରଙ୍ଗ ଆଳାପ ।

* * * * * *

ମିତାଠାରୁ ଲୁଚାଇ କେବଳ ମା' କଥାରେ ନାହିଁ ନକରି ପାରି ଦି'ଦିନ ତଳେ ଦି'ଟା ଝିଅ ଦେଖିବାକୁ ଯାଇଥିଲା ଅମର । ଏଠି ଝିଅଦେଖା ଗୋଟେ ଗୋଟେ ପର୍ବ ପରି । ସକାଳେ ଦେଖାହେଲା ସୁମିତ୍ରା ପଟ୍ଟନାୟକ ଏବଂ ଉପରଓଳି ସଂଯୁକ୍ତା ମହାନ୍ତି । ଦୁଇଜଣ ଯାକ ଝିଅ ଏ ପର୍ଯ୍ୟନ୍ତ କିପରି ବାହା ନହୋଇ ରହିପାରିଲେ, ତାହା ଥିଲା ବଡ଼ ଆଶ୍ଚର୍ଯ୍ୟର କଥା ।

ସକାଳେ ସୁମିତ୍ରାକୁ ସିଧାସଳଖ ପସନ୍ଦ କରି ହୋଇ ନଥିଲା କାରଣ ଉପରଓଳି ଆଉ ଠାଏ ଦେଖିବାର ଥିଲା । ସଂଯୁକ୍ତାକୁ ଦେଖିବା ପରେ ସୁମିତ୍ରା କଥା ଭାବିବାର ସୁଯୋଗ ନଥିଲା । କିନ୍ତୁ କୌଣସି ଏକ ଅଜଣା କାରଣରୁ ସଂଯୁକ୍ତା ମଧ୍ୟ ହଠାତ୍ ପସନ୍ଦ କରି ଆପଣାଇବା ଅସମ୍ଭବ କଥା । ଅମରର ଦି' ଦି'ଟା ଜାଗାରେ ଭଲ ଝିଅଙ୍କୁ ନାପସନ୍ଦ

Digitized by srujanika@gmail.com

କରିବାଟା ମା'କୁ ବଡ଼ ଚିନ୍ତାରେ ପକାଇଥିଲା । ଏବେ ଏଠାରେ ବର୍ତ୍ତମାନ କିଏ ସୁମିତ୍ରା କିଏ ସଂଯୁକ୍ତା ତାହା ମଧ୍ୟ ନିର୍ଦ୍ଦିଷ୍ଟ ଭାବେ କହିପାରିବା କଷ୍ଟକର ଅମର ପକ୍ଷରେ । ତାସ୍ ମୁଠା ପରି ଫେଣ୍ଟି ହୋଇଯାଇଛି ଦି'ଟା ଝିଅଙ୍କର ମୁହଁ ।

ସୁମିତ୍ରାକୁ ସେ ମା'ର ଆଖିନେଇ ଦେଖିଥିଲା । ତେଣୁ ତାକୁ ପସନ୍ଦ କରିବା ସମ୍ଭବ ନୁହେଁ । ସଂଯୁକ୍ତା ଏତେ ସୁନ୍ଦର ଭାବରେ ସଜେଇ ହୋଇଥିଲା ଯେ ପନ୍ଦର ବର୍ଷ ପରେ ସେ କିପରି ଦିଶିଥାନ୍ତା ସେକଥା କଳ୍ପନା କରିବା ଆମର ପକ୍ଷରେ ଅସମ୍ଭବ ଥିବାରୁ ସେ ତା' ପ୍ରସ୍ତାବରେ ମଧ୍ୟ ହଁ କରିପାରିନଥିଲା । ଦୁଇଜଣଯାକ ଏତେ ପସନ୍ଦଯୋଗ୍ୟ ଥିଲେ ଯେ ସେମାନଙ୍କ ଭିତରୁ କେବଳ ଜଣକୁ ବାଛିବାରେ ଅସମର୍ଥ ହୋଇଥିବାରୁ ଅମର ନିଜକୁ ଧନ୍ୟ ମଣିଲା । ଦୁଇଜଣଙ୍କୁ ଅଲଗା ଅଲଗା ଦେଖିବାବେଳେ ସେ କାହାରିକି କିଛି ବି ପ୍ରଶ୍ନ କରିପାରି ନଥିଲା । ପ୍ରଶ୍ନ କରିଥିଲେ ମଧ୍ୟ ତା'ର ଉତ୍ତରର ସତ୍ୟାସତ୍ୟ ପରୀକ୍ଷା କରିବାର ଆଗ୍ରହ ତା' ନିକଟରେ ନଥିଲା । କିମ୍ବା ସେ କିଛି ପଚାରିବା ଦରକାର ମନେ କରୁ ନଥିଲା କାରଣ ସେ ଯାହା ପଚାରି ବୁଝିବାର ଥିଲା ତାହା ତାକୁ ଆଗରୁ ଜଣାଥିଲା ।

ସୁମିତ୍ରା ଭାବିଥିଲା ଯେ ଅମର ତାକୁ ହିଁ ବିବାହ କରିବ କାରଣ ସେ ତା' ଆଡକୁ ଚାହିଁ ତାକୁ ପସନ୍ଦ କରିବା ଭଙ୍ଗୀରେ ହସିବାର ସେ ନିଜେ ଦେଖିଛି । ଅମରର ହସ ହସ ମୁହଁ ଦେଖି ସୁମିତ୍ରା ତାକୁ ପସନ୍ଦ କରିବାର ନିଷ୍ପତ୍ତି କରିଥିଲା । ଏପରି ଯୋଗ୍ୟପାତ୍ର ତାକୁ ଆଉ ମିଳି ନଥାନ୍ତା ଭାବି ସେ ତା' ଆଡକୁ ଲାଗି ଆସି ବସିଲା ଏବଂ ନିଜେ ଉତ୍ତର ଦେବା ପରିବର୍ତ୍ତେ ପ୍ରଶ୍ନ କରିବାକୁ ଆରମ୍ଭ କରିଥିଲା । ସୁମିତ୍ରାର ଫଟୋ ଏବେବି ଅମର ପାଖରେ ଅଛି । କାହିଁକି ଅଛି ସେକଥା ଅମରର ମନେ ନାହିଁ । ସୁମିତ୍ରାର ମୁହଁରୁ କୃତ୍ରିମ ହସତକ ଛଡାଇଦେଲେ ତାର ଫଟୋ କାଗଜ ପରି ତୁଚ୍ଛ ହୋଇଯିବ । ତା' ବେକର ସୁନାହାରରେ ଅଳଙ୍କାର ପ୍ରତି ତାସଲ୍ୟ ଭରିଛି । ତା' ଆଖିର କଜ୍ଜ୍ୱଳରେ ଦୁରନ୍ତ ଅନ୍ଧାର । ତା' ମୁହଁର ସୌନ୍ଦର୍ଯ୍ୟବୋଧ କଳାକାରର କଳ୍ପନାପ୍ରସୂତ ଏବଂ ସୁସଜ୍ଜିତ । ତାକୁ ନେଇ ଘର ସଜାଇବା ବ୍ୟତୀତ ଅମର ଆଉ କ'ଣ ଅଧିକ କରିପାରେ । ତା'ପରେ ଅମର ଯେବେ ନିଜ ମୁଖର ଚିତ୍ର ସହିତ ସୁମିତ୍ରାର ଚିତ୍ରକୁ ତୁଳନା କରିବ ସେତେବେଳେ ସବୁ ପ୍ରକାର ବିଡମ୍ବନାର ସୂତ୍ରପାତ ଘଟିବ । ନିଜ ମୁହଁକୁ ଖୁବ୍ ଇତର, ଅସୁନ୍ଦର ମନେ କରୁଥିବା ଅମରର ସ୍ଥୂଳ ବିଚାରରେ ସୁମିତ୍ରାର ସୁଗଠନ ତାକୁ ଅନୁପଯୁକ୍ତ କରିପକାଇଥିଲା । ତାପରେ ଅମରକୁ ଘୋଡାମୁହାଁ ପୁରୁଷ ହିସାବରେ ଆମେ ଆଗରୁ ବିଚାର କରିସାରିଛୁ, ତେଣୁ ଆଉ ଅଧିକ କ'ଣ କୁହାଯାଇପାରେ ? 'ମାଙ୍କଡ ହାତରେ ଶାଳଗ୍ରାମ ।' ସୁମିତ୍ରା ଗୋରୀ, ସୁନ୍ଦରୀ, କରଣ ରମଣୀ ଯାହାର ଏମ୍‌ବିଏ ଡିଗ୍ରୀ ମଧ୍ୟ ଅଛି । ପାଞ୍ଚଫୁଟ୍ ପାଞ୍ଚଇଞ୍ଚ ଉଚ୍ଚତା ସହିତ ଏକାବନ କିଲୋଗ୍ରାମ ଓଜନର ଶରୀର । ଛାତି ଛତିଶ । ଅଣ୍ଟା ଚବିଶ ଓ ନିତମ୍ବ ଅଠତିରିଶ । ବୟସ ପଚିଶ ପାର ହୋଇଯିବଣି । ଆଉ ଟିକେ ପାଖରୁ ଦେଖିଲେ ଆଖି

Digitized by srujanika@gmail.com

ଧୋକା ଖାଇଯାଇପାରେ । ସେ ଖୋଜୁଛି ତା' ମନ ମୁତାବକ ଯୁବକଟିଏ ବାହା ହେବା ପାଇଁ । ନା, ବରଂ ଜୀବନସଙ୍ଗୀ, ଯେପରି ଟାଇମସ୍ କ୍ଲାସିଫାଏଡ୍‌ରେ ଥରେ ତା' କାକା ଛପାଇ ଦେଇଥିଲେ, "କମ୍ପ୍ୟୁଟର ପାଠୋଇ, ରନ୍ଧା ଜାଣିଥିବା, କେକ୍ କରିପାରୁଥିବା, ଚିତ୍ର ଆଙ୍କି ଜାଣିଥିବା, ସ୍ୱେଟର ବୁଣିପାରୁଥିବା, ସ୍ମାର୍ଟ ଘରୋଇ ଝିଅ ପାଇଁ ଉପଯୁକ୍ତ, ସୁଅବସ୍ଥାପିତ, ମୋଟା ଅର୍ଥ ଉପାର୍ଜନକାରୀ, ବ୍ୟାପାରୀ ବା ଚାକିରିଆ ବା ସେହିପରି ଆଉ ଅନ୍ୟ ଯୋଗ୍ୟପାତ୍ର ଆବଶ୍ୟକ । ଫଟୋ ଜାତକ ସହିତ ଆବେଦନ କରନ୍ତୁ ।"

ଖାସ୍ ଏସବୁ କାରଣ ପାଇଁ ଅମର ନିଜକୁ ଅଯୋଗ୍ୟ ମନେ ନକଲେ ମଧ୍ୟ ନିଜର ଘୋଡାପରି ଲମ୍ବିଯାଇଥିବା ମୁହଁର ଆକୃତି ଯୋଗୁଁ ନିଜକୁ ଓହରାଇ ଆଣିଥିଲା । ସୁମିତ୍ରା ସହିତ ସଂଯୁକ୍ତ ହୋଇ ନିଜର ମୁହଁର ଭାଗମାପକୁ ନେଇ ନିଜର କୁତ୍ସିତ ଚେହେରାକୁ ପ୍ରତିଷ୍ଠା କରିବାର କୌଣସି ଆବଶ୍ୟକତା ନଥିଲା । ସ୍ୱାମୀ ସ୍ତ୍ରୀ ଭାବରେ ସେମାନେ ମ୍ୟାଚ୍ ହୋଇନଥାନ୍ତେ । ଲୋକେ କହିଥାନ୍ତେ କ'ଣ ନାହିଁ କ'ଣ ! ବଖାଣିଥାନ୍ତେ ଗଳ୍ପକରି - ଦେଖହୋ, ଏଡେ ସୁନ୍ଦର ଝିଅଟାକୁ ଗୋଟେ ଘୋଡା ମୁହାଁ ସାଥିରେ ଛନ୍ଦି ଦେଲେ । ବିଉଟି ଏଣ୍ଡ ଦି ବିଷ୍ଟର ପୁନରାବୃତ୍ତି । ସେଦିନ ସକାଳୁ ସକାଳୁ ସୁମିତ୍ରାର ମୁହଁ ଖୁବ୍ ସ୍ୱଚ୍ଛଳ ଦିଶୁଥିଲା । ପାଖରେ ବସି ସେ ତଳକୁ ଚାହିଁ ଚାହିଁ ସେ ଏକ ସୁନ୍ଦର ଭବିଷ୍ୟତର କଳ୍ପନାରେ ମଜ୍ଜି ଯାଇଥିଲା । ଅମର ତାକୁ କିଛି ନପଚାରି ଚୁପ୍‌ଚାପ୍ ସେମିତି ଲକ୍ଷ୍ୟ କରୁଥିଲା । ଅମରର ନୀରବତା ଦେଖି ବହୁ ସମୟ ପରେ ସୁମିତ୍ରା ତାକୁ ପଚାରିଲା, "ଆପଣଙ୍କୁ କେମିତି ଝିଅ ଭଲଲାଗେ ।" ବାସ୍,ସେତିକିରେ ଝିଅ ଦେଖା ପର୍ବର ପରିସମାପ୍ତି । ଅମର କହିପାରି ନଥିଲା ଯେ, 'ଠିକ୍ ତୁମରି ପରି' ।

ଫେରିଗଲାବେଳେ ବାଟରେ ମା' ପଚାରିଲା ତା'ର ପସନ୍ଦ ଅପସନ୍ଦ କଥା । ଅମର କହିଲା, "ସବୁ ଠିକ୍ ଅଛି ଯେ ହେଲେ ସେ ତା' ପରି ନୁହେଁ । ତୋ' ବୋହୂ ହେବାର ଯୋଗ୍ୟତା ତା'ର ନାହିଁ ।" ଏତିକିରୁ ମା' ବୁଝିଗଲା ଅମରର ମନକଥା ।

* * * * * *

ଉପରଓଳି କଥା ନକହିଲେ ଭଲ ବୋଲି ମନେ କରୁଥିଲା ଅମର । ସଂଯୁକ୍ତାର ଯୋଗ୍ୟତା ଉପରେ ପ୍ରଶ୍ନବାଚୀ ଲଗାଇବାର କାରଣ ଥିଲା ଠିକ୍ ସେଇମିତି ତା'ର ଅତ୍ୟଧିକ ଯୋଗ୍ୟତା ବା ଓଭର କ୍ୱାଲିଫିକେସନ୍ । ଯେପରି ଅଧିକ ପାଠପଢୁଆ ଲୋକକୁ କମ୍ ଯୋଗ୍ୟତାର ଚାକିରୀ ପାଇଁ ବିଚାରକୁ ନିଆଯାଏ ନାହିଁ । ସଂଯୁକ୍ତା ଏକ ସ୍ୱାଭିମାନୀ, ସ୍ୱାଧୀନ ଚେତା ଖୋଲୁଆଡ ମନୋବୃତ୍ତିର ସୁନ୍ଦରୀ ଯୁବତୀ । ତାକୁ ନେଇ ଗବେଷଣା କରାଯାଇପାରେ । ହୁଏତ ସେ ନାରୀ ଜାଗରଣ ନୂତନ ଆଦର୍ଶର ଜୀବନ୍ତ ପ୍ରତୀକ । ତାକୁ ନେଇ ବୋହୂବୋହୂକା ଖେଳ ଖେଳି ହେବନି, ହିନ୍ଦୀ ସିନେମା ଯାଇ ହେବନି କିମ୍ବା ଅକସ୍ମାତ ଗର୍ଭଧାରଣ କରିବାର ଯୋଜନା କରିହେବ ନାହିଁ । ପରିବାରର ଏକମାତ୍ର ଅଲିଅଳୀ

Digitized by srujanika@gmail.com

ଝିଅ ସଂଯୁକ୍ତାକୁ ପୋଷା ମନାଇ ହେବନି କିମ୍ବା ପଞ୍ଜୁରୀରେ ବନ୍ଦ କରିହେବନି । ସେ ବି ତା' ମା' ପାଇଁ ଉପଯୁକ୍ତ ବୋହୂ ହୋଇନପାରେ ।

ଅମର ତାକୁ ଦେଖିବାକୁ ଆସିଛି ବୋଲି ଖାତିର ନାହିଁ । ପିନ୍ଧିଛି ଜିନସ୍‌ର ଚିପା ପ୍ୟାଣ୍ଟ ଯାହା ଜଙ୍ଘର ରଙ୍ଗକୁ ଘନନୀଳ କରି ତୋଳିଛି । ତା ତଳକୁ ଆଣ୍ଠୁ ପାଖରେ ପୁଳାଏ ଦରଛଡା ରଙ୍ଗ । ଦେହରେ ହାଲ୍‌କା ଛୋଟ ଅତ୍ୟାଧୁନିକ ରଚିର ଗୋଲାପି ବ୍ଲାଉଜ୍ । ଓଠରେ ବହଳ ଜାମୁକୋଳି ରଙ୍ଗର ଲିପ୍‌ଷ୍ଟିକ୍, ନଖରେ ନୀଳ ନେଲ୍‌ପଲିଶ୍, ବାଳ କଟାହୋଇ ଝୁମ୍ପୁରା, କାନ୍ଧ ଛୁଉଁନି ତାର ଲମ୍ବ । ସାମ୍ପୁକରାହୋଇ ଝଲମଲ୍ କଳା । ଦେହରୁ ଛୁଟୁଛି ଫ୍ରେଞ୍ଚ ପରଫ୍ୟୁମ୍ । କଥାକଥାକେ ଇଂରାଜୀ ହିନ୍ଦୀ ମିଶା ଭାଷାର ବ୍ୟବହାର । ଦାନ୍ତ ଦେଖାଇ ହିଁ ହିଁ ହସୁଛି । କେଜାଣି କାହିଁକି ତାର ଲାଜସରମ କୁଆଡେ ଉଭେଇ ଯାଇଥିଲା ।

ଅମରର ଆଖି ତା'ର କାନ୍ଧଦେଇ ଛାତି ଓ ଅଣ୍ଟାକୁ ଓହ୍ଲାଇଲା । ଗୋଲାପି ରଙ୍ଗର ପନ୍ଦର ଇଞ୍ଚିଆ ମିନି ବ୍ଲାଉସ୍ ତଳେ କଳା ରଙ୍ଗର ଅନ୍ତର୍ବାସ । ବ୍ଲାଉଜ୍ ଯେଉଁଠି ସରିଯାଇଛି ଅଥଚ ପ୍ୟାଣ୍ଟ ଆରମ୍ଭ ହୋଇନି ସେଇଠି ତାର ଗୋଲାପି ଦେହରୁ ଦିଶୁଛି ଦୁଇ ଇଞ୍ଚ । ସେଇଠି ଛୋଟ ନାହି ବି କୁନି ମଲ୍ଲୀକଢିଟିଏ ପରି ଦିଶୁଛି । ଏତେ ବେଶୀ ଆଧୁନିକା ଯୁବତୀ ଦେଖି ଶଙ୍କି ଯାଇଥିଲା ଅମର । ଅମରକୁ ଲାଗିଲା ସଂଯୁକ୍ତା ଖୁବ୍ ଦୁଃସାହସୀ ଯୁବତୀ ଯିଏ ଦରକାର ପଡ଼ିଲେ ଘୋଡା ସବାର କରିପାରେ । ସେ ଅମର ସହିତ ହ୍ୟାଣ୍ଡସେକ୍ କଲା ଏବଂ ମା'ଙ୍କୁ ଅତି ସାଧାରଣ ନମସ୍କାର ଜଣାଇଲା । ସୋଫା ଦେଖାଇଦେଇ ବସିବା ପାଇଁ ଆଦେଶାତ୍ମକ ଅନୁରୋଧ କଲା । "ପ୍ଲିଜ୍ ବସନ୍ତୁ । ଆପଣ କ'ଣ ପିଇବେ ? ଥଣ୍ଡା ନା ଗରମ ? ନା ଆଉ କିଛି ଡ୍ରିଙ୍କସ୍ ?" ସେ କଥା ଶୁଣି ଅମର ଚମକିଗଲା । ସେ କୌଣସି ପ୍ରକାରର ରଙ୍ଗୀନ ପାନୀୟ ପିଏ ନାହିଁ । ଏପରିକି ଦୁଇଥରରୁ ଅଧିକ ଚା କଫି ମଧ ନୁହେଁ । ତାର ମୃଦୁପାନୀୟ ମଧ ଅଭ୍ୟାସ ନାହିଁ । ସେ କେବଳ ପାଣି ଓ ଦୁଧ ବିନା ଦ୍ୱିଧାରେ ପିଇପାରେ । ଏଠାରେ ତାକୁ ଏକ ଅତ୍ୟାଧୁନିକ ଯୁବତୀ ଅଜଣା ପାନୀୟ ଯାଚୁଛି ।

ତା' ମୁହଁଟା ଆହୁରି ଲମ୍ବୁତା ଲାଗିଲା । ଘୋଡାମୁହଁଠାରୁ ଅଧିକ ଲମ୍ବା । ନାକଟା ଗ୍ଲାସର ତଳପରି । କାନ ଦୁଇଟା ଠିଆଠିଆ । ଆଖିର ପତା ପର୍ଦାପରି ତଳକୁ ଝୁଲୁଛି । ବେକଟା ଜିରାଫ ବେକପରି ଦୀର୍ଘ । ସେ ଶବ୍ଦମାନଙ୍କୁ ପାକୁଳିକରି କହିଲା – "ପାଣି ପିଇବି ।"

"ନା, ନା, ପାଣି ନୁହେଁ କୋକ୍ ପିଅନ୍ତୁ । ରାମୁକାକା, ଗୋଟେ କୋକ୍ ଖୋଲି ଗ୍ଲାସ୍‌ରେ ଆଣି ମୋ' ରୁମ୍‌କୁ ଆସ । ଚାଲନ୍ତୁ ମୋ' ରୁମ୍‌କୁ ଯିବା । ଡାଡି ଇଭିନିଂ ୱାର୍କରେ ଯାଇଚନ୍ତି ଆଉ ଦଶ ମିନିଟ୍ ପରେ ଆସିବେ । ସେତେବେଳଯାଏ ଆମେ ମୋ' ରୁମ୍‌ରେ ବସି ଗପିବା, ଲେଟସ୍ ଗୋ ।"

Digitized by srujanika@gmail.com

ଯା' ପରେ ଅଧିକ କିଛି କହି ନପାରି ଅମର ସଂଯୁକ୍ତାର ଅନୁରୋଧରେ ଯନ୍ତ୍ରବତ୍ ତାର ଉପର ମହଲାରେ ଛୋଟ ଏକ ସୁନ୍ଦରିଆ ରୁମ୍‌ରେ ପ୍ରବେଶ କଲା ।

ସଂଯୁକ୍ତା ଆଗେ ଆଗେ ଓ ଅମର ପଛେ ପଛେ । "କଲ ମି ସଂଯୁ", କହିଲା ସଂଯୁକ୍ତା । ଅମର ସଂଯୁ କୁ ପଛପଟୁ ଦେଖିଲା । ଏତେ ଆଧୁନିକ ଚେହେରା ସେ ବିଦେଶରେ ବି ଦେଖି ନଥିବ । ଦେହର ରଙ୍ଗ ଚକ୍‌ଚକ୍ ଗୋରା । ନାହିଁ ଅଳଙ୍କାରର ନାଁ ଗନ୍ଧ । ଦେହରୁ ଛିଟିକୁଛି ଏକ ଅଦ୍ଭୁତ ବାସ୍ନା, ଫ୍ରେଞ୍ଚ୍ ପରଫ୍ୟୁମ୍ ପରି ଲାଗୁଛି । ନାକରେ ଅମରର ଭରି ଯାଇଛି ସୁଗନ୍ଧିର ସମୁଦ୍ର । ସେ ଆକୃଷ୍ଟ ହେଉଛି ।

ସଂଯୁକ୍ତା କହିଲା, "ମୋର ବି ଆପଣଙ୍କ ପରି ରିସର୍ଚ୍ଚ କରିବାକୁ ଇଚ୍ଛାଥିଲା ଯେ ଡାଡି କହିଲେ, ଏତେ ପାଠପଢି କ'ଣ ହେବ ? ଶେଷକୁ ତ ବାହାହୋଇ ଘର ସଂସାର କରିବାକୁ ହେବ ।"

"ହଁ, ସେ କଥାବି ସତ ।" ଅନିଚ୍ଛାରେ କହିଲା ଅମର ।

ତା'ପରେ କିଛି ନଭାବି ନଚିନ୍ତି ସଂଯୁକ୍ତା କହିଲା, "ଡାଡ୍ ଆପଣଙ୍କ ଆଚିଭ୍‌ମେଣ୍ଟ ଦେଖି ଖୁବ୍ ଇମ୍ପ୍ରେସଡ୍ ହୋଇଛନ୍ତି, ନହେଲେ ସେ ଆପଣଙ୍କ ପ୍ରସ୍ତାବରେ ସହଜରେ ରାଜି ହୋଇନଥାନ୍ତେ । ଅବଶ୍ୟ ଆପଣଙ୍କ ପରି ସ୍କଲାର ମିଳିବା ସହଜ ନୁହେଁ । ଆପଣ ଏତେ ଦିନ ବିଦେଶରେ ରହିଲେ ପୁଣି ସେଠୁ ଏକାହୋଇ ଫେରିଲେ, ଇଏ କିଛି କମ୍ କଥା ନୁହେଁ । ମମି ଅବଶ୍ୟ ମୂଳରୁ ରାଜି ନଥିଲା ହେଲେ ଆପଣଙ୍କୁ ଦେଖିବାପରେ ସେ ବି ରାଜି ହୋଇଯିବ ମୁଁ ଭାବୁଛି । ହେଲେ ଆପଣ ସେଠୁ ଫେରିଲେ କାହିଁକି ଇଣ୍ଡିଆକୁ ?"

"ମା' ପାଇଁ ଫେରିବାକୁ ପଡ଼ିଲା ।"

"କ'ଣ ହୋଇଛି ମା'ଙ୍କର ?"

"କିଛି ନାହିଁ, ଏକୁଟିଆ, ଦୁର୍ବଳତା ଏବଂ ଭୟ । ସବା ଉପରେ ମତେ ବାହା କରେଇଦେବାର ଦାୟିତ୍ୱବୋଧ ।"

"ଓ, ବାସ୍ ଏତିକି କଥା.."

"ହଁ", ସଂକ୍ଷିପ୍ତ ଉତ୍ତର ଦେଲା ଅମର ।

"ଜାଣିଛନ୍ତି ଜ୍ୟୋତିଷ କ'ଣ କହିଛି ?"

"କ'ଣ ?" ପଚାରିଲା ଅମର ।

"ଯେ ମୋର ଖୁବ୍ ଭଲ ଲୋକ ସହିତ ବାହାଘର ହେବ । ସଚ୍ଚାଲୋକ, ଦିଲ୍‌କା ସଚ୍ଚା ।"

"ଆପଣ କ'ଣ ଭାବୁଛନ୍ତି ?"

"ଆପଣଙ୍କ ମୁହଁ ଦେଖିଲେ ଆପଣଙ୍କ ଭିତରଟା ଦିଶୁଛି ।"

ଅମରକୁ ଏହା ଶୁଣି ଅପଦସ୍ଥ ଲାଗିଲା । ସେ ଝାଳେଇଗଲା, ତାକୁ ଲାଗିଲା କିଏ

Digitized by srujanika@gmail.com

ଗୋଟିଏ ଅଜଣା ଯୁବତୀ ତା ଭିତରଟାକୁ ଦେଖିପକାଉଛି । ତାକୁ ହ୍ରେସାରବ ଶୁଣାଗଲା । ହିନ୍‌ହିନ୍‌ର ପ୍ରତିଧ୍ୱନି । ଏତିକିବେଳେ ରାମୁ କୋକ୍ ଦେଇଗଲା ।

ସଂଯୁକ୍ତା କହିଲା, "ମୁଁ ଭାବୁଛି, ଆପଣ ମୋ' କଥାରେ ଏକମତ ।" ଏତିକି କହି ସେ ତା'ର ଗୋଟେ ଫଟୋ ଆଲ୍‌ବମ୍ ଆଣି ଅମରକୁ ଦେଖାଇଲା । ସେଥିରେ ସଂଯୁର ଫଟୋ ଜନ୍ମଠାରୁ ଆଜିପର୍ଯ୍ୟନ୍ତ ରହିଛି । ଅମର ଦେଖିଲା ତାର କ୍ରମବିକାଶ ।

ତା'ପରେ ସଂଯୁକ୍ତା ତା' ସ୍କୁଲ୍ ବେଳର ଗୋଟେ ପୁରୁଣା ଗ୍ରୁପ୍ ଫଟୋ ଦେଖାଇ କହିଲା, "ଏଇଟା ଯେତେବେଳେ ମୁଁ ଷ୍ଟାଣ୍ଡାର୍ଡ ଫୋର୍‌ରେ ପଢୁଥିଲି । ଦେଖି ମତେ ଚିହ୍ନିଲେ । ଆପଣ ତ ଏତେ ଭଲ ଜଣେ ଗବେଷକ ।"

ଅମର ଗ୍ରୁପ୍ ଫଟୋକୁ ଭଲକରି ଦେଖିଲା ଏବଂ ପୁଣି ମୁହଁ ଉଠାଇ ସଂଯୁର ମୁହଁକୁ ଲକ୍ଷ୍ୟ କଲା । କହିଲା– "ପାରିବିନି; ପ୍ରଜାପତିକୁ ଦେଖି ତାର ସମ୍ବାଳୁଆ ଅବସ୍ଥାକୁ ଚିହ୍ନିବା ମୋ ପରି ଲୋକ ପକ୍ଷରେ ଅସମ୍ଭବ ।"

ଏତିକିରେ ଡାଡି ଆସିଲେ ଏବଂ ଅମରର ମା'ଙ୍କ ସହିତ କଥା ହେଲେ । ସେମାନଙ୍କ ଆଳାପ ସନ୍ତୋଷଜନକ ମନେହେଲା । ସଂଯୁ ଓ ଅମର ତଳକୁ ଆସି ଅଳ୍ପ ସମୟ ସେମାନଙ୍କ ସହିତ ବସିଲେ । ସେତେବେଳେ ସେମାନେ ଚୁପ୍‌ଚାପ୍ ଥିଲେ । ତା'ପରେ ଅମର ଓ ମା' ଘରକୁ ଫେରିଲେ । ଫେରିବା ରାସ୍ତାରେ ମା'ର ମୁଣ୍ଡ ଖୁବ୍ ଜୋର୍‌ରେ ବିନ୍ଧୁଥିଲା ଏବଂ ତାର ଆଖି ବନ୍ଦ ହୋଇଯାଉଥିଲା । ସେ ସେଇମିତି ଆଖି ବନ୍ଦ କରି ପଚାରିଲା —

"ଝିଅଟି କେମିତି ଲାଗିଲା ?"

"ସବୁ ଭଲ ଯେ..."

"ତାହେଲେ ଏଇଠି କଥା ଦେବା ?"

"ନା ।"

ଆଶ୍ଚର୍ଯ୍ୟ ହୋଇ ମା' ଆଖି ଖୋଲି ଚାହିଁଲା । ପଚାରିଲା "ପୁଣି କ'ଣ ହେଲା ?"

"ସେ ତୋ ପରି ହୋଇପାରିବନି । ତୋ' ମନ ବୁଝିପାରିବନି । ମୋର ସ୍ତ୍ରୀ ହୋଇପାରେ ମାତ୍ର ତୋର ବୋହୂ ହୋଇପାରିବନି । ମୋର ତୋର ପରି ଝିଅଟିଏ ଦରକାର, ତୋର ବୋହୂ ହେବା ପାଇଁ ।"

"ଏମିତି ଝିଅଟେ ପୁଣି ମିଳିବ କେଉଁଠି ?"

* * * * * *

ଅମରର ମା' ସମସ୍ତଙ୍କ ମା' ପରି । ସବୁବେଳେ ତାକୁ ସେଇ ଛୋଟ ପିଲାଟିଏ ପରି ମା' ଆଖିରେ ଦେଖନ୍ତି । ସେଥିପାଇଁ ତ ତାକୁ ସବୁବେଳେ ପାଖରେ ଚାହାଁନ୍ତି । ଆଉ ଯଦି ତାକୁ କୁଆଡେ ଦୂରକୁ ଯିବାକୁ ହୁଏ ତେବେ ତାକୁ ଖୁବ୍ ଖରାପ ଲାଗେ । ଏକା

Digitized by srujanika@gmail.com

ଲାଗେ । ସେଇଥିପାଇଁ ତ ତାକୁ ଷ୍ଟେସନ୍‌ରେ ଛାଡ଼ିଦେବାକୁ ବି ଆସିଥିଲେ । ପିନ୍ଧିଥିଲେ ଗୋଟେ ସାଧାରଣ ଫିକା ରଙ୍ଗର ଶାଢ଼ୀ – ଆଜିକାଲିକା ଢଙ୍ଗରେ ନୁହେଁ, ପୁରୁଣା ମଧ୍ୟବୟସ୍କ ଠାଣିରେ ଯାହାକୁ ଗୁଡ଼ାଇ ହୋଇଥିବାର କହିଲେ ବରଂ ଠିକ୍ ହେବ । ପାଟିରେ ଖଇରଦିଆ ପାନ, ଦେହରେ ଧଳାରଙ୍ଗର ବ୍ଲାଉଜ୍, ଆଉ ପାଦରେ ନୀଳରଙ୍ଗର ଫିତାଲଗା ହାୱାଇ ଚପଲ । ବୟସ ମଧ୍ୟବୟସ୍କା ୫୫ ପରି – ସ୍ନେହୀ ଚେହେରା । ସେ ମା'ର ପାଦଛୁଇଁ ଗାଡ଼ିକୁ ଉଠିଲା । ମା'ର ଆଖି ଛଳଛଳ, ଅମରର ଗଳାରେ କୋହର ଗୋଟେ ବଡ଼ ଚାପା ଲହର । କବାଟ ପାଖରେ ଛିଡ଼ାହୋଇ ଅନେକ ସମୟ  ମା'କୁ ଚାହିଁଥାଏ । ଅନ୍ୟାନ୍ୟ ଯାଆଆସ କରୁଥିବା ଲୋକ ତା' ଉପରେ ବିରକ୍ତ ହେଲେଣି । ତଥାପି ତାର ସେଥିପ୍ରତି ଧ୍ୟାନ ନାହିଁ । ଟ୍ରେନ୍ ଯାଇ ଷ୍ଟେସନ୍ ପାର ହୋଇ ପ୍ଲାଟଫର୍ମ ଅଦୃଶ୍ୟ ହେଲା ପର୍ଯ୍ୟନ୍ତ ସେ ସେଇଠି ଠିଆ ହୋଇଥିଲା । ତା'ପରେ ସିଟ୍‌କୁ ଆସି ବସି ଚାରିପଟକୁ ଚାହିଁଲା । ମୋ' ମୁହଁକୁ ଚାହିଁଲା । ବନ୍ଧୁତାର ଆଭାସ ଅସ୍ପଷ୍ଟ ଥିଲା ।

ପଚାରିଲି "କ'ଣ ଦିଲ୍ଲୀ ଯାଉଛନ୍ତି ?"

"ହଁ – ଆପଣ ?"

"ମୁଁ ମଧ୍ୟ ।"

"କ'ଣ ଅଛି ? ପର୍ସନାଲ୍ ?"

"ହଁ, ସରକାରୀ କାମରେ, ଦି' ଦିନ ପାଇଁ ଯାଉଛି । ଆପଣଙ୍କର ରହଣି କେତେଦିନ ପାଇଁ ?"

"ଅଳ୍ପ କେଇଦିନ ପାଇଁ ମାତ୍ର ।"

"ଏଇ ଅଳ୍ପ ଦିନ ପାଇଁ ଏତେଗୁଡ଼ାଏ ଲଗେଜ, ବାପ୍‌ରେ !" ମତେ ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା । ପାଂଚୋ ବାକ୍ସ, ଦିଟା ବ୍ୟାଗ୍, ଗୋଟେ କୋଟ୍, ପାଣି ବଟଲ୍ ଆଉ.. ଗଣିଲି ଏକ, ଦୁଇ, ତିନି, ଚାରି, ପାଞ୍ଚ, ଛଅ... । ଲୋକ ମାତ୍ର ଜଣେ, ଜିନିଷ ବହୁଛି ଦଶଜଣଙ୍କର । ତାର ସବୁଠୁ ବଡ଼ ବାକ୍ସଟିର ଓଜନ ଅଧାକ୍ୱିଣ୍ଟାଲ୍ ଉପରେ । ଯାହାକୁ ସେ ଟେକି ପାରିବ ନାହିଁ କସ୍ମିନ୍‌କାଳେ । କୁଲି ଲଗାଇ ଟେକିଆଣି ସିଟ୍ ତଳେ ଠେସି ଦେଇଛି ତ ଦେଇଛି। ଆଉ ତାକୁ ଇଞ୍ଚେଟିଏ ମଧ୍ୟ ଘୁଞ୍ଚାଇପାରିବ ନାହିଁ । ସେଥିପାଇଁ ଦିଲ୍ଲୀରେ ଓହ୍ଲେଇଲେ ପ୍ରଥମେ କୁଲି ଡାକି ବାକ୍ସକୁ ତା' ସ୍ଥାନରୁ କଢ଼ାଇବା ଏବଂ ସେଠାରୁ ଟାକ୍ସିରେ ଗନ୍ତବ୍ୟ ସ୍ଥାନକୁ ଯିବା ପୁଣି ଓହ୍ଲାଇ  ଟାକ୍ସିବାଲାର ସାହାଯ୍ୟ ନେବାକୁ ହେବ ବାକ୍ସକୁ ଘର ଭିତର ପର୍ଯ୍ୟନ୍ତ ନେବାକୁ । କିନ୍ତୁ କ'ଣ ଏମିତି ଦରକାର ଯେ ଜଣେ ଲୋକ ଏତେ ଗୁଡ଼ାଏ ଜିନିଷପତ୍ର ନେଇ ରାସ୍ତାରେ ଯିବାକୁ ପଡ଼େ । ତେଣୁ ପଚାରିଲି,

"ଆଉ କେହି ନାହାଁନ୍ତି ସାଙ୍ଗରେ ?"

"ନାଁ ମାମୁଁ ଆସୁଥିଲେ ଯେ ପୁଣି ରହିଗଲେ, ଦରକାର ପଡ଼ିଲାରୁ ।"

Digitized by srujanika@gmail.com

"ଆଉ ଆପଣ ?"

"ମୁଁ ଆଉ କ'ଣ, ମୁଁ ଯାଉଛି, ଏକା ଏକା ଭଣଜା ।"

"ଏତେ ଓଜିନିଆ ବାକ୍ସଟାକୁ କୋଳରେ ଧରି ବସିଛନ୍ତି ଯେ ?" ତଳେ ଥୋଇଦେଉନାହାଁନ୍ତି ।

ଯା'ର ଉତ୍ତର ନଦେଇ ସେ ଚୁପ୍ ରହିଲା । ବାକ୍ସକୁ ତଳେ ରଖିବାକୁ ଚାହିଁଲା ନାହିଁ । ମୋର ମନେ ପଡ଼ିଗଲା । ବାକ୍ସ ମୁଣ୍ଡାଇ ରିକ୍ସାରେ ବସିଥିବା ସେଇ ଗାଉଁଲି ଲୋକଟିର ଜୋକ୍, ଯିଏ ରିକ୍ସାବାଲା ପାଇଁ ଓଜନ୍ ହାଲ୍କା କରିବା ପାଇଁ ଏପରି କରିଥିବାର କହିଲା । ତା' ପାଖକୁ ବସିଥିବା ଆଉ ଦୁଇଜଣ ସହଯାତ୍ରୀ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲେ ଏବଂ ଭାବୁଥିଲେ କାହିଁକି ସେ ଏତେ ଓଜିନିଆ ବାକ୍ସଟା ତଥାପି କୋଳରେ ଧରି ବସିଥିଲା । ଏସବୁ ସାଧାରଣ ସମଝର ବାହାରେ ଥିଲା ।

ହଠାତ୍ କାହିଁକି ଟ୍ରେନ୍‌ଟା ନରହିବା ପରି ଏକ ଅଜଣା ସ୍ଥାନରେ ଅଟକିଲା । ବାହାରେ ଘୋଟିଛି ଅନ୍ଧାର, ଚାରିଆଡେ ଶୂନ୍‌ଶାନ୍, ରାତି ବାରଟା ଉପରେ ହେବଣି । ସେ ଆଖି ଖୋଲି ସମସ୍ତଙ୍କୁ ଥରେ ଥରେ ଚାହିଁଲା । କମ୍ବଳଟା କାଢ଼ି କଡ଼କୁ ଥୋଇଲା ଏବଂ ବାକ୍ସର ଚାବିମୋଡି ଖୋଲି ତା'ର ଢାଙ୍କୁଣୀକୁ ଟେକି ରଖିଲା । ଦେଖାଗଲା ବାକ୍ସ ଭିତରର ଦୃଶ୍ୟ । କିଛି ନାହିଁ, ସେମିତି କିଛି ଖାସ୍ ଥିବାପରି ଲାଗିଲା ନାହିଁ । ଦିଟା ଗଞ୍ଜି, ଦିଟା ଚଡ଼ି, ଦୁଇଟା ଶାର୍ଟ, ଦୁଇଟା ପ୍ୟାଣ୍ଟ । ଖିଅରହେବା ସରଞ୍ଜାମ, ପୁଳାଏ କାଗଜ । ମୁଁ ଭଲକରି ଦେଖିଲି ଏଇଆକୁ ଏତେ ସନ୍ତର୍ପଣରେ କୋଳରେ ଧରି ବସିଛି କିଆଁ ? ଟିକେଟ୍ ଆଉ ଟଙ୍କାତକ ତ ଛାତିର ଚୋରା ପକେଟ୍‌ରେ ରଖିଛି, ପୁଣି ବାକ୍ସଟାକୁ ଏତେ ଶ୍ରଦ୍ଧାରେ କୋଳରେ ଧରିଛି.. । ତାର ଦେହ ହଠାତ୍ ଖରାପ ଲାଗୁଥିଲା ବୋଧେ, ତେଣୁ ସେ ସେଇ ବାକ୍ସ କଣରୁ ଗୋଟେ କଣ ଟାବ୍‌ଲେଟ୍ କାଢି ଗିଳିଲା ଏବଂ ବାକ୍ସଟିକୁ ବନ୍ଦ କରି ସିଟ୍ ଉପରେ ଥୋଇ ବେସିନ୍‌ରେ ମୁହଁ ଧୋଇବାକୁ ବାହାରିଲା । ଫେରି ପୁଣି ଯେମିତି ଯେଉଁଠି ବସିଥିଲା ସେମିତି ବସିଲା କୋଳରେ ବାକ୍ସକୁ ନେଇ । ସେ ବସିଲାରୁ ମୁଁ ଦେଖିଲି ତା'ଛାତି ପକେଟର ଓଜନ ବଢିଯାଇଛି, ସତେଅବା ତା ଭିତରେ ଲୁହାର କାଗଜପତ୍ର ଭର୍ତ୍ତି ହୋଇଛି ଏବଂ ତାହା ତଳକୁ ଓହଳି ପଡ଼ିଛି । ସେ କିଛି ସମୟ ତୁନିହୋଇ ବସି ରହିବା ପରେ ପକେଟ୍‌ରେ ହାତ ପୁରାଇ ଦୁଇଟି ଫଟୋ କାଢି ମତେ ଦେଖାଇଲା । ମୁଁ ଭାବିଲି ଏଇ ଫଟୋ ଦି'ଟାର ଓଜନରେ ସେ ଅତିଷ୍ଠ । ସେ ମତେ ପଚାରିଲା - "ଭଲକରି ଦେଖି କହିଲେ ଯା' ଭିତରୁ କାହାରିକୁ ଚିହ୍ନନ୍ତି କି ?"

ମୁଁ ଦେଖିଲି ଏବଂ ମୁଣ୍ଡ ହଲାଇ ନାହିଁ କଲି ।

"ଯା ଭିତରୁ ଜଣେ ସୁମିତ୍ରା ଆଉ ଜଣେ ସଂଯୁକ୍ତା । ଦି'ଜଣଙ୍କୁ ମୁଁ ଦେଖିଛି । ଦି'ଟା ଭିତରୁ କୋଉଟି ଆପଣଙ୍କୁ ପସନ୍ଦ ହଉଛି ?"

Digitized by srujanika@gmail.com

ମୁଁ କହିଲି, "ଫଟୋରୁ କ'ଣଟା ଜଣାପଡ଼ିବ ଯେ ?"

"ନାଁ, ନାଁ, ମୁଁ ଏ ଦୁହିଁଙ୍କୁ ଦେଖିଛି ତଥାପି କୌଣସି ନିର୍ଦ୍ଦିଷ୍ଟ ମତାମତରେ ପହଞ୍ଚି ପାରୁନାହିଁ । ଯଦି ମତେ ଏ ଦୁଇଜଣଙ୍କ ଭିତରୁ ଜଣକୁ ବାଛିବାକୁ ହେବ ତେବେ କାହାକୁ ?"

ଅମର ଭାବୁଥିଲା ଯେ ସାରା ଜୀବନଟା ଏମିତିକା ଗୋଟେ ବଛାବଛିର ଆବଶ୍ୟକତା ନଥାଏ । ଯାହା ବଛାଯାଏ ତାହାର ଯୋଗ୍ୟତା ନ ବଛାଯାଇଥିବା ଜିନିଷଠାରୁ କୌଣସି ହିସାବରେ ହୁଏତ ଅଧିକ ନୁହେଁ । ଆମେ ଖାଲି ପାଇଥାଉ ଗୋଟେ ବାଛିବାର କ୍ଷମତା ଓ ସେ ଅଧିକାର ସାବ୍ୟସ୍ତ କରିବାର ଏକ ମିଛ ଅନୁଭବ । ସ୍ୱାଧୀନତାର ଏକ ମାୟିକ ସ୍ୱାଦ । ଗୋଟେ ମାନବୀୟ ସ୍ୱେଚ୍ଛାର ଅସ୍ପଷ୍ଟ ଅନୁମାନ । ଯାହାର ତୁଳନା ଅନୁପସ୍ଥିତ, ଯାହାର ସ୍ଥିତି ଦୋଦୁଲ୍ୟମାନ । ବାସ୍ତବରେ ଆମେ ସମସ୍ତେ ବାଛିବା ପାଇଁ ଯେତିକି ଅବାଧ ନବାଛିବା ପାଇଁ ସେତିକି ବାଧ୍ୟ । ବିଡମ୍ବନାରେ ଭରିଥାଏ । ଆମର ସ୍ୱେଚ୍ଛାଚାରୀ ମନର ପରାଧୀନତା ଆଡକୁ ଆକର୍ଷଣ ଗୋଟେ ହବ୍‌ସନସ୍ ଚଏସ୍ । ଅପରାଜିତ ପରାଧୀନତାର ମିଠା-ପିତା ଦ୍ୱନ୍ଦ୍ୱରୁ ରିହାତି ପାଇବାକୁ ହେଲେ ବଛାବଛିକୁ ଅତିକ୍ରମ କରିଯିବାକୁ ପଡ଼େ । ଏବେ ଅମରର ଦ୍ୱିଧା ମୋର ହୋଇସାରିଛି । ତା'ର ହଁ ନାହିଁର ଅସ୍ପଷ୍ଟ ମତାମତରେ ମୁଁ ହନ୍ତସନ୍ତ । ସେ ତାର ମତ ମୋ ଉପରେ ଲଦି ଦେବାକୁ ଚାହେଁ କିମ୍ବା ମୋ ନିଷ୍ପତ୍ତି ନିଜର ବ୍ୟକ୍ତିଗତ କରିନେବା ଚାହେଁ ।

ମୁଁ କାହାକୁ ବାଛିବି ତାହା ହୁଏତ ଏକ ଗଭୀର ଦାୟିତ୍ୱ । ତା' ଭିତରେ ମୋର ସ୍ୱାଧୀନତାର ମାତ୍ରା କେତେ ତାହା ମୁଁ ଜାଣେନା । ତେଣୁ ମୁଁ କହିଲି -

"ମୋ' ନିଷ୍ପତ୍ତି ଜାଣିବାକୁ ଆପଣ ଆଗ୍ରହୀ, ମୋର ଏକ ସର୍ତ୍ତ ଅଛି ।"

" କଣ ?" ପଚାରିଲା ଅମର ।

"ମତେ ସେ ତଳେ ଥିବା ବଡ଼ ବାକ୍ସଟା ଖୋଲି ଦେଖାଅ ତା ଭିତରେ କ'ଣ ଅଛି । ସେ ପଚାରିଲା - "ଆପଣ କ'ଣ ଭାବୁଛନ୍ତି ତା ଭିତରେ ଅଛି ?"

"ଜାଣେନି, କେବଳ କୌତୁହଳ । ମୁଁ ଦେଖିବାକୁ ଚାହେଁ । ମତେ ଦେଖାଇଦିଅ । ସେଇ ମୋର ଦୁର୍ବଳତା ।"

ଅମର ଭାବିଲା ହୁଏତ ବାକ୍ସ ଖୋଲି ଦିଆଯାଇପାରେ । ମାତ୍ର ଥରେ ଖୋଲିଗଲେ ଆଉଥରେ ବନ୍ଦ କରି ହେବନି । ତାହା ହୋଇପାରେ ପାଣ୍ଡୋରାର ବାକ୍ସ । ଯାହାସବୁ ତା' ଭିତରୁ ବାହାରିବେ ସେଗୁଡ଼ିକ କୌତୁହଳର ସ୍ୱାଧୀନତାକୁ ଆହତ କରିବେ । ହେଲେ ସେଥିରେ ଯାହା ବି ଥାଉ ସେଥିରେ ସହଯାତ୍ରୀର କି ଯାଏ ଆସେ । ତେଣୁ ଅମର ପଚାରିଲା-

"ଦେଖି ଲାଭ ?"

"ଆପଣ ଦେଖାଇବେ କି ?"

Digitized by srujanika@gmail.com

"ଦେଖାଇଥାନ୍ତି, ତାହା ଯଦି ମୋର ହୋଇଥାନ୍ତା ।"

"ମାନେ ? ସେଇଟା ଆପଣଙ୍କର ନୁହେଁ ?"

"ନାଁ ।"

"ତେବେ ଆଉ କାହାର ?"

"ସେଇଟା ଅନ୍ୟ ଜଣେ ମୋ' ହାତରେ ତୃତୀୟ ବ୍ୟକ୍ତି ପାଖକୁ ପଠାଉଛି । ମୁଁ ନିଜେ ବି ଜାଣେନି ତା ଭିତରେ କ'ଣ ଅଛି । ତା' ଚାବି ମୋ ହାତରେ, ହେଲେ ଖୋଲିବାର ନିର୍ଦ୍ଦେଶ ନାହିଁ । ତାହା କେବଳ ମୋର ତତ୍ତ୍ୱାବଧାନରେ । ମୋର ବଡ଼ ଦାୟିତ୍ୱ । ଠିକଣା ଜାଗାରେ ପହଞ୍ଚାଇଲେ ଯାଇ ଖଲାସ୍ ହେବି । ଦେଖୁନାହାଁନ୍ତି ବାକ୍ସଟାର ଓଜନ ମୋ' ଓଜନଠାରୁ ବି ଅଧିକ । ମୁଁ ଯାକୁ ନିଜ ହାତରେ ନ ଉଠାଇ କୁଲି ହାତରେ ଉଠାଇଛି । ଯା'କୁ ଏଠାରେ ଥୋଇ ଯାଇଥିବା କୁଲି ଯେପରି ଯା ଭିତରକୁ ଦେଖିନାହିଁ, ସେହିପରି ମୁଁ ମଧ ଦେଖିନାହିଁ । କିନ୍ତୁ ଏହାର ଓଜନ ଜାଣେ । ବାକ୍ସର ରହସ୍ୟ ଜାଣେନି କିନ୍ତୁ ମର୍ମ ଜାଣେ । ମୋର କାମ ହେଲା ଯା'କୁ ନିର୍ଦ୍ଦିଷ୍ଟ ଠିକଣାରେ ପହଞ୍ଚାଇଦେବା ।

ବାକ୍ସର ମାଲିକାନା ବିଷୟ ଅସ୍ପଷ୍ଟ ହେବାପରେ ମୋର ଆଉ ତହିଁରେ ଆଗ୍ରହ ରହିଲା ନାହିଁ । ବ୍ୟାଗ୍ ଭିତରର ଦୃଶ୍ୟ ଅନ୍ୟ ଉପାଦାନ ହୋଇପାରେ ମାତ୍ର ମୋର ନୁହେଁ । ମୋର କୁତୁହଳର ଅନ୍ତ ଘଟିଲା ।

ନ ଦିଶୁଥିବା ଚିତ୍ରରୁ ଆଖି ଫେରାଇଆଣି ଅମରର ଆଖିକୁ ଚାହିଁଲି । ଅମର ଛାତି ପକେଟରେ ଦୁଇ ଯୁବତୀଙ୍କର ଫଟୋ ରଖିନେଇ ଆରାମରେ ଶୋଇବା ଢଙ୍ଗରେ ଆଉଜି ବସି ଦ୍ୱିତୀୟ କପ୍ ଚା' ପିଇବାକୁ ଆରମ୍ଭ କରିଥିଲା । ଠିକ୍ ସେତିକିବେଳେ ଅନ୍ୟ ସହଯାତ୍ରୀଙ୍କର ସାତବର୍ଷର ପୁଅଟା ଉପର ବର୍ଥରୁ ତଳକୁ ନଦେଖି ଡେଇଁ ପଡ଼ିବାରୁ ଅମର ହାତରେ ଥିବା ଚା' କପ୍‌ଟାରୁ ଅଧା ଗରମ ଚା' ତା ଛାତି ଉପରେ, ପକେଟ୍ ଭିତରକୁ ଢାଳି ହୋଇଗଲା ।

ଅମରକୁ ଚେଙ୍କା ଲାଗିଗଲା । ସେ ଚିତ୍କାର କରିଉଠିଲା । ଏ ଦୁର୍ଘଟଣା ତା' ଅସାବଧାନତାରୁ ଘଟିନାହିଁ ବୋଲି ସେ ସହଯାତ୍ରୀଙ୍କୁ ଚାହିଁଲା । ଦୁଷ୍ଟ ବାଳକଙ୍କୁ ଦଣ୍ଡ ଦେବାର କ୍ଷମତା ତାର ନାହିଁ । ସେ ଚୋରା ପକେଟରୁ ଟଙ୍କାତକ କାଢି ପ୍ୟାଣ୍ଟ ପକେଟ୍‌ରେ ରଖିଲା । ସାମ୍ନାପଟ ଛାତି ପକେଟରୁ ଫଟୋ ଦୁଇଟା ଭିଜିଯାଇଥିବା ଭାବି କାଢି ପୋଛିଦେଲା ଏବଂ ଦେଖିଲା ।

ସେ ଦେଖିଲା ଦି'ଟା ଯାକ ରଙ୍ଗୀନ ଫଟୋ ଚା' ପଡ଼ି ବତୁରି ଯାଇଛନ୍ତି ଏବଂ ଲାଖିଯାଇ ଗୋଟିଏ ପରି ଜଣା ପଡୁଛନ୍ତି । ସେ ନଖରେ ଛଡାଇ ଫଟୋ ଦି'ଟାକୁ ଅଲଗା କଲା । ଫଟୋର ଦୁଇ ଯୁବତୀଙ୍କ ମୁହଁରେ ଗରମ ଚା' ଢାଳି ହୋଇଯାଇଥିବାରୁ ତାହା

Digitized by srujanika@gmail.com

ଅସ୍ପଷ୍ଟ ଓ ବିକୃତ ଦିଶୁଥାଏ । ଏ ଅବସ୍ଥାରେ କେଉଁ ଫଟୋଟା କାହାର ତାହା କହିବା ଦୁରୂହ । ହଁ, ଫଟୋ ତ ଅଛି ହେଲେ ମୁହଁ ଦିଟା ବିବର୍ଣ୍ଣ । ସେ ଆଗପଛ ତଳଉପର ଓଲଟାଇ ଦେଖିଲା ହେଲେ ଜାଣିପାରିଲା ନାହିଁ କିଏ ସୁମିତ୍ରା ଏବଂ କିଏ ସଂଯୁକ୍ତା । ଏଥର ସେ ଫଟୋ ଦି'ଟାକୁ ତଳ ଉପର କରି ଦିପଟ ତାସ ପରି ଧରିଲା ଏବଂ ଚା' କପ୍ ଭିତରକୁ ପକାଇଦେଲା । ଅଳ୍ପ ବିକୃତ ହୋଇସାରିଥିବା ମୁହଁ ଦିଟା ଉଷ୍ମ ଚା' ଭିତରେ ସିଝି ଅଣ୍ଡା ଖୋଳପା ପରି ଧଳା ଓ ଗୋଲାକାର ହୋଇଗଲା ।

ଏଥର ଆଉ ଅମର ପାଇଁ ବଛାବଛିର ବଳ କଷାକଷି ଦରକାର ପଡ଼ିବନି । ତା' ମନଟା ହାଲ୍କା ହୋଇଗଲା । ତାର ଭାର ବହନ କରିବାର ଭୟ ଦୂର ହୋଇଥିଲା । ଟ୍ରେନ୍‌ର ହ୍ୱିସିଲ୍ ଶୁଭିଲା ଏବଂ ଟ୍ରେନ୍ ଆସ୍ତେ ଚାଲିବାକୁ ଆରମ୍ଭ କରିଥିଲା । ଆଖିବୁଜି ଘୁମେଇଲା ବେଳେ ଅମର ଓଜିନିଆ ବାକ୍ସ କଥା ଭୁଲିଯିବାକୁ ଚେଷ୍ଟା କରୁଥିଲା ଏବଂ ସୁମିତ୍ରା କିମ୍ବା ସଂଯୁକ୍ତାର ମୁହଁ ଆଦୌ ମନେ ପକାଇ ପାରୁନଥିଲା ।

□□□

Digitized by srujanika@gmail.com

# ଡିଉକସ୍ ନୋଜ୍

ଲତିକା ଯଦି ଏଠାକୁ ଆସିଥାନ୍ତା ତାହେଲେ ଖୁବ୍ ଖୁସି ହୋଇଥାନ୍ତା । ଗଛପତ୍ରଙ୍କ ସହିତ କଥାବାର୍ତ୍ତା କରିଥାନ୍ତା ଯେମିତି ଥରେ ତାକୁ ପିକ୍‌ନିକ୍‌ରେ ଆମ ଗାଁ ସେପଟ ପାଣିଓହଳା ପାହାଡ଼କୁ ନେଇଯାଇଥିଲି ଯେ ସେ ଖୁସିରେ ଭୋକ ଶୋଷ ଭୁଲି ଯାଇଥିଲା । ମୁଁ ତାକୁ କହିଥିଲି ଆମେ କେମିତି ପିଲାଦିନେ ସ୍କୁଲ୍‌ରୁ ଲୁଚି କଣ୍ଟେଇକୋଳି ଖାଇବାକୁ ଚାଲିଯାଉଥିଲୁ । ସେ ବି ହାତ ବଢେଇ ପାଚିଲା କୋଳିଟିଏ ତୋଳିଲା ବେଳକୁ ଗଛର କୁନିଡାଳର କଣ୍ଟା ତା କାନିକୁ ଭିଡ଼ି ଧରିଥିଲା । ଛୋଟ ପାହାଡ଼ି ଝରଣାର ପାଣି ପିଉ ପିଉ ସେ ରୋମାଣ୍ଟିକ ହୋଇପଡ଼ିଥିଲା । ସେ ବର୍ଷାରେ ଲୁହ, ବାଦଲରେ ବିରହ, ଆକାଶରେ ଆଖି, ପତ୍ରରେ ପତାକା ଓ ନଈ ପାଣିରେ ପଣତ କାନି ଦେଖିପାରୁଥିଲା । ଥରେ ମତେ ପାଖ ପାଖ ଛିଡା ହୋଇଥିବା ଦୁଇଟି ପାହାଡ଼ିଆ ଶୃଙ୍ଖଳିତ ଶୃଙ୍ଗକୁ କଳ୍ପନାରେ ମେନକାର ସ୍ତନ ସହିତ ତୁଳନା କରି ସୁନ୍ଦର କାହାଣୀଟିଏ କହିଥିଲା । ମୁଁ ଆଉ ପାଦେ ଆଗେଇ ଯାଇ ପାହାଡ଼ ଶିଖରରେ କଳା ଦିଶୁଥିବା ଗୋଟିଏ ପଥର ଖଣ୍ଡକୁ ତା'ର ବୃନ୍ତ ସହିତ ତୁଳନା କରିଥିଲି ବୋଲି ସେ ଲାଜେଇ ଯାଇଥିଲା । ମୁଁ ତା ଆଖିରେ ନୂଆ ଦର୍ପଣ ଓ ଚାହାଣୀରେ ନୂଆ ଚାତୁରୀ ଲକ୍ଷ୍ୟ କରିଥିଲି ।

ମୋର ଏଇ ଗପଟି ଖାସ୍ ତା'ରି ପାଇଁ । ଆଶା ତା'ର ପସନ୍ଦ ହବ । ଏଠି ପ୍ରକୃତି ଅତି ମନୋରମ । ରଙ୍ଗ ତୂଳି ଧରି ଆଙ୍କିଦେଲା ପରି ତାର ଦୃଶ୍ୟ । ଏମିତି ବିଚିତ୍ର ଶୋଭା ଯାହା ମଝିରେ ମଣିଷ ସହଜରେ ହଜିଯିବ ।

ଅଗ୍ନାଅଗ୍ନି ବନନ୍ତ କଡ଼କୁ ହ୍ରଦ । ହ୍ରଦ ଏ ପାଖରେ ପଡ଼ୁଛି ଝରଣାର ପାଣି । ସେ ପାଖକୁ ପାହାଡ଼ର ପାଦ ଏବଂ ପାଣିରେ ତା'ର ଢେଉ ଢେଉକା ଛାଇ । ଉପରେ ଆକାଶର ଚାନ୍ଦୁଆରେ ବଉଦମାନଙ୍କର ଚିତ୍ ପହଁରା । ପୂର୍ବ ଦିଗରେ ପବନରେ ଦୋଳି ଖେଳୁଥିବା ଜଙ୍ଗଲି ଫୁଲର ମହୁଆ ବାସ୍ନା । ଉତ୍ତରରୁ ମେଘୁଆ ବଉଦର ଅନୁପ୍ରବେଶ । ପଶ୍ଚିମରେ ତା'ର ଗୁରୁଗୁରୁ ଡାକ । ଦକ୍ଷିଣରୁ ଚମକିଲା ପଣର ଚାଲାକ୍ ବିଜୁଳି ।

ବାସ୍, ଠିକ୍ ଯା'ରି ମଝିରେ ଠିଆ ହୋଇ ହଜିଯାଇଥିବା ମଣିଷଟିଏ ପରି ଡିଉକ୍ ଭାବୁଥିଲେ ଯେ ସେ ଏବେ କେଉଁଠି । ବାହାରର ଚିତ୍ରକୁ ଆପଣାର କରିନେଇ ତାର ଏକ ଇଂପ୍ରେସନିଷ୍ଟ ଛବି ମନରେ ଝୁଲାଇ ତା ମଧ୍ୟରେ କ୍ୟାଥିର ନାଟକୀୟ ପ୍ରବେଶକୁ କଳ୍ପନା କରୁଥିଲେ ସେ । କ୍ୟାଥି କିପରି ଏଠାକୁ ଆସିଥିଲା ତା'ର ଏକ ସମ୍ଭାବ୍ୟ ଉତ୍ତର

Digitized by srujanika@gmail.com

ପ୍ରସ୍ତୁତ କରୁଥିଲେ ଡିଉକ୍ । ଜଳ, ସ୍ଥଳ, ବନଗିରି, ଆକାଶ ଏ ସବୁ ମିଶାଇ ଇଂଲଣ୍ଡରୁ ଭାରତର ଏଇ ପାର୍ବତ୍ୟ ଅଞ୍ଚଳ କେତେଦୂର ସେ କଥା କିଏ କହିବ ?

ତାଙ୍କର ଭାବନାର ଅନ୍ତ ନାହିଁ । ତାଙ୍କର ବିରହର ଶେଷ ନାହିଁ । ଏଠାରେ ତାଙ୍କ ଛଡା ଆଉ କେହି ବି ନାହାଁନ୍ତି । ମାଟିରେ ପାଦ ଥାପି, ଗଛରେ ଦେହ ଘଷି, ପତ୍ରରେ ହାତ ଛନ୍ଦି ଚାଲୁ ଚାଲୁ ଲାଗୁଥିଲା ସତେ ଅବା ଆକାଶ ବି ବାଦଲ ଫାଙ୍କରୁ ଝୁଲିପଡ଼ି ଓହ୍ଲାଇ ଆସିବ । ବର୍ଷା ଟୁପ୍‌ଟାପ ପଡୁଥିଲା । ତା'ର କୁନି କୁନି ବୁନ୍ଦା ଦେହ ଓଦା କରିବା ଆଗରୁ ମନକୁ ତିନ୍ତାଇ ଦେଉଥିଲା । ଏମିତିକା ବର୍ଷା ହୁଏ ଲୋନାଭଲାରେ । ଏଇଲେ ହବ ପୁଣି ଏଇଲେ ଛାଡ଼ିବ । ଚାହୁଁ ଚାହୁଁ ତରତର ହୋଇ ଢାଳି ଦବ ତ ପୁଣି ଛାଡ଼ିଯିବ । ଝିପ୍‌ଝିପ ହେଉଥିବା ବର୍ଷାରେ ଭିଜିଥିବା ମାଟିର ବତୁରା ବାସ୍ନା ଡିଉକଙ୍କର ନାକରେ ଅତରପରି ଭରିଯାଉଛି । ଠିକ୍ ଏତିକ ବେଳେ ତାଙ୍କୁ ଲାଗିଲା ତାଙ୍କ ବାମପଟକୁ ଏକ ପୁରୁଣା ଗଛମୂଳରେ ଅଧାପୋତା ଏକ ପଥର ଖଣ୍ଡ ଉପରେ ବସି କିଏ ଗୋଟିଏ କଇଁ କଇଁ ହୋଇ କାନ୍ଦୁଛି । ତା' ପାଦରେ ଜଙ୍ଗଲୀ କଣ୍ଟା ଫୋଡ଼ି ହୋଇଯାଇଛି । ତା ଗାଲ ଉପରେ ଖସି ପଡୁଛି ଟପ୍ ଟପ୍ ଲୁହ । ତା'ର ସୁନ୍ଦର ମୁହଁଟା ସତେ ଯେପରି ବିରହରେ ବତୁରି ଯାଇଛି । ସେ ପିନ୍ଧିଛି ଘନ ନୀଳରଙ୍ଗର ଇଉରୋପୀୟ ଅଙ୍ଗବସ୍ତ୍ର । ଷ୍ଟାଇଲ୍‌ରେ ତିଆରି ବ୍ଲାଉସ୍ ତା ଛାତିର କୋହକୁ ଘୋଡାଇ ରଖିପାରୁନି । ତା' ତଳକୁ ତା'ର କ୍ଷୀଣ କଟି ଦିଶି ଯାଉଛି । ପବନରେ ଉଡୁଛି ଫର ଫର ତା'ର ସ୍କର୍ଟ । ଆଖିରେ ଭରି ରହିଛି ଆଶଙ୍କା । ଏକ ଅଜଣା ଆକର୍ଷଣରେ ତା'ରି ଆଡକୁ ଟାଣି ହୋଇଗଲେ ଡିଉକ୍ । ଚାଲି ଯାଉ ଯାଉ ଘମାଘୋଟ୍ ବର୍ଷା ତାଙ୍କ ବାଟ ଓଗାଳିଲା । ବର୍ଷାପାଣିର ଅବିଶ୍ରାନ୍ତ ଧାରାରେ ସୁନ୍ଦରୀ ସେହି ଯୁବତୀର ଚିତ୍ରପ୍ରତିମା ସତେ ଯେପରି ଆସ୍ତେ ଧାରଧାର ହୋଇ ବହିଗଲା । ମାଟିରେ ମିଶିଗଲା, ଲୁଚିଗଲା । ଅବିଶ୍ୱାସରେ ଡିଉକ୍ ଚାରିଆଡକୁ ଚାହିଁଲେ । ହଠାତ୍ ପାଦତଳେ ମାଟିଭିତରେ ଅନୁଭବ କଲେ କିଛି ଗୋଟିଏ ସୂକ୍ଷ୍ମ କମ୍ପନ । ପୁଣି ସବୁ ଚୁପ୍ ଚାପ୍ । ଏଠି ମାଟିର ବି ହୃଦୟ ଅଛି, ପବନର ଭାଷା ଅଛି, ଗଛର ଜୀବନ ଅଛି, ଫୁଲର ହସ ଅଛି ଆଉ ଅନୁପସ୍ଥିତିର ଉପସ୍ଥାନ ଅଛି ।

ଆଉଦିନେ ଏଇଠି ଏମିତି ଠିଆହୋଇ ଆକାଶ ଆଡକୁ ଚାହିଁଥିଲା ବେଳେ ତାଙ୍କୁ ଶୃଙ୍ଖଳା ବିଜୁଳିଟାଏ ଚମକାଇ ଦେଇଥିଲା । ସେଦିନ ବି ବର୍ଷା ହୋଇ ଛାଡ଼ି ଯାଇଥିଲା । ସନ୍ଧ୍ୟା ହେଉ ହେଉ ସେ ଶୀକାର କରିବାକୁ ବାହାରି ପଡ଼ିଥିଲେ । ହାତରେ ଗୋଟେ ବଡ଼ ଟର୍ଚ୍ଚ, ପକେଟ୍‌ରେ ମେଡ୍‌ଇନ୍ ଇଂଲାଣ୍ଡ ପିସ୍ତଲ ଆଉ ଓଠରେ ଦୁଃଖଭରା ଗୀତର ଗୁଣୁ ଗୁଣୁ ଗୁଞ୍ଜନ । ଯାହା ଦେଖାଯାଏ ମାତ୍ର ଶୁଣାଯାଏନି । ମାଟିରେ ଠାଏ ଠାଏ ଜମିଥିବା ବର୍ଷା ପାଣିର ମାଟିଆ ଆରସିରେ ନିଜ ମୁହଁର ଦାଢିଆ ପ୍ରତିବିମ୍ବ ଦେଖି ଡିଉକ୍ ସେଦିନ ନିଜକୁ ଖୁବ୍ ଏକଲା ମନେ କରୁଥିଲେ । ଏମିତି ଏକୁଟିଆ ଅନୁଭବ କଲା ମାତ୍ରେ ସେ ଗଛପତ୍ରଙ୍କ

Digitized by srujanika@gmail.com

ସହିତ ବଡ଼ପାଟିରେ କଥାବାର୍ତ୍ତା ଆରମ୍ଭ କରି ଦଉଥିଲା । ଜଙ୍ଗଲର ରୂପ ବଦଳି ଯାଉଥିଲା । ଫୁଲ ତାଙ୍କୁ ଚାହିଁ ହସି ଦଉଥିଲା । ପତ୍ର ନଇଁ ଆସୁଥିଲା, ପଥର ଘୁଞ୍ଚି ଯାଉଥିଲା, ପବନ ଛୁଇଁ ଦେଉଥିଲା ଏବଂ ସମୟ ଅଟକି ଯାଉଥିଲା । ଏକା ଏକା ଅନୁଭବ କରୁଥିବା ଡିଉକ୍ ଯାଇ ଗୋଟିଏ ନିର୍ଦ୍ଦିଷ୍ଟ ପଥର ଉପରେ ବସି କ୍ୟାଥି କଥା ଭାବୁଥିଲେ । କିମ୍ବା ତା ପାଇଁ ଯେପରି ଅପେକ୍ଷା କରୁଥିଲେ ।

ତା'କଥା ପକେଇବା ମାତ୍ରେ ରେକର୍ଡ ବାଜିବା ପରି ତା'ର ଭାଷା ଶୁଭିଯାଏ । ଚଳଚ୍ଚିତ୍ର ପରି ତାର ଛବି ଭାସିଉଠେ । ଡିଉକ୍‌ଙ୍କର ଛାତିରେ କଣ୍ଟା ଗଳିଯାଏ । ତାଙ୍କର ଦୀର୍ଘ ନିଶ୍ୱାସ ଓଃ ହୋଇ ବାହାରି ଆସେ । ପକେଟରୁ କାଢ଼ି ଛୋଟ ସୁନ୍ଦରିଆ ଏକ ବୋତଲରୁ କିଛି ପାନୀୟ ପାଟିରେ ଢାଳି ଦିଅନ୍ତି । ତା'ପରେ ଏଠିକାର ପାଣିପବନ, ମାଟି ଆକାଶ ତାଙ୍କର ଆପଣାର ଲାଗେ ।

ଏଇ ମାତ୍ର ତିନିମାସ ତଳେ ତାଙ୍କର ବିବାହ ହୋଇଥିଲା କ୍ୟାଥି ସହିତ । ପ୍ରକୃତ ରୋମାନ୍ସ ପରେ ପ୍ରେମ ବିବାହ ଯାହାକୁ କହନ୍ତି । ଜନ୍ମଜନ୍ମାନ୍ତର ସାଥି ହୋଇ ରହିବେ ବୋଲି ଶପଥ ନେଇଥିଲେ ଚର୍ଚ୍ଚରେ । ପ୍ରତିଜ୍ଞା କରିଥିଲେ କେବେ ପରସ୍ପରଠୁ ଅଲଗା ହେବେନି ବୋଲି । କିନ୍ତୁ ସେଇ ଶପଥ ସେତିକିରେ ରହିଲା । ଡିଉକ୍‌ଙ୍କୁ ମିଲିଟାରୀ ମିଶନ୍‌ରେ ଭାରତ ଆସିବାକୁ ପଡ଼ିଲା ଏବଂ ପୋଷ୍ଟିଂ ହେଲା ପୁନା ପାଖରେ ଏଇ ଜଙ୍ଗଲିଆ ପାହାଡ଼ିଆ ଇଲାକାର ସୁନ୍ଦର ଲୋନାଭଲାରେ ।

ହେଲେ ଏକା ଏକା ଏଠି କରିବେ କ'ଣ ? ବିଶେଷ କିଛି କାମ କରିବାକୁ ନଥାଏ । ଏଠିକାର ଲୋକମାନଙ୍କ ସହିତ ଦି'ପଦ କଥା ହେବା ବି ଅସମ୍ଭବ । କେହି ତ ଇଂରାଜୀ ଜାଣନ୍ତି ନାହିଁ । ତା'ପରେ ଗୋରା ସାହେବ ପ୍ରତି ଦେଶୀ ଲୋକମାନଙ୍କର ଘୃଣା, ଭୟ ଓ ସନ୍ଦେହ ରହିବାଟା ସାଧାରଣ କଥା । ଥରେ ଦି'ଥର ନେଟିଭ୍ ଭାରତୀୟଙ୍କ ସହିତ କଥା ହେବାକୁ ଚେଷ୍ଟା କରି ବିଫଳ ହେବାପରେ ସେ ଏକୁଟିଆ ରହିବାକୁ ଶିଖି ନେଇଥିଲେ । ଯଥେଷ୍ଟ ବଳୁଥିବା ସମୟ ମଧ୍ୟରେ ସେ କେବଳ ନିଜ ଘର କଥା ବା କ୍ୟାଥି କଥା ଭାବୁଥିଲେ । ଅବଶିଷ୍ଟ ସମୟରେ ସେ ଚିଠି ଲେଖୁଥିଲେ ନ ହେଲେ ସଙ୍ଗୀତ ଶୁଣୁଥିଲେ। ସମୟ ଯେତେବେଳେ ଦୀର୍ଘ ବା ଅସହ୍ୟ ହୋଇପଡୁଥିଲା ସେତେବେଳେ ଅସ୍ଥିର ହୋଇ ଘର ଭିତରେ ଏପାଖ ସେପାଖ ଚାଲୁଥିଲେ ।

ସେଦିନ ଛଟପଟ ହୋଇ ଦୀର୍ଘ ନିଶ୍ୱାସ ପକାଇ ପଦାକୁ ବାହାରି ଆସି ଡିଉକ୍ ଦେଖିଲେ ବର୍ଷା ଆସନ୍ନ । ବିଜୁଳି ଚମକୁଛି ଏବଂ ତାଙ୍କ ପାଇଁ ସନ୍ଧ୍ୟା ଦୁର୍ବିସହ ହୋଇପଡୁଛି । ହାତରେ ଧରିଥିବା ଦ୍ରାକ୍ଷାରସର ରକ୍ତିମ ପାନୀୟରେ କ୍ୟାଥିର ଅଧର କଳ୍ପନା କରି ସେ ବାରମ୍ବାର ତାକୁ ଓଠରେ ଲଗାଇ ନିଜକୁ ଭୁଲି ଯିବାକୁ ଚେଷ୍ଟା କରିଛନ୍ତି । ବିରହ ଜର୍ଜ୍ଜରିତ ଉନ୍ନିଦ୍ର ରାତ୍ରିରେ କ୍ଳାନ୍ତି ତାଙ୍କୁ ଅଧୀର କରିଛି । ବିଳମ୍ବିତ ରାତ୍ରିରେ ଅନ୍ଧାର ସହିତ ବାରମ୍ବାର

Digitized by srujanika@gmail.com

ଅବୁଝାମଣା ଯୁକ୍ତିତର୍କ କରି ହାଲିଆ ହୋଇପଡ଼ିବା ପରେ ଦର୍ପଣ ଆଗକୁ ଯାଇ ତା ଆଗରେ ନୀରବରେ କିଛିକ୍ଷଣ ଠିଆହୋଇଛନ୍ତି ।

କଡ଼କୁ ଜଳୁଥାଏ ମହମବତୀର ଦୁର୍ବଳ ଶିଖା । କୋଠରୀରେ କୋଠରୀଏ ନିଃସଙ୍ଗତା । ଝରକା ବାହାରେ ଜହ୍ନର କାଦୁଅ କିରଣ ମେଞ୍ଚା ମେଞ୍ଚା । କାନ୍ଥରେ କ୍ୟାଥିର ଫଟୋ । ହଠାତ୍ ତାଙ୍କୁ ଖୁବ୍ ଗରମ ଲାଗିଲା । ଦେହରୁ ଗମ୍ ଗମ୍ ଝାଳ ବାହାରିବା ପରି ଲାଗିଲା । ଦେହରୁ ସମସ୍ତ ବସ୍ତ୍ର ଉତାରି ଡିଉକ୍ ସିଗ୍ରେଟ୍ ଧରାଇଲେ । ଝର୍କା ପାଖକୁ ଯାଇ କାଚରେ ମୁହଁ ଲଗାଇ ବାହାରକୁ ଚାହିଁଲେ । ପୁଣି ଭିତରକୁ ଚାହିଁଲେ । ନିଜକୁ ଦେଖିଲେ ।

ଏତିକି ଅଳ୍ପ ଦିନର ବ୍ୟବଧାନରେ ତାଙ୍କର ଗୋରା ସାହେବୀ ଦେହର ଚମଡ଼ା ଏତେ ଘନବର୍ଣ୍ଣର ଛାୟାରେ ଆଚ୍ଛାଦିତ ହେଲା କିପରି ? ଏଥରକ କ୍ୟାଥି ସହିତ ଦେଖା ହେଲେ ସେ ଚିହ୍ନିପାରିବ ତ ? ତାଙ୍କ ଦେହ କେବଳ ଛାଇରେ ତିଆରି ନୁହେଁ ତ ? ସେ ହାତକୁ ହାତରେ ଛୁଇଁଲେ । ପାଦରେ ଭୂମିକୁ ଆଘାତ କଲେ । ମହମବତୀଟା ଖଡ୍ ଖଡ୍ ହୋଇ ଟେବୁଲ୍ ଉପରେ ପଡ଼ିଗଲା । ଡିଉକ୍ ମୁହଁ ବୁଲାଇ ସେ ପଟକୁ ଚାହିଁଲେ । ନଖକୁ ଦାନ୍ତରେ କାମୁଡିବା ବେଳେ ତାଙ୍କର ଦୃଷ୍ଟି ନିଜର ନାକ ଆଗରେ ଅଟକି ରହିଲା । ତାଙ୍କର ନାକଟି ତାଙ୍କ ଦେହର ସର୍ବୋଚ୍ଚ ଶିଖରପରି ଉତ୍ତୁଙ୍ଗ । ଏକ ଅନନ୍ୟ ସଦୃଶ୍ୟ ଶୃଙ୍ଗର ସୁନ୍ଦର ପଣିଆରେ ପ୍ରତିଷ୍ଠିତ । ଯାହାକୁ କହନ୍ତି କକେସିଆନ୍ ନାକ । ଦର୍ପଣର ଅନ୍ଧାର ଭିତରେ ବି ତାଙ୍କ ନାକର ତୀକ୍ଷ୍ଣ ଖଣ୍ଡାପରି ଧାର ସ୍ପଷ୍ଟ ବାରି ହୋଇଯାଉଛି । ସେ ତାଙ୍କ ହାତରେ ନାକକୁ ଛୁଇଁଲା ବେଳେ ହାତରୁ ଗୋଟେ ସୁନ୍ଦର ବାସ୍ନା ନିର୍ଗତ ହେଉଛି । ତାଙ୍କର ମନେ ହେଲା ଏଇ ବାସ୍ନା ସହିତ କ୍ୟାଥି ଅତି ଘନିଷ୍ଠ ଭାବେ ଜଡ଼ିତ । ସମ୍ଭବତଃ ଏହା କ୍ୟାଥିର ଗୁପ୍ତ ଅଙ୍ଗବାସରେ ଛିଞ୍ଚା ହୋଇଥିବା ଫରାସୀ ଅତରର ବାସ୍ନା ଯାହାକୁ ସେ ନିଜ ହାତରେ ମୁଠାଇ ରଖିଛନ୍ତି ଆଜିଯାଏଁ । ସେଇ ବାସ୍ନାକୁ ନାକରେ ନଉ ନଉ ସେ ପ୍ରେମାତୁର ହୋଇ ପଡୁଛନ୍ତି । କ୍ରମେ ସେହି ସୁବାସ ସଂଜାତ କଳ୍ପନାରୁ କ୍ୟାଥିର ଯୌବନଭରା ପ୍ରତିମାର ପୂର୍ଣ୍ଣାବୟବକୁ ସେହି ଅନ୍ଧାର ଭିତରେ ସଂସ୍ଥାପିତ କରି ତା'ସହିତ ମନଖୋଲା ଆଳାପ କରିଛନ୍ତି । ସେ କହି ଚାଲିଛନ୍ତି, କ୍ୟାଥି ଶୁଣି ଚାଲିଛି ।

"ତୁମେ କି ଜାଣନା ? ଏଠି ଏଇ କୋଠରୀରେ ତୁମ ବିନା ମୁଁ କେବଳ ତୁମକୁ କଳ୍ପନା କରି ବଞ୍ଚୁଛି । ଘର ସାମ୍ନାର ଦେବଦାରୁ ଗଛରେ ବଢିଥିବା ନିର୍ମୂଳୀ ଲତାରୁ ଲମ୍ବି ଆସିଥିବା ଝୁଲନ୍ତା କେରାଏ ସାବ୍ଜା ଆଶା ଭିତରେ ମୁଁ କେବଳ ତୁମର ମୁହଁକୁ ଦେଖିପାରେ । ହୁଏତ ସେପଟ କାନ୍ଥରେ ବସିଥିବା ମୁଁ ସେହି ହଳଦିଆ ମଥ୍ ଯାହାର ଉଡ଼ିପାରୁ ନଥିବା ଦୁର୍ବଳ ଡେଣା ଉପରେ ବିରହ ବ୍ୟଥାର ଚିତ୍ର ଅଙ୍କା ହୋଇଛି । ମତେ ଏକୁଟିଆ ମୋର ସମଗ୍ର ସତ୍ତାକୁ ନିଃସଙ୍ଗତା ବିଭକ୍ତ କରିଛି..."

ସେ ଝରକାର କାଚ କାନ୍ଥ ଦେଇ ବାହାରର ବତାସୀ ଅନ୍ଧାରକୁ ଲକ୍ଷ୍ୟ କରିଛନ୍ତି ।

Digitized by srujanika@gmail.com

ଝରକା କାଚର ସ୍ୱଚ୍ଛ ସମତଳ ମସୃଣତା ତାଙ୍କ ନାକରେ ଚାପି ହୋଇ ଥଣ୍ଡା ଥଣ୍ଡା ଲାଗୁଛି । ବାହାରୁ ଦେଖିଲେ ଏ କୋଠରୀର ଭିତରଟା ଆଦୌ ଦେଖିହେବ ନି । ବାହାରୁ ଶୁଣିଲେ, ଭିତରର କଥା ଶୁଭିବନି । ତଥାପି ଭିତର ସହିତ ବାହାରର ଏକ ଅତି ସୂକ୍ଷ୍ମ ସମ୍ପର୍କ ଥିଲା । ଯାହା ଡିଉକ୍ ଅଙ୍ଗେ ନିଭାଉଥିଲେ ।

ସେ ଦେଖିଲେ ଝର୍କା ବାହାରେ ଅନ୍ଧାରୀ ପର୍ଦ୍ଦାର ଆରପଟେ କ୍ୟାଥି ଉଲଗ୍ନ ହୋଇ ବାଘ ପିଠିରେ ବସିଛି । ଦୁଇ ଗୋଡ ଦୁଇପଟକୁ । ତା ବାମ ହାତରେ ପବନର ଲଗାମ୍ । ଡାହାଣ ହାତରେ କଳ୍ପନାର ଚାବୁକ୍। ତା' ଆଖିରେ କଟାକ୍ଷର ଛୁରୀକା । ଉଦ୍ଧତ ଫୁଲା ଛାତିରେ ପବନ ଧକ୍କା ଖାଇ ହାର ମାନୁଛି । ତା ଫର ଫର କେଶ ପତାକା ପରି ପଛକୁ । ଏମିତି ବାଘ ପିଠିରେ ସଦର୍ପେ ବସିଛି ସୁନ୍ଦରୀ କ୍ୟାଥି । ତା' ହୃଦୟରେ ପ୍ରେମର ପରାକାଷ୍ଠା ଉନ୍ମତ୍ତ । ତା'ମନରେ ଅସମ୍ଭବ ଅଧୈର୍ଯ୍ୟପଣ । ତାର ଗତି ଅତ୍ୟନ୍ତ ଚଞ୍ଚଳ । ସେ ଆଖି ଆଗରୁ ଅନ୍ଧାରକୁ ଅପସରି ଯିବା ଆଗରୁ ଡିଉକ୍ ଡକା ପକାଇଲେ – "କ୍ୟାଥି, କ୍ୟାଥି-ଟିକେ ରହି ଯା – ମୁଁ ଆସୁଛି... କ୍ୟାଥି... ।" କବାଟ ଖୋଲି ଟଳମଳ ପାଦରେ ପଦାକୁ ଚାହିଁଲା ବେଳକୁ ଆଉ କିଛି ଦିଶୁନି । ନା କ୍ୟାଥି... ନା ବାଘ । ପାଖ ଗଛର ଉପର ଡାଳରୁ ପେଚାଟାଏ ହୁଟ୍ ହୁଟ୍ ବୋବାଉଛି, ଯାହା ଦୂରରୁ ବାଘ ହେଣ୍ଟାଳ ପରି ଶୁଭୁଛି । କୋଠରୀର ମଧ୍ୟଭାଗକୁ ଫେରି ଆସୁ ଆସୁ ମଦ ବୋତଲକୁ କଡ଼କୁ ଆଡେଇ ଦେଇ ଡିଉକ୍ ଘଡ଼ି ଦେଖିଲେ ମାତ୍ର ପଢି ପାରିଲେନି । କଣ୍ଟାଗୁଡ଼ିକ ଜାଲୁ ଜାଲୁ ଦେଖାଗଲା । ସଂଖ୍ୟାମାନେ ସ୍ଥାନ ପରିବର୍ତ୍ତନ କରି ନେଇଥିଲେ । ଡାଏଲ୍ ଭିତରେ କ୍ୟାଥିର ଆଖି । ନିଜକୁ ନିଜେ ପଚାରିଲେ, "ମୁଁ ସ୍ୱପ୍ନ ଦେଖୁନିତ ?" ନା, ଏହା ସ୍ୱପ୍ନ ହୋଇ ନପାରେ । କ୍ୟାଥି ନିଶ୍ଚୟ ଏଇ ପାଖ ଆଖରେ କେଉଁଠି ଅଛି । ଏଇ ଯେ ଏବେ ବି କ୍ୟାଥିର ବାସ୍ନା ତାଙ୍କ ନାକରେ ବାଜୁଛି । ତାଙ୍କୁ ନ ପାଇଲେ ସେ ନିଶ୍ଚୟ ଏ ଜଙ୍ଗଲରେ କେଉଁଠି ହଜିଯିବ ।

ସେ ପ୍ୟାଣ୍ଟ ଶାର୍ଟ ପିନ୍ଧି, ମୁଣ୍ଡରେ ଟୋପି ପିନ୍ଧି ପିସ୍ତଲଟା ଧରି ବାହାରିଲେ । ପିସ୍ତଲଟା ନ ନେଲେ ସେ କ୍ୟାଥିକୁ ବଞ୍ଚାଇବେ କିପରି ? ତାଙ୍କୁ ଦେଖି ବାଘ ପିଠିରୁ ଓହ୍ଲେଇବା ମାତ୍ରେ ତ ବାଘ ତାକୁ ଖାଇଦେବ । ଏହା ଭାବି ସେ ପିସ୍ତଲର ନଳୀରେ ଗୁଳି ଭରିଲେ । ବାଁ ଆଖି ବନ୍ଦ କରି ତା ନଳୀର ରନ୍ଧ୍ରରେ ବାହାରର ଦୃଶ୍ୟକୁ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିବା ପରି ଚାହିଁଲେ । ବାହାରଟା ହଠାତ୍ ଆଲୋକିତ ଦେଖାଗଲା । ହଠାତ୍ ସକାଳ ହୋଇଗଲା । ସକାଳର ପକ୍ଷୀମାନେ ଡେଣା ଝାଡ଼ି କିଚିରି ମିଚିରି କରୁଥାନ୍ତି । ହେଲେ ଡିଉକ୍ ଆଡକୁ କାହାର ଲକ୍ଷ୍ୟ ନାହିଁ । ଯେଝା ବାଟରେ ଯିଏ । ପାଖ ଦୂର ସବୁଆଡକୁ ବ୍ୟସ୍ତତାରେ ଦେଖି କ୍ୟାଥିକୁ ନ ପାଇବାରୁ ବ୍ୟସ୍ତ ହୋଇ ଡ୍ୟୁକ୍ ପୁଣି ମନେ ପକେଇଲେ କେଉଁ ଗୋଟେ ଅସମର୍ଥିତ ସୂତ୍ରରୁ ଆସିଥିବା ସେଇ ଟେଲିଗ୍ରାମ୍ କଥା ।

Digitized by srujanika@gmail.com

ଯାହାର ମର୍ମାର୍ଥ ଏପର୍ଯ୍ୟନ୍ତ ଏକ ପ୍ରହେଳିକା ହୋଇ ରହିଛି ତାଙ୍କ ପାଇଁ । କ୍ୟାଥି ତାଙ୍କୁ ପରିତ୍ୟାଗ କରିଛି । କ୍ୟାଥି ଆଉ ଗୋଟେ ପୁରୁଷ ସହିତ ବନ୍ଧୁତା କରିଛି । ନା ନା ହୁଏତ କ୍ୟାଥି ମରିଯାଇଛି । ଡିଉକ୍‌ଙ୍କ ପାଇଁ ସେ ଆତ୍ମବଳି ଦେଇଛି । କାରଣ ଡିଉକ୍‌ର ବିରହ ସେ ସହି ପାରେନି । ତେଣୁ ସେ ମରିବାକୁ ପସନ୍ଦ କରେ ।

ମାତ୍ର ଡିଉକ୍ ଆଖିରେ କ୍ୟାଥି କେବେ ବି ମରିପାରିବନି । କ୍ୟାଥି କଥା ଭାବିବା ମାତ୍ରେ ତାଙ୍କ ମନରେ ଗଭୀର ବ୍ୟଥା ଭରିଯାଉଥିଲା । କେମିତି ସହିଥାନ୍ତେ ଏତେ ଦୀର୍ଘ ବିରହ । ଏଠି ଭାରତର ବିଷୁବମଣ୍ଡଳୀୟ ଜଙ୍ଗଲରେ ବିରହର ସଂଜ୍ଞା ଓ ସାନ୍ଦ୍ରତା ଏତେ ଅଲଗା ଯେ ! ସେ ମନକୁ ବୁଝାନ୍ତି, କେବଳ ଆଖି ଆଗରୁ ଅନୁପସ୍ଥିତ ହେବାଟା ବିରହର କାରଣ ନୁହେଁ। ସେ ଏଇ ପାଖରେ କେଉଁଠି ଅଛି । ଏବେ ଆସିଯିବ । ଆଉ ଟିକକରେ । ଆରପାଖ କୋଠରୀରୁ, ନିକଟତର ସହରରୁ ବା ଦେଶରୁ ଅବା ମହାଦେଶରୁ । ଗୋଟିଏ ମୁହୂର୍ତ୍ତର ଅପେକ୍ଷା ପରେ । ସପ୍ତାହେ ବା ମାସେ ଅବା ବର୍ଷେ ପରେ । କିନ୍ତୁ ସେମାନଙ୍କର ଦୂରତା ଭାରତରୁ ଇଂଲଣ୍ଡ ଦୂରତା । ସତେ ଅବା ତାହା ପୃଥିବୀରୁ ଧ୍ରୁବତାରାର ଦୂରତା ଠାରୁ ଆହୁରି ଅଧିକ । ସେ ଭାବି ଚାଲିଥିଲେ ।

ଏତେ ଦୂରରେ ରହି କ୍ୟାଥି ଆଉ କ'ଣ କରିପାରିଥାନ୍ତା ଯେ ! ଏତେ ଯନ୍ତ୍ରଣାରେ ଛଟପଟ ହେବାଠାରୁ ଆତ୍ମହତ୍ୟା ବି ଶ୍ରେୟସ୍କର । ନିଆଁକୁ ବା ପାଣିକୁ ଡେଇଁ ପଡ଼ିଥିଲେ ବି ଭଲ ଲାଗିଥାନ୍ତା । ଅନେକ ଅପେକ୍ଷା ପରେ ସେ ହୁଏତ ଉନ୍ମାଦ ହୋଇଯାଇଥିବ । ନହେଲେ ସେ ଏପରି ବାଘ ପିଠିରେ ବସିପାରନ୍ତା କିପରି ? ସେ ବାଘ ପିଠିରେ ବସି ମତେ ହିଁ ଖୋଜୁଛି । ଅନ୍ଧାର ହୋଇଥିବାରୁ ମତେ ଦେଖିପାରିଲା ନାହିଁ । କାଚ ଝର୍କା ବନ୍ଦ ଥିବାରୁ ମତେ ଶୁଣିପାରିଲା ନାହିଁ । ବର୍ତ୍ତମାନ ମତେ ତାକୁ ଖୋଜିବାକୁ ହେବ । ପାଇବାକୁ ହେବ । ସେ ଏଠାରେ ନଥିଲେ ବି ତାକୁ ଖୋଜି ବାହାର କରିବାକୁ ପଡ଼ିବ ।

ଅତ୍ୟନ୍ତ ଉତ୍ସୁକତାର ସହିତ ତାକୁ ଭେଟିବାର ଆଶା ନେଇ ସେ ଘରୁ ବାହାରି ପଡ଼ିଥିଲେ । ଗଛକୁ ପଚାରିଲେ, "ଏଇ ମୋ କ୍ୟାଥିକୁ ଦେଖିଛୁ କି ?" ଫୁଲକୁ ପଚାରିଲେ, "ଏବାଟେ ଗୋଟେ ଯୁବତୀ ଯିବାର ଦେଖିଛି କି ?" ଗୁଣ୍ଡୁଚିକୁ ପଚାରିଲେ, "ଏବାଟେ କିଏ ଯାଉଥିଲା କି ?" କେହି ଡିଉକ୍‌ଙ୍କର ଭାଷା ବୁଝୁ ନଥିଲେ କି କାହାରିଠୁ କିଛି ଉତ୍ତର ଶୁଣିବା ପର୍ଯ୍ୟନ୍ତ ଅପେକ୍ଷା କରିବାର ଧୈର୍ଯ୍ୟ ନଥିଲା ଡିଉକ୍‌ଙ୍କର । ସେ ଆଗକୁ ଆଗକୁ ଚାଲିଥାନ୍ତି । ସମୟ ପ୍ରତି ଧ୍ୟାନ ନାହିଁ । ବାଟ ଅବାଟର କଣ୍ଟା ପଥର ପ୍ରତି ଲକ୍ଷ୍ୟ ନାହିଁ । ଫୁଲର ବାସ୍ନାରେ ପାଗଳ ହୋଇ ଅନ୍ଧ ପ୍ରଜାପତିଟିଏ ଉଡିଯାଉଥିବା ପରି ଡିଉକ୍ କ୍ୟାଥି ସହିତ ମିଳିତ ହେବା ଇଚ୍ଛାରେ ବ୍ୟାକୁଳ ହୋଇ ଦୌଡ଼ିଛନ୍ତି ।

ହଠାତ୍ ତାଙ୍କ କାନରେ ପଡ଼ିଲା କାହାର ଏକ ବଂଶୀର ସ୍ୱର । ସେ ମନ୍ତ୍ରମୁଗ୍ଧ ପରି ଅଟକି ରହିଲେ। ତାଙ୍କ ଆଖିରୁ ଲୁହ ବହିଯାଉଥିଲା । କାହିଁକି ସେ ବୁଝିପାରୁନଥିଲେ ।

Digitized by srujanika@gmail.com

ସେ ବଂଶୀ ବଜାଉଥିବା ଯୁବକକୁ ପଚାରିଲେ, "ମୋ କ୍ୟାଥିକୁ ଦେଖିଛ ? ସେ ବାଘ ପିଠିରେ ଚଢ଼ି ଏଇପଟେ ଯାଉଥିଲା ।"

ଆଖି ବୁଜି ବଂଶୀ ବଜାଉଥିବା ଯୁବକଟିର ଧ୍ୟାନରେ କୌଣସି ଆଞ୍ଚ ଆସିଲା ନାହିଁ । ସେ ଆଖି ଖୋଲିଲା ନାହିଁ କି ଉତ୍ତର ଦେଲା ନାହିଁ । ତା'ର ସମଗ୍ର ସତ୍ତା କେବଳ ବଂଶୀ ବଜେଇବାରେ ନିୟୋଜିତ ଥିଲା ଯାହା ଶୁଣି ଡିଉକ୍ ଉଲ୍ଲସିତ ହେଲେ । ବଂଶୀର ଆବେଶରେ କ୍ୟାଥିର କଳ୍ପନା ଆହୁରି ପ୍ରବଳ ହୋଇଉଠିଲା । । ସେ ନିଶ୍ଚିତ ଥିଲେ ଯେ କ୍ୟାଥି ଏଇ ଆଖ ପାଖରେ ଅବଶ୍ୟ ପଥଭ୍ରଷ୍ଟ ହୋଇଛି ଏବଂ ତାଙ୍କୁ ହିଁ ଖୋଜି ବୁଲୁଛି । ତେଣୁ ସେ ବଡ଼ ପାଟିରେ ଚିତ୍କାର କରି ଡାକ ପକାଇଲେ - 'କ୍ୟାଥି' । ତାଙ୍କର ଏଇ ଡାକରେ ଗଛପତ୍ରରେ ଶିହରଣ ଖେଳିଗଲା । ପବନରେ କମ୍ପନ ଭରିଗଲା । ହ୍ରଦରେ ତରଙ୍ଗ ମାତିଗଲା ଏବଂ ଆକାଶରେ ପ୍ରତିଧ୍ୱନି ।

ବୁଦ୍‌ବୁଦ୍‌କିଆ ଜଙ୍ଗଲର ପତ୍ରଗହଳରୁ ଶଂକାକୁଳ ଯୁବତୀଟିଏ ତ୍ରସ୍ତ ହରିଣୀଟିଏ ପରି ବାହାରି ଆସି ଝୁଲି ପଡ଼ିଲା ବଂଶୀ ବଜାଉଥିବା ଯୁବକର ବାହୁରେ । ଡିଉକ୍ ଚାହିଁ ରହିଥିଲେ ଏବଂ ଚାହିଁ ଚାହିଁ ତନ୍ମୟ ହୋଇଗଲେ । ସେ ଅନୁଭବ କଲେ ଯେ ସେଠାରେ ବଂଶୀବାଦକ ନୁହେଁ, ସେ ନିଜେ ହିଁ ଉପସ୍ଥିତ ଆଉ କର୍ମଠ ତାଙ୍କର ବାହୁରେ କ୍ୟାଥିର ପ୍ରଣୟାସକ୍ତ ଅଧୀରତା । ସେ ଭିଡ଼ି ଧରିଛନ୍ତି କ୍ୟାଥିର ସମ୍ମୋହନୀ ଯୌବନକୁ । ସେ ପ୍ରଲୁବ୍ଧ ନାୟକର କାମୁକ ଆତୁରତାରେ ଢାଙ୍କି ଦେଉଛନ୍ତି ତାର ସ୍ରୋତସ୍ୱୀନି ପ୍ରଗଲ୍‌ଭପଣକୁ । ଓଠ ଉପରେ ଓଠର ଶୃଙ୍ଗାରୀତ ପ୍ରଲେପ । ମାଟି ଉପରେ ମନ୍ମଥର ଉତ୍ତୁଙ୍ଗ ଲାସ୍ୟ ଓ ଆଦିମତାର ଯୁଗଳବନ୍ଦୀ । ସେମାନଙ୍କ ଉପରେ ଜଙ୍ଗଲି ଫୁଲ ଝରି ପଡୁଛି । ଚାରିଆଡେ଼ ଫୁଲର ବାସ୍ନା ମହକି ଉଠୁଛି । ଏପରି ମୁହୂର୍ତ୍ତରେ ଆଦିଅନ୍ତ କିଛି ନାହିଁ । ସେମାନଙ୍କର ସେହି ଅନନ୍ୟ ପ୍ରେମ ସମ୍ଭୋଗର ତୁଙ୍ଗ ଶିଖରରେ ପହଞ୍ଚିବା ପୂର୍ବରୁ ବାଘର ନାଟକୀୟ ପୁନରାଗମନ ।

ଅନତି ଦୂରରେ କ୍ଷୁଧାର୍ତ୍ତ ବାଘ ବି କ୍ଷଣେ ଅଟକି ଯାଇ ସେମାନଙ୍କର ପ୍ରେମାଲିଙ୍ଗନ ଦେଖି ପୁଲକିତ ହୋଇଛି । ତା'ର ଆଖିରେ ସେମାନଙ୍କ ପ୍ରତି ସ୍ୱତଃ ସମ୍ମାନ ଉକୁଟି ଉଠିଛି । "ବା - ବାଃ ରେ ମଣିଷମାନଙ୍କର ପ୍ରେମ । ଅଦ୍ଭୁତ ଯା'ର ନିଦର୍ଶନ। କେଦାର ଗୌରୀଠୁ ଆରମ୍ଭ କରି ରୋମିଓ ଜୁଲିଏଟ୍ ପର୍ଯ୍ୟନ୍ତ ।" ବାଘର ଆଖି ଏବେ ଲାଲ୍ ଲାଲ୍ । ତା ଦେହର ପ୍ରତି ଜୀବକୋଷରେ ଯୌନ ଇଙ୍ଗିତର ଜାନ୍ତବ ଲିପ୍ସା । ତା ନାକରେ ବାଜିଛି କ୍ୟାଥିର ଦେହରୁ ନିସୃତ ଅତର ପରି ବାସ୍ନା । ଏକଦା କ୍ୟାଥି ତା ପିଠିରେ ସବାର ହୋଇ ତାଙ୍କୁ ଅତିଷ୍ଠ କରିଥିଲା । ଏଇ ଟିକିଏ ପରେ ସେମାନଙ୍କ ସମ୍ପର୍କର ସଙ୍ଗମ ସରିଗଲା ପରେ ସେ ହୁଏତ କ୍ୟାଥିକୁ ଟିକି ଟିକି କରି ଚୋବାଇ ଖାଇଦେବ । ସେଇଥିପାଇଁ ସେ ଅପେକ୍ଷା କଲା ଏବଂ ନିଶ ଚାଟିଲା ।

Digitized by srujanika@gmail.com

ଠିକ୍ ଏତିକି ବେଳେ ଡିଉକ୍‌ର ପିସ୍ତଲରୁ ଦୁଇଟା ଗୁଳି ଆସି ତା ତଳି ପେଟରେ ଗଳିଗଲା । ସେ ଉତ୍‌କ୍ଷିପ୍ତ ହୋଇ ଡିଉକ୍ ଉପରକୁ ଝାମ୍ପି ପଡ଼ିଲା । ତଳେ ପଡ଼ିଯାଇ ଡିଉକ୍ ପୁଣି ପିସ୍ତଲ ଚଳାଇବାକୁ ଉଦ୍ୟମ କଲାବେଳକୁ ସେ ତାଙ୍କର ହାତକୁ କାମୁଡ଼ି ଖିନ୍‌ଭିନ୍ କରିଦେଲା । ପିସ୍ତଲଟା ହାତରୁ ଛିଟିକି ଯାଇ ଜଙ୍ଗଲ ବୁଦାରେ କେଉଁଠି ପଡ଼ିଗଲା । ସମ୍ପୂର୍ଣ୍ଣ ରୂପେ ଧରାଶାୟୀ ଡିଉକ୍‌ଙ୍କର ଅଚେତ୍ ଶରୀରର ମାଂସକୁ ପ୍ରତିଶୋଧ-ପରାୟଣ ହୋଇ କଞ୍ଚା ଖାଇବା ବେଳେ ବାଘ ତା ତଳି ପେଟର ଗୁଳି ଯେ ତାକୁ ଆଉ ବେଶି ବେଳ ବଞ୍ଚିବାକୁ ଦେବନି ସେକଥା ଭୁଲିଯାଇଥିଲା । ସେତେବେଳକୁ ଡିଉକ୍‌ଙ୍କର ହୃତସ୍ପନ୍ଦନ ବନ୍ଦ ହୋଇଯାଇଥିଲା ଏବଂ ରକ୍ତ ଶୀତଳ ହୋଇଯାଇଥିଲା । ବାଘ ଧୀରେ ଧୀରେ ମରୁଥିଲା । କିନ୍ତୁ ସେଥିପାଇଁ ତାର ପରବାୟ ନଥିଲା । ଡିଉକଙ୍କର ହୃଦୟକୁ ଭିଣି ଭିଣି ଖାଇବା ବେଳେ ସେ ମଣିଷ ମାଂସର ପ୍ରଥମ ସ୍ୱାଦରେ ପାଗଳ ହୋଇଉଠୁଥିଲା । ଏଇ ତାହେଲେ ମଣିଷ ମାଂସ । ସ୍ୱାଦରେ ଜଙ୍ଗଲୀ ଜନ୍ତୁମାନଙ୍କଠାରୁ ଆହୁରି ରୁଚିକର । ଥରେ ପାଟିରେ ବାଜିଲେ ଆଉ ଛାଡ଼ିହେବନି । ବାଘର ଭୋକ ଯହୁଁ ଯହୁଁ ବଢିଚାଲିଥିଲା ସେ ସେତିକି ସେତିକି ନିସ୍ତେଜ ହୋଇପଡୁଥିଲା । ଅତ୍ୟଧିକ ରକ୍ତସ୍ରାବ ହେତୁ ଦୁର୍ବଳ ହୋଇ ଘୁଷୁରି ଘୁଷୁରି ବୁଦା ଆଢୁଆଳରେ ପହଞ୍ଚି ସେ ମୃତ୍ୟୁକୁ ଅପେକ୍ଷା କରୁଥିଲା ।

ଏପଟେ ଡିଉକ୍‌ଙ୍କର କ୍ଷତବିକ୍ଷତ ଶରୀର ମାଟି ଉପରେ ଗଳିଭର ଭଳି ଉପରକୁ ମୁହଁ କରି ଶୋଇଥିବା ବେଳେ ଆକାଶରୁ ବର୍ଷା ହୋଇଥିଲା । ସୁବାସିତ ଅତରର ବର୍ଷା । ବର୍ଷାର ପାଣିରେ ଭିଜି ଡିଉକ୍‌ର ଦେହରୁ ବିରହର ସମସ୍ତ ଜର୍ଜର ଭାବ ଥଣ୍ଡା ହୋଇଗଲା ପରେ ତାଙ୍କ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ମାଟିରେ ମିଶି ଯାଇଥିଲା । କିନ୍ତୁ ତାଙ୍କର ନାସାଗ୍ରଟି କେବଳ ଅକ୍ଷୁର୍ଣ୍ଣ ହୋଇ ରହିଗଲା ଯାହା କ୍ୟାଥିର ଦେହର ଅଭୁଲା ବାସ୍ନା ପାଇଁ ସତେ ଯେପରି ଅପେକ୍ଷା କରୁଥିଲା । ସେଇ ନାକଟି କ୍ରମେ ବର୍ଦ୍ଧିଷ୍ଣୁ ହୋଇ ଆଜି ଏଇ ପାହାଡରେ ବଦଳି ଯାଇଛି ଯାହାକୁ ଏଠିକାର ଲୋକମାନେ "ଡିଉକ୍‌ସ୍ ନୋଜ୍" ବୋଲି କହିଥାନ୍ତି । ଏ ନାକକୁ ଦେଖି ଆଜି ବି ସ୍ଥାନୀୟ ଲୋକମାନେ ଡିଉକ୍‌ଙ୍କୁ ମନେ ପକାନ୍ତି ।

ସେଇଠି ଠିଆ ହୋଇ ଚୁପ୍‌ଚାପ୍ ମୂଳରୁ ଶେଷଯାଏ ସବୁ କଥା ଶୁଣିବା ପରେ ନାକ ସୁଁ ସୁଁ କରି କୁନି ପିଲାଟିଏ ପରି ଲତିକା ପଚାରିଲା, "ତା'ପରେ ?"

"ତା ପରେ ଆଉ କ'ଣ ? ମୋ କଥାଟି ସରିଲା ।"

"ନାଁ ।"

ସେ ତା କାନ୍ଧରେ ଝୁଲୁଥିବା ବ୍ୟାଗ୍‌ରୁ ମିନେରାଲ୍ ୱାଟର ବୋତଲଟା ଖୋଲି ସେଥିରୁ ଆଞ୍ଜୁଳାଏ ପାଣି ମୋ ମୁହଁକୁ ଛାଟିଦେଇ କହିଲା, "କାଲି ରାତିଠୁ ତୁମକୁ ବହୁତ

Digitized by srujanika@gmail.com

ନିଶା ହେଇଯାଇଛି । କେତେ ପିଇଛ କି ? ତମ ଆଖିର ରଙ୍ଗ ଏଯାଏ ଲାଲ୍ ଦିଶୁଛି । ତମ ଭିତରେ ସେ ଡ୍ୟୁକ୍‌ର ଭୂତଟା ପଶି ଯାଇନି ତ ?"

ମୋ ଆଖି ସତରେ ଓଜିନିଆ ଲାଗୁଥାଏ । ସେ ମୋ ଆଖିକୁ ସିଧା ଚାହିଁ ମୋ ନାକ ଅଗରେ ଆସ୍ତେ ଚିମୁଟି ଦେଇ କହିଲା, "ଏଠି ଠିଆଟା ହୋଇ କ'ଣ କରୁଛ ? ଦେଖିଲଣି ସେ ଆରପଟରୁ ପାହାଡରୁ ଝରି ପଡୁଥିବା ସେଇ ଛୋଟିଆ ଜଳଧାରକୁ । ତା'ର ଝରଣାରେ ମିଶି ମିଶି ଏବେ ବି ଝରୁଛି କ୍ୟାଥିର ଲୁହ । ଘଞ୍ଚ ଜଙ୍ଗଲ ଭିତରେ ହଜି ଯାଇଥିବା ଡିଉକ୍‌ଙ୍କୁ ଆଜି ବି କାନ୍ଦି କାନ୍ଦି ଖୋଜୁଛି କ୍ୟାଥି ।

ମୁଁ ଦେଖିଲି ଲତିକା ଆଖିରେ ଆଖିଏ ଲୁହର ଲହରୀ । ତା ଓଠ ଥମ ଥମ । ତା ଛାତିରେ ଅସମ୍ଭାଳ କୋହ । ଏଇଲେ କାନ୍ଦି ପକାଇବ ଯେପରି । ଠିକ୍ ଯେମିତି ଏଇ ସଙ୍ଗେ ସଙ୍ଗେ ବର୍ଷା ଢାଳିଦେବ । ତା' ମୁହଁକୁ ଦେଖି ଆଉ ପଦେ ବି ଅଧିକ କଥା କହିବା ମୋ ପକ୍ଷେ କଷ୍ଟକର ମନେ ହେଲା । ଶବ୍ଦମାନେ ମୋ ଛାତି ଭିତରେ ଓଜିନିଆ ପଥର ପରି ଅଟଳ ରହିଲେ । ମୋ ନାକଟା କ୍ରମେ ମତେ କଠିନ ଲାଗିଲା । ମୋ ଦି' ଆଖି ମଝିରେ ତାହା ଧୀରେ ସଂପ୍ରସାରିତ ହୋଇ ମୋତେ ଅଥୟ କରୁଥିଲା । ସମଗ୍ର ଜଙ୍ଗଲଟା ମୋ ଉପରେ ଆଙ୍କି ହୋଇଯାଉଥିଲା । ମୋର ସେଇଠି ଶୋଇପଡ଼ିବାକୁ ଇଚ୍ଛା ହେଉଥିଲା ।

❑❑❑

Digitized by srujanika@gmail.com

# ଲୁଚକାଳି

ଶୁଭ୍ରାର ଅଜାଣତରେ ସ୍ୱପ୍ନା ମୋ ମନର ନିଷିଦ୍ଧ ଇଲାକାରେ କିପରି ପହଞ୍ଚେ ସେ କଥା କେବଳ ମୁଁ ଜାଣେ, ଯଦିଓ ତାହାର କାରଣ ଓ ପ୍ରତିକାର ମୋତେ ଅଜଣା ଥିଲା । ବୋଧହୁଏ ସେ ମୋର ସଂଭ୍ରାନ୍ତ ପୌରୁଷ ଦ୍ୱାରା ଆକୃଷ୍ଟ ହୋଇ ଏକ ଅଶରୀରୀ ଆତ୍ମା ପରି ସପ୍ତାହାନ୍ତ ରାତିର ଶେଷ ପ୍ରହରରେ ମୋ ପାଖରେ ପହଞ୍ଚି ଯାଇଥିଲା । କଥା କହି କହି କାନ ଭରି ଦେଉଥିଲା । ଦୃଶ୍ୟ ଦେଖାଇ ଆଖି ରୁନ୍ଧି ଦେଉଥିଲା । ସେ ଥିଲା ମୋ ଅକୁହା ଅଶୁଣା କାହାଣୀର ମୁଖ୍ୟ ଉତ୍ପୀଡନର ଆରମ୍ଭ ମାତ୍ର ।

ମୋ ସହିତ ଏକ ହୋଇ ସେ ଭାବୁଥିଲା ଯେ ମୋ ପରି ସବୁ କଥାରେ ବିନା ଦ୍ୱିଧାରେ ରାଜି ହୋଇ ହଁ ଭରିବା ଲୋକ ସହଜେ ମିଳିବେନି । ଏମିତି ଲୋକ ସତରେ ବିରଳ ଯିଏ ପ୍ରତାରଣାକୁ ସତ ବୋଲି ଭାବିବା ନାଟକୀୟ ବାହାନା ଦେଖାଇ ଆଦେଶ ପାଳନ କରିପାରେ । ସେଥିପାଇଁ ତ ସିଏ ମୋ କଥା ଶୁଣିବାକୁ ରାଜି ହୋଇଯାଏ । ମୁଁ ତାକୁ ଯେଉଁ ପୁରୁଣା ମରଣ କାହାଣୀ ଶୁଣାଇବାକୁ ଚାହେଁ ତାହା ତାକୁ ଜୀବନର ନୂଆ ନୂଆ କଥାପରି ଚମକାଇ ଦିଏ । ସେ ନଶୁଣି ମଧ ବୁଝିଯାଏ । ମୁଁ ତାର ଅନନ୍ୟ ଅନୁରୋଧକୁ ପ୍ରତିରୋଧ କରେ ନାହିଁ ବୋଲି ମୋର ଏମିତି ଅବସ୍ଥା ହୋଇଯାଏ । ମୁଁ ସବୁଦିନ ସେଇମିତି ।

ପିଲାଦିନୁ ବାପା ଯାହା କହୁଥିଲେ ମୁଣ୍ଡ ନୁଆଁଇ ସବୁ ମାନୁଥିଲି । ଖେଳିବାଠୁ ପଢିବା ପର୍ଯ୍ୟନ୍ତ ବାପା ସବୁ ନିଷ୍ପତ୍ତି ମୋ ଉପରେ ଲଦି ଦେଉଥିଲେ । ସେବେଠାରୁ ଇଚ୍ଛା ବିରୁଦ୍ଧରେ ସବୁ କାମ କରିପାରିବାଟା ମୋର ସ୍ୱଭାବଗତ ହୋଇଯାଇଥିଲା । ଏବେ ଭାବୁଛି ନିଷ୍ପତ୍ତି ନେଇ ପାରିବାର କ୍ଷମତା ନାହିଁ କରି ପାରିବାର ଶକ୍ତ ମୂଳଦୁଆ ଉପରେ ଆଧାରିତ । ତା'ହେଲେ କାହିଁକି ସ୍ୱପ୍ନାର ଆଖିଠାରକୁ ମୁଁ ବରଦାସ୍ତ କରିପାରେନି । କାହିଁକି ସବୁ କଥାକୁ ଏତେ ସହଜରେ ଗ୍ରହଣ କରିନିଏ । ମଦ, ସିଗ୍ରେଟ୍, ନିଶା, ଭାଙ୍ଗ, ଉତ୍କୋଚ, କ୍ଷମତାର ଅପପ୍ରୟୋଗ, ଖୋସାମତି, ଧୃଷ୍ଟତା ସବୁ ମିଶି ମତେ ବିଶୃଙ୍ଖଳିତ କରିଦିଅନ୍ତି। ମୋର ଚରମ ସଫଳତାର ସ୍ୱାଭିମାନକୁ ଆତ୍ମନିୟୋଗର ବାହାରେ ଉପଯୋଗ କରିବା ହେତୁ ଜୀବନଟା ମୋର ଏକ ଅସ୍ୱସ୍ତିକର ପରିତୃପ୍ତିରେ ବଦଳିଯାଏ- ଯାହା କ୍ରମେ ମୋର ସ୍ୱକୀୟ ଆତ୍ମମର୍ଯ୍ୟାଦାକୁ ଘୋଟିଯାଏ, ମୋର ଲୋଭ ଗୁପ୍ତରେ ଉଚ୍ଛଳିତ ହୁଏ । ମୋ ପାଟିରୁ ଦୁଷ୍ଟ ଲାଳ ଝରିପଡ଼େ ।

Digitized by srujanika@gmail.com

ମୁଁ ନିଜେ ନିଜର ଦୁଷ୍କାଚରଣ ଦେଖି ଚମତ୍କୃତ ହୁଏ । ମୋର ହଳଦିଆ ଈର୍ଷା, ମୋର ଧୂମଳ ଅସୂୟା, ମୋର ପ୍ରଜ୍ୱଳିତ ଆସକ୍ତିର ଶିଖା, ମୋର ଇଚ୍ଛାର ସ୍ୱେଚ୍ଛାଚାରକୁ ପ୍ରଶ୍ରୟ ଦିଅନ୍ତି । ମୋର ନିଷ୍ପତ୍ତି ନେବାର ଶକ୍ତି ବୋତଲେ ମଦରେ ବୁଡି ଯାଇପାରେ । ମୁଁ ଖୋଜୁଥାଏ ସୁବିଧା ସୁଯୋଗ ନିୟନ୍ତ୍ରଣ । ବିଶୃଙ୍ଖଳ ମଣିଷଟି କ'ଣ ନକରିପାରେ । ଆତ୍ମରକ୍ଷାଠୁ ଆରମ୍ଭ କରି ଆତ୍ମହତ୍ୟା ପର୍ଯ୍ୟନ୍ତ, ଯାହା ବି ଦରକାର । ଏବେ ଭାବୁଚି କିପରି ଏ ଦୁର୍ବଳତାକୁ ଏଡାଇ ଦେଇ ଆଗକୁ ଯିବି । ଦୁଇପାଦ ବଳରେ ରାସ୍ତା ପାର୍ ହେବି । ସମୁଦ୍ର ଲଙ୍ଘିବି, ନାଚିବି, କୁଦିବି । ଯାହା ମନ ତାହା କରିବି । ନାହିଁ କରିବି, ହଁ କରିବି କିମ୍ବା ହଁ ନାହିଁର ମଝିରେ ସ୍ୱେଚ୍ଛାଚାରୀ ରାଜାପରି ଦୁର୍ଦ୍ଦମନୀୟ ଉଚ୍ଛୃଙ୍ଖଳତାରୁ ଝୁଲି ପଡ଼ିବି । ସମସ୍ତେ ଜାଣିବେ ମୋ ଇଚ୍ଛାର ମାଲିକ ମୁଁ । ମୋ ନୌକାର ନାବିକ ମୁଁ ।

ରାତି ଗଭୀର ହେଲେ ମୋର ନିଦ ସମୟକୁ ହଜାଇ ଦିଏ । ଭୟରେ ଆଖି ଭିଜିଯାଏ । ପାଲଟଣା ଦଦରା ନାଆର ଚିରା ଫାଟରେ ସମୁଦ୍ର ପାଣି ପଶିଯିବାର ଭୟ । ଅନ୍ଧ ପ୍ରଜାପତିଟିଏ ଅନ୍ଧାରି କାନ୍ଥରେ ଛାଟିପିଟି ହୁଏ । ଏପରି ନିରନ୍ଧ୍ର ଇଲାକାରେ ସଂଘଟିତ ହୁଏ ସଂସାରଯାକର ଶୋକୋଚ୍ଛ୍ୱାସ । ଆଖି ଥାଉ ଥାଉ ଅନ୍ଧ ହୋଇଯାନ୍ତି ଚକ୍ଷୁଷ୍ମାନ । ଯୁବକ ବୃଦ୍ଧ ହୋଇଯାଇ ମରିଯାଏ । ଧନୀ ଦରିଦ୍ର ହୁଏ, ଭିକାରୀ ହୋଇଯାଏ । ହାତରେ ଜୀବାଣୁ ପଶିଯାଏ । ରକ୍ତ ପାଣି ଫାଟିଯାଏ । ଏଇ ହେଲା ଏ ପାଖର ଦୃଶ୍ୟ । ଏ ପାଖର ହାତକୁ ଛୁଇଁ ହୁଏ ମାତ୍ର ଧରି ହୁଏନି । ଏଠାରେ ଶୂନ୍ୟାଶକ୍ତି କେବଳ ଅସାମର୍ଥ୍ୟରେ ବଦଳିଯାଏ । ଥକା ଲାଗେ, ବିରକ୍ତ ଲାଗେ । ଅସହାୟ ସମୟ କବାଟ କୋଣରେ କୁଚିଯାଏ । ତା' ଗୋଡ ଉପରକୁ ମୁଣ୍ଡ ତଳକୁ । ହର୍ଷୋଲ୍ଲାସର ଉତ୍କଣ୍ଠା ଭିତରେ ମଣିଷମାନେ ହତ୍ୟା, ଲୁଣ୍ଠନ, ଧର୍ଷଣ ଓ ଅପମାନରେ ମାତିଯା'ନ୍ତି ।

ରାତି ଅଧ ହୋଇଗଲେ ଆକାଶରେ ଜହ୍ନ ନଥାଏ ହେଲେ କାନ୍ଦୁରା ମୁହଁଟିଏ ଭାସୁଥାଏ । ତାରାମାନେ ଢିମାଢିମା ଆଖିରେ ତଳକୁ ଚାହିଁଥାନ୍ତି । ଭୂତଳର ଦୃଶ୍ୟମାନେ ଅଳସ ଭାଙ୍ଗନ୍ତି । ଫୁଲମାନେ ବାସ୍ନା ମହକାନ୍ତି । ପାଖୁଡାଏ ଗୋଲାପୀ ଛିଟା ସ୍ୱପ୍ନା ନାମକ ଅଭିନେତ୍ରୀ ଆଖିତଳେ ବୋଳି ହୋଇଯାଏ । ନିଦ ଭିତରେ ବି ଅଭିନୟ ଚାଲିଥାଏ । ଦର୍ଶକ ନାୟକ ପରି ଅଭିନେତ୍ରୀକୁ ପ୍ରେମ କରୁଥାଏ । କିଛି ରାଗ, କିଛି ରୋଷ, କିଛି ହସ, କିଛି କାନ୍ଦ ମିଶିମାଶି ମତେ ଅଭିଭୂତ ଏକ ଦର୍ଶକରେ ବଦଳାଇ ଦିଅନ୍ତି ।

ଲୁହକୁ ହସରେ ବଦଳାଇ ଅଭିନେତ୍ରୀ କହିଲା, "ମୁଁ ତୁମର ଆଧୁନିକ କ୍ଷମତା ତଥା ଦକ୍ଷତାକୁ ଭଲପାଏ ।" ସେ ମୋ ଛାତି ଭିତରକୁ ଦେଖିପାରୁଥିଲା । ମୋ ବେଲ୍ଟ୍‌ରେ ବନ୍ଧୁକ ଝୁଲୁଥିଲେ ବି ମୋ ହୃଦୟରେ କେବଳ ନରମପଣ ଭରି ରହିଥିଲା । ପୋଲିସ୍ ସୁଲଭ କଠୋରତା ନଥିଲା । ମୋ ଡାହାଣ ଆଖି ବାଁ ଆଖିଠୁ ଉଜ୍ଜ୍ୱଳ ଓ ବଡ଼ । ମୁହଁରେ ଗୋଟେ ଓଃ- ଭରା ଭାବ ଲେପି ହୋଇଥିଲା । ଚେହେରାରେ ଶାର୍ଦ୍ଦୁଳର ଗର୍ବିତ ଠାଣି ।

Digitized by srujanika@gmail.com

ସତେ ଅବା ସ୍ୱପ୍ନାର ଅସ୍ଥିରତାକୁ ବାନ୍ଧି ମୁଁ ବନ୍ଧୁକ ଆଗରେ ଟଙ୍ଗାଇ ଦେଇଛି । ଏବେ କେବଳ ଡାହାଣ ଆଖିରେ ଦୃଶ୍ୟକୁ ସଙ୍କୁଚିତ କରି ଦେଖୁଛି । ଦୁଃସାହସର କଣ୍ଟକିତ ମୁକୁଟ ମୋ ମଥାରେ । କଥାରେ କଥାରେ ଉତ୍ଫୁଲ୍ଲ ଗର୍ବ, କାରଣ ଏବେ ମୁଁ ହୁଏତ ସ୍ୱପ୍ନର ଦାସ ନୁହେଁ, ବରଂ ମାଲିକ । ଯଦି ମୁଁ କିଛି ଜିନିଷକୁ ଡରେ ତେବେ ପଇସାକୁ । ଭଲ ପାଏ ତ ପଇସାକୁ । ସାଇତି ରଖିବାକୁ ଚାହେଁ ତ ପଇସାକୁ । ଅନ୍ୟ ଅର୍ଥରେ ମୁଁ ତା'ର ପଛରେ ପଡ଼ିଛି । ବୁଢ଼ାହେଲେ ବି ଦରକାର ହେବ । ଯୋଗ୍ୟ ପୁଅ ଥିଲେ ନଥିଲେ କି ଯାଏ ଆସେ । ହାତରେ ଧନ ସବୁବେଳେ ଲୋଡା । ପୁଅକୁ ବାହା କରିଦେଲେ ତା ବାଟରେ ସିଏ । ପୁଅ ହେବ— ଏମିତି କେତେ ପୁଅ ଦେଖିଛି ନା, ଏଇଟା କି ନୂଆ କଥା ?

ମୁଁ ବି ଦିନେ ପୁଅ ଥିଲି । ବାପାଙ୍କ ପାଟିରେ ଶେଷ ଟୋପାଏ ପାଣି ଦେବାକୁ ଗାଁରେ ଠିକ୍ ସମୟରେ ପହଞ୍ଚି ପାରିଲିନି । ପହଞ୍ଚିଲା ବେଳକୁ ସେ ସେଇମିତି ଶୋଷିଲା ଚାଲିଗଲେ । ସାଙ୍ଗରେ ଫୁଟା ପାଣି ବୋତଲଟା ନେଇଯାଇଥାନ୍ତେ ହେଲେ କିଏ ବା କ'ଣ ନେଇଯାଉଛି ସାଙ୍ଗରେ ? ଆଉ ବାକି ରହିଲା ବିକାଶ ଯାହାକୁ ମୁଁ ବିକୁ ବୋଲି ଡାକିଲେ ବି ସେ 'ଓ' କରିବାକୁ ଇଚ୍ଛା କରେନି । ଗୋଟିଏ ବୋଲି ପୁଅ ଯେ ତାକୁ ତା ମା ମୁଣ୍ଡ ଉପରେ ବସେଇଛି । ମା'ର ବି ପୁଅକୁ ନେଇ କମ୍ ଗର୍ବ ନୁହେଁ । ସହଜେ ତ ନିଜ ଆୟକୁ ଚାହିଁ ବ୍ୟୟ କରେନାହିଁ, ପୁଣି ତା ଉପରକୁ ଏବେ ପୁଅ ବଡ଼ ହୋଇ ଚାଲିଛି - ବ୍ୟୟ ବଢ଼ିଚାଲିଛି । ଛଅ ଟଙ୍କାର ଘୋଡାକୁ ଛପନ ଟଙ୍କାର ଶାଢୀ । ସବୁବେଳେ ଯା ଦରକାର ତା ଦରକାର । ଟଙ୍କା ହାତରେ ପଡ଼ିଲେ ପାଣିପରି ଖର୍ଚ୍ଚ କରେ । ତା'ର ଚିନ୍ତା କିଛି ନାହିଁ । ଦୋକାନ ଦେଖିବା ମାତ୍ରେ କିଣିବାକୁ ମନ ହାଇଁପାଇଁ ହୁଏ । ମୋ ଦ୍ୱାରା ଅର୍ଜିତ ଟଙ୍କାର ଅପବ୍ୟୟ ତାଙ୍କୁ ଖୁବ୍ ଜଣା । ସେ ଜାଣେ ମୋର ଅନିଚ୍ଛା ସତ୍ତ୍ୱେ ବି ମୁଁ ବଡ଼ ଲୋଭୀ । ମୁଁ ଏକ ଦୁର୍ନୀତିଗ୍ରସ୍ତ ପୁରସ୍କୃତ ପୁଲିସ୍ ଅଫିସର । ମୋ ଦୁର୍ବଳ ନୈତିକତାର ଛତାରେ କଣା ଫୁଟାଇ ଟଙ୍କା ବର୍ଷେ, ଯାହାକୁ ସଂଗ୍ରହ କରି ମୋର ସ୍ତ୍ରୀ ପାଟଶାଢୀ ଓ ଗହଣା କିଣୁଥାଏ ।

କିନ୍ତୁ ବିକାଶ କଥା ଅଲଗା । ମୋ ଜାଣିବାରେ ମୋ ଅର୍ଜିତ ପଇସାକୁ ସେ ହାତରେ ଧରିବାକୁ ବି ଘୃଣା କରେ । ଯେପରିକି ତାହା କେବଳ ମଇଳାରେ ତିଆରି । ମୋ ପ୍ରତି ତାର ବିରାଗ ସ୍ପଷ୍ଟ । ମୋତେ ଛାଡି ସେ ଆଉ ଗୋଟିଏ ବାପ ଚରିତ୍ରକୁ ଘୃଣାକରେ - କୋଣାର୍କ ବନେଇଥିବା ଧର୍ମପଦର ବାପା । ଧିକ୍ ତା'ର ଜୀବନ, କିଛି ନକରି ପୁଅଟାକୁ ପାଣିରେ ବୁଡ଼ି ମରିବାକୁ ଛାଡ଼ିଦେଲା । କେମିତି ପାଜି ବାପାଟିଏ କେଜାଣି । ଆଉ ଯାହା ହଉନା କାହିଁକି ବିକାଶ କେବେ ବି ତା ବାପାର ମର୍ଯ୍ୟାଦା ରକ୍ଷା କରିବା ପାଇଁ ନିଜକୁ ବଳିର ଛେଳି ବନେଇ ପାରିବନି । ସେଥିପାଇଁ ମତେ ନିଜକୁ ଚେଷ୍ଟା କରିବାକୁ ପଡ଼ିବ ।

Digitized by srujanika@gmail.com

ଫୋନ୍‌ଟା ରିଙ୍ଗ କରୁଛି । ଅଫିସ୍‌ରୁ ଉପର ହାକିମ ଡାକୁଛନ୍ତି, "ସାଙ୍ଗେ ସାଙ୍ଗେ ଆସ । ୟୁନିଫର୍ମ ପିନ୍ଧିଥିବ । ଅଣ୍ଟାରେ ପିସ୍ତଲ ଝୁଲୁଥିବ । ତହିଁରେ ଗୁଳି ଭରିଥିବ । ଗସ୍ତରେ ଯିବାର ଅଛି । ରାତିରେ ରେଡ୍ କରିବାର ଅଛି । ରେଡ୍ ଲାଇଟ୍ ଏରିଆ । ପିଆପିଇ କରିନଥିବ । ଏମିତି ଆସିବ ଯେ ସାଇପଡ଼ିଶା ବି ଜାଣିବେନି । ସ୍ତ୍ରୀଙ୍କୁ ବି ଜାଗା ନାଁ ନକହି ଆସିବ । ପଚାରିଲେ କହିବ ଏଇଠୁ ଆସୁଛି । ଡେରି ହୋଇପାରେ... କ'ଣ କହିଲ... ଖାଇନ... ଆରେ ବାବା ଖାଇବା କଥା ଛାଡ – ଆମେ କେହି ବି ଖାଇନୁ । ଏଇକ୍ଷଣି ଆସ ନହେଲେ ପ୍ଲାନଟା ଫେଲ୍ ହୋଇଯିବ । ଶିକାର ହାତରୁ ଖସିଯିବ ।"

ଆଦେଶ ଅନୁସାରେ ଠିକ୍ ବାହାରିବା ବେଳକୁ ସାମ୍ନାରେ ବାଟ ଓଗାଳି ଅଭିସାରିକା ବେଶରେ ଡ୍ରାମା କଲା ଭଙ୍ଗୀରେ ଶୁଭ୍ରା ପଚାରେ "ବଣିଆ ଦୋକାନକୁ ଯାଇଥାନ୍ତେ ପରା ?" ମୁଁ ବୁଝିଗଲି ତା'ର ପଇସା ଦରକାର । କହିଲି – "ଆଲମୀରାର ତଳଥାକରେ ଆଲବମ୍ ତଳେ ଥୁଆ ହୋଇଛି । ନିଜେ ନେଇ ଏକା ଚାଲି ଯା' । ମୁଁ ଟିକେ ଏଇଠୁ ଆସୁଛି । ଖାଇବାକୁ ମୋର ଅପେକ୍ଷା କରିବା ଦରକାର ନାହିଁ ।" ପଇସା କଥା ଶୁଣି ସେ ଖୁସି ହୋଇ ଚାଲିଗଲା । ପଇସା କିପରି ଘରକୁ ଆସୁଛି ସେ କଥା ଜାଣିବାରେ ତା'ର ଆଗ୍ରହ ନାହିଁ । ତା ସାଙ୍ଗକୁ ଏବେ ଜୁଟିଛି ବିକାଶ । ପଇସା ଦର୍କାର ହେଲେ କହୁଛି କ'ଣ ନା ମତେ ଉଧାର ସୁତ୍ରେ ଦିଅ । ବଡ଼ ହେଲେ ସୁଝିଦେବିନି ? ତାର ବହୁତ ବଡେଇ । ପଚାରିବାକୁ ଇଛା ହୁଏ "କେବେ ଫେରେଇବୁ ?" ମାତ୍ର ପଚାରେ "କ'ଣ କରିବୁ ?"

ସେ କହେ, "ମୋର ଦରକାର ନାହିଁ, ମୋ ସାଙ୍ଗ ଉମେଶର ବାପା ସିରିଅସ୍ ହୋଇ ହସ୍ପିଟାଲ୍‌ରେ ପଡ଼ିଛନ୍ତି । ଔଷଧ ଆଣିବାକୁ ତାଙ୍କର ପଇସା ନାହିଁ । ତାଙ୍କରି ପାଇଁ ଦରକାର । ଆଉ ପୁଣି ଉମେଶର ବି ପରୀକ୍ଷା ଫିସ୍ ଦବାକୁ ନାହିଁ । ମୁଁ ତା ମୁହଁକୁ ନିରେଖି ଦେଖେ । ଦୁନିଆଁଯାକର ଦାରିଦ୍ର୍ୟ ଦୂର କରିବାକୁ କ'ଣ ସିଏ ଠିକା ନେଇଛି ? କିନ୍ତୁ ସେ ତ ମିଛ କହୁନି । ମିଛ କହିଲେ ମୋ ପୁଲିସିଆ ଆଖିରୁ ତ ବର୍ତ୍ତିଯା'ନ୍ତା ନାହିଁ । ତା ମୁହଁଟା ସତ୍ୟାଚାରୀ ଏବଂ ଗମ୍ଭୀର ଦିଶୁଛି । ମୋ ମୁହଁର ନକଲରେ ତିଆରି ହେଲେ ବି ତା ମୁହଁରେ ମୋ ଦୁର୍ଗୁଣର କୌଣସି ଆଭାସ ନାହିଁ । ମନେ ମନେ ଭାଗ୍ୟକୁ ସାବାସି ଦେଲି ।

ଏତିକିବେଳେ ଦୁଆର ମୁହଁରେ ଭିକାରୀଟାଏ ଭିକ ମାଗୁଥିଲା – ତା'ର ବି ପଇସାଟିଏ ଲୋଡା ଯାହା ଶୁଭ୍ରା ଦେବାକୁ ଚାହେଁନାହିଁ । ଭିକାରୀଟିଏ ଦେଖିଲେ ତାର କୌଣସି ଦୟା ଆସେ ନାହିଁ । ସେ ଗାଳି ଦେଇ ବିଦା କରିଦିଏ । ଭିକାରୀ ଚାଲିଯାଏ । ବିକାଶ ତା ରୁମ୍ ଭିତରେ କବାଟ କିଳି ପାଠ ପଢୁଥାଏ । ସେ ତା ମା'ର ଏପରି ବ୍ୟବହାରରେ କ୍ଷୁବ୍ଧ ହୋଇପଡେ । ମୁଁ ଅଫିସ୍ ଯିବା ରାସ୍ତାରେ କେବଳ ତାରି କଥା ଭାବୁଥାଏ । ତା ମା'କୁ ଯଥେଷ୍ଟ ପଇସା ଦେଇ ସାରିଲା ପରେ ମୋ ହାତରେ ଯାହା

Digitized by srujanika@gmail.com

ବଳେ ତାକୁ-ମୁଁ ମଦ ମାଂସ ବା ମାଳତୀକୁ ଦେବାରେ ଚାଲିଯାଏ । ମୁଁ ଯେବେ ଏକାନ୍ତରେ ମୋ ନିଜ ସହିତ ବଡ଼ ପାଟିରେ କଥାବାର୍ତ୍ତା ହୁଏ ସେତେବେଳେ ମୁଁ ମାନେ ଯେ ପିଇବାଟା ଭଲ କଥା ନୁହେଁ । ପଇସା ସରେ, ଦେହର କ୍ଷତି ହୁଏ, ଚାରିତ୍ରିକ ସ୍ଖଳନ ହୋଇପାରେ ଏବଂ ସାମାଜିକ ପ୍ରତିଷ୍ଠାରେ ଆଞ୍ଚ ଆସେ । ପାଟି ବାସେ ଆଉ ସମସ୍ତେ ଦୂରରେ ରହିବାକୁ ଚାହାନ୍ତି । ପିଇଦେଇ ଅଫିସ୍ ଗଲେ ମୋ ପାଟିରୁ କ୍ରୁର ଅଶ୍ରାବ୍ୟ ଭାଷା ନିକିଲି ଆସେ । କେହି କେହି ତାକୁ ପୁଲିସିଆ ଭାଷା କହି ମାଫ୍ କରିଦିଅନ୍ତି । କାରଣ ଚୋର କୁଆଡେ କେବଳ ମାଡଗାଳି ଓ କୁ-ଭାଷା ହିଁ ବୁଝେ । ହେଲେ ସୁସ୍ଥ ମନରେ ମୁଁ ଜାଣେ ଯେ ଭୁଲ୍ ହୋଇଯାଇଛି । ପିଇବାଟା ଠିକ୍ ନୁହେଁ । କିନ୍ତୁ ପରଦିନ ପୁଣି ତାର ପୁନରାବୃତ୍ତି । ମୁଁ ନିଜକୁ ନିଜେ କ୍ଷମା କରିଦିଏ, ଏହା ଭାବି ଯେ, ମୋ ମନ ଖୁବ୍ ସ୍ୱାଧୀନତା ଚାହେଁ, ଅବା ମୋର ଚୋଟିଟା ଟିକେ ଅଧିକ ଶୃଙ୍ଖଳା ଏବଂ ପିଇବା ପାଇଁ ମୋତେ ମିଳିଯାଏ ଅନେକ ସୁଯୋଗ । ଏ ସବୁ ସତ୍ତ୍ୱେ ମୁଁ ଦେଖିଛି ଯେ ମୁଁ ଯେବେ ବି ପାନୀୟର ଅଧୀନରେ ଥାଏ ମୋର କାର୍ଯ୍ୟଦକ୍ଷତା କେବେ ବି ବାଧା ପାଏନି । ମୁଁ ଆଦେଶ ଦେଉଥାଏ । ସେମାନେ ମାନୁଥାନ୍ତି ।

କେବଳ ବିକାଶ ମୋର ଇଚ୍ଛାର ଶ୍ରେଷ୍ଠ ଅନୁମାନକୁ ଉପେକ୍ଷା କରେ । ସେ ମୋର ସମସ୍ତ ପିତୃତ୍ୱକୁ ଅବଜ୍ଞା କରି ଆଡ ହୋଇ ଚାଲିଯାଏ । ତାର ମସ୍ତିଷ୍କକୁ ଯଦି କାଟି ଦେଖାଯାଏ ତେବେ ସେଥିରେ କେବଳ ଅସୁଖକର ଆଦେଶମାନଙ୍କ ଉଦ୍ଦେଶ୍ୟରେ ଅନୁଚ୍ଚାରିତ ଅସଂଖ୍ୟ ନାହିଁ ନାହିଁର ପରିଭାଷା ଲୁଚି ରହିଥିବ । ତା'ର ଉଦାସ ନୀରବତାରେ ଭାସମାନ କାବ୍ୟିକ ବିରୋଧାଭାସ ଭରି ରହିଥିବ ।

ସେ ବି ଆଜିକାଲି ଲୁଚେଇ ଲୁଚେଇ କବିତା ଲେଖୁଛି ଯାହା ପଢ଼ି ମୁଁ ବୁଝିପାରେନା । କେମିତି ବା ବୁଝିବି ? ଚୋର ଖଣ୍ଡଙ୍କ ପଛରେ ଦୌଡୁଥିବା ମଣିଷଟା, କଟୁକ୍ତି ପ୍ରୟୋଗରେ ପାରଙ୍ଗମ ମଣିଷଟା, ଲାଞ୍ଚୁଆ ମଦ୍ୟପ ମଣିଷଟା କବିତା ବୁଝିବାକୁ ଯୋଗ୍ୟ ହେବ କିପରି ? ବିକାଶର ଅନୁପସ୍ଥିତିରେ ତା ରୁମ୍‌ରେ ବସି ତା ହାତ ଲେଖା କବିତାଟି ପଢ଼ିଲା ବେଳକୁ ପୁଣି ଥାନାରୁ ଫୋନ୍ ଆସେ । ପୁଲିସ୍‌ବାଲାର ଅନ୍ୟ ଗତି କାହିଁ ? ଏଇଲେ ବନ୍ଦ ଏଇଲେ ଖୋଲା । ଦିନ ନାହିଁ, ରାତି ନାହିଁ । ଆଖି ନାହିଁ, କାନ ନାହିଁ ।

ବିକାଶ ଏମିତି ପୁଲିସ୍ ଅଫିସର ଉପରେ ବି କବିତାଟେ ଲେଖିଛି ଯାହାର ସରଳ ଭାବାର୍ଥ ବୋଧଗମ୍ୟ ନହେଲେ ବି ଯାହା ବୁଝାପଡୁଛି ତହିଁରେ ଅଛି ଦୁଃଖଦ ଅନୁଧାବନ, ତରଳ ମହମରେ ତିଆରି ଟୋପିପିନ୍ଧା ପୁଲିସ୍ ଅଫିସରଟିଏ ହାତରେ ବାଡି ଓ ମୁହଁରେ ନିଶ ଥାଇ ରାତି ଅଧରେ ସମସ୍ତେ ଶୋଇପଡ଼ିବା ପରେ ଚିତ୍କାର କରୁଛି - ସାବଧାନ । କ୍ରମେ ସମସ୍ତ ଚିତ୍ରକଳ୍ପ ବଦଳି ଯାଉଛି ଯୁଗ ସହିତ । ଏବେ ଏକ ବନ୍ଧୁକଧାରୀ ଯୁବ ପୋଲିସ୍

Digitized by srujanika@gmail.com

ଅଫିସର୍ ମଟରସାଇକେଲ୍ ଚଢ଼ି ବିପଦସଂକୁଳ ଲକ୍ଷ୍ମଣଗାର ଡେଇଁ ଜୀବନକୁ ବାଜି ଲଗାଇ ଦୁର୍ଦ୍ଦାନ୍ତ ଗୁଣ୍ଡା ପଛରେ... ବିକାଶର ସେହି ପୁଲିସ୍ ଅଫିସରଠାରୁ ମୁଁ ସତେ କେତେ ଅଲଗା – ମୁଁ ଯଦି ସେପରି ହୋଇଥାନ୍ତି ତେବେ ବିକାଶର କବିତାର ଅର୍ଥ ବି ବଦଳିଯାନ୍ତା ।

ମୋର ମନେପଡେ ନୂଆକରି ଜନ୍ମ ହୋଇଥିବା ବେଳର ବିକାଶର କଥା । ତା ମୁହଁକୁ ମୋ ମୁହଁ ସାଙ୍ଗରେ ମିଶାଇ ତା'ର ମା ପଚାରିଲେ – "କହିଲ ଇଏ କାହାପରି ହବ– ତମପରି ନାଁ ମୋ ପରି ?" ମୋର ଚିନ୍ତାରେ ବାଧା ପଡ଼ିଲା ।

କିଏ ଗୋଟେ ଫୋନ୍‌ରେ ଡାକୁଛି । କାହା ଘରେ ନିଆଁ ଲାଗିଛି ? ସତ କହୁଛୁ ନା ମିଛ କହୁଛୁ ? ଏ ନିଆଁଟା ସତ ହୋଇପାରେ କିମ୍ବା ଅର୍ଥାନ୍ତରରେ ହୋଇପାରେ ଏକ ସାହିତ୍ୟିକ ମର୍ମ । ଏହି ନିଆଁଟା ମୋର ଗୋଟେ ପ୍ରିୟ ଶବ୍ଦ । କାରଣ ମୁଁ ସହଜରେ ନିଆଁ ହୋଇଯାଇପାରେ । ହାକିମାତି କଲାବେଳେ ମୋ କ୍ରୋଧରୁ ଯେଉଁ ଅଗ୍ନି ବାହାରେ ତାର ତାପମାତ୍ରା ସହଜେ କମେନି । ମୋ ଆଖି ରଡ ନିଆଁ ପରି ଦିକ୍ ଦିକ୍ ହୁଏ । ସତେ ଅବା ଆଗରେ ପାଇଲେ ସବୁ ଜାଳିପୋଡି ପାଉଁଶ କରିଦେବି । ଆରେ, ମୋ ଆଗରେ ପୁଣି ଚୋରି, ନାରୀ, ଧପ୍ପାବାଜି ! ସେ ସବୁ ଦୁଷ୍କାଚାର ଚଳିବନି । ଏକା ପାହାରକେ ଥଣ୍ଡା ବନାଏ । ହେଲେ ପୁଣି ଏକେଲା ପଡ଼ିଯାଏ । ଭାବେ ଏକୁଟିଆଟା ମୁଁ କ'ଣ କରିପାରିବି ? ସାରା ଦୁନିଆଁଟା ଭ୍ରଷ୍ଟାଚାରରେ ଯେତେବେଳେ ବୁଡ଼ିରହିଛି, ଗୋଟେ ସାମାନ୍ୟ ପୋଲିସ୍ ଅଫିସରଟେ କେତେ ସମୟ ଏକୁଟିଆ ଯୁଦ୍ଧ କରିପାରିବ ? କ'ଣ ବା ତା'ର ମୂଲ୍ୟ ?

ମୁଁ ଏବେ ସେଇଆ ଯାହା ଅନ୍ୟମାନେ । ତାହା କରେ ଯାହା ଅନ୍ୟମାନେ କରନ୍ତି । ଟିକେ ଅଧିକ ମାତ୍ରାରେ । ଉତ୍କୋଚର ଓଜିନିଆ ଧାତବ ମୁଦ୍ରାମାନେ ମୋ ପକେଟ୍‌ରେ ବଡ଼ କଣା କରି ସାରିଲେଣି । ଏଥରକ ବଡ଼ ବଡ଼ ସଂଖ୍ୟା ଛପା ହୋଇଥିବା କାଗଜ ତିଆରି ନୋଟ୍ ରହି ପାରିବ ସିନା ଆଉ କିଛି ନୁହେଁ । ମୋର ଏବେ ଅଧିକ ଦରକାର । ସ୍ତ୍ରୀଙ୍କର ଗହଣା ପାଇଁ, ପୁଅର ଆଡମିସନ୍ ପାଇଁ ଏବଂ ମୋର ମଦ ପାଇଁ ବି ଦରକାର ।

"କିଏ ବେ ଡାକୁଛି ?"

"ସାର୍ ମୁଁ ରଘୁ କହୁଛି.."

"ଆବେ କୋଉ ରଘୁ ?"

"ସାର୍ ଥାନାରୁ ରଘୁନାଥ ।"

"ଓ, କ'ଣ ହେଲା କହ, ସେଇ କଥା କହୁନୁ..."

"ଗୋଟେ ମର୍ଡର କେଶ ସାର୍ – ପାତାଳପୁରୀ ଲଜ୍‌ରେ..."

"ସେଇଟା ଆମ ଏରିଆ ଭିତରେ ତ ?"

"ହଁ ସାର, ଯୁବତୀର ରହସ୍ୟଜନକ ମୃତ୍ୟୁ । ହୋଇପାରେ ଏକ ସୁପରିକଳ୍ପିତ ହତ୍ୟା ଷଡଯନ୍ତ୍ର ଯାହା ପୁଲିସ୍‌ର ସନ୍ଦେହ ବଳୟରେ ଧରାପଡି ଯାଇଛି ।"

Digitized by srujanika@gmail.com

"ଆବେ ଛାଡ୍ ସେ ଖବରକାଗଜବାଲାଙ୍କ ଭାଷା"-

"ସାର୍ ଲଜ୍‌ବାଲା କହୁଛି ଆତ୍ମହତ୍ୟା, ହେଲେ ମୁଁ ଭାବୁଛି ମର୍ଡର । କାରଣ ସେ ଗଳାରେ ଦଉଡି ଦେଇ ଫ୍ୟାନ୍ ହୁକ୍‌ରୁ ଝୁଲୁଛି । ଆମେ ଗଲେ ଇନ୍‌ଭେଷ୍ଟିଗେସନ୍ ହବ । ଶବ କଢାହେବ ।"

"ରଖ ଫୋନ୍, ମୁଁ ଆସୁଛି ।" ସେ ଫୋନ୍ ଥୋଇଦେଲା ପରେ ମୁଁ ପୁଣି କହିଲି, "ହଁ ସେ ଘରଟାକୁ ଆଗ ଯାଇ ସିଲ୍ କରିଦେ, କାହାକୁ ଭିତରକୁ ଛାଡ଼ିବୁନି ।" ହଠାତ୍ ନିଶା ଛାଡି ଯାଇଥିବାରୁ ଜାଣିଲି ଯେ ମୋର ଏ ଶେଷ ଆଦେଶଟା ରଘୁ ଶୁଣିନି । ଫୋନ୍ ରଖିସାରିଛି ।

ଆଉ ଆରାମ୍‌ରେ ଗୋଡ ଉପରେ ଗୋଡ ରଖି ଟି.ଭି. ଦେଖି ହେଲାନି । ବୋତଲଟା ଶେଷକରି ହେଲାନି । ସ୍ତ୍ରୀ ଲୋକ ଜଡ଼ିତ ମାମଲା ବଡ଼ ଡେନ୍‌ଜରସ୍ କଥା । କାଲି ଗୃହମନ୍ତ୍ରୀଙ୍କୁ ସଭାକକ୍ଷରେ ଏ ବିଷମ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିପାରେ । ପୁଣି ସେ ସ୍ତ୍ରୀ ଲୋକଟି କାହାର ପ୍ରେମିକା, ରକ୍ଷିତା ବା ସ୍ତ୍ରୀ ହୋଇଥାଇପାରେ । ଏପରି ମାଇକିନା ବିବାହ ପରିସୀମା ବାହାରେ ଜୀଅନ୍ତା ବି ଭୟାନକ ଆଉ ମରିଗଲେ ତା'ଠାରୁ ଅଧିକ ଅତୃପ୍ତ ଏକ ଭୂତ ହୋଇଯାଇପାରେ । ଶୀଘ୍ର ଯାଇ ସେ ମାମଲାର କିଛି ଗୋଟେ ବ୍ୟବସ୍ଥା କରିବାକୁ ହେବ ।

ସଦ୍ୟ ମରିଛି । ଫ୍ୟାନ୍‌ରୁ ଝୁଲୁଛି ମୃତ୍ୟୁର ଓହଳ । ପିନ୍ଧିଛି ନୂଆ ଲୁଗାଟାଏ । ବୟସ ପଚିଶ ପାଖାପାଖି । ଶରୀରଟା ମଧ୍ୟମ କାଟର । ନା ଡେଙ୍ଗା ନା ଗେଡା । ରଙ୍ଗ ସାବ୍‌ନା । ପାଦରେ ପିନ୍ଧିଛି ଅଳତା, ତା ଉପରକୁ ପାଉଁଜି । ଅଳ୍ପ ସମୟ ମଧ୍ୟରେ ଝୁଲନ୍ତ ଦଉଡିରେ ଝୁଲୁଝୁଲୁ ସେ ମୋ ଆଡକୁ ମୁହଁ କଲା ତ ଦେଖିଲି ତା' ଆଖି ଦି'ଟା ଖୋଲା । ବେକଟା ଲମ୍ବିଯାଇଛି ଦେହର ଓଜନରେ । ଦେହରେ ବ୍ଲାଉଜ୍ ନାହିଁ । ଇସ୍... ଆଉ ଦେଖି ହେଲାନି । ମୁହଁ ଫେରାଇନେଲି ।

ତା'ର ଅପମୃତ୍ୟୁର କାରଣ ଅତ୍ୟନ୍ତ ଅସ୍ପଷ୍ଟ । ତଥାପି ତା'ର ଶବ ବ୍ୟବଚ୍ଛେଦ ହେବ, ଗୋଟେ ରିପୋର୍ଟ କରିବାକୁ ହେବ । ପାଖଆଖର ଲୋକମାନଙ୍କୁ କାରଣ ସମ୍ପର୍କରେ ପୁଛ୍‌ତାଛ କରିବାକୁ ପଡ଼ିବ । ପୋଲିସ୍‌ବାଲାର ସ୍ୱାଭାବିକ ସ୍ୱରରେ ବଙ୍କା ପ୍ରଶ୍ନ ପଚାରିବା ଆରମ୍ଭ କଲି-

"ଆରେ କିଏ ତା'ର ସ୍ୱାମୀ ?"

"ମୁଁ"

"ତୁମ ନାଁ ?"

"ବ୍ରଜ ବିଶୋଇ" ।

"ତାକୁ ସେଠି କିଏ ଟାଙ୍ଗିଲା ?"

Digitized by srujanika@gmail.com

"ମୁଁ ଜାଣେନି ଆଜ୍ଞା ।"

"କିଏ ମାରିଲା ?"

"କହିପାରିବିନି ।"

"କାହାକୁ ସନ୍ଦେହ କରୁଛ ?"

"କାହାରିକୁ ନୁହେଁ ।"

ତାକୁ ସେଇଠି ଅଟକାଇ ରୁମ୍‌ଟାକୁ ଭଲକରି ତନ୍ନତନ୍ନ କରି ଦେଖିଲି । ରୁମ୍‌ରେ ଇତସ୍ତତଃ ପଡ଼ିଥିବା ଜିନିଷ ମଧ୍ୟରେ ଗୋଟେ ପୁରୁଣା ପ୍ଲାଷ୍ଟିକ୍ ପର୍ସ, ତା ଭିତରେ କିଛି ଟଙ୍କା, ଟେବୁଲ୍ ଉପରେ ଗୋଟେ ଅମୃଲଡବା, ଗୋଟେ ସାବୁନ୍ ଖୋଳ, ତା କଡ଼କୁ ଦି'ଟା ଗୋଡ ମୁଦି ଓ ଟୁଥ୍‌ବ୍ରସ୍ । ଟେବୁଲ୍ ତଳେ ହାୱାଇ ଚପଲ, ତା କଡ଼କୁ ପୁରୁଣା ମଇଳା ଚଡ଼ି ଓ ମୋଡାମୋଡି ହୋଇ ପଡ଼ିଥିବା ଗାମୁଛା, ସିଗ୍ରେଟ୍ ଖୋଳ, ବ୍ୟବହାର କରାଯାଇ ସାରିଥିବା କଣ୍ଡମ୍‌ର ଖାଲି ଖୋଳ । ତା' ଧାରକୁ ଲାଗି ଚାଲିଥିଲେ ଦୀର୍ଘ ଧାଡ଼ିଏ ପିମ୍ପୁଡି । ଟେବୁଲ୍‌ର ଡ୍ରୟର ଖୋଲି ପାଇଛି ପୁଣି କିଛି ରେଜା ପଇସା, ଦି'ପଟ ନାଲି ଚୁଡ଼ି, ଗୋଟେ ସିନ୍ଦୂର ଡବା ଓ ଗୋଟେ ଶସ୍ତା ହିନ୍ଦୀ ଉପନ୍ୟାସ । ଉପନ୍ୟାସ ଭିତରେ ପାଇଲି ଗୋଟେ ଚିଠି । ତରତରରେ ହାତ ଲେଖା ଚିଠିରେ କେବଳ ଅନୁରୋଧ ଭର୍ତ୍ତି । କିଏ କାହାକୁ କେଉଁଥିପାଇଁ କେଉଁଠାରେ ଅପେକ୍ଷା କରିବାକୁ କହିଥିଲା ତାହା ଜଣାନାହିଁ । ଇତିରେ "ତୁମର ମୁଁ ।" ନାଁ ଲେଖିବାର ଆବଶ୍ୟକତା ନାହିଁ ନା ସାହସ ନାହିଁ ସେ କଥା କିଏ କହିବ ? ଏସବୁ ଜିନିଷର ଦୃଶ୍ୟ ଓ ଅଧାଗଢ଼ା କାହାଣୀ ମିଶିମାଶି ଗୋଟେ ରହସ୍ୟମୟତାର ଚୋଟିକୁ ଆମକୁ ଟାଣି ନେଉଥାନ୍ତି । ମୋର ସନ୍ଦେହ ଠାରୁ ଭୟ ବଢୁଥାଏ । ଏ ଭୟ ଅହେତୁକ ଏବଂ ମୋ ପରି ପୋଖତ ଅଫିସର ପାଇଁ ନିଶ୍ଚିତ ଭାବରେ ଅକାରଣ ।

ଆଜିକାଲି ପୁଣି ଗୋଟେ ଭୟ କ'ଣ ସେଇଟା ତ ବହିର କଥା ହୋଇଯାଇଛି । ଛୁଇଁବା ଆଗରୁ ତା'ର ଗୁରୁତ୍ୱ ରହୁନି । ମୃତ୍ୟୁ ଗୋଟେ ଖବରକାଗଜରେ ଲିପିବଦ୍ଧ ଚିତ୍ରକଳ୍ପ, କଳାଧଳା ଏକ ହେଡିଂ ଯାହାର କଳେବର କ୍ରମକ୍ଷୟିଷ୍ଣୁ । ମରଣ ହୋଇପାରେ ସତକଥା ଉପରେ ଓଜିନିଆ ଘୋଡଣି । ଅଥବା ହୋଇପାରେ ରହସ୍ୟ ରୋମାଞ୍ଚର ଆଧାର, କାରଣ ବାତାବରଣ ଯାହା କେବେ ପ୍ରହେଳିକାରେ ବଦଳି ଯାଏ । ହତ୍ୟା ଏଠି ଲୁଣ୍ଠନ ପାଇଁ ସହଜ ଏକ ରାସ୍ତା । ଅପମୃତ୍ୟୁ ଗୋଟେ ଦିନ ଦି' ପହରିଆ ହୋଲି । ଘରପୋଡି ରାବଣପୋଡି ପରି ଏକ ମଉଜିଆ କଥା । ଧର୍ଷଣ ଏକ ମନୋରଞ୍ଜନ । ଏ ସବୁ ସତ୍ତ୍ୱେ ମୃତ୍ୟୁର ପ୍ରତିଶବ୍ଦମାନ ଖୋଜିଲେ ମିଳେନା । ମରଣ ହୋଇରହେ ଏକ ଅତୃପ୍ତ କାମନାର ଦୁରନ୍ତ ଆହ୍ୱାନ । ତା'ର ଡାକ ସମସ୍ତେ ଶୁଣୁଥାନ୍ତି ହେଲେ କେହି 'ଓ' କରିବାକୁ ପ୍ରସ୍ତୁତ ନୁହଁନ୍ତି । ହୁଏତ ସେ ଜବରଦସ୍ତ ଟାଣିନେବ କିମ୍ବା ଲୁଚି ଲୁଚି ହଠାତ୍ ଏପରି କାବୁ

Digitized by srujanika@gmail.com

କରିନେବ ଯେ ପ୍ରତିରୋଧ କରିବାର ଯୁ' ନଥିବ । ମୃତ୍ୟୁ କଥା ଭାବିଲା ବେଳକୁ ବି ଜୀବନ ଛଟପଟ ହୋଇଯାଏ । ହେଲେ ମୁଁ ଡରେନି । ମରଣଗୁ ବିନ୍ଦୁ ବିନ୍ଦୁ ଦ୍ରବଣ ସିଗ୍ରେଟ୍‌ର ଢୋକରେ ମୋ ଭିତରକୁ ପ୍ରବେଶ କରନ୍ତି ହେଲେ ମୁଁ ହସୁଥାଏ । ଏ ସହରର ଭିତରେ ବାହାରେ ଏବେ ବି ଅନେକ ଶବ ଗଡୁଥିବେ, କେତେ ମଲେ କେତେ ରହିଲେ ହିସାବ କେବଳ ମିଶାଣ ଫେଡାଣର ଖେଳ ହୋଇଯାଏ । ଅନେକ ଶୂନ୍ୟର ହିସାବ ଡାମରାକାଉମାନଙ୍କର ଇନ୍‌କ୍ୱାରି କମିଶନର ରିପୋର୍ଟରେ ବନ୍ଧା ହୋଇ ରହିଯାନ୍ତି । କେହି ପଚାରନ୍ତିନି । ଆମେ ପୁଲିସ୍‌ବାଲା ହୋଇଥିବାରୁ ଜାଣୁ ।

ଅପହରଣ ଆମ ପାଇଁ ଅତି ସାଧାରଣ ଘଟଣା । ବ୍ୟକ୍ତି ବ୍ୟକ୍ତିର ଲଢେଇ କେବଳ ଦୁଇ ପରିସରରେ । ଏ ପୃଥିବୀରେ ଦେଶ ଦେଶର ଲଢେଇ ବୋମାମାଡର ଗଣାଗଣି । କେତେ କେତେ ବସ୍‌ନିଆ, କ୍ରୋଏସିଆ, ରୁଷିଆ, ଲାଟ୍‌ଭିଆ - ଏଷ୍ଟୋନିଆ - ଏବେ ବି ଯୁଦ୍ଧର ଯନ୍ତାରେ ଆବଦ୍ଧ । ରୁଆଣ୍ଡାରେ ନରସଂହାରର ଲୋମହର୍ଷକ ତଥ୍ୟ ଯାହାର ରୋମାଞ୍ଚର ଅନୁପାତ ମାପିବା ପାଇଁ ଆଧୁନିକ ମଣିଷର ରୋମ ହିଁ ନାହିଁ । ମାଟିତଳୁ ସହସ୍ର କଙ୍କାଳର ଅବଶିଷ୍ଟାଂଶ ମାଟି ଉପରକୁ ଦିଶେ । ଖପୁରୀର ବିଲୁପ୍ତ କାନ୍ଦ ସାମ୍ବାଦିକର ମନକୁ ଦୋହଲାଇ ଦିଏନି । ସେମାନେ ଦୁଃଖକୁ ବି ଏକ ପ୍ରକାର ଗୀତ ନାଚରେ ବଦଳାଇ ଦେଇ ପାରନ୍ତି । ଏପରି ଖବର ଦିଅନ୍ତି ଯାହା ପଢ଼ି ଶୁଣି ଲୋକ ମୁହଁରୁ ଚୁଉ ଶବ୍ଦ ବି ବାହାରେନି । ସେ କୁକୁଡା ଗୋଡ ଚୋବେଇ ଚୋବେଇ ଏଉଡି ମାରେ । ପାଣି ବଦଳରେ ମଦ ପିଏ । ରେଡିଓରୁ, ଟି.ଭି.ରୁ ଲମ୍ଫି ଆସେ ଏ ସବୁ ପ୍ରକାରର ଖବରମାନ । ଜୋକ୍ ସହିତ, ମଜା ଘଟଣା ସହିତ ପରଷାଯାଏ ସମସ୍ୱରରେ । ଏଇ ନିଅ ପଢ ଖବରକାଗଜର ମୁଖ୍ୟ ସମ୍ବାଦର ପ୍ରଥମ ଧାଡ଼ି - "ଗାଁର ମୁଖିଆ ଆତତାୟୀର ଗୁଳିରେ ନିହତ ।" ବା 'ଖଣ୍ଡା ଚୋଟରେ ମୃତ୍ୟୁ", "ଫାର୍ଶୀ ମାଡରେ ମୃତ ।" "ସହରର ମୁଖ୍ୟ ଜନଗହଳି ଅଞ୍ଚଳରେ ଆତଙ୍କବାଦୀର ଅନ୍ଧାଧୁନିଆ ଗୁଳିବର୍ଷଣ ।" ଏଇ ହେଲା ସବୁଦିନିଆ ଖବରର ଉଦାହରଣ ମାତ୍ର । "ଜୀଅନ୍ତା ଜଳାଇ ଦେଲେ", "ବୋମା ମାଡରେ ବାଇଶି ଜଣ ମଲେ", "ଅଜ୍ଞାତ ବନ୍ଧୁକଧାରୀର ଜଜ୍‌ଙ୍କ ଉପରେ ହାମ୍‌ଲା ।" "ଦୁର୍ଦ୍ଦଷ ମଣିଷ-ବୋମା ମନ୍ତ୍ରୀଙ୍କୁ ଫୁଲମାଳ ଦେଇ ଉଡାଇଦେଲା" - ଏସବୁ ଯେତେ ମନୁଷ୍ୟକୃତ ସୀମିତ ସଂଖ୍ୟାର୍ ମରଣ କାହାଣୀ । ବାକି ରହିଲା "ପ୍ଲେଗ୍‌ରେ ଦୁଇ ଶହରୁ ଉର୍ଦ୍ଧ୍ୱ", " ନଈ ବଢ଼ିରେ ତିନି ହଜାର", "ଭୂକମ୍ପରେ ଅଗଣିତ ନରନାରୀ"... ଏମିତି ଆଉ ଦିନେ ବିତିଯାଏ । ବଞ୍ଚିରହିଥିବା ଲୋକଟି ଶଙ୍କିଯାଏ, ଶୋଇପଡେ । ଜୀବନକାଳରୁ ଆଉ ଦିନଟିଏ କମିଯାଏ ।

ଏସବୁ ଅଗଣିତ ମରଣର ମୁହାଣ ଭିତରେ ଗୋଟେ ସାମାନ୍ୟ ସ୍ତ୍ରୀ ଲୋକଟାର ମୃତ୍ୟୁର ଅନୁସରଣ କରି ତାର ପୋଷ୍ଟମର୍ଟମ କରି ଗୋଟେ ସମ୍ଭାବ୍ୟ ରିପୋର୍ଟ ଦେବାର

Digitized by srujanika@gmail.com

କ'ଣ ମାନେ ହୁଏ ? କି ଅର୍ଥହୀନ ଏ ସବୁ ବ୍ୟାୟାମ୍ । ମଲା ତ ମଲା, ତରିଗଲା, ହୁଏତ ମରିପାରିବାରୁ ଏକ ଚମତ୍କାରୀ ଅନୁଭବ ଲଭିଲା । ଏଠାରେ ମୋ ମନକୁ ଗୋଟିଏ ପ୍ରଶ୍ନ ଆସେ । ଆଜି ଯଦି ସେ ବଞ୍ଚିଥାନ୍ତା ମୁଁ ତାକୁ ପଚାରିଥାନ୍ତି "କି ପ୍ରକାର ମୃତ୍ୟୁ ଚାହଁ ଯୁବତୀ – ଆତ୍ମହତ୍ୟାକୁ ଛାଡି ?" ଯେପରି କେବେ କେବେ ସାମ୍ବାଦିକ ସମ୍ମାନନୀୟ ପୁରସ୍କୃତ ବ୍ୟକ୍ତିଙ୍କୁ ପ୍ରଶ୍ନ କରନ୍ତି "ଆପଣ କିପରି ଭାବରେ ମରିବାକୁ ଚାହାନ୍ତି ?" ଏବଂ ଯାହାର ଉତ୍ତର ସହଜରେ ମିଳେ ନାହିଁ । ମୃତ୍ୟୁ, ସେ ଗୋଟେ ଅନ୍ୟ ଲୋକର ନାଁ, ଅନ୍ୟ ଗାଁର କରୁଣ କ୍ରନ୍ଦନ, ଅନ୍ୟ ନଦୀର ସେପଟର ସୁଅ । ଏ ପ୍ରଶ୍ନର ଉତ୍ତର ଦିଅନ୍ତୁ ବା ନ ଦିଅନ୍ତୁ ହେଲେ ପ୍ରତ୍ୟେକ  ଭାବନ୍ତି ଯେ ଯଦି ଥରେ ଜନ୍ମ ହୋଇଛି ତା ହେଲେ ପାଇଯାଏ ଜୀବନର ମଜା, ମିନିଟ୍ଏ ପାଇଁ ହେଲେ ବି ହୋଇଯାଏ ଟିକେ ଅମର । ଏସବୁ ଭିତରେ ପୁଣି ପ୍ରବେଶ କରେ ସମୟ ସଚେତନତା । ସବୁଥିରୁ ମନ ଛାଡିଯାଏ । ଛାଡିଆସିଥିବା ଗାଁକୁ ଫେରିଯିବାକୁ ଇଚ୍ଛା ହୁଏ ।

ଏପରି ଭାବି ଚାଲିଥିବା ବେଳେ ମୁଁ ଦେଖିଲି ମୋ ନିଜର ଛାଇ ମୋ ଠାରୁ ଅନେକ ଆଗକୁ ଲମ୍ବିଯାଇଛି । ମୋ ଇଚ୍ଛା ପଛରେ ପଡ଼ିଯାଉଛି । ଇଚ୍ଛାରେ ନିହିତ ମୋର ଜୀବନାଲୋକର ଉତ୍ସ । ସେଠାରୁ ଆସୁଥିବା ଶୁଭ୍ରାଲୋକର ସ୍ରୋତରେ ମୋ ଛାଇଟା ଭାସିଯବା କିଛି ଅସମ୍ଭବ ନୁହେଁ । ଏଠାରେ କେବଳ ଛାଇ ଆଲୁଅଙ୍କର ନୃତ୍ୟ ଲାଗି ରହିଛି । ଫ୍ୟାନ୍‌ରୁ ଝୁଲନ୍ତା ଯୁବତୀର ଶବଠାରୁ କାନ୍ଥରେ ପଡ଼ିଥିବା ତାର ଛାଇଟା ଅଧିକ ସ୍ପଷ୍ଟ ଓ ସ୍ଥିର ଜଣାଯାଉଛି । ମୁଁ ତା'ର ଶରୀରରେ, ଶବରେ ଜାତିଧର୍ମ ରଙ୍ଗ କିଛି ଦେଖିଲି ନାହିଁ । ଖାଲି ମରଣ ଢାଙ୍କିଛି ତାର ଦେହକୁ । ତରଳ ଅସଂଲଗ୍ନ ନଦୀଟିଏ ପରି ଆଉ ତାର କିଛି ଶେଷ କଥା ନାହିଁ । ଏଇଠି ଏହିପରି ତାର ବର୍ତ୍ତମାନ କିମ୍ବା ତାର ଅତୀତ ବା କେବେ ବର୍ତ୍ତମାନ ଥିଲା, ଏହି କଥା ପ୍ରମାଣ କରିବାକୁ ସେ ଏଠି ଝୁଲୁଛି । ଯଦିଓ ତାକୁ ଫେରାଇ ଆଣିବା ବଡ଼ ମୁସ୍କିଲ୍ ବ୍ୟାପାର । ଫ୍ୟାନ୍‌ରୁ ଝୁଲୁଥିବା ମୃତା ମହିଳାର ଚିତ୍ର ମୋ ପାଇଁ ନୂଆ ନୁହେଁ, ଆଗରୁ କହିଛି ।

ଥରେ ଏଇମିତିଆ ସୁନ୍ଦରୀ ଯୁବତୀଟିଏ ଦିଲ୍ଲୀରେ ମୁଁ ପଢ଼ିଲା ବେଳେ ସହରତଳି ଏକ ହୋଟେଲ୍ ଆଗରେ କଳାଶାଢୀ ପିନ୍ଧି ବସିଥିଲା । ମୋର ଠିକ୍ ମନେ ଅଛି, ତାର ଟଙ୍କା ଦରକାର ଥିଲା । ରମେଶ ଦର ଛିଣ୍ଡାଇ ତା ସହିତ ସେଇ ହୋଟେଲ୍‌ରେ ରାତ୍ରିଯାପନ କଲା । ମୁଁ ଯେତେ ମନାକଲି ଶୁଣିଲା ନାହିଁ, ବରଂ ମତେ ଡରୁଆ କହି ହଷ୍ଟେଲ ଫେରାଇ ଦେଲା । ତା' ପରଦିନ ସକାଳୁ ଖବର ଆସିଲା କି ସେ ଯୁବତୀଟା ସେଇ କଳାଶାଢୀଟା ବେକରେ ଗୁଡେଇ ଫ୍ୟାନ୍ ହୁକରୁ ଝୁଲି ମରିଛି । ରମେଶକୁ ପୋଲିସ୍ ବାନ୍ଧି ନେଇଛି । ମତେ ବି ଅନେକ ପ୍ରଶ୍ନ କରା ହୋଇଛି । ବହୁ କଷ୍ଟରେ ଦି ଜଣଯାକ ସେଥିରୁ ଖସିଛୁ ନିର୍ଦ୍ଦୋଷରେ । ରମେଶ ତାକୁ ଭୁଲି ଯାଇଥିଲା ହେଲେ ମୁଁ ଭୁଲିପାରି ନଥିଲି ।  ମୋର

Digitized by srujanika@gmail.com

ମନେ ପଡିଯାଉଥିଲା କଳାଶାଢୀ ପିନ୍ଧା ସେ ଝିଅଟିର କାନରେ ଚକ୍‌ଚକ୍ କରୁଥିବା କାନଫୁଲ । ତା ବେକରେ ଝୁଲୁଥିବା ହାରରୁ ଲକେଟ୍‌ରେ ତା ନାଁ ଲେଖାଥିଲା "ଗୌରୀ" । ତା ଦେହରେ ଶାଢୀଟା ଦଉଡି ପରି ଗୁଡେଇ ହୋଇଥିଲା – ତା' ଛାତିର ଓଜନ ତା ପଞ୍ଜରା ହାଡକୁ ଏପରି ଚାପି ଧରିଥିଲା ଯେ ସେ ଅଣନିଃଶ୍ୱାସୀ ହୋଇପଡୁଥିଲା । ରମେଶ କୁଆଡେ ତା ଦେହରୁ ଶାଢୀ ଉତାରି ତା ଗାଲକୁ ଫୁଙ୍କି ତାକୁ ଅମ୍ଳଜାନ ନେବାରେ ସାହାଯ୍ୟ କଲା ଏବଂ ତାର ଓଠକୁ ଓଠରେ ସ୍ପର୍ଶ କରିବା ମାତ୍ରେ ସେ ସେଠାରୁ ଉଭେଇ ଯାଇ ଚିରୁଗୁଣୀ ପ୍ରାୟ ପଙ୍ଖାରେ ଝୁଲି ପଡ଼ିଲା । ରମେଶ ଦେହରୁ ଗୋଟା ଝାଳ ବୋହିଗଲା । ସେ ହୋଟେଲ୍ ରୁମର ମାର୍ବଲ ଚଟାଣକୁ ଚାହିଁ ଦେଖିଲା ସେଠାରେ ପଡ଼ିଥିବା ବିନ୍ଦୁଏ ରକ୍ତର ଲାଲ୍‌ରଙ୍ଗରେ ମୃତ୍ୟୁର ବିଭୀଷିକାର ଲହରୀ ।

ହଷ୍ଟେଲ୍‌କୁ ଫେରି ତା'ର ଅନେକ ପାଗଳାମି ବାହାରିଥିଲା । ରାତିରେ ଉଠି ବିଳିବିଳେଇବା, ନିଦରେ ଚାଲିବା, ଶୁଖିଲା ଟୋଟିରେ ଉଠି ପାଣି ପିଇବା । କଳାଶାଢୀପିନ୍ଧା ସ୍ତ୍ରୀ ଭୂତଟା ତାକୁ ସବୁଦିନ ଦେଖା ଦଉଥିଲା । ଡରୋଉ ନଥିଲା, ଖାଲି ତା' ପାଖରେ ଶୋଇ ତାକୁ ପ୍ରେମ ଦେବାକୁ ବାଧ୍ୟ କରୁଥିଲା । ନ ଦେଲେ ମୁହଁ ଫୁଲାଇ କାନ୍ଦୁଥିଲା । ମୁଁ ନିଜେ କାନରେ ଶୁଣିଛି ରମେଶ କିପରି ତା ସହିତ କଥାବାର୍ତ୍ତା କରୁଥିଲା । ତାକୁ ଗୌରୀ ଗୌରୀ ଡାକୁଥିଲା ଏବଂ ସେ ହସୁଥିଲା । ଦିନେ ସକାଳୁ ମୁଁ ଦେଖେ ରମେଶ ମାଟିକୁସ୍ତିରେ ହାରିଯାଇଥିବା ଲୋକଟିଏ ପରି ବିସ୍ତର ଉପରେ ଚିତ୍‌ମାତ୍ ହୋଇ ପଡିଛି । ତା ଦେହରେ ଲୁଗା ନାହିଁ । ତା ଛାତି ଉପରେ କଳାଶାଢୀରୁ ଛିଣ୍ଡିଥିବା କାନିରୁ ଖଣ୍ଡେ । ମୁଁ ତାକୁ ବୁଝେଇ ଶୁଝେଇ କିଛି ଦିନ ପାଇଁ ଗାଁକୁ ପଠାଇଦେଲି ତ ଭୂତୁଣୀଟା ତା ସହିତ ଗାଁକୁ ଯିବାକୁ ପସନ୍ଦ କଲାନି ବୋଧେ ।

ଭାବନାରୁ ଫେରି ମୁଁ ମୁଣ୍ଡ ଉଠାଇ ଚୁପ୍‌ଚାପ୍ ମୃତ୍ୟୁକୁ ଲକ୍ଷ୍ୟକଲି । ତାର ସ୍ୱାମୀ କବାଟ ପାଖରେ ଠିଆ ହୋଇ କାନ୍ଦୁଛି । ହୁଏତ ଭୟରେ କିମ୍ବା ଦୁଃଖରେ । ତାକୁ ପାଖକୁ ଡାକି ପଚାରିଲି ।

"ତୁମର ଇଏ କିଏ ?"

"ସ୍ତ୍ରୀ ।"

"କେବେ ବାହାଘର ହୋଇଥିଲା ?"

"ଦି' ବର୍ଷ ହେଲାଣି ।"

"ପିଲାପିଲି ?"

"ହଁ ଗୋଟେ ପୁଅ ଜନ୍ମ ହୋଇ ମରିଯାଇଛି ।"

"ଆବେ ଚୁପ୍, ଏବେକାର କଥା କହ । କିଏ ମଲା ସେଥିରୁ କ'ଣ ମିଳିବ ?"

ମୁଣ୍ଡରୁ ଟୋପିଟା କାଢି ଝାଲୁଆ ମୁଣ୍ଡଟାକୁ କୁଣ୍ଡେଇ କୁଣ୍ଡେଇ ମନେ ମନେ

Digitized by srujanika@gmail.com

ରିପୋର୍ଟଟିଏ ପ୍ରସ୍ତୁତ କଲି - ଯାହାର ଘଟଣା ସହିତ କିଛି ତ ସମ୍ପର୍କ ଥିବ ମାତ୍ର ଏତେ ଗଭୀର ଭାବରେ ନୁହେଁ । ଏପରି ଏକ ରିପୋର୍ଟ, ଯାହା ପଢିଲେ ବିଶ୍ୱାସଯୋଗ୍ୟ ମନେ ହେବ, ବାସ୍ ସେମିତି । ଏକ ରିପୋର୍ଟ ପ୍ରଥମ ପଢାରୁ ଯାହାକୁ ଜଜ୍ ବି ଗ୍ରହଣ କରିନେଇପାରିବେ - ସେଇଠୁ ଶବଟାକୁ ତଳକୁ କାଢି ନେବାକୁ ଆଦେଶ ଦେଇ ପୋଷ୍ଟ ମର୍ଟମ ପାଇଁ ପଠାଇଦେଇ ଘରକୁ ଫେରିଲି । ସେତେବେଳକୁ ରାତି ନ'ଟା ପାଖାପାଖି ହେଲାଣି । ବିକାଶ ଘରକୁ ଫେରିନି ବୋଲି କବାଟ ପାଖରେ ଠିଆ ହୋଇଥାଏ ଶୁଭ୍ରା । ମୁଁ ପଚାରିଲି "କାହିଁକି ?" ସେ କହିଲେ ଯେ ଆଜି ତା'ର ରେଜଲ୍ଟ ବାହାରିଛି- ସିଏ କୁଆଡେ ଫେଲ୍ ହୋଇଛି ବୋଲି ତାର ସାଙ୍ଗ କହୁଥିଲା । "ଫେଲ୍ ହୋଇଛି ?" ମୋର ବିଶ୍ୱାସ ହେଲାନି । ଏତେ ପଢୁଥିଲା, ଟ୍ୟୁସନ୍ ଯାଉଥିଲା, ସେ ପୁଣି ଫେଲ୍ ହେଲା, ତା ମା'କୁ ବି ନକହି ଘରୁ ଲୁଚି ପଳେଇଗଲା । ସାଙ୍ଗେ ସାଙ୍ଗେ ତା ସାଙ୍ଗ ଘରକୁ ଫୋନ୍ କଲି । ତା ସାଙ୍ଗର ସାନଭଉଣୀ ଫୋନ୍ ଉଠାଇଲା । କହିଲା, "ମୁଁ ଶୁଣିଛି ବିକାଶ ଭାଇ ମୋ ଭାଇକୁ କହୁଥିଲେ କି ସେ ସିଧା ଟ୍ରେନ୍ ଧରି ଦିଲ୍ଲୀ ଚାଲିଯିବାକୁ ଠିକ୍ କରିଛନ୍ତି । ସେଠାରୁ ନେପାଳ ଚାଲିଯାଇପାରନ୍ତି । ସିଏ ନା ମାଉସୀଙ୍କ ଆଲମିରାରୁ ଟଙ୍କା ନେଇଛନ୍ତି । ଏକଥା କାହାରିକୁ ନ କହିବାକୁ କହିଛନ୍ତି ।" ସେ ଯାହା ନାହିଁ କରିଥିଲା ମୋତେ ଠିକ୍ ସେଇ କଥା କହିଗଲା ।

ମୁଁ ପଚାରିଲି, "ତୁ କେମିତି ଜାଣିଲୁ ?"

"ମୁଁ କବାଟ କଡ଼ରେ ଠିଆ ହୋଇ ଶୁଣୁଥିଲି-"

" ତୁ କାହିଁକି ତାଙ୍କ କଥା ଶୁଣୁଥିଲୁ ?"

"କାହିଁକି ନା, ଭାଇ ତାକୁ ବଡ଼ ପାଟିରେ କ'ଣ ସବୁ ବୁଝାଉଥିଲା । ମୁଁ ଯାଉ ଯାଉ ତା କଥା ଶୁଣିଲି ତ ସେଠି ଅଟକି ରହିଲି - ଶୁଣିବାକୁ ଇଚ୍ଛା ହେଲା ତାଙ୍କର କ'ଣ ଯୁକ୍ତିତର୍କ ଚାଲିଛି ।"

"ତୁ କେଉଁ କ୍ଲାସରେ ପଢୁ ?"

"କ୍ଲାସ୍ ନାଇନ୍‌ରେ ।"

"ହଉ, ଫୋନ୍ ରଖ ।"

"ରହୁଛି ।"

ସେତେବେଳକୁ ବିକାଶର ଘରୁ ପଳେଇବାଟା ବୋଧହୁଏ ପୁରା ମହଲାରେ ବ୍ୟାପି ଯାଇଥିଲା । ଲୋକମାନେ ଯିବାଆସିବା ବେଳେ ଆମ ଘରଆଡେ ଚାହିଁ ଚାହିଁ ଯାଉଥିଲେ । ଏସବୁ ସତ୍ତ୍ୱେ ମୋର ବିକାଶ ପ୍ରତି କୌଣସି ବିରକ୍ତି ନଥିଲା । ମୋର ରାଗ ଉଭେଇ ଯାଇଥିଲା । ଭୟ, ଆତଙ୍କ, କ୍ରୋଧ, ଆଶଙ୍କାର ଅନୁମାନ କେବଳ ପ୍ରଶାନ୍ତ ଅନୁରାଗରେ ରୂପାନ୍ତରିତ ହେଉଥିଲା ।

Digitized by srujanika@gmail.com

ବିକାଶର ନିରୁଦ୍ଦିଷ୍ଟ ହେବା ନେଇ ମୋ ମନରେ ସ୍ୱତଃ ଏକ ସ୍ୱୟଂସମ୍ପୂର୍ଣ୍ଣ କାଳ୍ପନିକ ଗପଟିଏ ବର୍ଣ୍ଣିହୋଇ ଯାଉଥାଏ ଯାହା କେବଳ ଅସତ୍ୟ ଉପରେ ଆଧାରିତ ହୋଇଥିବା ହେତୁ ଅତୀବ ସତ୍ୟପରି ପ୍ରତେ ହୁଏ କିମ୍ବା ଏହା ଏପରି ଏକ କାହାଣୀ ହୋଇପାରେ ଯହିଁରେ ଘଟଣା ନଥାଇ ଚରିତ୍ରମାନେ ଆତଯାତ ହେଉଥାନ୍ତି ଅଥବା ଚରିତ୍ର ନଥାଇ ଘଟଣାମାନେ ଚର୍ଚ୍ଚିତ ହୋଇଥାନ୍ତି । କଦବା କ୍ୱଚିତ୍ ଘଟଣା ଚରିତ୍ର ଦୁଇଟିଯାକ ପ୍ଲଟର ବାହାରେ କୁସ୍ତିରତ । ଯେପରି ଖବରକାଗଜ ପୃଷ୍ଠାରେ ପାର୍ଥିବ ଘଟଣାଶୀଳତା ମନକୁ ଛୁଇଁ ପାରେନି । ପାଠକେ ପଢନ୍ତି, ଜାଣନ୍ତି, ଶୁଣନ୍ତି ପୁଣି ଭୁଲିଯାଆନ୍ତି । ଯେତେ ବନେଇ ଚୁନେଇ କହିଲେ ବି ସତକଥାକୁ ଅଧିକ ରଙ୍ଗିଲା କରି ହୁଏନି । କେବଳ ମିଛ କଥାରେ ମହୁ ବୋଳିହୁଏ । ଯେତେବେଳେ ଗପ ଛଳନା ହୋଇଯାଏ, ସେତେବେଳେ ନା କହିବାକୁ ଭଲ ଲାଗେ ନା ଶୁଣିବାକୁ ।

(ତୁମେ) କ'ଣ ପଢିବାକୁ ଚାହଁ? ରୋମାନ୍ସ, ପ୍ରେମକାହାଣୀ, ହତ୍ୟା, ରହସ୍ୟ, ରୋମାଞ୍ଚ, ହସକଥା, ଗୁପ୍ତଚର କଥା, ଯୁଦ୍ଧ କଥା, ଭୂତ ପିଶାଚ କଥା, ଭୂତ ଭବିଷ୍ୟତ କଥା, ଇତିହାସ ବା ବିଜ୍ଞାନ କଥା, କଳ୍ପନାବିଳାସ ବା ପୋର୍ଣ୍ଣୋଗ୍ରାଫି । ସବୁ ସେଇ ଖବରକାଗଜର ଦି' ଫର୍ଦ୍ଦ ଲମ୍ବା କାଗଜରେ ଫେଣ୍ଟାଫେଣ୍ଟି କରି ଦିଆଯାଇଥାଏ । ସହରି ସଭ୍ୟ ଭଦ୍ରଲୋକ ତାକୁ ପଢେ । ସେ ପଢେ ମୃତ୍ୟୁର ଖବର ବା ଖବରର ମୃତ୍ୟୁ । ସବୁକଥା କେବଳ ଓବିଚ୍ୟୁାରୀ ତଳେ ଲେଖା ହୋଇଥାଏ । କ୍ରମେ ଦୁଃଖଭରା ଜୀବନଗାଥା କେବଳ ମନୋଟୋନିରେ ଭରିଯାଏ । ଯେପରି ବିକାଶ ବୋର ହୋଇଗଲା । ଗତାନୁଗତିକ ଜୀବନଟିଏରେ ବାନ୍ଧି ହୋଇ ତାକୁ ଘର ଭଲ ଲାଗେନି କାରଣ ସେଠି ମୋର ହୁକୁମ ଚାଲେ । ହେଲେ ସେ ମା'କୁ ତାର ଖୁବ୍ ଭଲପାଏ । ସେ ମୋର ପୋଲିସ୍ ଚାକିରିଟାକୁ ହିଁ ଘୃଣାକରେ । ମତେ ଯେ ଆଉ ଅନ୍ୟ ଚାକିରି ମିଳିଲା ନାହିଁ ସେ କଥା ସେ ଜାଣେନି । କୌଣସି ପିଲା କେବେ ବାପା କରୁଥିବା ଚାକିରି ବା କାମଟି କରିବାକୁ ଚାହେଁନି । ବଢିଲା ଟିନ୍ଏଜରଟିକୁ ଗୁପ୍ତରେ ପଚାର ସେ କହିବ ଆଉ ଯାହା କାମ ହେଲେ ପଛେ କରିବି ପୋଲିସ୍ ଚାକିରି କରିବନି । ଅଧ୍ୟାପକର କଲେଜ ପଢୁଆ ପୁଅ ଅଧ୍ୟାପକ ଚାକିରିଟାକୁ ହିଁ ପସନ୍ଦ କରିବ ନାହିଁ । ଏଠାରେ ଭଲମନ୍ଦର ପ୍ରଶ୍ନ ଉଠେନି - କିମ୍ବା ଏହା ଦ୍ୱାରା ସେ ବାପାକୁ ଭଲ ପାଏନି ଏହା ପ୍ରମାଣ କରିବାକୁ ଚାହେଁନି । ସେ ପ୍ରକୃତରେ ଠିକ୍ କହୁଛି । କିଏ ବା ମୋ କରୁଥିବା କାମଟି କରିବାକୁ ଚାହିଁବ ? ସକାଳୁ ଉଠି ଉଚ୍ଚ ଅଫିସରଙ୍କୁ ସଲାମ୍ କର । ପୁଣି ଚୋର ପଛରେ ଗୋଡାଅ । ଶବର ମୃତ୍ୟୁର କାରଣ ଅନୁସନ୍ଧାନ କର - ଏଇପରି ରିପୋର୍ଟ ଲେଖ- ଯାହାକୁ ସତମିଛର କୌଣସି ପ୍ରକାର ଭେଦରେ ବିଭାଗୀକୃତ କରାଯାଇନପାରେ ।

ନରେଶ ଦାସ ନାମକ ସରକାରୀ ଅଫିସ୍‌ରେ ଡ୍ରାଇଭର କାମ କରୁଥିବା ୩୦ ବର୍ଷ

Digitized by srujanika@gmail.com

ବୟସ୍କ ଡ୍ରାଇଭର ତାର ଗାଁରୁ ସ୍ତ୍ରୀ ସହିତ ଆସି ପଲ୍ଲବୀ ଲଜ୍‌ରେ ମାର୍ଚ୍ଚ ଦଶ ତାରିଖ ଶନିବାର ଦିନ ସନ୍ଧ୍ୟା ୬ଟା ବେଳେ ପହଞ୍ଚିଲା । ସେମାନେ ସେଠାରେ ଦୁଇଦିନ ରହିବା ପରେ ନରେଶର ଗୋଟିଏ ପୁରୁଣା ପରିଚିତ ଲୋକ ବୋଲି ପରିଚୟ ଦେଇ ପ୍ରେମନାଥ ନାମକ ଜଣେ ଚାଳିଶ ବର୍ଷର ବ୍ୟକ୍ତି ସୋମବାର ସକାଳେ ଆସି ସେଠାରେ ପହଞ୍ଚିଲା । ତା'ପାଖରେ ଗୋଟେ ନାଲିଆ ମଇଳା କାନ୍ଧଝୁଲା ବ୍ୟାଗ୍ ଥିଲା । ସେ ପହଞ୍ଚିଲା ବେଳକୁ ନରେଶ ଅଫିସ୍ ଯାଇ ସାରିଥାଏ । ସେ ନରେଶର ସ୍ତ୍ରୀକୁ ନିଜର ପରିଚୟ ଦେଇ ତାର ଅପେକ୍ଷା କରିବାକୁ ଚାହିଁଲା । ସନ୍ଧ୍ୟା ପର୍ଯ୍ୟନ୍ତ ନରେଶର ଅପେକ୍ଷା କରି ସେ ନଫେରିବାରୁ ପ୍ରେମନାଥ ନିରାଶ ହୋଇ ଫେରି ଯାଇଥିଲା । ଗଲାବେଳେ ସେ (ଜାଣି ଜାଣି) ତା ବ୍ୟାଗ୍‌ଟାକୁ ସେଇ ରୁମ୍‌ରେ ମଧ୍ୟ ଥୋଇଦେଇ ଯାଇଥିଲା । ପ୍ରାୟ ଆଠଟା ବେଳକୁ ନରେଶ ଲଜ୍‌କୁ ଫେରି ଦେଖିଲା କି ସୁମତି ଫ୍ୟାନ୍ ହୁକରେ ବନ୍ଧା ଦଉଡିରୁ ଝୁଲୁଛି । ତାକୁ ଦେଖି କାହାରିକୁ କିଛି ନକହି ସେ ଭୟରେ ସେ ଜାଗାରୁ ଦୁଇଘଣ୍ଟା ପାଇଁ ପଳାଇ ଯାଇଛି । ତା'ପରେ ସାହସ କରି ଫେରିଲା ବେଳକୁ ଲଜ୍‌ବାଲା ତା' ରୁମ୍‌ର କବାଟ ଖୋଲି ପୋଲିସ୍‌କୁ ଖବର କରିଛି ।

(ବାକି ଯାହା ଅଜଣା ରହିଯାଇଥିଲା ସେତକ ସେ ପ୍ରେସ୍‌ବାଲାଙ୍କ ଠାରୁ ସଂଗ୍ରହ କରି ନେଇଛି ।) ଏ କେଶର ହିଷ୍ଟ୍ରି ହେଲା – ସୁମତିର ବୟସ ଛବିଶ ହେଲାପରେ ମଧ୍ୟ ତା ବାପା ତା'ର ବାହାଘର ଠିକ୍ ନକରି ପାରିବାରୁ ସେ ନିଜେ ପ୍ରେମନାଥକୁ ବାଛି ବାହାଘର ପାଇଁ ଯୋଜନା କରିଥିଲା । ଏହି ସମୟରେ ନରେଶ ନାମକ ଜନୈକ ଡ୍ରାଇଭର୍‌ର ତା ସହିତ ବିବାହ ପ୍ରସ୍ତାବ ପଡିବାରୁ ପ୍ରେମନାଥର ପ୍ରସ୍ତାବ କାଟ୍ ଖାଇଗଲା । କାରଣ ପରିବାରର ସମସ୍ତେ ତା'ର ବିରୋଧ କରୁଥିଲେ ଯେହେତୁ ସେ ବୟସ୍କ ଓ ବେକାର ଥିଲା । ଏସବୁ କଥା ସେ ନରେଶଠାରୁ ଲୁଚାଉଥିଲା । କିନ୍ତୁ ହଠାତ୍ ପ୍ରେମନାଥକୁ ଏଠାରେ ଦେଖି ସେ କ'ଣ କରିବ ଜାଣିପାରୁନଥିଲା । ସ୍ୱାମୀର ଅନୁପସ୍ଥିତିରେ ପ୍ରେମନାଥ ସେହି ଲଜ୍‌ରେ ତାର ଅପେକ୍ଷା କରିବା ସମୟରେ ଯାହାସବୁ ଘଟିଲା ତାହା ସୁମତିର ଅପମୃତ୍ୟୁ ପାଇଁ ମୁଖ୍ୟତଃ ଦାୟୀ । ହୁଏତ ଏଠାରେ ବଳାତ୍କାର ପ୍ରସଙ୍ଗକୁ ମଧ୍ୟ ଏଡାଇ ଦିଆଯାଇନପାରେ । ଏ ପ୍ରକାର ରିପୋର୍ଟ ପ୍ରସ୍ତୁତ କରି ଥାନାରୁ ବାହାରିବାକୁ ଯାଉଛି, ଘରୁ ଫୋନ୍ ଆସିଲା –

"ସାଙ୍ଗେ ସାଙ୍ଗେ ଆସ । ବିକାଶ ଘରୁ ପଳେଇଛି..." ଶୁଭ୍ରା କାନ୍ଦି କାନ୍ଦି ଆଉ କିଛି କହିପାରିଲେନି । ମୁଁ ଆଉ ପଦେ କଥା ନକହି ସିଧା ଘରକୁ ଆସିଲି । ଘରେ ବିକାଶର ରୁମ୍‌ରେ ତା ଅନୁପସ୍ଥିତି ଦେଖି ମତେ ବି ବ୍ୟସ୍ତ ଲାଗିଲା । ଟେବୁଲ୍ ଉପରେ ତା'ର ହାତଲେଖା ଚିଠି ଥିବ ଭାବି ଖୋଜିଲି, ପାଇଲି ନାହିଁ ।

ଷୋହଳ ବର୍ଷର ବାଳକ ବିକାଶ ଅଶାନ୍ତ ମନରେ ଘରୁ ପଳାଇ ଯାଇଛି । କୁଆଡେ

Digitized by srujanika@gmail.com

ଗଲା ? କିପରି ଗଲା ? ସ୍ତ୍ରୀ ପାଗଳି ପ୍ରାୟ କାନ୍ଦୁଛି । ଫେରାଇ ଆଣିବାକୁ କହୁଛି – ମୋର ଦୋଷ ଦେଉଛି । ମୁଁ କୁଆଡେ ତାକୁ ରାଗେ, ମାରଧର କରେ । ଅଫିସ୍‌ର ଅଶାନ୍ତିକୁ ତା ଉପରେ ଶୁଝାଏ । ତା'ର ଫେରାର ହୋଇଯିବାର କାରଣ ହେଉଛି ମୁଁ... ମୁଁ.... ସେ କୁଆଡେ ଘରୁ ଚାଲିଯିବ ବୋଲି ତା ମା'ଙ୍କୁ ଆଗରୁ କେତେଥର ସୂଚନା ଦେଇଛି, ହେଲେ ସେ ବହୁତ ବୁଝାସୁଝା କରି ଅଟକେଇ ରଖିଛନ୍ତି । ସ୍ନେହ ଦେଇଛନ୍ତି, ବହି କିଣି ଦେଇଛନ୍ତି, ପଇସା ବି ଦେଇଛନ୍ତି । ହେଲେ ଏଥର ସେ ସବୁ କିଛି ତାକୁ ବାନ୍ଧି ରଖିପାରିନି ।

ପୁଣି ତା ରୁମ୍‌ଟାକୁ ଆଉ ଥରେ ଲକ୍ଷ୍ୟ କଲି । ତା' ଖଟ ଉପରେ ତାର ଜାମାପଟା ଇତସ୍ତତଃ ପଡ଼ିଛି – ତାର ବହିପତ୍ର ଅସଜଡା – ତାର ଟେବୁଲ୍ ଘଣ୍ଟାଟା ତଳେ ପଡ଼ି ଟିକ୍ ଟିକ୍ କରୁଛି । କାନ୍ଥରେ ଗଣେଶଙ୍କର କୁନି ମୂର୍ତ୍ତିଟେ ଅଭୟ ମୁଦ୍ରା ଭଙ୍ଗୀରେ ମୋ ଆଡକୁ ଚାହିଁଛନ୍ତି । ମୋ ହାତ ଆପେ ଯୋଡ଼ି ହୋଇଗଲା । ପ୍ରଭୁ ମୋ ପୁଅ ପୁଣି ନିରୁଦ୍ଦିଷ୍ଟ, ଏଇଟା ମୋ ପରି ପୁଲିସ୍ ପାଇଁ ସବୁଠାରୁ ବଡ଼ ଅପମାନର କଥା । ଏହା ଏକ ଚାଲେଞ୍ଜ, ଯା'କୁ ସମାଧାନ କରିବାକୁ ପଡ଼ିବ । ଏଠାରେ ନିଜ ପୁଅକୁ ଖୋଜି ବାହାର କରିବା ପାଇଁ କାହାର ଆଦେଶ ପାଇଁ ଅପେକ୍ଷା କରିବା ଦରକାର ନାହିଁ କି କମ୍ପ୍ଲେନ୍ ଦର୍ଜ୍ଜ କରିବା ଦରକାର ନାହିଁ । ଯେପରି ମହିଳାଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚିତ କରିବା ପାଇଁ କିଏ ଗୋଟେ ସିକାୟତ ଦର୍ଜ କରିବା ଦରକାର । ଏଠାରେ ମୁଁ ନିଜକୁ ନିଜେ ଆଦେଶ ଦେଉଛି କାରଣ, ପ୍ରସଙ୍ଗ ଉଦ୍ଦେଶ୍ୟ ସବୁର ସମାଧାନ କରି ପୁଅକୁ ଫେରାଇ ଆଣ । ସେଇଟା ହେବ ଚାକିରିର ସବୁଠୁ ବଡ଼ ପ୍ରାଇଜ୍ । ଏଥିପାଇଁ ଥାନାରେ ଏଫ୍.ଆଇ.ଆର. ଦେଇ ତମ ଅନୁସନ୍ଧାନ ପାଇଁ ସରକାର ଆଦେଶ ଆଣିବା ବି ଦରକାର ନାହିଁ ।

ସେଦିନ ରାତିସାରା ଆମେ ଦି'ଜଣ ଅପେକ୍ଷା କଲୁ । ସେ ନ ଆସିବା ପିଲାଟିର ଅପେକ୍ଷାରେ ମ୍ରିୟମାଣ ହୋଇ ଭାଙ୍ଗିପଡୁଥାନ୍ତି । ମୁଁ ବୋଧ ଦେଉଥାଏ । ରାତି ଯେତେ ଯେତେ ହେଉଥାଏ ସେ ସେତିକି ଅଧୈର୍ଯ୍ୟ ହେଉଥାନ୍ତି । ସକାଳ ହେଲାରୁ ଅନ୍ୟାନ୍ୟ ସାଧାରଣ ଦିନପରି ଅଫିସ୍ ଯିବାକୁ ପ୍ରସ୍ତୁତ ହେଲି । ସବୁକାମ ପରେ ଠାକୁର ପୂଜା ସାରି ତାଙ୍କୁ ପାଖକୁ ଡାକିଲି । ସେ ଧକେଇ ଧକେଇ କାନ୍ଦୁଥାନ୍ତି । ତାଙ୍କୁ କହିଲି "ଶୁଣ, ଆଜି ସନ୍ଧ୍ୟାବେଳେ ଆମେ ସମସ୍ତେ ଟିକେ ମନ୍ଦିର ଯିବା, ବିକାଶକୁ କହିବ କୁଆଡେ ନଯାଇ ଘରେ ଥିବ । ମୁଁ ସନ୍ଧ୍ୟା ଆଗରୁ ଶୀଘ୍ର ଫେରିଆସିବି । ଡ୍ରାଇଭର ଆସିଲେ ତାକୁ ଫେରାଇ ଦେବ । କହିବ ମୁଁ ଅଫିସ୍ ଚାଲିଗଲିଣି। ହେଲା-"

ସେ କିଛି ନବୁଝିପାରି ଆଁଟା କରି ଚାହିଁଥିଲେ । ବିକାଶ, ସେ କେଉଁଠି ଅଛି ? କେତେବେଳେ ଆସିବ ? ତମେ ଜାଣିଛ ସେ କେଉଁଠିକୁ ଯାଇଛି ?"

"ହଁ ।"

"କେଉଁଠିକୁ ?"

Digitized by srujanika@gmail.com

"ତମର ଜାଣିବା ଦରକାର ନାହିଁ । ଖାଲି ଅପେକ୍ଷା କରିଥାଅ ।"

ଥାନାରେ ପହଞ୍ଚି ମୁଁ ସେଇ ମୃତ ମହିଳା ବିଷୟ ଅସତ୍ୟ ତଥ୍ୟଭିତ୍ତିକ ରିପୋର୍ଟକୁ ଚିରି ଫିଙ୍ଗିଦେଲି । ଏଥରକ ପ୍ରକୃତ ଅନୁସନ୍ଧାନ କରାଯିବ । ଏମିତି ଉପର ଠାଉରିଆ ସତମିଛ ରିପୋର୍ଟର କ'ଣ ମୂଲ୍ୟ ଅଛି ? ସେ କାହିଁକି ମଲା ? କେଉଁ ପରିସ୍ଥିତିରେ ତା ଜୀବନ ଗଲା ତା ହୁଏତ ସମସ୍ତେ ଜାଣିବା ଦରକାର ନାହିଁ । ସତ ସବୁବେଳେ ସତ । ସତ କେବଳ ଜାଣିବା, ବୁଝିବା ଓ ପ୍ରଚାର ପାଇଁ ଉଦ୍ଦିଷ୍ଟ ନୁହେଁ । ସତ ଆପେ ତିଷ୍ଠି ରହେ । ମିଛର ପ୍ରଲେପ ଫୁଟାଇ ପଦାକୁ ବାହାରି ଆସେ । ତେଣୁ ସତ୍ୟ ଉଦ୍‌ଘାଟିତ ହେଉ । ସେଇ ଉଦ୍ଦେଶ୍ୟରେ ମୁଁ ପୁଣି ମୃତ ମହିଳାର ସେଇ ହତ୍ୟା ସ୍ଥଳକୁ ବାହାରିଗଲି ଏକା । ମୋ ସାଙ୍ଗରେ ଆଉ କେହି ନାହାଁନ୍ତି । ଆଉ ଥରେ ନୂଆକରି ତନ୍ନତନ୍ନ କରି ସବୁ ପରୀକ୍ଷା କରିବାକୁ ଆରମ୍ଭ କଲି । ସେରଲକ୍ ହୋମସ୍‌ର ସମସ୍ତ ବୁଦ୍ଧି ମୋ ମୁଣ୍ଡ ଭିତରେ ଖୁନ୍ଦି ହୋଇଥିଲା । ମୃତା ମହିଳାର ସ୍ୱାମୀକୁ ଡକାହେଲା । ତା'ର ଅଜଣା ଆଗନ୍ତୁକକୁ ଜେରା କରାଗଲା । ଓ୍ୱାର୍ଡବଏକୁ ପଚାରିଲି । ଲଜ୍ ମାଲିକର ମତ ନେଲି । ଏଥରକ ସବୁ ଘଟଣାକୁ ବିଚାରକୁ ନେଇ ପୁଣିଥରେ ତର୍କ- ସମ୍ମତ ଆକ୍‌ସନ୍ ରିପ୍ଲେ କରିବା ଦରକାର ପଡ଼ିଲା ନାହିଁ । ସବୁ ଘଟଣାର ଗଣ୍ଠି ଆପେ ଖୋଲିଗଲା, ସନ୍ଦେହର ପରଦା ଉଠିଗଲା, ସବୁ ଜଳ ଜଳ ଦିଶିଗଲା । କ୍ରମାନ୍ୱୟରେ ଯାହା ସବୁ ଘଟି ମହିଳାକୁ ମୃତ୍ୟୁ ଆଡକୁ ନେଇ ଯାଇଥିଲା ସବୁ ସ୍ପଷ୍ଟ ହୋଇଗଲା । ମୋ ଭିତରେ ଜାଗିଥିଲା ଏକ ଅଦ୍ଭୁତ ଦୃଷ୍ଟିଶକ୍ତି ଯାହାଦ୍ୱାରା ସମସ୍ତ ଘଟଣାର ଚାକ୍ଷୁଷ ପ୍ରମାଣମାନ ମୋ ନିକଟରେ ଗୋଟି ଗୋଟି ହୋଇ ସବୁକଥା ଆପେ ବୟାନ କରି ଚାଲିଥିଲେ । କାହାଦ୍ୱାରା, କାହିଁକି, କିପରି, କେଉଁ ସମୟରେ ଏବଂ କେଉଁ ଉଦ୍ଦେଶ୍ୟରେ ଯୁବତୀର ମୃତ୍ୟୁ ସଂଗଠିତ ହେଲା ତାର ଏକ ନୂଆ ଯୁକ୍ତିଯୁକ୍ତ ତଥା ସତ୍ୟନିଷ୍ଠ ରିପୋର୍ଟ ତିଆରି କରି ଅଫିସ୍‌ରେ ଦେଇ ଘରକୁ ଫେରିଲି ।

ସନ୍ଧ୍ୟା ଆଗରୁ ଘରକୁ ଫେରି ଦେଖିଲି ବିକାଶ ତା ରୁମ୍‌ରେ ପଟୁ ପଟୁ ଶୋଇପଡ଼ିଛି । ନା, ହୁଏତ ଆଖି ବନ୍ଦ କରି କିଛି ଭାବୁଛି । ବେଡ୍‌ରୁମ୍‌ରେ ଶୁଭ୍ରା ଶାଢୀ ପିନ୍ଧି ମନ୍ଦିର ଯିବାକୁ ପ୍ରସ୍ତୁତ ହୋଇଛନ୍ତି । ତାଙ୍କ ମନରେ ଭକ୍ତିଭାବ ଓ ଈଶ୍ୱର ବିଶ୍ୱାସ ପ୍ରଗାଢ଼ ହୋଇଛି । ସରକାରୀ ଜିପ୍ ସହିତ ଡ୍ରାଇଭର ବାହାରେ ଅପେକ୍ଷା କରିଛି । ବ୍ୟକ୍ତିଗତ କାମରେ ମନ୍ଦିର ଯିବାବେଳେ ସରକାରୀ ଗାଡ଼ିର ଅପବ୍ୟବହାର କରିବା ଅନୁଚିତ କହି ଡ୍ରାଇଭରକୁ ଫେରାଇ ଦେଲି । ଡ୍ରାଇଭରଟା ଆଶ୍ଚର୍ଯ୍ୟ ହୋଇ ଫେରିଗଲା ।

"ଆଜି ଆମେ ଆମ ଗାଡ଼ିରେ ଯିବା" କହି ମୁଁ ସାପ ପରି ମୋ ଅଣ୍ଟାରେ ବନ୍ଧା ହୋଇଥିବା ବେଲ୍‌ଟଟାକୁ କାଢ଼ି ଫିଙ୍ଗିଦେଲି । ବନ୍ଧୁକଟାକୁ ଆଲ୍‌ମିରା ଭିତରେ ତାଲା ପକାଇଦେଲି । ଗୋଟିଏ ସାଧା ଧଳା ପ୍ୟାଣ୍ଟ ଓ ଚମ୍ପାରଙ୍ଗର ଶାର୍ଟ ଗଳାଇ ବାହାରି ପଡ଼ିଲି । ଶୁଭ୍ରା ଭୀଷଣ ଶୁଦ୍ଧପୂତ ଓ ସମ୍ମାନନୀୟା ଦିଶୁଥିଲେ । ବିକାଶ ପଛଆଡୁ ଆସି ମୋ ସାମ୍ନାରେ

Digitized by srujanika@gmail.com

ଛିଡା ହେଲା । ମୁଁ ତାକୁ କିଛି ନକହି ତା ମୁଣ୍ଡ ଆସ୍ତେ ଆଉଁସି ଦେଲି । ପ୍ରଥମ କରି ଦେଖିଲି ସେ ଉଚ୍ଚତାରେ ପ୍ରାୟ ମୋ ସହିତ ସମାନ । ହୁଏତ ଆଉ କେତେଟା ଦିନରେ ଟପିଯିବ । ଗର୍ବିତ ପିତା ପରି ମୁଁ ତୁନି ରହିଲି ।

କିଛି ସମୟର ନୀରବତା ପରେ ସେ କହିଲା "ପଚାରିବନି ମୁଁ କାଲି ରାତିରେ କେଉଁଠି ଥିଲି ?" ମୁଁ କିଛି କହିଲି ନାହିଁ । ସେ ପୁଣି କହିଲା, "ମୋ ସାଙ୍ଗ ନରେଶର ବାପା କାଲି ରାତିରେ ସିରିଅସ୍ ହୋଇପଡିବାରୁ ତାଙ୍କୁ ସାଙ୍ଗେ ସାଙ୍ଗେ ହସ୍ପିଟାଲ୍ ନେଇଯିବାକୁ ପଡ଼ିଲା । ଆଉ କେହି ତାଙ୍କ ଘରେ ନଥିଲେ । ସେଥିପାଇଁ ମୁଁ କାହାରିକୁ କିଛି କହିବାକୁ ବି ସମୟ ପାଇନଥିଲି । ଅବଶ୍ୟ ଫୋନ୍ କରିଥିଲି ଘରକୁ ହେଲେ କେହି ଉଠେଇଲେନି । ତାଙ୍କର ଇମର୍ଜେନସି ଅପରେସନ୍ କରିବାକୁ ହେଲା, ରକ୍ତ ଦେବାକୁ ପଡ଼ିଲା । ଆଉ ମା' ମତେ ଯେଉଁ ଟଙ୍କା ସବୁ ଦେଇଥିଲା ସେ ସବୁକୁ ମୁଁ ଖର୍ଚ୍ଚ କରି ଦେଇଛି, ସରି ।"

ମୁଁ ତାକୁ କୁଣ୍ଢାଇ ପକାଇ କାନ୍ଦି ପକେଇଲି, "ସରି, ବାବା ତୁମେ କି ପାଇଁ ସରି କହୁଛ ମୁଁ ତୁମ ପାଇଁ ସତରେ ଖୁବ୍ ଗର୍ବିତ । ଆଇ ଆମ୍ ପ୍ରାଉଡ୍ ଅଫ୍ ୟୁ ।" ସେ ମୋ ଆଖିକୁ ସିଧା ନିର୍ଭୟ ହୋଇ ପ୍ରଥମଥର ପାଇଁ ଚାହିଁଲା । ଖୁବ୍ ସ୍ୱଚ୍ଛ ଚାହାଣି । ସେ ବି ମତେ ନେଇ ଗର୍ବ କରୁଥିଲା କି କ'ଣ ? ସେ ପୁଣି କହିଲା, "ଜାଣିଛ ବାପା ମୋର ଫେଲ୍ ହେବା ଖବରଟା ଭୁଲ୍ । କିଏ ଗୋଟେ ମିଛଟାରେ କହି ଦେଇଥିଲା ଯେ ମୁଁ ଫେଲ୍ ହୋଇଛି । ପ୍ରକୃତରେ ମୋର ନାଁଟା ଲିଷ୍ଟର ସବା ଉପରେ ଅଛି - ଆଉ ତୁମେ ତଳେ ଖୋଜିଲେ କୋଉଠି ପାଇବ ?"

ରାସ୍ତାରେ ଗାଡି ଚଲେଇ ଯାଉଥିବା ବେଳେ ମୋ ମନ ଫୁଲି ଉଠୁଥିଲା ।

ମୋ ପାଦତଳେ ସ୍ୱର୍ଗ ପାଇଲା ପରି ଲାଗିଲା । ଗାଡ଼ିର ବେଗ ବଢିଗଲା । ଆମେ ସମସ୍ତେ ଦେଖିଲୁ ରାସ୍ତାରେ ସେହି (ମୃତା) ଯୁବତୀଟି ତା'ର ସ୍ୱାମୀର ହାତଧରି ହସି ହସି ଆମ ଆଗଦେଇ ପାର ହୋଇଗଲା ।

ମୁଁ ଗାଡିର ବ୍ରେକ୍ କଷିଲି । ଟିକକରେ ବଡ଼ ଦୁର୍ଘଟଣାରୁ ବଞ୍ଚିଗଲୁ ଆମେ ।

❑❑❑

Digitized by srujanika@gmail.com

# କିଏ ଶୁଣୁଛି

ତୋ ମୁହଁରେ କ'ଣ ଅଛି ଯେ ତାକୁ ଚାହିଁବାକୁ ମନ ହୁଏ । ତା'ପରେ ଇଚ୍ଛାର ଜୁଆର ଉଠେ । କିଛି ଗୋଟେ କହିବାକୁ ପ୍ରବଳ ଆଗ୍ରହ ହୁଏ । ଇଚ୍ଛା ହୁଏ ସବୁ କହିପକାନ୍ତି କି ! ହେଲେ ଏତେ କଥା ଶୁଣିବା ପାଇଁ ତୋର ସମୟ କାହିଁ ? ତେଣୁ ଯାହା ଇଚ୍ଛା ହୁଏ କହିବା ପାଇଁ ତାହା ଲେଖିଦଉଛି । ଦିନେ ନା ଦିନେ ତ ପଢ଼ିବୁ, ନାଁ କ'ଣ ?

ମୋ ପାଇଁ ଲେଖା ହେଉଛି ଭାବନାର ବଦଳରେ ଆଉ କିଛି । ଏକ ରୂପାନ୍ତର । ନା, ନା, ନକହିପାରିବା ହେତୁ ବରଂ ଏକ ଆବଶ୍ୟକତା । ଯଦି ମୁଁ ମୋର ଭାବନାକୁ ଅନୁଭବ କରିପାରନ୍ତି, ଠିକ୍ ରୂପେ ଭାବିପାରନ୍ତି, ତେବେ ମତେ ଆଉ ଏତେ ଚତୁର ହେବାକୁ ପଡ଼ନ୍ତା ନାହିଁ । ତୁ ସାମ୍ନାରେ ଥିଲେ ମୋର ଭାବନାରେ ଅଭାବ ଭରିଯାଏ । ସେହିପରି ଏକ ଦୁର୍ବଳତାରୁ ମୋର ଭଲ ପାଇବାର ଆରମ୍ଭ । ମୁଁ କହି ପାରେନି ଯେ ତୁ ମତେ ଶୁଣ । ଏସବୁ କଥା ତୋରି ପାଇଁ । ତୁ ପଢ଼ିଲେ ମୋ ମନ ସନ୍ତୁଷ୍ଟ ହେବ । ଲେଖାରେ ପରା ଦୂରତାକୁ ଜିଣିହୁଏ ? ଲେଖାରେ ନଥାଏ ସାମ୍ନାସାମ୍ନି କଥା କହିବା ବେଳର ଦୁର୍ବଳତା, ଭୟ ବା ଲଜ୍ଜା । ଥରିଯାଏନି ଓଠ ।

ଏ ଲେଖା ଭିତରେ କେବଳ ଶୁଣିପାରିବା ପରି ଘଟଣାର ଅନେକ ସୁସ୍ଥ ସମ୍ଭାବନା ଭରିଛି । ପଢ଼ିଲେ ଜାଣିବୁ, ବୁଝିବୁ ଏବଂ ଅନୁଭବ କରିବୁ । ହେଲେ ଲେଖିଲା ବେଳକୁ ମୋ କଥା ଶବ୍ଦ ହୋଇ କୁଆଡେ ଉଭାନ ହୋଇଯାଉଛି । ପୃଷ୍ଠା ଉପରେ କାଳି ଶୁଖିବା ଆଗରୁ ଶବ୍ଦ ପବନରେ ଲୋପ ପାଉଛି । ତୁ ମୋର ଅତି ଆପଣାର, ତୋର ମୁହଁ ମୋ ସାମ୍ନାରେ । ଆଖି କାନ ନାକ ପାଟି ଓଠ । ଆଗରେ ଦର୍ପଣ । ବାହାରକୁ ଯାହା ଦିଶୁଛି ତାହା ମାୟାଜାଲ ପରି । ତୁ ଦର୍ପଣରେ ନିଜକୁ ହଜାଇ ଦେଇଛୁ । ତତେ ଏମିତି ଅବସ୍ଥାରେ ଦେଖିଲେ ମୋର ସନ୍ଦେହ ଉପୁଜେ । ନିଜ ମନ ଭିତରର ଅବ୍ୟକ୍ତ ଚିନ୍ତାମାନଙ୍କୁ ଅଜଣା ବ୍ୟକ୍ତିର ଭାବନା ପରି ମନେ କରି ମୁଁ ନିଜକୁ ନିଜେ ପଚାରେ, କ'ଣ ଏସବୁ ମୁଁ ନିଜେ ଭାବୁଥିଲି କି ? ମୁଁ ହୁଏତ ଅନ୍ୟପାଇଁ ଏକ ମାଧ୍ୟମ ବା ଅନ୍ୟ ହେଉଛି ମୋ ପାଇଁ ଏକ ଉପାୟ । ମୁଁ ଏରୁଣ୍ଡି ଉପରେ ଛିଡା ହୋଇଛି । ମୋର ଭୂମି ହିଁ ନାହିଁ । ଖୁବ୍ କଷ୍ଟରେ ଅନ୍ୟ କାହାର ଆଖି ଉଧାର ନେଇ ମୁଁ ଅନ୍ଧାର ଭିତରକୁ ଦେଖେ । ତିନି ତୁଣ୍ଡରେ ସେମାନେ ମୋ ବିଷୟରେ ଯାହା କହିବେ ମୁଁ ହୁଏତ କେବଳ ତାହା ହୋଇଯିବି । କଥାବାର୍ତ୍ତା କାଳରେ ସେମାନଙ୍କ ସାମ୍ନାରେ ମୁଁ କେବଳ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ । ନାଁ, ଗାଁ, ବାପା ନାଁ

Digitized by srujanika@gmail.com

ଇତ୍ୟାଦି ପଚାରିବା ପରେ ସେମାନେ ଯାହା କହିବେ ମୁଁ ତାହା । ସେମାନଙ୍କର ଯୁକ୍ତିତର୍କରେ ମୋର ସଂଜ୍ଞା ନିରୂପିତ । ସେମାନଙ୍କ ଭିତରୁ ତୁ ବି ଜଣେ । ସେଥିପାଇଁ ମୋର ଭାବନା ତୋରି କଥୋପକଥନରେ ଭରିଯାଏ । ମୋର ଅନ୍ତରାଳାପର ଗୋଟିଏ ମୁହୂର୍ତ୍ତରେ ଛନ୍ଦି ହୋଇପଡେ  ସ୍ଥାନକାଳର ପରିମାଣ ତଥା ସମସାମୟିକ ଚିନ୍ତା ଚେତନାର ପରିସର । କେବଳ ପ୍ରଶସ୍ତ ଏକ ପରିସରରେ ବ୍ୟାପିଥାଏ କୋଳାହଳର ମୂର୍ଚ୍ଛନା ।

ଦି'ଫାଳ କାଗଜ ଉପରେ ମୋର ଅନୁଭବକୁ ଆଙ୍କିବାକୁ ଚେଷ୍ଟା କରୁଛି । ମୋର ଲିଖିତ ଭାଷା ଉପରେ ତତେ ଛିଡା କରିଛି । ଯୋଜନା ନାହିଁ, ସୂଚନା ନାହିଁ, ବର୍ଣ୍ଣନା ନାହିଁ କହିଲେ ଚଳେ । ତେଣୁ ଏ କଥାର ଉଦ୍ଦେଶ୍ୟ ଭିନ୍ନ । ଏହା ମୋର ସଂପୂର୍ଣ୍ଣ ବ୍ୟକ୍ତିଗତ । ବେଳେ ବେଳେ ଏହା କେବଳ ମୋର ଦୁର୍ବଳତା ହେତୁ ଭାବନା ଭିତରେ ଖଟା ଅଙ୍ଗୁର ପରି ସୀମିତ ରହେ । ତୋରି ଭିତରେ ମୁଁ ନିଜକୁ ଖୋଜେ । ତୁ ବୁଝିପାରୁନୁ । ଏ ପାଖକୁ ଶୁଣାଯାଏ ସବୁ ଶବ୍ଦ ଉଚ୍ଚାରଣ । ଯାହା ଉହ୍ୟ ତାହା ଅନୁଚ୍ଚାରିତ । ଯାହା ଶୁଭାଯାଏ ତାହା ମୋ କଥା । ଯାହା ବାକି ରହିଗଲା ତାହା ଅନୁମେୟ । ତାହା ଅସଲ କଥାର ମଞ୍ଜି, ନୀରବତାର ପଜ୍, ତାହା ଶବ୍ଦଠାରୁ ଅଧିକ ପ୍ରଖର ।

'ହ୍ୟାଲୋ,.... କାଲି କାହିଁକି ଆସିଲନି ? ମୁଁ ଅପେକ୍ଷା କରିଥିଲି..'

* * *

'ନା, ନା' ତୁମେ କାନ୍ଦୁଛ କାହିଁକି ?'

* * *

'ଛଳନା କଲନି, ମିଛ କହିଲନି ! କିଛି ବାହାନା କଲନି ?'

* * *

'ତୁମେ ତ ଓସ୍ତାଦ୍ ଲୋକ, ତୁମକୁ କିଏ ସନ୍ଦେହ କରିପାରେ ?'

* * *

'ତୁମ ଚିଠି ପାଇଛି । ତୁମ ପାଇଁ ଆଉ ଗୋଟେ କବିତା ଲେଖିଛି ।'

* * *

'ସେଇଟା ପଢିସାରି ମତେ ଜଣେଇବ । ଚିଠି ନୁହେଁ, ଫୋନ୍ କରିବ ।'

* * *

'ନା, ନା, ଚିଠି ଠାରୁ ଫୋନ୍ ଭଲ ।'

* * *

'କାଲି ମୁଁ ଟିକେ ବାହାରକୁ ଯାଉଛି । ଫେରିଲା ବେଳକୁ ରାତି ହେବ । ଯେତେ ଡେରି ହେଲେ ବି ତୁମ ସହିତ କଥା ହେବି । ସେମାନେ ଶୋଇ ପଡ଼ିଲେ ତୁମେ ଫୋନ୍ କରିବ । ରହୁଛି... ଉଁ... ବାଇ ।'

Digitized by srujanika@gmail.com

* * * * * *

ଅତୀତରେ ଏପରି ପ୍ରେମ କାହାଣୀର ଆରମ୍ଭ ହେବା ପୂର୍ବରୁ ସେ ପ୍ରଥମେ ନିଜ ମୁହଁରେ ଯୌବନର ରଙ୍ଗ ଆବିଷ୍କାର କରିବା ସମୟରେ ତହିଁରେ କିଛି ବି ଦାଗ ନଥିଲା । ଏବେ ଦାଗ, ବ୍ରଣ ସହିତ ହାଲ୍‌କା କେତୋଟି ଗାରକୁ ମେକ୍‌ଅପ୍ ତଳେ ଲୁଚାଇ ଦିଆଯାଇଛି । ଏବେ ଏହାକୁ ରବର ଚମଡା ଢଙ୍କା ଏକ ଗୋଲାକାର ବସ୍ତୁପରି ବର୍ଣ୍ଣନା କରାଯାଇପାରେ । ତହିଁରେ ଆଖି, କାନ, ନାକ, ପାଟି, ଓଠ ସବୁ ଆଙ୍କିଲା ପରି । ଖୁବ୍ କଥା କହିବା ପରି କମ୍ପିତ ଓଠ । ଖୁବ୍ ପ୍ରସାଧନ-ସମୃଦ୍ଧ ଦିଟା ପାଉଡର ବୋଳା ଗାଲ । କାନରେ କୋଣାର୍କ ମନ୍ଦିରର ଚକ ସଦୃଶ ଦୁଇଟି ଓଜିନିଆ ସୁନା ରିଙ୍ଗ । ନାକତଳକୁ ଗୋଟେ ଛୋଟ ତିଳ ଚିହ୍ନ ଯାହା କ୍ରମେ ଅଧିକ ଦୃଷ୍ଟିଗୋଚର ହୁଏ । ସେ ହେଉଛି ନୂରଜାହାନ୍‌ର ନୂଆ କଳେବର ପରି । ହସ ତାର କୃତ୍ରିମ ହେବାକୁ ବାଧ୍ୟ । କଳରୁ ଉପୁଡାଯାଇଛି ଗୋଟିଏ ଦାନ୍ତ । ସେ ଏବେ ଆଗଦାନ୍ତରେ ଦଂଶନ କରିପାରେ ମାତ୍ର କଳ ଦାନ୍ତରେ ଚୋବେଇବା ଅସମ୍ଭବ ।

କିଏ ଜାଣେ ତା' ଉପରେ ଦନ୍ତ ଚିକିତ୍ସକର ଏତେ କ୍ରୋଧ କାହିଁକି ? ସେଥିରୁ ଆମକୁ କ'ଣ ମିଳିବ ? ସେ ତ ଏବେ ମୋହନକୁ ବାହା ହୋଇଛି, ଭଲରେ ଅଛି । ଗୋଟେ ପୁଅ ଗୋଟେ ଝିଅ ଜନ୍ମ କରିସାରିଛି । ଅନେକ ପଇସା ଖର୍ଚ୍ଚ କରି କେତେ ଯେ ଶାଢୀ କିଣିଛି ତାର ହିସାବ ନାହିଁ । ଗହଣାଗାଣ୍ଠି ଘରବାଡି ସବୁ କରିସାରିଛି । ପିଲା ଏବେ ବଡ଼ ହୋଇଗଲେଣି । ଆଉ ଦି'ତିନିଟା ବର୍ଷରେ ପିଲା ଜନ୍ମ କରିବାର ସମ୍ଭାବନା ବି ବନ୍ଦ ହୋଇଯିବ । ଡରରେ ଆଗରୁ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ବି କରିନଥିଲା । ସେଇକଥା ଭାବି ମନେ ମନେ ହସିଲା ବିଚିତ୍ରା । ଏବେ ଆଉ ଡରିବାର କ'ଣ ଅଛି ? ଏବେ ଆଉ ଲୁଚି ହୋଇପଡ଼ିବାର ଭୟ ମଧ୍ୟ ନାହିଁ । ସେ ବୟସ ପାର ହୋଇଯାଇଛି । ସମ୍ଭୋଗୋତ୍ତର ଶରୀର ତନ୍ତ୍ରରେ ରକ୍ତର ତାତି ଶୀତଳ ହୋଇଗଲାଣି । ମନେ ମନେ ନିଶ୍ଚିନ୍ତ ହେଲା ବିଚିତ୍ରା ।

ବୟସର ଅନ୍ୟ ନାଁ ହେଲା ଯାହା ସମୟ ହେତୁ ଶରୀର ଉପରେ ପାକଳ ହୁଏ । ବୟସର ଅନୁପାତ ଦେହଜ ଅନୁଭବର ସହଜତା ଉପରେ ନିର୍ଭର କରେ । ଏହା ଧଳା ବାଳ ବା ଚିକ୍କଣ ଚେହେରାର ଅତିରିକ୍ତ । ଚେହେରାରୁ ବୟସ ମାପିବା ଏକ ଭୁଲ୍ । ସେ ଏକ ଅନୁଭବ । ଯାହା ଲାଗେ, ମନେହୁଏ, ପୁଣି ଅନୁଭବ ପରି ଦେହରେ ବ୍ୟାପେ, ଋତୁ ପରି ଅବୟବରେ ଫୁଟେ, ଫୁଲ ପରି ରଙ୍ଗୀନ ହୁଏ, ବେଳେ ବେଳେ ବାସ ଚହଟାଏ ଏବଂ ପୁଣି ଶେଷକୁ ମଉଳିଯାଏ । ଏହା ସେଇପରି କ୍ରମାନ୍ୱୟରେ ନ ଘଟିଲେ ବି ବିଚିତ୍ରା ସେଥିରେ ବିଶ୍ୱାସ କରିବାକୁ ବାଧ୍ୟ । ମଉଳିବାକୁ ନେଇ କାନ୍ଦିଲେ କ'ଣ ଲାଭ ଅଛି ? ସେ ତ ହେବାର ହେବ । ବିଚିତ୍ରାର ବି, ମୋର ବି ।

* * * * * *

Digitized by srujanika@gmail.com

"ମୁଁ କ'ଣ ଏମିତି ଶୁଣୁଛି ? ତୋର କୁଆଡେ ଏବେ ମୋହନ ସାଙ୍ଗରେ ଖିଟ୍‌ଖାଟ୍ ଲାଗିଛି । କାରଣ କ'ଣ ଆମେ ଜାଣିନୁ । ସେ ସେମିତି ହୁଏ । ଅବିଶ୍ୱାସ କରିବାର କ'ଣ ଅଛି ଯେ ! ତୁ କ'ଣ ଜାଣିନୁ ସ୍ୱାମୀ ସାଜିଥିବା ଲୋକଗୁଡ଼ାକ ଯେତେବେଳେ ପୁରୁଷ ଅନୁଭବର ଶେଷ ପର୍ଯ୍ୟାୟରେ ପହଞ୍ଚନ୍ତି, ଖୁବ୍ ଆତୁର ହୋଇପଡନ୍ତି । ଭାବନ୍ତି ଏଇଟି ଗୋଟିଏ ମାତ୍ର ଜୀବନ ତାଙ୍କର । ସରିଗଲେ ଖେଳ ଶେଷ । ତୁ ବି ଖୁବ୍ ଭଲ କରି ଜାଣୁ ମୋହନ ଗୋଟେ ଅତି ସାଧାରଣ ସ୍ତରର ପୁରୁଷଟେ । ତାର ଇଚ୍ଛା ଅତି ଇତର ଇଚ୍ଛା । ତାର ପଇସା ଦରକାର ନତୁବା ଉନ୍ମାଦନା । ପ୍ରେମ ଅଥବା ତା'ର ସମ୍ଭାବନା ଥିଲେ ମଧ୍ୟ ଚଳିବ । ତତେ ପ୍ରତାରଣା ନଦେଇ ଯଦି ଆଉ କିଛି ସମ୍ଭାବ୍ୟ ସୁଖ ସନ୍ଧାନ କରିପାରେ ତେବେ ତ ଉତ୍ତମ । ଉଦାହରଣତଃ ଦେଖାଯାଇପାରେ ଏଠାରେ ଦ୍ୱୈତ ପ୍ରତାରଣାର ଅଜ୍ଞାତ ଅଭିନୟ ଯାହା କେବଳ ଅନ୍ଧାରରେ ବା ଦର୍ଶକର ଅନୁପସ୍ଥିତିରେ ସଂଘଟିତ । ଏକରେ ତୁ ଜାଣିଲୁ ନାହିଁ କାରଣ ସେ ସର୍ବାଦୌ ପୂରଣ କରେ ତୋର ଜରୁରୀ ଆବଶ୍ୟକତାର କିୟଦଂଶ । ତତେ ପର୍ଯ୍ୟାପ୍ତ ଅର୍ଥ ବା ବାସଗୃହ ଦିଆଯାଇଛି ଏବଂ ସକାଳ ଚା ପର୍ବ କଟେ ତୋ ସହିତ । ତା'ପରେ ତୋ ଠାରୁ ବିଚ୍ଛିନ୍ନ ହୁଏ ମୋହନ । ଉର୍ମିଳା ସହିତ ସେ କୁଆଡେ ହଜିଯାଏ । ଉର୍ମିଳା ତା ସ୍ୱାମୀଠାରୁ ଲୁଚାଇ ରଖେ ତୋ କଥା । କହେ ନାହିଁ ଯେ ତୋ ସ୍ୱାମୀକୁ ସେ ଖୁବ୍ ପାଖରୁ ଛୁଇଁଛି । ଧରି ରଖିଛି ଦିନ ଦିନ ମାସ ମାସ । କାରଣ ମୋହନଠାରୁ ବୟସ୍କ ପୁରୁଷ ଉର୍ମିଳାର ସ୍ୱାମୀ ଶରତ ସନ୍ଦେହର ଊର୍ଦ୍ଧ୍ୱରେ ଅବସ୍ଥିତ ସହଜରେ ସନ୍ତୁଷ୍ଟ ଭଦ୍ରଲୋକ ପରି । ଶରତ ଉର୍ମିଳା ସହିତ ରାତ୍ରି ଯାପନ କଲାବେଳେ ତା ପାଇଁ ଶୋଇବାଟା ଗୋଟେ ଚିରାଚରିତ କର୍ମକାଣ୍ଡରେ ବଦଳିଯାଏ । ଦୁଇଟି ସମାନ୍ତରାଳ ଦେହ, ଥଣ୍ଡା ହାତ, ନିରୁତ୍ତେଜକ ଓଠ, ସ୍ଫୁର୍ତ୍ତିଘାତକ ଦୁଃସ୍ୱପ୍ନ ସହିତ ରିକ୍ତ ଆଲିଙ୍ଗନ । ଧରି ନିଆଯାଉ ମୋହନର ପ୍ରେମିକାର ସ୍ୱାମୀ ଶରତ ଏକ କାପୁରୁଷ । ସେ ବ୍ୟବସାୟୀ, ଦଲାଲ୍, ଦୋକାନୀ, ମଦ୍ୟପ, ଅଫିସର ବା ପ୍ରଫେସର ବା ଯା' ମଧ୍ୟରୁ କିଛି ନୁହେଁ ।

"ଅନ୍ଧାରରେ ଯେ କେହି ଲୋକ ବି ଶରତରେ ବଦଳି ଯାଇପାରେ । ଅନ୍ଧାର ଏକ ଚଦର ପରି । ଅନ୍ଧାରକୁ ଢାଲ କରି ନିଜକୁ ସୁରକ୍ଷା ଦିଆଯାଇପାରେ । ସେଇଥିପାଇଁ ତ ଅନ୍ଧାରର ସୃଷ୍ଟି । ଆଖି ବନ୍ଦ କଲେ ଅନ୍ଧାରର ଆରମ୍ଭ । ସେ ଆଲୋକର ବିପରୀତ । ଯେମିତି ନାରୀ ପୁରୁଷର ଏବଂ ମୁଁ ତୋର । ମୁଁ ତୋ ଆଡକୁ ଆକର୍ଷିତ । ଆକର୍ଷଣରେ ନିୟମରେ ବନ୍ଧା ଏ ସାରା ବ୍ରହ୍ମାଣ୍ଡ । ଆକର୍ଷଣ ଭିତରେ ମଧ୍ୟ ଆମେ ନିୟମାନୁବର୍ତ୍ତୀ ହେବାକୁ ବାଧ୍ୟ । ନହେଲେ କ'ଣ ହେବ ଜାଣୁ ? ସଂଘର୍ଷ, ଧକ୍କା ବା ଧୋକ୍କା ।

"ଆକର୍ଷଣର ନିୟମ ବାହାରେ ଏକ ମଉଳି ଆସୁଥିବା ମନ୍ଦାର ଫୁଲପରି ତୋର ରଙ୍ଗ ଶେତା ପଡ଼ିଲାଣି । ତୋର ବୃନ୍ତ ଢିଲା ହୋଇଗଲାଣି । ଚମଡା ଚିତ୍ରିତ କରୁଛୁ କିଆଁ ? କାନରେ ଶତକଡ଼ା ଅଶି ଶବ୍ଦ ଓ ଆଖିରେ ତିନି ପା' ଚିତ୍ର, ଶୁଣୁଥିବା ଓ ଦେଖୁଥିବା

Digitized by srujanika@gmail.com

ବିଚିତ୍ର ଏକ ସ୍ତ୍ରୀ ଲୋକ ତୁ । ତତେ ବିଶ୍ୱାସ କରିହେବନି । ତୋ ଦେହରୁ ବସ୍ତ୍ର ଉତାରି ନେଲେ ତୁ କିପରି ଦିଶିବୁ ଜାଣୁ ?"

ମୋହନ କଣ୍ଠରେ ମୁଁ ପଚାରେ ।

"କିପରି ?" ସେ କହେ ।

"ଡାଇନୋସର ପରି ।"

"ଆଉ ତୁମେ ?"

"ସେ କଥା ଡାଇନୋସରକୁ ଜଣା । ମତେ ଲାଗେ ମୁଁ ଡାଇନୋସର ଉପରେ ସବାର ହୋଇଥିବା ଏକ କ୍ଷୁଦ୍ରକାୟ ଅବିବର୍ତ୍ତିତ ଜନ୍ତୁସଦୃଶ ।"

ତାପରେ କଥାବାର୍ତ୍ତା ଆଉ ଆଗେଇ ପାରିଲା ନାହିଁ । ଲାଇଟ ଲିଭିଗଲା । ଆଖିକୁ କିଛି ଦିଶିଲାନି । ତା'ପରେ ଅନ୍ଧାରରେ ନିଦ ନହେଲେ ବେଡ୍‌ରୁମ୍‌ରେ ଯାହା ଘଟେ ତାହା ଘଟିଲା । ଏହା ପ୍ରେମବିବାହ ପରି ଆଦୌ ନୁହେଁ । ଏହାର ଅନ୍ତରେ ବି ବିଶେଷ କିଛି ପ୍ରିୟ ଅନୁଭବ ନାହିଁ । ଏବେ କେବଳ କିଛି ବିଡମ୍ବନା ଓ କିଛି ଛଳନାର ଦୁଇ କୂଳ ମଧ୍ୟରେ ବହିଯାଉଥିବା ଶୂନ୍ୟ ଆଡମ୍ବରର ଦେହଜ ଅନୁଭବ । ଫମ୍ପା, ଧୂମାଭ ଏବଂ କ୍ଷଣିକ ଉନ୍ମାଦନା ଓ ଉତ୍ତେଜନାର ପରବର୍ତ୍ତୀ ପର୍ଯ୍ୟାୟ କଥା ଭାବି ମୋହନ ସେଥିରୁ ବିରତ ରହିବାକୁ ଚେଷ୍ଟାକରି ମଧ୍ୟ ପାରିଲାନି । ସେ ବିଚିତ୍ରାକୁ ଗୋଟେ ରଙ୍ଗୀନ ଫଟୋପରି ଆଉଁସିଲା ଏବଂ ତାକୁ ବେଲୁନ୍ ପରି ଫୁଙ୍କିଲା । ବିଚିତ୍ରାର ଆଖି ଜଳୁଛି । ସେ ଏକ ଅଦ୍ଭୁତ ଅନୁଭବ । ଏପରି ବର୍ଣ୍ଣାତିରିକ୍ତ ଅନୁମାନ କେବଳ କଳ୍ପନା ପ୍ରସୂତ ହୋଇପାରେ । କିନ୍ତୁ ସେ ତ ସତରେ ଅନୁଭବ କରୁଛି । ସେପରି ଅନୁଭବକୁ ସମ୍ଭୋଗର ନାଁ ଦେଇ ତାକୁ ତିରସ୍କାର କରିବାକୁ ସମୟ ଇଏ ନୁହେଁ ।

ଅନ୍ଧାର ଭିତରେ ବିଚିତ୍ରା ଗୋଟିଏ ବିଚିତ୍ର ପ୍ରେମ କାହାଣୀର ଲହରିଆ ପୃଷ୍ଠଭୂମି । ଚୋରାବାଲି ପରି ଚିକ୍କଣ । ଖୁବ୍ ଲତ୍‌ପତ୍ ତାର ଅଗଭୀର ସିକ୍ତ ଅବୟବ । ଖୁବ୍ ସାଙ୍କେତିକ ତାର ଭାଷା । ରଙ୍ଗିନ ବିସ୍ମୟ ଭରା ଦେହ ଇଙ୍ଗିତର କୁହୁକ । ତା ଛାତିର ଉଚ୍ଚତାଠାରୁ ତା ହୃଦୟର ଗଭୀରତା ବେଶି ଉନ୍ମାଦକ । ଚିତ୍ରିତ ଅନ୍ଧାର ଭିତରେ ଫୁଲି ଉଠିଥିବା ବ୍ୟାପକ ଆକର୍ଷଣରେ ମଧୁର ଜଟିଳତା ।

ମନ ଭିତରେ ବିଚିତ୍ରାର ଏକ ଶଂଖାନି ଫଟୋ ଉଠାଇ ସାରି ମୋହନ ମନେ ମନେ ଭାବିଲା ଯାର କିଛି ଅନ୍ତ ନାହିଁ । ଏହା ମରି ନପାରେ । ଯା'ର ଫଟୋ ତ ମୋ ପାଖରେ ସବୁବେଳେ । ଇଏ ଯୁଆଡେ ଗଲେ ବି ମୋର । ସେ ତୁନି ତୁନି କିଛି ଅସଭ୍ୟ କଥା କହିଲା ଯାହା ବିଚିତ୍ରାକୁ ଶୁଣାଗଲାନି । ବିଚିତ୍ରାର ଆଣ୍ଠୁ ତଳିପେଟରୁ ଆରମ୍ଭ କରି ଜଙ୍ଘ ପର୍ଯ୍ୟନ୍ତ ହାତ ଚଳାଇ ମୋହନ ଛୋଟ ଏକ ପ୍ରଖର ଇଚ୍ଛାର କୃତ୍ରିମ ଝଡ଼ ସୃଷ୍ଟି କରିବାକୁ ଲାଗିଲା । ପୁରୁଣା ହୋଇସାରିଥିବା ସ୍ୱାମୀମାନଙ୍କୁ ନେଇ ବିରକ୍ତ ହୋଇ ଆସୁଥିବା

Digitized by srujanika@gmail.com

ସ୍ୱାମୀମାନେ ମୋହନକୁ ଅନୁସରଣ କରିପାରନ୍ତି । ମୋହନ କିଛି ନୂଆ ଆଚରଣ ଉଦ୍ଭାବନ କରିବାକୁ ଚାହୁଁଥିଲା । ବିଚିତ୍ରାର ଜିଭ ଭାଲୁ ଜିଭ ପରି । ନିଶ୍ୱାସରେ ନିଆଁ । ସେ ଯେତିକି ବିଚିତ୍ର, ସେତିକି ଉତ୍ତପ୍ତ, ସେତିକି ଆକ୍ରାନ୍ତ । ସେ ହଠାତ୍ ଭାବିଲା ଏମିତି ଗୋଟେ ସ୍ତ୍ରୀକୁ ସେ କାହିଁକି ବାହା ହୋଇଥିଲା କେଜାଣି । ଏତେ ଭଲ ପାଇବା ଭିତରେ ଏତେ ବିରକ୍ତିର ସହାବସ୍ଥାନ ! ଏତେ ବିପରୀତ ବୋଧ !

ଏଠି ସବୁ ସମ୍ପର୍କର ସ୍ଥାପନା ଏମିତିକା ହୁଏ । ସାଧାରଣତଃ ଭଲ ଘର ଭିତରେ ବାସ କରେ ଭଲ ବର । ଶ୍ୱଶୁର ପ୍ରତିପତ୍ତି ଦେଖି ଜ୍ୱାଇଁ ନିଷ୍ପତ୍ତି ନିଏ । ଶାଶୁର ଯୌବନ ଦେଖି ବୋହୂର ଆପତ୍ତି ନଥିଲେ ବିବାହ ସଂପନ୍ନ ହୁଏ । ବାଜା ବାଜେ, ବାଣ ଫୁଟେ, ରାସ୍ତାରେ ନାଚି ନାଚି ଯା'ନ୍ତି ନିଶାସକ୍ତ ବେସର୍ମ ସଂପର୍କୀୟ ଲୋକେ । ଅନ୍ୟାନ୍ୟ ନିମନ୍ତ୍ରିତ ଲୋକେ ଟିକେଟ୍ କିଣି ନାଟକ ଦେଖିବା ପରି ଉପହାର ନେଇ ଭୋଜି ଖାଇବାକୁ ଯା'ନ୍ତି । ବାର ଅବାର ନମାନି କୁକୁଡ଼ା ମାଂସ ଖାଆନ୍ତି ଏବଂ ଶୀତ ଦିନରେ ବି ଆଇସ୍କ୍ରିମ୍ ଖୋଜନ୍ତି । ଖାଉ ଖାଉ କଥାବାର୍ତ୍ତା ହୁଅନ୍ତି । ନିଜର ଜ୍ଞାନ ଗାରିମା ସହିତ ଶାଢ଼ି, ଗାଡ଼ି ବିଷୟରେ ଶୁଣାନ୍ତି । ସବୁ ବାହାଘର ସେଇ ଏକାପ୍ରକାର । ସେଇ ଏକା ପ୍ରକାରର ମୁହଁ । ଏକା ପ୍ରକାରର ଖାଦ୍ୟ । ଏକା ପ୍ରକାରର ଦୃଶ୍ୟ ।

ଏଇମିତି ଏକ ନିମନ୍ତ୍ରିତ ଭୋଜି ସଭାରେ ମୋହନ ସହିତ ବିଚିତ୍ରାର ପ୍ରଥମ ସାକ୍ଷାତ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ ସେମାନେ କେତେ ଅଜଣା ଅପରିଚିତ ଥିଲେ । ଘନିଷ୍ଠତା ଆଡକୁ ଯିବା ପାଇଁ ସେମାନଙ୍କୁ ଚେଷ୍ଟା କରିବାକୁ ପଡ଼ିନଥିଲା । ସବୁ ଯେମିତି ମନକୁ ମନ ହୋଇଗଲା । କେତେ ଗୁଡ଼ାଏ ବର୍ଷ ହୋଇଗଲାଣି ତା'ର କିଏ ହିସାବ ରଖୁଛି ।

ଦୁଇଜଣ ସ୍ୱାମୀ ସ୍ତ୍ରୀଙ୍କର କଥାବାର୍ତ୍ତାରୁ ସେମାନଙ୍କର ବିବାହର ବୟସ କଳ୍ପନା କରାଯାଇପାରେ । ପ୍ରଥମେ କଥାବାର୍ତ୍ତା ଖୁବ୍ ସହଜ ଏବଂ ସରସ ଲାଗେ । କଥା କହିବା ଆଗରୁ ପରସ୍ପରର ବାର୍ତ୍ତା ବୁଝି ପକାନ୍ତି ସେମାନେ । କ୍ରମେ ତାହା ଜଟିଳ ଅବୋଧ୍ୟ ହୋଇପଡ଼େ । ଏବେ ଯେପରି ମୋହନ ବିଚିତ୍ରାର ଭାଷା ସହଜରେ ବୁଝିପାରେନି । ଏବେ ଜଣେ କହିଲା ବେଳେ ଅନ୍ୟଜଣକ ଶୁଣୁନି କିମ୍ବା ଚୁପ୍ ରହୁନି । ଦୁଇଜଣ ଯାକ ଏକ ସମୟରେ କହୁଛନ୍ତି ନହେଲେ ଏକ ସମୟରେ ନୀରବ ରହୁଛନ୍ତି । ବିଶେଷ କରି ତୃତୀୟ ବ୍ୟକ୍ତିର କାଳ୍ପନିକ ଉପସ୍ଥିତିରେ ସେମାନେ ପରସ୍ପରକୁ ଶୁଣିବାକୁ ଭୟ କରନ୍ତି । ବର୍ତ୍ତମାନ କଥା ହିଁ ସବୁ ଅବୁଝାମଣାର ମୂଳ । ବିଚିତ୍ରାର ଭାଷା କପୋଳକଳ୍ପିତ ହେଲେ ମୋହନ କାନରେ ବଧୀର । ବିଚିତ୍ରାର ଇଚ୍ଛାର ଶୀର୍ଷରେ ମୋହନର ଉଦ୍ଭଟ ନୀରବତା ରାଜତ୍ୱ କରେ ।

ବିଚିତ୍ରାକୁ ନୀଳ ଆଲୋକ ତଳେ ରୋମାନ୍ସ ଭରା ସ୍ୱପ୍ନ ଦେଖିବାକୁ ଭଲଲାଗେ ।

Digitized by srujanika@gmail.com

ମୋହନଙ୍କୁ ଦୁର୍ଦ୍ଦକ୍ଷ ଆଘାତ ଦେବାରେ ଆମୋଦ ମିଳେ । ସେ ଅନ୍ଧାରରେ ଘୁଙ୍ଗୁଡ଼ି ମାରି ଶୋଇଯାଏ । ବିଚିତ୍ରାର ଇଚ୍ଛା ବିରୁଦ୍ଧରେ ସିଗ୍ରେଟ୍ ପିଏ ଏବଂ ଗୋଲ୍ ଗାଲ୍ ଧୂଆଁର କୁଣ୍ଡଳୀ ଛାଡ଼ିପାରେ । ଏବେ ମୋହନ ବଂଶୀ ବଜାଇବାକୁ ଚେଷ୍ଟା କରୁଛି । ମୁଁ ବଂଶୀ କ'ଣ ଜାଣେନି । ତେଣୁ ମୁଁ ମୋହନ ପରି ହୋଇନପାରେ । ପରିଣତ ବୟସରେ ସବୁ ଦଂପତ୍ତି ସେପରି ଅବସ୍ଥା ନେଇ ଗତି କରନ୍ତି । ଦୁହେଁ ବୁଝାମଣା ଠାରୁ କେତେ ଦୂରରେ ସେକଥା ଜାଣିବା ଏକ ଜଟିଳ ସମସ୍ୟା । ବିଚିତ୍ରାକୁ ଭଲ ପାଇବାକୁ ଚେଷ୍ଟା କରି ମୋହନ କିଛି ବି କରିପାରେ ବା କହିପାରେ ।

ସେ କହିଲା "ତୁ ଇଂରାଜୀ କହିପାରୁ । ତତେ ତୁମେ କହିଲେ ତୋ ମନ ଫିକା ପଡ଼ିଯାଏ, ତେଣୁ ଆଦରରେ ତୁ କହୁଛି । ତୁ ଆଉ ସେ ପୁରୁଣା ତୁ ହୋଇ ରହିନାହୁଁ । ଆଉ ଗୋଟେ କିଏ ଉତ୍ତର ଆଧୁନିକା, ବୟସ୍କା, ବବ୍‌ବାଳ କାଟିଥିବା, ଲିପ୍‌ଷ୍ଟିକ୍ ପିନ୍ଧିଥିବା, ସିନ୍ଦୂର ଚୂଡ଼ି ଛାଡି ଦେଇଥିବା ସ୍ମାର୍ଟ ଆଧୁନିକା ପତ୍ନୀ । ତୋର ଦ୍ୱିତୀୟ ହନିମୁନ୍ କରିବାର ପ୍ରବଳ ଇଚ୍ଛାକୁ ମୁଁ ପୂରଣ ନକରି ପାରିଥିବାରୁ ତୁ ରାଗୁଛୁ । ଏକରେ ତୋର ଏଷ୍ଟ୍ରୋଜେନ୍‌ର ମାତ୍ରା କମିଗଲାଣି । ଦ୍ୱିତୀୟରେ ରକ୍ତଚାପ ହେତୁ ତୋ ଶାଶୁ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ବେଳେ ତୁ କ'ଣ ଯାହା ଇଚ୍ଛା ତାହା କରିପାରିବୁ ?"

ବିଚିତ୍ରା ମୋହନ ଉପରେ ରାଗି ଘରୁ ବାହାରି ଯାଇ ନିକଟରେ ଥିବା ପିସିଓରୁ ଫୋନ୍ କରି କହିଲା, "ମୁଁ ଆଉ ଘରକୁ ଫେରିବିନି ଯେ ପର୍ଯ୍ୟନ୍ତ ତୁମେ ମା' ଆଉ ମୋ ଭିତରୁ ଜଣକୁ ନ ବାଛିଛ । ଏଥରକ ମା' ନହେଲେ ମୁଁ ।"

"ଠିକ୍ ଯେମିତି ଆଉଥରେ ତୁ ଇଂରାଜୀରେ କହିଥିଲୁ , ମତେ ଆସି ନେଇଯାଅ ନହେଲେ ପସ୍ତାଇବ । ମୁଁ ଆଉ ଘରକୁ ଫେରିବିନି । ମୁଁ ଗଲିନି ତତେ ଆଣିବାକୁ । ତୁ ଦି' ମିନିଟ୍‌ରେ ପରେ ରିକ୍ସା ଚଢି ଫେରିଆସିଲୁ ଏବଂ ମୋଠୁ ରେଜା ପଇସା ନେଇ ରିକ୍ସାବାଲାକୁ ଦେଲୁ । ମିଛ ରାଗରେ ଚା' କପଟା ହାତରୁ ଫିଙ୍ଗିଦେଲୁ । ଠିକ୍ ଏମିତିକା ଦିନେ ମୋହନ ତା ବଂଶୀଟାକୁ ଚିପି ଭାଙ୍ଗିଦେଲା, ନିଆଁରେ ପକାଇଦେଲା । ଏବେ ଖାଲି ହ୍ୱିସିଲ୍ ବଜାଉଛି କିଏ ଶୁଣୁ ବା ନଶୁଣୁ ତାର ମୁଖବାଦ୍ୟ ।"

* * * * * *

ମୁଁ ଯଦି ମୋହନ ହୋଇଥାନ୍ତି ତେବେ ଏତେ ଘଟଣା ଘଟିନଥାନ୍ତା । ସବୁ ସମାଧାନ କରିଦେଇଥାନ୍ତି ହୁଏତ ।

ବିଚିତ୍ରା ଏଠାରେ ଏପରି ବ୍ୟବହାର କରୁଛି ଯେପରି କି ମତେ ଆଦୌ ଜାଣେନି । ତାର ଏତେ ଛଳନା ଦେଖି ମତେ ତାଜୁବ୍ ଲାଗୁଛି । ସତରେ ଏଥିରୁ ଜଣାପଡୁଛି ସେ ତା'ର ସ୍ୱାମୀକୁ କେତେ ବେଶି ଅନ୍ଧାରରେ ରଖିଥିବ । ମୁଁ ତାକୁ ଆରମ୍ଭରୁ ଜାଣେ । ସୁନ୍ଦର ତାର ସୁଗଠିତ ମୁହଁ ନାକ କାନ ପାଟି ଓଠ ଏବଂ ଏସବୁର ସମଗ୍ର ସୌନ୍ଦର୍ଯ୍ୟକୁ ବିଗାଡ଼ି

Digitized by srujanika@gmail.com

ଦେଉଥିବା ତାର ଜିଭ, ସବୁ ନଷ୍ଟ କରି ଦେଉଥିବା ମିଛକଥା । କେମିତି କହିବି ଯେ ମୁଁ ତାକୁ ଚିହ୍ନିପାରିଲିନି । ତା କଥା କେହି ବି ବୁଝିପାରିବ ନାହିଁ ।

ସେ ସେଇପଟକୁ ଛିଡା ହୋଇଛି । ଆମେ ରଞ୍ଜିତାର ବାହାଘର ଭୋଜି ଖାଇବାକୁ ଆସୁଛୁ । ବିଚିତ୍ରାର ସାଙ୍ଗ ରୁଚିର ଝିଅ ରଞ୍ଜିତାର ବାହାଘରେ ମତେ ଡକାଯାଇଚି । ମୁଁ ଭାବିନଥିଲି ଏଠାରେ ମୋହନ ଓ ବିଚିତ୍ରାଙ୍କ ସହିତ ମୁହାଁମୁହିଁ ହେବାକୁ ପଡ଼ିବ । ମୋ ସ୍ତ୍ରୀ ମୋ ସହିତ ଆସିନାହାଁନ୍ତି କାରଣ ତାଙ୍କର ଦେହ ଭଲ ନାହିଁ । ଏଇ କୋଡିଏ ବର୍ଷ ଭିତରେ ସେ ମତେ ସଂପୂର୍ଣ୍ଣ ପାଶୋରି ଦେଇଥିବ, ବର୍ଷକୁ ଶତକଡ଼ା ପାଞ୍ଚ କଡି ହିସାବରେ । ମୁଁ ବି ତାକୁ ନ ଦେଖିବାର ଢଙ୍ଗ କଲି ସିନା ସେ ମୋ ପାଖୁ ଲାଗି ଆସି ପଚାରିଲା –

"ଆରେ ଆପଣ ଏଠାରେ ?"

"ହଁ ମୋତେ ନିମନ୍ତ୍ରଣ କରାଯାଇଛି..."

"ଓ... !"

"ଆପଣ... ?"

"ମୁଁ ମିସେସ୍ ସାମନ୍ତରାୟ... ମୋହନ ମୋର ହଜ୍‌ବ୍ୟାଣ୍ଡ ।"

"ମତେ କିପରି ଜାଣିଲେ ? ଆପଣ ମତେ ଆଗରୁ ଜାଣନ୍ତି ?" ମୁଁ ପଚାରିଲି ମୋର ଧରିଥିବା ପ୍ଲେଟକୁ ଚାହିଁ ।

"ଆପଣଙ୍କର ସବୁ ଗପ ମୁଁ ପଢିଛି.. ଶେଷ ଗପଟା ପର୍ଯ୍ୟନ୍ତ ।"

"ଆପଣଙ୍କୁ କେଉଁଠି ଆଗରୁ ଦେଖିଲା ପରି ଲାଗୁଛି । ଖୁବ୍ ପରିଚିତ ପରି ଲାଗୁଛି । ଆପଣଙ୍କ ମୁହଁ, ଖାଲି ଯାହା ବାଳଗୁଡା ଏବେ ଛୋଟ ଛୋଟ କରି କାଟି ଦିଆଯାଇଛି ବୋଧେ । କୋଉଠିତ ଦେଖିଥିଲି... ? ଆରେ ଆରେ ମୁଁ ଏପର୍ଯ୍ୟନ୍ତ ଧରି ନେଇଥିଲି ଆପଣ ହୁଏତ ଜଣେ ଅପରିଚିତା ।"

ସେତିକିବେଳେ ହସି ହସି ସାମନ୍ତରାୟ ଆସିଲା ଏବଂ ମତେ ଚାହିଁଲା । ପଚାରିଲା, "କ'ଣ ପରିଚୟ ହୋଇଗଲାଣି ?" ମତେ ଚିହ୍ନାଇବା ଢଙ୍ଗରେ ମୋ ଆଡକୁ ହାତ ବଢାଇ କହିଲା, "ଇଏ ମୋର ବନ୍ଧୁ.... ।"

ବିଚିତ୍ରା ନାଁଟା ଶୁଣିବା ପର୍ଯ୍ୟନ୍ତ ଅପେକ୍ଷା ନକରି କହିଲା, "ତୁମେ ଯା'ଙ୍କୁ ଜାଣ ?" ପନିରଟା ଚୋବେଇ ଚୋବେଇ ଗିଳିବାକୁ ଯାଉଥିଲା ସେ ।

"ଖୁବ୍ ଭଲ କରି ଜାଣେ, ଗଲା କୋଡିଏ ବର୍ଷ ଧରି ।"

ବିଚିତ୍ରା ହାତରୁ ଚାମଚଟା ଖସିପଡ଼ିଲା ତଳକୁ ।

ମୁଁ ହଠାତ୍ କୋଡିଏ ବର୍ଷ ତଳକୁ ଫେରିଗଲି । ପୁଣି ଭାବିଲି ସେ ଜଣେ ଅପରିଚିତ ସ୍ତ୍ରୀ ଲୋକର ଦେହ ଧାରଣ କରିଛି । ତା'ପାଖରେ ଗପ ନୁହେଁ ଖାଲି ସତକଥାର ଇତିହାସ ଅଥବା ଘଟଣାମାନଙ୍କର ଛୋଟ ଛୋଟ ଅନୁକମ୍ପନ ଭର୍ତ୍ତି ହୋଇଛି । ହୁଏତ ତା ପାଇଁ

Digitized by srujanika@gmail.com

ସେଇ କୋଡିଏ ବର୍ଷ ତଳର ଗୋଟିଏ ଛୋଟ ଘଟଣା ଏକ ବଡ଼ ପଦକ୍ଷେପ ନେବାକୁ ତାକୁ ବାଧ୍ୟ କରିଥିଲା ଯେଉଁଥିପାଇଁ ସେ ଏଠାରେ ଏତେ ବେଶି ଅପରିଚିତ ହେବାକୁ ବାଧ୍ୟ । ଅତି ପରିଚିତରୁ ଅତ୍ୟଧିକ ଅପରିଚିତ ହେଲେ ଯାଇ ସେ ତିଷ୍ଠି ରହିପାରେ ।

ତାକୁ ଦେଖିଲେ ଏବେ ଗୋଟେ ଗପର ଚରିତ୍ର ପରି ଲାଗେ । ମନକୁ ଆସେ ଗୋଟେ ଦୁର୍ବଳତାରେ ଗଢ଼ା ପତି ଦ୍ୱାରା ନିର୍ଯ୍ୟାତିତା ସ୍ତ୍ରୀର ଚିତ୍ର । ତାକୁ ତାର ସ୍ୱାମୀ ଷ୍ଟେଲ୍‌ରେ ପିଟୁ ଥାଇପାରେ । କୁତ୍ତି, ବେଶ୍ୟା କହି ଗାଳିଦେଇପାରେ । ମଦ ପିଇ କିଛି ବି ଅତ୍ୟାଚାର କରିପାରେ । ସେମାନଙ୍କର ଏପରି ସଂପର୍କ ବିଷୟରେ ଅଧିକ ଭାବିବାକୁ ଭଲଲାଗେ । ସେମାନଙ୍କର ଅଙ୍ଗେନିଭା କାଳ୍ପନିକ ଇତିହାସ ମୋ ପାଇଁ ଗପ ପାଲଟିଯାଏ । ଠିକ୍ ସେତିକିବେଳେ ମୋ ସାମ୍ନାରେ ସେମାନେ ପରସ୍ପର ପ୍ରତି ସନ୍ଦେହକୁ ଦୃଢୀଭୂତ କରନ୍ତି । ସନ୍ଦେହ ହିଁ ଭଲ ଗପର ଅସଲ ମଞ୍ଜି । ଲୁଚାଛପାରେ ବଢିଥିବା ପ୍ରେମ ଖୁବ୍ ପ୍ରଖର ହୁଏ । ଗୋଟିଏ ଛୋଟ ଚୋରା ଚାହାଣି ଆଗରେ ହକଦାର ପରି ପ୍ରେମ ଲଦିଦେବାରେ କି ଆନନ୍ଦଟା ଥାଏ । ପ୍ରେମରେ ପଡ଼ିବାଟା ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ଘଟେନାହିଁ, କହିଛନ୍ତି ଆଇନ୍‌ଷ୍ଟାଇନ୍ ।

ତେଣୁ ହୁଏତ ମୋ ସହିତ ପରିଚିତ ହେବାଟା ବିଚିତ୍ରା ପାଇଁ ବିପଦଜନକ ହୋଇପାରେ । ସାଧାରଣ ସ୍ତ୍ରୀ ଲୋକଟିଏ ପରି ସେ ହୁଏତ ବିଚାର କରୁଛି କି ଯେହେତୁ ମୁଁ ଚୁପ୍ ଅଛି, ତେଣୁ ତା କଥା ଶୁଣୁଛି । ହା ହା ହା । ସେ ଜାଣେନି ଯେ ମୁଁ ଚୁପ୍ ଅଛି କାରଣ ମୁଁ ପ୍ରକୃତରେ ଭାଷା ସାଧନା କରୁଛି । ମୁଁ ଗଳା ଚାପି ଶ୍ୱାସରୁଦ୍ଧ ହୋଇ ରହିଛି ଖାସ୍ ତାକୁଇ ଦେଖିବାକୁ । ସେ କେମିତି ଛଟପଟ ହେଉଛି ସେକଥାକୁ ଚିତ୍ରକରି ବର୍ଣ୍ଣନା କରିବାକୁ ।

ମୋ କାନ୍ଧରେ ଟିପ ମାରି ମୋହନ କହିଲା, "ଶୁଣିଲୁଣି, ରଞ୍ଜିତା କୁଆଡେ ନିଜେ ବାଛି ବାହା ହଉଛି !"

"ଭଲ ହେଇଛି, ଆଜିକାଲି ସେମିତି ସ୍ୱାଧୀନ ହେବା ଦରକାର ।" ମୁଁ କହିଲି ।

"ବାପା ମା'ଙ୍କ ଇଚ୍ଛା ବିରୁଦ୍ଧରେ, ଅନ୍ୟ ଜାତିର ପିଲା ସହିତ । ପିଲାଟା ଖୁବ୍ ଧନୀ ତ, ସେଥିପାଇଁ ।"

"ଓ ତମପରି ଧନୀ ଲୋକମାନେ ଆଉ କାହାରିକୁ ଧନୀ ହେବା ଚାହାନ୍ତି ନାହିଁ," ମୁଁ ମଜା କରି କହିଲି ।

ସେ ଟପିକ୍ ବଦଳାଇ ପଚାରିଲା, "ତୁ ସୁମିତାକୁ ଆଣିନୁ କି ?"

"ନାଇଁ ଭାଇ, ସେ ସିଧାସାଧା ସ୍ତ୍ରୀ ଲୋକଟେ, ତାକୁ ଏତେ ବଡ଼େ ଗହଳି ଭଲ ଲାଗିବନି ବୋଲି ଘରେ ରହିଗଲା ।"

"ହଉ ତମେ ଗପୁଥାଅ ମୁଁ ଟିକେ ଦାସ ପାଖରୁ ଆସୁଛି ।" ଆମ ଦି ଜଣ କଥାବାର୍ତ୍ତା

Digitized by srujanika@gmail.com

ହେଲାବେଳେ ବିଚିତ୍ରା ଚୁପ୍‌ଚାପ୍ ଶୁଣୁଥିଲା । ଶୁଣୁଶୁଣୁ ଖୁବ୍ ଅପମାନିତ ମନେ କରୁଥିଲା । ଏବେ ମୁଁ ଯାହା କହିଗଲି ତାହା ସେ ଶୁଣିବାକୁ ବାଧ୍ୟ । ମୁଁ କୋଡ଼ିଏ ବର୍ଷ ତଳେ ତାକୁ ଯାହା ସବୁ କହିଥିଲି ତାହା ତାର ମନେ ନଥାଇପାରେ । ସେତେବେଳେ ମୁଁ ହୁଏତ ଭଲ ଗପ କହିପାରୁନଥିଲି, ମାତ୍ର ମୁଁ ଯାହା ସବୁ କରିଥିଲି ତାହା ସେ ଭୁଲିବ କିପରି ? ତାହା ମରିବା ଯାଏ ମନେ ରଖିବାକୁ ସେ ବାଧ୍ୟ । ମୁଁ ନୁହେଁ ।

ମୁଁ ଶୁଣିପାରିଲି ସେ ନୀରବରେ କ'ଣ ସବୁ କହିଯାଉଥିଲା । ସେ ଲାଜ ଛାଡ଼ିଦେଲା, ଭୟ ଛାଡ଼ିଦେଲା, ପୁଣି ଖୁବ୍ ଚାପା ଗଳାରେ କାନ୍ଦିବାକୁ ଲାଗିଲା । କାନ୍ଦ ବି ଗୋଟେ ଭାଷା, ବେଳେ ବେଳେ ବଂଶୀର ସ୍ୱନ ପରି କରୁଣ । ଆମେମାନେ କୋଳାହଳ ଭିତରେ କେହି ତାକୁ ଶୁଣିପାରିଲୁନି । ତା ଆଖିକୁ ଦେଖି ମୁଁ ଖୁବ୍ ଆଶ୍ଚର୍ଯ୍ୟ ହେଲି । ମୁହଁରେ ହସ ଓ ଛାତିରେ କୋହ ସମ୍ଭାଳି ରଖିପାରିବା ପରି ସ୍ତ୍ରୀ ଲୋକ ହେଉଛି ବିଚିତ୍ରା । ତାକୁ ଯିଏ ଦେଖିବ ଭାବିବ ହସୁଛି, ମୁଁ କିନ୍ତୁ ଜାଣେ ତାର ଅନ୍ତରର ଦୁଃଖ ।

ସେ ମୋ ପାଖକୁ ଆଉଜି କହିଲା, "ଟିକେ ଶୁଣିବେ କି ?"

"କିଏ ମୁଁ ?" ମୁଁ ଇସାରାରେ ପଚାରିଲି ।

"ହଁ, ଆପଣ କହିପାରିବେ କି, ପ୍ରେମର ଅଧୋଃଗତିରୁ ବାହାରି ଆସି କିଏ ସ୍ତ୍ରୀ ଲୋକ ଅଛି ଯିଏ ଲଜ୍ଜିତ ନହୋଇଛି ବା ସ୍ୱାମୀ ସହିତ ଦୀର୍ଘ କୋଡ଼ିଏ ବର୍ଷ କଟାଇବା ପରେ ଯିଏ ତା'ର ସ୍ୱାମୀକୁ ବିଶ୍ୱାସ କରିବାକୁ ଶିଖି ନପାରିଲା ସିଏ କି ସ୍ତ୍ରୀ ?"

ଏ ପ୍ରଶ୍ନଟିକୁ ସେ ମତେ ପଚାରିଲେ ବି ତାର ଉତ୍ତର ଶୁଣିବା ପାଇଁ ଅପେକ୍ଷା କରିନଥିଲା । ଏ ପ୍ରଶ୍ନ ଉପରେ ଆଧାରିତ ମୋର ଶେଷ ଗପଟିର ମୁଖ୍ୟ ନାରୀ ଚରିତ୍ର ତା'ର ପ୍ରେମିକକୁ ଅକ୍ଷରେ ଅକ୍ଷରେ ଠିକ୍ ଏହା ହିଁ ପଚାରିବାକୁ ଚାହିଁଥିଲା ।

❑❑❑

Digitized by srujanika@gmail.com

# ଯୁଗଳବନ୍ଦୀ

ଅକସ୍ମାତ ସବୁଦିନ ଏଇମିତି ରାତି ଦଶଟା ବାଜିଯାଏ । ପ୍ରବଳ ସୁଅପରି ତାଙ୍କର ସୁଗଠିତ ଅବୟବରେ ଅସଂଯମର ଗୋଟେ ଜୁଆର ଉଠେ । ସେ ମୋତେ ଯାବୁଡ଼ି ଧରନ୍ତି । ମୁଁ ପୁଲକିତ ହୁଏ । ଭଲ ପାଇବାରେ ଭୟ କିଛି ନାହିଁ, କହି ମୁଁ ତାଙ୍କୁ ଖଟ ଉପରକୁ ଟାଣିନିଏ ଯେଉଁଠାରେ କି ଖୋସାମତି କରିବାର ଅର୍ଥ ନାହିଁ କି ହାର୍‌ଜିତ୍ ନାହିଁ । ଆସକ୍ତିର ବର୍ବରତା ଓ କିୟତ୍ ନୃଶଂସତାକୁ ଆଖିବୁଜି ଉପଭୋଗ କରୁ କରୁ ବେଶି ରାତି ହୋଇଯାଏ । ମୁଁ ସଂକୀର୍ଣ୍ଣ ହୋଇଯାଏ ଯେପରିକି ତାଙ୍କ ଆଗରେ ଆଦୃଶ୍ୟ ଲିକ୍ ଥିବା ମୁଁ ଗୋଟେ ରବର ବେଲୁନ୍ । ତାପରେ ରାତି ଅତ୍ୟଧିକ ହବା ଆଗରୁ ଆମ ବେଡ୍ ରୁମ୍‌ରୁ ଆଲୁଅ ଲିଭିଯାଏ ।

ସୁପ୍ରିୟା ଆଗ ଶୋଇପଡନ୍ତି ସମ୍ପୂର୍ଣ୍ଣ ନିଷ୍ଫଳ ହୋଇ । ହାତଠି ହାତ, ଗୋଡଠି ଗୋଡ । ପଙ୍ଖା ପବନରେ ତାଙ୍କର ବିଉଟି ପାର୍‌ଲରରେ କଟା ବାଳ ଫୁରଫୁର ଉଡୁଥାଏ । ମତେ ଅନ୍ଧାରରେ ବିରାଡିଟିଏ ପରି ସବୁ ଦିଶେ । ସବୁ ପ୍ରକାର ଇନ୍ଦ୍ରିୟମାନଙ୍କର ଲଢେଇ ଆଉ ବଳ କଷାକଷି ପରେ ମୁଁ ଦେଖେ ଆମ କାନ୍ଥରେ ଟଙ୍ଗା ହୋଇଥିବା କ୍ୟାଲେଣ୍ଡରର ଦୁଇଟି ଜିଅନ୍ତା ଆଖି ଆମ ଦି ଜଣଙ୍କର ଫୁଙ୍ଗୁଳା ଦେହକୁ ଚାହିଁ ରହିଥାନ୍ତି । ଆଉ ସେଥିପାଇଁ ସୁପ୍ରିୟା ବହୁତ ସଂକୋଚ କରନ୍ତି ।

ସେଦିନ ଅଧିକ ରାତି ହେବା ପୂର୍ବରୁ ତାଙ୍କୁ ଶୋଇବାକୁ ନଦେଇ ପଚାରିଲି "କେତେ ନାଇଁ କେତେ ନାଟକରେ ନାୟିକା ହୋଇଥିବା ତମ ଇତିହାସ ଟିକେ ମତେ ଖୋଲି କହିବ ?" ସେଥିରେ ବିପଦ ଥାଇପାରେ ବୋଲି ଭୟ କରି ନିରବ ରହିଥିଲେ ସୁପ୍ରିୟା । ତାଙ୍କର ହାଲ୍‌କା ସୁନ୍ଦର ମୁହଁରେ ଓଜିନିଆ ଆଖିପତା ତଳକୁ ଟାଣିହୋଇ ପଡୁଥାନ୍ତି ।

ବାହାଘରର ବେଶ୍ କେତେ ମାସ ହୋଇଗଲାଣି । ମୋର ମନେହୁଏ ଆଜିକାଲି ମୋ ପାଇଁ ସନ୍ଦେହର ସମୁଦ୍ର ଫୁଲୁଛି । ସେଥିପାଇଁ ସେଦିନ ତାଙ୍କ ଦେହରେ ହାଲ୍‌କା ଭାବରେ ଆଙ୍ଗୁଠି ଗେଞ୍ଜି କହିଲି, "ତୁମେ ମୋର ଶତ୍ରୁ ।"

"କାହିଁକି ? ଏମିତି କାହିଁକି କହୁଚ ?"

"ରୁପବତୀ ମାତ୍ରେଇ ଶତ୍ରୁ । ରୂପବତୀ ଭାର୍ଯ୍ୟା ସ୍ୱାମୀ ପାଇଁ କଷ୍ଟର କାରଣ ହୁଏ । ଆଉ ତମେ ଏତେ ସୁନ୍ଦର ।"

"ଏତେ ବାଛି ବାଛି ବାହା ହେଇଛି ଯେ ?"

Digitized by srujanika@gmail.com

"ତମ ଗାଆଁର ଚନ୍ଦ୍ରିକା ଯେ ମୋର ସାଙ୍ଗ ମୋହନକୁ ବାହା ହେଇଛି । ସେ କହୁଥିଲା ତମ କଥା । ସତରେ ସେ ତମ ବିଷୟରେ ଏତେ କଥା ଜାଣିଚି ଯେ ! ତମର ମନେ ପଡୁଛି । ଭୟ କରନି ମ, ସେ ମତେ କିଛି କହିନି । ଖାଲି କହିଲା ଯେ ତମ ପାଇଁ ଆହୁରି କେତେ ନାଇଁ କେତେ ଜଣ ଆଗ୍ରହୀ ଥିଲେ । କିନ୍ତୁ ମୁଁ ତୁମକୁ ଦୋଷ ଦଉନି । ଚାଲ ଆମେ ପରସ୍ପରକୁ ଆହୁରି ଘନିଷ୍ଠ ଭାବରେ ଜାଣିବା । ତମେ ମତେ ସତକଥା କହିବ । ତମେ ତମ କଥା କହିବ ଆଉ ମୁଁ ମୋ କଥା କହିବି । କିଛି ଲୁଚେଇବାନି । କିନ୍ତୁ ତମେ ଆଗ କହିବ !"

"ଆଜି ବହୁତ ଡେରି ହେଲାଣି, କାଲି ଗପିବା" କହି ସେ ଆଖି ମୁଦିବାକୁ ଚେଷ୍ଟା କଲେ ।

କାନ୍ଥ ଘଣ୍ଟାଟା କାନ୍ଥକୁ ଚିମୁଟି ଧରିଛି । ଆଲୁଅରୁ ଧାରେ ତା ଉପରେ ପଡ଼ିଛି । ସତରେ ରାତି ବହୁତ ବେଶି ହେଲାଣି । ତାଙ୍କ ଦିହଟା ଖଟ ଉପରେ ଲମ୍ବି ଯାଇଛି । ନାକରୁ ଗରମ ନିଶ୍ୱାସ ବାହାରୁଚି । ଏବେ ତାଙ୍କର ଆଗ୍ରହ ଅନେକ କମିଯାଇଛି । ତାଙ୍କ ମନଟା ସେତେ ଭଲ ନାହିଁ ।

ମୁଁ ଦେଖିଛି ତାଙ୍କ ପ୍ରତି ଭଲ ପାଇବାଟା ବୋଧହୁଏ ମୋର କମିଯାଇଛି । କିନ୍ତୁ ତାଙ୍କ ସହିତ ସମାନ୍ତର ହୋଇ ଶୋଇବାରେ କୌଣସି ଅସୁବିଧା ନାହିଁ । ହୁଏତ ତାଙ୍କୁ ଦିନେ ଘୃଣା କରି ମଧ ତାଙ୍କ ସହିତ ଶୋଇ ପାରିବି । ଏପରିକି ସେ ଯଦି କଲରାପତରିଆ ବାଘୁଣୀଟିଏ ବି ହୋଇଯାନ୍ତି ତଥାପି ସେଇ ଏକା ଖଟରେ ଶୋଇବାରେ ବାଧା ନାହିଁ ।

ତାଙ୍କୁ ଭଲ ଲାଗୁଥିବା ସେଇ ପୁରୁଣା ରେକର୍ଡଟା ବଜେଇ ଦେଇ ପଚାରିଲି, କ'ଣ ଶୋଇଗଲ କି ? ସେ ଆଖି ନ ଖୋଲି ନାହିଁ କଲେ । ମୋ ହାତଟା କଲବଲ ହେଉଥିଲା । ଖୋଜି ବୁଲୁଥିଲା ତାଙ୍କ ଦେହରେ କେଉଁଠି ଗୋଟେ ସୁଇଚ୍ ଅଛି । ଯାହାକୁ ଟିପିଦେଲେ ସେ ଆଲୁଅ ପରି ଜଳି ଉଠିବେ । ସେ ପାହାରଖିଆ ବିଛା ପରି ଛଟପଟ ହୋଇ ଉଠିଲେ । କାଳେ ତାଙ୍କ ଉପରେ ସ୍ୱର୍ଗଟା ଅଜାଡି ହୋଇପଡ଼ିବ, ଏହି ଆଶଙ୍କାରେ ହାତଗୋଡ ସବୁ ଉପରକୁ ଟେକି ଦେଇଥିଲେ । ଦୀର୍ଘ ସମୟ ଧରି ବିସ୍ମୟରେ ଅପେକ୍ଷା କଲାପରେ ସେ ହାଲିଆ ହୋଇ ପଡିଥିଲେ । ଦାନ୍ତକୁ ଦାନ୍ତ ବାଜିଗଲା । ଅନେକ ବେଳୁ ସେ ପୁରୁଣା ରେକର୍ଡଟା - ଯେଉଁଟା ସେ ଆସିଲାବେଳେ ସାଙ୍ଗରେ ଆଣିଥିଲେ ସେଟା ଗୋଟେ ଜାଗାରେ ଅଟକିଯାଇ ଘୋରି ହୋଇ ଚାଲିଥିଲା । ସେ ଦୁଃଖ ପ୍ରକାଶ କରି "ସରି" କହିଲେ ଆଉ ଉଠିଯାଇ ରେକର୍ଡ ପ୍ଲେୟାର ବନ୍ଦ କରିଦେଲେ ।

"ଆଜିକାଲି ଆମ ଅଫିସରେ ତମ କଥା ଚର୍ଚ୍ଚା ହୁଏ । ସମସ୍ତେ ତୁମକୁ ଏଡେ ଏଡେ ଆଖିରେ ଦେଖନ୍ତି କାହିଁକି ? କାହିଁକି ତମେ ଚାଲିଗଲା ପରେ ତମ ପଛରେ ଫୁସୁର୍ ଫାସର ହୁଅନ୍ତି ?"

Digitized by srujanika@gmail.com

ପୁଣି ନିରବ ରହିଲେ ସୁପ୍ରିୟା ।

"ଶୁଣ ଆଜି ତୁମକୁ ଗୋଟେ ସତକଥା କହୁଛି । ତମ ମୋ ଭିତରେ କୌଣସି ପ୍ରକାର ଅନ୍ତରାୟ ରହିବା ଅନୁଚିତ । ଏତେ ଗୁଡାଏ ଦିନ ହୋଇଗଲାଣି ଆଉ ପୁଣି ପରସ୍ପରକୁ ଖୋଲି ଦେବାରେ ଆପତ୍ତି କ'ଣ ? ଆଗ ମୁଁ କହିବି, ତା'ପରେ ତମେ।"

"କିନ୍ତୁ ମୁଁ ତ ତମଠୁ କିଛି ହେଲେ ଗୁପ୍ତ ରଖିନି ।"

କିଛି ନଶୁଣିଲା ପରି କହିଥିଲି ମୁଁ – "ରୁବି ଦାସ କଲେଜ ଡ୍ରାମାରେ ମିଶିଥିଲା, ଖୁବ୍ ଲାଜକୁଳି ନୁହେଁ । ସାବୁନ୍ ଫେଣ ପରି ନରମ ଆଖି । ଦୁର୍ବଳତାର ପାଦ ଉପରେ ଦୋଳି ଖେଳୁଥିଲା ତାର ତାରୁଣ୍ୟ । ବାପ ମା'ଙ୍କ ଇଚ୍ଛା ବିରୁଦ୍ଧରେ ଯାଇ କବିତା ଲେଖୁଥିଲା । ଆଉ କବିତା ଲେଖିବାର ମାନେ ତ ତମେ ଜାଣ ? କେଉଁଠିନା କେଉଁଠି ଜଣେ ଥିବ ? ପ୍ରେମ, ରୋମାଣ୍ଟିସିଜମ୍ ଆଉ ବିଫଳତା ବା ଫ୍ରଷ୍ଟ୍ରେସନ୍ ନଥିଲେ କବିତା ବାହାରିବ କିପରି ? ନହେଲେ ତାପରି ଅଙ୍କ ପାଠପଢି ଥିବା କଲେଜ ଝିଅଟିଏ ବା ଲେଖିବ କିପରି । ସେ ଯା'ହଉ ଆମେ ଦୁଇଜଣ ଏକ ଡ୍ରାମାରେ ଭାଗ ନେଇଥିଲୁ । ଥରେ ଦେଖିଲି କେହି କୁଆଡେ ନଥିବା ବେଳେ ସେ ଷ୍ଟେଜ୍ ଉପରେ ଏକା ରିହରସାଲ୍ କରୁଚି । ତା'ର ଡାଇଲଗଟା ଶୁଣିଲି – ସେଇଟା ତା'ର ଅନୁପସ୍ଥିତ ପ୍ରେମିକ ଉଦ୍ଦେଶ୍ୟରେ ଗୋଟେ ସଲିଲକି – ତା'ର ଭାବାବେଗର ପରିସ୍ଫୁଟନ ଓ ତାର ପବନ ସହିତ କଥୋପକଥନ । ସେତେବେଳେ ତାକୁ ଅଠର ବର୍ଷ ଆଉ ମୁଁ କୋରସ ଭୂମିକାରେ । ସଂକ୍ଷେପରେ ଏତେ ବାର୍ତ୍ତା ପଠେଇ ହୁଏ ବୋଲି ତା ଆଖି ଦେଖି ପ୍ରଥମେ ଜାଣିଲି । ଢଳ ଢଳ ଦୁଇଟା ବାର୍ତ୍ତାମୟ ପିଣ୍ଡୁଳା । କ'ଣ ଶୁଣୁଛ ?"

"ହୁଁ" କହିଲେ ସୁପ୍ରିୟା ।

"ତମେ ବିଶ୍ୱାସ କର ବା ନକର ସେ ଡ୍ରାମାରେ ଏତେ ଭଲ କରିଥିଲା ଯେ ତାକୁ କଂଗ୍ରାଚୁଲେଟ୍ ନକରି ରହି ହେଲାନି । ସମସ୍ତେ କହିଲେ ଗୋଟେ ନୂଆ ହିରୋଇନ୍‌ର ଜନ୍ମ । କି ଟାଲେଣ୍ଟ । ଏତେ ବେଶି ସଫଳତା ଆମନ୍ତ୍ରିତ ମୁଖ୍ୟ ଅତିଥି ମଧ କଦାଚିତ ଦେଖିଥିଲେ । ସେ ନିଜେ ଜଣେ ସ୍ୱନାମଧନ୍ୟ ସିନେମା ପ୍ରଯୋଜକ ହୋଇଥିବାରୁ ଏପରି ପ୍ରତିଭାକୁ ଛାଡ଼ିଦେବେ ନାହିଁ, ନଷ୍ଟ ହେବାକୁ ଦେବେନି ବୋଲି ପ୍ରତିଜ୍ଞା କରିଥିଲେ, ମୋର ନୂଆ ଫିଲ୍ମରେ ନିଶ୍ଚୟ ତମକୁ ନେବି ।"

ସୁପ୍ରିୟାର ନିଶ୍ଚଳ ଆଉ ନିଦ୍ରାଳୁ ଦେହଟାକୁ ଆସ୍ତେ ହଲାଇ କହିଲି, "ଶୋଇ ପଡ଼ନି, ଆଜି ବେଶ୍ ସମୟ ଗପିବାକୁ ମୁଡ୍ ଉଠିଛି । ରୁବି କଥା କହୁଛି ଶୁଣ । ସିନେମା ପ୍ରସ୍ତାବରର ଆକର୍ଷଣରେ ଆଗ୍ରହ ନ ଦେଖେଇ ଖାଲି ମୋ ଆଡେ ଚାହିଁ ରହିଥିଲା । ସେ ଡ୍ରାମା ସରିବା ପରେ ଆମେ ସମସ୍ତେ ଏକାଠି ଖାଇବାକୁ ବସିଲା ବେଳେ ମୋ ପାଖକୁ ଚାଲି ଆସି କହିଲା – "ଦୀପକ୍ ଭାଇ, ତମକୁ ମୋ ରୋଲ୍‌ଟା ଭଲ ଲାଗିବ ବୋଲି

Digitized by srujanika@gmail.com

ବିଶ୍ୱାସ କରି ପାରିନଥିଲି ।” ସେ ମୋ ପାଖକୁ ଲାଗି ବସି ପଡ଼ିଲା । ମୁଁ ଭାବିଲି ଦୁର୍ବଳ ମୁହୂର୍ତ୍ତ ଆସି ପହଞ୍ଚି ଯାଇଛି । ସେ ମୋ ପ୍ଲେଟ୍‌ରୁ ବଢ଼ା ହୋଇଥିବା ମାଂସ ଖଣ୍ଡେ ଉଠେଇ ନେଇ ଖାଇବାକୁ ଆରମ୍ଭ କଲା । ତାର ଅଙ୍ଗଭଙ୍ଗୀ ଖୁବ୍ ସଜେଷ୍ଟିଭ୍ ଥିଲା । ଏଥରକ ମୋ ନିକଟରେ ସେ ଆଉ ଏକ ନାୟିକା ହୋଇ ଅବତୀର୍ଣ୍ଣ ହୋଇଥିଲା । ତା କଥାରେ ଅତି ସହଜ ତରଳ ଭଲ ପାଇବାର ନିବେଦନ । ପ୍ରେମର ବର୍ଗ ବନ୍ଧନୀ ମଧ୍ୟରେ ସେ ଆଉ ମୁଁ ଛଡା ଆଉ କେହି ନଥିଲେ । ମୁଁ କିନ୍ତୁ ଭୟ ପାଇ ଯାଇଥିଲି କାଳେ କେତେବେଳେ କୋଉ ଭୁଲ୍ କରି ବସିବି ଅଜାଣତରେ । ପ୍ରଥମରୁ ମୁଁ ମତେ ସଜାଗ କରି ଦେଇଥିଲି ଯେ ନାୟିକାମାନଙ୍କୁ ବିଶ୍ୱାସ ନକରିବା ଉଚିତ୍ । କିନ୍ତୁ ଅତି ସତର୍କତାର ସହିତ ନିକଟରୁ ଲକ୍ଷ୍ୟ କରି ଦେଖିଲି ରୁବିର କଥାରେ ଛଳନା ନାହିଁ । ତାର କଥାବାର୍ତ୍ତା ଚାଲିଚଳନ ବେଶଭୂଷା ସବୁଥିରେ ଷ୍ଟାଇଲ୍ ସହିତ ସିନ୍‌ସିଅରିଟି ଥିଲାପରି ମନେହେଲା ।

“ମନେ ମନେ ତାକୁ ନେଇ ଅନେକ କିଛି ଭାବି ବସିଲି । ବରଂ ନ ଭାବି ରହିପାରିଲିନି । ମତେ ଅନ୍ୟମନସ୍କ ହବାର ଦେଖି ସେ କହିଲା ଯେ ମୋ ସାମ୍ନାରେ ତା ଭିତରର ସବୁ କଥାର ଖିଅ ଆପେ ମୁକୁଳି ଆସୁଛି । ସେଇଠି ସମସ୍ତଙ୍କ ଲକ୍ଷ୍ୟ ଅଲକ୍ଷ୍ୟ ଭିତରେ ମୋ ହାତକୁ ଚାପିଧରି କହିଲା - “ରାତି ବହୁତ ହେଲାଣି, ଆଜି ମତେ ଆମ ଘରଠାରେ ନେଇ ଟିକେ ଛାଡିଦେଇ ଆସିବ ।”

ବାସ୍ ସେତିକିରେ ଏ ଯାବତ୍ ନିରବ ରହିଥିବା ଏବଂ ମୋର ପତ୍ନୀ ବୋଲି ଏକ ରୋଲ୍‌ରେ ଅବତୀର୍ଣ୍ଣ ହୋଇଥିବା ସୁପ୍ରିୟା ମୋ ହାତକୁ ଚାପିଧରି କହିଲେ–

“କହିପାରିବ ସେ ହାତଧରା ଆଉ ଏ ହାତ ଧରା ଭିତରେ ତଫାତ କ’ଣ ?”

“ତଫାତ୍ କ’ଣ ତମେ ନିଜେ ଜାଣିନ ?”

“ମାନେ ।”

ତାଙ୍କୁ ଅଧିକ ଚିଡେଇବାକୁ ଯାଇ କହିଲି, “ତମେ ଭଲ କରି ଜାଣ ବରଫ ଆଉ ନିଆଁର ତଫାତ୍ । ଆଉ ମୁଁ ବରଫ ଏବଂ ନିଆଁ ଦୁଇଟା ଯାକରୁ ଚେଙ୍କା ଖାଇଚି ।”

ଏତିକି ଶୁଣୁ ଶୁଣୁ ସେ ଉତ୍‌କ୍ଷିପ୍ତ ହୋଇଉଠିଲେ । ମୁଁ ଜାଣିନଥିଲି ଯେ ତାଙ୍କୁ ପାଉଁଶର ଯେଉଁ ନରମ ଉଷ୍ଣତା ଅର୍ପଣ କରିଥିଲି, ତା ଭିତରେ ଏତେ ପୁରୁଣା ନିଆଁ କୁହୁଳୁଥିଲା ବୋଲି । ମୁଁ ବକ୍‌ବକ୍ କରୁଥିବାବେଳେ ତାଙ୍କର ନୀରବତା ଝଡ଼ ପୂର୍ବର ଗୋଟେ ଲଲ୍ ପରି । ସେ ଉଠିଆସୁଥିବା ଝଡ଼ଟାକୁ ନିଜ ଭିତରେ ଚାପି ନେବାକୁ ଚେଷ୍ଟା କରିଥିଲେ । କୋହ ଆଉ ଲୁହର କେତୋଟି ମିନିଟ୍ ପରେ ସେ ଉଠି ବାଥ୍‌ରୁମ୍ ଚାଲିଗଲେ । ଫେରି ଆସି ଘରର ବାର ଲାଇଟ୍‌ଟା ଲଗେଇଦେଲେ । ତାଙ୍କର ଖୁବ୍ ସଜଡ଼ା ସଜଡ଼ା ବଜାର-ବୁଲିବା ପରି ପରିଧାନ ତଥା ପ୍ରସ୍ତୁତି ଓ ସୁନ୍ଦର ଦିଶୁଥିବା ମୁହଁ ଦେଖି ଭାବିଲି ଏତେ ରାତି ଅଧରେ ଏପରି କୁଆଡେ ବାହାରନ୍ତି ନାଁ କ’ଣ ? ତାପରେ ସେ ଦର୍ପଣ ଦେଖି

Digitized by srujanika@gmail.com

ଦେଖି ଅନେକ ସମୟ ପର୍ଯ୍ୟନ୍ତ ମୁଣ୍ଡ କୁଣ୍ଡେଇଲେ । ଏତେ ସୁନ୍ଦର ମେକ୍‌ଅପ୍ ନେଲେ ଯେ ମୁଁ ବିଶ୍ୱାସ କରିପାରିଲିନି ସୁପ୍ରିୟା ଏତେ ସୁନ୍ଦର ଦିଶିପାରନ୍ତି ବୋଲି । ତାଙ୍କର ବୟସ କମି ଯାଇଛି । ସେ ଇମ୍‌ପୋର୍ଟେଡ୍ ଇଉଡିକୋଲୋନ୍‌ରୁ ମୋଞ୍ଚାଏ ନିଜ ବେକ ମୁଣ୍ଡାରେ ଛିଞ୍ଚି ହୋଇପଡ଼ି ମୋ ଆଡକୁ ଚାହିଁଲେ ।

ମୁଁ ବର୍ତ୍ତମାନ କହିବାକୁ ଯାଉଥିଲି - ମତେ ତମେ ସବୁଦିନ ଏଇମିତି ଲାଗନ୍ତି କି ? ତାପରେ ଲାଇଟ୍ ଲିଭାଇବାକୁ ଆପେ ହାତ ଚାଲିଯାଉଥିଲା ।

"ନାଁ ନାଁ ଲାଇଟ୍ ଜଳୁଥାଉ - ହାତ ଦୂରରେ ର଼ଖ ।"

"ଇଏ କ'ଣ, ଏତେ ସୁନ୍ଦର ରାତିଟାଏ ନଷ୍ଟ କରିଦେବ ନା କ'ଣ ?"

"ଏଇ ଟିକେ ଆଗରୁ କହିଥିବା କଥା ମୋର ସବୁ ମନେ ଅଛି । ଏବେ ମୋଠୁ ଶୁଣିବନି ?"

ମୁଁ ଦେଖିଲି ତାଙ୍କ ଆଖିରୁ ଦୁର୍ଲ୍ଲଭ କମନୀୟ ସ୍ୱଭାବ ନଷ୍ଟ ହୋଇଯାଉଛି । ତାଙ୍କର ସମସ୍ତ ସୁନ୍ଦରତା ଉପରେ ମୁଁ ଗୋଟେ କଳା ପାହାଡ ପରି ଆଘାତ ହାଣିଛି । ବିବ୍ରତ ଅସନ୍ତୋଷ ପକ୍ଷ ବିସ୍ତାର କରି ଆସୁଛି ତାଙ୍କର ସମଗ୍ରତାରେ । ଦେହ ମନ ଅଭିମାନରେ କମ୍ପି ଉଠୁଛି । ମୁଁ ଭୟ ପାଇଗଲି ।

ସୁପ୍ରିୟା କହିଲେ, "ତମେ ବି ଭଲ କରି ଶୁଣ । ତମେ କ'ଣ ଭାବୁଛ ତମ ବିଷୟରେ କିଛି ନବୁଝି ନ ଶୁଝି ମୁଁ ବୋକିଙ୍କ ପରି ତମକୁ ବାହା ହୋଇଥିଲି ? ସେ କଥା ଅଲଗା । ପ୍ରତ୍ୟେକ ସ୍ୱାମୀ ସ୍ତ୍ରୀଙ୍କ ଶାନ୍ତି ଓ ସହଭାବ ପାଇଁ ବାହାଘରର ଗତକାଲି ଗୁଡ଼ିକୁ ଆସନ୍ତା କାଲିଠାରୁ ଅଲଗା କରି ରଖିବାକୁ ପଡ଼ିବ । ତମର ପ୍ରତି ଦିନର ହିସାବ ମୁଁ ରଖିଛି । ଯଦିଓ ସ୍ୱଭାବତଃ ତମେ ଏତେ ସ୍ନେହୀ ଆଉ ଭଲ, ଜାଣି ଜାଣି ଆମର ସମ୍ପର୍କକୁ ଖରାପ କରିବାକୁ ଚେଷ୍ଟା କାହିଁକି କରୁଛ ? କାହିଁକି ତମେ ତମର ଦୁର୍ବଳତା ପାଇଁ ମୋଠୁ ଗୋଟେ ଜଷ୍ଟିଫିକେସନ୍ ଖୋଜୁଛ ? ମୋଠାରୁ ଜବରଦସ୍ତି ଆଦାୟ କରିନବାକୁ ଚାହୁଁଛ ତମ ନିଜ ଦୁଷ୍କ୍ରିୟା ପାଇଁ ଏକ ଯଥାର୍ଥତା । ମୁଁ କିନ୍ତୁ ସେପରି ହେବାକୁ ଦେବିନି ।"

ମୁଁ ତାଙ୍କୁ ଏତେ ଭଲ ଭାଷଣ ଦେବାର ପ୍ରଥମ କରି ଲକ୍ଷ୍ୟ କରୁଥିଲି ଏବଂ ତାଙ୍କ କଥାର ମର୍ମ ବୁଝିବାକୁ ଚେଷ୍ଟା କରୁଥିଲି । ସେ କହି ଚାଲିଥିଲେ-

"ତମେ ତମ ଚରିତ୍ରକୁ ଭଲ କରି ଜାଣିଛ ଆଉ ମୁଁ ତା'ର ଅବିକଳ ପ୍ରତିବିମ୍ବକୁ ଚିହ୍ନିଛି । ମୁଁ ଭଲକରି କହି ରଖେ, ତମର ରୁବି-କାହାଣୀର ସତ୍ୟତା ଉଦ୍‌ଘାଟନ କରିବାର ଆଗ୍ରହ ମୋର ଆଦୌ ନାହିଁ । ଏବଂ ତମେ ମୋ ପ୍ରତି ଏପରି ଏକ ବିରକ୍ତିଜନକ ଆଚରଣରେ ଉତ୍ତର ପାଇଁ ଅପେକ୍ଷା କରିବା ଏକ ବୋକାମୀ ହେବ । ରୁବି ତମ ହାତ ଧରିଚି ନା ନାହିଁ ସେ କଥାର ସତ୍ୟତା ମାପିବାକୁ ମୋର ସମୟ ନାହିଁ । ମନେରଖ, ଏ ଦେହଟା ମୋର, ମାତ୍ର ଏ ଦେହ ଭିତରେ ବାସ କରୁଥିବା ମୁଁ କେବଳ ମାତ୍ର ଏ ଦେହଟା ନୁହେଁ ।

Digitized by srujanika@gmail.com

ଲୋମକୂପମୟ ଏ ମାଂସଳ ଶରୀର ଭିତରୁ ବାହାରିଯାଇ ମୁଁ ଇଛା କରିଛି ଯେ ଆମର ଶରୀର ଆଉ ତାର ଅନୁଭବ ଭିତରେ ଥିବା ସୂକ୍ଷ୍ମ ସମ୍ପର୍କକୁ ଟିକେ ବୁଝିପାରିବ ବୋଲି କିନ୍ତୁ ତୁମର ଚରିତ୍ର ଗୋଟେ ମାନସିକ ରୋଗର ଭୟରେ ଆକ୍ରାନ୍ତ ହୋଇପଡୁଛି ଯାହା ମୋର ଆତ୍ମସମ୍ମାନରେ ଗଭୀର ବାଧା ପହଞ୍ଚାଇଛି । ତମେ ଆଜି ମତେ ଯେଉଁ ଅପମାନ ଦେଇଛ ତା ମତେ ଭୀଷଣ କଷ୍ଟ ଲାଗିଛି । ଆଜିପରି ଦିନରେ ତମେ ଯଦି ମତେ ଟିକେ ପ୍ରବଞ୍ଚନା ଦେଇଥାନ୍ତ ତାହାଲେ ବି ମତେ ଭାରି ଭଲ ଲାଗିଥାନ୍ତା । ତମର ସ୍ତ୍ରୀ ହିସାବରେ ଅନ୍ତତଃ ମୁଁ ଏତିକି ଆଶା କରୁଥିଲି ।

"ମୁଁ ତୁମକୁ ଅନ୍ଧ ଭାବରେ ଆପଣାଇ ନଥିଲି । ତୁମର ପ୍ରତ୍ୟେକ ଅଂଶକୁ ଭଲଭାବରେ ତଉଲି ହିସାବ କରିଥିଲି । ମୁଁ ଏକ ଆଧୁନିକ ଡେସ୍‌ଡେମୋନା ନୁହେଁ ଯେ ତୁମ ପରି ଜଣଙ୍କୁ ଅନ୍ଧ ଭାବରେ ଭଲପାଇ ବସିବି ଆଉ ଶେଷକୁ ତମେ ମୋର ତଣ୍ଟି ଚିପି ମାରିବ । ତମର ପୌରୁଷ, ତମର ଆଭିଜାତ୍ୟ ତଥା ତମର ଆକର୍ଷଣୀୟ ଚେହେରା ସବୁକୁ ତମର ବିଷାକ୍ତ ମନ ନଷ୍ଟ କରିଦେଇଛି ।"

ତା'ପରେ ସେ ଆଉ ମୋର ମୁହଁକୁ ନଚାହିଁ କାନ୍ଥକୁ ଚାହିଁ ଫଁ ଫଁ ହଉଥିଲେ ଯେମିତିକି ମୋ ମୁହଁ ଚାହିଁଲେ ଅନିଷ୍ଟ ହେବ । ଏପରି ସଂକୀର୍ଣ୍ଣ ଅପମିଶ୍ରିତ ମାନସିକ ବ୍ୟାଧି ସବୁଆଡକୁ ବ୍ୟାପିଯାଇପାରେ । ସେ ମୋ ଆଡକୁ ନଚାହିଁ ମୁହଁ ପୋତି କହିଲେ "ଗନ୍ଧ ନାଳୀରେ ରହିବା ଲୋକ ଗଙ୍ଗାପାଣିକୁ ବୁଝିବ କିପରି ? ଆବର୍ଜନାରେ ଘାଣ୍ଟି ହୋଇଥିବା ଲୋକ ମତେ କ'ଣ ବୁଝିବ ?" ଆସ୍ତେ ମୁହଁ ଫେରାଇଲେ ସୁପ୍ରିୟା - "ତୁମେ କ'ଣ କରିଛ ବା ନକରିଛ ତାର କୈଫିୟତ ମୁଁ ମାଗୁନି । ତୁମେ ଯାହା କହିଛ ମୁଁ ତାକୁ ବିଶ୍ୱାସ କରୁଛି । କରିବାକୁ ବାଧ୍ୟ । ଯଦି ବି ତମେ ମନରୁ ଫାନ୍ଦି ମିଛ କଥା କହିଛ, ନୂଆଗୋଟେ ଗଳ୍ପ ସୃଷ୍ଟି କର ଯାହାକୁ ଥୋପ ପକାଇ ମୋଠୁ ମୋର ଗୁପ୍ତ ରହସ୍ୟ ଉଦ୍‌ଘାଟନ କରିବ ବୋଲି। କିନ୍ତୁ ତମେ ସେମିତି କାହିଁକି କଲ ?"

ତାଙ୍କର ଏଇ ପ୍ରଶ୍ନର ସିଧାସଳଖ ଉତ୍ତର ଦେବାକୁ ମୋ ପାଖରେ ବୁଦ୍ଧି ନଥିଲା । ଜଘନ୍ୟ ଦୁଷ୍ଟବୁଦ୍ଧି ପରି ଅନୁଭବ କରୁ କରୁ ଦର୍ପଣରେ ମୁହଁକୁ ଦେଖିଲି । କେତେ ଅଲଗା ଆଉ ଫିକା ଦିଶୁଚି । ରାତି ବାରଟା ଉପରେ ବାଜିଲାଣି । ତାଙ୍କ ଆଖିରେ ଘୃଣା ଆଉ ଶୀତଳତା ଭର୍ତ୍ତି ହୋଇଯାଇଥିବ । ଯଦିଓ ଘର ଭିତରଟା ନୀରବ ହୋଇଥିଲା ରାତିଟା ଆହୁରି ଭୟଙ୍କର ଲାଗୁଥିଲା । ମୋ ନିଜେ କରିଥିବା ଏହି କଥାଟିର ସମୀକ୍ଷା କରି ଦେଖିଲି ଯେ ମୁଁ ନିଜ ଉପରେ ନିଜେ ଗୋଟେ ଅତି ବୋକା ଆଉ ଅଭଦ୍ର ଜୋକ୍ ପ୍ରୟୋଗ କରିଥିଲି ଯାହାର ଫଳ ଭୋଗ କରିବାକୁ ମୋ ପାଖରେ ଶକ୍ତି ନଥିଲା । ସେ ମତେ ବା ମୋ କଥାକୁ ଭଲ ପାଇବେନି । କୌଣସି ସ୍ତ୍ରୀ ପାରିବନି ।

ଦର୍ପଣରେ ମୋ ପ୍ରତିବିମ୍ବ ମୋଠାରେ ଅପରିଚିତ ହୋଇ ଉଠିଲା । କାଚ କାନ୍ଥର

Digitized by srujanika@gmail.com

ଆରପଟୁ ସେ ମତେ ସତର୍କ କରେଇ ଦେଇ ଉଚ୍ଚଗଳାରେ ଯେପରି କହି ଦଉଥିଲା ଯେ ଅନ୍ୟକୁ ବିଶ୍ୱାସ କରିବାକୁ ହେଲେ ପ୍ରଥମେ ନିଜକୁ ବିଶ୍ୱାସ କରି ଶିଖ । ଆଉ ଏପାଖେ ଥାଇ ଆଉ ଅଧିକ ସତ୍ୟ ମୁଁ ନିଜେ ଅନୁଭବ କରିପାରିଥିଲି । ଠିକ୍ ସେମିତି ନିଜକୁ ବିଶ୍ୱାସ କରିବାକୁ ହେଲେ ଅନ୍ୟକୁ ବି ବିଶ୍ୱାସ କରିବାକୁ ପଡ଼ିବ ।

ସେ ପାଖରୁ ସେ ଆହୁରି ଇଙ୍ଗିତ ପଠାଇଲା । ସୁପ୍ରିୟା ଏମତି ସେମିତି ସ୍ତ୍ରୀ ନୁହଁନ୍ତି; ଦେଖ, ଭଲକରି, ସ୍ପର୍ଶକାତର, ପ୍ରୀତିଦଗ୍ଧ, ଅନୁରକ୍ତ ସ୍ତ୍ରୀ ତୋର ସେ । ସେତିକିବେଳେ ପ୍ରଥମ କରି ଅନୁଭବ କଲି ପ୍ରକୃତରେ ସେ କେତେ ଭଲ ।

ଖାସ୍ ତାଙ୍କରି ପାଇଁ ଆଉ ମୋର ଭୁଲ୍ ସୁଧାରିବା ପାଇଁ ମୋର ଏ ଛୋଟ ପୃଥିବୀଟିକୁ ତାର ଚଲାବାଟରୁ ଟିକେ ଘୁଞ୍ଚେଇ ଦବାକୁ ପଡ଼ିବ । ତା'ର ଅକ୍ଷାଂଶରେ ତାକୁ ଟିକେ ଢଳେଇ ଦବାକୁ ପଡ଼ିବ, ନୂଆକରି । ଅଧିକ ଶାନ୍ତି ପାଇଁ, ସନ୍ଦେହକୁ ବନବାସ ଦେବା ପାଇଁ, ଆଉ ଯେମିତି ଭୁଲ୍‌ର ଅବକାଶ ନରହେ । ସାହସ ସଂଗ୍ରହ କରି ତାଙ୍କ ଆଡକୁ ଚାହିଁ ପାରିଥିଲି ସିନା ଭୁଲ୍ ହୋଇଯାଇଛି ବୋଲି କହିପାରି ନଥିଲି । ହୃଦୟଙ୍ଗମ କରିଥିବା ଅନୁତାପକୁ ସେ ବୁଝିପାରିଥିଲେ ନାଁ କ'ଣ ?

ଦେଖିଲି ତାଙ୍କ ମୁହଁରେ ବୋଳି ହୋଇଯାଇଥିବା କଳା ଅପମାନର ବେଷ୍ଟନୀ ଖୋଲି ଯାଉଛି । ତାଙ୍କ ଚମଡାରେ ଗୋଟେ ସୁନ୍ଦର ସ୍ୱର୍ଣ୍ଣାଭ ରଙ୍ଗ ଚମକିବାକୁ ଆରମ୍ଭ କରିଛି । ତାଙ୍କର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ ଆକର୍ଷଣୀୟ ହୋଇଉଠିଛି ଏବଂ ସର୍ବୋପରି ତାଙ୍କ ମନରେ ସମସ୍ତ ସଂକୀର୍ଣ୍ଣତା ଲୋପ ପାଇଯାଇଛି । ମୋର ଅନ୍ତରର ବାର୍ତ୍ତା ଶବ୍ଦଭେଦୀ ହୋଇ ତାଙ୍କ ଭିତରକୁ ସ୍ପର୍ଶ କରିପାରିଥିଲା ଏବଂ ବର୍ତ୍ତମାନଠାରୁ ନୂଆକରି ତାଙ୍କ ବାଦାମୀ ଆଖି ଗୋଟେ ଆଦର୍ଶ ଅନୁଗତ ଦାମ୍ପତ୍ୟ ଜୀବନ ଖୋଜୁଥିଲା ଯେଉଁଥିରେ କୌଣସି ତୃତୀୟତ୍ୱ ନଥିବ ।

କଳହ କୋଳାହଳ ଥିଲେ ଦାମ୍ପତ୍ୟ ଜୀବନ ଅଧିକ ରଙ୍ଗ - ରଞ୍ଜିତ ହୁଏ । ଛୋଟ ଛୋଟ ଗୁରୁତ୍ୱ ନଥିବା କଳି ବି ଆନନ୍ଦ ଦିଏ ଆଉ ଅଧିକ ବୁଝାମଣାର ବାଟ ଫିଟାଏ ବୋଲି ମୁଁ ବୁଝେଇବାକୁ ଚେଷ୍ଟା କରିଥିଲି । ପାଖକୁ ଆଉଜାଇ ଆଣି ତାଙ୍କ ମୁହଁ ଉପରେ ଲୋଟି ପଡୁଥିବା ବାଳକୁ ଉଠାଇ ଦେଇ କହିଲି "କ'ଣ ମୋ କଥା ବୁଝିବନି ?"

ସେ କ'ଣ ବୁଝିଲେ କେଜାଣି ଫିକ୍ କିନା ହସିଦେଲେ । ସେ ବୁଝିବାକୁ ଆରମ୍ଭ କରିଥିଲେ ଯେ ମୋର ସମସ୍ତ କଥା ଆଉ କାମ ମୂଳରେ ସେକ୍‌ସ ନୁହେଁ ପ୍ରକୃତ ଭଲ ପାଇବା ଉଦ୍ଦିଷ୍ଟ । ହୁଏତ ତାଙ୍କ ପ୍ରତି ପ୍ରକୃତ ଭଲ ପାଇବା ଉଦ୍ଦେଶ୍ୟରେ ମୋ ପାଖରେ ଯଥେଷ୍ଟ କାରଣ ରହିଛି ।

❑❑❑

Digitized by srujanika@gmail.com

# କୋଇଲି

ଝିଅଟିର ପ୍ରବେଶ। ହାତରେ ଚା କପ୍ । ଚାରିଯୋଡା ଆଖି ତାକୁ ନିରେଖି ଦେଖୁଛନ୍ତି । ତା'ର ଉଚ୍ଚତା, ନାକର ଚାପ, ଓଠର ଜ୍ୟା, କେଶର ଦୈର୍ଘ୍ୟ, ଛାତିର ଗୋଲେଇ ଆଉ ସର୍ବୋପରି ଦେହର ରଙ୍ଗ ସୁମନ୍ତ ପାଇଁ ଯୋଗ୍ୟ ହେବ ନା ନାହିଁ । ପ୍ରଶ୍ନ କରୁଛନ୍ତି ପାଠଶାଠରୁ ଆରମ୍ଭ କରି ରୋଷେଇ ବାସ ପର୍ଯ୍ୟନ୍ତ । ବାହାଘର ହେବ ନା ନାହିଁ ସେଇଟା ପଛକୁ ଆସିବ । ଆଗ ମିଠା ଖାଉ ଖାଉ କିଛି କଥାବାର୍ତ୍ତା କରାଯାଉ ।

ଛାୟାର ମୁହଁରେ ହାଲ୍‌କା ପାଉଡରର ପ୍ରଲେପ ଖୋଜି ତା'ର ରଙ୍ଗ ମାପୁଥିବା ବରର ଭଉଣୀ ନିଜେ ତିରିଶ ବର୍ଷରେ ବି ଅବିବାହିତା । ଶାଢୀକୁ ଆଣ୍ଠୁ ପର୍ଯ୍ୟନ୍ତ ଟେକି ଚାହିଁ ଗୋଦର ବାତର ସଂଭାବନା ପରଖୁଥିବା ମା' ଏବଂ ଆଖିପତାରୁ ଅପସ୍ମାର ରୋଗର ଇତିହାସ ପଢୁଥିବା ବାପା, ସେଦିନ ଛାୟା ମୁହଁରେ ଆହୁରି ଅପମାନ ବୋଳିବାକୁ ଆସିଥିଲେ । ଏଇଟା ଛାୟାର ଦ୍ୱିତୀୟ ବିବାହ ପ୍ରସ୍ତାବର ସାମ୍ନା ସାମ୍ନି । ପ୍ରଥମ ପ୍ରସ୍ତାବ ଭାଙ୍ଗିଯାଇଥିଲା, କାରଣ ପୁଅର ଅନ୍ୟ ଝିଅକୁ ଭଲ ପାଇବାର ଗୁପ୍ତ କାହାଣୀ ବାପା ମା' ତାର ଜାଣିନଥିଲେ ।

ଏ ଝିଅ ଦେଖାର ଠିକ୍ ଗଣି ଗଣି ସତର ଦିନପରେ ସୁମନ୍ତର ବାପା ପୃଥିବୀରୁ ବିଦାୟ ନେଇଗଲେ । ଛାୟା ଯେ ସୁମନ୍ତର ଏବଂ ବାପାମା'ଙ୍କର ପସନ୍ଦ ହୋଇଛି ସେ କଥା ଜଣାଇ ଦିଆଗଲା । ଅର୍ଥ ଲୋଭୀ ସୁମନ୍ତର ବାପା ଡାକ୍ତର ଦାଶରଥୀ ପ୍ରସାଦ କଦାପି ମନା କରିନଥିଲେ କି ଆଗତୁରା ହଁ କରିନଥିଲେ । ଅନ୍ୟମାନେ ମନାକରିବାର ସେ ଶୁଣିଛନ୍ତି, କିନ୍ତୁ ନିଜେ ନାପସନ୍ଦ କରି ପାରିନାହାନ୍ତି ।

ଜଣେ ସୁମନ୍ତକୁ ମନାକରି ବୁଝେଇଲା । 'ସେଠି ହ'ନା । ବେଶି ପାଠ ପଢିଛି, ପଛକୁ ଚାକିରି କରିବାକୁ ମନ କରିବ, ପାଇବ ତ କରିବ, ଆଉ କାହାରିକୁ ମାନିବନି । ନିଜ କଥା ତ ବୁଝିବାକୁ ଫୁରୁସତ୍ ପାଇବନି ଆଉ ଅନ୍ୟକଥା ପଚାରେ କିଏ ? ବୟସ ଆଗରୁ ବୁଢୀ ହୋଇଯିବ । ପିଲାମାନେ ଅଣହେଳା ହେବେ ।'

ଆଉଜଣେ କହିଲେ, "ତା' ବାପଟା ଅମଣିଷିଆ, ବେମାରିଆ, ଧର୍ଯାଁ । ଖଟରୁ ଉଠି ପାରୁନି । ସବୁବେଳେ ଯେମିତି ହଂସା ଉଡିଯାଉଛି । ଝିଅ ଜନ୍ମ କରି ଚିନ୍ତାରେ ଖସି ପଡୁଚି । ଆଉ ମା'ଟା ଟୋକି ପରି ଦିଶୁଛି । ସେ ଝିଅକୁ କି ଶିକ୍ଷା ଦେଇଥିବ ଅବା !"

Digitized by srujanika@gmail.com

ଆଉ ଜଣେ କହିଲେ, "ଝିଅଟା ଖୁବ୍ ବେଶି ସାବନା, କାନ୍ଦି କାନ୍ଦି ଆଖି ଦି'ଟା ବାସି ବାଇଗଣ ପରିବା ପରି ଶୁଖିଲା ଦିଶୁଛି । ଭାଇ ଭଉଣୀ ହେଇ ଦି'ଟା ମାତ୍ର, ସେଥିରୁ ପାରିବାରିକ ଶୃଙ୍ଖଳା ଜ୍ଞାନ କ'ଣ ବା ଥିବ ? ଭାଇଟା ପୁଣି ସାନ ଯେ କୁଆଡେ ଲୁଚିଥାଏ ।"

"କେତେ ଟଙ୍କା ବା ସେମାନେ ଦେଇପାରିବେ ଯେ ଏତେ ଯୋଗ୍ୟ ବରଟେ ପାଇବେ । ଘର ଖଣ୍ଡେ କରିଛନ୍ତି ଯେ ଦୂରରୁ ଇଟା ଭାଟି ପରି ଦିଶୁଛି । ଗାଈ ଦି'ଟା ବାନ୍ଧିଛନ୍ତି ଯେ ଛେଳି ପରି କ୍ଷୀର ଦିଅନ୍ତି । ବଗିଚାରେ ଲେମ୍ବୁ, ଆମ୍ବ କିଛି ନାହିଁ । ତାଙ୍କର କୁଆଡେ ସବୁ ଖରାପ— ପରିବାର, ବାପ ମା, ଘର ଦ୍ୱାର, ହାନିଲାଭ କିଛି ଭଲ ନୁହେଁ । ଏପରିକି ଛାୟା ପଢିଥିବା ପାଠ ବି ।"

ଛାୟା ସଂସ୍କୃତରେ ଏମ୍.ଏ. । ଆଉ କିଛି ବିଷୟ ମିଳିଲାନି ଯେ ଶେଷକୁ ବାଛି ବାଛି ସଂସ୍କୃତ ପଢିଲା ଆଉ ତାପରେ ବି.ଇଡି. କଲା । ଇଂରାଜୀ ଟିକେ ବି ଭଲରେ କହିପାରିବନି । ଡ୍ରେସ୍ ପିନ୍ଧିପାରିବନି । ଖାଲି ଶାଢୀ ଆଉ ଚଷମା । ମହା ଗାଉଁଲିଆ ଟିପିକାଲ୍ ଅଧ୍ୟାପିକା ପରି ଚେହେରା । କହୁଛନ୍ତି କ'ଣ ନା ଭଲ ସିଲେଇ ଜାଣେ, ରୁମାଲ୍‌ରେ ଫୁଲ ଆଉ ଉଲ୍‌ରେ ସ୍ୱେଟର ବୁଣି ଜାଣେ, ପିଠା କରିପାରେ ଆଉ ଗୀତ ମଧ୍ୟ କେବେକେବେ ଗାଏ । ଇସ୍ ଏପରି ଗୋଟେ ଝିଅକୁ ସୁମନ୍ତ ସାଙ୍ଗରେ ବାନ୍ଧି ଦେଲେ ସେ ଚଳିବ କେମିତି ?

କେବଳ ଚରିତ୍ରଟାକୁ ସ୍ପର୍ଶ ନକରି ଆଉ ଯେତେ ଯାହା ଖରାପ କଥା ଗୋଟେ ଅଜଣା ଝିଅ ବିଷୟରେ କୁହାଯାଇପାରେ ସବୁମନ୍ତେ ସୁମନ୍ତକୁ କୁହାଯାଇଛି । ଶେଷକୁ ଜଣେ ଅନାହୂତ ବନ୍ଧୁ ତା'ଖଳ ହାତର ଚାରି ଆଙ୍ଗୁଳିରେ ଛାୟାର ଛାତିର ସୂକ୍ଷ୍ମତାର କାଳ୍ପନିକ ପରିମାପକୁ ଅତି ତୁଚ୍ଛ ନିକୃଷ୍ଟ ଭାବରେ ଆକ୍ଷେପ କରି, ସୁମନ୍ତକୁ ତା'ଠୁ ଦୂରେଇ ଯିବାକୁ ପ୍ରବର୍ତ୍ତାଇଥିଲା । ସୁମନ୍ତ କାହାରି କଥା ଶୁଣିନଥିଲା କି ମାନି ନଥିଲା । ନିଜେ ନିଜପଟୁ ଯାଇ ବାହା ହବାର ନିର୍ଦ୍ଦିଷ୍ଟ ଜବାବ ଦେଇଆସିଲା । କିନ୍ତୁ ତା'ର ଗୋଟିଏ ସର୍ତ୍ତ ଥିଲା ଯେ ବାହାଘର ଆଗରୁ ସେ ଛାୟା ସହିତ କିଛି ଏକାନ୍ତରେ କଥାବାର୍ତ୍ତା ହବାକୁ ଚାହେଁ । ଏଥିପାଇଁ ଛାୟା ମଧ୍ୟ ନାହିଁ କରି ପାରିନଥିଲା ।

ଥରେ ଦି'ଥର ଦେଖାରେ ଘନିଷ୍ଠତା ଏତେ ବଢ଼ିଗଲା ଯେ ଆଉ ବାହାଘର ନ ହେବାର ପ୍ରଶ୍ନ ନାହିଁ । ଏତେ ସୁଗୁଣ ଅଧିକାରିଣୀ ଛାୟା ଏତେ ଦିନ ଯାଏ କେଉଁଠି ଛପି ରହିଥିଲା ? ବାହାହୋଇ ଘରକୁ ନେଇ ଆସିଲା ସୁମନ୍ତ । ମା'ଙ୍କୁ ବୁଝେଇବାର ଆବଶ୍ୟକତା ଅନୁଭବ କଲାନି । ଭାଇଭଉଣୀଙ୍କୁ ବା ପଚାରେ କିଏ ?

ବାହାଘର ପରେ ପ୍ରଥମ ରାତିରେ ଛାୟା ପଚାରିଲା, "ଯଦି ତମେ ଚାହିଁଥାନ୍ତ ନାହିଁ କରିପାରିଥାନ୍ତ, ତାହେଲେ ମତେ ବାହାହବାକୁ ତମେ କାହିଁକି ହଁ କଲ ?"

"ନା, ମୋର ନାହିଁ କରିବାର ପ୍ରଶ୍ନ ଉଠୁନଥିଲା" ସୁମନ୍ତ ସ୍ପଷ୍ଟ କହିଲା । "ମୋର କୌଣସି ପ୍ରକାର ଭୟ ମଧ୍ୟ ନଥିଲା । କାରଣ ମୁଁ ଜାଣିପାରିଥିଲି ଯେ, ତମ ଭଳିଆ ଆଉ

Digitized by srujanika@gmail.com

କୌଣସି ଝିଅ ମୁଁ କଦାପି ପାଇ ନଥାନ୍ତି । କାହାର ଏତେ ପାଖକୁ ଆସିପାରି ନଥାନ୍ତି । କାହାରି କାନରେ କଥା କହି ପାରିନଥାନ୍ତି ବା ଶୁଣି ପାରିନଥାନ୍ତି । ଅନ୍ୟ ଝିଅଟିଏ ବାହା ହୋଇଥିଲେ ଯାହା ହୋଇଥାନ୍ତା ବା ଘଟିଥାନ୍ତା ସବୁ କିଛି ଦୂରରୁ, କାନ୍ଥ ସେପଟୁ, ସନ୍ଦେହରେ, ଘୃଣାରେ, ଭୟରେ, ଅନିଚ୍ଛାରେ ବା ବାଧ୍ୟବାଧକତାରେ ଯାହାର ମୂଲ୍ୟ କିଛି ନାହିଁ । ତମେ ବୁଝିପାରିବନି ତମ ଦେହର ଏ କଳାରଙ୍ଗକୁ ନିଜର କରି ମୁଁ କେତେ ଖୁସି ହେଉଛି ।"

"କ'ଣ ସବୁ କହୁଛ ମୁଁ କିଛି ବୁଝିପାରୁନି ।"

* * * * * *

ସୁମନ୍ତ ଭାବୁଥିଲା ଛାୟାର ଧୂମ୍ରାଭ କଳାରଙ୍ଗଟା ସମୁଦ୍ର ପରି ବିଶାଳ । ଧଳା ତା ପିଠିରେ ମଇଳା ପରି ଭାସମାନ ଆଉ ଅସ୍ଥିର । ସେ ଯେତେ ଗୋରା ସାହେବାଣୀ ଦେଖିଛି, ତାକୁ ଲାଗେ ସେମାନଙ୍କର ଗୋରା ଦେହଟା ଶୁଖା ଘା'ର ଖୋଳପା ତଳର ରଙ୍ଗପରି, ରବରିଆ ଆଉ ନିର୍ଜୀବ ।

ରଙ୍ଗ ବେରଙ୍ଗୀ ରାସାୟନିକ କାଳି ନବୋଳିଲେ ମାଇକ୍ରୋସ୍କୋପ୍ ଭିତର ଦୃଶ୍ୟ ସ୍ପଷ୍ଟ ହୁଏନି । ଦୃଶ୍ୟର ରଙ୍ଗ କେବଳ ଧଳା ହୋଇନପାରେ । ଜୀବାଣୁର ରଙ୍ଗ କଣ ସ୍ୱଚ୍ଛ ଧଳା ହୋଇପାରେ ?

ପରିଷ୍କାର ପରିଚ୍ଛନ୍ନ ବି ଗୋଟେ ଅନ୍ୟ ରଙ୍ଗ । ତୁଳୀର ରଙ୍ଗ ଧଳା ନୁହେଁ, ତେଣୁ ତାହା କଳ୍ପନାର ପରିଚାଳନାରେ ରଙ୍ଗ ବୋଲି ଚାଲେ । କଳାର ଗୁଣ ହେଉଛି ଆକର୍ଷଣ । ଯଥା ବ୍ଲାକହୋଲ୍, ଯେ ଆଲୁଅକୁ ଟାଣି କୋଳରେ ପୁରାଏ, କାନିରେ ବାନ୍ଧି ଶୋଇଯାଏ । ଆଖି କଳା ହେବାର କାରଣ ହେଲା ସରଳ ନିଷ୍କପଟତା । ସ୍ୱଚ୍ଛ, ସ୍ପଷ୍ଟ କୃଷ୍ଣସ୍ଫଟିକ । ସୁନ୍ଦର ଆକାଶ ପିନ୍ଧେ କଳା କଳା ବାଦଲର ଦରଓଦା ବସ୍ତ୍ର, ଯହିଁରେ ବିଜୁଳି ଖେଳେ । କଳା କୃଷ୍ଣ ବଂଶୀର କୋମଳ କରୁଣ ରାଗିଣୀରେ କଳା ଯାଦୁ ଭରିଯାଏ । ଅଙ୍ଗାରରୁ ହୀରା ଆସେ ।

କଳାରଙ୍ଗର ଗୁଣ ଗାଇବା ଯେତିକି ଅସଂଭବ, ତା'କୁ ବର୍ଣ୍ଣନା କରିବା ମଧ ସେତିକି ଅସାଧ । ପିଲାଦିନୁ ଶୁଣିଥିବା ଗୋଟେ ଅସଭ୍ୟ ଜୋକ୍ ଯାହାକୁ କହିବାକୁ ସୁମନ୍ତ ଘୃଣାକରେ, କିନ୍ତୁ କହିଥିଲା - କାରଣ ସ୍ତ୍ରୀ ଆଗରେ କିଛି ଲୁଚେଇବାର ନାହିଁ । ତାହା ହେଲା, ରାତିର ଅନ୍ଧାରରେ କୁଆଡେ ସବୁ ସ୍ତ୍ରୀ ସମାନ ଦିଶନ୍ତି । କଳା ଗୋରା ସବୁ ସମାନ । ଅଲଗା ଗୁଣ ସବୁ ହଜିଯାନ୍ତି, ଗୋଟେ ନିର୍ଦ୍ଦିଷ୍ଟ ସଂକ୍ଷିପ୍ତ ଆବସ୍ଥାକୁ ରହିଯାଏ ଶେଷକୁ । ଚମଡାର ଗୁଣ ହଉଚି ହାଡ଼କୁ ଓ ତା' ଉପରରୁ ମାଂସକୁ ଢାଙ୍କିବା, ଶରୀରକୁ ଗୋଟେ ଆବରଣ ଦେବା, ଯେପରି ବସ୍ତ୍ର ଗୋଟେ ବ୍ୟକ୍ତିକୁ ଆବରଣ ଦେବା ସହିତ ସୁନ୍ଦର ଭାବେ ସଜାଇ ଢାଙ୍କିରଖେ । ଠିକ୍ ସେମିତି ।

ନିଦପରି ହାଲକା ଘୁମନ୍ତ ରଙ୍ଗର ଲହରୀରେ ଭାସିଯିବାକୁ ସମସ୍ତେ ଭଲ ପାଆନ୍ତି । ସୁମନ୍ତ ବି ସେମିତି ରାତ୍ରିର ସ୍ୱପ୍ନିଳ ସ୍ରୋତରେ ଭାସିଯାଉଥିଲା । ରାତ୍ରି ଗଭୀର ହେଉଥିଲା

Digitized by srujanika@gmail.com

ଆଉ ଅସରନ୍ତି କଥାବାର୍ତ୍ତାର ଖିଅ ଲମ୍ବି ଚାଲିଥିଲା । ବେଡ୍ ରୁମ୍‌ର ନୀଳ ଆଲୁଅର ଯାଦୁକରୀ ପରିବେଶ ଭିତରେ ଛାୟାର ଦେହଟା ଗୋଟେ ମତ୍ସ୍ୟକନ୍ୟା ପରି ଟିକେ ହଲି ଚହଲି ଗଲା, ଆଖି ଖୋଲିଗଲା, ଭାଷା, ଆହୁରି ଉଷ୍ଣ ଓ କଣ୍ଠ ଅଧିକ ମୂର୍ଚ୍ଛନାମୟ ହୋଇଉଠିଲା । ସୁମନ୍ତ ତା'ର ଏତେ ନିକଟରେ ଥିଲା ଯେ ତା'ର ସନ୍ଦର୍ଶ ହଜି ଯାଇଥିଲା । ଆଖିରେ ଆଖିକୁ ଲଗାଇ ଅନ୍ଧ ହୋଇ ଯିବାକୁ ଇଚ୍ଛା ହେଉଥିଲା ତା'ର । ଏକ ନିବିଡ ଅନ୍ଧାରିଆ ଆଦର ତାକୁ ଆବୋରି ନେଇଥିଲା । ଛାୟାର ଭାଷା ଅନ୍ତରଙ୍ଗ ବଂଶୀସ୍ୱନପରି କେଉଁ ନଳୀର ଗର୍ଭ ଦେଇ ମହୁ ପରି କାନଭିତରେ ତା'ର ପ୍ରତିଧ୍ୱନି ତୋଳୁଥିଲା ।

"ତମକୁ ଗୋଟେ କଥା କହିବି, ରଖିବ ? ମତେ କେବେ ଥଟ୍ଟା ମଜାରେ ଚିଡେଇବନି । ସେଇ ଗୋଟେ ଜିନିଷ ମୁଁ ସହିପାରେନା, ତା'ର କାରଣ ହେଲା ମୁଁ କେବେ ହାର ମାନି ପାରେନି । ବିଶେଷକରି, ସେଇଟା ଦେହମନର ଗଠନ ବା କ୍ଷମତା ବିଷୟରେ ପ୍ରଶ୍ନ କଲେ । ସ୍କୁଲ୍ କଲେଜରେ ମତେ କେହି କାଳି କହିଲେ ମୁଁ ସହିପାରେନି । 'ତୁ କାଳି କନିଆଁ ତତେ କିଏ ବାହାହବ' କହିଲେ କାନ୍ଦିପକାଏ । ଭାବେ ଭଗବାନ ମତେ କଳା କରିଛନ୍ତି ମାନେ ନୁହେଁ ଯେ ମୁଁ ଗୋଟେ ଜୋକର ଯାହାର ଅସ୍ୱାଭାବିକ ଚେହେରା ଦେଖି ସେମାନେ ହସିବେ ବା ଚିଡେଇବେ । ଶର୍ମିଷ୍ଠା ପରି ଝିଅ ମୁହଁରେ ତ ପୁଣି ନିଶ ଦାଢୀ ଉଠିଥିଲା । ପୁଣି ପ୍ରଣତି ମୁହଁରେ କୁତ୍ସିତ କଳାପାହାଡ ପରି କଳାଜାଇ, ପ୍ରେମମୟୀ ମୁହଁରେ ବାହାଡା ଦାନ୍ତ, ଆଉ କଳ୍ପନା ମୁହଁରେ କୁତ୍ସିତ ବ୍ରଣ । କେଉଁଠିନା କେଉଁଠି କିଛି ଗୋଟାଏ ଅସୌନ୍ଦର୍ଯ୍ୟ ରହିଯାଏ । ଯେପରିକି ତାର ଅତି ପ୍ରିୟ ସାଙ୍ଗ କ୍ଷମତାର ମୁହଁଟି ଚନ୍ଦ୍ରପରି ସୁନ୍ଦର, କିନ୍ତୁ ତା'ର ଦୁର୍ବଳିଆ ହାତ ଗୋଡକୁ ନଦେଖିଲେ କେହି କଳ୍ପନା କରିପାରିବେନି ଯେ, ତା'ର ଏମିତି ଦୁର୍ବଳତା ଥାଇପାରେ ।

"ଥରେ ଆମ କଲେଜରେ କବିତା ପ୍ରତିଯୋଗିତା ହଉଥିଲା । ମୁଁ ଅନୁବାଦ କରି ପଢିଥିବା କବିତାଟି ଏଇମିତି,

ସତର ବର୍ଷରେ ମୁଁ ପ୍ରେମ ପାଗଳିନୀ
ଆଖି ମୋର ନୀଳ ନମ୍ର ଚାହାଣୀ ଖୋଜଇ ,
ଚବିଶ ବର୍ଷରେ ମୁଁ ପାଇଥିଲି ଖୋଜି
ଦୁଇ ଆଖି ଭିନ୍ନରଙ୍ଗ ବୋଳା,
ତା'ର ବାର ବର୍ଷ ପରେ ବିକ୍ଷିପ୍ତ ମନରେ
ପଡ଼ିଥିଲି ଦୁଇ ତିନି ଜଣଙ୍କ ପ୍ରେମରେ,
ଯେବେ ମୁଁ ଭାବିଲି ଆଉ ବୟସ ହିଁ ନାହିଁ
ମୁଁ ଭେଟିଲି ମୋ ପ୍ରେମର ଶେଷ ସୋପାନରେ
ଯାହାକୁ ମୁଁ ପାଇଥିଲି ପ୍ରାଣଦେଇ ଭଲ ।

Digitized by srujanika@gmail.com

"କହିରଖେ, କବିତାଟି ମୋର ନୁହେଁ, କେବଳ ଅନୁବାଦ । ଏହାକୁ ପଢ଼ି ମୋତେ ମୋର ସାଙ୍ଗମାନେ ଏମିତି ଚିଡେଇଲେ ଯେ କାନ୍ଦି କାନ୍ଦି ମୋର ଅବସ୍ଥା ଖରାପ ହୋଇଯାଇଛି ।"

ଶୁଣୁ ଶୁଣୁ ସୁମନ୍ତ ବିଭୋର ହୋଇଉଠୁଥିଲା । ଛାୟା ସରଳ ସୁନ୍ଦରତାର ଏକ ଆଶ୍ଚର୍ଯ୍ୟ କୃତିପରି, ସମସ୍ତ ଭଗବତ ଦତ୍ତ ସଦ୍‌ଗୁଣର ଉପହାରଟିଏ । ଛାୟା ପୁଣି ଆରମ୍ଭ କଲା ।

"ଏଇ, ଆମର ଏ ବାହାଘରଟା ଯେମିତି କେବେ କୌଣସି ଶେଷରେ ନ ପହଞ୍ଚେ । ମୁଁ ପ୍ରତିଜ୍ଞା କରୁଛି ତୁମର ଅନୁଗତ ହୋଇ ରହିବି । ହେଲେ ମୋର ଏଇ କଳାରଙ୍ଗଟା ବାରୁଦ ପରି, ହାଇଲି ଇନ୍‌ଫ୍ଲାମେବଲ୍, ଅପମାନର ଅଗ୍ନିରେ ସାଙ୍ଗେ ସାଙ୍ଗେ ଜଳି ପାଉଁଶ ହୋଇଯିବ । ତମେ ବି ପ୍ରତିଜ୍ଞା କର ଅନ୍ୟ କାହା ଆଡକୁ ଆଗେଇବନି ।"

ସୁମନ୍ତ ଭାବିଲା ସବୁ ଲୋକମାନେ ନିଜେ ଗୋଟେ ଦର୍ପଣ ପରି, ଯହିଁରେ ନିଜ ପତ୍ନୀଙ୍କ ପ୍ରତିବିମ୍ବର ପ୍ରତିଫଳନ ନିଜର ସଚ୍ଚୋଟପଣିଆ ଯୋଗୁଁ ହିଁ ସୁନ୍ଦର ଦିଶେ । ଯଦି ତହିଁରେ ଆପଣାର ସ୍ୱଚ୍ଛ ସମତଳ ସମ୍ମୁଖ ଭାଗକୁ ଅଙ୍କାବଙ୍କା କରିଦେବ, ତହିଁରେ ପତ୍ନୀର ପ୍ରତିଛବିଟି ବକ୍ର ବିଭତ୍ସ ତଥା ହାସ୍ୟାସ୍ପଦ ତ ଦିଶିବ ହିଁ ଦିଶିବ ଯେପରି ମେଳା ମଉଛବର ମଜା ଦର୍ପଣରେ । ସୁମନ୍ତ ସେ ଭିତରୁ ନୁହେଁ, ଯେଉଁମାନେ ରଙ୍ଗରେ ବିଭବ ଦେଖିପାରନ୍ତି ନାହିଁ । ଶବ୍ଦରେ ତରଙ୍ଗ ଶୁଣିପାରନ୍ତିନି । ସେ ବି ମନେ ମନେ ପ୍ରତିଜ୍ଞା କଲା, ତୁମ କଥା ମାନିବି, ଗଛରେ ଚଢ଼ିବି ନାହିଁ, ଘରକୁ ଫୁଲତୋଡା ଆଣିବି, ତୁମର ଜନ୍ମତାରିଖ, ରାଶି ନକ୍ଷତ୍ର ମନେ ରଖିବି । ନରମକଥା କହିବି ଆଉ କେବେ ଅପମାନ ଅସମ୍ମାନ କରିବିନି । ସବୁଦିନ ଅନୁଗତ ରହିବି ।

ସୁମନ୍ତ ରୋମାନ୍ସର ମୂଲ୍ୟ ବୁଝେ । ପ୍ରେମ କବିତା ପଢେ ଆଉ ପଢ଼ି ଶୁଣାଏ ବି । ସେ ଭଲ ପାଇବାକୁ ଭଲ ପାଇ ଶିଖିଛି । କହିଲା, "ତୁମଠାରେ ଯାହା ସବୁ ଭଲ ପାଇବାର ଅଛି, ସେ ସବୁକୁ ମୁଁ ନିଶ୍ଚୟ ଭଲ ପାଇବି, ଆଉ ଯାହା ଭଲ ପାଇବା ଯୋଗ୍ୟ ନୁହେଁ ସେ ପ୍ରଶ୍ନ ଉଠେଇବିନି ।" ଖୋଜିଲା ପରି ଆଖିରେ ଚାହିଁଲା ଛାୟା ଆଡେ । ଦେଖିଲା ଭଲ କରି ଛାୟା କେଉଁଠି ଓ ସେ କେଉଁଠି । କେତେ ପାଖରେ କେତେ ଦୂରରେ । ଛାୟା ଆଙ୍ଗୁଠି ବଢ଼ାଇ ଦେଖାଇଦେଲା, "ମୁଁ ଏଇଠି ପରା ।" ଆଉ ସୁମନ୍ତ ପୁନର୍ବାର ନିଜର ସଂବିତ୍ ଫେରି ପାଇଲା । ଭାରି ଖୁସି ଲାଗିଲା ତାକୁ । ପଚାରିଲା, "ଆଚ୍ଛା ତମେ କ'ଣ ସବୁ ଭଲ ରାନ୍ଧି ଜାଣ ?"

"ଯଦି ମତେ ଭଲ ପାଅ ତା'ହେଲେ ମୁଁ ଯାହା ରାନ୍ଧିବି ଖାଇବାକୁ ଭଲ ପାଇବ । ଆଉ ଖାଇବ । ଲୁଣିଆ ଅଲଣା ସବୁ ଖାଲି ଭଲପାଇବାରେ ବଦଳିଯାଏନି । ଯେମିତି ଟଙ୍କାରେ ମୁହଁ ଘଷିଲେ ମୁହଁଟା ଦାମୀକା ହୋଇଯାଏନି । କଳା ଚଷମା ଲଗେଇଲେ ବାହାର ଦୁନିଆଁର ରଙ୍ଗ ବଦଳି ଯାଏନି । ଖାଲି ଟିକିଏ ଉଜ୍ଜ୍ୱଳତା କମିଯାଏ, ଚାହିଁ ହୁଏ,

Digitized by srujanika@gmail.com

ଛୁଇଁ ହୁଏ । ଠିକ୍ ଯେମିତି ଟିକିଏ ଭଲ ପାଇବା ସବୁ ଦୂରତା ଓ କଷ୍ଟ କମାଇ ଜୀବନକୁ ସହଜ କରିଦିଏ । ଯାହା ରାନ୍ଧିବି ଖାଇପାରିବ ନିଶ୍ଚୟ ।"

ତା'ପରେ ଛାୟା ଓଲଟା ପ୍ରଶ୍ନ କରିଥିଲା, "ଯଦି ତମର ଏତେ ଭଲ ଚାକିରି ଅଛି, ଖାନ୍‌ଦାନୀ ଅଛି ଓ ତମେ ଏତେ ଯୋଗ୍ୟ ପୁରୁଷ, ଆଉ ଚାହିଁଥିଲେ ଏ ସହରର ସବୁଠାରୁ ସୁନ୍ଦରୀ ଝିଅକୁ ବାହାହୋଇ ପାରିଥାନ୍ତ, ତାହାଲେ ଜାଣି ଜାଣି ମତେ କାହିଁକି ବାହାହେଲ ?"

କବି-ସୁଲଭ ଠାଣୀରେ ଟିକିଏ ଚିନ୍ତାକରି ସୁମନ୍ତ କହିଲା, "ଜହ୍ନ ଆଲୁଅରେ ଜଙ୍ଗଲଟିଏ କଥା ଚିନ୍ତା କର । ପ୍ରଥମତଃ ବାଘ, ହରିଣ, ହାତୀ, ଗୟଳ ସବୁ ଜନ୍ତୁ କେବେ ଶିକାର କରିବାକୁ ବା ଶିକାର ହେବାକୁ ଆସନ୍ତିନି । କିନ୍ତୁ ସମସ୍ତଙ୍କର ଗୋଟେ ମୁଖ୍ୟ ଉଦ୍ଦେଶ୍ୟ ଥାଏ– ପାଣି ପିଇବା । ଠିକ୍ ସେଇମିତି ଆମେ ସମସ୍ତେ କେବଳ ସେଇପରି ଏକ ଜିନିଷକୁ ଆମ ଜୀବନ ଭିତରୁ ଖୋଜିଥାଉଁ, କିଛିଟା ଆନ୍ତରିକ ସତ୍ୟର ଅନୁଭବ । ଯେଉଁଠି ଯେଉଁ ଅବସ୍ଥାରେ ହଉ । ଏଥିପାଇଁ ନୀତିଶତକର ଦରକାର ନାହିଁ । ଭଲ ହେବ ନା ମନ୍ଦ ହେବ ଲୋଡା ନାହିଁ । ମୁଁ ତୁମକୁ ଦେଖିବାକୁ ଚାହେଁ, ଛୁଇଁବାକୁ ଚାହେଁ, ଜାଣିବାକୁ ଚାହେଁ । ମୁଁ ଯାହା ଖୋଜୁଥିଲି ତାହା ତୁମଠାରେ ପାଇଛି, କେବଳ ତୁମର ରଙ୍ଗ, ଗୁଣର ଦୃଶ୍ୟ ସେଇଟା ନୁହେଁ । ଶତ କଥାଟା ହଉଛି ଗୋଟିଏ କାରଣ ଖୋଜୁନଥିବା ଅନୁସନ୍ଧାନ, ବିଚାର କରୁନଥିବା ଅନୁଭୂତିର ମହତ୍ୱ । ଭାସମାନ ତରଳତା ଭିତରେ କିଞ୍ଚିତ କଠିନତା ନଈବନ୍ଧର କୁଟାଖିଅ ପରି, ଯାହାକୁ ନେଇ କଳ୍ପନାର କୋଠାଘରଟିଏ ବି ଗଢ଼ାଯାଇପାରେ ।"

ଭାଷା। ଭାବର ଏକ ଚିତ୍ର — ଜଙ୍ଗଲରେ ସୁମନ୍ତ ଭାସିଯାଉଥିଲା । ହଠାତ୍ ସାଧାରଣ ସ୍ତରକୁ ଓହ୍ଲାଇ ଆସି କହିଲା, "ମୁଁ ଖୋଜେନି ଖୋଳପାର ରଙ୍ଗ, ବାହାର ଚମତାର ଚମତ୍କାରିତା । ଦିନ ଆସେ ଯେତେବେଳେ ଚକଚକିଆ ରଙ୍ଗସବୁ ତରଳି ବୋହିଯାଏ । ଆଖି ଆଗରେ ଆମର ସବୁ ବାହାରିଆ ଦେଖାଣିଆ ସୁନ୍ଦର ପଣିଆ ଶେଷ ହୋଇଯାଏ ଆଉ ଭିତରଟା ପଦାରେ ପଡ଼ିଯାଏ । ମୁଁ ତୁମକୁ ଭଲ ପାଏ ଓ ପାଇବି, ହେଲେ ତୁମର ରଙ୍ଗ ମୋ ପାଇଁ କିଛି ନୁହେଁ । ଆଉ ସେଥିପାଇଁ ତୁମେ ବି ମତେ ଆହୁରି ବେଶି ଭଲ ପାଇପାରିବ ।"

ଛାୟା ଏସବୁ ଶୁଣି ବୁଝିବାକୁ ଚେଷ୍ଟା କରୁଥିଲା । ସୁମନ୍ତ ତାର ଗାଲ ଆଉଁସି ଦେଇ ପୁଣି କହିଲା, "ଆମ ଦି'ଜଣଙ୍କ ଭିତରେ କେହି ବଡ଼ ନୁହେଁ, କେହି ସାନ ନୁହେଁ । ଚାଲ ଆମେ ପରସ୍ପରଠୁ ହାର ମାନିଯିବା । ଲୁଚେଇ ଲୁଚେଇ ମୁଁ ତା'ଠୁ ଏ ଦିଗରେ ଅଧିକ ବୋଲି ଭାବିବାକୁ ଦେବାନି । କେବେ ନୁହେଁ । ଆମର ଗୋଟିଏ ଦେହ କି ? ନାଁ, ତୁମର ଭୁଲ୍ ପାଇଁ ମୁଁ କାହିଁକି କ୍ଷମା ମାଗିବି ?"

ପୁରୁଣା ମାଛପି ମତରେ ବିଶ୍ୱାସ କରୁନଥିବା ସୁମନ୍ତ ଭାବେନି ଯେ ପ୍ରକୃତ ପ୍ରେମର ଖୁସି

Digitized by srujanika@gmail.com

ସେଇ ଜାଣିବା ଚିଜକରେ ଲୁଚି ରହିଛି ଯେ, ତୁମେ ଯାହାକୁ ଭଲ ପାଅ ସେ ତୁମକୁ ଛାଡି କାମ ଚଳାଇନେଇପାରେ କିମ୍ବା ତୁମେ ଯେହେତୁ ଅଛ ତେଣୁ ତାକୁ ଏତେ ବେଶି ଖୁସି ମିଳୁଛି । ଭଲ ପାଇବାକୁ ଏକ ଅସରନ୍ତି ଶାଶ୍ୱତ ଖେଳ ହିସାବରେ ବିଚାର କରୁଥିଲା। ତା'ପାଇଁ ସୁସଂପର୍କରେ ପ୍ରବଞ୍ଚନାର ସ୍ଥାନ ନାହିଁ । ନିଛକ ସତକଥାରେ ବହୁତ ବେଶି ଭଲ ସମ୍ପର୍କ ଗଢିଉଠିବାର ସମ୍ଭାବନା ଅଛି । ଆନ୍ତରିକ କ୍ରମବର୍ଦ୍ଧିଷ୍ଣୁ ପ୍ରେମରେ ମିଛକଥାର ସ୍ଥାନ କାହିଁ ? ଅବଶ୍ୟ ମିଛକଥା କେବେବି ଭୟାନକ ନୁହେଁ ଯେପର୍ଯ୍ୟନ୍ତ ତାହା ସତଠୁ ଆମକୁ ଦୂରେଇ ନ ଦେଇଛି । ସୁମନ୍ତର ବିଚାରରେ ଛାୟାର କଳାରଙ୍ଗଟା ନିହାତି ସତ, ସ୍ଥାୟୀ ଓ ସମ୍ପୂର୍ଣ୍ଣ ।

ସୁମନ୍ତର ନିଜସ୍ୱ ରଙ୍ଗ ବିଷୟରେ ମୁଁ ଏଠାରେ ମତ ଦେବାକୁ ଚାହେଁନି । ସେଇଟା ମୋର ପାଠକର ଆଖିର ରଙ୍ଗ । ଆପଣଙ୍କର ମନର ରଙ୍ଗ । ସଫାମଇଳା ମଝିମଝିଆର, ସଦର ମଫସଲ ତରଳ ଅନୁଭବର ବର୍ଣ୍ଣ ଯାହା ସେମାନେ କଳ୍ପନାର ତୀରଦେଇ ଶୂନ୍ୟ ଆକାଶରେ ଆଙ୍କିପାରନ୍ତି । ମୋ ପାଇଁ ସେ ଏକ ବେରଙ୍ଗୀ ସ୍ୱର୍ଣକାତରତା ।

ସୁମନ୍ତର ସୁନ୍ଦର ଖେଳୁଆଡ ଦେହ, ଆପଣଙ୍କର ଚିହ୍ନା ପରିଚିତ ହୁଏତ କୌଣସି ବନ୍ଧୁଙ୍କର ବା କେବେ ଆପଣଙ୍କର ନିଜର ପରି । ଠିକ୍ ଆପଣଙ୍କ ପରି ସୁଯୋଗ ସୁବିଧା ଓ ସହାନୁଭୂତି ପାଇଁ ଅପେକ୍ଷା କରିଥିବା ଲୋକଟିଏ ସେ । ମଣିଷ ରୂପରେ ମାଛରଙ୍କା ଚଢେଇଟିଏ ନୁହେଁ । ଛାୟା ସହିତ ତାର ବାହାଘର ଖାଲି ଯୌନ ଉପକ୍ରମଣିକା ନୁହେଁ କି ସାମାଜିକ କାର୍ଯ୍ୟକ୍ରମ ନୁହେଁ । ଛାୟାକୁ ବାହାହୋଇ ପଡ଼ି ଯେ ପ୍ରେମମୂଳକ ଏକ ସତ୍ୟାଗ୍ରହ ଜରିଆରେ ସେ ଆତ୍ମଜ୍ଞାନ ଉପଲବ୍ଧି କରୁଥିଲା ତା ମଧ୍ୟ କହିହେବନାହିଁ । ସାଧାରଣ ଲୌକିକ ପରମ୍ପରାକୁ ଗୋଇଠାମାରି ସୁମନ୍ତ ଏକ ନୂଆ ଅନୁଭବ ଖୋଜୁଥିଲା ଯାହା ସାଧାରଣ ଉଦ୍ଦୀପନାଠାରୁ ବହୁ ଊର୍ଦ୍ଧ୍ୱରେ । ଛାୟାକୁ ନିଜର କରି ସେ ଏକ ନୂଆ ବ୍ୟାପାରକୁ ଆୟତ୍ତ କରିଥିଲା । ଛାୟାର ଉପସ୍ଥିତି କେବଳ ନିୟନ୍ତ୍ରଣ କରୁନଥିଲା ବରଂ ଥିଲା ଭଲ ପାଇବା ପାଇଁ ଏକ ଚ୍ୟାଲେଞ୍ଜ, ଯାହାର ଆଦେଶ ଓ ଅନୁଶାସନରେ ସେ ପୁଲକିତ ହେଉଥିଲା ।

ସୁମନ୍ତ ଭାବୁଥିଲା ଛାୟାକୁ ଅଭୟ ଦେବା ପାଇଁ, ସାନବଡ଼ ଉଚିତ୍ ଅନୁଚିତ, ବାଛ ବିଚାରରୁ ବାଦ ଦେବା ପାଇଁ । ନିର୍ଭୟ ସମାନତାର ଭାରସାମ୍ୟ ହିଁ ସଫଳ ଦାମ୍ପତ୍ୟର ପ୍ରଥମ ପାହାଚ । ଜର୍ମାନ କବି ନୋଭାଲିସ୍ କହିବା ପରି 'ଥରେ ସ୍ତ୍ରୀ ପୁରୁଷର ସମ୍ବନ୍ଧ ହେଲେ ସେ ଆଉ ପୁରୁଷର ଅଭିଳାଷ ହୋଇ ରହେ ନାହିଁ ।' ସୁମନ୍ତ କହିଦେବାକୁ ଚାହୁଁଥିଲା ଯେ ତା'ର ଭଲପାଇବା ଆଦୌ ନିରପେକ୍ଷ ନୁହେଁ, ବରଂ ଏକାନ୍ତ ବ୍ୟକ୍ତିଗତ ତଥା ସ୍ୱାର୍ଥୀ । କିନ୍ତୁ ସେ ବୁଝିଥିଲା ଯେ ତା ପାଇଁ ଆସକ୍ତି ହଉଛି ଭଲପାଇବାର ବିପରୀତ । ସେ ଗୋରାରଙ୍ଗ ଖୋଜେନା । ଏ ଦେହର ସଫାରଙ୍ଗଟା ହଉଛି ମହାକାଳ ଫଳପରି । ଇମିଟେସନ୍ ଗହଣା ପରି, ନକଲି । ଭିତରର କଥାରେ କୌଣସି ଗ୍ୟାରେଣ୍ଟି ନାହିଁ । ବାହାରଟା ମଳିନ ପଡ଼ିବ ହିଁ ପଡ଼ିବ ।

Digitized by srujanika@gmail.com

ଯେଉଁମାନେ ଗୋରା ଚମଡ଼ା ଖୋଜନ୍ତି ସେମାନେ ସ୍ତ୍ରୀକୁ ଗୋଟାଏ ସୁଦୃଶ୍ୟ ଖାଦ୍ୟପେୟ ହିସାବରେ ଗ୍ରହଣ କରନ୍ତି ଏବଂ ଯେଉଁମାନେ ନିଜେ ଗୌର ବୋଲି ଗର୍ବ କରନ୍ତି ସେମାନେ ଅନ୍ୟର ଶରୀର ମଧ୍ୟରେ ହଜିଯାଆନ୍ତି, ସ୍ୱାମୀର ହଉ, ପ୍ରେମିକାର ହଉ ବା ନିଜ ଜନ୍ମ କରିଥିବା ଶିଶୁର ହଉ । ସେମାନଙ୍କର ବ୍ୟକ୍ତିତ୍ୱ ବୁଡ଼ିଯାଏ କିଛି ଗୋଟାଏ ଅଧିକତ୍ୱର ଆଶା ଭିତରେ ।

କ୍ଷମା କରିବେ ପାଠକ ମହାଶୟ, ଇପ୍‌ସିତ ଆଶାଠାରୁ ଅନେକ ଉଚ୍ଚରେ ଆପଣଙ୍କୁ ରଖିଛି, ଯେପରି ସୁମନ୍ତ ରଖିଛି ତା ସ୍ତ୍ରୀକୁ ଅଭିଳାଷର ସର୍ବୋଚ୍ଚ ଶିଖରରେ । ଦୁହିଁଙ୍କ ଆଖିରେ ଦୁହେଁ ଦୁଇଟି ଫୁଲ ପରି । ଦୁହିଁଙ୍କ ହାତରେ ରଙ୍ଗର ନୁହେଁ ଆଲୋକର ତରଙ୍ଗ । ଦୁହେଁ ଯେପରି ସୂର୍ଯ୍ୟକୁ ସୂର୍ଯ୍ୟମୁଖୀ ପରି ଚାହିଁ ରହିଛନ୍ତି । ହସୁଛନ୍ତି ।

ସୁମନ୍ତର ଭାଷଣରେ ଭାଷା ଜୀବନ୍ତ ହୁଏ । କଢ଼ିଟି ଫୁଲ ହୁଏ । ସ୍ଥିରତାରେ ଲହରୀ ଆସେ ଆଉ ସମୟ ବର୍ତ୍ତମାନ ହୁଏ । ତା'କୁ ଯେ ଶୁଣିବ ସେ ବିଶ୍ୱାସ କରିବ । ସେଇ ବିଶ୍ୱାସର ଯାଦୁଗରୀରେ ସମୋହିତ ହୋଇ ଛାୟା ସୁମନ୍ତର ମୁଣ୍ଡ ଆଉଁସି ଦଉଦଉ ପ୍ରଶ୍ନ କଲା-

"ସତରେ କ'ଣ ତମେ ମତେ ଭଲ ପାଅ ?"

"ପ୍ରମାଣ ଚାହଁ ?"

"ହଁ ।"

ଛାୟାକୁ ଛାଡ଼ିଦେଇ ସୁମନ୍ତ ଖଟତଳକୁ ଓହ୍ଲାଇଲା । ଝର୍କା ଖୋଲିଦେଲା, ପର୍ଦାଉଠେଇ ବାହାରକୁ ଚାହିଁଲା । ଅସଜଡ଼ା ଶାଢ଼ୀକୁ ଟାଣିନେଇ ଛାୟା ନିଜକୁ ଘୋଡ଼ାଇ ନେଲା । କାଳେ କିଏ ଦେଖିବ । ଭୋର ହେବାକୁ ଆଉ ବେଶି କାଳ ନାହିଁ । ନିଦୁଆ ଆଖିରେ ସକାଳ ଟଳମଳ ହେଇ କଡ଼ ଲେଉଟାଉଛି । ସବୁଆଡ଼େ ଛାଇ ଆଲୁଅ ମିଶା ପ୍ରଭାତୀ ସୂଚନା । ଫୁଲମାନେ ଫୁଟି ସାରିଲେଣି । ପକ୍ଷୀମାନେ ଉଠି ସାରିଲେଣି । ତଥାପି ଅନ୍ୟ ମଣିଷମାନେ ଶୋଇଛନ୍ତି । ସ୍ୱପ୍ନ ଦେଖୁଛନ୍ତି ।

ପାଖ ଆମ୍ବଗଛରେ ବସିଥିବା କୋଇଲିଟିକୁ ଚାହିଁରହିଥିଲା ସୁମନ୍ତ । ବଉଳ ବାସ୍ନା ତା' ନାକରେ ବାଜୁଥିଲା, ହେମାଳ ପବନ ଦେହକୁ ଛୁଇଁଯାଉଥିଲା । ଛାୟାକୁ ପାଖକୁ ଡାକି ଦେଖାଇଦେଲା, "ହେଇ ଦେଖ, ତମେ ପଚାରିଥିବା ପ୍ରଶ୍ନର ଉତ୍ତର ଏଠି ବସିଛି । ଏଇ କୋଇଲିଟି ସବୁଦିନ ଆସି ଏଠି ବସେ ଆଉ କେବେକେବେ ମନହେଲେ ବୋବାଏ । ଭାରି ମୁଡ଼ି ଚଢ଼େଇଟା । ସେ ଯଦି ଏଇ ସଙ୍ଗେ ସଙ୍ଗେ ରାବିବ ତେବେ ଜାଣିବ 'ହଁ' । ଏ କୋଇଲି, ଟିକେ ଗାଇଲୁ ।"

କୁଉ... କୁଉ.. କୁଉ... କୁଉ ରାବି ଉଠିଲା କୋଇଲି । ଦୂର ପାହାଡ଼ରେ ବାଜି ତାର ପଞ୍ଚମ ସ୍ୱର ବାରମ୍ବାର ପ୍ରତିଧ୍ୱନିତ ହୋଇ ଫେରିଆସୁଥିଲା ସେମାନଙ୍କ ଆଡ଼େ ।

❑❑❑

Digitized by srujanika@gmail.com

# ଶୂନ୍ୟ ସନ୍ତରଣ

ଘନଶ୍ୟାମର ଆଖିରେ କଜଳ ଲଗାଇ ପୋଛିଦେଲେ ଯେମିତି ଦିଶିବ ଠିକ୍ ସେମିତି ଏକ ପ୍ରଲେପ । ଦେହରେ ମୁହଁରେ ଧଳା ପାଉଡର ସହିତ ମେକଅପ ଝାଳ ଲାଗି ଧୋଇଗଲା ପରେ ଚମଡାର ଛାଇ ସ୍ପଷ୍ଟତର ହେଲା ପରି କୋତରା କଷରା ରଙ୍ଗର ବହଳ ମଲାଟ । ନା ତା'ର ତା ବାପାଙ୍କ ପରି ଚେହେରା, ନା ମା'ଙ୍କ ପରି ଆକୃତି । ମିଶାମିଶି ଆଉ କିଛି, ଢେର୍ ଅଲଗା । ଏ ଶରୀରଟା କେଉଁଠୁ ଆସିଲା କେଜାଣି ? ତିନିପୁରୁଷ ଆଗରୁ ବଳି ପଡ଼ିଥିବା କେଉଁ ଜିନ୍‌ର ଅଙ୍କୁରୋଦ୍‌ଗମରୁ ସେ ଜନ୍ମିଛି ସେକଥା କିଏ କହିପାରିବ । ଥଟ୍ଟାରେ ତା ଆଈ ତାକୁ କହନ୍ତି, "ତତେ ତୋ ବାପା ପରା ନଈବଢ଼ିରୁ ଗୋଟାଇ ଆଣିଥିଲା । ତୁ ତୁ ଭାସି ଭାସି ଯାଉଥିଲୁ । ମହି ନଈରେ, କେଉଁ ଗାଁରୁ କେଜାଣି ।" କଥା ମଜାଇ କହୁ କହୁ ପ୍ରତିଥର ଆଉ ଗୋଟେ ଭିନ୍ନ କାହାଣୀ କହିବ ସେ ଆଈ। ସେ କଥା ଶୁଣିବାକୁ ଭଲ ପାଏନି ଘନଶ୍ୟାମ । ତା'ର ଇଚ୍ଛା ସେ ଏକ ରାଜ୍ୟରେ ଯେଉଁଠି ଲୋକେ ତାକୁ ରାଜା ବନାଇଥାନ୍ତେ ।

ସେଇ କଥା ଭାବୁ ଭାବୁ ସେ ନିଜର ମୁହଁକୁ ଦର୍ପଣରେ ଭଲ କରି ଦେଖେ । ସତରେ ତା ବାପାଙ୍କର ସ୍ପଷ୍ଟବାଦୀ ଆଲୋକିତ ଚେହେରା ତା ପାଖରେ ନାହିଁ । ନାହିଁ ତା ମା'ର ଦରଦୀ ନରମିଲା ଲାଜୁଆ ସ୍ନେହୀ ସ୍ୱଭାବ । ସେ ଏକ ଅଲଗା ଜୀବ । ଯନ୍ତ୍ରଣା ଜର୍ଜରିତ କିମ୍ଭୂତକିମାକାର । ଏକ ଘନ ଅନୁଭବର ବିୟୋଗଫଳ । ଦର୍ପଣ ଭିତରେ ତାର ମୁହଁ କ୍ରମଶଃ ବୁଡି ବୁଡି ଯାଏ । ତାକୁ ଅଣନିଃଶ୍ୱାସୀ ଲାଗେ । କାଚ ଭିତରେ ପାଣିର ବୁଦ୍‌ବୁଦ୍ ଲୁହ ସେ ଅନୁଭବ କରେ । ହଠାତ୍ କିଛି ନୂଆ ଅନୁଭବରେ ସେ ରୋମାଞ୍ଚିତ ହୁଏ । ତାକୁ ସତର ବର୍ଷ ହୋଇଯାଏ । ସେ ସାବାଳକ ଅନୁଭବ କରେ । ତାର ଦେହ ହାତ ଗୋଡ, ହାଡ ମାଂସ ଓ ଚମଡାରେ ଏକ ଚମକିଲା ତରଙ୍ଗ ଉପୁଜେ । ତା ମେରୁଦଣ୍ଡରେ ଗୋଟେ ଗୋଲାପି ଅନୁରୋଧର ନାଟକୀୟ ତରଳସୂତ୍ର । ତାର ସାନଭାଇ ନବଘନ ତା' ପରି ଦେଖିବାକୁ ନୁହେଁ । ସେ ତାଠୁ ସାତବର୍ଷ ସାନ, ଖୁବ୍ ଦୁର୍ବଳିଆ ଆଉ ମନ୍ଦବୁଦ୍ଧି । ବୟସ ଅନୁପାତରେ କମ୍ ପାକଳ । ପାଞ୍ଚବର୍ଷର ବାଳକ ପରି ବ୍ୟବହାର କରେ । କଥା କହିବା ବେଳେ ପାଟି ଲାଗେ । ଘନଶ୍ୟାମ ନବଘନକୁ 'ନନ' ବୋଲି ଡାକେ । ଘନଶ୍ୟାମ ନନକୁ ଆଦେଶ ଦେବାକୁ ଭଲପାଏ । 'ଚାଲ ଯିବା ବାଡ଼ିରୁ ଆମ୍ବ ତୋଳିବା' କହିଲେ ପଛେ ପଛେ ଚାଲେ ନନ । ଦୂରରୁ ଆମ୍ବ ଗଛର ଛାଇ ତଳେ

Digitized by srujanika@gmail.com

ସେମାନେ ଦେଖିଲେ ଦୁଇଟା ସାପ ଛନ୍ଦାଛନ୍ଦି ହୋଇ ଯେପରି କୁସ୍ତି କରୁଥିଲେ । ନନ ତାଙ୍କୁ ପଥରଟାଏ ଉଠାଇ ମାରିବାକୁ ବାହାରିଲାରୁ ଘନଶ୍ୟାମ ତାକୁ ବାରଣ କରି କହିଲା, 'ନା ନା ମାରନା, ସେମାନେ ଲଢୁନାହାନ୍ତି, ଖେଳୁଛନ୍ତିରେ । ତାଙ୍କୁ ମାରନ୍ତିନି, ପାପ ହେବ ।' ନନ ତାଙ୍କୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲା । ସାପ ଦି'ଟା ଗୁଡେଇ ଗୁଡେଇ ହୋଇ ଅଡୁଆ ସୂତାପରି ଛନ୍ଦି ହୋଇ ତଳେ କଚାଡି ହୋଇ ପଡୁଥାନ୍ତି, ପୁଣି ଉଠୁଥାନ୍ତି ।

ସେଇଦିନ ରାତିରେ ତା'ର ଘରୁ ଲୁଚି ଚାଲିଯିବାର କଥା ଥିଲା । ତେଣୁ ସେ ନନ ପାଇଁ ଦୁଇଟା ନଡ଼ିଆ ଚକୋଲେଟ୍ କିଣି ଦେଇ ତାକୁ କହିଲା, "କାହାରିକୁ କହିବୁନି । ମୁଁ ଆଜି ରାତିରେ କଟକ ଚାଲିଯିବି । ପୁଣି କେବେ ଘରକୁ ଫେରିବି କହିପାରିବିନି । ତୁ ବାଡିଆଡେ ଏକୁଟିଆ ଯିବୁନି, ଡରିବୁ । ଏ ଚିଠିଟାକୁ ରଖ । ଗୋଲାପକୁ ଏକୁଟିଆ ଦେଖିଲେ ଦେଇଦବୁ ।" ନନ କିଛି ନବୁଝି ମୁଣ୍ଡ ଟୁଙ୍ଗାରିଲା । ରାତିରେ ତା ବାପା ପଶା ଖେଳସାରି ଘରକୁ ଫେରି ଖାଇଲା ବେଳକୁ ଏଗାରଟା ବାଜି ସାରିଥାଏ । ତା' ମା'କୁ ଘୁମ ଲାଗୁଥାଏ । ଠିକ୍ ଏତିକିବେଳେ ବାଡିପଟ ଅନ୍ଧାର ରାସ୍ତାରେ ଘନଶ୍ୟାମ ଘରୁ ବାହାରିଗଲା ନିଃଶବ୍ଦରେ । ସେଦିନ ରାତିରେ ତାକୁ ଆଉ କେହି ଖୋଜି ନଥିଲେ । ସମସ୍ତେ ଭାବିଥିଲେ ସେ ଶୋଇ ପଡ଼ିଚି ବୋଲି । ସକାଳୁ ନନ ହାତରୁ ଗୋଲାପ ପାଇଁ ଘନଶ୍ୟାମର ଚିଠି ପଢି ବାପା ଜାଣିଲେ ଘଟଣାର ରହସ୍ୟ ।

ଘନଶ୍ୟାମକୁ ରଘୁଭାଇ ଗୋଟେ ଯାତ୍ରାପାର୍ଟିରେ କାମ ଦେବାର ପ୍ରତିଶ୍ରୁତି ଦେଇ ଖୋର୍ଦ୍ଧା ଅଞ୍ଚଳର ଗାଁକୁ ନେଇଯାଇଥିଲେ ଏବଂ ସେଠାରେ ଘନଶ୍ୟାମ ନିଜ ନାଟକୀୟ ଜୀବନର ଏକ ନୂଆ ଅଙ୍କର ଆରମ୍ଭ କରିଥିଲା । ସେଠାରେ ରିହରସାଲ୍ ଆରମ୍ଭ କରିଥିଲା । ରିହରସାଲ୍ ଆରମ୍ଭ ପୂର୍ବରୁ ନିର୍ଦ୍ଦେଶକ ପଚାରିଲେ, "ତୁମେ କ'ଣ କରିପାରିବ ? ମିଛରେ ସତ ମିଶାଇ ପାରିବ ? ହସରେ କାନ୍ଦ ମିଶାଇ ପାରିବ ?"

"ଆବଶ୍ୟକତା ଅନୁସାରେ ଯାହା ଦରକାର ତାହା କରିପାରିବି ।"

"ଲାଜ ସରମ ଛାଡିବାକୁ ପଡ଼ିବ ।"

"ଛାଡ଼ିଦେବି ।"

"ଆଗ ନାଚ ଶିଖିଯାଅ ।"

"ଶିଖିଯିବି ।"

ପ୍ରଥମେ ଘନଶ୍ୟାମକୁ ଗୋଟିପୁଅ ନାଚ ସହିତ ଓଡ଼ିଶୀ ଶିଖିବାକୁ ହେଲା । ତାପରେ ନାଟକରେ ବ୍ରାହ୍ମଣ ଝିଅର ଚରିତ୍ର । ତାପରେ ଦାସୀ ଓ ନିୟତି ହୋଇ ମଞ୍ଚରେ ଛିଡା ହେବାପରେ ସଖୀରୁ ସତୀ ଏବଂ ସତୀରୁ ଉତୀର୍ଣ୍ଣ ହୋଇ ସୀତା ଓ ରାଧା ଭୂମିକାରେ ସେ ସଫଳ ହୋଇ ପାରିଥିଲା । ସବା ଶେଷରେ ସେ ଏକ ସମସାମୟିକ ଆଧୁନିକ ନାରୀର ଦୁଃଖୀ ଚରିତ୍ରରେ ଅବତୀର୍ଣ୍ଣ ହୋଇ ଦର୍ଶକମାନଙ୍କ ଆଖିରେ ଲୁହ ଆଣିବାରେ ସମର୍ଥ

Digitized by srujanika@gmail.com

ହେବାପରେ ପକ୍କା ନାୟିକା ବା ହିରୋଇନ୍ ହୋଇଯାଇଥିଲା । ରଘୁଭାଇଙ୍କ ଅଜାଣତରେ ନାଟକ କମ୍ପାନୀ ତାର ପାରିଶ୍ରମିକ ବଢାଇ ଦୁଇଗୁଣ କରିଦେଇଥିଲେ । ଖାଇବା ପିଇବା ଛାଡି ମାସକୁ ଦୁଇ ହଜାର । ସଫଳତାର ଶୀର୍ଷରେ ତାକୁ ଲୋକମାନେ ଶ୍ୟାମଳୀ ବୋଲି ଜାଣିଥିଲେ । ଶ୍ୟାମଳୀ ସହିତ ଟକ୍କର ଦେବାପରି ହିରୋଇନ୍ ଆଉ କେହି ନଥିଲେ ।

ଶ୍ୟାମଳୀ ଏତେ ସୁନ୍ଦର ଅଣ୍ଟା ହଲାଇ ପାରୁଥିଲା, ଆଖି ନଚାଇ ପାରୁଥିଲା ଏବଂ ଭ୍ରୂଲତା ଟେକିପାରୁଥିଲା ଯେ ସାଧାରଣ ଯୁବତୀଟିଏ ମଧ ଏପରି କଟାକ୍ଷ ଦେଖାଇ ପାରିବା ସମ୍ଭବ ନ ଥିଲା । ସେ ତାର କଣ୍ଠରେ ତରଳ ଲହରର କୋହ ଭରିବାରେ ଏବଂ ମୁଖଭଙ୍ଗୀରେ ନୂଆ ରହସ୍ୟର ସଂଯୋଜନ କରିବାରେ ଅତୁଳନୀୟ ଥିଲା ।

ସେ ଏବେ ଅତ୍ୟାଧୁନିକା ଅଞ୍ଜଳିର ଭୂମିକାରେ । ମେକ୍ଅପ୍ ସହିତ ଜାଗରିତ ନାରୀ ହିସାବରେ ସେ କୌଣସି ଗ୍ଲାମର ଗାର୍ଲଠାରୁ ନ୍ୟୂନ ନଥିଲା । ବେଳେ ବେଳେ ସେ ମାଡୋନାକୁ ଘାଗରା ପିନ୍ଧାଇବା ପରି ଦିଶୁଥିଲା । ତା'ର ତ ଲିପ୍ଷ୍ଟିକ୍ର ରଙ୍ଗ ଖୁବ୍ ଘନ ଲୋହିତ ଥିଲା । ଇଂରାଜୀ ହିନ୍ଦୀ ମିଶାଇ ଓଡ଼ିଆ ଡାଇଲଗ୍ରେ ଆଧୁନିକତା ଭରିବା ତା ପାଇଁ ଅତି ସାଧାରଣ କଥା ଥିଲା । ଘନଶ୍ୟାମକୁ ଉର୍ଫ ଶ୍ୟାମଳୀକୁ ଅଞ୍ଜଳି ଭୂମିକାରେ ଦେଖିବା ପାଇଁ ପ୍ରବଳ ଜନଗହଳି ଲାଗିରହିଥିଲା । ଶ୍ୟାମଳୀର ଆକର୍ଷଣକୁ ଦର୍ଶକମାନେ ଖୋଲା ଶବ୍ଦରେ ତାରିଫ୍ କରୁଥିଲେ । ରାତିର ଚକ୍ଚକ୍ ଆଲୋକ ଭିତରେ ଶ୍ୟାମଳୀର ଅଧା ଅଦୃଷ୍ଟ ଛାତି, ଅଣ୍ଟା ଓ ଜଙ୍ଘର ନିର୍ଦ୍ଦିଷ୍ଟ ଭାଗମାପ କୌଣସି ବିଉଟିସିଆନ୍ ଦ୍ୱାରା ପ୍ରସ୍ତୁତ ସୁନ୍ଦରୀଠାରୁ କମ୍ ହୋଇ ନପାରେ । ତାର ବବ୍କଟା ସାମ୍ପୁଲଗା ଚିକ୍ଚିକ୍ ବାଳ, ତାର କଳା ମାସ୍କାରା ଲଗା ଆଖି, ତାର ରୁଜ୍ ବୋଳା ଗାଲ, ତାର ଓଜନିଆ ଉନ୍ନତ ବକ୍ଷୋଜ ଏବଂ ତାର ହାଇହିଲ୍ ଚାଲି ଦେଖିଲେ ଖୁବ୍ ଭଦ୍ର ଲୋକଟିଏ ମଧ ଆସକ୍ତ ହୋଇପାରେ । ଏପରିକି କବି ପ୍ରସିଦ୍ଧି କେବଳ ଅତ୍ୟୁକ୍ତି ହୋଇ ରହିଯାଇ ନପାରେ ।

ସେ ପିନ୍ଧିଛି ଲମ୍ବା, ଲାଲ୍, ଆଣ୍ଠୁ ତଳଯାଏ ଝୁଲି ପଡ଼ିଥିବା ଶିଲକ୍ କୁର୍ତ୍ତା । ତା ତଳେ ମ୍ୟାଚିଂ ଚିପା ଚୂଡ଼ିଦାର ଯାହା ଅଣ୍ଟାରେ ତା'ର ଶକ୍ତ କରି ଗଣ୍ଠି ପକାଇ ସେ ବାନ୍ଧିଛି । ତାହା ପାଦଠାରୁ କେବଳ ଛ'ଇଞ୍ଚ ମାତ୍ର ଦେଖାଯାଉଥାଏ । କୁର୍ତ୍ତାର ତଳପଟକୁ ଝୁଲୁଛିସୁନ୍ଦର ଏମ୍ବ୍ରିଓଡୋରିର ଝଲମଲ ଜରି ଫୁଲ । ତା ଉପରକୁ ଚାହିଁଲେ ଜଣେ ଦେଖିପାରିବ ତାର ପତଳା କମର । ପୁଣି ତା ଉପରକୁ ଆଖି ଉଠାଇଲେ ଅନେକ ସଂଭାର । ଦର୍ଶକର କଳ୍ପନାକୁ ବାଧ କରିବା ପାଇଁ ସତତଃ ଉତ୍ତେଜକ ସ୍ଫୀତ ଲହରର ଗର୍ବ ଯାହା ଯୌବନର ଉଦ୍ଦାମତା ପାଇଁ ଯେତିକି ଆବଶ୍ୟକ ତା'ର ନିୟନ୍ତ୍ରଣ ପାଇଁ ସେତିକି ଅନାବଶ୍ୟକ ।

ସେଦିନ ତାର ଅଭିନୟର ଚରମ ଉତ୍କର୍ଷର ରଜନୀ । ତାର ଚରିତ୍ର ଆଧୁନିକା ସଂଭ୍ରାନ୍ତ ପରିବାରର ପଦସ୍ଥ ଅଫିସରଙ୍କ ବିବାହିତା ପତ୍ନୀର । ସେ ଏକ ତଥାକଥିତ

Digitized by srujanika@gmail.com

ମର୍ଯ୍ୟାଦାସମ୍ପନ୍ନ ପ୍ରତିଷ୍ଠିତ ସ୍ୱାମୀଦ୍ୱାରା ଅସଭ୍ୟ ଭାବରେ ନିର୍ଯ୍ୟାତିତା ସ୍ତ୍ରୀ, ଯାହାର ନିଜର ପତ୍ନୀତ୍ୱ ବିଷୟରେ ସେ ନିଜେ ସନ୍ଦିହାନ ହୋଇଛି । ତାର ସ୍ୱାମୀର ଯେ ଆଉ ଅନ୍ୟାନ୍ୟ ଅନେକ ପ୍ରେମିକା ଥାଇପାରନ୍ତି ସେ ବିଷୟରେ ସନ୍ଦେହ ତା'ର ନାହିଁ । ଏବେ ତ ସିଏ ଆତ୍ମସମ୍ମାନ ପାଇଁ ନିଜ ଜୀବନକୁ ବଳି ଦେବାକୁ ପ୍ରସ୍ତୁତ । ତାର ଲୋଡା ପତ୍ନୀତ୍ୱର ସୌଭାଗ୍ୟ, ଘରେ ପରିବାରରେ ସମସ୍ତଙ୍କଠାରୁ ଯୋଗ୍ୟତାର ପ୍ରତିଷ୍ଠା । ସେ ଏକ ଘର ସଜାଇବାର ଶାଢୀ ପିନ୍ଧିଥିବା କେବଳ ସ୍ତ୍ରୀ ଲୋକଟେ ମାତ୍ର ନୁହେଁ । ନିର୍ଯ୍ୟାତନା ସହି କେବଳ ଘର କୋଣରେ ପଡ଼ିରହି ତିଳତିଳ ସଢୁଥିବା, ରାନ୍ଧୁ ରାନ୍ଧୁ କାନ୍ଦୁଥିବା ସ୍ତ୍ରୀ ଲୋକମାନଙ୍କ ମଧ୍ୟରୁ ସେ ଜଣେ ନୁହେଁ । ସେ ଅଲଗା; ସେକଥା ସେ ପ୍ରମାଣ କରିଦେବାକୁ ମଧ୍ୟ ପଛାଇବ ନାହିଁ । ସେ ଜାଣେ ଭିନ୍ନ ରାସ୍ତାର ଦିଗ । ତାର ଭୟ ଛାଡି ଆସିଲାଣି, ସଂଗ୍ରାମ କରିବାକୁ ସାହସ ଅଛି ।

ନାଟକ ଭିତରେ ହେଲେ ବି ସେ ଏକ ସଂଗ୍ରାମ । ସେଠାରେ ତାର ସ୍ୱାମୀର ନାଁ ସୁରେଶ । ନାମକରା ଅଫିସର, ବ୍ୟବସାୟୀ ବା ଅନ୍ୟ କିଛି କାଳ୍ପନିକ ସଫଳ ପୁରୁଷମାନଙ୍କ ଭିତରୁ ଜଣେ ଯାହା ହାତରେ କଲମ, ବନ୍ଧୁକ, କ୍ଷମତାଦଣ୍ଡ ସହିତ ଗ୍ଲାସରେ ମଦ ଓ ଯାହାର ଚିନ୍ତା ଭିତରେ ସୁନ୍ଦରୀ ଅନ୍ୟ ଲଳନା ଆତଯାତ । ଟଙ୍କା ତା ପାଖରେ ଅପର୍ଯ୍ୟାପ୍ତ । ଆଦେଶ ତା'ର ଅବଶ୍ୟ ପାଳନୀୟ । ତା'ର ଯୌବନ ତା'ର ଅନର୍ଥର କାରଣ ବୋଲି ସେ ଜାଣିପାରେ ନାହିଁ । ଅବିବେକିତା ତା' ସ୍ୱଭାବର ସ୍ପଷ୍ଟ ଲକ୍ଷଣ । ସେଥିପାଇଁ ତ ସୁରେଶ ବିରୋଧରେ ତାର ସଂଗ୍ରାମ । ସେଥିରେ ସେ ହାରୁ ବା ଜିତୁ କିଛି ଯାଏ ଆସେ ନାହିଁ ।

ଷ୍ଟେଜ୍ ଉପରେ ପହଞ୍ଚିବା ମାତ୍ରେ ଘନଶ୍ୟାମ ଉର୍ଫ ଶ୍ୟାମଳୀ ଅଞ୍ଜଳି ଚରିତ୍ର ଭିତରକୁ ପ୍ରବେଶ କଲା । ଡାହାଣୀ ପରି ତାର ସମଗ୍ର ସତ୍ତାକୁ ଆବୋରି ନେଲା । ତା ମୁହଁଟା ଖୁବ୍ ସାହସୀ ଦିଶିଲା, ସୁନ୍ଦର ଦିଶିଲା। ସାହସ, ସୁନ୍ଦରର ଅନ୍ୟନାମ । ତା ଓଠରେ ବିମ୍ବଫଳର ରଙ୍ଗ । ତା କଣ୍ଠରେ ନ୍ୟାୟର ସଂଗତି । ତା ଉନ୍ନତ ଯୌବନର ଶ୍ରେଷ୍ଠ ଆକର୍ଷଣ ସବାଶେଷ ଧାଡ଼ିରେ ବସିଥିବା ଦର୍ଶକଙ୍କୁ ମଧ୍ୟ ଦୃଶ୍ୟ ହେଲା ।

ସେ କେବଳ ଏକ ପରିତ୍ୟକ୍ତା ଅଭାଗିନୀ ସ୍ତ୍ରୀ ଲୋକଟେ ନୁହେଁ । ସେ ଏବେ ମହିଳା କମିଶନଙ୍କ ଆଗରେ କେବଳ ଗୁହାରୀ କରିବାକୁ ଚାହେଁନି । ସେ ନ୍ୟାୟ ଚାହେଁ । ସେ ଦୋଷୀକୁ ଦଣ୍ଡ ଦେବାକୁ ଚାହେଁ, ପିଙ୍ଗଳ କୋର୍ଡର ଦଫା ଅନୁସାରେ  ହେଲେ ଆହୁରି ଉତ୍ତମ । ନ ହେଲେ ସେ ନିଜେ ମଧ୍ୟ ସିଧାସଳଖ କାର୍ଯ୍ୟକ୍ରମ ପ୍ରସ୍ତୁତ କରିପାରେ । ପ୍ରଥମେ ଅଞ୍ଜଳୀ ଓକିଲ ପରାମର୍ଶ କରିବାକୁ ଚାହିଁଲା । ତେଣୁ ସେ ସୁରେନ୍ଦ୍ର ବାବୁଙ୍କ ପାଖକୁ ଯାଇଥିଲା । ତା ବାପାଙ୍କର ଏକଦା ବନ୍ଧୁ ସୁରେନ୍ଦ୍ର ବାବୁ ଯେ କି ଏବେ ହାଇକୋର୍ଟରେ ଓକିଲାତି କରୁଛନ୍ତି ।

Digitized by srujanika@gmail.com

ଅଞ୍ଜଳି ସେଦିନ ଏତେ ସୁନ୍ଦର ଦେଖାଯାଉଥିଲା ଯେ ସୁରେନ୍ଦ୍ର ବାବୁ ତାକୁ ବହୁ ସମୟ ଧରି ଚାହିଁ ରହିଲେ ଏବଂ ତାଙ୍କ ଚାମ୍ବରରୁ ଘର ଭିତରକୁ ଡକାଇ ନେଇ ତାଙ୍କ ବେଡ୍‌ରୁମ୍‌ରେ ବସାଇ ଥଣ୍ଡା ପାନୀୟ ଆଣିବାକୁ ଆଦେଶ ଦେଲେ । ଚାକରଟୋକା ପରମାନନ୍ଦ କୋକାକୋଲା ଦେଇଗଲା । ପରେ ପରେ କବାଟଟା ଆପଣାଛାଏଁ ବନ୍ଦ ହୋଇଗଲାରୁ ଅଞ୍ଜଳି ଖୁବ୍ ଡରିଗଲା । ତା'ର ଛାତି ଧଡ଼୍‌ଧଡ଼୍ ହେଲା । ସେ ପୁଣି ଭାବିଲା ତାକୁ ଚାମ୍ବରରୁ ଘର ଭିତରର ଶୟନକକ୍ଷକୁ ନିମନ୍ତ୍ରଣ କରିବାର ଉଦ୍ଦେଶ୍ୟ କ'ଣ ? ସୁରେନ୍ଦ୍ର ବାବୁ ବାପ ବୟସର ଲୋକ ହୋଇଥିବାରୁ ସେ ହଠାତ୍ ତାଙ୍କ କଥାରେ ସନ୍ଦେହ ନ କରି ଘରେ ଭିତରକୁ ଆସିବାକୁ ରାଜି ହୋଇଥିଲା । ଅଞ୍ଜଳି ଦେଖିପାରିଲା ସୁରେନ୍ଦ୍ର ବାବୁଙ୍କ ଆଖିରେ ଜାନ୍ତବ ହିଂସା ସହିତ କାମନାର ଲୋଲୁପ ଦୃଷ୍ଟି ଯାହା ତାର ଦେହ ଯୌବନରେ ଦୃଷ୍ଟି ପକାଇ ତାକୁ ଛିନ୍‌ଭିନ୍ କରିପକାଉଛି । ଏବେ ସୁରେନ୍ଦ୍ର ଏକ ପଶୁ ପରି । ତାର ଜିଭ ତରଳ ନିଆଁ ଶିଖା ପରି ତାର ଓଠକୁ ଚାଟିପକାଇବାକୁ ଆଗେଇ ଆସୁଛି । ନାଟକର ଚରମ ଶିଖରର ଦୃଶ୍ୟର ପାଖାପାଖି ବଳତ୍କାରର ପୂର୍ବାଭାସ ପାଇ ଚିତ୍କାର କରିବାକୁ ଆରମ୍ଭ କରିଛି ଅଞ୍ଜଳି । ଅଞ୍ଜଳିର ବେକମୂଳରେ ପଶୁତ୍ୱର ନଖ ରାମ୍ପୁଡା ଦାଗ । ତା'ର ଗାଲରେ ସୁରେନ୍ଦ୍ରର ଦାନ୍ତ ତାର ଅଣ୍ଟାରେ ସୁରେନ୍ଦ୍ରର ହାତ । ତା'ର ଆର୍ତ୍ତ ଚିତ୍କାର ପରମାନନ୍ଦକୁ ଶୁଣାଯାଉନି । କବାଟ ବନ୍ଦ ଅଛି । କେହି ତାର ସାହାଯ୍ୟ କରିପାରିବେନି । ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ । ତାର ଦ୍ରୌପଦୀ କଥା ମନେ ପଡ଼ିଲା ଏବଂ ଗାଳି ଦେବାକୁ ଇଚ୍ଛା ହେଲା । ଦ୍ରୌପଦୀ ଭକ୍ତି ବଦଳରେ ଶକ୍ତି ପ୍ରୟୋଗ କରିଥିଲେ ବେଶି ଠିକ୍ ହୋଇଥାନ୍ତା ନାଁ, ହୁଏତ ସେ ଯୁଗର ସେତେବେଳର କଥା ଅଲଗା । ସେ ଜାଣିଥିଲେ ଯେ କୃଷ୍ଣ ସେଇ ପାଖରେ କେଉଁଟି ଗୋଟେ ଅସରନ୍ତି ଶାଢୀ ଭଣ୍ଡାର ଧରି କେବଳ ସମର୍ପଣର ଡାକରା ପାଇଁ ଅପେକ୍ଷା କରିଥିଲେ । ସେ ସୁବିଧା ଆଜିକାଲି ଏଠାରେ ସମ୍ଭବ ନୁହେଁ । ତେଣୁ ଅଞ୍ଜଳି ନିଜ ଅଣ୍ଟାର ବସ୍ତ୍ରକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କଲା । ସେ ତାର ବସ୍ତ୍ରକୁ ଜାବୁଡି ଧରିଲା, ନିଜକୁ ଢାଙ୍କି ରଖିଲା । ସେ ଜାଣିଥିଲା ଯେ ଦେହରୁ ବାସ ଉତୁରିଗଲେ ସେ ବିଧ୍ୱସ୍ତ ହୋଇଯିବ । ସେଥିପାଇଁ ହୁଏତ ସେ ନିଜ ସେଲୁଆର୍‌ର ଡୋରକୁ ଖୁବ୍ ଶକ୍ତ କରି ଗଣ୍ଠି ପକାଇ ବାନ୍ଧିଥିଲା ଆସିବା ଆଗରୁ । ନୋହିଲେ ଏତେ ବେଳକୁ ତାର ଅବସ୍ଥା ଢିଲା ହୋଇ ସାରନ୍ତାଣି । ସେ ଏଥର କଣ କରିବ ଭାବୁ ଭାବୁ ଦେଖିଲା ସୁରେନ୍ଦ୍ର ତାର ଛାତି ଉପରେ ପ୍ରବଳ ଚାପ ପ୍ରୟୋଗ କରିଥିବାରୁ ସେ ଖଟ ଉପରେ ପଡ଼ିସାରିଲାଣି । ଖଟର ଫୋମ୍ ଗଦି ଉପରେ ସେ ଚିତ୍‌ମାତ୍ ହୋଇ ପଡ଼ିଛି । ବିବସ୍ତ୍ର ହେବାକୁ ଆଉରି ବାକି ଅଛି । ସେ ଆଉ ସଂଭାଳି ପାରି ନଥାନ୍ତା ।

ହଠାତ୍ କ'ଣ ହେଲା କେଜାଣି ଘନଶ୍ୟାମ ଅଞ୍ଜଳିର ଭୂତକୁ ନିଜ କାୟାରୁ ଉତାରି ହୁଂକାର ଛାଡ଼ିଲା । ତାର ଦୁର୍ବଳ ଅବଳା ଶରୀରରେ ଅସୁମାରି ପୌରୁଷ ଭରିଗଲା । ସେ

Digitized by srujanika@gmail.com

ଉତ୍‌ଫଣ ସାପ ପରି କ୍ରୋଧରେ ସୁରେନ୍ଦ୍ରକୁ ଚାହିଁଲା ଏବଂ ଆକ୍ରମଣ କଲା । ସୁରେନ୍ଦ୍ରର ବେକଣ୍ଠାକୁ ନିଜ ଡାହାଣ ହାତର କହୁଣୀରେ ଜାବୁଡ଼ି ଧରି ତାର ଶ୍ୱାସକ୍ରିୟାକୁ ବନ୍ଦ କରି ଦେବାକୁ ବସିଲା । ଅଞ୍ଜଳିର ଧୂଆଁଳିଆ ଛବି ଭିତରୁ ଆଉ କିଏ ଗୋଟାଏ ପୁରୁଷର ଆର୍ବିଭାବ ହୋଇଥିଲା ସେଠାରେ ଯାହା ଥିଲା ଘନଶ୍ୟାମର ଆଉ ଏକ ସ୍ୱରୂପ ।

ଘନଶ୍ୟାମର ଗୋଡ ଏବେ ସୁରେନ୍ଦ୍ରର ତୋଟି ଉପରେ । ସୁରେନ୍ଦ୍ରର ଗଳାରୁ ଶବ୍ଦ ଶୁଭାଯାଉ ନାହିଁ । ଘନଶ୍ୟାମ ହେଷ୍ଟାଳୁଛି । ଠିକ୍ ଏତିକି ବେଳେ ନାଟକ କମ୍ପାନୀର ମ୍ୟାନେଜର ଏବଂ ସଂଗୀତ ନିର୍ଦ୍ଦେଶକ ଦୌଡ଼ି ଆସି ଘନଶ୍ୟାମକୁ ନ ନିବର୍ତ୍ତାଇଥିଲେ ନାଟକର ଶେଷ ଅଙ୍କ ପୂର୍ବରୁ ସୁରେନ୍ଦ୍ରର ମୃତ୍ୟୁ ଘଟିଥାନ୍ତା । ଘନଶ୍ୟାମଠାରେ ଦୁର୍ଦ୍ଧର୍ଷ ପୁରୁଷର ବିଲକ୍ଷଣମାନ ଲକ୍ଷ୍ୟ କରି ତାକୁ କୌଣସିମତେ ଗ୍ରୀନ୍‌ରୁମ୍‌କୁ ଡାକିନେଇ ମ୍ୟାନେଜର ପଚାରିଲେ, 'ତୁମେ କ'ଣ ପାଗଳ ହୋଇଯାଇଛ ? ତୁମେ ଯାହା କଲ ବା କହିଲ ତାହା ତ ଏ ନାଟକରେ ଲେଖା ହୋଇନି । ଯାହା କରିବାକୁ ନିର୍ଦ୍ଦେଶକ କହିନାହାଁନ୍ତି ତାହା କରିବାକୁ ତୁମେ ସାହସ କଲ କିପରି ?' ଦର୍ଶକମାନେ ମ୍ୟାନେଜରଙ୍କୁ ସାମୟିକ ଭାବରେ ଆଉ ଜଣେ ଚରିତ୍ର ବୋଲି ଭାବୁଥିବା ସମୟରେ ମ୍ୟାନେଜରଙ୍କୁ ଭର୍ତ୍ସନା କରି ଘନଶ୍ୟାମ କହିଲା, 'ସୁରେନ୍ଦ୍ର ପାଇଁ ଯାହା ଆବଶ୍ୟକ ମୁଁ ତାହା ହିଁ କରିଛି । ସୁରେନ୍ଦ୍ରକୁ ମୋର ଅନ୍ତର୍ବାସରେ ହାତ ମାରିବା ପାଇଁ ନିର୍ଦ୍ଦେଶକ କହିଥିଲେ କି ? ସେଥିପାଇଁ ଯାହା ଠିକ୍ ଭାବିଲି ମୁଁ ତାହା ହିଁ କଲି । ମୋ ଜାଗାରେ ଯିଏ ଥିଲେ ସେ ଠିକ୍ ମୋରି ପରି କରିଥାନ୍ତା ।'ଏହା ଶୁଣି ଦର୍ଶକମାନେ ତାଳି ମାରିଲେ । ସେ ପୁଣି କହିଲା, 'ମନେ ରଖିବେ ମ୍ୟାନେଜର ବାବୁ, ମୁଁ ଜଣେ କଳାକାର ହୋଇଥିଲେ ବି ପ୍ରଥମେ ମୁଁ ଜଣେ ମଣିଷ । ମଣିଷପଣିଆ ଦେଖାଇବା ମୋର ଧର୍ମ । ପ୍ରକୃତ କଳାର ଜନ୍ମ ମଣିଷପଣିଆରୁ ।'

ତା'ପରେ ମ୍ୟାନେଜର ବାବୁ ଆଉ କିଛି ନକହି ଚୁପ୍‌ଚାପ୍ ଫେରିଯାଇଥିଲେ ।

* * * * * *

ତା'ପରଦିନ ସକାଳୁ ମ୍ୟାନେଜର ବାବୁ ଘନଶ୍ୟାମକୁ ତାଙ୍କ ପାଖକୁ ଡକାଇ ତା ହାତରେ ହଜାରେ ଟଙ୍କା ଧରାଇ ଦେଇ କହିଲେ, 'କାଲି ରାତିର ଘଟଣା ପରେ ମୁଁ ଭାବୁଛି ତୁମକୁ ରଖି ଆଉ ଆମେ ଚଳାଇ ପାରିବୁନି । ତୁମେ ଖୁବ୍ ବେଶି ବଡ଼ ଆର୍ଟିଷ୍ଟ ହୋଇଯାଇଛ । ସିନେମା ଫିନେମାରେ ଜାଗା ଖୋଜ । ତୁମ ଠିକଣା ଆମକୁ ଦେଇଯାଅ, ତୁମର ବାକି ପାଉଣା ଆମେ ଯଥାଶୀଘ୍ର ପଠାଇ ଦେବୁ । ତୁମକୁ ଆଜିଠାରୁ ଅବ୍ୟାହତି ଦିଆଗଲା ବୋଲି ଜାଣ ।'

ଏହା ଶୁଣିବାକୁ ପ୍ରସ୍ତୁତ ନଥିଲା ଘନଶ୍ୟାମ । ସେ ହଠାତ୍ ସ୍ତବ୍ଧ ହୋଇଗଲା । ସେ ଭାବୁଥିଲା ହୁଏତ ତାକୁ ତାଗିଦ୍ କରିଦିଆଯିବ, ଚେତାଇ ଦିଆଯିବ । ସେ ଭାବିପାରି ନଥିଲା ଯେ ତାକୁ ବାହାର କରି ଦିଆଯିବ । ସେ କ'ଣ ଉତ୍ତର ଦେବ ଭାବୁ ଭାବୁ

Digitized by srujanika@gmail.com

ମ୍ୟାନେଜର ବାବୁ ପୁଣି କହିଲେ, 'ମାନୁଛି ଯେ ତୁମ ଯୋଗୁଁ ଆମ କମ୍ପାନୀର ସୁନାମ ବଢ଼ିଛି, ସେଥିପାଇଁ ଆମେ କୃତଜ୍ଞ, ମାତ୍ର ଏବେ ଆଉ ତୁମର ଆବଶ୍ୟକତା ନାହିଁ, ତୁମେ ଏଥରକ ଆସିପାର । ନିଜେ ନିଜର ଅନ୍ୟ ବ୍ୟବସ୍ଥା କର ।'

ଘନଶ୍ୟାମ ତଥାପି ବୁଝିପାରି ନଥିଲା ଯେ ତାକୁ ଏପରି ବିନା କାରଣରେ ବାହାର କରିଦବାର ଉଦ୍ଦେଶ୍ୟ କ'ଣ । ସେ କହିଲା, 'ମୁଁ ଚାଲିଯିବି ଯେ ମତେ କହି ଦିଅନ୍ତୁ ମୋର ଭୁଲ୍ କ'ଣ ?' ମ୍ୟାନେଜର ବାବୁ ଠିକ୍‌ରେ ଉତ୍ତର ଦେବାକୁ ନିର୍ଦ୍ଦିଷ୍ଟ ଶବ୍ଦମାନ ଖୋଜୁଥିଲେ, ଏଥରକ ଗଳାରେ ନାଟକୀୟତା ଭରି ମଞ୍ଚ ଉପରେ ଅଭିନୟ କଲା ପରି ଘନଶ୍ୟାମ ଅଞ୍ଜଳି ସ୍ୱରରେ ଅନୁନୟ କଲା ପରି ପଚାରିଲା - 'ମତେ ସ୍ପଷ୍ଟ କରି କହି ଦିଅନ୍ତୁ ମୋର ଅପରାଧ... ମୁଁ ଯିବି... ଚାଲିଯିବି ।'

'ଭୁଲ୍ ଠିକ୍ ବିଚାର କରିବାର ସମୟ ଗଡ଼ିଯାଇଛି । ଏବେ ସମୟ ବଦଳି ଯାଇଛି । ତୁମେ ତ ଜାଣିଛ ଅନ୍ୟ ସବୁ ନାଟକ କମ୍ପାନୀରେ ଗଣ୍ଡା ଗଣ୍ଡା ଫିମେଲ୍ ଆର୍ଟିଷ୍ଟ ନାଁ କମେଇଲେଣି । ସେମାନଙ୍କୁ ଦେଖିବାକୁ ବେଶି ଗହଳି ହେଉଛି । ଦର୍ଶକମାନେ ଅସଲ ଯୁବତୀମାନଙ୍କୁ ଦେଖିବେ ନା ତୁମକୁ ଦେଖିବାକୁ ପସନ୍ଦ କରିବେ ? ଏବେ ବହୁତ ଝିଅ ଆସି ମତେ ଆମ କମ୍ପାନୀରେ କାମ କରିବେ ବୋଲି କହୁଛନ୍ତି । କମ୍ ପଇସାରେ କାମ କରିବାକୁ ରାଜି । କେତେଜଣ ତ ମାଗଣାରେ ଯାଚି ହଉଛନ୍ତି । ଏପରିକି ମୋର ଶାଳୀ ନୀଳିମା ବି ଅଭିନୟ କରିବ ବୋଲି ଲଗାଇଛି । ତାକୁ କାମ ଦବା ମୋର କର୍ତ୍ତବ୍ୟ । ସେ ଏବେ ବି.ଏ ଫେଲ୍ ହୋଇ ଘରେ ବସିଛି । ତାକୁ ନାଟକରେ ପୂରାଇ ମୁଁ ତା'ର ଭବିଷ୍ୟତ ଗଢ଼ିବାକୁ ଚାହୁଁଛି ।'

'ଆପଣଙ୍କ ସ୍ତ୍ରୀ, ଶାଳୀ... ଏସବୁ ଥିବାର ତ କେହି ଜାଣି ନାହାନ୍ତି । ନୀଳିମା କୋଉଠୁ ଆସିଲା... ?' ବଡ଼ ବଡ଼ ଆଖିରେ ଆଶ୍ଚର୍ଯ୍ୟ ହୋଇ ଚାହିଁଲା ପରେ ସେ ଜାଗା ଛାଡି ଘନଶ୍ୟାମ ଚାଲି ଯାଇଥିଲା ।

* * * * * *

'ତେଣୁ ମୁଁ ଘନଶ୍ୟାମ ଏଠି ବସ୍‌ରେ ଆପଣଙ୍କ ପାଖରେ ସହଯାତ୍ରୀ । ମୁଁ ହିଁ ଶ୍ୟାମଳୀ ଓରଫ୍ ଅଞ୍ଜଳି ।'

ମୁଁ ଦେଖିଲି ଭଲ କରି ସୁସ୍ଥସବଳ ଯୁବକ ଘନଶ୍ୟାମକୁ । ତା'ର ସାବନା ଚିକ୍‌କଣ ଗାଲରେ ଡିମ୍ପଲ ବି ଅଛି । ସେ ଆବଶ୍ୟକ ପଡ଼ିଲେ ନିଜକୁ ବାଳିକା ବନାଇ ଦେଇପାରେ । ତାଠାରେ ପୌରୁଷର ମାତ୍ରା ସାଧାରଣଠାରୁ କମ୍ । ଅଳ୍ପ ମଫସଲିଆ ମଧ୍ୟ । ତା କଣ୍ଠ ଏକ ଅନିର୍ଦ୍ଦିଷ୍ଟ କର୍କଶତା ଆଡକୁ ଅବନତ । ସେ ଏକ ଗାଢ଼ ରଙ୍ଗର ଶାର୍ଟ ପିନ୍ଧିଛି । ସ୍ମାର୍ଟ ହେବାକୁ ଚେଷ୍ଟା କରିଛ । ମୁଁ ତାର ମୁହଁକୁ ଚାହିଁ ଦେଖିଲି ତାଠାରେ ଅପମାନର ଦାଗ ସ୍ପଷ୍ଟ । ସେ ଲାଞ୍ଛିତ ହୋଇଛି । କେହି ତାର ଗୁଣ ଓ କଳାକୃତି ଉପରେ ଗୁରୁତ୍ୱ ଦେଇନାହାଁନ୍ତି,

Digitized by srujanika@gmail.com

ସେଇ ତାର ଦୁଃଖ। କେହି ତାର ସମ୍ମାନ କରି ଜାଣନ୍ତି ନାହିଁ । ଏପରିକି ଏ ବସ୍‌ରେ କଣ୍ଡକ୍ଟର ମଧ୍ୟ ତାକୁ ସହରି ଶିକ୍ଷିତ ପରି ମନେ କରୁନାହିଁ । ପାଞ୍ଚ ଯାଗାରେ ସାତ ମାଗୁଛି । 'ତମେ କୁଆଡେ ଯିବ' ବୋଲି ପଚାରୁଛି । 'ଆପଣ' କହିପାରୁନି ଅଭଦ୍ରଟା ।

ପଇସା ଦେବା ପାଇଁ ଘନଶ୍ୟାମ ଗୋଟେ ପର୍ସ କାଢିଲା ତା ପ୍ୟାଣ୍ଟର ପଛ ପକେଟରୁ । ଗୋଲାପି ରଙ୍ଗର ତିନି ଭାଙ୍ଗିଥିବା ନାଇଲନ୍ ପର୍ସରେ ଅନେକ ପକେଟ୍ । ଖୋଲିବା ମାତ୍ରେ ପ୍ରଥମେ ଦିଶିବ ଗୋଟିଏ ବାଳିକା ପିଲାର ଫଟୋ । ତା ପଛକୁ ଫରୁଆ ଭିତରେ ଫରୁଆ ପରି କେତେଗୁଡାଏ ଛୋଟ ବଡ଼ ଥାକଥାକ ପକେଟ୍ ସଜାଡ଼ି ହୋଇ ରହିଛି । ସେଇଟା ସିଏ କୁଆଡେ ବମ୍ବେରୁ ମଗେଇ ଥିଲା ।

ପର୍ସଟାକୁ ଖୋଲି ସବୁ ପକେଟ୍‌ମାନଙ୍କୁ ଦେଖି ତହିଁରୁ ଆବଶ୍ୟକ ମୁତାବକ ଏକ୍‌ଜାକ୍‌ଟ୍ ଚେଞ୍ଜ କାଢିବା ବେଳେ ମୁଁ ସବୁ ଦେଖିନେଲି । କେଉଁଥିରେ ଶହେ ଟଙ୍କିଆ ତ ଆଉ କେଉଁଥିରେ ପାଞ୍ଚଶ ଟଙ୍କିଆ ନୋଟ୍ ଭାଙ୍ଗିଭୁଙ୍ଗି ରଖାଯାଇଛି । ସେ ପାଖକୁ ଦଶଟଙ୍କିଆ ଓ ପଚାଶ ଟଙ୍କିଆ ବି ଅଛି ଏବଂ ଅନ୍ୟ କଡ଼କୁ କିଛି ରେଜା ପଇସା । ତା'ପାଖରେ ଏତେ ଥିବ ବୋଲି ମୁଁ ଭାବିନଥିଲି । ଗଲା ବର୍ଷ ହୁଏତ ସିଏ ପନ୍ଦର ହଜାର ରୋଜଗାର କରିଥିବ । ଏସବୁ ସତ୍ତ୍ୱେ ମତେ ଟଙ୍କାଠାରୁ ଅଧିକ ସ୍ୱଷ୍ଟ ଦେଖାଯାଉଥିଲା ସେହି ବାଳିକାର ଫଟୋ ଯାହା ସିଏ ଏତେ ଯତ୍ନରେ ସାଇତି ରଖିଥିଲା ।

ସେ ଏଇ ହିସାବରେ ମୋ ସହିତ ସମାନ ଯେ ମୋ ମନିପର୍ସରେ ବି ମୋ ପ୍ରେମିକାର ଫଟୋ । ତଫାତ୍ ଏତିକି ଯେ ମୋର କଲର, ତାର କଳାଧଳା । ତା ପର୍ସରେ ଥିବା ଯୁବତୀର ଫଟୋ ପାସପୋର୍ଟ ସାଇଜ୍‌ର ଯାହା ପ୍ରେମିକର ଅନୁରୋଧକ୍ରମେ ଅଳ୍ପଦିନ ତଳେ କୌଣସି ଏକ ଗାଁ ପାଖ ଷ୍ଟୁଡିଓରେ ରାତିରେ ଉଠାଯାଇଚି । ମୁଁ ତାର ଫଟୋଟାକୁ ମୋ ଆଖି କୋଣରୁ ନ ଜାଣିଲା ପରି ଦେଖିଲାବେଳେ ମତେ ଦିଶିଗଲା ସୁନ୍ଦର କାହାଣୀର କରୁଣ ପରିଣାମ ।

ଥରେ ଏମିତିକା ଗୋଟେ ପର୍ସରେ ତାର ପ୍ରେମିକାର ଫଟୋ ନେଇ ଜଣେ କେହି ଯୁବକ ବସ୍‌ରେ ଚଢିବା ବେଳେ ତାର ପକେଟ୍‌ମାର ହେବାରୁ ଯୁବକ ଅତି ନିରାଶ ହୋଇ କହିଲା, 'ପଇସା ଗଲା, ହେଲେ ସେଥିରେ ମୋ ମଧୁଛନ୍ଦାର ଫଟୋଟି ଯେ ଥିଲା ସେଇଟାକୁ ନେଇ ସେ କ'ଣ କରିବ ? ସେଇଟା ଯଦି ଏଠାରେ କିଏ ନେଇଛି ଫେରାଇ ଦିଅ, ମୁଁ ପଇସା ମାଗୁନି ।' ବସ୍‌ରୁ ତରତର ହୋଇ ଓହ୍ଲାଇ ପଡ଼ିଲାବେଳକୁ ଦେଖିଲା ପାଦ ପାଖରେ ପଡ଼ିଛି କାଳି ପର୍ସଟା । ଟଙ୍କାତକ ଛାଣି ନେଇ ସେଇଟାକୁ କିଏ ଫିଙ୍ଗି ଦେଇ ଯାଇଛି । ଉଠେଇ ରଖିଲା ଖୁସିରେ ଖାଲି ପର୍ସଟାକୁ ବି, କାରଣ ସେଥିରେ ଫଟୋଟା ରହିଯାଇଥିଲା । ଯା' ହଉ ।

ତେଣୁ ମୁଁ ଏଠାରେ ଘନଶ୍ୟାମକୁ ଖୁବ୍ ଆଗ୍ରହରେ ଲକ୍ଷ୍ୟ କଲି । ସେ ଅଳ୍ପ ଅଳ୍ପ

Digitized by srujanika@gmail.com

ହସୁଥିଲା, ଦାନ୍ତ ଚିପି ଚିପି ଗୋଟେ ଅଦ୍ଭୁତ ନାଟକୀୟତାର ସହିତ । ମୁଁ ତାର ହସର ମର୍ମକୁ ବୁଝିପାରୁନଥିବାରୁ ସେ ବିସ୍ମିତ ହେଉଥିଲା ।

ତା ପର୍ସରେ ଥିବା ଫଟୋଟି ଏହିପରି ପ୍ଲାଷ୍ଟିକ୍ ଜରି ତଳେ ଚାପି ହୋଇ ରହିଛି । କଳାଧଳାର ପାସ୍‌ପୋର୍ଟ ସାଇଜର । ଏପରି ଷ୍ଟୁଡିଓରେ ଉଠାଯାଇଛି ଯାହାର ବ୍ୟାକ୍‌ଗ୍ରାଉଣ୍ଡରେ କଳା ପରଦା ଝୁଲୁଥାଏ । ଆଖି ଦୁଇଟି ସିଧା କ୍ୟାମେରାକୁ ଚାହିଁଛି । ତାର ତ ବାଳ କାନ୍ଧ ଉପରକୁ କଟାଯାଇଛି, ବୋଧହୁଏ ବିୟୁଟି ପାର୍ଲରରେ । ଆଖିରେ କଜଳ, ଗାଲରେ ଚିକ୍କଣ ପାଉଡର । ଓଠ ବି ଧଳା ହୋଇଯାଇଛି ଅଧିକ ଆଲୋକ ହେତୁ । ଖୁବ୍ ଚିତ୍କାର କରିପାରିବାପରି ସମ୍ଭାବନାରେ ଭରା ମୁହଁ । ସେ ସେହି ଫଟୋକୁ ଏପରି ଭଙ୍ଗୀରେ ଧରି ନିଜେ ଦେଖିଲା ଯାହାକୁ ମୁଁ ତାଠାରୁ ଅଧିକ ଭଲରେ ଦେଖିପାରିବି । ସେ ମତେ ସେହି ଫଟୋଟିକୁ ଭଲ କରି ଦେଖାଉଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନି । ଏଥରକ ସେ ପର୍ସଟିକୁ ବନ୍ଦ କରି ପୁଣି ବ୍ୟାକ୍ ପକେଟ୍‌ରେ ସାବଧାନ୍‌ତାର ସହିତ ପୁରାଇଲା ।

ବସ୍ ସେତେବେଳେ କୌଣସି ଏକ ବ୍ରିଜ୍ ଉପରେ ଯାଉଥିବାର ଦେଖି ମତେ ପଚାରିଲା, 'ଏଇଟା କେଉଁ ନଦୀ ?' ମୁଁ ଚୁପ୍ ରହିଲି, ତେଣୁ ସେ ପୁଣି ନାଟକୀୟ ଶୈଳୀରେ ପଚାରିଲା- 'ଏ ନଦୀର ନାମ କ'ଣ ?' ମୁଁ ଭାବୁଥିଲି ଏପରି ପ୍ରଶ୍ନ କେବଳ ନାଟକରେ ପଚରାଯାଏ । ଏଠାରେ ତା'ର ଉତ୍ତର ଦେବା କିଛି ଦରକାର ନାହିଁ । ସେ ଖୁବ୍ ଜମେଇ କରି କଥା କହିଜାଣେ । ଡ୍ରାମାବାଜି କରିପାରେ । ଦର୍ଶକ ବା ଶ୍ରୋତା ଥିଲେ ତାକୁ ନିଶ୍ଚୟ ବାଃ ବାଃ କରନ୍ତେ । ସେ କଥା କହିବାକୁ ଆରମ୍ଭ କଲେ ଭାଷା ସଜୀବ ହୋଇ ଉଠୁଛି । ତା କଥା ଯିଏ ଶୁଣିବ ସିଏ ପସନ୍ଦ କରିବ । ସେ ଏଥରକ ମୋ ଆଡକୁ ଆଉଜି ବସିଲା । ତା କାନ୍ଧଟା ଉପରେ ତା ଝାଳ ଗନ୍ଧ ମୋ ନାକରେ ବାଜିଲା । ମୁଁ ଅଳ୍ପ ଘୁଞ୍ଚିଗଲି ।

'ବାଲେଶ୍ୱର କେତେଟାରେ ପହଞ୍ଚିବ ଯେ ?'

'ମୁଁ ଜାଣିବା ପରି କହିଲି 'ପାଞ୍ଚ ଘଣ୍ଟା ଉପରେ ।'

'କ'ଣ ପାଞ୍ଚଟାରେ ?'

ସେ ପୁଣି ବାହାରକୁ ଚାହିଁ ମତ ଦେଲା 'ନଦୀରେ ପାଣି ନାହିଁ ।'

ଏବେ ମୋର ତାକୁ ଜାଣିବାର ଆଗ୍ରହ ବଢିବାରୁ ମୁଁ ତାକୁ ପଚାରିଲି- 'କୋଉଠୁ ଆସିଲ ବନ୍ଧୁ ?'

'ବୁଗୁଡାରୁ ।'

'କୁଆଡକୁ ଯାଉଛ ?'

'ବାଲେଶ୍ୱର ।'

'ସେଠି କିଏ ଅଛି ?'

Digitized by srujanika@gmail.com

'ମୋ ମଉସା...'

'ଘରେ ଗାଁରେ ଆଉ କିଏ ସବୁ ଅଛନ୍ତି ?'

'ବାପା, ମା, ଭାଇ, ଭଉଣୀ ।'

'ପଢୁଛ ?'

'ନାଁ ଛାଡ଼ିଦେଲି ଅଷ୍ଟମରେ ମୋ ଦେଇ ଇଂରାଜୀ ହେଲାନି ବୋଲି ।'

'ଏବେ ପୁଣି କ'ଣ କରୁଛ ?'

'କିଛି ନାହିଁ ।'

'କିଛିତ କରିବା କଥା, ତୁମପରି ଯୁବକର ।'

'କରୁଥିଲି, ହେଲେ ଯୁବକ ପିଲା ଯାହା ନ କରନ୍ତି ତାହା ।'

'କ'ଣ ?'

'ଯାତ୍ରାରେ ରୋଲ୍ କରୁଥିଲି । ନାଟକ କମ୍ପାନୀରେ ।'

'ହଁ, ଏବେ ଜାଣିଗଲି ତୁମେ କ'ଣ କର । ତୁମେ କେଉଁ ରୋଲ୍ କର ?'

'ଫିମେଲ ରୋଲ ମତେ ଖୁବ୍ ଭଲ ଲାଗେ । ଆଧୁନିକା ମହିଳା ହେବାକୁ ମୁଁ ବେଶି ପସନ୍ଦ କରେ । ସାଧାରଣ ସମସାମୟିକ ମଧ୍ୟବିତ୍ତ ମହିଳାର ଦୈନନ୍ଦିନ କାହାଣୀରେ ମୁଁ ଖୁବ୍ ଜୀବନ୍ତ ଅଭିନୟ କରିପାରେ । କରୁଣ ରସ ମୋର ପ୍ରିୟ ।'

ତା ଆଖିରେ ଲୁହ ଭରିଗଲା । ସେ ହାତ ଉଠାଇ ନିରାଶ ହୋଇ ମୋ ଆଡକୁ ଚାହିଁଲା ।

ସେ ହଠାତ୍ ନିଷ୍ପେଷିତା ଦିଶିଲା । ଦଳିତା, ନିର୍ଯ୍ୟାତିତା ଏବଂ ଉତ୍ପୀଡିତା । ତା'ଉପରେ ହୁଏତ ବଳାତ୍କାର ହୋଇସାରିଛି, ସତ୍ୟ ଗଣବଳାତ୍କାର । ସେ ହଠାତ୍ ନିଜର ଦୁଃଖର ଅଭିନୟକୁ ହାସ୍ୟରସରେ ବଦଳାଇ ମତେ ଚକୋଲେଟ୍ ଯାଚିବା ଭଙ୍ଗୀରେ ପଚାରିଲା, 'ଆପଣ କେବେ ଅପେରା ଦେଖିଛନ୍ତି ?'

'ନା ଏବେ ନୁହେଁ, ଅନେକ ବର୍ଷ ତଳେ ମୁଁ ଯେତେବେଳେ ଛୋଟପିଲା ଥିଲି, ସେତେବେଳେ ଘରୁ ଲୁଚି କରି ଯାଇ ଥରେ ଦେଖିଥିଲି ଯେ, ବାପାଙ୍କ ହାତରେ ଧରା ପଡ଼ିଥିଲି । ସେ ଏକ ଅଭୁଲା କାହାଣୀ । ଗୋଟେ ଲୋକ ପଇସା ପାଇଁ ନିଜ ସ୍ତ୍ରୀକୁ ବିକି ଦଉଥିଲା ସେଥିରେ... ଆଚ୍ଛା, ତମେ କିମିତି ଜାଣିଲ ତୁମର ଏପ୍ରକାର ଗୁଣ ଅଛି ବୋଲି ?' ମୁଁ ପଚାରିଲି ।

'ମୁଁ ଜାଣି ନଥିଲି, ଆମ ଗାଁର ରଘୁଭାଇ, ସେଇ ସବୁ ଜାଣନ୍ତି । ସେ ମତେ ସାହାଯ୍ୟ କରିଥିଲେ, ସବୁ ଶିଖାଇ ଥିଲେ । ଏବେ ମରିଗଲେଣି । ସେଇ ମତେ ଶିଖାଇ ଥିଲେ ଡ୍ରାମାରେ କେମିତି ଡାଇଲଗ୍ କହିବାକୁ ହୁଏ । ସେ ସେପୁରରେ ଥିଲେ ବି ତାଙ୍କ କଥା ମୋ କାନରେ ବାଜି ଯାଉଛି.... ।'

Digitized by srujanika@gmail.com

'ମରିଗଲେ କେମିତି ?'

'ହଠାତ୍ ଦିନେ... ତୁମେ କାହିଁ ଛାଡିଗଲ ରଘୁଭାଇ... ତୁମ ବିନା ଏ ଆମ୍ବ ଗଛର ଛାଇ... ହାଏ ଏ କୋଇଲିର ତାନ... ବକୁଳ ବିତାନ, ରାସ୍ତାଘାଟ ଖାଁ ଖାଁ ଶୂନ୍‌ଶାନ, ଆକାଶ ବତାଶ ସବୁ ଲାଗେ ନିରସ ବିରସ... ତୁମର ସେ ଖୋଲାମନ... ।'

ସେ ଏକ ଆଶୁ କବିପରି ଗାଇଗଲା । ଗାଉ ଗାଉ ଦୁଇଧାର ଲୁହ ତା ଗାଲରୁ ଗଡ଼ିଆସି ତା ପ୍ୟାଣ୍ଟରେ ପଡ଼ିଲା । ସେ ରୁମାଲ୍ କାଢି ପୋଛିଲା ବେଳେ ପଛସିଟ୍‌ର ଲୋକମାନେ ଛିଡା ହୋଇ ଚାହିଁଥିଲେ । ଦି'ଟା କଲେଜ ପିଲା ତାଳି ମାରିବାକୁ ଆରମ୍ଭ କରିଥିଲେ । ବାଃ ବାଃ, ମୁଁ ହଠାତ୍ ଆବିଷ୍କାର କଲି ଯେ ପୁରୁଷ କଣ୍ଠରେ ନୁହେଁ ନାରୀ କଣ୍ଠରେ ଏତେ ଦୀର୍ଘ କବିତା ପରି ବକ୍ତବ୍ୟ କହିଦେଇଥିଲା ଘନଶ୍ୟାମ ।

'ତେବେ ତୁମେ ସେ ନାଟକ କମ୍ପାନୀ ଛାଡ଼ିଲ କାହିଁକି ?'

'ଛାଡ଼ିବାକୁ ପଡ଼ିଲା, ବାଧ ହେଲି ।'

'କ'ଣ ହେଲା ଯେ ଏମିତି.... ?'

'ନା ସେମିତି କିଛି ନୁହେଁ... ଝିଅ ପିଲାମାନେ ଆଗେଇ ଆସିଲେଣି ଫିମେଲ ରୋଲ୍ କରିବା ପାଇଁ । ଆଉ ଆମକୁ ପଚାରେ କିଏ ? ହେଲେ ଆପଣ କହିଲେ, ଲେଡିଜମାନେ ଲେଡିଜ୍ ପାର୍ଟ କଲେ ସେଥିରେ କି ବାହାଦୂରୀଟା ଅଛି ? ଗୋଟେ ଚୋରକୁ ଚୋର ରୋଲ୍ ବା ପୁଲିସ୍‌କୁ ପୁଲିସ୍ ରୋଲ୍ ଦେଲେ ସେମାନେ କି ଆଶ୍ଚର୍ଯ୍ୟଟା ଦେଖାଇ ପାରିବେ ? ଡାକ୍ତରକୁ କହିବେ, ତୁ ଡାକ୍ତର ହ । ସେଥିରେ କ'ଣ କଷ୍ଟ ଅଛି ? ଏଇ ଦେଖନ୍ତୁ, ସିନେମାରେ ପ୍ରକୃତ ସ୍ୱାମୀ-ସ୍ତ୍ରୀ ଯଦି ସେଇ ସ୍ୱାମୀ ସ୍ତ୍ରୀ ଭୂମିକାରେ ବାହାରିବେ ତାଙ୍କର ରୋମାନ୍ସ ଦେଖିବାକୁ କାହାକୁ ଭଲ ଲାଗିବ ? ଆଦୌ ନୁହେଁ । ସେକ୍‌ସପିଅରଙ୍କର ପୋର୍ସିଆ କଥା ଚିନ୍ତା କଲେ। ପୁଅ ପିଲାଟା ଝିଅ ରୋଲ୍‌ରେ ପୋର୍ସିଆ ହୋଇଥିଲା, କିନ୍ତୁ ଯେତେବେଳେ ସିଏ ନାଟକର ମୋଡ ଅନୁସାରେ ପୁଅପିଲାର ଛଦ୍ମବେଶରେ ବାହାରିଥିବ, ସେତେବେଳେ କେତେ ବଡ଼ ପରୀକ୍ଷାର ସମ୍ମୁଖୀନ ହୋଇଥିବ ! ପୋର୍ସିଆ ପୁଅ ପିଲା ଆକ୍ଟରର ବାହାଦୂରୀ କଥା ଭାବିଲେ ଦେଖି । ତାକୁଇ କହନ୍ତି ଅସଲ କଳାକାର ଯିଏ ବଡ଼ ବଡ଼ ଚାଲେଞ୍ଜକୁ ଫେସ୍ କରିପାରେ । ଏଇ ହେଉଛି ଅସଲ ନିଖୁଣ କଳାକାରର କାହାଣୀ । ମୋ କାହାଣୀ ।

ମୁଁ ତା କଥା ବୁଝିବାକୁ ଚେଷ୍ଟା କରୁ କରୁ ପଚାରିଲି -

'ଏବେ କ'ଣ କରିବାକୁ ଭାବିଛ ?'

'କିଛି ଭାବିନି, ବାଲେଶ୍ୱରରେ ପହଞ୍ଚି ମଉସାଙ୍କ ସାଙ୍ଗରେ କଥା ହେଲା ପରେ ଯାହା ଠିକ୍ କରିବି । ମତେ ଭାରି ଭଲ ପା'ନ୍ତି । ତାଙ୍କର କଲିକତାରେ ଗୋଟେ ଜାଗାରେ ଜାନ୍‌ପହଚାନ୍ ଅଛି । ଭାବୁଛି ସେଠାକୁ ଚାଲିଯିବି । ଭବିଷ୍ୟତ ଗଢିବି । ଦୋକାନଟିଏ

Digitized by srujanika@gmail.com

ଖୋଲିବି.. ନ ହେଲେ ଆଉ କିଛି ।'

'ଆଉ ତମର ସେ ଝିଅ ସାଙ୍ଗ କଥା ଯେଉଁ ଝିଅର ଫଟୋ ରଖିଛ ପର୍ସରେ । ତା କଥା କ'ଣ ? ତା ବାପା ମା କଣ ତମ ପ୍ରପୋଜାଲରେ ରାଜି ? ସେ କ'ଣ ତମ ପରି ସାହସୀ ?' ସେ ହଠାତ୍ ମୁରୁକି ମୁରିକି ହସିଲା ଏବଂ ପଛପଟ ପକେଟରୁ ମନିପର୍ସଟା କାଢ଼ିଲା । ବହିଟିଏ ପରି ଖୋଲିଲା ଏବଂ ଫଟୋଟିକୁ ଚାହିଁଲା । ଲାମିନେଟେଡ୍ ହୋଇଥିବା ଫଟୋର ମୁହଁରେ ଆଙ୍ଗୁଠି ଲଗାଇ କହିଥିଲା,

'ଯା'ରି କଥା ପଚାରୁଛନ୍ତି ତ ?'

'ହଁ, ତା'ରି କଥା, ସେ କ'ଣ ତୁମର ସବୁ ପ୍ଲାନରେ ରାଜି ?'

'ଯା'କୁ ଚିହ୍ନି ପାରିଲେନି ଆପଣ ? ଯେ ପରା ମୁଁ ନିଜେ ।'

ସେତେବେଳେ ବସ୍‌ଟା ବ୍ରିଜ୍ ପାର ହୋଇ ସାରିଲାଣି । ମତେ ଏବେ ଓହ୍ଲାଇ ଯିବାକୁ ପଡ଼ିବ ।

❑❑❑

Digitized by srujanika@gmail.com

# ପ୍ରତ୍ୟକ୍ଷ

କଟକରୁ ଭୁବନେଶ୍ୱର । ମଝିରେ ପଥର ରାସ୍ତା ଲମ୍ୱି ଯାଇଛି ବୟସ ପରି । ସେ ବି ମୋ ପରି ଯାଉଛି । ତା'ର ନର୍ତ୍ତକୀର ଦେହରେ ଅଧିକ ଶରୀର । ଶରୀର ଉପରେ ବୟସଠାରୁ ଯୌବନ ଅଧିକ । ତା ଚମଡା ଉପରେ ଭଳିକି ଭଳି ଚିତ୍ର ଖଞ୍ଜାଯାଇଛି । ତା ପାଖରେ ଏତେ ଚମକ । ଖାଲି ଆଖିରେ ଯଦି ପାରୁଚ ଦେଖ । ତା ଅଙ୍ଗର ସୀମା ଖୋଜନି, ତା'ର ଲାସ୍ୟ ଦେଖ । ତା ଶାଢୀ ଦେଖନା, ସବୁଜିମା ଦେଖ । ଦେଖ ତା'ର ଚିତ୍ର ପ୍ରତିମା ଚରିତ୍ରକୁ । ତା' ନାଁ ଦେଲି ଚିତ୍ରା । ପ୍ରତିଫଳନକୁ ଦବେଇ ଦେଇ ସେ ମୋର ଆଖିରେ ବସିଯାଏ । ଶବ୍ଦରେ ଧରା ନ ଦେଇ ବାକ୍ୟରେ ଗୁଡେଇ ହୋଇଯାଏ । ଅନେକ ଅନର୍ଥ ଉପୁଜାଏ । କେବଳ କାଗଜ ଆଙ୍କିହେବା ପରି କୋମଳାଙ୍ଗୀ, ସେ ପାଖକୁ ମୁହଁକରି ବସିଛି । ପୁଣି ବେଳେ ବେଳେ ମତେ ଦେଖୁଛି । ମୁଁ ତାକୁ ଦେଖିଲେ ସରମିଯାଏ । ଆତ ଗଛଟେ ପରି ନୀରବ ହୋଇଯାଏ । ତା ଆଖି ବନ୍ଦ ହୋଇଯାଏ । ଦୃଷ୍ଟିରେ ଦୃଷ୍ଟି ଧକ୍କା ହେଲେ ଦୋଷ ନାହିଁ । ପବନ ତା ଦିଗରୁ ବହିଆସି ମୋ'ଠି ବାଜିଲେ ମୋର ଦୋଷ ନାହିଁ । ମୁଁ ତାକୁ ଦେଖିବା ଆଗରୁ ସୁନ୍ଦରୀ ବୋଲି ଭାବିନେଇଥାଏ ।

ଗୋଟେ ହଳଦୀବସନ୍ତ ତା ଶାଢୀକାନିରେ ବସିଛି । ଶାଢୀର ରଙ୍ଗ ଏତେ ଘନନୀଳ ହେବାର କେହି ଦେଖି ନଥିବେ । ମୁଁ ବି ଦେଖିନି । ତା ପାଦର ଝୁମୁକା, ଅଣ୍ଟାର ପାଟ, ଛାତିର ସାବ୍‌ଜା ଲହରୀ ଏବଂ ମୁହଁର ସ୍ମିତ ହସ ଦେଖି ଯେ କେହି ଆହତ ହେବା ଅସ୍ୱାଭାବିକ ନୁହେଁ । ମୁଁ ବିପରୀତ ଦିଗର ଝର୍କା ବାହାରକୁ ଚାହିଁଥିଲେ ବି ମତେ ଦିଶିଗଲା ତା କଜଳ ଆଖିର ତୀର୍ଯ୍ୟକ ଦୃଷ୍ଟି, ନାକର ତୀକ୍ଷ୍ଣ ଅଚାନକ ରେଖା ଓ ମନ ଭିତରେ ଖିଲିଖିଲି ହସ । ଏ ସବୁକୁ ମୁଁ କେବଳ ବିଶୁଦ୍ଧ କଳ୍ପନାରେ ଦେଖୁଥିଲି ଅନ୍ୟାନ୍ୟ ଦର୍ଶକଙ୍କ ପରି । ଗହିଳ ଭିତରେ ଅନ୍ୟ କାହାର ଦି'ଟା ଆଖି ଉଧାର ନେଇଥିଲି । ସେଇ ଉଧାରର ଆଖିରେ ଚିତ୍ରାକୁ ଦୃଶ୍ୟକରି ଦେଖୁଥିଲି । କେବଳ ଆଖିରେ ଦେଖିବାପରି ଦୃଶ୍ୟ ସେ ନୁହେଁ । ଦୁଇ ହାତ ଲଗାଇ ଝାଙ୍କି ହଲାଇ ପାରିବା ପରି ଦୃଶ୍ୟ । ଆଙ୍ଗୁଠିରେ କେଞ୍ଚି କୁତ୍ କୁତ୍ କରିପାରିବା ପରି ଦୃଶ୍ୟ । ଆଖି ଆଗରୁ ସବୁ ପରଦା ହଟାଇବାର ଦୃଶ୍ୟ । ଅନ୍ଧ ପୁତୁଳି ଖୋଲିବା ପରର ମେଞ୍ଚା ମେଞ୍ଚା ଆଲୋକିତ ଦୃଶ୍ୟ ।

ଚିତ୍ରା ମୁହଁର ପରଦାରେ ନାନା ପ୍ରକାର ଦୃଶ୍ୟ ହାଉଯାଉ । ମୁଁ ତାକୁ ଟି.ଭି. ଦେଖିବା ପରି ଦେଖିଲି । ତାର ମନ ଖରାପ ଥିଲା, ଯେପରି ଭୋଲଟେଜ୍ ଲୋ । କିଏ ଜଣେ ତାକୁ

Digitized by srujanika@gmail.com

ଖରିଦ୍ କରି ନେଇଥିଲା ଯେପରି । ମୋ ପାଖରେ ଅନ୍ୟ ଉପାୟ ନଥିଲା । ତେଣୁ ମୁଁ ତାକୁ ସତ କଥା କହିବା ପରି କେବଳ ଇଚ୍ଛାନୁକ୍ରମେ ମୋ ଆଡକୁ ଟାଣି ଆଣିବା ପାଇଁ ପଚାରିଲି, "କ'ଣ ଭାବୁଛନ୍ତି ?"

"ଭାବୁନି, ଦେଖୁଛି ।" ସେ କହିଲା ।

"କ'ଣ ?"

"ଆପଣଙ୍କୁ ।"

"ମୁଁ ତ ଏତେ ନିକଟରେ । ମତେ ଦେଖିବା କ'ଣ ଦରକାର ! ମତେ ଛୁଇଁ ନିଅନ୍ତୁ, ହାତରେ, ଟିପରେ । ଛୁଇଁବା ଜିନିଷକୁ ଦେଖାଯାଏନି । ଦୂର ଜିନିଷକୁ ଦେଖିବା ପାଇଁ ଆଖି ଦିଆଯାଇଛି । ଆଖିର ଦୃଷ୍ଟି ଭିତରେ ଅନେକ ତ୍ରୁଟିର ସଂଭାବନା । ତାହା ପ୍ରତ୍ୟେକ ଆଖିଥିବା ଲୋକ ଜାଣେ ।"

ମାତ୍ର ତାକୁ ଯିଏ ନ ଦେଖିଛି ସେ ସେକଥା କାହିଁକି ବୁଝିବ ? ମୁଁ ଭାବେ ଇନ୍ଦ୍ରିୟମାନଙ୍କୁ ବାହ୍ୟ ଜଗତ୍‌ର ଜ୍ଞାନ ପ୍ରତ୍ୟକ୍ଷ କରିବା ପାଇଁ ଦୂରତା ବିଧିରେ ଆନୁପାତିକ କ୍ଷମତା ଅର୍ପଣ କରାଯାଇଛି । ଚକ୍ଷୁ, କର୍ଣ୍ଣ, ନାସିକା, ତ୍ୱକ୍, ଜିହ୍ୱା । ସରଳରେଖାରେ ଏବଂ ବିନା ପ୍ରତିବନ୍ଧକରେ ଦୃଶ୍ୟ ଯେତେ ଦୂରରେ ଥାଉ ନା କାହିଁକି ଆଖି ତାକୁ ଦେଖିପାରେ । ଦୃଶ୍ୟଠାରୁ ନିକଟତର ଶବ୍ଦକୁ କାନ ଶୁଣିପାରେ । ଶବ୍ଦଠାରୁ ନିକଟତର ଦ୍ରବ୍ୟକୁ ନାକ ଶୁଙ୍ଘିପାରେ । କିମ୍ବା ତାକୁ କହିପାରେ ନିଜ ହୃଦୟର ଅନ୍ତରର କଥା ଓ ବ୍ୟଥା ।

ଯେଉଁଠି ଇନ୍ଦ୍ରିୟମାନେ ହାରିଯା'ନ୍ତି ସେଇଠି ଆଉ କିଛି ଅତୀନ୍ଦ୍ରିୟ ଅନୁଭବରେ କଥା ଆରମ୍ଭ ହୁଏ ।

ସେ ସେଠାରେ ବସିବା ପରେ ମୁଁ ତାକୁ ଥରେ ଚାହିଁଥିଲି ମାତ୍ର ଦେଖି ନଥିଲି । ଦେଖିବା ପରି ତା'ଠାରେ ସେମିତି କିଛି ନଥିଲା । ସାଧାସିଧା ଢଙ୍ଗରେ ମଣ୍ଡଦିଆ ସୂତା ଶାଢୀ ପିନ୍ଧା ସାବନା ଯୁବତୀ, ବିବାହିତା ଭଦ୍ରମହିଳା ପାଖରେ କ'ଣ ବା ସେମିତି କିଛି ଆକର୍ଷଣୀୟ ଥାଇପାରେ । ସେ ମତେ ଦେଖୁଥିଲା ହେଲେ ଚାହୁଁ ନଥିଲା । ମୁଁ ତାକୁ ଅନେକ ଥର ଚାହୁଁଥିଲି ମାତ୍ର ଦେଖିପାରୁ ନଥିଲି । ତାକୁ ଯେତେବେଳେ ଭଲ କରି ଦେଖିଲି ସେତେବେଳେ ଜାଣିଲି ଯେ ତା୍କୁ ବଖାଣିବା ପାଇଁ ଅନୁପମ ଶବ୍ଦ ବିନ୍ୟାସ ଲୋଡା । ସବୁ ସତ୍ତ୍ୱେ ତାକୁ ସତକଥା କରି ଗଢିବାକୁ ପଡ଼ିବ ।

ସେ ଚିତ୍ରିତ ଚାହାଣୀରେ ଝର୍କା ବାହାରର ଦୃଶ୍ୟକୁ ଅଙ୍ଗେ ନିଭାଉଥିଲା ଏବଂ ଚିତ୍ରପଟର ଦୃଶ୍ୟକୁ ସାଇତି, ଇସ୍ତ୍ରୀ କଲାପରି ଭାଙ୍ଗଦେଇ ସଜାଡ଼ି ରଖୁଥିଲା । ମଝିରେ ମଝିରେ ହସୁଥିଲା ମନକୁ ମନ । ତାର ହସ ମତେ ଆକ୍ରାନ୍ତ କରିଥିଲା ।

ଚାହୁଁ ଚାହୁଁ ବଦଳି ଯାଉଥାଏ ତା'ର ହସ । ନୀରବତାର ଗହଳି ଭିତରେ ଉପୁଜିଥିବା

Digitized by srujanika@gmail.com

ତାର ଇ'କାରଗ୍ରସ୍ତ ହସ ମତେ ଖୁବ୍ ଜବରଦସ୍ତ ଲାଗେ । ଦିଶିଯାଏ ତା'ର ବଦଳି ଯାଉଥିବା ମୌଖିକ ରେଖାମାନଙ୍କର ତରଙ୍ଗାୟିତ ଚପଳତା । ତା ନଖ ଅଗରେ ମୋହିନୀ ଆକର୍ଷଣର ଚୁମ୍ବକୀୟ ଡୋର । ତା ଓଠରେ ଲାଲ୍ ଟହଟହ ଅକୁହା କମ୍ପନ । ସେ ମୌନାବତୀ ହେଲେ ବି ତା ଜିଭରେ ଲାଳସାର ବନ୍ୟା । ତା ଆଖିରେ ଦୃଷ୍ଟିର ଦ୍ୱିପ୍ରହର । ବିକଳ୍ପରେ ସେ ହୋଇଯାଏ ଏକ ଶୁଷ୍କ ବାକ୍ୟର ଅନୁଚ୍ଚାରିତ ପ୍ରଲେପ । ତାର ଯୌବନ କେବଳ ଶୃଙ୍ଖଳା ଭିତରେ ବିଲୁପ୍ତ । ତା'ର ନୀରବତା ସହିତ ତାଳ ଦେଇ ଏକ ଯୌଥ ପ୍ରୟୋଗରେ ନ୍ୟସ୍ତ ମୋର ଅସ୍ତିତ୍ୱ କେବଳ ରାତିର ପ୍ରଶସ୍ତ ଅନ୍ଧାରକୁ ଇଚ୍ଛା କରୁଥିଲା । ମୋ ଦେହରେ କେବଳ ଉତ୍ତାପ, ଆଖିରେ କେବଳ କୁହୁକର ଦୃଷ୍ଟି, କାନରେ ଅସ୍ପଷ୍ଟ ଉଚ୍ଚାରଣ, ମନରେ ଉନ୍ମାଦନା । ଚତୁର୍ଦ୍ଦିଗରେ ଦୁର୍ବଳ ଅଭାବର ତାରକସି।

ଆମେ ଦୁହେଁ ପାଖ ପାଖ ସିଟ୍ ଦୁଇଟିରେ ବସିଛୁ । ସେ ଡାହାଣପାଖ ଝର୍କା ପାଖକୁ ଠିକ୍ ଡ୍ରାଇଭରର ପଛକୁ, ଆଉ ମୁଁ ବାଁ ପଟ ଝର୍କା ପାଖକୁ । ବସ ଚାଲିଛି । ମଝିରେ ମଝିରେ ଡ୍ରାଇଭର ବ୍ରେକ୍ କଷିଲେ ସେ ଆଗକୁ ଝୁଙ୍କି ପଡୁଛି । ବସ୍‌ଟା ଡାହାଣକୁ ମୋଡ଼ିଲେ ସେ ମୋ ଆଡକୁ ଆଉଜି ପଡୁଛି ଆଉ ବାଁ ପଟକୁ ମୋଡିଲେ ମୁଁ ତା ଆଡକୁ ଝୁଲିବା ପୂର୍ବରୁ ନିଜକୁ ଟାଣି ଧରୁଛି ଇଚ୍ଛା ବିରୁଦ୍ଧରେ । ଅଦ୍ଭୁତ ମୋର ଇଚ୍ଛା । ତା'ଠୁ ଆହୁରି ଅଧିକ ଶକ୍ତ ମୋର ଭଦ୍ର ଶାଳୀନତା, ଯାହା ମୋର ସବୁ ସୁଖଦ ଇଚ୍ଛାକୁ ଦେଶାନ୍ତର ପଠାଇଛି । ମୋର ବିଶୁଦ୍ଧ ଭଦ୍ରାମୀର ପରିସୀମା ଭିତରେ ନିଶ୍ଚିନ୍ତରେ ନିଃଶ୍ୱାସ ମାରୁଥିବା ଚିତ୍ରା ଘୁମେଇ ପଡ଼ିଛି ନା ଆଖି ସନ୍ଧିରୁ ମଜା ଦେଖୁଛି, ମୁଁ କିପରି ଶୃଙ୍ଖଳାଟାରେ ଦହଗଞ୍ଜ ହଉଛି ?

ତା'ପରେ ଆଉ ନ ପଚାରି ରହି ହେଲାନି । ପଚାରିଲି, "କେଉଁ ସାହସରେ ଏପରି ଏକ ବିପଜ୍ଜନକ ପରିବେଶକୁ ପ୍ରବେଶ କଲେ ?"

"ମାନେ ?"

"ଏକୁଟିଆ, ସ୍ତ୍ରୀ ଲୋକ, ଖାଲି ବସ୍‌ଟାରେ କେହି ନାହାଁନ୍ତି, କେବଳ ତିନିଜଣ ପୁରୁଷ (ମଦୁଆ ଡ୍ରାଇଭର, ହେଲପର ଏବଂ ମୁଁ); ସାହସ ତ ଆପଣଙ୍କର କମ୍ ନୁହେଁ ?"

"ଏଠାରେ ମୋ ଉପସ୍ଥିତିର କାରଣ ଦୁଃସାହସ ନୁହେଁ, ବରଂ ଘୃଣା । ଭୟ ନୁହେଁ ବରଂ ଦ୍ୱିଧା । ମୁଁ ଘୃଣାରେ ଯାହା କରିପାରେ ଆପଣ ସାହସ ଲଗାଇ କରିପାରିବେନି । ମୁଁ ଦ୍ୱିଧାରେ ଯାହା ଆୟତ୍ତ କରିବି ଆପଣ ନିଶ୍ଚୟ କରି ମଧ ପାରିବେ ନାହିଁ । ବାଜି ମାରନ୍ତୁ ଦେଖି । ଏଇ ଧରନ୍ତୁ ଉଦାହରଣ ସ୍ୱରୂପ, ଆପଣ ମୋର କିଛି କରିପାରିବେନି, ମାତ୍ର ମୁଁ ଯାହା ଇଚ୍ଛା ତାହା କହିପାରେ, କରିପାରେ । ମୋର ଭୟ ନାହିଁ, ହେଲେ ମୁଁ ଆପଣଙ୍କୁ ଭୟ ଦେଇପାରେ ।" ସେ କହିଲା ।

ଯୁବତୀର ଶାଢୀର ସାବ୍‌ଜା ପଣତକାନୀ ଉଡି ଉଡି ଯାଉଛି । ବସ୍‌ର ଝର୍କା ଦେଇ ପବନ ପଶି ତା କାଖ ସନ୍ଧିରେ କୁତ୍‌କୁତ୍ କରୁଛି । ସେ ହସୁଛି ଅଳ୍ପ ଅଳ୍ପ । ମୁଁ ଦେଖୁ ଦେଖୁ

Digitized by srujanika@gmail.com

ସେ କ୍ରମଶଃ ବଦଳି ଯାଇ ତରୁଣୀଟିଏ ହୋଇଗଲା । ତା' ଲମ୍ବା ବେକର ମଙ୍ଗଳସୂତ୍ରଟା ନଥିଲା, ତା' ବଦଳରେ ଗୋଟେ ଶସ୍ତା ନକଲି ଶଙ୍ଖମାଳି ଥିଲା । ତା' ଆଖିରେ କଳା ଚଷମା ଆଉ ମୁଣ୍ଡରେ ବବ୍‌ବାଳ । ତା କାନ୍ଧରେ ବେକଟା ଖଞ୍ଜିଲା ପରି ଢଳ ଢଳ । ତା ନାଁ ମୁଁ ଚିତ୍ରା ଦେଇଥିବାରୁ ସେ ହସୁଥିଲେ ମଧ୍ୟ ଚିତ୍ରଟିଏ ପରି ନୀରବ ହୋଇଯାଇଛି । ସେ ରହସ୍ୟମୟୀ ବସ୍ ଡ୍ରାଇଭର ମଧ୍ୟ ମୁହଁ ବୁଲାଇ ତାକୁ ଯେତେ ଥର ଚାହୁଁଛି ବୁଝିପାରୁନି । କିଛି ନ ବୁଝିପାରି ସେ କେବଳ ହର୍ଣ୍ଣ ବଜାଇବାରେ ଲାଗିଛି । ତା'ର ମନେହୁଏ ସେ ହର୍ଣ୍ଣଟା ବି ତରୁଣୀର ଅଙ୍ଗ ବିଶେଷ । ତାକୁ ଛୁଇଁଲେ ସେଥିରୁ ଶବ୍ଦ ବାହାରେ । କବାଟ ପାଖରେ ଛିଡା ହୋଇ ହେଲପର ମଧ୍ୟ ତାକୁ ଚାହୁଁଛି । ତା' ଷ୍ଟାଇଲ୍‌କୁ ସିନେମା କରି ଦେଖୁଛି ଯେ ମୁହଁ ଫେରାଇ ପାରୁନି ।

ଏତିକିବେଳେ ଆମ୍ବୁଲାନ୍ସଟାଏ ବସ୍‌କୁ ଓଭରଟେକ୍ କଲା । ବସ୍ ଡ୍ରାଇଭର୍ ବାଟ ଛାଡ଼ିଦେଲା । ଏମର୍ଜେନ୍ସିବାଲା ଆମ୍ବୁଲାନ୍ସକୁ ସେ ବାଟ ଛାଡି ଦିଏ । ନ ହେଲେ ପାପ ଲାଗିବ । ଭାରି ଧାର୍ମିକ ଏ ଡ୍ରାଇଭରଟା ହୋଇଥିବ ନିଶ୍ଚୟ । ପୋଲିସ୍‌କୁ ବି ଡରେନି । ଆଗରୁ ଆସୁଥିବା ବସ୍‌ବାଲାମାନଙ୍କ ସହିତ ଠାରରେ କଥାବାର୍ତ୍ତା ହୁଏ । ପାନ ଖାଏ, ସିଗ୍ରେଟ୍ ପିଏ ଏବଂ ମୁହଁ ବୁଲାଇ ମଝିରେ ମଝିରେ ପଛକୁ ଚାହେଁ । ଠିକ୍ ଯେମିତି ଏଇଲେ ଚାହିଁଲା । ସେତେବେଳକୁ ତରୁଣୀ, ଆଖି ଠାରୁଥିବା ଗୋଟେ କ୍ୟାଲେଣ୍ଡରର ଫଟୋ ପରି ଦିଶୁଛି । ସେ ଯଦି କଥା କହିବ ତେବେ ମଣିଷରେ ଗଣା ହେବ ନ ହେଲେ ସେମିତି ଚିତ୍ର ହୋଇଥିବ । ଗୋଟେ ଦୂରନ୍ତ, ଅବାସ୍ତବ, ରଙ୍ଗୀନ କଳ୍ପନାପ୍ରସୂତ ଚିତ୍ର । ତେଣୁ ତାକୁ ମଣିଷ କରି ଦେବାପାଇଁ ମୁଁ ପଚାରିଲି, "ମୁଁ ଆପଣଙ୍କୁ ଆଗରୁ କେଉଁଠି ଦେଖିଛି, ଭେଟିଛି ନିଶ୍ଚୟ... କେଉଁଠି ତ ?"

"ଦେଖିଥିବେ, ମୁଁ ତ ଖାଣ୍ଟି ହାଉସ୍ ୱାଇଫ୍ ନୁହେଁ । ସବୁବେଳେ ତ ଘରେ ରୁହେନି । ବିଭିନ୍ନ ଜାଗାକୁ ଯାଉଛି । ଅନେକ ଲୋକ ମତେ ଦେଖି ଥିବେ । ତା' ଭିତରୁ ଆପଣ ଜଣେ ।"

"ଆପଣ କ'ଣ ରାଉର୍‌କେଲାରେ ରହନ୍ତି ?"

"ନାଇଁ ମୋ ବଡ଼ ଭଉଣୀର ଘର ତ, ବେଳେ ବେଳେ ଯାଏ । ଦେଖିଥିବେ ସେଠି । ନ ହେଲେ ଆଉ କାହାକୁ ଦେଖିଛନ୍ତି, ମୋର ପରି ଅନେକ ଅଛନ୍ତି ।" ବୋଧେ ଭାବୁଥିଲା, ସୁନ୍ଦରୀ ସେ ତ ଏକା ନୁହେଁ । କିମ୍ବା ସବୁ ସୁନ୍ଦରୀ ଏକାପରି । ମାନେ ମେକ୍‌ଅପ ନେଲେ ସବୁ ଏକ ପ୍ରକାର । କିମ୍ବା ଶାଢୀ ଯେତେ ପ୍ରକାର ସୁନ୍ଦରୀ ସ୍ତ୍ରୀ ସେତେ ପ୍ରକାର । କିମ୍ବା କେତେକଙ୍କ ଆଖିରେ ସବୁ ସ୍ତ୍ରୀ ଏକାପରି । ଏଇ ଧରନ୍ତୁ, ଯେପରି ତାର ସ୍ୱାମୀ ।

ତା'ର ସ୍ୱାମୀଙ୍କୁ ସେ ହସ୍‌ବ୍ୟାଣ୍ଡ କରି ଭାବୁଥିଲା । ନ ହେଲେ ତାକୁ ଖୁବ୍ ଅତିନାରୀ

Digitized by srujanika@gmail.com

ଲାଗି ନଥାନ୍ତା ? ମୁଁ ଏଥରକ ତା' ଖୋଲା ଆଖିକୁ ଚାହିଁ ପଚାରିଲି,

"ଆପଣଙ୍କର ହସ୍‌ବ୍ୟାଣ୍ଡ କ'ଣ କରନ୍ତି ?"

"କ୍ରିମିନାଲ୍ ଲୟର ଅଛନ୍ତି । କଟକର ଲିଡିଂ ଆଡ୍‌ଭୋକେଟ୍ । ଏବେ ପଲିଟିକ୍ସରେ ମିଶିଛନ୍ତି । ଏଥରକ ଯୋଉ ପାର୍ଟିରୁ ଟିକେଟ୍ ମିଳିବ ସେଇ ପାର୍ଟି ଜଏନ୍ କରିବେ । ଗଲା ଇଲେକ୍ସନ୍‌ରେ ଇଣ୍ଡିପେଣ୍ଡେଣ୍ଟ ହୋଇ ଠିଆ ହୋଇଥିଲେ, କାରଣ କଂଗ୍ରେସରୁ ଟିକେଟ୍ ମିଳିଲାନି । ଅଳ୍ପ ଭୋଟ୍‌ରେ ହାରିଥିଲେ ।"

ତାକୁ ଟିକେଟ୍ ନ ମିଳିବାର କାରଣ ଗୁଡ଼ିକ ମତେ ଦିଶିଗଲା । ନିଜ ପୌରୁଷରେ ମାତାଲ୍ ସେ ଏପରି ଏକ ଯୁବକ ଯେ ଏକ ସାଧାରଣ ସ୍ତ୍ରୀ ଗହଣରେ, ଗୋଟିଏ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହେବା ପରି ବ୍ୟକ୍ତିତ୍ୱ ନୁହେଁ । ସେ ଏପରି ଲୋକ ଯେ ନିଜର ଏକମାତ୍ର ଜୀବନକୁ ଗୋଟିଏ ପରିବାରର ଗୋଟିଏ କକ୍ଷରେ, ଗୋଟିଏ ଶେଜରେ, ଗୋଟିଏ ନିଦରେ କିମ୍ବା ଗୋଟିଏ ସ୍ୱପ୍ନରେ ବିତାଇ ଦେବାକୁ ଚାହେଁ ନାହିଁ । ତାର ସ୍ତ୍ରୀ ସହିତ ସମ୍ପର୍କ ସହବାସର ଅଶ୍ୱସ୍ତିକରଣ ବିଡମ୍ବନାରେ ଆବଦ୍ଧ ରହିପାରେ ନାହିଁ । ତାକୁ ବି ମୁଁ ଆଗରୁ କେଉଁଠି ଦେଖିଛି । ସ୍ୱାଭିମାନୀ ପୌରୁଷର ପ୍ରାଣ । ବଳ କବଳରେ ବପୁର ଅଣୁ ପରମାଣୁ ନିୟନ୍ତିତ । ବ୍ୟକ୍ତିତ୍ୱରେ ଆତ୍ମମର୍ଯ୍ୟାଦାର ପ୍ରଶସ୍ତି ।

ଦେଖାଇ ହେବା ଗୁଣରେ ପାରଙ୍ଗମ ଯୁବତୀ ଏଥର ତା ଭ୍ୟାନିଟି ବ୍ୟାଗ୍ ଖୋଲି ଗୋଟେ ପାନିଆ କାଢ଼ି ତା ମୁଣ୍ଡରେ ଚଳାଇଲା ଏବଂ ବାଳକୁ ସଜାଡ଼ିଲା । ତାପରେ ଲିପ୍‌ଷ୍ଟିକ୍‌ର ନାଲି ରଙ୍ଗର କାଠିକୁ ଦୁଇଥର ଓଠରେ ଘଷିଲା ଏବଂ ଅଧରକୁ ଓଠ ସହିତ ଲଢେଇ କରି ରଙ୍ଗକୁ ପାଲିସ୍ କଲା । ତା'ପରେ ଚଷମା କାଢ଼ି ଆଖି କୁଣ୍ଡାଇଲା । ପୁଣି ଥରେ ବ୍ୟାଗ୍ ଭିତରେ ହାତ ପୂରାଇ ଗୋଟେ ହାଜ୍‌ମୋଲା କାଢ଼ିଲା ଏବଂ ମୋ ଆଡକୁ ବଢାଇ ଦେଇ ମୁରୁକି ହସିଲା । ମୁଁ ତାର ଖୋଳ ଛଡାଇ ଚୁଚୁମି ଖାଇବାକୁ ଆରମ୍ଭ କରିଛି, ସେ ଗୋଟେ ଫଟୋ ମୋ ହାତକୁ ବଢାଇ ଦେଲା ଦେଖିବା ପାଇଁ ।

ଦେଖିଲି ବାପର ବାଁ ହାତ ଧରି ଛିଡା ହୋଇଛି ପ୍ରାୟ ତିନି ବର୍ଷର ଝିଅଟେ । ଅଦ୍ଭୁତ ଭାବରେ ଆକର୍ଷଣୀୟ ଚେହେରାର ଝିଅଟି । ଫଟୋ ଭିତରେ ବି ତା ଆଖି କଥା କହୁଛି ଯେପରି । ମୁଗ୍ଧ ହୋଇ ଚାହିଁ ଚାହିଁ ପଚାରିଲି, "ଯେ ତା ବାପ ପରି ଦେଖିବାକୁ ନା ?"

ସେ କିଛି ନ କହି ମୁରୁକି ମୁରୁକି ହସିଲା । ମୁଁ ଫଟୋକୁ ପୁଣି ଥରେ ଦେଖିଲି । ଏଥରକ ବାପର ଚେହେରା ଲକ୍ଷ୍ୟ କଲି । ଛଅ ଫୁଟିଆ ଖଦଡ ପଞ୍ଜାବୀ ଓ ଟ୍ରାଉଜର ପିନ୍ଧିଥିବା ବିରାଟ ଚେହେରା । ଫ୍ରେଞ୍ଚକଟ୍ ଦାଢୀ ତଳେ ଗାଲର ମୋଟା ବହଳିଆ ଚର୍ବି । ତାର ଆଦିମତାକୁ ଆଧୁନିକତାରେ ସଜେଇ ଦିଆଯାଇଚି ଯେପରି । ଆଖିରେ ଦୃଷ୍ଟିର ପ୍ରାବଲ୍ୟ । ମୁଣ୍ଡବାଳ ପଛପଟକୁ କୁଣ୍ଡା ହୋଇଛି । ଉଚ୍ଚ ପ୍ରଶସ୍ତ ଭାଲରେ ପ୍ରଶ୍ନ ଚିହ୍ନ ପରି ତୀକ୍ଷ୍ଣ ଶାଣିତ ଅନୁସନ୍ଧିତ୍ସା ଯାହା ଗୋଟେ କ୍ରିମିନାଲ୍ ଲୟର୍‌ର ଆବଶ୍ୟକ ।

Digitized by srujanika@gmail.com

"ୟା'ର ବାପା କ'ଣ ଏଠି ରହନ୍ତି ନି ?"

"ହଁ, ରହନ୍ତି କଟକରେ, ମାତ୍ର ଏବେ ଦିଲ୍ଲୀ ଯାଇଛନ୍ତି । ଆଜି ତିନିଟା ବେଳେ ଫ୍ଲାଇଟ୍‌ରେ ଫେରିବେ ।"

"କାହିଁକି ଦିଲ୍ଲୀ ଯାଇଛନ୍ତି ?"

"ହାଇକମାଣ୍ଡଙ୍କ ସହିତ ଦେଖା କରିବାକୁ ତାଙ୍କୁ ଡକା ହୋଇଥିଲା ତ ।"

"ଏଥରକ ତେବେ ଟିକେଟ୍‌ଟା ନିଶ୍ଚୟ ମିଳିବ ?"

"ସେ କଥା କହିପାରିବିନି, ମାତ୍ର ଯଦି ସେ ପାଆନ୍ତି ତେବେ କ୍ୟାବିନେଟ୍‌ଟା ଥୁଆ ।" ଏତିକି କହି ସେ ମୋ ହାତରୁ ଫଟୋଟା ନେଇଗଲା ଟାଣିକରି ।

ମୁଁ ବୁଝିପାରିଲିନି ତା'ର ଏତେ କ୍ଷିପ୍ର ଚିଲପରି ଝାମ୍ପି ନେବାର ଅର୍ଥ କ'ଣ ? ବିଚରା ହେଲପରଟା ଚାହିଁଥିଲା । ସେ ତା ଆଡେ ରାଗ ଆଖିରେ କଟକଟ କରି ଚାହିଁବାରୁ ସେ ତଳକୁ ମୁହଁ ଫେରାଇ ନେଲା । ପୁଣି ଡ୍ରାଇଭର ପାଖକୁ ଯାଇ କ'ଣ ଦି'ପଦ କଥା ହେଲା ଏବଂ ଡ୍ରାଇଭର ମୋ ମୁହଁକୁ ଚାହିଁଲା । ହେଲ୍‌ପର ପୁଣି ଯାଇ କବାଟ ପାଖରେ ତୁନି ହୋଇ ଠିଆ ହୋଇ କାଚ ଝରକାରେ ମୁଣ୍ଡ ଗଳାଇ ବାହାରକୁ ଚାହିଁ "ଯାଉ ଯାଉ" ବୋଲି ପାଟିକଲା । ଏ ସବୁ ଦେଖି ଯୁବତୀ ତୁନି ହୋଇ ହସୁଥିଲା । କିଛି କହିଲା ସ୍ୱଗତୋକ୍ତିରେ । ସତେ ଯେପରି ସେ ଖାଲି ବସ୍‌ରେ ଯାତ୍ରିଣୀ ନୁହେଁ । ବରଂ ସେମାନଙ୍କର ମାଲିକାଣୀ, ଯେ ସେମାନଙ୍କୁ ପଇସା ଦେଇ କାମରେ ଲଗାଇପାରେ । ରୁକ୍ଷା, କଠୋରୀ, ନିର୍ଦ୍ଦୟା, ମାଲିକାଣୀ ।

ତା'ର ଏତାଦୃଶ ବ୍ୟବହାରରେ ମୋ ମନ ଭିତରେ ଚାଞ୍ଚଲ୍ୟ ଖେଳିଗଲା । ମୁଁ ତା ଆଡକୁ ଟିକେ ଘୁଞ୍ଚି ଆସି ମୁହଁ ନୁଆଇଁ କହିଲି, "ଗୋଟେ କଥା ପଚାରିବି ଯଦି ଆପଣ କିଛି ଖରାପ ନ ଭାବନ୍ତି ।"

"ହଁ ପଚାରନ୍ତୁ ଯା' ଇଚ୍ଛା ତା' ପଚାରନ୍ତୁ । ମୁଁ କିଛି ଭାବିବିନି ।"

"ଆପଣଙ୍କର ଏଇଟା ଆରେଞ୍ଜଡ୍ ମ୍ୟାରେଜ୍ ନା ଲଭ୍ ମ୍ୟାରେଜ୍ ?"

"ଯାହା କହିଲେ ବି ଠିକ୍ ହେବ । ପ୍ରଥମରୁ ଦି'ଟା ଯାକ ଏକାଠି ଆରମ୍ଭ ହୋଇଥିଲେ । ଏବେ କିନ୍ତୁ କିଛି ନୁହେଁ । ଏଇଟା କେବଳ ଏକ ସୁଯୋଗର ସମ୍ପର୍କ । ଘଟଣାକ୍ରମେ ଦୈବାତ୍ ଆବଶ୍ୟକତା ହେତୁ ଏକତ୍ରିତ । ଖଟା ହୋଇଯାଉଛି ବାହାଘର ସମ୍ପର୍କ । କ୍ରମେ ଯେମିତି ପ୍ରାୟ ହୁଏ । ଅନେକ କ୍ଷେତ୍ରରେ ପ୍ରେମ ବିବାହ ବଦଳି ହୋଇଯାଏ ଘୃଣା ବିବାହ । ଯଦି ଭଲ ସମ୍ପର୍କ ନ ବଢେ ତେବେ ଖରାପ ହେବାକୁ ବେଶି ଦିନ ଲାଗେନି । ଆଉ ଯଦି ସମ୍ପର୍କ ତିକ୍ତ ହୋଇଯିବା ପରେ ପିଲାପିଲି ହେଲା ତେବେ କଷ୍ଟର ସୀମା ରହେନି ଏଇ ଯେମିତି ଆମର..."

"ନା ନା ସେମିତି କୁହନ୍ତୁନି । ଏତେ ସୁନ୍ଦର କୁନି ଝିଅଟିର ମା ଆପଣ । ଏସବୁ

Digitized by srujanika@gmail.com

କହିବା ଆପଣଙ୍କୁ ସାଜେନି । ଆପଣଙ୍କୁ ଯେ କେହି ଦେଖିଲେ ତ ଈର୍ଷା କରିବ ।"

"ସେ ସବୁ ବାଜେ କଥା ମତେ ଶୁଣିବାକୁ ଇଚ୍ଛା ହୁଏନି । ପିଲା ଜନ୍ମ, ଭଲ ପାଇବା ଘୃଣା କରିବାର ଊର୍ଦ୍ଧ୍ୱରେ ଅନ୍ୟତ୍ର, ଆଉ କିଛି ଖୁବ୍ ବେଶି ବାୟୋଲୋଜିକାଲ ଯେଉଁଠି ଆବେଗର କୌଣସି ଅନୁଷ୍ଠାନ ଅନାବଶ୍ୟକ । ଗୋଟେ ମୃତ ଲୋକର ଜୀବନ୍ତ ସ୍ପର୍ମରେ ମଧ୍ୟ ଗର୍ଭଧାରଣ ସମ୍ଭବ ନା ନାହିଁ ? କ'ଣ କହୁ ନାହାଁନ୍ତି ?"

ମୁଁ ଚୁପ୍ ରହିବାକୁ ବାଧ୍ୟ ହେଲି । ଯା'ପରେ ଆଉ କ'ଣଟା ଅଧିକ ଯୁକ୍ତି କରାଯାଇପାରେ । ମୁଁ ଭଲ କରି ତାକୁ ପୁଣିଥରେ ଦେଖିଲି ଗୋଡଠୁ ମୁଣ୍ଡଯାଏ । ଏଥରକ ସେ ଯୁବତୀରୁ ପୁଣି ମହିଳା ହେଲା ଏବଂ ତଥାପି ବଦଳି ଯାଇଥିଲା ଅନ୍ୟ କିଛି ନିଷ୍ଠୁରତାଯୁକ୍ତ ବ୍ୟକ୍ତିତ୍ୱରେ । ତା' ପେଟ ଭିତରେ ଅଶାନ୍ତି ଓ ପାଟିରେ ଗାଳି ଭରିଥିଲା । ତା' ଛାତିର ପଞ୍ଜରା ହାଡ଼ କଡମଡ ହେଉଥିଲା । ଗୋଡ କଚାଡି ହେଉଥିଲା । ଏସବୁ ସତ୍ତ୍ୱେ ତା ଭିତରେ ମୁଁ ପତିବ୍ରତା ନାରୀଟିଏର ଆଧୁନିକ ଅବତାର ଦେଖି ପାରୁଥିଲି ।

ଏଥରକ କୋହଳ ଗଳାରେ ହାଲକା କରି ଜୋକ୍ କଲା ପରି ପଚାରିଲି "ଏ ଫଟୋରେ ଝିଅଟି କ'ଣ ଆପଣଙ୍କର ?"

"ଆଉ ନୁହେଁ ତ କ'ଣ ଆପଣଙ୍କର ?"

"ନା' ସେ ତା' ବାପପରି ତ ଦିଶୁଛି, ମାତ୍ର ଆପଣଙ୍କ ପରି ଆଦୌ ଦିଶୁନି । ଭାରି ସୌଭାଗ୍ୟବତୀ ହବ । ପୂରା ବାପ ଉପରେ ଯାଇଛି । ବାପା ତାକୁ ଭାରି ଭଲ ପାଉଥିବେ, ନା ? ଆପଣଙ୍କ ହଜ୍‌ବ୍ୟାଣ୍ଡଙ୍କୁ ସେ ବାପା ଡାକେ ନା ଡ୍ୟାଡି ?"

ଏଥରକ ମହିଳା କିଛି ନକହି ଆଖି ମକଚିଲା ଆଉ ଦୁଇ ଟୋପା ଶୁଖିଲା ଲୁହକୁ ଜବରଦସ୍ତ ପୋଛି କହିଲା, "ଗୋଲ୍‌ଡି ବାପା, ଡ୍ୟାଡି, ପାପା କିଛିବି କହିପାରେନି । ତା' ଜିଭଟା ହିଁ ଛୋଟ । ଏଯାଏ କଥା କହିବାକୁ ଚେଷ୍ଟା କରି ଆରମ୍ଭ କରିପାରିନି ।"

ଫଟୋରେ ସୁନ୍ଦର ମୁହଁଟିଏ ଦେଖି ପାଟି ଭିତରର ଜିଭର ଦୁର୍ବଳତା ଜାଣିବା ଅସମ୍ଭବ କଥା । କିନ୍ତୁ ତା' ମା'ର ଜିଭ ତ ଖୁବ୍ ଲମ୍ବା ଆଉ ଶାଣ ଦିଆ । ତେବେ ଝିଅ ଏମିତି କଥା ନ କହି ପାରେ ବୋଲି କିଏ କହିପାରିବ ?

"ଝିଅକୁ କାହା ପାଖରେ ଛାଡି ଆସିଲେ ?"

"ଶ୍ୱଶୁରଙ୍କ ପାଖରେ, ସେ ଘରେ ଥାନ୍ତି, ରିଟାୟାର୍ଡ ପୁଲିସ୍‌ବାଲା । ଏବେ ଗୋଟେ ହାର୍ଟ ଆଟାକ୍ ହୋଇଯାଇଛି । ଘରେ ସବୁବେଳେ ଥାନ୍ତି । ନାତୁଣୀ ସହିତ ଖେଳୁଥାନ୍ତି ।"

"ଆଉ ଶାଶୁ ?"

"ସେ ନାହାନ୍ତି । ଏବେ ସ୍ୱର୍ଗବାସୀ ।"

"ଆଉ ଆପଣ କ'ଣ କରନ୍ତି ?"

"ମୁଁ ଏଠି ସିଟି ମହିଳା କଲେଜରେ ଅଧ୍ୟାପିକା ।"

Digitized by srujanika@gmail.com

"କେଉଁ ଡିପାର୍ଟମେଣ୍ଟରେ ?"

"ଇକୋନିମିକ୍ସରେ ।"

"ମାଡ୍ୟାମ୍, ଯଦି ଖରାପ ନ ଭାବିବେ ଗୋଟେ ଡାଉଟ୍ ଥିଲା ପଚାରିବି ?"

"ହଁ, ସିଓର, ପଚାରନ୍ତୁ ।"

"ଗ୍ରେସାମ୍‌ସ ଲ'ରେ ବ୍ୟାଡ୍ ମନି ଗୁଡ୍ ମନିକୁ ପ୍ରଚଳନରୁ ବାହାର କରିଦିଏ । ତାର ପ୍ରକୃତ ଅର୍ଥ କ'ଣ ?"

"ଏ' ତ ଗୋଟେ ଅତି ସାଧାରଣ କଥା । ଖାଲି ଅର୍ଥନୀତିରେ ନୁହେଁ ବଜାରରେ ସବୁ ମନ୍ଦ ଜିନିଷ କୌଣସି ଭଲ ଜିନିଷକୁ ତିଷ୍ଠିବାକୁ ଦିଏ ନାହିଁ । ଏପରିକି ମନ୍ଦ ମଣିଷ ଭଲ ମଣିଷକୁ ରଖେଇ ଦିଏ ନାହିଁ । ତା'ର ସବୁଠାରୁ ସାଧାରଣ ଲୋକ ବୁଝିପାରିବା ପରି ଉଦାହରଣ ହେଲା- ଆପଣଙ୍କ ପକେଟର ଚିରା ଫଟା ଟଙ୍କା - ଅଚଳ ଅଧୁଲି - ଭଲ ମୁଦ୍ରାକୁ ପଛରେ ପକେଇ ଦେଇ ମାର୍କେଟରେ ଡିଆଁ ମାରିଯାଏ । ଏବେ ଅବଶ୍ୟ ମୁଦ୍ରାନୀତି ବଦଳି ଗଲାଣି । ବଜାରରେ କ୍ରେଡିଟ୍ କାର୍ଡ, ପ୍ଲାଷ୍ଟିକ୍ ମନି ଆସିଗଲାଣି, ସେ ସବୁ ଆପଣ ବୁଝି ପାରିବେନି ।" ଏସବୁ ସେ କହିଗଲା ଜଣେ ଟିପିକାଲ ଅର୍ଥନୀତି ଅଧ୍ୟାପିକା ପରି ।

ମୁଁ ଭାବିଲି, ହଁ ସବୁ ଆଡେ ଯେତେବେଳେ ମନ୍ଦର ପ୍ରାଧାନ୍ୟ ଯେ ଆଉ କେଉଁ ଏକ୍‌ସେପସନ୍ କି ? ଆଉ ଗୋଟେ ନିୟମ ମଧ୍ୟ ଅଛି ଯାହାକୁ ପିଟର'ସ୍ ପ୍ରିନ୍‌ସିପଲ କହନ୍ତି । ତାକୁ ମଧ୍ୟ ଗ୍ରେସାମ୍‌ସ୍ ଲ' ସହ ଯୋଡ଼ି ପ୍ରୟୋଗ କରାଯାଇପାରେ । 'ମଣିଷ ନିଜ ନୀଚତାର ଶୀର୍ଷରେ ପହଞ୍ଚି ଯାଏ ଯଥା ଶୀଘ୍ର ।' ସେତେବେଳେ ବସ୍ ଯାଇ ପହଞ୍ଚିଗଲାଣି କୁଆଖାଇ ବ୍ରିଜ୍ ଉପରେ । ମନ୍ଦ ବୁଦ୍ଧି ଡ୍ରାଇଭର ପଛକୁ ଚାହିଁଲା । ଆମେ ଦୁଇ ଜଣ ଏତେ ପରିଚିତ ଲୋକପରି କଥା ହେଉଥିବାରୁ ଈର୍ଷାନ୍ୱିତ ହେଉଥିଲା ବୋଧେ । ମତେ ରାଗରେ ଚାହିଁ ପଚାରିଲା-

"ତମେ କୋଉଠି ଓହ୍ଲେଇବ ?"

"ବାଣୀ ବିହାରରେ ।"

ମହିଳାଙ୍କୁ ସେ କିଛି ପଚାରିଲାନି । ମାତ୍ର ସେ ତା ଆଡୁ ଡ୍ରାଇଭରକୁ କହିଲା, "ସି.ଆର.ପି. ଛକ ଆଗରୁ ବାଁପଟ ବରଗଛ ପାଖରେ ମତେ ଡ୍ରପ୍ କରି ଦେବ ।"

ଆଜ୍ଞାବହ ଭୃତ୍ୟ ପରି ଡ୍ରାଇଭର 'ହଁ' କଲା ଏବଂ ଆଉ ଗୋଟେ ସିଗ୍ରେଟ୍ ଲଗାଇବାକୁ ଯାଉଥିଲା, ହେଲେ ମହିଳା ତାକୁ ଏପରି ଚାହିଁଲା ଯେ ସେ ସିଗ୍ରେଟ୍ ଖୋଳରେ ପୂରାଇ ରଖିଦେଲା ଏବଂ ଆଗକୁ ଚାହିଁ ଗାଡି ଚଳାଇବାରେ ଲାଗିଲା ।

କିଛି ସମୟ ପରେ ଘୁମେଇ ପଡ଼ିଥିବା ହେଲପରକୁ ଡାକି ଡ୍ରାଇଭର ତା' କାନ ପାଖରେ କ'ଣ ଫୁସ୍‌ଫୁସ୍ କରି କହିଲା ଯାହା ମତେ ଶୁଭିଲା ନାହିଁ । ମାତ୍ର ଖୁବ୍ ଅଡୁଆ ଲାଗିଲା । ମୁଁ ଭାବିଲି ସେମାନେ ନିଶ୍ଚୟ ଏ ମହିଳା ଯାତ୍ରୀକୁ ନେଇ କିଛି ଯୋଜନା

Digitized by srujanika@gmail.com

କରୁଛନ୍ତି । ତା'ପରେ ପଲାଶୁଣୀ ଚେକ୍ ଗେଟ୍ ପାଖରେ ବସ୍ କୌଣସି କାରଣରୁ ଅଟକି ରହିଲା । ବୋଧହୁଏ ଆଗରେ ଟ୍ରାଫିକ୍ ଜାମ୍ ଥିଲା । ମୁଁ ହଠାତ୍ ନ ଭାବି ନ ଚିନ୍ତି କହିଲି, "ଆପଣ ଆଜି ମୋର ଗୋଟେ ବଡ଼ ଅନୁଭବର ସୁଯୋଗକୁ ନଷ୍ଟ କରିଦେଲେ ।"

"କେମିତି ?"

"ନାଇଁ କଥା କ'ଣ କି ଆଜି ଏ ଦାମୀ ବସ୍‌ର କେବଳ ମାତ୍ର ଏକୁଟିଆ ଯାତ୍ରୀ ହୋଇ ଯିବାକୁ ଭାବିଥିଲି । ଏଇଟା ଗୋଟେ ଏକମାତ୍ର ଅନୁଭବ ହିସାବରେ ସ୍ମରଣୀୟ ହୋଇ ରହିଥାନ୍ତା ମୋ ପାଇଁ । ଥରେ ଏକୁଟିଆ ଦଶ ଲକ୍ଷ ଟଙ୍କାର ଦାମୀ ଲକ୍‌ସରୀ ବସ୍‌ରେ କଟକରୁ ଭୁବନେଶ୍ୱର ପାଞ୍ଚ ଟଙ୍କା ମୂଲ୍ୟ ଦେଇ ଫୁଲ୍ ରିଜର୍ଭ କରି ଯିବାର ତ କ୍ଷମତା । ନାହିଁ ଯଦି ଦୈବାତ୍ ଏମିତି ସୁଯୋଗ ମିଳେ କେବେ କେବେ ହେ ପୁଣି ଆପଣଙ୍କ ଯୋଗୁଁ ହାତରୁ ଖସିଗଲା... ।"

ମହିଳା ଦଶକ ହସିଲା ଏଥରକ ପୂରା ଖୋଲାହସ । ତା' ଛାତି ବି ହଲିଗଲା । ହସରେ ତା' ପୁରା ଶରୀରଟା ଖିଲ ଖିଲ୍ ହୋଇ ଉଠିଲା । ସେ କହିଲା, "ଏକୁଟିଆ ତ ଆପଣ ଯାଉଛନ୍ତି ।"

"ମାନେ, ଆପଣ ସାଙ୍ଗରେ ଥିବା ଯାଏ ମୁଁ ଏକୁଟିଆ ହେଲି କେମିତି ?"

"ମାନେ ଦେଖନ୍ତୁ, ମୁଁ ତ ଆପଣଙ୍କ ପରି ନୁହେଁ । ମୁଁ ହେଲି ଅବଳା, ଦୁର୍ବଳା, ଅବହେଳିତ, ନିଷ୍ପେସିତା, ଦଳିତା ସ୍ତ୍ରୀ ଜାତିର । ଆପଣ ପୁରୁଷ ଆଉ ସବଳ । ଆପଣଙ୍କ ପରି ମୋର ସ୍ଥିତି କାହିଁ ? ଥିଲେ ବି ସେ ନ ଥିବା ସାଙ୍ଗେ ସମାନ ।"

ମୁଁ ଭଲ କରି ଦେଖିଲି । ସେ ଯାହା କହୁଥିଲା ସତ ପରି ଲାଗୁଥିଲା । ପିଲାଦିନେ କେଉଁ ଗୋଟେ ଭୂତ ଗପରେ ପଢିଥିବା ଅଶରୀରୀ ପ୍ରେତିନୀ ପରି ତା ଚେହେରାରେ ବାସ୍ତବତା ନଥିଲା, କେବଳ ପ୍ରତିଫଳନ ହିଁ ଥିଲା । ମୁଁ ତାର ଅଶରୀରୀ ହସକୁ ନିଷ୍ପାପର ସତ୍ୟତାରେ ବଦଳାଇବାକୁ ଯାଇ କହିଲି – "ଏଥିରେ ହସିବାର କିଛି ନାହିଁ । ମୁଁ କହିଥିଲି – ଆପଣ ନ ଆସିଥିଲେ ମୋର ଏଇ ଯାତ୍ରାଟା ଅତ୍ୟଧିକ ସ୍ମରଣୀୟ ହୋଇ ରହିଥାନ୍ତା– ସେଇ କଥା ।"

"ଆପଣ ଭାବି ନିଅନ୍ତୁ ଯେ ମୁଁ ଆସି ନାହିଁ । ତାପରେ ଯଦି ବି ଆସିଛି ଆପଣଙ୍କ ପରି ନୁହେଁ । ଅନ୍ତତଃ ମୁଁ ସ୍ତ୍ରୀ ଲୋକମାନଙ୍କର ପ୍ରତିନିଧିତ୍ୱ କରିପାରେ ସିନା, ସମସ୍ତ ମାନବ ଜାତିର ନୁହେଁ । ଯେପରି ଆପଣ କରିପାରନ୍ତି । ତାପରେ ମୁଁ ଏପର୍ଯ୍ୟନ୍ତ ଯାତ୍ରା ଖର୍ଚ୍ଚ ବି ଦେଇ ନାହିଁ ।"

ମୁଁ ହସିଲି । ଏଥରକ ମତେ ପ୍ରକୃତରେ ବଲୁଆ ଲାଗିଲା । ଏକା ମୁଥକେ ମୁଁ ଡ୍ରାଇଭରର ଛାମୁଦାନ୍ତ ଭାଙ୍ଗି ଦେଇପାରେ । ବସ୍‌ର କାଚକୁ ଚୂନା କରି ଦେଇପାରେ । ହେଲ୍‌ପରକୁ ଝର୍କାରେ ଗଳାଇ ଫିଙ୍ଗି ଦେଇପାରେ । ହେଲେ ଏ ମହିଳାର ମୁଁ କ'ଣଟା

Digitized by srujanika@gmail.com

କରିପାରିବି ? କିମ୍ୱା ଏ ମହିଳାଟା ସେମାନଙ୍କ ହାତରେ ପଡିଲେ କେମିତି ବା ଆତ୍ମରକ୍ଷା କରିବ ସେମାନଙ୍କର ଆକ୍ରମଣରୁ । ସେମାନେ ଦି'ଜଣ ପୁରୁଣ ଆଉ ସେ ଏକମାତ୍ର ଅବଳା ।

ତା' ଆଡକୁ ଆଉଜି ମୁଁ ଆସ୍ତେ କହିଲି, "ଦେଖନ୍ତୁ, ମୁଁ ତ ଏଇ ଆଗରେ ବାଣୀବିହାରରେ ଓହ୍ଲେଇ ପଡ଼ିବି, ତା'ପରେ ଆପଣ ଏକୁଟିଆ ଏ ବସ୍‌ଟାରେ ସି.ଆର.ପି. ଯାଏଁ ଯିବେ କେମିତି ? ଡ୍ରାଇଭରଟା ମଦ ପିଇଛି, ଆଉ ହେଲପରଟା ତାକୁ ହେଲପ୍ କରିବ । ଏଠୁ ଆହୁରି ଚାରି କିଲୋମିଟର ବାଟ ଆଉ ଆପଣ ଏକା । ସମୟଟା ଭଲ ନୁହେଁ । ଆପଣ ଗୋଟେ କାମ କରନ୍ତୁ, ମୋ ସାଙ୍ଗରେ ବାଣୀବିହାର ଛକରେ ଓହ୍ଲେଇ ପଡନ୍ତୁ । ମୁଁ ଆପଣଙ୍କୁ ଯେଉଁଠି କହିବେ ମୋ ସ୍କୁଟରରେ ଛାଡି ଦେବି । ମୋ ସ୍କୁଟରଟା ଏଇଠି ପାନ ଦୋକାନୀ ପାଖରେ ଅଛି ।"

ମହିଳାର ଓଠ ଏଥରକ ସଂପ୍ରସାରିତ ହେଲା । ସେ କିଛି କହିବାକୁ ଚାହୁଁଥିଲା, ମାତ୍ର କହିଲା ନାହିଁ । ସେ ପୁନର୍ବାର ସୁନ୍ଦରୀ ଯୁବତୀରେ ବଦଳି ଗଲା । ନିର୍ଭୟରେ କଥା କହିବାକୁ ଆରମ୍ଭ କଲା–

"ମୁଁ ଆପଣଙ୍କର ସ୍ତ୍ରୀଙ୍କୁ ଜାଣେ ?"

"କେମିତି ?"

"ଶ୍ୟାମଳୀ ଆମ ସହିତ ଏକାଠି ପଢୁଥିଲା ।"

"କେଉଁଠି ?"

"ୟୁନିଭର୍ସିଟିରେ ଏବେ ମୋର ରିସର୍ଚ୍ଚ କାମ ଚାଲିଛି ତ ସେଥିପାଇଁ ଭୁବନେଶ୍ୱର ଆସିବାକୁ ପଡ଼େ ସପ୍ତାହକୁ ଦୁଇ ଦିନ । ମୋ ଗାଇଡ୍ ଏଇଠି ଥାନ୍ତି ତ ସି.ଆର.ପି.ରେ ମୁଁ ସେଇଠାକୁ ଯାଉଛି ।

"ହେଲେ ଆପଣ ଶ୍ୟାମଳୀକୁ କେମିତି ଜାଣିଲେ ?"

"ସେ ଆମ ବ୍ୟାଚ୍‌ର ସବୁଠୁ ବ୍ରିଲିୟାଣ୍ଟ ଥିଲା । ଆମେ ସମସ୍ତେ ତାକୁ ମଫସଲି ବୋଲି ଯେତିକି ଥଟ୍ଟା କରୁଥିଲୁ ବୁଦ୍ଧିମତୀ ବୋଲି ସେତିକି ସମ୍ମାନ ଦଉଥିଲୁ । ମୁଁ କିନ୍ତୁ ତାକୁ ଈର୍ଷା କରୁଥିଲି । ଈର୍ଷା କରୁଥିବା ଲୋକକୁ ସହଜରେ ଭୁଲି ହୁଏନି । ଆପଣଙ୍କୁ ଶୁଣେଇ ମୁଁ ପୁଣି ଥରେ କହିପାରେ ଯେ ମୁଁ ଆପଣଙ୍କ ସ୍ତ୍ରୀଙ୍କୁ ଏବେ ବି ଅନ୍ୟ କାରଣରୁ ଈର୍ଷା କରେ ।"

ମୁଁ ତା'ର ଠିକଣା ଜବାବ୍ ଦେବାକୁ ଯାଗ ପଚାରିଲି, "ମୁଁ ଯଦି କହେ ମୁଁ ଆପଣଙ୍କର ସ୍ୱାମୀଙ୍କୁ ଈର୍ଷା କରେ, ଆପଣଙ୍କୁ କେମିତି ଲାଗିବ ?"

"ଖୁବ୍ ଭଲ, ହେଲେ ଆପଣ ତାଙ୍କୁ ଜାଣନ୍ତି କି ?"

"ନାଁ, ଜାଣିବା ଦର୍କାର ନାହିଁ । ଆପଣଙ୍କୁ ଦେଖିଲେ ମତେ ସବୁ ଜଣା ପଡିଯାଉଛି ।"

Digitized by srujanika@gmail.com

"ଆଚ୍ଛା !"

"ହଁ, ତା'ପରେ ଫଟୋ ତ ଦେଖିଛି । ଚିହ୍ନି ପାରିଛି, ଆଉ ଅଧିକ କିଛି କହିବାକୁ ଠିକ୍ ମନେ କରୁନି ।"

ମୁଁ ଆଉ କିଛି କହିବା ପୂର୍ବରୁ ବସ୍‌ଟା ବାଣୀବିହାର ଛକରେ ପହଞ୍ଚିଲା । ମୁଁ ଝାଡିଝୁଡି ହୋଇ ଠିଆ ହେଲି ଏବଂ ପକେଟରୁ ପାଞ୍ଚ ଟଙ୍କା କାଢି ହେଲପରକୁ ଯାଚିଲି ତ ମହିଳା ମୁଣ୍ଡ ହଲାଇ ମନା କରି ଦେଲା । ହେଲ୍‌ପର ବଢାଇଥିବା ହାତକୁ ଫେରାଇ ନେଲା । ମୁଁ କିଛି ବୁଝି ପାରିଲି ନାହିଁ । ଓହ୍ଲେଇବାକୁ ଗେଟ୍ ପାଖକୁ ଯାଇ ମୁଁ ମୁହଁ ବୁଲାଇ ଚାହିଁଲି । ସେ ମଧ୍ୟ ମୋ ଆଡେ ଚାହିଁଲା ଏବଂ ପୁଣି ଦୃଷ୍ଟି ଫେରାଇ ନେଇ ସିଧା ଆଗକୁ ଚାହିଁଲା । ମତେ ବିଦାୟକାଳୀନ ନମସ୍କାର ମଧ୍ୟ କଲା ନାହିଁ ବୋଲି ମୁଁ ମନେ ମନେ ଅଳ୍ପ ଅସମ୍ମାନ ଅନୁଭବ କଲି । ତାପରେ ବସ୍‌ରୁ ଓହ୍ଲାଇ ରାସ୍ତାରେ ଛିଡା ହୋଇ ଦେଖିଲି ବସ୍‌ଟା ଆଗକୁ ଗଡ଼ି ଯାଉଥିଲା । କେବଳ ଗୋଟିଏ ମାତ୍ର ଦୁର୍ବଳା ଅବଳା ମହିଳା ଯାତ୍ରୀକୁ ଅପହରଣ କରି ନେବା ପରି ଦୁଇଜଣ ପୁରୁଷ ଗୋଟେ ବସ୍‌ରେ ଆଗକୁ ଚାଲି ଯାଉଥିଲେ ।

ମୁଁ ଭାବୁଥିଲି ଆଜି ସେଇ ଏକୁଟିଆ ମହିଳାର ଅବସ୍ଥା କ'ଣ ଯେ ହେବ ସେ କଥା କିଏ କହିପାରିବ ! ମତେ ଦିଶିଗଲା ସିନେମାରେ ଦେଖାଯାଏ ଯେପରି ରେପ୍‌ସିନ୍, ସେଇପରି ଖିନ୍‌ଭିନିଆ ଦୃଶ୍ୟ । ଏତିକି ବେଳେ ସାମ୍ନାପଟୁ ଧଳା ଟାଟା ସିଆରା ଗାଡିରେ ବସି ଜଣେ ଭଦ୍ରଲୋକ ରାସ୍ତାରେ ପାର ହୋଇଗଲେ । ଖଦଡ ପଞ୍ଜାବି ପିନ୍ଧିଛନ୍ତି, ଫ୍ରେଞ୍ଚକଟ୍ ଦାଢୀ, ଆଖିରେ କଳାଚଷମା, ଓଠରେ ଲମ୍ବା ସିଗ୍ରେଟ୍ । ତାଙ୍କୁ ଦେଖିବା ମାତ୍ରେ ସ୍କୁଟର ଚଳାଉଥିବା ଲୋକର ଈର୍ଷା ହେବ ଇ ହେବ ।

ସ୍କୁଟର ଷ୍ଟାର୍ଟ କଲାବେଳେ ମୁଁ ଭାବୁଥିଲି, ସେଇ ବୋଧେ ମୁଁ ଭେଟିଥିବା ଅସହାୟା, ଅବଳା ଅର୍ଥନୀତି ଅଧ୍ୟାପିକାର ସ୍ୱାମୀ ।

ଘରେ ଆସି ଶ୍ୟାମଳୀକୁ କହିଲି, "ଜାଣିଛ, ଆଜି ବସ୍‌ରେ ଫେରିବା ବେଳେ ଜଣେ ଭଦ୍ରମହିଳା ସାଙ୍ଗରେ ଦେଖାହେଲା ଯେ କହୁଥିଲା ତମକୁ ଚିହ୍ନିଚି । ତମ ନାଁ ବି ଜାଣେ, ତା' ନାଁଟା ପଚାରିବାକୁ ଭୁଲିଗଲି । କ'ଣ ନାଁଟା କହିଲ ଦେଖି ।"

ଶ୍ୟାମଳୀ ମୋ କଥାରେ ଆଦୌ ଗୁରୁତ୍ୱ ନ ଦେଇ କହିଲା "ତା ନାଁ ମନେପକେଇ ସମୟ ବରବାଦ କରିବା ଦରକାର ନାହିଁ ।" ମୁଁ ସହଯାତ୍ରିଣୀକୁ ଶ୍ୟାମଳୀ ସହିତ ତୁଳନା କଲି । ଶ୍ୟାମଳୀର ନାଁ ତା ବାଁ ହାତରେ ଚିତାକୁଟା ହୋଇ ଲେଖାହୋଇଥିଲା । ତା ନାଁ ପଚାରିବା ଦରକାର ନାହିଁ । କଣ ଥିଲା ସେ ସହଯାତ୍ରିଣୀର ନାଁ ମୁଁ ଆଉ କେବେ ବି ଜାଣିବି ନାହିଁ । ତାକୁ ସମୟ ଓ ଦୂରତା ମୋ ଠାରୁ ବିଚ୍ଛିନ୍ନ କରି ରଖିବ । ଯଦିଓ ସ୍ମୃତିରେ ତା' ସହିତ ସାକ୍ଷାତ ହୋଇଯାଇପାରେ ଅଚାନକ ।

❑❑❑

Digitized by srujanika@gmail.com

# ଶିକାର

ବ୍ୟାଙ୍କ ପାଖ ଗଳି ଭିତରୁ ଭୁଷ୍ କିନା ବାହାରି ଆସିଲା ଗାଉଁଲି ସାଇକଲବାଲାଟା । ଆଉ ରାଜା ଚଲାଉଥିବା ଗାଡ଼ିର ବାଁପଟ ଡୋର୍‌ରେ ପିଟି ହୋଇ ପଡ଼ିଗଲା । ରାଜା ଗୋଟେ ହାତରେ ସିଗ୍ରେଟ୍ ଟାଣୁଥିବାରୁ ହଠାତ୍ ଗାଡ଼ିଟାକୁ ବୁଲାଇ ପାରିଲାନି ବୋଲି ଏପରି ଦୁର୍ଘଟଣା ଘଟିଗଲା । ତା'ପରେ ସେଠାରୁ ଖୁବ୍ ଜୋର୍‌ରେ ଚଳାଇ, ଗଳି କନ୍ଦିରେ ବୁଲାଇ ବୁଲାଇ ରାଜା ତା'ର ଗାଡ଼ିକୁ ଜଣେ ଦୂର ସମ୍ପର୍କୀୟ ଓକିଲଙ୍କ ଗେଟ୍ ଭିତରେ ପୂରାଇ ଦେଲା ଏବଂ ଶାନ୍ତିରେ ନିଶ୍ୱାସ ମାରିଲା । ଗୋଟେ ବାଇକ୍‌ବାଲା ତାକୁ ପଛରେ ଗୋଡାଇଥିଲା ହେଲେ ଧରି ନପାରି ଫେରି ଯାଇଥିଲା । "ଓହୋ, ବଞ୍ଚିଗଲି" ବୋଲି ପାଟିରୁ ବାହାରିଗଲା ରାଜାର ।

ନିଜେ ଘଟାଇଥିବା ଦୁର୍ଘଟଣାର ଦେଢ ଘଣ୍ଟାପରେ, ଘଟଣା ସ୍ଥଳରେ ଟିକେ ପୂର୍ବରୁ ରିକ୍ସାରୁ ଓହ୍ଲାଇ ପଡ଼ି ରାସ୍ତାରେ ଚାଲୁ ଚାଲୁ ରାଜା ଆରିଆଡେ ଲକ୍ଷ୍ୟ କଲା । ସାଧାରଣ ଜୀବନଯାତ୍ରା ଚାଲିଛି ତା' ବାଟରେ । ରିକ୍ସାରେ ବସି ଫେରୁଛନ୍ତି ସ୍କୁଲ୍ ପିଲା । ଟା ବାଲାଠୁ ଚା' କିଣି ଦି ଜଣ ପିଉ ପିଉ ଗପିବାରେ ବ୍ୟସ୍ତ । ଦିଟା କଲେଜ ଝିଅ ଦହିବରା ଆଳୁଦମ୍ ଖାଉଛନ୍ତି । ରାସ୍ତାରେ ଯା'ଆସ କରୁଥିବା ଲୋକମାନେ ସମସ୍ତେ ତରତରରେ ଥିବା ମରି ମନେ ହେଉଛି । ରାଜା ଜାଣିବାକୁ ଚାହୁଁଥିଲା ସେ ଦୁର୍ଘଟଣାଗ୍ରସ୍ତ ଲୋକଟିର କ'ଣ ହେଲା । ତା'ର କିଛି ହୋଇନଥାଉ । ପାଖ ପାନ ଦୋକାନ ନିକଟକୁ ଯାଇ ଦୁଇଟା କଡାପାନ ଭାଙ୍ଗିବାକୁ କହି ପଚାରିଲା - "ଭାଇ ସେ ବ୍ୟାଙ୍କ ପାଖରେ ଗାଡ଼ି ଧକ୍‌କାରେ କିଏ ଗୋଟେ ପଡ଼ି ଯାଇଥିଲା ପରା ? କ'ଣ ହେଲା ତା'ର ?"

"କିଛି ନାହିଁ ମ । କ'ଣଟା ହେବ ?" ପାନ ଭାଙ୍ଗୁ ଭାଙ୍ଗୁ ତଳକୁ ଚାହିଁ ଉତ୍ତର ଦେଲା ପାନ ଦୋକାନୀ । "ଗାଉଁଲି ଲୋକଟା ହଠାତ୍ ବାଲାନ୍ସ ନକରିପାରି ଗାଡ଼ି ଡୋର୍‌ରେ ବାଡେଇ ହେଇଗଲା । ପୁଣି ଝାଡ଼ିଝୁଡ଼ି ହୋଇ ଉଠିଲା । କିଛି ହେଇନି ତା'ର ଖାଲି ଯାହା ବାଁ ହାତଟା ଭାଙ୍ଗି ଯାଇଛି । ଶଳା ଡ୍ରାଇଭରର ଭାଗ୍ୟ ଭଲ । ଖସିଗଲା । ଯୋଉ ସ୍ପିଡ୍‌ରେ ଗାଡିଟାକୁ ନେଇ ଏଠୁ ଉଭାନ ହୋଇ ଗଲାନା ! ଏତେ ଲୋକ ପାଟି କରୁଥିଲେ ହେଲେ କେହି ଅଟକାଇ ପାରିଲେନି । ଡ୍ରାଇଭରଟାକୁ ଭଲ କରି ଜଣାଥିବ କଟକର ଗଳିକନ୍ଦି । ଧଳା ଆମ୍ବାସାଡର୍ ଗାଡିଟା । ନମ୍ବର ବି ମୋର ମନେଅଛି ଓ ଆର୍‌ୱ୍ୟୁ କୋଡିଏ ଏକୋଇସ୍ । ଡ୍ରାଇଭରଟାକୁ ବି ଭଲ କରି ଦେଖିଛି ।

Digitized by srujanika@gmail.com

ସେ ଶଳା ଟୋକା ଆଉଥରେ ଏବାଟେ ଗଲେ ଚିହ୍ନି ଦେବି, ଛାଡ଼ିବିନି । ଠିକ୍ ମନେ ଅଛି ମୋର ତା' ମୁହଁଟା । ଗୋଲ୍ ଗାଲିଆ ଟୋକାଟେ ତ । ପାନ ଦିଖଣ୍ଡ ବଢାଇଦେଇ ରାଜା ମୁହଁକୁ ଚାହିଁଲା ପାନ ବାଲା ଆଉ ପଇସା ମାଗିଲା । ଦାଢୀ କୁଣ୍ଡେଇବାର ବାହାନାରେ ମୁହଁଟାକୁ ବିକୃତ କରି ରାଜା ପଚାରିଲା, "ଆଚ୍ଛା ସେ ଡ୍ରାଇଭରର ବୟସ କେତେ ହେବ ?"

"ଏଇ ଆପଣଙ୍କ ବୟସର ହବ" କହି ପୁଣି ତା ମୁହଁକୁ ଚାହିଁଲା ପାନ ବାଲା । ନାଇଁ ନାଇଁ ଅଳ୍ପ ବଡ଼ ହେବ ସିନା ସାନ ଜମାରୁ ନୁହେଁ । ବଦ୍‌ମାସଟେ ହେଇଥିବ । ପାନ ଖାଏ । ଆଖି ଗୁଡାକ ଟିକେ ଖଇରିଆ । ପିନ୍ଧିଥିଲା ଗୋଟେ କଳାରଙ୍ଗର ଟି ସାର୍ଟ ।" ରାଜା ଏସବୁ ଶୁଣି ନିଶ୍ଚିତ ହୋଇଗଲା ଯେ ଗପୁଡି ପାନବାଲା ତାକୁ ଚିହ୍ନିପାରିନି ଯଦିଓ ସେ ଏପର୍ଯ୍ୟନ୍ତ ସେ କଳା ଟି ସାର୍ଟଟା ପିନ୍ଧିଥିଲା । କଡାପାନ ଛେପକୁ ରାସ୍ତା କଡ଼କୁ ପକାଇ ରାଜା ସେଠାରୁ ନିର୍ଭୟରେ ପଳାଇ ଆସିବ ବୋଲି ଭାବୁଥିଲା । ପୁଣି ଥରେ ପାନବାଲା ମୁହଁକୁ ଚାହିଁଲା ଏବଂ ଆଖି ଫେରାଇ ନେଇ ପଚାରିଲା, " ଆଉ ଥାନାରେ ଏତାଲା ଦିଆ ହୋଇଛି କି ?"

"ନା ନା, ସେ ସବୁ କିଛି ଦରକାର ନାହିଁ ।"

ନିଶ୍ଚିନ୍ତରେ ନିଶ୍ୱାସ ମାରିଲା ରାଜା । ଦାନ୍ତକଡ଼ରୁ ଗୁଆ ଖୁଣ୍ଟୁ ଖୁଣ୍ଟୁ ପଚାରିଲା, "ଆଉ ଭାଇ, ଆଉଥରେ ଯଦି ସେ ଗାଡ଼ିବାଲା ଏବାଟେ ଯାଏ ତମେ ତାକୁ ସତରେ ଚିହ୍ନି ପାରିବ ?"

"ଚିହ୍ନି ପାରିବି ମାନେ ? କ କଥା କହୁଚ, ଏଇ ପାନ ଦୋକାନ କସମ୍, ଥରେ ସାମ୍ନାରେ ପଡ଼ିଲେ ପୁଅକୁ ଏମିତି ପାନେ ଦେବି ସେ ଜିନ୍ଦେଗୀଭର ୟାଦ୍ ରଖିବ ।" ନିଜେ ଖାଉଥିବା ଡିଲକ୍ସ ପାନର ବଳକା ଛେପ ଢୋକି ପାନଦୋକାନୀ କହିଲା, "ପୁଅର ଗାଡ଼ି ଆଉ ଥରେ ଏବାଟେ ଆସୁ, ମତେ ଚିହ୍ନିବ । କୋଡିଏ ଏକୋଇଶ୍ ତ ଯିବ କୁଆଡେ ?"

"କ'ଣ କରିବ ତା'ର ?" ଡରି ଡରି ରାଜା ପଚାରିଲା ।

"କଲର ଧରି ଏମିତି ଧୂଳେଇ କରିବି ଯେ ଗୋଡ଼ ତଳେ ପଡ଼ିଯିବନି ? ସାଇପୂଜା ପାଇଁ ଦି'ଟା ଗାନ୍ଧୀ ମୁଣ୍ଡ ଗଣି ନଦେଲେ ତା'ର ନିସ୍ତାର ନାହିଁ । ନା କ'ଣ କହୁଛ ?"

"ଆଉ ଯଦି ସିଏ ନମ୍ବର ପ୍ଲେଟ୍ ବଦଳାଇ ଦିଏ ?"

"ଆହେ କେତେ ଦେଖିଛି ହୋ ନମ୍ବର ପ୍ଲେଟ୍ ବଦଳାଇବା ବାଲା । ହେଲେ ତମେ କାହିଁକି ଏତେ କଥା ପଚାରୁଛ କହିଲ ? ଦି ଖଣ୍ଡ ପାନ କିଣିକି ପୁଣି ଏତେ କଥା ।"

"ନା ନା ମୁଁ ଯାଉଛି" କହି ରାଜା ଆଗକୁ ବଢ଼ିଲା । ତାକୁ ଲାଗିଲା ଆଉ ଟିକକରେ ସେ ପାନ ଦୋକାନୀଟା ପଛପଟୁ ଆସି ତାକୁ ମାଡି ବସିବ ଆଉ କିଛି ଉତ୍ତମ ମଧ୍ୟମ

Digitized by srujanika@gmail.com

ଥୋଇବ । ତା ପକେଟରୁ ଟଙ୍କା ସହିତ ପର୍ସଟାକୁ ଛଡାଇ ନେବ । ଟଙ୍କା ଯାଉ କିଛି କଥା ନାହିଁ, କିନ୍ତୁ ପର୍ସରେ ଯେ ରୀନାର ଫଟୋଟା ରଖିଛି ସେଇଟାକୁ ହଜାଇ ପାରିବନି ରାଜା ।

ଆଉ ଟିକେ ଆଗକୁ ଯାଇ ଗୋଟେ ପ୍ୟାକେଟ୍ ସିଗ୍ରେଟ୍ କିଣିଲା, ଗୋଟେ କାଢି ପାଟିରେ ଧରାଇ ଦିଆସିଲ୍ ମାରିଲା, ସେଠି ଟିକେ ଛିଡା ହୋଇ ପଛ ପକେଟରେ ଥିବା ପର୍ସରେ ହାତ ମାରିଲା କାରଣ ତା ଭିତରେ ରୀନାର ଫଟୋ ଥିଲା । ତାକୁ ରୀନା ଗାଲରେ ହାତ ମାରିବା ପରି ଲାଗିଲା । ହଠାତ୍ ରାଜାର ମନେ ପଡ଼ିଗଲା ସେ ପ୍ରଥମେ ଯେଉଁଦିନ ସିଗ୍ରେଟ୍ ଟାଣିଥିଲା । ସ୍କୁଲରେ ୫ମ ଶ୍ରେଣୀରେ ପଢ଼ିବା ବେଳେ ବନବିହାରୀ ନାମକ ପିଲା ସାଙ୍ଗରେ ପଡ଼ି ସ୍କୁଲ୍ ପଛ ଜାମୁ ଗଛ ମୂଳରେ ପ୍ରଥମ ସିଗ୍ରେଟ୍ ଟାଣିଥିଲା ଆଉ ତା'ର ପ୍ରଥମ ଧୂଆଁ ବାଜି ତା'ର ତଣ୍ଟିଟା ଜଳିଗଲା ପରି ଲାଗିଥିଲା । ତାପରେ ସେ ଜଳିବାଟାକୁ ହିଁ ସେ ଭଲ ପାଇ ବସିଲା ।

ମଣିଷ ପରି ଆତ୍ମଘାତୀ ପ୍ରବୃତ୍ତି ଆଉ କାହାରି ନାହିଁ । ଯାହା ତାର କ୍ଷତିକରେ ସେ ସେହି କାମଟି କରିବାକୁ ତତ୍ପର ହୁଏ । ଯାହା ତାକୁ ଭୟଭୀତ କରାଏ ସେ ତାହାରି ସାମ୍ନା କରେ । ନିଆଁ ସାଙ୍ଗରେ ଖେଳେ, ଶିଖରରୁ ଡିଏଁ, ତରବାରୀରେ ତରଙ୍ଗ ଖେଳାଏ, ପରକୀୟାକୁ ପ୍ରତିଭା ବିଚାର କରେ, ବିଷ ଖାଇ ହଜମ କରେ । ଏଇ ହେଲା ତା'ର ସଉକ । ସେ ବାଘକୁ ଡରେ ତେଣୁ ବାଘ ଶିକାର କରିବାକୁ ଚାହେଁ । ମଣିଷଠାରୁ ଅଧିକ ଭୟାତୁର ପ୍ରାଣୀ ଆଉ କେହି ନାହିଁ, ମାତ୍ର ଏହି ଭୟରୁ ଜନ୍ମ ନିଏ ଏକ ଘାତକ ପ୍ରବୃତ୍ତି ଯାହା ତାକୁ ଦ୍ୱିଧାରୁ ମୁକ୍ତ କରେ । ଏ ଏକଥା ଭାବୁ ଭାବୁ ଦି'ଢୋକ ଧୂଆଁ ଗିଳି ପକାଇ ତାକୁ ଚିମିନୀରୁ ବାହାରିବା ପରି ନାକବାଟେ ବାହାର କଲା । ତାର ଆଖି ଲାଲ୍ ହୋଇଗଲା । ସାରା ଜନଗହଳିଟା ତାକୁ ଜଙ୍ଗଲ ପରି ଦେଖାଗଲା । ଏ ଜଙ୍ଗଲରେ ସେ ହେଉଛି ଗୋଟେ ଶିକାରୀ । ତା ହାତରେ ଅଛି ଶିକାରୀର ବନ୍ଧୁକ ।

ସେ ତୁଳନା କଲା ମଣିଷ ଓ ଅନ୍ୟାନ୍ୟ ଜନ୍ତୁମାନଙ୍କୁ । ଜନ୍ତୁମାନେ ଭୀରୁ ନୁହଁନ୍ତି । ସେମାନଙ୍କର ଆତ୍ମରକ୍ଷାର ଦୌଡ଼ କାପୁରୁଷର ନୁହେଁ । ମଣିଷ ପାଖରେ ତା'ର କାପୁରୁଷ ପଣିଆ ତା'ର ଔଦ୍ଧତ୍ୟଠାରୁ ହଜାର ଗୁଣରେ ଅଧିକ । କୌଣସି ଏକ ଅନୁପସ୍ଥିତ ଅକାରଣ ଭୟର ଭୀତତ୍ରସ୍ତ ହେବାର ଉଦାହରଣ କେବଳ ମଣିଷଠାରେ । ତା'ର ଭାବନା ତା'ର କଳ୍ପନାର ମୂଳ, ତା'ର ଭୟର ଆରମ୍ଭ ବା ସାହସର ଶେଷ । ତେଣୁ କୁହାଯାଇଛି ଯିଏ ଡରିଯାଏ, ସେ ହାରିଯାଏ, ମରିଯାଏ । ବାଘ ଆକ୍ରମଣରେ ହରିଣୀ ଆକ୍ରାନ୍ତ ହେବା ପୂର୍ବରୁ ମଣିଷ ପରି ମରିଯାଏନି । ଭୟରେ କେବଳ ମଣିଷ ହିଁ ମରିପାରେ । ଭୟ ଜର୍ଜରୀତ କାପୁରୁଷ ଭୀରୁ ପରି ଜଘନ୍ୟ ହତ୍ୟା କରିପାରେ, ଶାସ୍ତ୍ର ପ୍ରୟୋଗ କରିପାରେ, ଖାଲକୁ ଠେଲି ଦେଇପାରେ, ନିଆଁ ଲଗାଇ ଦେଇପାରେ । ମଣିଷମାନଙ୍କ ଭିତରେ ସବୁଠୁ ଦୁର୍ବଳତମ

Digitized by srujanika@gmail.com

ଭୀରୁଟି ମଧ୍ୟ ସୁମୋ ରେସଲରକୁ ଧରାଶାୟୀ କରିପାରେ, କୌଶଳକ୍ରମେ, କଳ୍ପନା ବଳରେ ଏବଂ ଆଗରୁ ଯୋଜନା କରି ।

ଏମିତିକା କେତେ କଥା ଭାବୁ ଭାବୁ ସେ ଏକା ରହୁଥିବା ଭଡା ଘରେ ପହଞ୍ଚିଥିଲା । ପକେଟ୍‌ରୁ ବାହାର କରି ରୀନାର ଫଟୋଟା ଦେଖିଲା । ଫଟୋଟା ସେ ନିଜ କ୍ୟାମେରାରେ ଦୂରରୁ ରୀନାର ଅଜାଣତରେ ଉଠାଇ ନେଇଥିବା କଥା ଆଉ କେହି ଜାଣିନଥିଲେ । ପ୍ରତିଦିନ ସେ ସେଇ ଫଟୋଟିକୁ ଅତିକମ୍‌ରେ କୋଡିଏ ପଚିଶ ଥର ଦେଖେ ଏବଂ ଦୁଇଥର ସ୍ପର୍ଶକରେ । ତାକୁ ସେ ଫଟୋର ମୁହଁଟିକୁ ମଧ୍ୟ ଛୁଇଁବାକୁ କାହିଁକି ଭଲ ଲାଗେ କେଜାଣି ? ଏବେ ସେ ଫଟୋଟାକୁ ଦେଖୁ ଦେଖୁ ତାକୁ ଲାଗିଲା ରୀନା ହସୁଛି । ରୀନାର ହସ ଦେଖି ତାକୁ ବି ଖୁସି ଲାଗିଲା । ସେ ଦର୍ପଣ ଆଗକୁ ଯାଇ ନିଜ ମୁହଁକୁ ଦେଖିଲା.... ।

ତା ମୁହଁଟା ନିଜ ଆଖିରେ ଅଳ୍ପ ବଦଳି ଯାଇଥିବା ପରି ମନେ ହେଲା । ଖୁବ୍ ସଂଭ୍ରାନ୍ତ ଭଦ୍ର ଚେହେରା କିନ୍ତୁ ଅଳ୍ପ ଭୟାତୁର । ଭୟ ଛଡାଇବା ପାଇଁ ସେ କିଛି ବି କରିବାକୁ ପ୍ରସ୍ତୁତ । ଖାଲି ଆଖି ବୁଜିଦେଲେ ଅନ୍ଧାର ଚାଲିଯାଏନି ବୋଲି ସେ ଭଲ କରି ଜାଣେ । ତେଣୁ ସେ ସେଲ୍‌ଫରୁ ଆଣି କ୍ୟାମେରାଟାକୁ କାନ୍ଧରେ ଝୁଲାଇଲା, ତାକୁ କାନ୍ଧରେ ବନ୍ଧୁକଟେ ଝୁଲାଇବା ପରି ଲାଗିଲା, ସାହସୀ ଲାଗିଲା । କ୍ୟାମେରାଟା ତା'ର ଗୋଟେ ଖୁବ୍ ବିଶ୍ୱସ୍ତ ଅନୁଗତ ପରି ଲାଗିଲା । ସେ ଅପେକ୍ଷା କରିଥିଲା ତା'ର ସାଙ୍ଗକୁ ଯେଉଁମାନଙ୍କୁ ନେଇ ସନ୍ଧ୍ୟାପରେ ସେ ଯିବ ଖାଇବା ପାଇଁ ।

ସେ ମୁହଁକୁ ସାବୁନ୍‌ରେ ଧୋଇ ଦର୍ପଣରେ ପୁଣିଥରେ ଦେଖିଲା । ସତରେ ସେ କେତେ ବଦଳି ଯାଇଛି ଏ ସହରରେ ପ୍ରବେଶ କଲାପରେ । ରେଭନ୍ସା କଲେଜରେ ପାଠ ପଢିବାକୁ କହି ବାପାଙ୍କ ଅନୁମତି ନେଇ ସେ ଏଠାରେ ପଢିବାକୁ ଆସିଛି, ହେଲେ ଏବେ ସେ ବାପାଙ୍କୁ ଭୁଲିଯାଇଛି, ଗାଁକୁ ଭୁଲିଯାଇଛି, ସହରୀ ସଭ୍ୟତା ଭିତରେ ସେ ଗାଁର ସବୁ ସାଙ୍ଗ ସାଥୀଙ୍କୁ ବି ଭୁଲି ଯାଇଛି । ଖାଲି ମଝିରେ ମଝିରେ ତା'ର ମନେପଡେ ଗାଁଠୁ ଅନତି ଦୂରର ସେଇ ଜଙ୍ଗଲ ଯେଉଁଠି ବଣଭୋଜି କରିବାକୁ ସ୍କୁଲ୍ ପିଲାମାନେ ସବୁ ବର୍ଷ ଶୀତଦିନେ ଯାନ୍ତି । ଏବେ ତାକୁ ସହର ଖୁବ୍ ଭଲ ଲାଗୁଛି । ସହର କହିଲେ ଗାଡ଼ିମଟର, ବଡ଼ ବଡ଼ ରାସ୍ତା, ବଜାର ଘାଟ, ସିନେମା, ପାର୍କ ଆଉ ବଡ଼ ବଡ଼ ହୋଟେଲ୍ ଖାନାପିନାର ମଉଜ । ଏଠାରେ ଆମୋଦ ପ୍ରମୋଦ ସହିତ ଏକ ନୂଆ ପ୍ରକାରର ପ୍ରେମ ସଂପର୍କର ସଂଭାବନା ଯାହା ଆପଣାଛାଏ ଘଟିଯାଏ, ନିଜ ଅଜାଣତରେ ଯେପରି ରାଜା କ୍ଷେତ୍ରରେ ଘଟିଥିଲା ।

ସେ ଯେତେବେଳେ କଲେଜ କରିଡରରେ ଚାଲିଯାଉଥିଲା ଲାଭେଣ୍ଡରର ଗୋଟେ ମହକ୍ ତା ପଛରେ ପହଁରି ଯାଉଥିଲା । ଇଂପୋର୍ଟେଡ ଲାଭେଣ୍ଡରର ବାସ୍ନା । ସେ ବାସ୍ନା ଶୁଙ୍ଘି ଜଣେ କହିଦେଇ ପାରିବ କି ଏପଟେ ରାଜା ଯାଇଛି । ବାଃ କି ଷ୍ଟାଇଲ୍ ତା'ର । ହଷ୍ଟେଲ୍‌ରେ ରହି ପାରିବନି ବୋଲି ଗୋଟେ ଘରଭଡ଼ା ନେଇ ରହୁଛି । ଘର ଆଗରେ ତା

Digitized by srujanika@gmail.com

ଗାଡ଼ି ଥୁଆହୁଏ । ପିନ୍ଧେ ଦାମୀ ସୁଟ୍ ବୁଟ୍ । ମୁଣ୍ଡରେ ବାସ୍ନାତେଲ । ଶୁଣେ ମ୍ୟୁଜିକ୍ ସିଷ୍ଟମରୁ ଗୀତ । ସିନେମା ଯାଏ ଫାଷ୍ଟ ଦିନ ଫାଷ୍ଟ ସୋ । ସାଙ୍ଗରେ ଦୁଇଟା ସାଙ୍ଗ ତା ପଇସାରେ ସିନେମା ଯା'ନ୍ତି । ରାଜା ଇଂଲିଶ୍‌ରେ କଥା କହିପାରେ । ପକେଟ୍‌ରୁ ସେଲ୍ ଫୋନ୍ କାଢ଼ି କଥା ହୁଏ । ଏସବୁ ପ୍ରାଚୁର୍ଯ୍ୟକୁ ଦେଖି ତା ସହିତ ସାଙ୍ଗ ହେବାକୁ ଚାହାଁନ୍ତି ଅନେକ ପିଲା । ଯେଉଁ ଦୁଇଜଣଙ୍କୁ ରାଜା ବିଶେଷ ଅନୁଗ୍ରହ ଦେଖାଇଥାଏ ସେମାନେ ହେଲେ ଶଙ୍କର ଆଉ ବୀର । ଏ ଦୁଇଜଣ ରାଜାର ଷ୍ଟାଇଲ୍ ଦ୍ୱାରା ଏତେ ଉପକୃତ ହୋଇଥାନ୍ତି ଯେ ସେମାନେ ରାଜାର ସମସ୍ତ ଇଚ୍ଛାକୁ ଆଦେଶରେ ପରିବର୍ତ୍ତନ କରିବା ପାଇଁ ପ୍ରସ୍ତୁତ । ରାଜାର ଭୁଲ୍ ଠିକ୍ ବିଚାର କରିବାକୁ ସେମାନଙ୍କୁ ସମୟ ନାହିଁ । ରାଜା ତାଙ୍କ ପାଇଁ ସାଙ୍ଗ ବି, ଭାଇ ବି, ଆଉ ପ୍ରଭୁ ବି ।

ଏବେ ଛ'ଟା ବାଜିବାକୁ ଯାଉଛି । ପାଖ ମନ୍ଦିରରୁ ସନ୍ଧ୍ୟା ଆଳତୀ ଶୁଭିଲାଣି । ଆଉ ଟିକେ ପରେ ପାୱାରକଟ୍ ହେଇଯିବ, ତେଣୁ ସେ ଘରୁ ବାହାରି ଯିବ । ସେ ଶଙ୍କର ଆଉ ବୀରକୁ ସାତଟା ବେଳକୁ ହୋଟେଲ୍‌ରେ ଖାଇବାକୁ ଡାକିଛି । ଆଜି ଗୋଟେ ସ୍ପେସିଆଲ୍ ଦିନ । ଆଜି ସେ ସକାଳେ ରୀନାକୁ ଦେଖି ଦୂରରୁ ଖୁବ୍ ଖୁସି ହୋଇଛି । ଆଉ ଉପରଓଳି ସେ ଦୁର୍ଘଟଣାରୁ ଖସି ପାରିଛି । ସେଇ କଥା ନେଇ ମୌଜ ମନାଇବାର ଅଛି । ଖାନା ପିନା ମସ୍ତି ଗପ ସବୁ କିଛି ।

ଲାଇନ୍ କଟି ଯିବାରୁ ଅନ୍ଧାର ହୋଇଗଲା । ସେ ଇମରଜେନ୍ସି ଲାଇଟ୍‌ଟା ନ ଲଗାଇ ଅନ୍ଧାରରେ ଆଖି ବୁଜି ଚିନ୍ତା କରିବାକୁ ଲାଗିଲା । ଚିନ୍ତାରେ ଆପଣାଛାଏଁ ରୀନା କଥା ମନେ ପଡ଼ିଲା । ରୀନା ମହାପାତ୍ର କିଏ ? କଲେଜରେ ତାଙ୍କ ସହିତ ବି.ଏ. ଅନର୍ସରେ ସାଇକୋଲୋଜି ପଢୁଛି । ହଷ୍ଟେଲ୍‌ରେ ରହୁଛି । ସାବନା ରଙ୍ଗର ଝିଅଟେ, ଖୁବ୍ ଆକର୍ଷଣୀୟ । ରୀନା ନାଁଟା ଦିଆଯାଇଛି ସତେ ଯେମିତି ନଦୀର ନାମ ଅଳସ୍ୟ କନ୍ୟା । ରାଜା ପାଇଁ ରୀନାର ସ୍ୱପ୍ନ ଖୁବ୍ ଆଦରରେ ତିଆରି ସ୍ୱପ୍ନର ନାୟିକା ପରି । ସେଇ ଗୋଟିଏ ସ୍ୱପ୍ନକୁ ବାରମ୍ୱାର ଦୋହରାଇ ସେ ତାକୁ ନିଜର କରି ସାରିଥିଲା । ରାଜା ଜାଣେ ସ୍ୱପ୍ନରେ ଲୋକ ଲୋଭୀ ହୋଇପଡେ ଯାହା ପ୍ରକୃତ ଭଲପାଇବାକୁ ଏକ ସମ୍ମୋହନରେ ବଦଳାଇ ଦିଏ ଏବଂ ଏ ପ୍ରକାର ସମ୍ମୋହନରେ ଆତ୍ମବିଭୋର ହୋଇଥିବା ଲୋକର ମରିବାର ବି ଭୟ ନଥାଏ ।

ସ୍ୱପ୍ନ ବି ରାଜା ପାଖରେ ଏକ ବ୍ୟତିକ୍ରମ ହୋଇ ଉଭା ହୁଏ । ରାଜା ଯାହା ଚାହେଁ ତାହା ଭଦ୍ରତାର ଚରମ ଶିଖରରୁ ଆଦେଶ ପରି ଆସେ । ସେ ସ୍ୱପ୍ନର ଉତ୍ତୁଙ୍ଗ ଲହରୀରେ ପହଁରିପାରେ । ସେ ଦୂରରୁ ଦେଖେ ରୀନାର ଅଦୃଶ୍ୟ ଦେହ କାଚ କାନ୍ଥର ଆର ପାଖେ । ସେ ଭଦ୍ରତାର ଲକ୍ଷ୍ମଣରେଖା ଉପରେ ନିୟନ୍ତ୍ରିତ । ରୀନା କିଏ ସେ ହିଁ ଜାଣେ, ରୀନା ତାକୁ ଜାଣେ ନାହିଁ । ରୀନା ଏକ ବିଡମ୍ୱନା ସେ କଥା ଅନ୍ୟ କେହି ବି ବୁଝିପାରିବେ ନାହିଁ ।

Digitized by srujanika@gmail.com

ଏବେ ରୀନାର ନାଁଟା ବି ଅପରିଚିତ, ସେ ସଂପୂର୍ଣ୍ଣ କାଳ୍ପନୀକ, କଳ୍ପନାର କୁଆରରେ ଭାସମାନ ବିସ୍ମୟର ଭେଳା । ରାଜା କେବେ ବି ରୀନାର ଯୋଗ୍ୟ ହୋଇନପାରେ । ରୀନା ପାଇଁ ଅଛି କେବଳ ଏକ ପ୍ରବଳ ଇଚ୍ଛାର ଅପ୍ରକାଶ୍ୟ ଆନ୍ଦୋଳନ । ସେ ରୀନାକୁ ଭଲପାଏ ବୋଲି ନିଜକୁ ବାରମ୍ବାର କହି ହେଉଥାଏ ନୀରବରେ । ଆଜି ସେ ସାଙ୍ଗମାନଙ୍କୁ କହିଦେବ, ଶଙ୍କରକୁ ଆଉ ବୀରକୁ । ସେମାନେ ହସିବାକୁ ଚାହିଁ ମଧ୍ୟ ହସି ପାରିବେନି କାରଣ ଏ ପ୍ରକାର କାହାଣୀର ପ୍ଲଟ୍ ନାହିଁ । ଏହା ଘଟି ନପାରେ, ଏହାକୁ କେବଳ ଭାଙ୍ଗି ହେବ ।

ଏତିକି ବେଳେ କବାଟ ଖଟ୍ ଖଟ୍ ହେଲା । ଶଙ୍କର ଆଉ ବୀର ପହଞ୍ଚିଗଲେ । ଶଙ୍କର ଗୋଟେ ବଡ଼ି ବିଲ୍‌ଡର ହେବାକୁ ଚାହେଁ ଆଉ ବୀର ଅକ୍ଷୟ ମହାନ୍ତିର ଗୀତ ଗାଇ ଗାଇ ସେହିପରି ଗାୟକ ହେବାକୁ ଚାହେଁ । ଦି'ଟା ଯାକ ରାଜାର ବଡ଼ ଭକ୍ତ ପରି । ଡାକି ଦେଲାମାତ୍ରେ ଆସି ପହଞ୍ଚିଯିବେ ।

ମିଛଟାରେ ରାଜା କହିଲା " ଜାଣିଚ ଆଜି ମୋ ଭାଇର ଜନ୍ମଦିନ । ଆଜି ତମ ପାଇଁ ଖାନା ପିନା ସବୁ ଫ୍ରି । ହୋଟେଲ୍ ବ୍ଲୁ ହ୍ୱିଲ୍ । ରାତି ବାରଟା ପର୍ଯ୍ୟନ୍ତ ସମୟ ସୀମା । ତା ଭିତରେ ସବୁ ପ୍ରକାର ଆମୋଦ ଆପ୍ୟାୟନ ପାଇଁ ଖର୍ଚ୍ଚ ମୁଁ କରିବି ଗୋଟିଏ ସର୍ତ୍ତରେ । ମୁଁ ଯାହା କାହାଣୀ କହିବି ତୁମେ ଦିଜଣ ମନକାନ ଦେଇ ଶୁଣିବ । ମୋର ଆଜି ବହୁତ କିଛି କହିବାକୁ ଇଚ୍ଛା ହେଉଛି । ଚାଲ ଆମେ ଡାଇନିଂ ହଲ୍‌ର ସେ କଣରେ ଯେଉଁଠି ଖୁବ୍ କମ୍ ଆଲୁଅ ପଡ଼ିଛି ସେଇଠି ବସିବା । ଖାନାପିନା ଯାହା ଚାହଁ ଅର୍ଡର କର । ମୁଁ କହୁଥିବି, ତୁମେ ଦିଜଣ ଶୁଣୁଥିବ । ଆଖି ଖୋଲି ଶୁଣୁଥିବ, ହୁଁ ମାରୁଥିବ । ମତେ ମଝିରେ ରୋକିବନି କି ପ୍ରଶ୍ନ ପଚାରିବନି । ଯଦି ତମ ଭିତରୁ କେହି ବି ନ ଶୁଣି ଶୋଇପଡ ବା ଅନ୍ୟମନସ୍କ ହୁଅ ତେବେ ମୁଁ ଉଠି ଚାଲିଯିବି, ତମ କଥା ତମେ ବୁଝିବ, ହେଲା ?" ସେ ଦିଜଣ ଶ୍ରୋତା ରାଜା କଥାରେ ହଁ ଭରିଲେ । ତାଙ୍କ ଇଚ୍ଛା ଅନୁସାରେ ପାନୀୟ ବରାଦ ଦିଆଗଲା ଏବଂ କବାବ୍ ପ୍ରସ୍ତୁତ କରିବାକୁ କହି ଦିଆଗଲା । ସେମାନେ କାନ୍ଥ ପଟକୁ ପିଠି କରି ବସିଥିବା ରାଜାର ମୁହଁକୁ ଝାପସା ଅନ୍ଧାରରେ ଖୁବ୍ ନିରେଖି ଦେଖିଲେ । ରାଜା କହିବାକୁ ଆରମ୍ଭ କଲା ।

"ତୁମମାନଙ୍କ ଅଜାଣତରେ ମୋର ରୀନା ସହିତ ଥରେ ଦେଖା ହୋଇଥିଲା । ବହିଟେ ମାଗିବା ଆଳରେ ମୁଁ ତା ସହିତ କଥା ହୋଇଥିଲି । ସେ ମୋତେ ବହିଟା ଦୁଇଦିନ ପାଇଁ ପଢ଼ିବାକୁ ଦେଇଥିଲା । ବହିଟା ଫେରାଇବା ବେଳେ ମୁଁ ତାକୁ ପଚାରିଥିଲି, "ମୁଁ ତୁମକୁ କିଛି ଗୋଟେ ଦେବାକୁ ଚାହେଁ, କିଛି ଉପହାର । ଦେଇପାରିବି ?" ସେ କିଛି ନକହି ହସି ଦେଇ ଚାଲିଗଲା । ମୁଁ ଭାବିଲି ସେ କିଛି ନକହିଲା ମାନେ ନାହିଁ ତ କରିନି । କ'ଣଟା ତା'ର ଉପହାର ହିସାବରେ ଠିକ୍ ହେବ ସେ କଥା ମୁଁ ବହୁତ ଚିନ୍ତା

Digitized by srujanika@gmail.com

କଲି । ଯାହା ଚିନ୍ତା କଲି ମୋ ମନକୁ ପାଇଲା ନାହିଁ । ପକେଟରୁ ତା'ର ଫଟୋଟା କାଢ଼ି ତା ସହିତ ଅନେକ ପ୍ରଶ୍ନୋତ୍ତର କରି ମଧ୍ୟ କି ଗିଫ୍ଟଟା ତାକୁ ଭଲ ଲାଗିବ ଜାଣି ହେଲାନି । ତା ପାଇଁ କିଛି ଅସାଧାରଣ ଉପହାର ଉଦ୍ଭାବନ କରିବାକୁ ପଡ଼ିବ । ସେଇଥିପାଇଁ ମୁଁ ଜଙ୍ଗଲକୁ ଯାଇଥିଲି ହୁଏତ ସେଠାରେ କିଛି ସୁନ୍ଦର ପ୍ରାକୃତିକ ଫୁଲ୍ ବା ଅର୍କିଡ୍ ନ ହେଲେ ସ୍ୱାଦିଷ୍ଟ ଫଳ ବା ଆଉ କିଛି ହୀରା ପରି ମୂଲ୍ୟବାନ ଚକ୍‌ଚକ୍ ଜିନିଷ ମିଳିପାରେ ଯାହା ରୀନାକୁ ମୁଁ ଦେଇପାରେ । ନତୁବା ଗୋଟେ ବାଘ ଯଦି ଶିକାର କରିପାରନ୍ତି ତେବେ ତା ମଧ୍ୟ ହୋଇପାରନ୍ତା ଏକ ଉପହାର। ଏକଥା ମୁଁ କାହିଁକି ଭାବୁଥିଲି ତା ମଧ୍ୟ ମତେ ଜଣା ନଥିଲା ।"

କବାବ୍ ଚୋବେଇ ଚୋବେଇ ଶଙ୍କର ଆଉ ବୀରୁ ବଡ଼ ବଡ଼ ଆଖିରେ ଚାହିଁଥାନ୍ତି । ଦ୍ୱିତୀୟ ଗ୍ଲାସ ପାନୀୟ ଦେଇଗଲାଣି ୱେଟର । ରାଜା କହି ଚାଲିଲା-

"ସେ ଯାହା ମାଗିବ ମୁଁ ତାକୁ ନିଶ୍ଚୟ ଆଣି ଦେବି । ଆଉ ମୁଁ ଯାହା ଦେବି ସେ ନିଶ୍ଚୟ ଗ୍ରହଣ କରିବ । ଏ ସହରରେ କି ଭଲ ଜିନିଷଟା ମିଳିବ ଯେ, ସେଇଥିପାଇଁ ତ ମୁଁ ଜଙ୍ଗଲକୁ ଯିବାକୁ ଠିକ୍ କରିଥିଲି । ମୋ ସାଙ୍ଗରେ କିଏ ଯାଇଥିଲା ଜାଣ ?

"ମୋ ସାଙ୍ଗରେ ଥିଲା ମୋର ଗୋଟେ ନିହାତି ଅନୁଗତ ଗୋଲିଆ ବାରିକ । ଅନେକ ଦିନରୁ ଇଚ୍ଛା ଥିଲା ଜଙ୍ଗଲରେ କିଛି ବଡ଼ ଜନ୍ତୁ ଶିକାର କରିବାକୁ । ତେଣୁ ଗୋଟେ ଜିପ୍ ନେଇ ଯାଇଥିଲି ଟିକରପଡାର ଘଞ୍ଚ ଅରଣ୍ୟ ଭିତରକୁ । ସାଙ୍ଗରେ ଆଉ କେହି ନାହିଁ ଖାଲି ଗୋଲିଆ । ତାକୁ ବି ଖୁବ୍ ବେଶୀ ମାଲ୍ ପିଆଇ ଦିଆଯାଇଛି । ତା ମନ ଖୁସ୍ । ସେ ମୁହଁ ବୁଲାଇ ବୁଲାଇ ଘଞ୍ଚ ଅରଣ୍ୟରେ ମୋ' ଶିକାର ପାଇଁ କିଛି ଗୋଟାଏ ଖୋଜିବାରେ ଲାଗି ପଡିଛି । ଅନ୍ଧାର ରାତିରେ ଜିପ୍‌ଟା ଆଲୁଅ ପକାଇ ଆଗକୁ ମାଡି ଚାଲିଛି । ଏମିତି ସମୟରେ ଏପରି ସ୍ଥାନ ଆସି ପହଞ୍ଚିଲା, ଆଉ ଆଗକୁ ଗାଡ଼ି ଯିବା ସଂଭବ ହେବ ନାହିଁ । ତେଣୁ ଆମେ ଦୁଇଜଣ ଓହ୍ଲାଇଲୁ ତଳକୁ । ରାତି ବାରଟା ଉପରେ ହେବଣି । ମୁଁ ମୋ ମୁଣ୍ଡରେ ସେ ହେଡ୍ ଲାଇଟ୍‌ଟା ଲଗାଇ ବନ୍ଧୁକଟା କାନ୍ଧରେ ପକାଇ ଆଗେଇଲି । ସେ ମୋ ପଛକୁ ଚାଲିଥାଏ । ସେ ହଠାତ୍ ମୋ ଆଗକୁ ଚାଲି ଆସି କହିଲା, "ଆଜ୍ଞା, ଏ ଆଗରେ କ'ଣ ଗୋଟିଏ ଲୁଚିଚି ଭଳିଆ ଲାଗୁଛି ।" ମୁଁ କହିଲି, "କାଇଁବେ କୋଉଠି କ'ଣ ?"

"ଆଜ୍ଞା କାନୋଉ ନାହାନ୍ତି, ଦିଶିବ ।"

"ଚୁପ୍ ବେ କାନରେ ଦିଶିବ - ଚୁପ୍ ଚାପ୍ ଚାଲ ଆଗକୁ । ସେ କିଛି ନକହି ଚୁପ୍ ଚାପ୍ ଆଗେଇଲା । କିଛି ବାଟ ଚାଲିବା ପରେ ମୁଁ କହିଲି "ଗୋଲିଆ, ମତେ ତୋ କାନ୍ଧରେ ବସା ଏଥର । ତୁ ରାସ୍ତା ଦେଖୁଥା, ମୁଁ ଜନ୍ତୁ ଖୋଜିବାରେ ସୁବିଧା ହବ ।" ଆଜ୍ଞା ହଉ କହି ସେ କାନ୍ଧ ନୁଁଆଇଲା ଏବଂ ମୁଁ ଦୁଇପଟକୁ ଗୋଡ କରି ତା ବେକ

Digitized by srujanika@gmail.com

ମୂଳରେ ସବାର ହୋଇ ବସିଲି । ସେ ଏକ ଦୁଇ ଗୋଡ଼ିଆ ଘୋଡା ପରି ଚାଲିବାକୁ ଆରମ୍ଭ କଲା । ତାକୁ ବହୁତ ମଜା ଲାଗୁଥିଲା । ଆକଂଠ ପିଇଥିବାରୁ ତାକୁ ନା ହାଲିଆ ଲାଗୁଥିଲା, ନା ଥିଲା ତାର ଭୟ । ଗୋଟେ ଭାରବାହୀ ପଶୁପରି ଆଗକୁ ମାଡି ଚାଲିଥିଲା ଗୋଲିଆ ବାରିକ । ପାଞ୍ଚଫୁଟ୍ ପାଞ୍ଚଇଞ୍ଚର କଳା ଲୋକଟିଏ । ବୟସ ତିରିଶ ଉପରେ ହବ । ନିଶ ରଖିଛି । ଆଖି ଦି'ଟା ଅନ୍ଧାର ଭିତରକୁ ଦେଖି ପାରୁଛି । ସେ ସାପକୁ ବି ଡରେନି । ଗରଳ ହଜମ୍ କରିପାରେ । ଅସମ୍ଭବ ତାର ଜୀବନଶକ୍ତି ।"

ଶଙ୍କର ଆଉ ବୀର ଏବେ ଗୋଲିଆର କୃତିତ୍ୱ ଶୁଣି ସ୍ତବ୍ଧ ହୋଇଯାଇଥିଲେ । ତିନି ପେଗ୍ ବିଦେଶୀ ମଦ ସେମାନଙ୍କୁ କେବଳ କାନରେ ବଦଳାଇ ଦେଇଥିଲା । କେବଳ ଶ୍ରୋତା । ଏବେ ସେମାନେ କେବଳ ଶୁଣିବାକୁ ବାଧ୍ୟ ନୁହନ୍ତି । ସେମାନଙ୍କର ବାଧ୍ୟବାଧକତା ଆଗ୍ରହରେ ବଦଳି ଯାଇଛି ।

ରାଜା ତାଙ୍କର ଆଖିକୁ ଚାହିଁ କହିଲା, "ଭଲ କରି ଶୁଣ ସେ ଅନ୍ଧାର ରାତିର କଥା, ଯେଉଁ ଅନ୍ଧାର ରାତିର ଦୃଶ୍ୟ କେବଳ କଳ୍ପନାରେ ଝଲମଲ ହୁଏ । ଯେଉଁ ଜଙ୍ଗଲ ଗହଳିଆ ଘଞ୍ଚ ଗଛପତ୍ରରେ ପବନର ବେଗ ମାପି ହେବନି । ନିଶା ଗର୍ଜୁଛି, ରାତି ବଢୁଛି ଓ ରାତ୍ରିଚରଙ୍କ ଆତଯାତ ହେବାର ସମୟ । ଜୀବଜନ୍ତୁମାନଙ୍କର ତରଙ୍ଗାୟୀତ ଭାବର ଆଦାନ ପ୍ରଦାନ ବେଳ । ଦୂରରୁ ଶୁଭୁଥିବା ଦୁର୍ବଳ ଶବ୍ଦରୁ ଅନୁମାନ କରାଯାଇପାରେ ତାହା ପଶୁର ନା ପକ୍ଷୀର । ଏଇପରି ସମୟରେ ଦୂରନ୍ତ ଶବ୍ଦ ଯେତିକି ଦୁର୍ବଳ ଶୁଭେ ଶୁଣିବା ଲୋକ ଭୟରେ ସେତିକି ଅଧିକ ଶୀହରୀତ ହୁଏ ।

"ଜିପ୍‌ଟା କାହିଁ କେତେ ପଛରେ ରହିଗଲାଣି । ମୋ ଆଖିର ଦୃଷ୍ଟି ସାମ୍ନାକୁ, ଦୂରକୁ । ହାତରେ ମେଡ୍ ଇନ୍ ଇଂଲଣ୍ଡ ଡବଲ୍ ବ୍ୟାରେଲ୍ ଟ୍ୱେଲ୍‌ଭ୍ ବୋର୍ ବନ୍ଧୁକରେ ଗୁଳି ଲୋଡ୍ ହୋଇଛି । ଖୁବ୍ ଜୀବନ୍ତ ଲାଗୁଛି । ତା' ଭିତରଟା ଧକ୍ ଧକ୍ ହଉଚି, ଯେମିତିକି ଏଇକ୍ଷଣି ଫୁଟିଯିବ । କ'ଣ ଗୋଟିଏ ପେଚାପରି ବାଁ ପଟ ଡାଳରୁ ଉଡିଗଲା । ନାଁ ନାଁ ହୁଏତ ବାଦୁଡିଟାଏ । ମୁଁ ଦୂରକୁ ଚାହିଁଲି । ମୋ ମୁଣ୍ଡରେ ବନ୍ଧା ହୋଇଥିବା ହେଡ୍ ଲାଇଟ୍‌ରେ ଦୂରକୁ ଫୋକସ୍ କଲି । କ'ଣ ଦିଟା ନିଆଁ ରଡପରି ଦିଶିଲା ପୁଣି ଲୁଚି ଗଲା । କେଉଁ ଏକ ଜନ୍ତୁର ଜଳନ୍ତା ଆଖି ଦି'ଟା ହବ କି କ'ଣ । ମୋର ହାତ ଆପେ ଉପରକୁ ଉଠିଗଲା । ମୁଁ ବନ୍ଧୁକଟାକୁ ସିଧା କରି ଧରିଲି ଏବଂ ସେ ଆଖି ଦିଗକୁ ଲକ୍ଷ୍ୟ କରି ଟ୍ରିଗରଟାକୁ ଟାଣି ଦେଲି । ଢୋଅ... । ବହୁତ ବେଶି ଆୱାଜ ଶୁଣିବା ପାଇଁ କାନକୁ ପ୍ରସ୍ତୁତ କଲାବେଳେ କିଛି ଗୋଟିଏ ମଣିଷ କଣ୍ଠରୁ ବାହାରିଥିବା ଆର୍ତ୍ତ ଓଃ ପରି ଶୁଣା ଯାଇଥିଲା । ମୁଁ ହଠାତ୍ ସଚେତନ ହୋଇଗଲି । ସତର୍କ ହୋଇ ପଡ଼ିଲି ।"

ଏହା ଶୁଣି ଏ କାହାଣୀର ଦୁଇ ଶ୍ରୋତାଙ୍କ ହଠାତ୍ ନିଶା ଛାଡ଼ିଗଲା । କାଚ ଗ୍ଲାସ ଦିଟା ଏକ ସଙ୍ଗରେ ଡାଇନିଂ ଟେବୁଲ୍ ଉପରେ ଖସି ପଡ଼ିଲା । "କଣବେ ଏମିତି ମାଇଚିଆଙ୍କ

Digitized by srujanika@gmail.com

ଭଳିଆ ହଉଛ, ପିଉ ପିଉ ଶୁଣ, ତାପରେ କ'ଣ ହେଲା । 'ଶୋଷ ହଉଚି ବାବୁ, କହିଲା ଗୋଳିଆ ବାରିକ । ଆଉ ଟିକେ ପେଟ୍ରୋଲ୍ ଦିଅ ମୁଁ ପିଇଦିଏ । କିଛି ଡରିବା ନାହିଁ ବାବୁ । ମରୁ, ମରିଥାନ୍ତା, ମରିଗଲା । ଆମେ ମାରିନୁ, ବନ୍ଧୁକ ମାରିଛି । ଗୁଳି ଖାଇ ମରିଚି । ଯେମିତି ହେଲେ ମରିଥାନ୍ତା ଶଳା । ଏମିତି କାହିଁକି ଏତେ ରାତିରେ ତାର ଏଠିକୁ ଆସିବା କ'ଣ ଦରକାର ଥିଲା । ଗୁଳି ନଖାଇଲେ ବାଘ ଭାଲୁ ଖାଇ ଯାଇଥାନ୍ତେ । ଆମେ ସେୟା କହିବା, ଯିଏ ପଚାରିବ ଆମେ କହିବା ବାଘ ଖାଇଛି, ଆମେ କିଛି ଜାଣିନୁ । ହେଇଟି ବାବୁ ଭୁଲ୍‌ରେ କେବେ ଯେମିତି ପାଟିରୁ ନଖସେ ତମ ଗୁଳିରେ ସେ ଟୋକାର ଏ ଅବସ୍ଥା । କଳା ଭୁଷୁଣ୍ଡା ଆଦିବାସୀ ଟୋକାଟା । ରାତି ଦିନ କିଛି ମାନେ ନି । ଏମିତି ହେଲେ ମରିବନି ? ତୁ ତ ଘରେ ରହିଥାନ୍ତୁ, କ'ଣ ଏତେ ରାତି ଅଧରେ ଅନ୍ଧାରରେ ଯିବା ଆସିବା କରିବା ଦରକାର ? ମୁଁ ଆଜ୍ଞା ଶୁଣିଥିଲି ଏମିତି ଏକ ଘଟନା । ଟୋକାଟା ଏମିତି ରାତିରେ ଯାଇ ସେ ଟୋକିକୁ ଭେଟେ – ଅନ୍ୟ ଗାଁର ଟୋକି ସହିତ ସମୟ କଟାଇ ରାତି ଥାଉ ଥାଉ ପୁଣି ଫେରି ଯାଏ । ଥରେ ତାର ବାଘ ସହିତ ଲଢେଇ ହୋଇଥିଲା ଯେ ଲଢେଇ ପରେ ବାଘ ଲାଙ୍ଗୁଡ଼ ଯାକି ପଳାଇଥିଲା ।'

"ସେଇ ଆଦିବାସୀ ଯୁବକର ମୃତ୍ୟୁ ରାତିର ଅନ୍ଧାର ଭିତରେ ହୋଇସାରିଥିଲା ଜାଣି ମୁଁ ଆଉ ଗୋଳିଆ ସକାଳ ହେବା ପୂର୍ବରୁ ଫେରି ଆସିଥିଲୁ । ଘରେ ପହଞ୍ଚିଲା ବେଳକୁ ଆଠଟା ବାଜିଲାଣି । ଅତ୍ୟଧିକ ନିଦ ମାଡୁଥିବାରୁ ଗୋଟେ କାମ୍ପୋଜ ଗିଳିଦେଇ ଶୋଇ ପଡିଲି ମୁଁ । ଦିନ ଦିଟାକୁ ନିଦ ଭାଙ୍ଗିଲା । ଦେଖିଲି ଗୋଳିଆ ମୋ ଗୋଡ ତଳକୁ ବସିଛି । ପାଖକୁ ଲାଗିଆସି କହିଲା, ବାବୁ ଟଙ୍କା ଦଶଟା ଦରକାର ଥିଲା, ସାନ ଝିଅଟାକୁ ଜର ହେଇଛି ଯେ କିଛି ଔଷଧ କିଣିବାକୁ ପଡ଼ିବ ।"

ରାଜା କଥା ଶୁଣୁ ଶୁଣୁ ଶ୍ରୋତା ଦି'ଜଣ ଖୁବ୍ ଥକି ଗଲେଣି । ସେମାନେ କେବଳ ଅପେକ୍ଷା କରିଛନ୍ତି ଶୁଣିବାକୁ ଯେ ବାଘ ଶିକାର ନାଁରେ ରାଜା ଯେଉଁ ଦୁର୍ଘଟନାଟି ଘଟାଇଲା ତାପରେ ସେ କ'ଣ କଲା । ଟିକରପଡାରେ ବାଘ ଶିକାର ଏକ ଗପ ହୋଇପାରେ ହେଲେ ତା'ର ଅନ୍ତ ନଜାଣିବା ପର୍ଯ୍ୟନ୍ତ ତାଙ୍କୁ ଶ୍ରୋତା ହୋଇ ରହିବାକୁ ପଡ଼ିବ । ହେଲେ ଏବେ ବାରଟା ବାଜିବାକୁ ଯାଉଛି, ଏବେ ଆଉ ସେମାନଙ୍କୁ ଆଉ ଫ୍ରିରେ ଖାନା ପିନା ମିଳିବନି । ହୋଟେଲ୍‌ଟା ବନ୍ଦ ହବାକୁ ଯାଉଛି । ହୋଟେଲ୍‌ର ଡାଇନିଂରେ ଲାଇଟ୍ ଲିଭାଇବାକୁ ବସିଛି ୱେଟର । ଗପଟା ସରିଗଲା ହେଲେ କୌତୂହଳ ସରିଲା ନାହିଁ । ଜାଣିବାର ଆଗ୍ରହ ବଢି ଯାଇଥିଲା । ସେଠୁ ସେମାନେ ଉଠିଲେ ବାହାରିବାକୁ । ଭୋକ କିମ୍ବା ଖାଦ୍ୟ ଚିନ୍ତା ସେମାନଙ୍କର ନଥିଲା । ଶଙ୍କର ଆଉ ବୀର ଭଲ କରି ରାଜାର ଆଖି ଭିତରକୁ ଚାହିଁ ଦେଖିଲେ ରାଜାର ସ୍ୱାଭିମାନ କ୍ଷୁର୍ଣ୍ଣ ହୋଇଥିଲା ଓ ଭୟ ବଢି ଯାଇଥିଲା । ନିଜ ଭିତରେ ଅନୁଭବ କରୁଥିଲା ଏକ ଛାଇ ଛାଇକା ଘାଇକାପଣ । ତା'ର ସବୁ ରଙ୍ଗୀନ୍

Digitized by srujanika@gmail.com

ସ୍ୱପ୍ନ ଫିକା ପଡ଼ିଯାଇଥିଲା । ରୀନା ପାଇଁ ସେ ଏତେ ସବୁ କରିବାକୁ ଯୋଜନା କରିଥିଲା ମାତ୍ର ତା'ର ମୁହଁଟା ସେତା ପଡ଼ିଯାଇଥିଲା ସେଇ ଭୟରେ। କ'ଣ କହି ସେ ରୀନାର ସାମ୍ନା କରିବ ସେ କଥା ଭାବୁଥିଲା । ଦୁଇ ବନ୍ଧୁଙ୍କଠାରୁ ବିଦାୟ ନେବା ବେଳେ ରାଜା କହିଲା, "ମୁଁ ଯାହା ସବୁ କହିଲି ସେ କଥା କାହାରିକୁ କହିବନି !" ତାପରେ ଗାଡ଼ି ଧରି ଫେରି ଘରେ ପହଞ୍ଚିଲା ବେଳକୁ ରାତି ଗୋଟାଏ ପରେ ହବ । ସେ କବାଟ ଖୋଲି ଘରେ ପଶି ଦେଖିଲା ଆଲୁଅ ଜଳୁଛି, ଫ୍ୟାନ୍ ବୁଲୁଛି । ସେ ଗୋଡରୁ ଜୋତା ନଖୋଲି ସେମିତି ଖଟ ଉପରେ ଅଜାଡ଼ି ହୋଇ ପଡ଼ିଲା । ପକେଟ୍‌ରୁ କାଢି ନିଦ ବଟିକାରୁ ଆଠ ଦଶଟା ଗିଳି ପକାଇଲା । ଆଉ ଶୋଇ ପଡ଼ିଲା । ତାର ସମସ୍ତ ସ୍ୱପ୍ନର ଗହଳି ଭିତରେ ସେ ଏମିତି କେଉଁଠି ହଜିଗଲା ଯେ ନିଜକୁ ବି ଖୋଜି ପାଇନଥିଲା । ରୀନା, ସେ କୁଆଡେ ଏ ସହରରେ ଆଉ ନାହିଁ ।

ରାଜା ଏତେ ଗାଢ ନିଦରେ ଶୋଇଥିଲା ଯେ ସକାଳେ ଶଙ୍କର ଆଉ ବୀର ଆସି ଯେତେ କବାଟ ଖଟ୍ ଖଟ୍ କଲେ ବି ସେ ଆଉ ଖୋଲି ନଥିଲା । ତା'ପରେ ବୀର ଝର୍କାର ଉପର ପଟକୁ ଥିବା କାଚ ଦେଇ ଭିତରକୁ ଚାହିଁଲା । ଦେଖିଲା ଖଟ ଉପରେ ରାଜା ଉପରକୁ ମୁହଁ କରି ଶୋଇଛି । ତା ତକିଆ କଡରେ ରହିଛି ତା'ର ପର୍ସଟା ଯେଉଁଥିରେ ରୀନାର ଫଟୋ । ବାଁ ପଟକୁ ମେଡ୍ ଇନ୍ ଇଂଲଣ୍ଡ ବାରବୋର୍‌ର ଡବଲ୍ ବ୍ୟାରେଲ୍ ବନ୍ଧୁକ । ରାଜାର ଡାହାଣ ହାତର ବିଶି ଆଙ୍ଗୁଠି ବନ୍ଧୁକର ଟ୍ରିଗର ଟିପିବା ମୁଦ୍ରାରେ ।

❑❑❑

Digitized by srujanika@gmail.com

# ଝିଅ ବିକ୍ରି

ଆମେ ସବୁ ଏଠି ଏକ ବଜାର ବ୍ୟବସ୍ଥା ଭିତରେ ବୁଡ଼ି ରହିଛୁ । ଧନୀ ଦରିଦ୍ର ସମସ୍ତେ ସେଇ କିଣାବିକାର ଦାସ । କିଣାବିକାର ବିକଳ୍ପ ନାହିଁ । ସେଥିରୁ ନିସ୍ତାର ମଧ୍ୟ ନାହିଁ । ସମାଜ ଭିତରେ ଥାଇ ଆମେ ସମସ୍ତେ ଗୋଟିଏ ବିପଣନ କ୍ଷେତ୍ରରେ ଆତଯାତ । ବଜାର ଆମ ପାଇଁ ଏକ ଅତି ପ୍ରାଚୀନ ଅନୁଷ୍ଠାନ । ମନକୁ ମନ ଗଢ଼ି ଉଠେ ମନ ଭିତରେ । ଲାଭଖୋରୀ ମନୋବୃତ୍ତିରୁ ସୃଷ୍ଟି ହୁଏ ପଣ୍ୟ । ସେହିଠାରୁ ଉପୁଜେ କ୍ରୟବିକ୍ରୟର ଅଦ୍ୟମ ଉନ୍ମାଦନା । ଏହା ଏପରି ଏକ ବଜାରରେ ବଦଳି ଯାଏ ଯେଉଁଠି ସବୁ କିଛି ଉପଲବ୍ଧ ହୋଇପାରେ । ସବୁ କିଛି ଦ୍ରବ୍ୟ ପାଇଁ ଗୋଟିଏ ମୂଲ୍ୟ ଦେବାକୁ ପଡେ । କମ୍ ହେଉ ବେଶି ହେଉ, ତାହାହିଁ ଏହି ବଜାରର ସଂଜ୍ଞା । ଏଠାରେ ଦାମ୍ ଦେବାକୁ ପଡେ । ଏହାକୁ ତ୍ୟାଗ କୁହାଯାଇ ନପାରେ । ଏଠାରେ ଦର ଧାର୍ଯ୍ୟ କରାଯାଏ, ମୂଲଚାଲ ଛିଡେ । ପଣ୍ୟ ଦ୍ରବ୍ୟର ସ୍ୱତ୍ତ୍ୱ, ସ୍ଥାନ ଓ ମାଲିକାନା ବଦଳିଯାଏ, ଦୃଶ୍ୟର ଚିତ୍ରପଟ ବଦଳିଯାଏ, ପାତ୍ରର ଆତ୍ମା ଅଲଗା ହୋଇଯାଏ । କାଳକ୍ରମେ ସବୁକିଛିର ନାଁ ଗାଁ, ରଙ୍ଗଗୁଣ ସବୁ ବଦଳିଯାଏ, ଯାହାକୁ ଉନ୍ନତି କୁହାଯାଇପାରେ । ଯେତେବେଳେ ଦ୍ରବ୍ୟ ବିକ୍ରେତାଠାରୁ କ୍ରେତା ପାଖକୁ ଚାଲିଯାଏ ସେତେବେଳେ କ୍ରେତା ତାର ପ୍ରତିବଦଳରେ ଅର୍ଥ ବା ଆଉ କିଛି ମୂଲ୍ୟ ଦେବାକୁ ବାଧ । ଏହାହିଁ ବଜାର ଭିତରେ ସବୁଠାରୁ ବଡ଼ ବାଧ୍ୟବାଧକତା । ସମାଜର ଦୋଳାୟମାନ ପ୍ରହେଳିର ବିପଣି ଭିତରେ କି, କେଉଁ ପର୍ଯ୍ୟାୟରେ କ୍ରେତାରୁ ବିକ୍ରେତା ହୋଇଯିବ ତାହା କିଏ କହିପାରିବ ? କିଏ ବିକେ କିଏ କିଣେ ତା'ର ଶେଷ ଅର୍ଥ କାଢିବା ସମ୍ପୂର୍ଣ୍ଣ ଅସମ୍ଭବ । ଆମେ ସମସ୍ତେ ଏଠି ଅସହାୟ ଅବସ୍ଥାରେ ଆମ ଅଜାଣତରେ ଏକ ସ୍ୱାର୍ଥାନ୍ୱେଷୀ ସମାଜର ବିପଣିରେ କିଣାବିକା ଜାରି ରଖିଛୁ । ଚାଲ ଦେଖିବା ଏଠି କ'ଣ ବିକ୍ରି ହେଉଛି ।

ଏଇ ଝିଅ ପିଲାଟି ବିକ୍ରି ହେବ ।

କିଏ ନେବ, ନିଅ ।

କୁନି ଝିଅଟିକୁ ଗୋଟେ ବିସ୍କୁଟ୍ ଡବା ଉପରେ ବସାଇଛି ତା ବାପା । ମୁଣ୍ଡରେ ଢାଙ୍କିଦେଇଛି ଗୋଲାପି ଓଢ଼ଣୀଟାଏ । ଝିଅର ବୟସ ଏକ ବର୍ଷ ଭିତରେ । ଆଜ ପାଇଁ ଝିଅଟିର ନାଁ ରଖାଯାଇଛି ଗୋଲାପ । ଏତେ ଛୋଟିଆ ଶିଶୁର ଝିଅପିଲାରେ ବଦଳିଯିବା ପାଇଁ କିଛି ବି ସମୟ ଲାଗେନି । ଜନ୍ମହେଲା ବେଳେ ସମସ୍ତେ ଶିଶୁ ମାତ୍ର କାନ୍ଦ ଆରମ୍ଭ

Digitized by srujanika@gmail.com

ହେବା ମାତ୍ରେ ଝିଅ ବା ପୁଅରେ ବଦଳିଯାନ୍ତି । ଏ ଝିଅଟି ଏବେ ଝିଅ ହୋଇ ପରିଚିତ ହେବାକୁ ବାଧ୍ୟ ।

ଝିଅଟି ବସିଛି ପିଜୁଳି ଗଛତଳେ ଛାଇରେ । ମଙ୍ଗଳବାରିଆ ହାଟପାଳି । ସେପାଖେ ଗୋରୁ ହାଟ, ଏପାଖେ ପରିବା ହାଟ । ମଝିରେ ସେପାଖକୁ ଆଦିବାସୀ ମହିଳାଟା ହାଣ୍ଡିଆ ବିକୁଛି । ଗୋଲାପ ପାଖରେ ଛିଡା ହୋଇଛି ଝିଅ ବିକାଳି । ବାପା ନୁହେଁ ତ ଦଲାଲ ପରି ଦିଶୁଛି । ଦାମ୍ ଲଗାଇଛି ତିନି ହଜାର । ପୋଲିସ୍ ଭୟରେ କଥା କହୁଛି ଆସ୍ତେ । "ଭାଇ ନେଇଯାଅ, ଏ ସୁଯୋଗ ହାତଛଡା କରନାହିଁ । ଗରୀବ ଲୋକ ଆମେ, ସେଇଥିପାଇଁ ବିକ୍ରି କରି ଦଉଛୁ ।"

କିଏ ଜାଣେ କାହିଁକି, ଗରିବମାନେ ବେଶୀ ବିକ୍ରି କରନ୍ତି କମ୍ କିଣନ୍ତି । ରାଜନେତାମାନେ ତାକୁ ଅଭାବୀ ବିକ୍ରି କହନ୍ତି । ସେ ଗୋଟେ ଅଲଗା ଅର୍ଥନୀତି । ତାର ଇତିହାସ ଖୁବ୍ ପୁରାତନ । ଏଠାରେ ସାମଗ୍ରୀ ବିକ୍ରି କରୁଥିବା ବ୍ୟକ୍ତିର ଇତିହାସ ଅଲୋଡା । କେବଳ ପଣ୍ୟକୁ ଦ୍ରବ୍ୟକୁ ଦେଖାଯାଉ । ଏଠାରେ ଉପସ୍ଥିତ ପୂର୍ଣ୍ଣ ଅବୟବର ଏକ କଣ୍ଢେଇ ପରି ଝିଅଟିଏ । ଦେୟ ଭିତରେ ଥିବା କୁନି ମନଟେ । ମୁହଁରେ ଗୁଲୁଗୁଲିଆ ହସ । କିନ୍ତୁ ଏସବୁ ସତ୍ତ୍ୱେ ଖୁବ୍ ଅସହାୟ ।

ବୟସ ? ଶିଶୁକନ୍ୟାର ପୁଣି ଗୋଟେ ବୟସ କ'ଣ ? ବୟସ ହେଲେ ତ ସିଏ ଯୁବତୀ ହୋଇଯିବ । ଅଲଗା ଝିଅମାନେ ଯେମିତି ବଢ଼ିଗଲାପରେ ଦିଶିଥାନ୍ତି ।

ରଙ୍ଗ ? କୁନି ଝିଅର ପୁଣି ଗୋଟେ ରଙ୍ଗ କ'ଣ ? ସବୁ ଶିଶୁମାନେ ତ ସେମିତିଆ ନିଷ୍ପାପ ଆଉ ନିର୍ଭୟ ।

ଆବେଗ ? ଛୋଟ ଝିଅଟାର ବି ଆବେଗ ଥାଇପାରେ । ଖୁବ୍ ସ୍ୱାଭାବିକ ଭାବରେ ନିଷ୍ପାପ । ଅଳ୍ପ ସଙ୍କୋଚ ରହିଛି ନିଶ୍ଚୟ ।

ଆଭୂଷଣ ? କିଛି ନାହିଁ, ଗରିବ ପରିବାର ଶିଶୁକନ୍ୟାର ଆଭୂଷଣ କେବଳ ସହଜିଆ ହସ ଆଉ ଦୁର୍ଲ୍ଲଭ ସରଳିଆପଣ ।

ମାନବିକତା ? ହଁ, ମୁଣ୍ଡଠୁ ଗୋଡ ଯାଏଁ। କଷି ପିଜୁଳିଟାଏ କାମୁଡୁ ଥାଏ । ନାକରୁ ଅଳ୍ପ ଶିଙ୍ଘାଣୀ ଝରୁଥାଏ ଯାହାକୁ ସେ ବାଁ ହାତରେ ପୋଛିଦେଉଥାଏ ।

ତା'ର ଦାମ୍ ? ଏପର୍ଯ୍ୟନ୍ତ ସ୍ଥିର କରାଯାଇନାହିଁ । ଖାଲି ଯାହା ଡକାଯାଉଛି । ଗରିବ ହାଟରେ ଦର ସବୁବେଳେ ଧନୀ କିଣିବା ବାଲା ସ୍ଥିର କରେ । ଏଠାରେ କିଣିବାବାଲା କିଏ ତାହା ସମସ୍ତଙ୍କୁ ଜଣା । ଝିଅଟି ବିକ୍ରି ପାଇଁ ଉଦ୍ଦିଷ୍ଟ । କିଏ ଜାଣେ ଆଜି ତାକୁ କିଏ କିଣିନେବ । ହୁଏତ, ମୁଁ, ତୁମେ, ପାଠକ ବା ଆଉ କେହି ପଇସାବାଲା ଯିଏ ବେଶି ପଇସା ଦବାକୁ ପ୍ରସ୍ତୁତ । କାହିଁକି କିଣୁଛ ବୋଲି ପଚାରିଲେ କହିବ, "ମୋର ଦରକାର ଅଛି, ମୋର କାମରେ ଲାଗିବ ।" ଆମେ ସମସ୍ତେ ବିଶ୍ୱାସ କରିଥାଉ ଯେ ଯାହା ଆମର

Digitized by srujanika@gmail.com

କାମରେ ଲାଗିବ ଆମେ ତାହା ହିଁ କିଣିଥାଉ । ଆମର ଏପରି ଭବିଷ୍ୟତ ଭାବନାର ଅନ୍ତ ନାହିଁ । କୁନି ଝିଅ ପିଲାଟେ, ତାକୁ ପୁଣି କି କାମରେ ଲଗାଯାଇପାରେ ତାହା ବୁଝିବା ଲୋକ ହିଁ ବୁଝିବ।

ଏଇ ଝିଅଟିର ଭବିଷ୍ୟତ ? ସେ ଏକ ଉଜ୍ଜଳ ସମ୍ଭାବନାର ଜୀବନ୍ତ ଭ୍ରୁଣ । ଯାହାକୁ ହୁଏତ ମାରି ଦିଆଯାଇ ପାରିଥାନ୍ତା, ଯାହାକୁ ହୁଏତ ଆଦୌ ଜୀବନ ଦାନ କରାଯାଇ ନଥାନ୍ତା । ହେଲେ ସେ ଆଜି ନ ମରି ବଞ୍ଚିଯାଇଛି । କେମିତି ? ଶୁଣନ୍ତୁ ସମସ୍ତେ ସେ କିପରି ବଞ୍ଚିଗଲା । ଶୁଣନ୍ତୁ ଯା'ର ଜନ୍ମ ବୃତ୍ତାନ୍ତ । ତାର ମରଣ ପାଇଁ ଯେତେ ଅଧିକ କ୍ରୁର ଯୋଜନା କରାଯାଇଥିଲା ଜୀବନ ତା'ଠାରୁ ଅଧିକ ରହସ୍ୟମୟ ହୋଇଉଠିଥିଲା । ତାପରି ଶିଶୁକୁ କେହି କେବେ ମାରି ପାରିବନି । କାରଣ ସେ ଅନିଚ୍ଛା ସତ୍ତ୍ୱେ ଜନ୍ମ ହୋଇଥିଲା । କେବଳ ତାରି ଜନ୍ମ ହେବା ପାଇଁ ଉଦ୍ଦିଷ୍ଟ ସମ୍ଭୋଗର ଅତ୍ୟାଚାର ହେତୁ ତା ମା'ଠାରୁ ଗର୍ଭାଧାନର ରହସ୍ୟ ଦୂରୀଭୂତ ହୋଇଥିଲା । ପୁରୁଣା କାଳ କଥା ଅଲଗା । ଏବେ ସମସ୍ତେ ଜାଣନ୍ତି ପ୍ରେମ ସତ୍ତ୍ୱେ, ପ୍ରତାରଣାର ଉର୍ଦ୍ଧ୍ୱରେ, ସାବଧାନତା ପାଳନ କଲାପରେ ବି ସମ୍ଭାବନାର ଭ୍ରୁଣ ମା' ପେଟରେ ବଢ଼ି ଚାଲେ, କେହି ଚାହୁଁ ବା ନଚାହୁଁ । କେହି ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହଁନ୍ତି ଯେ ସମ୍ଭୋଗର ଅସାବଧାନତା ଭିତରେ ବି ଜୀବନର ରହସ୍ୟ ଏକ ଗର୍ବରେ ପରିଣତ ହୁଏ । ସେ ରହସ୍ୟର ଏକ ସାଧାରଣ ଗାଣିତିକ ବ୍ୟାଖ୍ୟା ହେଲା ଶୁକ୍ରାଣୁର ଅଗଣିତ ସଂଖ୍ୟା ଯାହା ଡିମ୍ବାଣୁଠାରୁ କୋଟିକୋଟି ଗୁଣରେ ଅଧିକ । ପୁରୁଷର ଶୁକ୍ରାତିଶଯ୍ୟର ସହଜ ପରିଣତି ଭୋଗିବାକୁ ସ୍ତ୍ରୀର ଗର୍ଭାଧାନ ଉଦ୍ଦିଷ୍ଟ । କ୍ଷମା କରିବେ, ଏଠାରେ ଏହିପରି ଏକ ସ୍ତ୍ରୀ ଲୋକର ଅନିର୍ଦ୍ଦିଷ୍ଟ ଶୈଶବକୁ ସମସ୍ତେ ଦେଖିଛନ୍ତି ହେଲେ କେହି କିଛି ବି ବିରୋଧ କରିନାହାନ୍ତି । ସମସ୍ତେ ଦେଖିପାରୁଛନ୍ତି ଯେ ତା ମୁଣ୍ଡରେ କିଛି ଦର ଲେଖାଯାଇନାହିଁ, ତଥାପି ସେ ହୁଏତ ଏଗାରଶହ ଟଙ୍କାରେ ନିଲାମ୍ ହୋଇଯିବ । ଚାଲନ୍ତୁ ଦେଖିବା ସେ କିପରି ଏପରି ପରିବାରରେ ଜନ୍ମ ହେଲା ।

ପାଞ୍ଚଟି ପିଲା ଜନ୍ମ ହେବାପରେ ପରିବାରରେ ଆଉ ଅଧିକ ପିଲା ବୋଝ ହୋଇ ପଡ଼ିବେ ବୋଲି ବିଚାର କରି ସେମାନେ ଗରିବ ମାତାପିତା ହିସାବରେ ବନ୍ଧ୍ୟାକରଣ କରିବାକୁ ନିଷ୍ପତ୍ତି ନେଇଥିଲେ । ଦିଜଣଯାକ ଅସ୍ତ୍ରୋପଚାର କରି ସରକାରଙ୍କଠାରୁ ପୁରସ୍କାର ଅର୍ଥ ମଧ୍ୟ ଦିଥର ଗ୍ରହଣ କରିଥିଲେ । ତା'ପରେ ସେମାନେ ଭାବିଥିଲେ ଯେ ପରିବାର ଏବେ ନିୟନ୍ତ୍ରିତ ହେଲା ଏବଂ ସମ୍ଭୋଗ ଭିତରେ ଗର୍ଭସଂଚାରଣ ଭୟ ରହିବ ନାହିଁ । ମାତ୍ର ଫଳ ଠିକ୍ ଓଲଟା ହେଲା । ଦୋହରା ଅସ୍ତ୍ରୋପଚାର ସତ୍ତ୍ୱେ ଠିକ୍ ବର୍ଷେ ପରେ ଜନ୍ମ ନେଲା ଗୋଲାପ । ତା ବାପାମାଙ୍କର ନିଃସନ୍ଦେହ ନିର୍ଭୟତା ଭିତରୁ ଜନ୍ମ ନେଇଛି ଏ ଗପର ନାୟିକା ଗୋଲାପ । ଗୋଲାପକୁ ଏବେ ଏଗାର ମାସ । ତା ମୁଣ୍ଡରୁ ଝୁଲୁନି ଦର ଲଗା ଚିଠା । ତଥାପି ତା' ଦର ସ୍ଥିରୀକୃତ । ଦର ଦେବା ପାଇଁ କ୍ରେତା ପ୍ରସ୍ତୁତ । କ୍ରେତା

Digitized by srujanika@gmail.com

ଆଗେଇ ଯାଇ ତାକୁ ପରୀକ୍ଷା କରିବାକୁ ଚାହିଁଲା । ପଚାରିଲା – "ଯା'ର ବୟସ କେତେ ହେଲା ?"

"ତମେ ଦେଖ ବାବୁ । ବର୍ଷେ ପୂରିବାକୁ ଆଉରି ମାସେ ଅଛି । ଭଲ କରି କଥା କହି ଶିଖିନି ବାବୁ ।"

"ଯା'ର ବାପା ମା କିଏ ?"

"ମୁଁ ବାପା ।"

"କାହିଁକି ବିକୁଛ ?"

"ଟଙ୍କା ପାଇଁ ।"

"ଟଙ୍କା ନ ମିଳିଲେ ବିକିବନି ?"

"ହଁ ଆଜ୍ଞା ଯାହା ହେଲେ ବି ଆଜି ବିକିବୁ । ଟଙ୍କା ପାଇଁ ତ ବିକୁଛୁ ।"

"କାହିଁକି ?"

"ଯା'କୁ ପୋଷିବା ପାଇଁ ଆଉ ଅଣ୍ଟାରେ ବଳ ନାହିଁ ।"

" ତା ହେଲେ ଯାକୁ ଜନ୍ମ କାହିଁକି କରୁଥିଲ ?"

"ଆମେ ଆଜ୍ଞା ଚାହିଁ ନଥିଲୁ, ସେ ମନକୁ ମନ ଜନ୍ମ ହୋଇଛି ।"

"ଆଛା, ଏମିତି ବି ହୁଏ ?" କ୍ରେତା ଆଶ୍ଚର୍ଯ୍ୟ ହେଲା ବି, ହସିଲା ବି ।

"ଯା'ର ଆଖି କାହିଁକି ଫୁଲିଛି ?"

"କାନ୍ଦୁଥିଲା ଆଜ୍ଞା, ଏଇ ପିଜୁଳି ଖାଇବାକୁ ମାଗୁଥିଲା ।"

"ଯା'ର ପେଟ କାହିଁକି ଫୁଲିଯାଇଛି, କ'ଣ ହେଇଛି ?"

"କିଛି ନାହିଁ, ପେଟେ ପାଣି ପିଇ ଦେଇଛି ।"

"ପିଜୁଳି ତ ଖାଉଛି, ପୁଣି ଏବେ କାହିଁକି କାନ୍ଦୁଛି ?"

"ଆଜ୍ଞା ଗରମ ହଉଛି ତ, ସେଇଥିପାଇଁ ।"

କ୍ରେତା ଗୋଲାପ ପାଖକୁ ଯାଇ ତା'ର ମୁଣ୍ଡରେ ହାତ ମାରିଲା । ଗୋଲାପ ତା ଆଡକୁ ଚାହିଁଲା । କ୍ରେତା ତା ଗାଲରେ ହାତ ମାରିଲା ତ ଗୋଲାପ ହସିଦେଲା । ଝିଅଟି ଯେମିତି ହସିଦେଇଛି କ୍ରେତା କହିଲା, "ହଁ ମୁଁ ଯାକୁ ନେବି, କିଣି ନେବି । ଏବେ ଦେବା ନେବା କଥା କୁହ ।"

"ଦୁଇ ହଜାର ତ ମାଗୁଥିଲୁ, ହେଲେ ଆପଣ ଆଜ୍ଞା ଖୁବ୍ ଭଲ ଲୋକ ପରି ଜଣା ଯାଉଛନ୍ତି । ତେଣୁ ମୁଁ ଦାମ୍ କମେଇ ଦେଉଛି । ଆପଣ ଏଗାରଶହ ଦିଅନ୍ତୁ । ତା'ଠାରୁ କମ୍‌ରେ ହେବନି ।"

ଆଗରୁ କହିଛି ପୁଣି ଥରେ କହୁଛି – କ୍ରେତା ମନେ ମନେ ଭାବିଲା – ଦରଧାର୍ଯ୍ୟର ଗୋଟେ ନିୟମ ଅଛି । ଜିନିଷଟିକୁ ଗଢ଼ିବା ପାଇଁ, ବନେଇବା ପାଇଁ ଯେପରି ପଇସା ଖର୍ଚ୍ଚ

Digitized by srujanika@gmail.com

ହୁଏ ସେହି ଅନୁପାତରେ ତାର ଦର ଠିକ୍ ଠାକ୍ କରାଯାଏ । ତା'ପରେ ଅଧିକ ମୂଲଚାଲର ସମୟ, ଦର ଅବଶ୍ୟ ଖରିଦ୍‌ଦାରର ଆବଶ୍ୟକତାକୁ ହିସାବକୁ ନେଇ ବଢାଇ ଦିଆଯାଏ । ପ୍ରାୟତଃ ଶଠ ବ୍ୟବସାୟୀମାନେ ସେପରି କରିଥାନ୍ତି । ସେଠାରେ ମୂଲଚାଲ୍‌ର ସୁବିଧା ମିଳେନି କିଣିବାବାଲା ପାଇଁ । ଏସବୁ କଥା ଭାବୁଭାବୁ କ୍ରେତା ପୁଣି ପଚାରିଲା, "ଆଚ୍ଛା କହିଲ, ଗୋଲାପକୁ ତିଆରି କରିବାକୁ ତମୁକୁ କେତେ ଖର୍ଚ୍ଚ ଲାଗିଥିଲା ?"

"କହିଲେ ହବ ଗୋଟିଏ ରାତି, ନହେଲେ ଆଜ୍ଞା ମୋର ଏ ସାରା ଜୀବନ ଦେଇ ମୁଁ ତାକୁ ଗଢ଼ିଛି ବୋଲି ବି କହିପାରେ ।"

"ଏଁ, ତାହା କେମିତି ?"

"ଆଜ୍ଞା ରାଇମତିକୁ ବାହା ହେବାକୁ ମୁଁ ମୋ ଜୀବନକୁ ପଣ କରିଥିଲି । ସେ ବି ମତେ ସେଇମିତି ଚାହିଁଥିଲା ।"

"ଏ ତୁମର କେତେ ନମ୍ବର ପିଲା ?"

"ଆଜ୍ଞା, ଛଅ ।"

"ତମେ ତାହାଲେ କହୁଛ ତମେ ଗୋଲାପର ବାପା ?"

"ହଁ, ଆଜ୍ଞା ।"

"ମୁଁ କିପରି ଜାଣିବି ଯେ ତମେ ଠିକ୍ କହୁଛ ?"

ଗୋଲାପର ବାପା ଅପମାନିତ ହୋଇ ତଳକୁ ଚାହିଁଲା । କହିଲା, "ତା'ର ଉତ୍ତର ମୁଁ ଦେଇପାରିବିନି । ହେଲେ ମୁଁ ଜାଣେ ମୁଁ ହିଁ ତାର ବାପା । ନହେଲେ ତାକୁ କ'ଣ ବିକିବାର ଅଧିକାର ମୋର ଥାନ୍ତା ? ନା, କ'ଣ କହୁଛୁ ରାଇମତି । ଗୋଲାପ ମୋର ଝିଅ ନୁହେଁ ?"

ରାଇମତି ତଳକୁ ଚାହିଁଲା । ଲାଜରେ ନା ଅସମ୍ମତିରେ କହିବା ମୁସ୍କିଲ୍ । କ୍ରେତା ପୁଣି ପଚାରିଲା, "ଆଚ୍ଛା ଯାର ମା' କିଏ ? କଛି ଭାବିବନି ଯେ ମୁଁ ଏସବୁ କାହିଁକି ପଚାରୁଛି । ଝିଅକୁ ନେବା ଆଗରୁ ମୋର ଏସବୁ ଜାଣିବା ଅତ୍ୟନ୍ତ ଜରୁରୀ, ତେଣୁ ପଚାରୁଛି । କିଏ ତା ଅସଲି ମା' ?"

"ଇଏ ଆଜ୍ଞା, ଏ ରାଇମତି, ଇଆଡେ ଆ' ତ ।" ଘୁଞ୍ଚି ଯାଇଥିବା ରାଇମତି ପାଖକୁ ଆସିଲା ।

"ତୁ ତା'ର ମା ? କେମିତି ଜାଣିଲୁ ?"

"ମୁଁ ଜାଣିବିନି ଆଉ କିଏ ଜାଣିବ ବାବୁ । ଏଇ ପେଟରେ ଦଶମାସ ଗର୍ଭ ଧରିଛି ।" ଆଙ୍ଗୁଠି ଦେଖାଇ ତଳିପେଟକୁ ଦେଖାଇଦେଲା ରାଇମତି । "ଆଜି ଯାଏ କ୍ଷୀର ପିଆଉଛି ଆଜ୍ଞା ।"

"ଏବେ କାହିଁକି ଦେଇ ଦଉଛୁ ?"

Digitized by srujanika@gmail.com

"ଆଉ ଚଳି ପାରୁନୁ ଆଜ୍ଞା ! ଆମେ ଏତେ ଗରିବ ଲୋକ, ପରିବାରରେ ଚଳିବା କଷ୍ଟ ହେଉଛି । ସମସ୍ତଙ୍କୁ ଗଣ୍ଡେ ଗଣ୍ଡେ ଖାଇବାକୁ ମିଳୁନି । ଗାଁ ଲୋକେ ବି ଆମକୁ ଏକଘରିକିଆ କରିଦେବେ ବୋଲି କହୁଛନ୍ତି । ଏଠି ଆଉ ଏତେ ଗରିବ ହୋଇ ଆମେ ରହିପାରିବୁନି । ମରିଯିବୁ ।"

କହୁ କହୁ କୋହରେ ଫାଟି ପଡୁଥିଲା ରାଇମତି । "ନେଇଯାଅ ବାବୁ, ତାକୁ ନେଇଯାଅ । ଗୋଲାପ ଏବେ ତମର ।"ରାଇମତି ଆଖିରେ ଲୁହ କାରଣ ସେ ଗୋଲାପର ମା । ଗୋଲାପକୁ କ୍ରେତା ହାତକୁ ଟେକିଦେଇ ତା ବାପ ବି କାନ୍ଦି ପକାଇଲା । ପିଜୁଳି କଷିଟା ହାତରେ ଧରିଥିବା ଗୋଲାପ ତା ମା' ଆଡେ ଥରେ ଆଉ ବାପା ଆଡେ ଥରେ ଚାହିଁଲା । ସେ ବୁଝିପାରୁନଥିଲା ତାକୁ ଜଣେ ଅଜଣା ଲୋକ କାହିଁକି କାଖେଇଛି ।

ବର୍ତ୍ତମାନ ସତ କଥାକୁ ଆଉ ଅଧିକ କାଳ ଲୁଚାଇ ରଖି ହବନି । ଏବେ କହି ଦଉଛି ଯେ ମୁଁ ହିଁ ଗୋଲାପକୁ ନେଇ ଯିବି । ମୁଁ ହିଁ କ୍ରେତା । ବର୍ତ୍ତମାନ କୌଣସି ପ୍ରକାର ମୂଲଚାଲ ସମ୍ଭବ ନୁହେଁ । ମୁଁ କିଣିବା ନକିଣିବାର ଉର୍ଦ୍ଧ୍ୱରେ । ପକେଟରୁ ରୁମାଲ୍ କାଢି ଗୋଲାପର ମୁହଁ ପୋଛି ଦେଇ ତା ଆଖିକୁ ଚାହିଁଲି । ସେ ବି ମୋ ମୁହଁକୁ ଚାହିଁଲା । ଏବଂ କ'ଣ ଭାବିଲା କେଜାଣି ହସିଦେଲା । କୁନି କୁନି ଗାଲରେ ତାର ଦିଟା ଛୋଟ ଛୋଟ ଡିମ୍ପଲ୍ । ତା ଗୋଲାପୀ ଗାଲରେ ମୁଁ ଗୋଟେ ଛୋଟିଆ ଗେଲ କଲି । ମୋ ଛାତି ଭିତରଟା ପୁରି ଉଠିଲା । ପକେଟ୍‌ରେ ହାତ ପୂରାଇ ପର୍ସଟା କାଢିଲି । ତା ଭିତରେ ଯାହା ଟଙ୍କା ଥିଲା ବାହାର କରି ଆଖି ନଗଣି ରାଇମତି ହାତରେ ଧରାଇ ଦେଲି । "ନେ ଏ ଟଙ୍କା ତୋର । ଏ ଝିଅ ମୋର ।"

ରାଇମତି କାନ୍ଦି କାନ୍ଦି ମୋ ଗୋଡ ତଳେ ପଡ଼ିଗଲା । କହିଲା, "ଏମିତିକା ଝିଅକୁ କିଏ ବିକିପାରେ । ତୁ ମତେ ପଇସା ଦଉଛୁ ବାବୁ । ଏ ଗୋଲାପକୁ କେହି ଟଙ୍କା ଦେଇ କିଣି ପାରିବନି । ତୁ ତାକୁ ଭଲ ପାଇଚୁ ବୋଲି ମୁଁ ତତେ ଦେଇ ଦଉଛି । ଟଙ୍କା ପାଇଁ ନୁହେଁ । ନେଇ ଯା' ତାକୁ ଭଲରେ ରଖିବୁ । ତୋ ନିଜ ଝିଅ ପରି, ମତେ ଆଉ କିଛି ପଚାରନା । ତାକୁ ନେଇଯା ଏଠୁ ଶୀଘ୍ର। ମୁଁ ଆଉ ସହି ପାରିବିନି ।"

ତାପରେ ମୁଁ ଯାହା ଦେଖିଲି ମୋ ଆଖି ବି ଲୁହ ଛଳଛଳ ହୋଇଗଲା । ରାଇମତି ଛାତିରୁ ଝର ଝର ଖିର ଝରି ତା' ଲୁଗା ଓଦା ହୋଇଯାଉଥିଲା । ତିରିଶ ବର୍ଷ ବୟସ୍କା ରାଇମତିରେ ଗୋଲାପ ଥିଲା ଛଅ ନମ୍ବର ପିଲା । ତାକୁ ମୁଁ କିଣି ନେଇଛି । କିଣାବିକାର ପର୍ଯ୍ୟାୟ ସମାପ୍ତ ହେଇଛି । ଆମେ ଏବେ ଘରମୁହାଁ । ମୋ ପାଖରେ ଗୋଲାପ । ସେମାନଙ୍କ ପାଖରେ ଗୋଲାପ ବଦଳରେ କିଛି ଟଙ୍କା । ଏତିକି ଫରକ । ସନ୍ଧ୍ୟା ହୋଇଯିବା ଆଗରୁ ତରତର ହୋଇ ଘରକୁ ଫେରିବା ବେଳେ ସେମାନେ ଆଗେ ଆଗେ ଚାଲିଥିଲେ ଆଉ ମୁଁ

Digitized by srujanika@gmail.com

ତାଙ୍କ ପଛରେ ଅଳ୍ପ ଦୂରତାରେ । ଛାଇ ଛାଇକା ଅନ୍ଧାର ଭିତରେ ମତେ ଶୁଭୁଥାଏ ସେମାନଙ୍କର କଥାବାର୍ତ୍ତା ।

ରାଇମତି କହୁଥିଲା, "ଶୁଣ, ମତେ ଏ ପିଲା ବିକାବିକି କଥା ଭଲ ଲାଗୁନି । ଝିଅ ପିଲାଟା ବୋଲି ବିକିଦେଲ, ପୁଅ ହୋଇଥିଲେ କ'ଣ ବିକିଥାନ୍ତ ? ବୁଢ଼ୀବାଇ କହୁଥିଲା, ଏବେ କେହି ପିଲା ବିକ୍ରି କରି ପାରିବେନି । ସରକାର ନିୟମ କରିଦେଇଛି । ଯିଏ ବିକିବ ସିଏ ଜେଲ୍ ଯିବ ।"

"ଛାଡ୍ ସେକଥା ! ନିୟମ ଫିୟମ କିଛି ନାହିଁ । ଅଭାବରେ ସ୍ୱଭାବ ନଷ୍ଟ । ଏତେ ସବୁ ନିୟମ ସତ୍ତ୍ୱେ ଦେଖିଲୁନି ଗଲା ହାଟପାଳି ତିନି ଝିଅ ବିକ୍ରି ହୋଇଗଲେ । କିଏ ଗୋଟେ ଫରେନ୍‌ର ନେଇ ଯାଇଥିଲା । ଭଲରେ ରଖିବ ବୋଲି, ପାଳିବ ବୋଲି । ମନେ ପଡୁଛି ?"

"ହଁ, ସେ ଫରେନର ଗୋରା ମାଇକିନିଆଟା ଆସିଥିଲା, ମୁଁ ଦେଖିଛି ।" ଏତିକି କହୁ କହୁ ତା ତଳି ପେଟରେ ଗୋଟେ ଯନ୍ତ୍ରଣା ଆରମ୍ଭ ହେବାର ଅନୁଭବ କଲା ରାଇମତି । ସେ ତାର ପେଟକୁ ଆଉଁଷି ଆଉଁଷି କହିଲା, "ଏଇ ପୁଣି ସେଦିନ ରାତିର ଆମ୍ବଗଛ ତଳେ ଆମେ ଯେଉଁ ଶୋଇଥିଲେ । ଉପର ଡାଳର ସେ ଭୂତଟା ଓହ୍ଲାଇବାର ମୁଁ ଦେଖିଛି । ସେଇଟା ଆସି ମୋ ପେଟରେ ରହିଲାଣି କି କ'ଣ ? ଦେଖୁନ କେମିତି ଫୁଲିବାକୁ ଆରମ୍ଭ କଲାଣି । ଓଃ ।"

ରାଇମତିର ପେଟକୁ ସ୍ପର୍ଶକରି ତାର ସ୍ୱାମୀ କହିଲା, "ଏଇଟା ପୁଅ ହବ ଏଥରକ । ଝିଅ ନୁହେଁ ପୁଅ । ମୋ ସାଙ୍ଗରେ କାମ କରିବ, ବଡ଼ ହେଲେ, ବୁଢ଼ାବୁଢ଼ୀ କାଳରେ ଆମକୁ ପୋଷିବ । ମୁଁ ଜାଣିଛି ।"

ସେମାନଙ୍କର ଏ ପ୍ରକାର କଥାବାର୍ତ୍ତା ଶୁଣି ମୁଁ ବଡ଼ ବଡ଼ ପାଦ ପକାଇ ତାଙ୍କ ପାଖକୁ ଆସି ପୁଣି ଏକ କ୍ରେତାର କଣ୍ଠରେ ପଚାରିଲି, "ତା ହେଲେ ମୁଁ ଆରବର୍ଷକୁ ଏଇ ସମୟରେ ଆସିବି ଆଉ ତୋର ପିଲାକୁ ଏଇମିତି ନେଇଯିବି । ତୋର ସପ୍ତମ ପିଲାଟି ପୁଅ ହୋଇଥିଲେ ମତେ ଦବୁ, ରାଇମତି ?"

ଏ ପ୍ରକାର ଜଟିଳ ପ୍ରଶ୍ନର ଉତ୍ତର ଦେବାପାଇଁ ରାଇମତି ପାଖରେ ଭାଷା ନଥିଲା । ତାର ସ୍ୱାମୀ ବି ଜଡ଼ ପାଲଟି ଯାଇଥିଲା ।

ଆଗରୁ ଅନ୍ଧାର ମାଡି ଆସୁଥିଲା । ସତ ହେଲେ ବି ଗୋଲାପ ମୁହଁର ଆଭାରେ ମତେ ସବୁ କିଛି ଆଲୋକିତ ଲାଗୁଥିଲା ।

❑❑❑

Digitized by srujanika@gmail.com

# ଆବଦ୍ଧ ଅକ୍ଷର

ସ୍ଥାନ : ଅକ୍ଷାଂଶ ଓ ଦ୍ରାଘିମା ବାହାରେ, ଅଜଣା ଉପତ୍ୟକାର ମଝିରେ ।

କାଳ : ଅଟକବନ୍ଦୀ ଇତିହାସ ଓ ଅସ୍ଥିର ବର୍ତ୍ତମାନର ସନ୍ଧିରେ ।

ମତେ ଏଠାରେ କେହି ଚିହ୍ନନ୍ତିନି । ଏଠାରେ ମୁଁ ଏକ ପରିବ୍ରାଜକ । ପାଖ ଆଖରେ ଆଉ କେହି ବି ଦେଖା ଯାଉନାହାଁନ୍ତି । ଗାଁ ରହିଲାଣି ଦି କୋଶ ଦୂରରେ । ଛୋଟ ଏକ ପାହାଡ । ପାହାଡର ମଧ୍ୟଭାଗରେ ପଥର କାନ୍ଥର ସ୍ଥିର ବକ୍ଷରେ ଲେଖାଯାଇଛି ଅଶୋକଙ୍କର ଶୀଳାଲେଖ । ସମ୍ରାଟ୍ ଅଶୋକ ଦେଇଥିବା ରାଜକୀୟ ଆଦେଶର ଅବଶିଷ୍ଟାଂଶ । ଦୁର୍ବଳ ଲିପିର ଦୁର୍ବଳତା ଭିତରୁ ଦୃଶ୍ୟମାନ ହେଉଛି ପରାକ୍ରମୀ ଅର୍ଥ, ଅଥବା ଅର୍ଥ ପୂର୍ବରୁ ଅଦମ୍ୟ ଉଚ୍ଚାରଣ । ଦୁଇ ହଜାର ବର୍ଷ ପୂର୍ବର ସୁରକ୍ଷିତ ଉଚ୍ଚାରଣ । ଲିପି ଭିତରେ ଉଚ୍ଚାରଣ ନଥାଏ ତାକୁ ଜିଭ ହିଁ ବାଙ୍ମୟ କରେ । ତାକୁ ପଢ଼ି ଜାଣିଲେ ତହିଁରୁ କେତେ ନା କେତେ ଅର୍ଥ ବାହାରେ । ଚାଲ ଦେଖିବା ଏଠି ଯାହା ସବୁ ଲେଖା ହୋଇଛି ତା'ର ମାନେ କ'ଣ ।

ପ୍ରାକୃତ ଭାଷାରେ ତଥା ବ୍ରାହ୍ମି ଲିପିରେ ଖୋଦିତ ତିନିଗୋଟି ଅଲଗା ଅଲଗା ଟାବ୍‌ଲେଟ୍‌ରେ ପାହାଡର ଚିକ୍କଣ କାନ୍ଥରେ ଲେଖାଯାଇଥିବା କଥାର ମର୍ମ ଏହିପରି । ଏଠାରେ ମହାମାତ୍ୟ ମାନଙ୍କୁ ସମ୍ରାଟ୍ ଅଶୋକଙ୍କର ନିରପେକ୍ଷତା ଓ ଆପୋଷ ବୁଝାମଣା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ । ଶାନ୍ତି ଓ ସାମାଜିକ ନ୍ୟାୟର ସମ୍ରାଟ ଅଶୋକ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ କହିଥିଲେ, 'ସମସ୍ତେ ମୋର ସନ୍ତାନ । ମୁଁ ମୋର ସନ୍ତାନ ପାଇଁ ଯେପରି ସମୃଦ୍ଧି ଇଚ୍ଛା କରେ ସମସ୍ତେ ତାହା ପାଆନ୍ତୁ । ସମସ୍ତେ ସୁଖ ଶାନ୍ତିରେ ରୁହନ୍ତୁ ।' 'ମନୁଷ୍ୟର ହୃଦୟକୁ ପ୍ରେମ ଓ ସଦ୍‌ଭାବନା ଦ୍ୱାରା ଜୟ କରାଯାଇପାରେ, ଖଡ୍‌ଗରେ ନୁହେଁ', ଇତ୍ୟାଦି ।

କିନ୍ତୁ କାହିଁ ଏବେ ସେ ତତ୍ତ୍ୱର ଗୁରୁତ୍ୱ । କିଏ ମାନୁଛି ପ୍ରେମ ଓ ସ୍ନେହର ମହନୀୟତାକୁ । ଏହା ସେହି ଜଉଗଡ଼ ଯାହାକୁ ଦିନେ ଜଉରେ ନିର୍ମାଣ କରଯାଇଥିଲା । ମହାଭାରତର ପାଠକେ ଜାଣନ୍ତି ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କର ବିନାଶ ପାଇଁ ଏହାକୁ ଗଢ଼ିଥିଲା । ମାତ୍ର ସେ ଆଉଗୋଟେ କାହାଣୀର ଉପସଂହାର । ଏଠି ଅନତି ଦୂରରେ ଦେଖାଯାଏ ଏକ ବିଲୁପ୍ତ ସଭ୍ୟତାର ଧ୍ୱଂସାବଶେଷ । ଗୋଟେ ପୋତି ହୋଇପଡ଼ିଥିବା ଗଡ଼ଖାଇ, ଦି'ଟା ଛୋଟ ପ୍ରାଚୀନ ମନ୍ଦିର ଆଉ ଗୋଟେ ପୋଖରୀ । ଖୋଳାଖୋଳି ପରେ ମିଳିଥିବା କିଛି ହାଡ଼, ସ୍ଫଟିକ, ପ୍ରାଚୀନକାଳର ମୁଦ୍ରା, ତଥା ମୌର୍ଯ୍ୟ ସମୟର ଲୁହା ଓ ତମ୍ବା ଉପକରଣ । ଇଏ ହେଉଛି କଳିଙ୍ଗ ଇତିହାସର ଆଉଗୋଟେ ମୂକ ସାକ୍ଷୀ । ଠିକ୍ ଯେମିତି ଧଉଳି ।

Digitized by srujanika@gmail.com

ଏଠି ଏବେ ଖାଲି ଖାଁ ଖାଁ ନୀରବତା ଆଉ ଦ୍ୱିପ୍ରହର ସୂର୍ଯ୍ୟର ପ୍ରକୋପ । ପାଖାପାଖି ଦୁଇଟା ବାଜିଲାଣି । ଗାଡ଼ିରୁ ଓହ୍ଲାଇ ମୁଁ ଡ୍ରାଇଭରକୁ ଖାଇବାକୁ ଚାଲିଯିବାକୁ କହିଲି । ସେଠାରେ ଆଉକେହି ବି ନଥିଲେ । ମୁଁ ପଥର ପାହାଚ ଚଢ଼ି ଉପରକୁ ଉଠିଲି । ପାହାଡ଼ କଡ଼କୁ ଘିକୁଆଁରୀ ଜାତୀୟ ମୋଟା ମୋଟା ଲମ୍ବା ପତ୍ରର ବୁଦା ଆଉ ଗୁଳ୍ମ । ପତ୍ରରେ ଲେଖାଯାଇଛି ଏଠାକୁ ବୁଲି ଆସିଥିବା ଲୋକମାନଙ୍କର ନାଁ ଗାଁ । ସ୍ପଷ୍ଟ ପଢ଼ି ହେଉଛି ପ୍ରେମିକ ପ୍ରେମିକାଙ୍କର ନାଁ ଆଉ ତା ମଝିରେ ଯୁକ୍ତ ଚିହ୍ନ । କୈଳାସ ଯୁକ୍ତ ମାଳତୀ । ତା ପାଖକୁ ପାନପତ୍ର ପରି ହୃଦୟର ଚିତ୍ରକୁ ବିଦ୍ଧକରିଛି ଗୋଟାଏ ତୀର ।

ସେ ସବୁକୁ ପଛରେ ପକାଇ ମୁଁ ପାହାଚ ଚଢ଼ିବାକୁ ଲାଗିଲି ଏବଂ ଶିଳାଲେଖ ଥିବା ଗୁମ୍ଫା ନିକଟରେ ଉପସ୍ଥିତ ହେଲି । ପାଖରେ ଆଉ କେହି ବି ନଥିଲେ । ପଥର କାନ୍ଥରେ ଖୋଦିତ ଲେଖାକୁ ଭଲ କରି ଲକ୍ଷ୍ୟ କଲି । ଲେଖାକୁ ସୁରକ୍ଷିତ କରାଯାଇ ରଖାଯାଇଥିଲା ରୁଦ୍ଧ ଏକ ଛାତ ତଳେ ଯାହାକୁ ଲୁହା ରେଲିଂଥିବା କବାଟ ଲଗାଇ ବନ୍ଦ କରାଯାଇଥିଲା । ଲେଖା ଥିଲା ଭିତରେ ଓ ମୁଁ ଥିଲି ବାହାରେ । ସେଠାରେ ଆବଦ୍ଧ ଲେଖାକୁ ମୋର ପଢ଼ିବାର ଥିଲା । ମାତ୍ର ପାଲି ଓ ପ୍ରାକୃତ ଭାଷା ମତେ ଜଣା ନ ଥିଲା । କେମିତି ପଢ଼ିବି କେମିତି ବୁଝିବି ତାର ମର୍ମ । ରେଲିଂ ଭିତରକୁ ହାତ ଗଳାଇ କାନ୍ଥକୁ ଛୁଇଁବାକୁ ଚେଷ୍ଟା କଲି। ଭାବିଲି କିଛି ନ ହେଲେ ଅକ୍ଷରଗୁଡ଼ିକୁ ଛୁଇଁ ଦେଲେ ଅର୍ଥକୁ ସ୍ପର୍ଶ କରାଯାଇପାରେ । କିନ୍ତୁ ତାହା ହେଲା ନାହିଁ । ଅକ୍ଷର ପର୍ଯ୍ୟନ୍ତ ମୋର ହାତ ପାଇଲା ନାହିଁ । ମୁଁ ହତୋତ୍ସାହିତ ହୋଇ ସେଇ ରେଲିଂ ଧରି କବାଟକୁ ଜୋରରେ ଧକ୍କା ମାରି ଖୋଲିବାକୁ ଚେଷ୍ଟା କରି ବିଫଳ ହେଲି। ତାଲାଟିକୁ ଧରି ଭିଡ଼ିବାକୁ ଚେଷ୍ଟା କଲି । ନ ଖୋଲିବାରୁ ଚୁପ୍‌ଚାପ୍ ଛିଡ଼ା ହୋଇ ଭିତରକୁ ଲକ୍ଷ୍ୟ କଲି ।

ହଠାତ୍ କାନ୍ଥ ଭିତରୁ ଅଶୋକଙ୍କର ମୁହଁ ଦେଖାଗଲା । ଭଲକରି ଦେଖିଲି ସମ୍ରାଟ୍ ଅଶୋକ ନିଜେ ଛିଡାହୋଇଛନ୍ତି ପୂରା ରାଜକୀୟ ଠାଣୀରେ । ସେ ମୋ ପାଖକୁ ଲାଗି ଆସି ହସି ହସି କହିଲେ, 'ଏତେ ଅଧୈର୍ଯ୍ୟ କାହିଁକି ହେଉଛ ?' ମୁଁ ସମ୍ରାଟ୍ ଅଶୋକଙ୍କୁ ପ୍ରଣାମ ଜଣାଇଲି । କାନ୍ଥର ଅକ୍ଷରମାନେ ଅସ୍ଥିର ହୋଇ ନୃତ୍ୟ କରିବାକୁ ଆରମ୍ଭ କଲେ । ରାଜା ସ୍ମିତହାସ୍ୟ ସହକାରେ ପଛକୁ ଦେଖିଲା ବେଳକୁ ସବୁ ଅକ୍ଷର ପୁଣି ସ୍ଥିର ହୋଇସାରିଛନ୍ତି । ସମ୍ରାଟ କହିଲେ, 'ଏଠାରେ କ'ଣ ଲେଖାହୋଇଛି ଜାଣ ? ମୋର ପ୍ରଜାମାନେ ମୋର ପୁଅମାନଙ୍କ ପରି ପ୍ରିୟ ଓ ଆତ୍ମୀୟ । ସେମାନେ ସମସ୍ତେ ସୁଖଶାନ୍ତିରେ ରହିବାକୁ ହକ୍‌ଦାର । ଖ୍ରୀଷ୍ଟପୂର୍ବ ୨୬୧ରେ ରକ୍ତାକ୍ତ ଯୁଦ୍ଧରେ ମୋର ମନର ପରିବର୍ତ୍ତନ ହୋଇଥିଲା । ଏବେ ବାଇଶ ଶହ ବର୍ଷ ବିତିଗଲାଣି ତଥାପି ମୋର କାଲିପରି ମନେ ଅଛି । ମୁଁ ରାଜା ବା ଶାସକମାନଙ୍କୁ ମନେ ପକେଇ ଦେବାକୁ ଚାହେଁ, ସେମାନଙ୍କୁ ପକ୍ଷପାତିତା ଠାରୁ ଦୂରେଇ ରହିବାକୁ ହେବ । ପ୍ରଜାମାନେ ଆଳସ୍ୟ ତ୍ୟାଗ କରି ଈର୍ଷା,

Digitized by srujanika@gmail.com

ଆଳସ୍ୟ, କ୍ଷଣିକ କୋପ ପ୍ରଭୃତି କୋଷରୁ ଦୂରେଇ ରହିବେ । ସମସ୍ତେ ପରିଶ୍ରମ କରିବେ ଆଉ ଦେଶର ମଙ୍ଗଳ ପାଇଁ କାର୍ଯ୍ୟ କରିବେ ।' ଏତିକି କହିବା ପରେ ସମ୍ରାଟ ଅଶୋକ କୁଆଡେ ଉଭେଇଗଲେ । ମତେ ଲାଗିଲା ସମ୍ରାଟ ସ୍ୱାଧୀନ ଥିବାରୁ ସେ ଯା'ଭିତରୁ ଚାଲିଯାଇପାରିଲେ ମାତ୍ର ଏଠାରେ ଶିଳାଲେଖ ହିଁ ଆବଦ୍ଧ । ଇତିହାସ ହିଁ କାରାବଦ୍ଧ, ସମୟ ନୁହେଁ । ସମୟ ନଦୀ ସହିତ ତାଳ ଦେଇ ଚାଲିଛି । କାହିଁକି କେଜାଣି ନଈ ଶୁଖିଗଲେ ବି ତା'ଠାରେ ଦିଶେ ବେଳେବେଳେ ଶୁଖିଲା ରକ୍ତର ଦାଗ ।

ଏହିପରି ସମୟରେ ଧକେଇ ଧକେଇ ଆସିଲା ଜଙ୍ଗଲିଆ ଭାଲୁ । କହିଲା, 'ମତେ ଏଠାରେ ସମ୍ରାଟ ଅଶୋକ ଜଗାଇ ଦେଇ ଯାଇଛନ୍ତି । କହିଛନ୍ତି ସବୁ ଦର୍ଶକମାନଙ୍କୁ ନିରୋଳାରେ ପାଇଲେ ପ୍ରଶ୍ନଟିଏ ପଚାରିବୁ । ତାହାହେଲା ମଣିଷମାନେ ଏତେ ବେଶି ବିଶ୍ୱାସଘାତକତା କିପରି କରିପାରନ୍ତି ? ସତକଥା କହିବାକୁ ଗଲେ ସବୁ ପ୍ରାଣୀଙ୍କୁ ବିଚାରକୁ ନେଲେ ଦେଖିପାରିବ ଯେ ମନୁଷ୍ୟ ହିଁ କେବଳ ବିଶ୍ୱାସଘାତକତା କରିପାରେ; ଆଉ କେହି ନୁହେଁ । ସେଇଥିପାଇଁ ତ ଅକ୍ଷରର ସୃଷ୍ଟି, ଲେଖନୀର ଉଦ୍ଭାବନ । କଥାଟିଏ କହିଲେ ତାହା ଅସ୍ୱୀକାର କରିବା ଅତି ସହଜ, କିନ୍ତୁ ତାକୁ ତୁମେ ଲେଖି ଦିଅ; କାଠରେ ହଉ, ପଥରରେ ହଉ ବା ପତ୍ରରେ ହେଉ ତାହା ଅନସ୍ୱୀକାର୍ଯ୍ୟ ।'

ମୁଁ ଭାଲୁକୁ କହିଲି, 'ମୁଁ ଜଣେ ପରିବ୍ରାଜକ ହିସାବରେ ଅନୁଭବ କରିଛି ଯେ ବିଶ୍ୱାସଘାତକତା ଠାରୁ ଅଧିକ ସହଜ କଥା କିଛି ନାହିଁ । ଠିକ୍ ସେମିତି ବିଶ୍ୱାସରେ ବିଷ ଦେବାଠାରୁ ଅଧିକ କଷ୍ଟକର ଆଉ କିଛି ନାହିଁ । ଏହାକୁ ଶେଷ ବିରୋଧାଭାଷ ହିସାବରେ ନିଆଯାଇପାରେ । ଯେପରିକି ରାଜାଙ୍କୁ ତାଙ୍କ ଅଙ୍ଗରକ୍ଷୀ ହତ୍ୟା କରିବା ଯେତିକି ସହଜ, ରାଜା ସେମାନଙ୍କୁ ବିଶ୍ୱାସ କରିବା ତା'ଠାରୁ ଅଧିକ ସହଜ । ମଣିଷ ସମାଜରେ ଯାହା ଯେତେ କଷ୍ଟ ତାହା ସେତେ ସହଜ । କଷ୍ଟ ସହଜ ଭିତରେ ଫରକ ଖୁବ୍ କମ୍ । ତୁମକୁ କଷ୍ଟ ମତେ ସହଜ । ତୁମକୁ ମିଛ ମତେ ସତ । ଭଲ ରାଜା ହେବା ଯେତିକି କଷ୍ଟ, ଭଲ ପ୍ରଜା ହେବା ତା'ଠୁ ଅଧିକ କଷ୍ଟ ।'

ଭାଲୁ ଶୁଣି ମୁଣ୍ଡ ହଲାଇଲା । ବହୁ କଷ୍ଟକରି ମୁଁ ବୁଝାଇବାକୁ ଚାହୁଁଥିଲି ଯେ ସତକଥା ଅନେକ ସମୟରେ ମିଛକଥାଠାରୁ ଅଧିକ ମିଛ ପରି ପ୍ରତ୍ୟୟ ହୁଏ । ଯାହାର ବିପରୀତ ସେହିପରି ପ୍ରମାଣିତ ନୁହେଁ । ଏଇ ଯେମିତି ସବୁ ପୁରୁଣାକାଳିଆ ଲୋକକଥାରେ ମଣିଷମାନେ ଗଛ ସହିତ କଥାବାର୍ତ୍ତା କରନ୍ତି । ଏପରିକି ଜୀବଜନ୍ତୁଙ୍କ ସହିତ ହୃଦୟ ଖୋଲା କଥାବାର୍ତ୍ତା ହେଲାବେଳେ କେହି ବି ପଚାରନ୍ତିନି ଏପରି ଘଟଣାର ସତ୍ୟାସତ୍ୟ । ଏଇତ ଆମେ ବର୍ତ୍ତମାନ ବି କଥା କହୁଛେ ଏବଂ ବୁଝୁଛେ । ସତେ ଯେପରି ଆମେ ଗୋଟିଏ ଭାଷାର ଅଧିକାରୀ ।

ଭାଲୁ କହିଲା, 'ସବୁ ମିଛ ଉପରେ ଆଉ ଗୋଟେ ସତକଥା ଅଛି । ତାହାର

Digitized by srujanika@gmail.com

ନମୁନା ଯଦି ଦେଖିବାକୁ ଚାହଁ ତେବେ ଆମ୍ବ ତୋଟାକୁ ଯାଇ ଭଲକରି ଆଖି ଖୋଲି ଦେଖ । ସମାଜରୁ ବିତାଡିତ, ଜାତିପ୍ରଥା ଦ୍ୱାରା ଉତ୍ପୀଡିତ, ଦୁଇଜଣ ହତାଶ ପ୍ରେମିକ ପ୍ରେମିକା । ବାହୁରେ ବାହୁ ଛନ୍ଦାଛନ୍ଦି । ହୁଏତ ପ୍ରେମିକା ମରିସାରିଲାଣି । ମୁଁ ଆଉ ଆଗକୁ ନଯାଇ ତୁମର ଆଗ୍ରହରେ ବାଧା ଦେବିନି । ମାତ୍ର ମନେ ରଖିଥିବ ଏଠାକାର ଦୃଶ୍ୟ ଅତ୍ୟନ୍ତ ପୀଡାଦାୟକ । ଏ ଦୁଃଖ ନା ଅଶୋକ ଦେଖିଛନ୍ତି ନା ଗୌତମବୁଦ୍ଧ । ଦୁଃଖର ଅନ୍ତ ନାହିଁ । ଅନ୍ୟତ୍ର ମୃତ୍ୟୁର ଦୃଶ୍ୟ ଏତେ ହୃଦୟ ବିଦାରକ ନୁହେଁ ।' ମୁଁ ଏଠାରେ ଗୋଟିଏ ସ୍ଥାନରେ ରହିଥିଲେ ମଧ୍ୟ ତିନୋଟି କାଳର ଅଂଶ ବିଶେଷ । ପ୍ରଥମେ ମୁଁ ଅଶୋକଙ୍କର ସାମ୍ନାସାମ୍ନି, ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ । ଦ୍ୱିତୀୟତଃ ମୁଁ ଭାଲୁ ସହିତ କଥୋପକଥନ କରୁଛି, ଯାହାର କାଳ କେବଳ କଳ୍ପନାଭିମୁଖୀ । ଏବଂ ତୃତୀୟରେ ଆଉ ଏକ ବର୍ତ୍ତମାନ ପରି ଲାଗୁଥିବା କିଛି ସମୟ ଯାହା ମୋର ନିଜର ନୁହେଁ କିମ୍ବା ମୋର ନିୟନ୍ତ୍ରଣରେ ନାହିଁ, କିନ୍ତୁ ମତେ କାରାବଦ୍ଧ କରି ରଖିଛି ।

ମୁଁ ଏବେ ଯେଉଁ ଗପଟି କହିବାକୁ ଚାହେଁ ତାହା କୌଣସି କାଳର ଅପେକ୍ଷା ରଖେ ନାହିଁ । ଲେଖିଲା ବେଳେ ଯେପରି ଲେଖା କୌଣସି ମାଧ୍ୟମର ଅପେକ୍ଷା ରଖେ ନାହିଁ, ଆପେ ଲେଖି ହୋଇଯାଏ । ଯେଉଁଠି ପାରିବ ଲେଖିବ ଯଦି ତେବେ ଯାଇ ଲେଖକ ହୋଇ ପାରିବ । ରକ୍ତରେ ହେଉ ବା କାଳିରେ ହେଉ କିଛି ନହେଲେ ପାଣିରେ ହେଉ । ଚଦରରେ ହେଉ, ପିଠିରେ ହେଉ ।  ଆକାଶରେ ବାଦଲରେ ହଉ ବା ବାହୁରେ ଟାଟୁ ହେଉ, ଖୋଦେଇ ହୋଇଥିବା ଅକ୍ଷରର ପ୍ରତିବଦଳରେ ମନ ଭିତରେ ଚିତ୍ରମାନ ଆଙ୍କି ହୁଅନ୍ତି ଯାହା ଅକ୍ଷରରୁ ଆରମ୍ଭ ହୋଇ ଅର୍ଥରେ ଶେଷ ହୋଇଯା'ନ୍ତି ନାହିଁ। ଏହି ସମୟରେ ଯିଏ ଆବେଗରେ ଉତ୍ପୀଡିତ ସେ ଗୀତ ଗାଏ । ଗୀତ ବି କାହାଣୀରେ ବଦଳି ଯାଏ । ତା'ର ହୃଦୟର ବ୍ୟଥା ବ୍ୟାକରଣର ଉର୍ଦ୍ଧ୍ୱରେ ଶ୍ରୋତାର ହୃଦୟକୁ ବିଦୀର୍ଣ୍ଣ କରେ ।

ମତେ ଏବେ ପ୍ରେମୀଯୁଗଳଙ୍କ ମୃତ୍ୟୁ ଦୃଶ୍ୟପଟ ଆହତ କରିଛି । ସେମାନେ ମରୁଛନ୍ତି ଅଥଚ ମୁଁ କାହିଁକି ଏତେ ଛଟପଟ ହେଉଛି ? ସବୁ ସ୍ପର୍ଶକାତର କବି ବା ଲେଖକଙ୍କ ପାଇଁ ଅନ୍ୟମାନଙ୍କର ମୃତ୍ୟୁ ଏଇପରି କଷ୍ଟ ଦିଏ । ଯେମିତିକା କବି ଡନ୍ କହିଥିଲେ ଯେ ଯେଉଁ ମୃତ୍ୟୁଘଣ୍ଟା ବାଜେ ତାହା ତୁମ ପାଇଁ ଶୁଭୁଥାଏ, ସାବଧାନ ରୁହ । ଏଠି ମୃତକ ପାଇଁ କାନ୍ଦିବା, ଦିଠୋପା ଲୁହ ଝରାଇବା ଅର୍ଥ ତା ସହିତ କଥାବାର୍ତ୍ତା ହେବା । ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଅର୍ଥ ଭୂତ ସହିତ କଥୋପକଥନ । ଖାଲି ମନେପକେଇବା ବେଳେ ଭୟ ନଥାଏ ମାତ୍ର ମୁହାଁମୁହିଁ ହୋଇଗଲେ ଭୟାନକ ହୋଇଯାଏ । ଚଳନ୍ତି ବର୍ତ୍ତମାନ ଭିତରେ କଥା ଆତ୍ମଗୋପନ କରେ । କାହାଣୀର ଇତିହାସ ବର୍ତ୍ତମାନର ଆଶ୍ରୟରୁ ବିତାଡିତ ହୋଇ କ୍ରମଶଃ ଅତୀତରେ ବୁଡିଯାଏ । ସବୁ ଜାହାଜ ଗୋଟେ ଗୋଟେ ଟାଇଟାନିକ୍‌ରେ ବଦଳିଯାନ୍ତି । ଟାଇଟାନିକ୍ ଯାହାର ଜଳମଗ୍ନ ଚିତ୍ର ଯେତେ ଭୟାନକ ତାକୁ କଥାରେ

Digitized by srujanika@gmail.com

କହିବା ସେତିକି ଅଧିକ ଗମ୍ଭୀର । ଯାହା କୁହା ଯାଇଛି ତାହା ଲେଖାଠାରୁ ଅଧିକ ବର୍ତ୍ତମାନ-ସର୍ବସ୍ୱ । ଯାହା କୁହାଯାଇପାରେନା ତାକୁ ଲେଖିରଖିବା ବରଂ ଶ୍ରେୟସ୍କର । ମୁଁ ଏଠାରେ ଖୁବ୍ ଭଲକରି ଜାଣେ ଯେ କଥାର ବାଚାଳପଣ କେବଳ ଛଳନା ଉପରେ ମଧ୍ୟ ତିଷ୍ଠିପାରେ, ମାତ୍ର ଲେଖିବା ଉପରେ ଯେଉଁ ନିୟମାନୁବର୍ତ୍ତିତାର ଅଙ୍କୁଶ ରହିଛି ତାହା କାହାଣୀର ମରଣକୁ ବି ଜିଅନ୍ତା କରି ରଖିବ ।

ଚାଲ ଦେଖିବା ମରଣ ଯନ୍ତ୍ରଣାର ଦୋଳିରେ ପ୍ରେମୀଯୁଗଳ କିପରି ଝୁଲୁଛନ୍ତି । ସେମାନଙ୍କୁ ଦେଖିଲେ ଲାଗିବ, ମୃତ୍ୟୁ ଛାଡ଼ିଯାଏ ଏକ ଯନ୍ତ୍ରଣା ଯାହାକୁ କେହି ବି ଭଲ କରିପାରିବେନି, ପ୍ରେମ ଛାଡ଼ିଯାଏ ଏକ ସ୍ମାରକୀ ଯାହାକୁ କେହି ବି ଚୋରି କରିପାରିବନି । ଶିଳାଲେଖ ଆଗରେ ଛିଡାହୋଇ ଏପରି ଅପମୃତ୍ୟୁକୁ ଏକ ସାଧାରଣ ପାର୍ଶ୍ୱଘଟନା ହିସାବରେ ହେୟଜ୍ଞାନ କରାଯାଇପାରେ । ମାତ୍ର ସମ୍ରାଟ୍ ଅଶୋକ ସମାଜରୁ କୁସଂସ୍କାର ଦୂରକରି ଶାନ୍ତି ସ୍ଥାପନ କରିବା ପାଇଁ ଯେଉଁ ପ୍ରତିଜ୍ଞା କରିଥିଲେ ସେଇ ଅନୁସାରେ ଏପରି ଅପମୃତ୍ୟୁର କେବଳ ଦୁଇଟି ଯୁବ ଜୀବନର ଅନ୍ତ ହିସାବରେ ମନରୁ ପୋଛି ଦିଆଯାଇପାରିବ ନାହିଁ । କାରଣ ସେମାନେ ବି ଦିନେ ହସଖୁସିର ସୂତ୍ର ଖୋଜିବା ପାଇଁ ଉପାୟ ଚାହିଁଥିଲେ ଯାହା ସେମାନେ ପାଇନଥିଲେ । ଚାଲ ଦେଖିବା ସେମାନେ କ'ଣ ଚାହିଁଥିଲେ ଏବଂ କ'ଣ ପାଇଲେ ।

ସେହି ପ୍ରେମୀଯୁଗଳ ସେଠାରେ ପହଞ୍ଚିବା ମାତ୍ରେ ଭାଲୁ ମଧ୍ୟ ଉପସ୍ଥିତ ହେଲା । ତାକୁ ଦିଆଯାଇଥିବା ଆଦେଶ ଅନୁସାରେ ପ୍ରଶ୍ନ ମଧ୍ୟ ପଚାରିଥିଲା । ଚାରିଗୋଟି ପ୍ରଶ୍ନ । 'ସଂସାର ଦୁଃଖମୟ କି ? ଶେଷରେ ମୃତ୍ୟୁ ନା ଜୀବନ ? ମିତ୍ର ଲାଭର ବିକଳ୍ପ ଅଛି କି ? ରାଷ୍ଟ୍ରର ହିତ ବଡ଼ ନାଁ ବ୍ୟକ୍ତିର ?' ଏ ସବୁ ପ୍ରଶ୍ନଙ୍କୁ ଶୁଣିବାକୁ ଆଗ୍ରହ ନଥିଲା ପ୍ରେମୀ ଦୁଇଜଣଙ୍କର । ସେମାନେ ଭାଲୁକୁ ଦେଖି ତା'ର ହିଂସ୍ର ସ୍ୱଭାବ ହେତୁ ମଧ୍ୟ ଆଦୌ ବିଚଳିତ ନଥିଲେ । ସେମାନେ ଆମ୍ବଗଛ ତଳେ ଛାଇରେ ଛିଡାହୋଇ ପରସ୍ପରକୁ କିଛିକ୍ଷଣ ଅତ୍ୟନ୍ତ ନିବିଡ଼ ଭାବରେ ଦେଖିଲେ । ଯୁବତୀଟି ତା ବ୍ୟାଗରୁ କିଛି ତରଳ ଦ୍ରବ୍ୟ ବାହାର କରି ନିଜେ ଆଗେ ଢୋକିଦେଲା ଏବଂ ଶିଶିଟିକୁ ଯୁବକ ହାତକୁ ବଢାଇ ଦେଲା । ଯୁବକ ଅବଶିଷ୍ଟ ତରଳ ଗରଳକୁ ଏକା ନିଶ୍ୱାସରେ ପିଇଦେଲା । ତାପରେ ସେ ଦୁହେଁ ଦୁହିଁଙ୍କୁ ଆଲିଙ୍ଗନ କରିଥିବା ଅବସ୍ଥାରେ ଭୂଇଁରେ କଚାଡ଼ି ହୋଇ ପଡ଼ିଲେ । ଭାଲୁ ଏପରି ଦୃଶ୍ୟ ଦେଖିବା ପାଇଁ ଆଦୌ ପ୍ରସ୍ତୁତ ନଥିଲା । ତା ମନରେ ହଠାତ୍ ଦୁଃଖ ଭରିଗଲା ଏବଂ ସେ ସେଠାରେ ଗୁମ୍ଫାର ଚାବିକୁ ଫୋପାଡି ଦେଇ ପଳେଇ ଗଲା । ତାକୁ ହଠାତ୍ ଲାଗିଲା ତା ଆଖିରେ ବି ଲୁହ ଭରି ଯାଇଛି । ସେ ବି ଅନ୍ୟାନ୍ୟ ମଣିଷମାନଙ୍କ ପରି କାନ୍ଦିପାରେ ଅନ୍ୟର ଦୁଃଖ ଦେଖି । ଆମ୍ବଗଛର ତଳ ଡାଳଟି ବୋଧହୁଏ ଭାରାକ୍ରାନ୍ତ ହୋଇ ତଳକୁ ନଇଁ ଆସିଲା ।

Digitized by srujanika@gmail.com

ମୁଁ ସେଠାରେ ପହଞ୍ଚି ଦେଖିଲି ସେଠାରେ ଆଉ କେହି ବି ନଥିଲେ । ଗ୍ରୀଷ୍ମ ଏକ ଜ୍ୱଳନ୍ତ ମଧ୍ୟାହ୍ନରେ ବଦଳି ଯାଇଥିଲା । ମୋର ଗୋଟିଏ ପଟେ କାନ୍ଦକାନ୍ଦ ଭାଲୁ ଅନ୍ୟପଟେ ଆମ୍ବ ବଗିଚା । ବଗିଚାରେ ଏପ୍ରିଲର ବଉଳ କର୍ଷି ଆମ୍ବରେ ବଦଳି ସାରିଥାନ୍ତି । ଖୁବ୍ ଏକା ଲାଗିଲା । ଡର ବି ମାଡ଼ିଲା । ସେତିକିବେଳେ ମୋ କାନରେ ବାଜିଲା ତୀବ୍ର ଏକ ଅଜଣା ଶବ୍ଦ । କାନରେ ବାଜିଲା କାହାର ଜଣକର ଚିତ୍କାର । ସତେ ଯେପରି କିଏ ଜଣେ ମତେ ଡାକୁଛି । କିଛି କହିବାକୁ ଚାହୁଁଛି । ଆମ୍ବଗଛର ଛାଇ ଆଡକୁ ମୁହଁ ବୁଲାଇ ଚାହିଁଲି । ଯାହା ଦେଖିଲି ତାହା ଅତ୍ୟନ୍ତ ଭୟାନକ ଥିଲା । ଆଖିରୁ କଳା ଚଷମା ଖୋଲି ନିରେଖି ଦେଖିଲି । ଯାହା ଦେଖିଲି ସେଥିରେ ମୋ ଦେହ ଶୀତେଇ ଉଠିଲା । ଆମ୍ବଗଛ ଛାଇତଳେ ମୃତ୍ୟୁର ନୀରବତା ଫଟାଇ ଶୁଭୁଚି ମଝିରେ ମଝିରେ ଦୁର୍ବଳ ହୋଇ ଆସୁଥିବା· ଆହା ।

ପ୍ରେମାବଦ୍ଧ ମୁଦ୍ରାରେ ଦୁଇଟି ଯୁବକ-ଯୁବତୀ । ଚିତ୍ରାକୃତି ପରି ରଙ୍ଗୀନ ଦୁଇଟି ଦେହ । ଯୁବତୀଟି ମୁଠାଇ ଧରିଛି ଯୁବକର ବାହୁକୁ । ଯୁବକ ମଧ୍ୟ ଅନୁରୂପ ପ୍ରେମ ପାଗଳାମୀରେ ଭିଡ଼ି ଧରିଛି ତା'ର ପ୍ରେମିକାକୁ । ଦୁହେଁ ଯେପରି ସଦ୍ୟ କ୍ଳାନ୍ତିରେ ଲତ୍‌ପତ୍ । ଦୁହେଁ ଯେପରି ବୁଡ଼ି ଯାଇଛନ୍ତି ଏକ ଅତୀବ ମଧୁର ବିଡମ୍ବନା ଭିତରେ । ବୋଧହୁଏ ଯୁବତୀଟି କିଛି କହିବାକୁ ଚାହେଁ । ତା'ର ଓଠକୁ ବନ୍ଦ କରିଦେଇଛି ଯୁବକ ତା'ର ଅସରନ୍ତି ଚୁମ୍ବନରେ । ଦୁହିଁଙ୍କର ଆଖି ଦରଖୋଲା, ସ୍ୱପ୍ନାବିଷ୍ଟ । ଦୁହେଁ ନିଷିଦ୍ଧ ପ୍ରଣୟର ଅବଶିଷ୍ଟ ମୁହୂର୍ତ୍ତକୁ ଅମୃତ କରିବା ପାଇଁ ମରିବାକୁ ନିର୍ଣ୍ଣୟ ନେଇଛନ୍ତି । ଦିନ ଦ୍ୱିପ୍ରହରରେ, ଏପରି ଏକ ଅଜଣା ଅଶୁଣା ସ୍ଥାନରେ ଆତ୍ମଘାତୀ କାହାଣୀ କ୍ରମଶଃ କରୁଣ ହୋଇ ଉଠୁଥିଲା ।

ପାଖରେ ପଡ଼ିଛି ଖାଲି ହୋଇଯାଇଥିବା ରାସାୟନିକ କୀଟନାଶକ ଶିଶିଟା । ଆଉ ତା'ପାଖରେ ଖଣ୍ଡେ ତରତରରେ ଲେଖାଯାଇଥିବା ଲୋଚାମୋଚା କାଗଜ । ଯାହା ଝାଞ୍ଜି ପବନରେ ଉଡି ଆସି ମୋ ଗୋଡ ପାଖରେ ଅଟକି ଥିଲା । ଏମିତିକା ବି ହୁଏ । ନା, ନା, ଏମିତିକା ହିଁ ହୁଏ । ମୁଁ ନିଜକୁ ନିଜେ କହିଦେଲି । କାଗଜ ଖଣ୍ଡକ ଗୋଡପାଖରୁ ଉଠାଇ ନେଇ ପଢ଼ିଲି । ପଢ଼ିଲାରୁ ଜାଣିଲି ଘଟଣା ସମ୍ପର୍କରେ ଅଳ୍ପକିଛି ଗୂଢ଼ ରହସ୍ୟ ଯାହା କହିବାକୁ ଆରମ୍ଭ କଲେ ଶେଷ ହେବନାହିଁ । ଜବରଦସ୍ତ କାନ ବନ୍ଦ କରିବାକୁ ପଡ଼ିବ କିମ୍ୱା ମୁହଁ ବନ୍ଦ କରିବାକୁ ପଡ଼ିବ । କାରଣ ସବୁ ସତ ପରି ଲାଗୁଥିବା କାହାଣୀର ଅନ୍ତହୀନତା ହିଁ ସେହିପରି । ଜାଣିବାକୁ ଇଚ୍ଛା ହୁଏ ତାପରେ ଆଉ କ'ଣ କେଉଁଠି କେମିତି କିଛି ରହିଗଲା ନାଁ କ'ଣ । ଏଇ ଯେମିତି ଏଠି ଅଟକି ଯାଇଛନ୍ତି ଅଳ୍ପ କେତୋଟି ଶବ୍ଦ ଯୁବକର ଗଳା ପାଖରେ, ଯେଉଁ ଶବ୍ଦ ଗୁଡ଼ିକ ଗଳାରୁ କାଗଜକୁ ଡେଇଁ ପଡ଼ିବା ପାଇଁ ସୁଯୋଗ ପାଇନଥିଲେ । ଯୁବତୀଟି ତ ସମ୍ପୂର୍ଣ୍ଣ ସ୍ଥିର ନିଶ୍ଚଳ ହୋଇଗଲାଣି । ଥଣ୍ଡା ପଡ଼ିଗଲାଣି ତାର ଶରୀର । ସ୍ଥିର ହୋଇଗଲାଣି ତା'ର ଧମନୀ । ଯୁବକ କାହିଁକି, କ'ଣ କହିବା ପାଇଁ

Digitized by srujanika@gmail.com

ଛଟପଟ ହଉଛି । ଏହା ତାର ମୃତ୍ୟୁକାଳୀନ ଜବାନ୍‌ବନ୍ଦୀ ନୁହେଁ । ମୁଁ ପୁଲିସ୍‌ବାଲା ବା ଜଜ୍ ନୁହେଁ । ମୁଁ କୌଣସି ଆତ୍ମଘାତୀର ଅନୁଧ୍ୟାନ କରିବାକୁ ଚାହେଁ ନା । ମୁଁ ଅନୁଶୋଚନାକୁ ଦୂରେଇ ରଖିଛି । ହେଲେ ମୋର ଆଗ୍ରହ ପ୍ରବଳ, ମୁଁ ଜାଣିବାକୁ ଚାହେଁ । ତେଣୁ ପଚାରିବାକୁ ଚାହେଁ ଯଦିଓ ଏଠାରେ ପଚାରିବାର ସବୁ ସମ୍ଭାବନା ସୁଯୋଗ ଅତିକ୍ରାନ୍ତ । ମୁଁ ଯାହା ପଚାରିଥାନ୍ତି ତାହା ଏହିପରି -

'ତୁମେ କ'ଣ ଚାହଁ ? ମୁଁ ତୁମପାଇଁ କ'ଣ କରିପାରିବି' ? ଯୁବକ ମୋର ହାତକୁ ମୁଠାଇଧରି ମୋ ଆଖିକୁ ଚାହିଁଲା । ତା' ଗଳାରେ ଅସ୍ପଷ୍ଟ ଶବ୍ଦ । କିନ୍ତୁ ଅର୍ଥ ଖୁବ୍ ସ୍ପଷ୍ଟ । 'ମୋର ମା'କୁ କହିବେ ମୁଁ ତାକୁ ଯା'ଠୁ ବେଶି ଭଲ ପାଏ । ବାପାଙ୍କୁ କହିବେ ଜାତି ଗୋତ୍ର ସବୁ ମିଛ । ଆଉ ଅନ୍ୟମାନଙ୍କୁ କହିବେ, ଆମେ ପୁଣି ଆସିବୁ । ବହୁ କଥା କହିବାକୁ ରହିଗଲା । ପୁଣି କେବେ ସେ ସବୁ ।' ତା ପାଟି ବନ୍ଦ ହୋଇଗଲା, ଆଖିପତା ସମ୍ପୂର୍ଣ୍ଣ ମୁଜି ହୋଇଗଲା । ତା ହାତ ମୁଠାରୁ ମୋ ହାତ ହୁଗୁଳି ଗଲା । ମୁଁ ପଛେଇ ଗଲି । ଦେଖିଲି ଯୁବକଟି ପୁଣି ମାଟି ଉପରେ ଶେଜ ପଡ଼ିଥିବା ପରି ଶୋଇ ପଡ଼ିଲା ଏବଂ ସ୍ୱପ୍ନ ଦେଖିବାକୁ ଆରମ୍ଭ କଲା ଯେପରି ।

କେଜାଣି କାହିଁକି ତା ପରେ ପରେ ମୋର ମନ ଭିତରଟା ଦୁଃଖରେ ଭରିଗଲା । ଆଖି ଓଦା ହୋଇଗଲା, ଦିଠୋପା ଲୁହ ଝରିଗଲା । ମୁଁ କୋହକୁ ଚାପି ସମସାମୟିକତାକୁ ଫେରିଲି । ଫେରିଲି ଶିଳାଲେଖରୁ ସାମ୍ନାକୁ । ଶିଳାରେ ଯାହା ଲେଖାଥିଲା ମୋ ଗୋଡ ପାଖକୁ ଉଡି ଆସିଥିବା କାଗଜରେ ମଧ୍ୟ ତାହା ହିଁ ଲେଖାଥିଲା । କିଛି ଅକ୍ଷର ଯାହାର ଝର୍କା ଦେଇ ଅତୀତକୁ ଭବିଷ୍ୟତରେ ମନେ ପକେଇବାର ପ୍ରୟାସ । କହିବାକୁ ଗଲେ ସେ ମୃତ ପ୍ରେମୀଯୁଗଳଙ୍କର ଭବିଷ୍ୟତ ଯେତେ ପରିତ୍ୟକ୍ତ, ମୋର ନିଜର ଅନାଗତ ତା'ଠାରୁ ଅଧିକ ଅତୀତ ଥିଲା । ଲୋକମାନଙ୍କର ଡ଼ର ମୃତ୍ୟୁ ପାଇଁ ଯେତେ ନୁହେଁ, ତା ପରବର୍ତ୍ତୀ ଅବସ୍ଥାକୁ ଅନୁଭବ ନକରି ପାରିବାର ଅପରିପକ୍ୱତା ।

ପାହାଡ ବକ୍ଷର ଗୁମ୍ଫା ସାମ୍ନାରେ ଅଶୋକଙ୍କ ସହିତ ପୁଣି ମୁହାଁମୁହିଁ ହୋଇ ମୁଁ ପଚାରିବାକୁ ଚାହୁଁଥିଲି, 'ଏ ସବୁ କ'ଣ ଘଟିଯାଉଛି ଆପଣଙ୍କର ସାମ୍ରାଜ୍ୟରେ, ଆପଣଙ୍କ ଆଦେଶ ସତ୍ତ୍ୱେ ।' ମୋ ପାଟିରୁ କିଛି ବି ଶବ୍ଦ ବାହାରିଲାନି । କିଏ ଯେପରି ତାଲା ଲଗାଇ ଦେଇଥିଲା ମୋ ପାଟିରେ । ଅଶୋକ କହିଲେ, 'ସେ କଥା କହିବାର ସମୟ ଆସିନି । ଏବେ କବାଟ ଖୋଲି ଦିଆଯାଇଛି । ଯାଅ ପଢ, ଭଲକରି ପଢ ମୋ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶକୁ ଶିଳାଲେଖରୁ । ଏବେ ପଢ଼ିଲେ ବୁଝି ପାରିବ ।' ତା'ପରେ ଅଶୋକ ପୁଣି ଅନ୍ତର୍ଦ୍ଧାନ ହୋଇଗଲେ । ମୁଁ ପୁଣି ଏକା ହୋଇଗଲି । ଏଥର କିନ୍ତୁ ମୋର ଡର ଛାଡି ଯାଇଥିଲା । ମୁଁ ପଥର କାନ୍ଥ ପାଖକୁ ଯାଇ ଲେଖାକୁ ଦେଖିଲି ଏବଂ ସ୍ପର୍ଶ କଲି । ଅସଜଡ଼ା ଅକ୍ଷରମାନେ ସଜାଡ଼ି ହୋଇଗଲେ । ବାକ୍ୟମାନ ଧାଡ଼ି ଧାଡ଼ି ହୋଇ

Digitized by srujanika@gmail.com

କ୍ରମାନ୍ୱୟରେ ଆଲୋକିତ ହୋଇଗଲେ । ସେମାନଙ୍କର ଅର୍ଥ ମୋ ପାଇଁ ସ୍ପଷ୍ଟ ହୋଇ ଉଠିଲା । ବୌଦ୍ଧ ଧର୍ମାନୁମୋଦିତ ଚିରନ୍ତନ ସତ୍ୟ ଓ ଆଦର୍ଶର ଚିନ୍ତନ । ଆମ ସମସ୍ତଙ୍କର ଅନ୍ତରର ହିତ କଥା । ସେ କଥା ଯଦି ସେ ପ୍ରେମୀଯୁଗଳ ପଢ଼ିଥାନ୍ତେ ତେବେ ତାଙ୍କର ଆଜି ଏ ଅବସ୍ଥା ହୋଇନଥାନ୍ତା । ସେତେବେଳେ ଭାଲୁ ତା ଗୁମ୍ଫାକୁ ଫେରିଥିଲା, ଅଶୋକ ତାଙ୍କର ଇତିହାସ ଭିତରକୁ ଆଉ ପ୍ରେମୀଯୁଗଳ ତାଙ୍କ ଆଲିଙ୍ଗନ ଭିତରକୁ । ମୁଁ ପାହାଡ଼ିଆ ଶିଳାଲେଖର ଅକ୍ଷର ସାମ୍ନାରୁ ବିଦାୟ ନେଇ ପାହାଚ ଦେଇ ଓହ୍ଲାଇବା ବେଳେ ପଥର କଡ଼ରେ ଘନସବୁଜ ଗଛର ବୁଦାଳିଆ କଣ୍ଟାପତ୍ରରେ ଲେଖା ହୋଇଥିବା ସଂଯୁକ୍ତ ନାଁ ଗୁଡ଼ିକ ପଢ଼ିପାରୁଥିଲି । କୈଳାସ + ମାଳତୀ । କେଉଁ ପତ୍ରରେ ଲତା ଆଇ ଲଭ୍ ୟୁ, ତ ଆଉ କେଉଁଠି ତୀର ବିଦ୍ଧ ହୃଦୟଟିଏର ଚିତ୍ର ।

ମୁଁ ନିକଟରେ ଥିବା ବୁଦାରୁ ପତ୍ରଟିଏ ଟାଣି ଆଣି ଲେଖିଦେଲି 'ମୁଁ + ତୁମେ' । ଏହି ଦୁଇଟି ଶବ୍ଦ ସରୁ କଣ୍ଟାଦ୍ୱାରା ପତ୍ର ଉପରେ ଲେଖାଗଲା । ଏ ଦୁଇଟି ଲେଖା ଅକ୍ଷର ଆଦୌ ପରାସ୍ତ ହେବେ ନାହିଁ । ଆପଣମାନେ ଯେବେ ଯିବେ ଦେଖିବେ ତାହା ସେମିତି ଥିବ କାରଣ ଆଖି ବାଟ ଦେଇ ସେମାନଙ୍କର ପ୍ରତିଲିପି ଆପଣମାନଙ୍କର ହୃଦୟରେ ଖୋଦେଇ ହୋଇସାରିଛି । 'ଯାକୁ ଯିଏ ପଢୁଛି ମୁଁ ତାକୁ ଭଲପାଏ ।'

❑❑❑

Digitized by srujanika@gmail.com

# ନିୟମଗିରିର ଝିଅ

ନ' ହଜାର ନଶହ ଅନେଶ୍ୱତ ଜଣ କନ୍ଧଙ୍କର ରାଜା ଜଣେ । ସେମାନଙ୍କ ଭିତରେ ସବୁଠାରୁ ବୟସ୍କ ଡଙ୍ଗରିଆ, ଅର୍ଥାତ୍ ପାହାଡ଼ିଆ ଆଦିମ ଅଧିବାସୀ, ତାକୁ ନିୟମରାଜା ବୋଲି ସମସ୍ତେ ଜାଣନ୍ତି । ସେ ଗଛ କୋରଡରେ ବସିଥାଏ । ତା ଦାଢ଼ୀ ଉପରେ ଉଇ ଚାଲୁଥାନ୍ତି । ତା' ଆଖି ଉପରେ ଗଛର ପରାଙ୍ଗପୁଷ୍ପ ଚେର । ଖୁବ୍ ନିୟମ ଚଳାଏ ବୋଲି ତା'ର ନାଁ ନିୟମରାଜା । ତା ରାଜ୍ୟର ପ୍ରଥମ ନିୟମ ହେଲା ଏଠାରେ କେହି ଅଖିଆ ଅପିଆ ରହିବେନି । କେହି ଲଙ୍ଗଳା ରହିବେନି । ଜଙ୍ଗଲ ସମସ୍ତଙ୍କୁ ସବୁ ଦେଇଛି । କେହି ଗଛ ହାଣିବେନି, ପଶୁହତ୍ୟା କରିବେନି । ମାଟି ଖୋଳି ବିକ୍ରି କରି ପାରିବେନି । କେହି କାହାରିକୁ ଠକିବେନି । ଚାଲାକ୍ ଚତୁର ହୋଇ ସହରୀ ସଭ୍ୟତାକୁ ନିଜର କରିବେନି । କେହି କାହାରିକୁ ସନ୍ଦେହ କରିବେନି । ଅର୍ଥାତ୍ ଧୋକା ଦେବେନି । ଧୋକା ହେଉଛି ସହରୀ ସଭ୍ୟତାର ପ୍ରଥମ ବିଲକ୍ଷଣ । ସତକଥା ଉପରେ ମିଥ୍ୟାର ମିଠା ଅତ୍ୟାଚାର । ରାଜା ଆହୁରି ମଧ୍ୟ କହିଛନ୍ତି କେହି ପାଠ ପଢ଼ିବେନି- ସହରୀ ପାଠ । ସହରୀ ପାଠ ପଢିଲେ ଗ୍ରାମୀଣ ସଭ୍ୟତା ଧ୍ୱଂସ ହୋଇଯିବ, ଧ୍ୱଂସ । ଯେମିତି ଖବର କାଗଜ ପଢ଼ିବା ମାନେ ଗଛ ହଣାହେବା ନିଶ୍ଚିତ । ବହି କିଣିବା ମାତ୍ରେ ଜଙ୍ଗଲ ଧ୍ୱଂସ ପାଇବ ହିଁ ପାଇବ ହିଁ ପାଇବ । ଯୋତା ମାଡ଼ିଲେ ଗାଈ ମରନ୍ତି, ଫର୍ ପିନ୍ଧିଲେ ମିଙ୍କ୍ ମରେ । ଏମିତି ଆହୁରି କେତେ ନାଇ କେତେ ଜଣା ଅଜଣା ନିୟମରେ ବନ୍ଧା ଡଙ୍ଗରିଆ କନ୍ଧର ଜୀବନଶୈଳୀ । ସମସ୍ତେ ରାଜାକୁ ମାନନ୍ତି ଆଉ ସମ୍ମାନ ଜଣାନ୍ତି ।

ସେଇ ରାଜା ଦିନେ ରାତିରେ ଶୁଣିଲେ ଝିଅଟିଏ ଏକୁଟିଆ ଠିଆହୋଇ କାନ୍ଦୁଛି । ପାଖକୁ ଡାକି ପଚାରିଲେ, 'ଝିଅ, କାହିଁକି କାନ୍ଦୁଛୁ ?'

ଝିଅଟି କାନ୍ଦିକାନ୍ଦି କହିଲା, 'ବାପା ହାଣ୍ଡିଆ ପିଇକି ଆସି ମତେ ପିଟୁଛି ।'

'କାହିଁକି ତୋର ମା ନାହିଁକି ?'

'ନା, ଆଜ୍ଞା ।'

'କୁଆଡେ ଗଲା ?'

'ଜାଣେନି । ବାପାଠୁ ମାଡଖାଇ ଘର ଛାଡ଼ି ଚାଲିଗଲା ।'

'ହଉ, ଆଜିଠାରୁ ତୁ ମୋର ଝିଅ ହେଲୁ, ତତେ କେହି ମାରିବେନି, ତୁ ଆଉ କାନ୍ଦନା ।'

ଝିଅଟି ଲୁହପୋଛି ଘରକୁ ଫେରିଲା । ସେ ଦିନଠୁ ତାକୁ ଆଉ କେହି କିଛି ବି

Digitized by srujanika@gmail.com

କହନ୍ତି ନାହିଁ । ସମସ୍ତେ ଜାଣନ୍ତି ନିୟମ ରାଜାର ଆଖିବୁଜା ଶାସନ ସମସ୍ତଙ୍କ ପାଇଁ ସମାନ । ପାହାଡିଆ ଜଙ୍ଗଲର କୋଣ ଅନୁକୋଣରେ ତାର ରାଜତ୍ୱ ।

ସେଇ ଝିଅଟି ଏବେ ଯୁବତୀ ହୋଇସାରିଛି । ତା'ର ନାଁ ହେଲା ଝୁମ୍କି । ତା ଦେହଟା ଦେଖିବାକୁ ପାହାଡପରି ଚିକ୍କଣ । ଆଖି, କାନ, ଦେହ, ଯୌବନ ଆଉ ମନ ସବୁ କିଛି ପ୍ରକୃତି ପରି ସୁନ୍ଦର । ଦେଖିଲେ ଆଖି ଲାଖିରହେ । ତା'ର ସେଇ ଆକର୍ଷଣରେ ଦୂରରୁ ତାକୁ ଠାବ କରିଥିଲା ବିଦେଶୀ । ଜାଣିଥିଲା ତା ପାଖରେ ଅଛି ଆହୁରି ଅନେକ ଯାଦୁଗରୀ ଗୁଣ । ପ୍ରଥମେ ତାକୁ ଦୂରରୁ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିଥିଲା, ତାପରେ ନିକଟତର ହୋଇ ଆହ୍ଲାଦିତ, ବିହ୍ୱଳିତ ହୋଇଥିଲା । ଯୁବତୀର ଦିନରାତି କିପରି କଟେ ତାହା ମଧ୍ୟ ଜାଣିବା ପାଇଁ ତାର ଆଗ୍ରହ ବଢ଼ିବଢ଼ି ଗଲା ।

ଯୁବତୀ ଝୁମ୍କି ଅନ୍ୟାନ୍ୟ ଡଙ୍ଗରିଆ ଝିଅମାନଙ୍କଠାରୁ ଟିକେ ଭିନ୍ନ । ସେ ଜଙ୍ଗଲ ସହିତ ଖୁବ୍ ସହଜରେ ମିଶିଯାଏ, ଲୁଚିଯାଏ । ଏଇ ଜଙ୍ଗଲ ପାହାଡ ଜନ୍ତୁଜୁନ୍ତା ତା'ର ଖୁବ୍ ପରିଚିତ । ସେ ଜାଣେ ହଜାର ହଜାର ବର୍ଷ ଧରି ଏ ପାହାଡ଼ ଧାରରେ ସେମାନେ ଜୀବନ କଟାଇଛନ୍ତି, ଜଙ୍ଗଲକୁ ବଞ୍ଚାଇ ରଖିଛନ୍ତି ଆଉ ଜଙ୍ଗଲ ବି ସେମାନଙ୍କୁ ବଞ୍ଚାଇ ରଖିଛି । ଏ ଦେଶର ଆଧୁନିକ ନାମକରଣ ପୂର୍ବରୁ ସେମାନେ ହେଲେ ଆଦିମ ଅଧିବାସୀ । କଳା କଳା କନ୍ଧ ଆଉ ସବୁଜ ପାହାଡ଼ିଆ ଜଙ୍ଗଲ ପରସ୍ପରର ପରିପୂରକ । କେହି କାହାଠାରୁ ଅଲଗା ହୋଇ ବଞ୍ଚପାରିବେନି ।

କନ୍ଧ ଯୁବତୀ ଝୁମ୍କିର କଳା ମୁଗୁନି ପଥରରେ ଖୋଦେଇ କରାଯାଇଥିବା ପରି ଭରପୂର ଦେହ । ଗୋଲ୍ ଗୋଲ୍ ମୁହଁରେ ଚିକ୍କଣ ଗାଲ, ଚେପ୍ଟା ନାକରେ ନୋଲକ, ମୁଣ୍ଡରେ ଗୋଲ ଖୋସା, ବାଳରେ ଗୋଲାପିରଙ୍ଗର ଜଙ୍ଗଲି ଫୁଲ ଆଉ କ୍ଲିପ୍, ଆଖିରେ ଢ଼ଳଢ଼ଳ ଛଳଛଳିଆ ଡୋଳା । ସେଥିରେ ପୁଣି କଜଳ । କାନ୍ଧରୁ ବେକ ପର୍ଯ୍ୟନ୍ତ ହାର ଆଉ ମାଳି ମାଳ ମାଳ। କାନ ଦି'ଟାରେ କେତେ ନାଇ କେତେ କୁନିକୁନି ପିତଳ ଆଉ ରୂପାର ମୁଦି । କପାଳରେ ଅତି ସୁନ୍ଦର ଚିତାକୁଟା ଜ୍ୟାମିତିକ ନୀଳ ଚିତ୍ରଲେଖ । ଦୂରରୁ ଜଣାପଡ଼େନି, ପାଖରୁ ଦେଖିଲେ ଦିଶିବ ତା ମୁହଁରେ  କିପରି ଗ୍ରହତାରାମାନଙ୍କର ଚିତା ଯାହାକୁ ଆଧୁନିକ ଯୁଗରେ ଟାଟୁ କହି ଗୋରାମାନେ ଦେହ ଚିତ୍ର କରାଉଛନ୍ତି । ଝୁମ୍କିଠାରେ ଏସବୁ ଟାଟୁ କେବଳ ପ୍ରସାଧନ ପାଇଁ କରାଯାଇନାହିଁ । ଏହା ତା'ର ଖୁବ୍ ଆପଣାର, ନାଁ ପରି ନିଜର । ଝୁମ୍କିର ହାତରେ ତା'ର ନାଁ ଝୁମ୍କି ବୋଲି ଲେଖି ଦିଆଯାଇଛି । ତା ତଳକୁ ତିନୋଟି ତାରାଙ୍କର ଚିତ୍ର ଯାହା ତା'ର ମା'ର ଇଚ୍ଛାରେ ତା ହାତରେ ଅଙ୍କାଯାଇଛି । ସେ କେବେ ହଜିଗଲେ ତାକୁ ଦେଖି ଲୋକମାନେ ଆଣି ତାକୁ ଫେରାଇ ଦେବେ ତା' ମା' ପାଖରେ ।

ଗୋରା ବିଦେଶୀ ଲୋକଟା ଲକ୍ଷ୍ୟକରେ ଲୁଚିଲୁଚି ଝୁମ୍କି ଗତିବିଧି । ସୂର୍ଯ୍ୟ ପାହାଡ଼

Digitized by srujanika@gmail.com

ଧାରରେ ଦେଖାଦେଲେ ଝୁମ୍‌କି ଗାଧୋଇ ପାଧୋଇ ବାହାରେ ପାହାଡ଼କୁ ପୂଜା କରିବା ପାଇଁ । ପାହାଡ଼ କଡ଼କୁ ପୋଖରୀ ଧାରରେ ଯେଉଁ ପୁରୁଣା ଝଙ୍କା ବରଗଛଟା ଅଛି ତା' ତଳେ ଗୋଟେ ଠାକୁର ମୂର୍ତ୍ତି ପରି ଦିଶୁଥିବା ପଥର ଖଣ୍ଡେ ଯାହା ଉପରେ ମେଞ୍ଚାଏ ସିନ୍ଦୁର ଲଗାଯାଇଛି । ସେଇ ପଥର ଖଣ୍ଡରେ ଫୁଲଟିଏ ଦେଇ ସିନ୍ଦୂର ଟିକେ ଆଣି ନିଜ ବେକ ମୂଳରେ ଲଗାଏ ଝୁମ୍‌କି । ନଇଁ ପଡ଼ି ଭୂଇଁରେ ମୁଣ୍ଡିଆ ମାରି ଗୁଣୁଗୁଣୁ ହୋଇ ଦିଧାଡ଼ି କ'ଣ କହେ ମନକୁ ମନ ଯାହା ବାହାରକୁ ଶୁଣାଯାଏନି । ସେ ଉଠି ଠିଆ ହେଲାମାତ୍ରେ ଗଛଡାଳ କଡ଼ରୁ ପଡ଼େ ଗୋଟିଏ ଛୋଟିଆ ରୂପାର ମୁଦ୍ରା ଯାହାକୁ ସେ ଗୋଟାଇ ଆଣି କାନିରେ ବାନ୍ଧି ଘରକୁ ଯାଏ । ସବୁ ଦିନ ଏଇମିତି ହୁଏ । ଟଙ୍କାଟିକୁ ସେ ସନ୍ତର୍ପଣରେ ନେଇ ଘରେ ଲୁଚାଇ ରଖେ ଗୋଟେ ପୁରୁଣା ମାଟି ଘଡ଼ାରେ । ଏକଥା ତା'ଛଡା କେବଳ ଶୁକ୍ରୁ ଜାଣେ । ଶୁକ୍ରୁ ତା'ର ପୁଅ ସାଙ୍ଗ ଯିଏ ତାକୁ ଗୋଡେ ଗୋଡେ ଜଗିଥାଏ, ବିପଦ ଆପଦ ପଡ଼ିଲେ ତାକୁ ସାହାଯ୍ୟ କରେ । ଶୁକ୍ରୁ ବି ତାର ଗୋଟେ ଅତି ଆପଣାର ବନ୍ଧୁ ପରି । ଏବେ କିନ୍ତୁ ଏ ମୁଦ୍ରାର ରହସ୍ୟ ଗୋରା ବିଦେଶୀକୁ ମଧ୍ୟ ଅଛପା ନୁହେଁ ।

ଟିକେ ସମୟ ପାଇଁ ଶୁକ୍ରୁ ଦୂରକୁ ଯାଇଥିବା ବେଳେ ବିଦେଶୀ ଝୁମ୍‌କି ପାଖକୁ ଯାଇ ପଚାରିଲା, 'ମୁଁ ଯାହା ଖୋଜୁଛି ତାହା ତୋ ପାଖରେ ଅଛି, ମତେ ଦବୁ ? ତା ବଦଳରେ ମତେ ଯାହା ମାଗିବୁ ଯେତେ ଟଙ୍କା କହିବୁ ମୁଁ ଦେବି ।ଏଇ ନେ ଗୋଟେ ହଜାର ଟଙ୍କିଆ ନୋଟ୍ । ମତେ ଦରକାର ତୁ ଯେଉଁ ଟଙ୍କା ସବୁ ଶୂନ୍ୟରୁ ପାଉଛୁ ସେଇ ଟଙ୍କା ତକ । ଆଜି ଯାକେ ଯେତିକି ପାଇଛୁ, ସେ ସବୁ ମୁଁ ନେବି ! ତା ବଦଳରେ ଦି' ହଜାର ଟଙ୍କା ଦେବି । ଆଜି ହଜାରେ ରଖିଥା । କାଲି ସେ ମୁଦ୍ରାଗୁଡ଼ାକ ଦେଲା ପରେ ମୁଁ ଆଉ ଗୋଟେ ହଜାର ଟଙ୍କିଆ ନୋଟ୍ ଦେବି, ଆଗରୁ ତୁ ଏମିତି ଟଙ୍କା ଦେଖି ନଥିବୁ ।

ବିଦେଶୀ ଏତିକି କହି ଝୁମକି ହାତରେ ଗୋଲାପି ରଙ୍ଗର ହଜାର ଟଙ୍କିଆ ନୋଟ୍ ଖଣ୍ଡିକ ଧରାଇ ଦେଇ କହିଲା, 'ଜାଣିଛୁ ଯାର ମୂଲ୍ୟ ? ତୁ ହଜାର ଦିନରେ ଯାହା ପାଇଥାନ୍ତୁ, ଯା'ର ମୂଲ୍ୟ ତାହା । ଏମିତି ଦିଖଣ୍ଡ ତୋର ହୋଇଯିବ । ତୋର ଆଉ କିଛି ଅଭାବ ରହିବନି । ତୁ ଯାହା ଚାହିଁବୁ କିଣି ପାରିବୁ । ଯେମିତି ଚାହିଁବୁ ଖର୍ଚ୍ଚ କରିପାରିବୁ । ମଦ ପିଇ ପାରିବୁ । ଶାଢ଼ୀ ଗହଣା କିଣି ପାରିବୁ । ସୁନା, ରୂପା ଯାହା ଚାହିଁବୁ ତାହା । ଝୁମ୍‌କୀ ଅବିଶ୍ୱାସରେ ବିଦେଶୀକୁ ଚାହିଁଲା । କହିଲା, 'ମୁଁ କାଲି କହିବି ।' ବିଦେଶୀ କହିଲା, 'କାଲି ମୁଁ ଏଇଠି ଅପେକ୍ଷା କରିଥିବି ସକାଳୁ ସକାଳୁ । ସାଙ୍ଗରେ ଆଣିଥିବୁ ସେ ସବୁ ଟଙ୍କା ତକ ?'

ହଉ କହି ହଜାର ଟଙ୍କା ହାତରେ ଧରି ଝୁମ୍‌କି ଘରକୁ ଫେରିଲା । ବାଟରେ ଅନ୍ଧାର ରାସ୍ତାରେ ଏକୁଟିଆ ଯିବାକୁ ନଦେଇ ତା'ସାଙ୍ଗରେ ଶୁକ୍ରୁ ବି ଥିଲା । ତା ପଛକୁ, ଅନେକ ପଛରେ ବିଦେଶୀ ଆସୁଥିଲା । ବାଟରେ ଗଲାବେଳେ ଝୁମ୍‌କିକୁ ଡରଡର ମାଡୁଥିଲା

Digitized by srujanika@gmail.com

ମାତ୍ର ଏତେ ବଡ଼ ଟଙ୍କା ନୋଟ୍ ଦେଖି ତା'ର ଲୋଭ ମଧ୍ୟ ହୋଇଥିଲା । ସେ କାଗଜ ଟଙ୍କାଟାକୁ ନାକ ପାଖକୁ ଉଠାଇ ଶୁଙ୍ଘିଲା । ସେ ଟଙ୍କାର ଗୋଟେ ଅଦ୍ଭୁତ ବାସ୍ନା ଥିଲା ଯାହା ତାକୁ ଭାରି ଭଲ ଲାଗିଲା । ଏମିତିକା ବାସ୍ନା ସେ ଘଡ଼ା ଭିତରେ ରଖିଥିବା ଟଙ୍କାରେ ନଥିଲା । ଏକ ଚମତ୍କାର ଭବିଷ୍ୟତ କଳ୍ପନାରେ ସେ ମସ୍‌ଗୁଲ ହୋଇଗଲା ।

ତା' ପରଦିନ ସକାଳୁ ଅଧା ଭର୍ତ୍ତି ଘଡାଟା ବିଦେଶୀ ହାତରେ ଟେକିଦେଇ ଆଉ ଗୋଟିଏ ହଜାର ଟଙ୍କିଆ ନୋଟ୍ ହାତରେ ପାଇଲା । ଅତି ସନ୍ତର୍ପଣରେ ଲୁଚାଇଲା ପରି କାନିରେ ବାନ୍ଧିଲା । କିଛି ସମୟ ପରେ ଗାଧୋଇ ଆସି ସବୁଦିନ ପରି ପଥର ଠାକୁରଙ୍କୁ ମୁଣ୍ଡିଆ ମାରିଲା ଓ ଉଠି ଠିଆ ହେଲା । କିଛି ସମୟ ଅପେକ୍ଷା କଲା ସିନା, କିନ୍ତୁ ସବୁଦିନ ପରି ଟଙ୍କାଟିଏ ତଳକୁ ପଡ଼ିଲା ନାହିଁ । ସେ ଘାସକୁ ଚାହିଁଲା, କଡ଼କୁ ଚାହିଁଲା, ତା ପରେ ସବୁ ଆଡକୁ ଚାହିଁ ଦେଖିଲା କିଛି ବି ପଡୁନାହିଁ । ସେ ମନ ଦୁଃଖରେ ଘରକୁ ଫେରିଲା । ଘରେ ଦେଖିଲା ତା ହାତରେ ମୁଦ୍ରା ସିନା ନାହିଁ ହେଲେ ଦି'ହଜାର ଟଙ୍କାର କାଗଜ ତିଆରି ନୋଟ୍ ତ ଅଛି । ତା ପ୍ରତିବଦଳରେ ସେ ଯାହା ଚାହିଁବ ତାହା କିଣି ପାରିବ । ନିଜକୁ ଖୁବ୍ ଧନୀ ମନେ କଲା ଝୁମ୍‌କି । ସେ ବୁଝିଗଲା ଯେ ନିୟମ ରାଜା ବୋଧହୁଏ ରାଗିଛି ଓ ସେଇଥିପାଇଁ କିଛି ଦେଲା ନାହିଁ । ସେ କଥା ଭାବି ଝୁମ୍‌କିକୁ ବଡ଼ ଜୋର୍‌ରେ କାନ୍ଦ ମାଡ଼ିଲା । ଦି'ଖଣ୍ଡ କାଗଜ କ'ଣ ଘଡ଼ା ଭର୍ତ୍ତି ମୁଦ୍ରା ସହିତ କେବେ ସମାନ ହୋଇପାରେ ? ଅସମ୍ଭବ, ଅସମ୍ଭବ ।

ତା' ସାଙ୍ଗ ଶୁକ୍ରୁକୁ ଡାକି ସବୁକଥା ଖୋଲି କହିଲା । ଶୁକ୍ରୁ କହିଲା, 'ମୁଁ ସବୁ ଜାଣେ । ମନ ଖରାପ୍ କରନା । ଏବେ ତୋ ହାତରେ ତ ଏତେ ଗୁଡାଏ ଟଙ୍କା । କ'ଣ କରିବାକୁ ଚାହୁଁ ?'

'ଚାଲ ଆମେ ହାଟରୁ କିଛି କିଣା କିଣି କରିବା ।' ଦି'ଜଣ ସାଙ୍ଗ ହୋଇ ହାଟକୁ ଗଲେ ହେଲେ କିଛି ବି କିଣା କିଣି କରିପାରିଲେନି କାରଣ ଏତେ ବଡ଼ ସଂଖ୍ୟା ଲେଖାଥିବା ଟଙ୍କାକୁ ଭଙ୍ଗାଇବା ପରି ସାମର୍ଥ୍ୟ ସେଠାକାର ହାଟର ବେପାରିମାନଙ୍କର ନଥିଲା । ସେ ଟଙ୍କାକୁ ଦି'ଟା ହାଟପାଳିରେ ମଧ୍ୟ ଖର୍ଚ୍ଚ କରିବା ଅସମ୍ଭବ ହୋଇପଡ଼ିଲା । ତାପରେ ସେମାନେ ଭାବିଲେ ଯେ ପାଖ ସହରକୁ ଯିବାକୁ ପଡ଼ିବ ଆଉ ବଡ଼ ନୋଟ୍ ବଦଳରେ ସେମାନେ ସାନ ସାନ ନୋଟ୍ ଆଣି ଖର୍ଚ୍ଚ କରିପାରିବେ ଆଉ ଯାହା ମନ ତାହା କିଣିପାରିବେ ।

ଶନିବାର ଦିନ ସହର ଯାଇ ଗୋଟେ ଖଣ୍ଟ ହାବୁଡରେ ପଡ଼ିଲେ । ଖଣ୍ଟଟା ଅସଲି ନୋଟ୍ ନେଇ ଜାଲି ନୋଟ୍ ଧରାଇ ଦେଲା । ଖଣ୍ଡେ ହଜାର ଟଙ୍କିଆ ବଦଳରେ ଦଶ ଖଣ୍ଡ ଶହେ ଟଙ୍କିଆ ନୋଟ୍ ଦେଇ କୁଆଡେ ଉଭାନ୍ ହୋଇଗଲା । ବସ୍‌ରେ ବସି ଗାଁକୁ ଫେରିବା ବାଟରେ ସେମାନେ କଣ୍ଡକ୍ଟରକୁ ସେଇ ନୋଟ୍‌ରୁ ଗୋଟେ ଦେଲେ ହେଲେ

Digitized by srujanika@gmail.com

କଣ୍ଡକ୍ଟର ଜାଲି ନୋଟ୍ କହି ସେଇଟା ଫେରାଇ ଦେଲା ଏବଂ ଓହ୍ଲାଇ ଯିବାକୁ କହିଲା । ଭାଗ୍ୟକୁ ସେ ବସ୍‌ରେ ଝୁମ୍‌କିର ପିଲାଦିନର ସାଙ୍ଗ ଲତା ବସିଥିଲା ଆଉ ସେ ବସ୍ ଭଡାଟା ଦେଇ ଦେବାକୁ ରାଜି ହେବାରୁ ସେମାନେ ବସ୍‌ରେ ବସି ଗାଁ ପାଖ ଷ୍ଟାଣ୍ଡରେ ଓହ୍ଲାଇଥିଲେ ।

ବସ୍‌ରୁ ଓହ୍ଲାଇ ପାଦରେ ଚାଲି ଚାଲି ଗଲାବେଳେ ଶୁକ୍ରୁ କହିଲା, 'ଆମେ ହେଲେ ଆଦିବାସୀ ଲୋକ, ଆମେ ସହରୀ ସଭ୍ୟତାଠୁ ଯେତେ ଦୂରରେ ରହିବା ସେତେ ଭଲ, ନହେଲେ ମରିବା ।'

'ହଁ ଶୁକ୍ରୁ ତୁ ଠିକ୍ କହିଛୁ । ଆମ ଗାଁ ଆମ ପାଇଁ ଭଲ, ଆମ ଗଛପତ୍ର ପାହାଡ଼ ନଈ ସବୁ ଆମର ମଙ୍ଗଳ ପାଇଁ ।' ସେ ଅଣ୍ଟାରୁ କାଢ଼ି ଶହେଟଙ୍କିଆ ନୋଟ୍‌ରୁ ଖଣ୍ଡେ ନାକରେ ଲଗାଇ ଶୁଙ୍ଘିଲା । ଆଉ ଜାଣିପାରିଲା ସେ ଜାଲି ନୋଟ୍ ଧରିଛି । ଆଦିବାସୀ ଲୋକ ସହଜରେ ଜାଣିପାରିବେନି ଠକି ହୋଇଯିବେ । କ'ଣ କରିବେ ସେମାନେ ? ରାଗରେ ସେ ସବୁତକ ଟଙ୍କା କାଢି ଟିକ୍ ଟିକ୍ କରି ଚିରି ଦେଲା । ଆଉ ପବନରେ ଉଡାଇ ଦେଲା । ତାକୁ ଖୁବ୍ ହାଲ୍‌କା ଲାଗିଲା । ତାଙ୍କ ପାଖରେ ଗୋଟେ ବୋଲି ପଇସା ନଥିଲା । ଚାଲି ଚାଲି ହାଲିଆ ହୋଇଥିବାରୁ ଝୁମ୍‌କି କହିଲା ଆଉ ଚାଲି ପାରିବିନି ମତେ ବଡ଼ ଶୋଷ ହେଉଛି । ଟିକେ ପାଣି ପିଅନ୍ତି । ମୋ ତଣ୍ଟି ଶୁଖି ଯାଉଛି । ମୁଁ ଏଇଠି ବସିଲି କହି ସେ ଗଛ ମୂଳରେ ବସିପଡ଼ିଲା ।

ଶୁକ୍ରୁ କହିଲା, 'ତୁ କିଛି ବ୍ୟସ୍ତ ହ'ନା, ମୁଁ ତୋତେ ପାଇଁ ପାଣି ଆଣିବାକୁ ଯାଉଛି । ପାଣି ନ ମିଳିଲେ ହାଣ୍ଡିଆ ଆଣିବି । ତୁ ଏଇଠି ବସି ଥା' ।' ଶୁକ୍ରୁ ପାଣି ଆଣିବାକୁ ଚାଲିଗଲା । ଅଳ୍ପ ଦୂରରେ ଝରଣା ଥିଲେ ବି ସେ ଦେଖିଲା ସବୁଦିନ ପରି ଝରଣାରେ ସେ ଦିନ ପାଣି ଆସୁନଥିଲା । ନା ଥିଲା ଝରଣାର କୁଳୁକୁଳୁ ଶବ୍ଦ ନା ତାର ସ୍ୱଚ୍ଛ ଧାରା । ଖାଲି ଶୁଖିଲା ଧାରଟେ । ସେ ଆଉ କ'ଣ କରନ୍ତା । ଆଗକୁ ଆଗକୁ ଚାଲିଲା ଯାହା କିଛି ପାନୀୟ ଆଣିବାକୁ ପଡ଼ିବ ଝୁମ୍‌କି ପାଇଁ ।

ଥକା ମେଣ୍ଟାଇବା ପାଇଁ ଗୋଡ ହାତ ଲମ୍ୱାଇ ବସିବା ବେଳେ ଝୁମ୍‌କି ଗଛତଳ ପଥର ପାଖ ଘାସ ଗାଲିଚା ଉପରେ ଲମ୍ୱ ହୋଇ ଶୋଇ ପଡ଼ିଛି ସେ ନିଜେ ବି ଜାଣେନି । ସେ ନିଦୁଆ ଆଖିରେ ଦୁଃସ୍ୱପ୍ନ ପରି କିଛି ଦୃଶ୍ୟ ଦେଖୁଛି । ତାକୁ ଦିଶିଲା ସେହି ଗୋରା ବିଦେଶୀ ଲୋକଟା ଯିଏ ତାକୁ ଟଙ୍କା ଦେଇଥିଲା ସେ ପାଣି ବୋତଲଟାଏ ଆଣିଛି । ତା' ମୁହଁରେ ପାଣି ଛାଟି ତାକୁ ଚେତା କରାଉଛି ଆଉ ତାକୁ ଉଠିବାକୁ କହୁଛି । ଝୁମ୍‌କିର ଆଖି ବନ୍ଦ ଥିଲେ ବି ତାକୁ ସ୍ପଷ୍ଟ ଶୁଭୁଛି, 'ଉଠ୍ ଝୁମ୍‌କି ଉଠ୍, ମୁଁ ଅଛି ପରା ତୋର କିଛି ଅସୁବିଧା ହବନି । ଏଇ ନେ ପାଣି ପିଇ, ବିସ୍କୁଟ୍ ଖା', କାଜୁ ଖା', ମୁଁ ଗାଡ଼ି ଆଣିଛି ଗାଡ଼ିରେ ବସ୍, ମୁଁ ତତେ ସଭ୍ୟତା ଆଡକୁ ନେଇଯିବି ।'

ଶୋଷ ଯୋଗୁଁ ଝୁମ୍‌କି କେତେବେଳେ ପାଟି ଆଁ କରିଛି ଆଉ ତା ପାଟିରେ ପାଣି

Digitized by srujanika@gmail.com

ପରି କିଛି ପଡ଼ିବାରୁ ସେ ତାକୁ ଢୋକି ଦେଇଛି । ତା'ପରେ ତା ନିଦ ଗାଢ଼ ହୋଇଛି । ସେ ଅନୁଭବ କଲା ମଣିଷ ଆଉ ପାହାଡ଼ କେତେ ପାଖାପାଖି, ପୁଣି କେତେ ଦୂର । ଦଳେ ମଣିଷ ସବୁବେଳେ ପାହାଡ଼ ଚଢ଼ିବାରେ ବ୍ୟସ୍ତ । ମଣିଷର ପାହାଡ଼ ଚଢ଼ିବାରେ ଯେତେ ଆନନ୍ଦ, ପାହାଡ଼ ମଣିଷକୁ କୋଳେଇ ନବାରେ ସେତିକି ଆଗ୍ରହ । ବେଳେବେଳେ ମଣିଷ ସେଇ ପାହାଡକୁ ଖିନ୍ ଭିନ୍ କରିବାର ଅଦମ୍ୟ ଖଳ ଇଚ୍ଛା । ପାହାଡର ପାଦଦେଶରେ ଠିଆ ହୋଇ କିଏ ବା ନିଜର ନଗନ୍ୟତା ଅନୁଭବ ନ କରିଛି !

ଛଳନା ପ୍ରବଞ୍ଚନା ଆଗରୁ ତୁଳନା କରିବା ରହସ୍ୟ ପାହାଡଠୁ ଶିଖିଥିଲା ମଣିଷ । ଉତ୍ତୁଙ୍ଗ ପାହାଡ଼ରୁ ସ୍ଫୀତ ତ୍ରିକୋଣକୁ ସୁନ୍ଦରୀ ପ୍ରକୃତିର ଉଦ୍ଧତ ବକ୍ଷ ସହିତ ତୁଳନା କରନ୍ତି ସମସ୍ତେ । ସେହିପରି ଆକାଶରେ ସୂର୍ଯ୍ୟ ଚନ୍ଦ୍ରଙ୍କର ଆଖି । ଜଙ୍ଗଲ ହେଉଛି ପ୍ରକୃତିର କେଶ ରାଶି । ଝରଣାର ଗୀତ ହଉଛି ପ୍ରକୃତିର ସଙ୍ଗୀତ । ଖୋଲା ଆକାଶର ଛାତ ତଳେ ନିୟମ ରାଜାର ଅଖଣ୍ଡ ରାଜତ୍ୱ । ସେଠାରେ ଆଉ କିଛି ତୁଳନାର ଆବଶ୍ୟକତା ନାହିଁ ।

ପ୍ରକୃତି ମଣିଷର ପରମ ମିତ୍ର । ସବୁ ସାମର୍ଥ୍ୟ ଆଉ ଭରସାର ସୂତ୍ର । ପ୍ରକୃତି ହିଁ ଖାଇବାକୁ ଦିଏ, ପିଇବାକୁ ଦିଏ । ଖେଳିବାକୁ ଦିଏ ଜାଗା, ଜିଇଁବାକୁ ଦିଏ ଔଷଧ । ଗଛ ପତ୍ର ଫୁଲ ଫଳ ପଥର ପାହାଡ ପଶୁପକ୍ଷୀ ଜଳ ସ୍ଥଳ କେହି ବି ଅଦରକାରି ନୁହଁନ୍ତି । ଏଇ ଜଙ୍ଗଲ ଇଲାକା ତାର ମା' ବି ବାପା ବି । ଏକଥା ଖୁବ୍ ପିଲାଟି ଦିନୁ ବୁଝିଥିଲା ଝୁମ୍କି । ତାର ପ୍ରିୟ ସ୍ଥାନ ଥିଲା ଘର ବାହାରେ ଥିବା ଛୋଟ ପଥର ପିଣ୍ଡିଟିଏ ଯାହା ଉପରେ ବସିବାକୁ ତାକୁ ଭାରି ଭଲ ଲାଗେ । ସେଠି ବସି ସେ କାନ୍ଦିଲେ ତାକୁ କିଏ ବୁଝେଇ ଦେବା ପରି ଲାଗେ । କିଏ ଗୋଟେ ତା ଲୁହ ପୋଛି ଦେବାପରି ଲାଗେ । ତା'ର ନୀରବିତ ନିଦର ଅନୁଭବ କ୍ରମେ ଘନୀଭୂତ ହେଲା । ଶାନ୍ତ ସବୁଜ ଦି'ଟା ପାହାଡ ମଝିରେ ତାର ଦେହ ଲମ୍ବି ଯାଇଛି ଏପଟ ଦିଗ୍‌ବଳୟରୁ ସେପଟ ଯାଏ । ପାଖରେ ବହିଯାଉଛି ଝରଣାରେ କାଚ ପରି ପାଣି । ଆମ୍ବ ଗଛର ଗହଳ ପତ୍ର ସନ୍ଧିରେ କାଠହଣା ଚଢେଇର ସଶବ୍ଦ କୋଳାହଳ । ଆଉ ଟିକେ ଭିନ୍ନ ଦିଗରେ ମାଛରଙ୍କାର ଧ୍ୟାନ । ପାହାଡ଼ରେ ଭରିଛି ସବୁଜ ଶ୍ୟାମଳ କ୍ଷେତର ସ୍ୱାସ୍ଥ୍ୟ, ଫୁଲା ଛାତି, ବଳୁଆ ବାହୁ, ସୁନା ମହମର ବାସ୍ନା, ପୁଣି ସେ ପାଖକୁ ହାଲ୍‌କା କୁହୁଡିଆ ସ୍ୱପ୍ନରେ ଝଲସୁଥିବା ସୁନା ଶୋରିଷ ଫୁଲର ଆଭା । ଏ ସବୁ ମିଶିମିଶି ଗଢ଼ନ୍ତି ଏପରି ଏକ ସୁନ୍ଦର ସ୍ୱପ୍ନ ଯାହାକୁ ପ୍ରକୃତି ହିଁ ଗଢିପାରେ । ଏପରି ପୃଥିବୀରେ ପୁଣି ଡର ଭୟ କ'ଣ ? ଏକୁଟିଆ କନ୍ଧ ଯୁବତୀଟିଏ ହେଲେ ମଧ୍ୟ ଝୁମ୍‌କିର ବନ୍ଦ ଆଖିପତା ତଳେ ଇନ୍ଦ୍ରଧନୁ ପରି ରଙ୍ଗୀନ୍ ସ୍ୱପ୍ନ ଭରିଯାଏ । ଶିଆଳି ଲଟାରେ ଆଉଜି ପଡ଼ି ତା'ର ତା' ମା କୋଳରେ ଥିବା ପରି ଉଷ୍ମ ଅନୁଭବ ଆସେ । ଏମିତିକା ସମୟରେ ତାକୁ ଦିଶେ ସହସ୍ର ସ୍ୱପ୍ନର ଉଡ଼ନ୍ତା ଚିତ୍ର, ଶୁଭେ ଏପରି ସୁନ୍ଦର ସଙ୍ଗୀତ ଯାହା ବାଦଲ ମଝିରେ ଝୁଲିଝୁଲି ଭଗବାନଙ୍କର ଦୂତ ଗାଇପାରେ ।

Digitized by srujanika@gmail.com

ଆଃ, ଏତେ ସୁନ୍ଦର ସ୍ୱପ୍ନକୁ ସେ ନିଦ ଭିତରେ ସମାପ୍ତ କରିଦେବାକୁ ଚାହେଁନି, ସେ ଖୋଲା ଆଖିରେ ସେହି ସୁନ୍ଦର ସ୍ୱପ୍ନକୁ ଅନୁଭବ କରିବାକୁ ଚାହେଁ । ତେଣୁ ସେ ଉଠି ବସିଲା । ତା ମୁହଁରେ ପଶ୍ଚିମ ଦିଗରୁ ପଡୁଥିବା ସୂର୍ଯ୍ୟକିରଣର ଶେଷ ଛିଟା ପଡ଼ି ତାକୁ ଏକ ସୁନା ପରୀରେ ବଦଳାଇ ଦେଇଥିଲା । ଚକ୍‌ଚକିଆ ଯୌବନର ଦେହରେ ଚିତାକଟା ତାରକସି କାମ । କେଜାଣି କାହିଁକି ସେ ନିଜର ଦେହରୁ ଖୋଲି ଫିଙ୍ଗିଦେଲା ଯାହା କିଛି ବି ପିନ୍ଧିଥିଲା । ଖୁବ୍ ସାବଧାନତାର ସହିତ କାଢି ଓହ୍ଲାଇଦେଲା ଚୂଡ଼ି, ହାର, ମାଳି, କାନଫୁଲ, ପାଉଁଜି ଆଉ ଗୋଡ ମୁଦି । ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ସେ ପାଖ ଝରଣା ପାଣିରେ ପଶିଲା । ଝରଣା ପାଣି ସେଠାରେ ତାକୁ ଗଭୀର ଲାଗିଲା । ସେଇ ଅଳ୍ପ ଗଭୀରତା ଭିତରେ ପହଁରି ପହଁରି ସେ ବିଦେଶୀକୁ ଆଖି ଠାରି ଡାକୁଥିଲା ତା ସାଙ୍ଗରେ ପହଁରିବାକୁ ।

ଗୋରା ବିଦେଶୀ ବାବୁ କିନ୍ତୁ ତା'ର ସେ ମତ୍ସକନ୍ୟା ପରି ପହଁରିବାର ଦୃଶ୍ୟକୁ ନିଜ ଭିଡ଼ିଓ କ୍ୟାମେରାରେ ବାନ୍ଧି ରଖିବାରେ ବ୍ୟସ୍ତ ଥିଲା । ସେ ଖୁସିରେ ଅଧୀର ହୋଇ ଉଠୁଥିଲା । ମାତ୍ର ଅଳ୍ପ କେତୋଟି ମୁହୂର୍ତ୍ତରେ ସେ ଲକ୍ଷ୍ୟ କଲା ଯେ ଯୁବତୀ ଆସ୍ତେ ଆସ୍ତେ ପାଣିରେ ବୁଡିଯାଉଛି, ହଜି ଯାଉଛି, ଲୁଚି ଯାଉଛି । ପଶ୍ଚିମ ଆକାଶରୁ ଅନ୍ଧାର ଘୋଟି ଆସି ପାଣି ଉପରେ ସ୍ଥିର ହୋଇ ଛିଡା ହୋଇଛି । ସେଠି ଆଉ କେହି ନାହାଁନ୍ତି । ନଥିଲେ । ସେ କେବଳ ଶୂନ୍ୟତାର ଫଟୋ ଉଠାଇ ଚାଲିଛି । ଗୁଡାଏ ଅନ୍ଧାରର ଜମାଟବନ୍ଧା ଓଜନକୁ କ୍ୟାମେରାରେ ବହନ କରିବାର ଶକ୍ତି ତାର ନାହିଁ । ସେଥିପାଇଁ ସେ କ୍ୟାମେରାଟାକୁ ପାଣିକୁ ଫିଙ୍ଗିଦେଇ ପଛକୁ ଫେରିଲା ।

ଫେରିଲାବେଳେ ବିଦେଶୀ କେଉଁ ଆଡକୁ ମୁହଁ କରିଥିଲା ତାହା କେହି ବି କହିପାରିବେନି । ଅନ୍ଧାର ଯେ ଏତେ ଗାଢ଼ ହୋଇପାରେ ତାହା ସେ ଆଖିରେ ଦେଖି ନଥିଲା । ମଝିରେ ମଝିରେ ରହି ରହି ତା କାନରେ ପଡୁଥିଲା ଟିଟ୍‌ଟିଭର ସ୍ୱର ଯାହା ଅନ୍ଧାରରେ ଭୟ ସଞ୍ଚାର କରିପାରେ । ସେ ଝୁମ୍‌କିର ମୁହଁକୁ ମନେ ପକାଇ ଆଗକୁ ଆଗକୁ ଚାଲିଲା ।

❑❑❑

Digitized by srujanika@gmail.com

# ଅନ୍ଧାରର ରାଣୀ

ମୋ ପାଇଁ ରାଣୀ ଏକାନ୍ତ ବ୍ୟକ୍ତିଗତ । ସେ ଅଶରୀରୀ ହେଲେ ବି ମୁଁ ତାକୁ ରାଣୀ ବୋଲି ଡାକିଲେ ସେ ଶୁଣେ । ମୁଁ ତା ସହିତ ଗପେ । ତା ସହିତ ଗପି ଗପି ଥକିଗଲେ ତାକୁ ଛୁଇଁବାକୁ ଯାଏ । ହାତ ବଢ଼ାଏ ମାତ୍ର ଛୁଇଁ ପାରେନି । ସେ ମୋର ସନ୍ନିକଟ ଅପହଞ୍ଚ ଇଲାକାର ମହତ୍ୱପୂର୍ଣ୍ଣ ଅନୁପସ୍ଥିତି । ତା ସହିତ ରାତ୍ରି-ବିଳାସ କରିବା ମୋ ଚରମ କଳ୍ପନାର ଆମୋଦକର ଚୂଡ଼ାନ୍ତ । ସେ ଚାଲିଚାଲି ଆସେ ଚିତ୍ରିଣୀ ନାରୀ ପରି । ଛମ୍‌ଛମ୍ ଶୁଣାଯାଏ ତା ପାଦର ନୂପୁର । ସମସ୍ତେ ଶୁଣିପାରିବେନି ତା'ର ଶବ୍ଦ । ମତେ ଛାଡ଼ିଦେଲେ ଆଉ କେହି ଦେଖିପାରିବେନି ତାକୁ । ଏଇ ହେଲା ତା'ର ବିଶେଷତ୍ୱ । ତୁମେ ତାକୁ ନଦେଖି ପାରିଲେ ମୋର କିଛି ଯାଏ ଆସେ ନାହିଁ । ସେ ମୋ ପାଇଁ ଅବିଭକ୍ତ ପ୍ରେରଣାର ଅଭିଷେକ । ଏକ ପ୍ରତାରୀତ ପେତାତ୍ମାର ପ୍ରତ୍ୟୟ ।

ମୋ ଆଖିରେ ଧରାପଡ଼ିଥିବା ସବୁ ସ୍ୱପ୍ନ ଯଦି ସତ ପରି ମନେହୁଏ ତେବେ ଶୟନକକ୍ଷକୁ ଗୋଟେ ଅନ୍ୟ ପୃଥିବୀ ପରି ମନେ କରାଯାଇପାରେ । ସେଠାରେ ଆଲୁଅ ଅନ୍ଧାର ଅଲଗା ନୁହେଁ । ସବୁ ସମାନ । ଭୂତ ଅଭୂତ କିଛି ନାହିଁ । ସେଇଥିପାଇଁ ମୋ କଳା ଡୋଳା ଭିତରେ ସବୁ ଦୃଶ୍ୟ ଆଲୋକିତ ହୁଏ । ମୋ କାନକୁ ରାଣୀର ସବୁ ଶବ୍ଦ ସଙ୍ଗୀତ ପରି ଶୁଭେ । ମୋ ମନ ସବୁ କିଛି ବଦଳାଇ ଦେଇପାରେ ।

ଯେଉଁଦିନ ରାଣୀ ଭୂତକୁ ମୁଁ ପ୍ରଥମ କରି ଦେଖିଲି ସେଦିନ କାନ୍ଥରେ ତା ଛାଇ ପଡ଼ିଥିଲା । ସେ କାନ୍ଦୁଥିଲା । ମୁଁ ଶୁଣିଥିଲି ଏବଂ ମତେ ବଡ଼ କଷ୍ଟ ଲାଗିଥିଲା । ମୁଁ ବଡ଼ ଆର୍ଦ୍ର ଆବେଗର ଲୋକ । କାହାରି କାନ୍ଦ ସହିପାରେନି । ମୁଁ ଜାଣେ ଲୁହ ଆଖିରେ ନଥାଏ, ଆଖିବାଟେ ଝରେ । ମିଛ କାନ୍ଦରେ ଲୁଣ କମ୍ । ହେଲେ ରାଣୀର ଏ କାନ୍ଦ ତା' ହୃଦୟରୁ ବାହାରୁଥିଲା । ସେ କାନ୍ଦ ମୋ ଛାତି ଭିତରେ ଗଳିଗଲା । ମୁଁ ତା ପାଖକୁ ଯାଇ ଦେଖିଲି ଯେ ସେ କେବଳ ଛାଇଟିଏ । ଯେଉଁ ଛାଇକୁ ମୁଁ ଡରେ ହେଲେ ଖୁବ୍ ଭଲପାଏ । ଯେଉଁ ଛାଇକୁ ଦେଖିଲେ ତା'ର ବାସ୍ତବତାକୁ ଗଢ଼ାଯାଇପାରେ ଅଥବା ପ୍ରେମ କବିତା ଲେଖାଯାଇପାରେ ।

ମତେ ଲାଗିଲା ମୁଁ ପୁରୁଣା ଐତିହାସିକ ଯୁଗର ଜଣେ ରାଜା ଯାହାର ବ୍ୟକ୍ତିଗତ ଜୀବନର ଇତିହାସ ଅମାପ ନିଭୃତ ଆମୋଦରେ ଭରପୂର । ମୁଁ ଏ ଯାବତ୍ ସୁମତୀକୁ କହିନଥିଲି କେଉଁଠି ଲୁଚି ଯାଇଥିଲା ମୋର ବ୍ୟକ୍ତିଗତ ଜୀବନର ଅସଂଯତ ଅନୁଭବ

Digitized by srujanika@gmail.com

ଗୁଡ଼ିକ । ତଥାପି ମତେ ମାନିବାକୁ ପଡ଼ିବ ସତକୁ କେହି କ୍ରୀତଦାସ କରିପାରିବେନି । ସମସ୍ତେ ଦିନେ ସତ୍ୟ ସାମ୍ନା କରିବାକୁ ବାଧ୍ୟ । ସ୍ୱପ୍ନ ବି କଦାଚିତ୍ ସତ୍ୟକୁ ପ୍ରଘଟ କରିପାରେ ବିଶ୍ୱାସଘାତକ ପରି ଏବଂ ପୁଣି ଏକାଠି କରାଏ କଳ୍ପନା ବିଳାସକୁ ପାର୍ଥୀବ ବାସ୍ତବ ସାଙ୍ଗରେ ।

ଏଠି ଯେଉଁ ରାଣୀ କଥା ମୁଁ କହୁଛି ସେ ରାଣୀ ସେଇ ଘରେ ରହୁଥିଲା । ତା'ର ବୟସ ମୋର କଳ୍ପନା ପ୍ରସୂତ । ଯୁବତୀ ଯେ ମଧ୍ୟବୟସ୍କା ହୋଇନପାରେ । ସବୁବେଳେ ସେଇ ସଦ୍ୟ ବିବାହିତା ସୁନ୍ଦରୀ ପରି ଦର୍ପଣ ପଛର ଚିତ୍ର । ତା ଘର ସୁଦୂର ଉତ୍ତରପ୍ରଦେଶର ଏକ ଅଜଣା ପଲ୍ଲୀରେ, ଏବଂ ଯାହାକୁ ସେଠାକାର ରାଜା ଜବରଦସ୍ତ ଉଠାଇ ନେଇ ବିବାହ କରିଥିଲେ ଆଉ ଥରେ ମାତ୍ର ଗୋଟିଏ ରାତି ତା ସହିତ ବିତାଇ ତାକୁ ସମ୍ପୂର୍ଣ୍ଣ ଭୁଲିଯାଇଥିଲେ । ରାଜପ୍ରାସାଦର କୌଣସି ଏକ ଅଜଣା କୋଣ କୋଠରୀରେ ତାକୁ ରହିବାକୁ ଦିଆଯାଇଥିଲା କାରଣ ପାଟରାଣୀ ତାର ସୌନ୍ଦର୍ଯ୍ୟ ଦେଖି ନିଜେ ଖୁବ୍ ଡରିଯାଇଥିଲେ । ପାଟରାଣୀ ଅବଶ୍ୟ ତାକୁ ସେଠାରୁ ବାହାର କରି ଦେଇଥିଲେ, କିଛିଦିନ ପରେ । ତାକୁ ସେ ଅନ୍ୟମାନଙ୍କ ପରି ମରିବାକୁ ବାଧ୍ୟ ନକରି ତା ହାତରେ କିଛି ରତ୍ନାଳଙ୍କାର ଦେଇ ଦେଶାନ୍ତର କରିଦେଇଥିଲେ । କହିଥିଲେ - "କାଲି ସକାଳୁ ତମ ମୁହଁ ଆଉ ଯେମିତି ଦେଖିବାକୁ ନମିଳେ ।" ତା'ପରେ ରାଣୀ ନିଜକୁ ପୁରୀ ଜଗନ୍ନାଥଧାମରେ ଆବିଷ୍କାର କରିଥିଲା । ସେଠାରେ ସେ ପାଖରେ ଥିବା ମୂଲ୍ୟବାନ ଅଳଙ୍କାର ସବୁ ବିକି ଗୋଟେ ଛୋଟିଆ କୋଠୀ ବନାଇ ଥିଲା ଯାହାକୁ ଲୋକମାନେ ରାଣୀକୋଠୀ ବୋଲି ଜାଣିଥିଲେ । ରାଣୀ ସେଇ କୋଠୀରେ ଏକୁଟିଆ ରହୁଥିଲା । କିଛିଦିନ ପରେ ସେ ଅସୁସ୍ଥ ହୋଇପଡ଼ିଲା ଆଉ ମରିଗଲା । ନା ନା, ମରିଗଲା ସିନା ହେଲେ ମଲାପରେ ବି ସେଇଠି ସେ ସେଇ ଘରେ ରହିଗଲା । ରାଣୀ ପରି ସୁନ୍ଦରୀ ସହଜରେ ମରନ୍ତି ନାହିଁ । ଆଉ ସେ ବା କିପରି ମରନ୍ତା ।

ଏଠି ଆମେ ଏବେ ବୁଲିବାକୁ ଆସି ଏଇ ହଲିଡେ ହୋମ୍‌ରେ ସପ୍ତାହଟେ ପାଇଁ ଅଛୁ । ଏ 'ହଲିଡେ ହୋମ୍'ର ନା ରାଣୀ ନିବାସ । ଖୁବ୍ ଆଭିଜାତ୍ୟପୂର୍ଣ୍ଣ ବିଳାସ ପାଇଁ ଉଦ୍ଦିଷ୍ଟ ହୋଟେଲ ପରି ସୁବିଧା ଥିବା ପ୍ରାସାଦ । ଅଧିକ ଦେୟ ପଡୁଥିବାରୁ ସାଧାରଣତଃ ବର୍ଷକୁ ଦଶମାସ ଖାଲି ପଡ଼ିଥାଏ । ତା'ର ଶୟନକକ୍ଷ ଗୋଟେ ସ୍ୱପ୍ନପୁରୀ ପରି । ବାରଣ୍ଡାରେ ମାର୍ବଲର ଚଟାଣ । ଗାଧୁଆ ଘର ଧଳାରଙ୍ଗର ଶଙ୍ଖ ମର୍ମରରେ ଗଢ଼ା । ଆମେ ଏ ସମୁଦ୍ରକୂଳ ଘରଟାରେ ଅୟସ କରିବାକୁ ଆସିଛୁ, ମୁଁ ଆଉ ସୁମତୀ । ଆମେ ଦୁହେଁ ଗପୁଛୁ, ମଜାକରୁଛୁ । ହଠାତ୍ ମୋର ମନେ ହେଲା ମୋ କଡ଼କୁ ଆଉଜଣେ କିଏ ବସି ଆମ କଥା ଶୁଣୁଛି । ମତେ ଡର ମାଡିଲା ତ ମୁଁ କାନେଇଲି ଭଲ କରି ଶୁଣିବାକୁ ଆଉ କିଏ ସେଠି ଅଛି କି ? ହଠାତ୍ ମତେ ଲାଗିଲା କିଏ ଜଣେ ଗାଧୁଆଘରେ ଫ୍ଲସ୍‌ଟା ଟାଣିଦେଲା ଏବଂ ପାଣି

Digitized by srujanika@gmail.com

ଗବ୍‌ଗବ୍ ହୋଇ ପଡ଼ିଗଲା । ମୁଁ ହଠାତ୍ ଦୌଡ଼ି ଯାଇ ଦେଖିବାକୁ ଚାହିଁଲି କିଏ ଥିଲା ବୋଲି । ଦେଖିଲା ବେଳକୁ କେହି ନାହିଁ । ଏ କଥା ମୁଁ ସୁମତୀକୁ ନ କହି ଭାବୁଥିଲି ଆଉ କିଏ ସେଠି ଥିଲା ବୋଲି । ହଠାତ୍ ସୁମତୀ ମତେ କହିଲା ଏଠି ଆଉଜଣେ କିଏ ଆମ ସାଙ୍ଗରେ ଥିଲାପରି ମୋର ମନେ ହେଉଛି । ତମ୍ଭକୁ ଜଣା ପଡୁଛି ? ମୁଁ କହିଲି - "ନା ନା ଏଠି ଆଉକେହି ନାହିଁ । ଏଠି ଆଉ କିଏ ଆସିବ ?"

ସୁମତୀ ଛେପଢ଼ୋକି କହିଲେ, "ମୁଁ ତମ୍ଭକୁ କହିନଥିଲି କାଲି ଗାଧୋଇବା ବେଳେ ମୁଁ ଦେଖିଥିଲି ମୋ ଗୋଡ଼ରେ ଦୁଇଟା ଯାକ ପାଉଁଜି ଥିଲା, ତା'ପରେ ସାମ୍ଭୁ କରି ମୁଣ୍ଡଧୋଇ ଆଖି ଖୋଲିଲା ପରେ ଦେଖିଛି ଯେ ବାଁ ଗୋଡ଼ର ପାଉଁଜିଟା ନାହିଁ ।

ମୁଁ କହିଲି, "ହେ, ଯା' ଯା' ତୁମ ପାଉଁଜିଟା ଭୂତ ନେଇଗଲା.... ।"

"ତୁମକୁ ତ ସବୁ ଥଟ୍ଟା ଲାଗୁଛି" ସୁମତୀ କହିଲେ । ସେ ଜାଣି ନଥିଲେ ଯେ ସତରେ ମତେ ମଧ ଭୟ ଲାଗୁଥିଲା । ମଜା ବି ଲାଗୁଥିଲା ।

ଗପୁ ଗପୁ ମୁଁ ଘୁମେଇ ପଡ଼ିଲାରୁ ସୁମତୀ ଗଲେ କଫି ଆଣିବା ପାଇଁ । ମୋର ବନ୍ଦ ଆଖିପତା ତଳେ ଦୃଶ୍ୟମାନ ଦିଶିଲା । ରାଣୀର ବେଡ୍‌ରୁମ୍‌ରେ, ତା ଖଟ ଉପରେ ମୁଁ, ମୋ ଖଟରେ ସେ ନୁହେଁ । ମୁଁ ତା'ର କେହି ନୁହେଁ ମାତ୍ର ତାର ପ୍ରିୟ, ଅତି ପ୍ରିୟ । କାହିଁକି ପଚାରିଲେ ମୁଁ କହିବି ମୁଁ ଜାଣେନା, ତାକୁ ପଚାର । ଏଠାରେ ପ୍ରେମ ବୋଲି କିଛି ନାହିଁ । କେବଳ ଏକ ପ୍ରିୟ ଆବେଗରେ ଛନ୍ଦି ହୋଇପଡ଼ିବାର ଅନୁଭବ । ଛଳନା ବି ନୁହେଁ । ସେକଥା ନଭାବିଲେ ଭଲ । କିନ୍ତୁ ଜାଣି ଜାଣି ନ ଭାବିବା ପାଇଁ ବହୁତ କିଛି ଜାଣିବାର ଭାବନା କରିବାକୁ ପଡ଼ିବ । ନ ଭାବିଲେ କଣ ଭାବନାକୁ କିଏ ବନ୍ଦ କରିପାରେ । ମୁଁ ଏବେ ସେଇ କଥା ଭାବୁଛି, କଣ କଲେ ଅଧିକ ଭାବନା ଭିତରେ ମୁଁ ବୁଡ଼ି ନଯିବି । ମୋ ଭାବନା ଭିତରେ ମୋର ଆଧିପତ୍ୟ ଜାହିର କରିବାର ଇଚ୍ଛା ହେଉଛି ସବୁଠାରୁ ଅଧିକ ଅଦମନୀୟ । ପ୍ରଭୁତ୍ୱ ବିସ୍ତାର କରିବାର ଅସୀମ ଆଗ୍ରହ ।

ରାଣୀ ଉପରେ ମଧ ମୋର ପ୍ରଭୁତ୍ୱ ମୋର ଅଭିଳାଷ । ରାଣୀ ଏବେ ଯୌବନ ପାର ହୋଇନାହିଁ । ସେ ସୁନ୍ଦରୀ । ତା'ଠାରେ ସମୟ ଅଟକି ଯାଇଛି । ତା'ର ବୟସ ଆଖିରେ ଧରାପଡ଼େନି । ସେଇଥିପାଇଁ ତ ସେ ଅସାଧାରଣ । ସେ ସୁବର୍ଣ୍ଣା, ମୁହଁରେ ବିଶୁଦ୍ଧ ସୌନ୍ଦର୍ଯ୍ୟର ଅଙ୍କିତ ପରିପାଟୀ । ଆଖିରେ ବିଜୁଳି, କେଶରେ ମେଘର ଛାଇ, ଗାଲରେ ରକ୍ତିମା, ଚେହେରାରେ ଚିର ବସନ୍ତର ସ୍ପର୍ଶ । ଦେହରେ ଅଫୁରନ୍ତ ଯୌବନର ଲହର । ତାକୁ ଦେଖିଲେ ଯେ କୌଣସି ସୁନ୍ଦରୀର ଈର୍ଷା ହିଁ ଜନ୍ମିବ । କିନ୍ତୁ...

କିନ୍ତୁ ସେ ପିନ୍ଧିଥିବା ଶାଢ଼ୀର ନୀଳବର୍ଣ୍ଣ ଏକ କୁହୁକ । ଝୀନବସ୍ତ୍ର ତଳକୁ ସେ ମାୟାବିନୀ, କୁହୁକିନୀ । ମୋର ବନ୍ଦ ଆଖିପତା ତଳେ ବି ଗପ ଆଗକୁ ବଢ଼େ । ମୁଁ ତା ଘରେ, ତା ବେଡ୍‌ରୁମରେ, ତା ପଲଙ୍କ ଉପରେ ତା'ର ଅତିଥି । ତୁମେ ସବୁ ଶୁଣି ପାରିବନି

Digitized by srujanika@gmail.com

ସେ ଗପର ସୂତ୍ର । ଏହାକୁ ଅନ୍ୟ ଏକ ପ୍ରକାରର ପ୍ରେମଗଳ୍ପ ହିସାବରେ ଗ୍ରହଣ କରାଯାଇପାରେ ଯାହା ଅନ୍ଧାରରେ ଅଙ୍କୁରୀତ ହୁଏ । ଏପରି ଅନ୍ଧାର ଯାହା ଭିତରେ ଆଖିକୁ ଆଖି ଦେଖିପାରେନି ହେଲେ ନାକରେ ନାକ ବାଜେ । ଦୁଇଜଣଙ୍କ ନିଶ୍ୱାସ ପ୍ରଶ୍ୱାସରେ ଆନ୍ଦୋଳିତ ହୁଏ ଗୋଟିଏ ଆକର୍ଷଣର ଅଶେଷ ପ୍ରଶସ୍ତି, ଗୋଟିଏ ଚୁମ୍ବନର ଆସକ୍ତ ବିଡ଼ମ୍ବନା ଭିତରେ କୋଟିଏ କାମନାର ଅଗଣିତ ନିର୍ଯ୍ୟାତନା ।

ତୁମେ ବିଶ୍ୱାସ କର ବା ନ କର ମୁଁ ଜାଣେ ସେ ମୋର ସ୍ୱପ୍ନର ଅସତ୍ୟ ତଥ୍ୟର ପ୍ରକୃତ ଉପାଦାନ । ଯାହା ମୁଁ କହିବି ତାହା ହୋଇପାରେ ତୁମ ପାଇଁ ଡାହାମିଛ, କଞ୍ଚାମିଛ, ତୁଚ୍ଛା ମିଛ ଅଥବା ମିଛ ମିଛ । ମଜାକଥା ହେଲା କହିବା ବେଳେ ମୁଁ ବିପରୀତ ବୋଧକ ଶବ୍ଦରେ ଅର୍ଥକୁ ବ୍ୟର୍ଥ କରିବାର ବ୍ୟାୟାମ କରିବି । ତେଣୁ ଯାକୁ ସତ୍ୟ ବୋଲି ବିଚାର କରିବାକୁ ଅନୁରୋଧ ।

ଯିଏ ସ୍ୱପ୍ନକୁ ମିଛ ବୋଲି ବିଚାର କରେ ତା'ଠାରୁ ଅଧିକ ମିଥ୍ୟାଚାରୀ ଆଉ କେହି ନାହିଁ । ଆମେ ସବୁ ତାକୁ ଯେତେବେଳ ପର୍ଯ୍ୟନ୍ତ ଦେଖୁଥାଉ ସେତେବେଳେ ତାକୁ ଆଦୌ ମିଛ ମଣୁ ନାହିଁ । ସେଇଥିପାଇଁ କୁହାଯାଏ ତମୁକୁ ମିଛ ମତେ ସତ - ମତେ ଲାଗେ ତାହା ଖାଣ୍ଟି ସତ, ଅତ୍ୟନ୍ତ ବିଶ୍ୱାସଯୋଗ୍ୟ, ସମୁଦ୍ର ଜୁଆର ମାଡ଼ି ଆସିବା ପରି ସତ୍ୟ, ଡଙ୍ଗା ଓଲଟି ପଡ଼ିବାର ନିର୍ଘାତ ଦୁର୍ଘଟଣା ପରି ସତ୍ୟ । ସ୍ୱପ୍ନ ଭିତରେ ନିଆଁ ଯେତିକି ଗରମ ବରଫ ସେତିକି ଥଣ୍ଡା । ହଲପ୍ କରି କହିଲ ତମେ ଯେତେ ପର୍ଯ୍ୟନ୍ତ ଦେଖୁଥିଲ କାଲି ରାତିର ସେ ସ୍ୱପ୍ନ ତାହା ତୁମେ ଶୋଇଥିବା ଅବସ୍ଥାରେ ବି ସତ ପରି ଲାଗୁନଥିଲା କି । ତୁମେ ତ ହଁ କରିବାକୁ ବାଧ୍ୟ । ତୁମେ ପରା ସ୍ୱପ୍ନ ଦେଖି କାନ୍ଦୁଥିଲ । ତକିଆ ଓଦା ହୋଇ ଯାଇଥିଲା । ସେ ଲୁହ କଣ ମିଛ ହୋଇପାରେ ?

ରାଣୀ ମତେ କୋଳେଇ ନେଲା । ରାଣୀର ଦେହ ଉଷ୍ମ । ତା ଆଖି ଉପରେ ଝୁଲିପଡ଼ିଛି ମୁକୁଳା ଗହଳ କେଶ । ତା ଗୋଲାପୀ ଶାଢ଼ୀର ଆବରଣ ଉତୁରି ଯାଉଛି । ତା ଛାତି ଉଠୁଛି ପଡୁଛି । ସତେ ଯେପରି ସେ ଆକାଶରୁ ଝୁଲି ପଡ଼ିଛି କେବଳ ମୋରି ପାଇଁ । ସବୁ ସ୍ୱପ୍ନର ଶୀର୍ଷରେ ଝୁଲୁଥିବା ମୁକୁଳା ବଉଳ ପେନ୍ଥାପରି ତାର ସୁବାସ । ସେ ହେଉଛି ଶ୍ରେଷ୍ଠା, ତା'ଠାରୁ ଭଲ ପ୍ରେମିକା ଆଉ କିଏ କିପରି ହୋଇପାରନ୍ତା । ତା କଥା ପୁଣି ମିଛ ହେବ କିପରି ?

ମୁଁ ତା'ର କଥା ଶୁଣୁଛି । ଗରମ ଗରମ ଶବ୍ଦମାନ ମୋ କାନରେ ପଶି ମତେ ଉନ୍ମତ୍ତ କରୁଛନ୍ତି । ମୋର ଇଚ୍ଛା ହୁଏ ତାକୁ, ତା'ର ଦେହକୁ, ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଦେଖି ପାରନ୍ତିକି ! କିନ୍ତୁ ସେ ମୋର ଆଖିକୁ ଆଖିରେ ବାନ୍ଧି ରଖିଛି । ଆଖି ଫେରାଇବା ଅସମ୍ଭବ । ମୁଁ ତଥାପି ହାତରେ ତା ଦେହକୁ ଛୁଇଁବାକୁ ଚାହେଁ । ସେ ମତେ ଧରାଦେବାର ବାହାନାରେ ଉତ୍ତେଜିତ କରିଦିଏ । ମୁଁ ତାକୁ ଛୁଇଁ ବି ଛୁଇଁ ପାରେନି । ମୁଁ ତାକୁ କଳ୍ପନା କରିପାରେ,

Digitized by srujanika@gmail.com

ଅନୁଭବ କରିପାରେ, ମାତ୍ର ଖୋଲା ଆଖିରେ ଦେଖିପାରେନି; ତାହାହିଁ ଅନ୍ଧାରର ଅଭିଶାପ ।

ଅନ୍ଧ ଆଗ୍ରହରେ ମୁଁ ରାଣୀକୁ ପଚାରେ ଏକ ଅପ୍ରାସଙ୍ଗିକ ପ୍ରଶ୍ନ । "ତୁମର ନାଁ କ'ଣ ?" ରାଣୀ ନିରୁତ୍ତର । ସେ ଖାଲି ମୁଣ୍ଡ ହଲାଇ ହଁ ଆଉ ନାହିଁ ମଝିରେ ଝୁଲୁଥାଏ । କହେ, "କ'ଣ ପଚାରିବାକୁ ଚାହଁ, ଆଉ ଏ କ'ଣ ପଚାରୁଛ ? ସିଧା ଉତ୍ତର ପାଇବାକୁ ହେଲେ ବଙ୍କା ପ୍ରଶ୍ନ ପଚାରିବା ଛାଡ଼ ।" ରାଣୀର ଦେହ ଯୌବନର ଅପରୂପ ସୌନ୍ଦର୍ଯ୍ୟକୁ ଆହୁରି ତନ୍ନତନ୍ନ ଦେଖିବାର ଆଗ୍ରହ ପ୍ରବଳ ହେବାରୁ ମୁଁ ତା ମୁଣ୍ଡରୁ ଓଢ଼ଣା ଖସାଇ ତା ଆଖିକୁ ଚାହିଁଲି । ଆଖିରେ ଆଖି ମିଳାଇବାର ଅନୁଭୂତି ଖୁବ୍ ଅଦ୍ଭୁତ ଥିଲା । ଆଖିରେ ଦୃଶ୍ୟକୁ ଶୋଷଣ କରିବାର ଶକ୍ତି ଆଉ କାହାଠାରେ ମୁଁ ଦେଖିନଥିଲି । ମତେ ଲାଗିଲା ସେ ତା'ର ଆଖିର ଗଭୀରତା ଭିତରକୁ ମୋର ସମଗ୍ର ସତ୍ତାକୁ ଗୋଟିଏ ଇସାରାରେ ଶୋଷି ନେଇପାରେ ।

ମୁଁ ତା ଦେହର ଅଙ୍ଗବସ୍ତ୍ରର ସୂକ୍ଷ୍ମତାକୁ ତା ସୁଢ଼ଳ ତ୍ୱକ୍‌ରୁ ଉତାରି ତା ଦେହର ଉଚ୍ଚନୀଚ ଉତ୍ତାପକୁ ମାପିବାକୁ ଚାହେଁ । ସେ ବାଧା ଦିଏନି । ଖାଲି ମୁରୁକି ହସେ । ତା' ଅଣ୍ଟାର ଝିନବସ୍ତ୍ରକୁ ବାନ୍ଧିରଖିଥିବା ଡୋରରେ ଆଙ୍ଗୁଳି ଲଗାଇ ଖୋଲିବାକୁ ଚେଷ୍ଟାକରେ । ସେ ବାଧା ଦିଏନି । ହସୁଥାଏ, କଥା ନ କହି ମୋର ଆଗ୍ରହକୁ ଅଧିକ ପ୍ରଶ୍ରୟ ଦିଏ । ମୁଁ ଏପରି ସୁଗଠିତ ଯୌବନ ଆଉ କାହାରିଠାରେ ଆଗରୁ ଦେଖିନାହିଁ । କିନ୍ତୁ ଏଥର ମୁଁ ଏ କ'ଣ ଦେଖୁଛି । ରାଣୀର ମୁଖ ତାର ଝୁଲନ୍ତା କେଶ ଆଡୁଆଳରେ ଲୁଚି ଯାଇଛି । ଆଖି ଢ଼ାଙ୍କି ହୋଇଯାଇଛି । ମୁହଁର କୌଣସି ଅଂଶ ବି ଦେଖାଯାଉନି । ସମ୍ଭବତଃ ତା'ର ମୁହଁ ହିଁ ନାହିଁ । ବେକରେ ଥିବା ଅଳଙ୍କାର ଖସିପଡ଼ିଛି । ଛାତି ଧଡ଼ଧଡ଼ ହେଉଛି । ଉଠୁଚିପଡୁଚି ନିଶ୍ୱାସ ପ୍ରଶ୍ୱାସର ଯା'ଆସରେ । ନାଭିକେନ୍ଦ୍ରରେ ଛୋଟ ମଲ୍ଲିକଢ଼ ପରି ଏକ ଦାଗ । ତା ତଳକୁ ନିମ୍ନାବୟବ ଚକ୍‌ଚକ୍ ରଙ୍ଗର ଅଣ୍ଟାତଳର ଶରୀର । ତାହା ବୋଧହୁଏ ମହମରେ ଗଢ଼ା ଥଣ୍ଡା ଅପ୍ରାକୃତିକ ଜଡ଼ ପାର୍ଥିବ । ଭୌତିକ ଯୋଗସୂତ୍ର ହେତୁ ଅସଙ୍ଗଠିତ ଛଳଛଳ ଅଦୃଶ୍ୟ ସାଙ୍କେତିକ ଅନୁପସ୍ଥିତି ଯାହାକୁ ଅନୁଭବ କରିବାକୁ ମୁଁ ବାଧ । ରାଣୀର ଲାଜଲାଜ ଭାବ ମତେ ଭାରି ଭଲ ଲାଗୁଥିଲା । ମୁଁ ତାକୁ ଅଧିକ ଭଲ ପାଉଥିଲି ମନେ ମନେ । ମୁଁ ଭୁଲି ଯାଇଥିଲି ଯେ ମନେ ମନେ ଭଲ ପାଇବାର କୁପରିଣାମ ବୋକାମାନେ ଭୋଗ କରିବାକୁ ବାଧ ।

ନ୍ୟାୟତଃ ଭଲ ପାଇବାରେ ସ୍ୱଳ୍ପ ବିଫଳତା ମିଛଟାରେ ଆଉଜଣକୁ ଜୀବନସାରା ଭଲପାଇବାର ବାହାନା କରିବାଠାରୁ ହଜାର ଗୁଣରେ ଭଲ । ସ୍ୱପ୍ନ ସବୁବେଳେ ଦୁର୍ବଳ ବାସ୍ତବତାଠାରୁ ଅଧିକ ଶ୍ରେୟସ୍କର । ଦେଖୁନା, ନିଦରେ ଥାଇ ସ୍ୱପ୍ନ ଦେଖୁଥିବା ପର୍ଯ୍ୟନ୍ତ ସେ ସ୍ୱପ୍ନ ଯେ ସତ୍ୟଠାରୁ ଅଧିକ ବିଶ୍ୱସନୀୟ ତାହା ସମସ୍ତେ ଜାଣନ୍ତି । ସେଇଥିପାଇଁ ତ ସ୍ୱପ୍ନର ଦୁର୍ବଳତା ସତ୍ୟଠାରୁ ଅଧିକ ଦୁର୍ଦ୍ଦାନ୍ତ, କଠିଣ ମନେହୁଏ । ଭୂତକୁ ସତରେ ଦେଖିଲେ

Digitized by srujanika@gmail.com

ମଧ୍ୟ ତାହା ଅବାସ୍ତବ ପରି ମନେହୁଏ । ଅବାସ୍ତବ ପରି ମନେ ହେଲେ ମଧ୍ୟ ସତ ପରି ଲାଗେ । ରୋମ ଟାଙ୍କୁରି ଉଠେ, ଦେହ ଶୀତେଇ ଯାଏ । ଏହା ହେଲା ଭୂତଗପର ସତ୍ୟ ।

ମୁଁ ସମସ୍ତଙ୍କଠାରୁ ଭିନ୍ନ, ମାନସିକ ସ୍ତରରେ ଭୂତକଥାକୁ ନେଇ ଟିକେ ଅଧିକ କଳ୍ପନା ବିଳାସୀ ଆଉ ଦୁର୍ବଳ । ଭୂତକୁ, ମୋ ପରି ଅନ୍ୟ କେହି ଦେଖିନଥିବେ । ମୁଁ ତାକୁ ଗୋଟେ ଛାଇ ବା ଅଶରୀରୀ କହି ଭୁଲି ଯାଇପାରେନି । ରାଣୀଭୂତ ରାଣୀକୋଠିରେ ରହିବା କିଛି ଅସ୍ୱାଭାବିକ ନୁହେଁ । ସେ ଛାତ ଉପରେ ଏକ କୋଣରେ ଝୁଲିରହେ ଶୂନ୍ୟରୁ । ଗୋଲାପୀ ଶାଢ଼ୀ ପିନ୍ଧି, ମୁହଁ ଉପରେ ଓଢ଼ଣା ଟାଣି ଅପେକ୍ଷା କଲା ପରି ବସିଥାଏ । ଯେମିତି ରାତି ବାରଟା ବାଜେ ସେ ତାର କାର୍‌ନାମା ଦେଖାଇବାକୁ ଆରମ୍ଭ କରେ । ଦେଖୁ ଦେଖୁ ଘରର ଲାଇଟ୍ ଆପେ କଟିଯାଏ । ଗାଧୁଆଘରୁ ପାଣି ଟପ୍‌କିବାର ଶବ୍ଦ ଶୁଭେ । କବାଟ ଝର୍କା ବନ୍ଦ ହେବା ପରି ଅନୁଭବ ହୁଏ । ରାଣୀଭୂତ ଅନ୍ଧାର ଭିତରେ ବ୍ୟାପୀଯାଏ । ଟିକେ ଅଳ୍ପ ଦୂରରେ ଥାଇ ତାର ମାଦକତା ଭରା ସ୍ୱରରେ ସେ କାନ୍ଦିଲାପରି ଶୁଭେ । ଏଇଟା ତାର କାନ୍ଦ ନୁହେଁ । ବରଂ ମୋର ପୌରୁଷକୁ ପରଖିବାକୁ ତାର ଆହ୍ୱାନ । ତା ପରେ ସେ ଅସଲି ଅନ୍ଧାର ଭିତରୁ ଆସି ମୋ ସ୍ୱପ୍ନରେ ପ୍ରବେଶ କରେ । ମୋର ବନ୍ଦ ଆଖିପତା ପଛରେ ଲୁଚକାଳି ଖେଳେ । ମୋ କାନରେ ତାର କାନ୍ଦ ହସରେ ବଦଳି ଯାଏ । ସେ ନିଶବ୍ଦରେ ଯାହା କହେ ତାର ଅର୍ଥ ମୁଁ ବୁଝିପାରେ । ମୋର ଆକର୍ଷଣରେ ସେ ମୋ ପାଖକୁ ଟାଣି ହୋଇ ଆସେ ଅଥଚ ଧରା ଦିଏନି । କହେ, "ମତେ ଛୁଁଇଲ ଦେଖି, ମୁଁ ଏତେ ସହଜରେ ଧରା ଦବା ଲୋକ ନୁହେଁ ।" ମୁଁ ତା କଥାରେ ସର୍ବଥା ବିଶ୍ୱାସ କରେ । ପ୍ରଥମ ଦିନରୁ, ଯେବେଠୁ ତା ସହିତ ପ୍ରଥମ ଭେଟ ହୋଇଥିଲା । ତାହା ଥିଲା ଏକ ଅଜଣା ଅନ୍ଧାରୀ ଉପତ୍ୟକାର ମରୁବାଲିର ନିର୍ଜ୍ଜନ ଅଞ୍ଚଳ ଯେଉଁଠି ଖାଲି ମରିଚୀକା ଥାଏ । ହେଲେ ମୁଁ ଜାଣେ ସତ ମରିଚୀକା ପଛରେ ମିଛ ଶୋଷ ରଖି ଗୋଡ଼ାଇ ଥିବା ଲୋକ ମୁଁ ନୁହେଁ । ବରଂ ମିଛ ମରିଚୀକା ପଛରେ ସତ ଶୋଷ ରଖି ତାକୁ ପାଇବାକୁ ହାତ ବଢ଼ାଇଥିବା ମଣିଷ ହେଲି ମୁଁ ।

ରାଣୀ ସବୁବେଳେ ଓଢ଼ଣାତଳୁ କଥା କହେ ଯାହା ଶୁଭେ ମାତ୍ର ଦିଶେ ନାହିଁ । ତା' ହସ ବି ଅଦୃଶ୍ୟ । ତେବେ ବି ମୁଁ ଜାଣିପାରେ ସେ ଯେତେବେଳେ ହସୁଥାଏ ନିଶବ୍ଦରେ । ଆପେ ଟାଣି ହୋଇଯାଏ ଆଖି । ପରଦା ଉଡ଼ିଯାଏ । ହସ ଦିଶିଯାଏ । କଥାବାର୍ତ୍ତା ପାଇଁ ପ୍ରସ୍ତୁତ ହୋଇଯାଉ ଆମେ । ମୁଁ କହେ, "ତୁମେ ଗୋଟେ ରାଣୀପରି ଦିଶୁଛ, ସତରେ ତୁମେ କିଏ ? ନାଁ କଣ ?"

"ସବୁ ଜାଣିଛ, ପୁଣି ପଚାରୁଛ ?"

"ନାଁ ଜାଣେନି, କହିଦିଅ –"

Digitized by srujanika@gmail.com

"ଯେଉଁ ନାଁରେ ଡାକିଲେ ବି ମୁଁ ଶୁଣିବି । ତୁମେ ତ ମୋର ସବୁଠାରୁ ଆତ୍ମୀୟ, ଦେଇ ଦିଅ ନାଁଟେ । ତୁମ ପରି କଥାକାର ମୁଁ ସ୍ୱପ୍ନରେ ବି ଦେଖିନି । ସେଇଥିପାଇଁ ତ ସବୁ ରାତିରେ ତମେ ମୋର । ମୋ ପାଇଁ ରାତି ଦିନଠୁ ବହୁତ ସୁନ୍ଦର । ଚାଲ ଆଜି ରାତିରେ ଗପି ଗପି କଟାଇଦେବା ଅନ୍ଧାରକୁ । ସକାଳ ହେଲେ ମୁଁ ରହିପାରିବିନି । ମତେ ଯିବାକୁ ହବ ।"

"କୁଆଡ଼େ ?"

"ହଜି ଯିବି ମୁଁ, ଅନ୍ଧାରୀ କୋଣରେ । ଆଲୁଅକୁ ମୋର ବଡ଼ ଭୟ ।"

"ତୁମେ ଖାଲି କଥା କହୁଛ - ଆଜି ମତେ ହାତ ଦିଅ । ମୁଁ ତୁମକୁ ଧରିବାକୁ ଚାହେଁ ।"

ମୁଁ ତାର ଓଢ଼ଣାକୁ ମୁହଁରୁ ଉଠାଇ ଦେଖିବାକୁ ହାତ ବଢ଼ାଏ ତ ସେ ଦୂରେଇଯାଇ କହେ - "ଏତେ ତରବର ? ଏତେ ଜବରଦସ୍ତ କଲେ ଭଲ ପାଇ ହୁଏନା; ବଳାତ୍କାର ହୋଇଯିବ । ବଳାତ୍କାରଠୁ ଦୂରରେ ରହିଛି ବୋଲି ତ ଆଜି ମୋର ଏ ଅବସ୍ଥା । ଯିଏ ମୋର ବଳାତ୍କାର କରିବ ସେ ମତେ ହତ୍ୟା କରିବ - କିନ୍ତୁ ସେପରି ହେବା ଆଗରୁ ମୁଁ ତାକୁ ଶେଷକରିଦେବାକୁ ପଛାଇବି ନାହିଁ ।"

ରାଣୀର ଏପରି କଥା ଶୁଣି ମୁଁ କିଛି ବୁଝିପାରୁନଥିଲି । ସେ ସରଳଭାଷାରେ କଥାକହି ଜାଣେନି ବୋଲି ଭାବିଲି । ସେ ପୁଣି କହିଲା - "ଭଲ ପାଇବାରେ ମାର୍ଗ ହିଁ ଉପଲବ୍ଧିକୁ ପ୍ରାସଙ୍ଗିକ ବା ଔଚିତ୍ୟ ସାମାନ୍ୟ କରାଏ - ତେଣୁ ମୁଁ ଯେତେବେଳେ ମୋର ଉତ୍ପୀଡ଼କକୁ ହତ୍ୟାକଲି ମତେ ଗୋଟେ ଅଦ୍ଭୁତ ଆନନ୍ଦ ମିଳିଲା । ଆଦୌ ଦୋଷୀ ଲାଗିନଥିଲା । ମତେ ଯିଏ କ୍ଷତି ପହଞ୍ଚାଏ ମୁଁ ତାକୁ ମକଚି ମାରି ଦେବାକୁ ଭଲପାଏ । ସେ ପିମ୍ପୁଡ଼ି ହେଉ କି ମଣିଷ ହେଉ ।

"ସେଇଥିପାଇଁ ତ ମୁଁ ରାଣୀକୁ ମାରିଥିଲି । ମାରିବା ପରେ ମୁଁ ଗୋଟେ ଅଦ୍ଭୁତ ଶାନ୍ତି ପାଇଥିଲି । ଏହାକୁ ତମେ ଯାହା ବି ନାଁ ଦିଅ ମୁଁ ଯଦି ତାକୁ ନ ମାନେ ତେବେ ମଣିଷ ରକ୍ତ ପିଇଥିବା ବାଘପରି ସେ ଆଉରି କେତେ ନିରୀହ ଅବଳାଙ୍କୁ ପୀଡ଼ା ଦେଇଥାନ୍ତା..." ରାଣୀର ଭାଷା ଅକଥନୀୟ ସଂହିତ୍ୟିକ ।

ସେ କହି ଚାଲିଲା - "ଜଣେ - ଅନ୍ୟକୁ ମାରି ନିଜେ ବଞ୍ଚିବାଠାରୁ ଅନ୍ୟର ବଞ୍ଚିବା ପାଇଁ ନିଜେ ମରିବା ଅଧିକ ଉଚିତ ହେବ, ଘାତକ ଯିଏ ହେଉ ନା କାହିଁକି - ଜଣକର ମରିବା ପାଇଁ ଅନ୍ୟର ବଞ୍ଚିବା ଯେତିକି ଅନାବଶ୍ୟକ, ଅନ୍ୟର ବଞ୍ଚିବା ପାଇଁ ଜଣେ ମରିବା ତା'ଠୁ ଅନେକ ଗୁଣରେ ଉପାଦେୟ । ଏହା ଅନୁଭବ କରିବା ପରଠାରୁ ମୁଁ ପରମ ଆତ୍ମତୃପ୍ତି ଲାଭ କରିଛି-"

ରାଣୀ କହିଲା, "ଜାଣ, ମୁଁ ପ୍ରଥମେ ଯାହାକୁ ଭଲ ପାଉଥିଲି ସେ ମୋ'ଠୁ କିଛି

Digitized by srujanika@gmail.com

ବି ମାଗିନଥିଲା, ଖାଲି ମତେ ଚାହିଁଥିଲା । ମୁଁ ତା ଉପରେ ମୋ ଭଲ ପାଇବାକୁ ଅଜାଡ଼ି ଦେଇଥିଲି । ସେ ମୋର ଭଲ ପାଇବାକୁ ସଙ୍କୋଚର ସହିତ ଆଦରି ନେଇଥିଲା । ମତେ ତାର ହୃଦୟ ଦେଇ ଭଲ ପାଇଥିଲା - ହେଲେ ମଝିରେ ଝଡ଼ପରି ରାଣା ମତେ ଘୋଡ଼ା ପିଠିରେ ବସାଇ ଜବରଦସ୍ତ ଉଠାଇନେଲା, ସ୍ତ୍ରୀ କରିବାକୁ ବାଧ୍ୟ କଲା - ତା'ର ଆଗରୁ ଅନେକ ସ୍ତ୍ରୀ ଥିଲେ, ସେମାନଙ୍କ ଭିତରେ ମତେ ଅନ୍ୟ ଏକ ସ୍ତ୍ରୀ କରିବାକୁ ବାଧ୍ୟ କରିବାକୁ ସିଏ କିଏ ? ଛାର ମଣିଷଟା, ଭଗବାନ୍ ତ ନୁହେଁ । ମୋ ଇଚ୍ଛାର ଅଧିକାରର ହନନ କରିବାକୁ ସିଏ କିଏ ? ମୋର ଯିଏ ବଳାତ୍କାର କରିବ ମୁଁ ତାର ପ୍ରତିବାଦ କରିପାରେ । ମୋର ପ୍ରତିବାଦ ଖୁବ୍ ନିଆରା । ମୁଁ ଅତି ସହଜରେ କଷ୍ଟ କାମମାନ କରିପାରେ । ଅତି ସୂକ୍ଷ୍ମ ଭାବରେ କାହାର ସାହାଯ୍ୟ ନନେଇ ।

"କିନ୍ତୁ ଗୋଟେ ବାହୁବଳୀ ପୁରୁଷର ସ୍ତ୍ରୀ ଲୋକଟେ କ'ଣ କରିପାରେ ?" ମୁଁ ପ୍ରଶ୍ନ କଲି ।

ରାଣୀ ତାଚ୍ଛଲ୍ୟରେ ହସିଲା । କହିଲା, "ଶୁଣିଲେ ଆଶ୍ଚର୍ଯ୍ୟ ହେବ । ହସିହସି ମାରିହବ, ହସାଇ ହସାଇ ବି । ହସରେ ବି ହିଂସାକୁ ଲୁଚାଇ ରଖିପାରିବ, ଚତୁରତାରେ । ଦୁର୍ବଳତାର ବୁଦ୍ଧିରେ ସବଳର ବିଶାଳକାୟାକୁ ଧରାଶାୟୀ କରାଯାଇପାରେ । ମୁଁ ତାହାହିଁ କଲି । ତାର ବୁଦ୍ଧି ଭ୍ରଷ୍ଟ କରିବାକୁ ଦୁଇ ବୋତଲ ମଦ ହିଁ ଯଥେଷ୍ଟ ଥିଲା । ତା ପୂର୍ବରୁ କିଛି କଟାକ୍ଷ, କିଛି କାମୋଦ୍ଦୀପକ ଦେହଜ ଭାଷା ଏବଂ କିଛିଟା ଅନ୍ଧାର । ଅନ୍ଧାର ଭିତରେ ତାକୁ ସେଇ କାଞ୍ଚନିକ ତରଙ୍ଗାୟୀତ ତରଳ ମହା ଅନ୍ଧାରରେ ବୁଡ଼ାଇ ମାରିବା ଖୁବ୍ ସହଜ କଥା । ଖୁବ୍ ସଂକ୍ଷେପରେ କହିଲେ ସେ ମଦ ପିଇ ମରିଗଲା । ମୁଁ ଖୁସି ହେଲି । ମିଛ କାନ୍ଦ ଟିକେ କାନ୍ଦିଲି ଏବଂ ସେ ଜାଗା ଛାଡ଼ି ଚାଲିଗଲି । ଏଥିରେ ମତେ କିଏ ସାହାଯ୍ୟ କରିଥିଲା ଜାଣ ?"

"କିଏ ?"

"ମୋର ପୁରୁଣା ପ୍ରେମୀ - ଯେ ମତେ ସାହସ ଦେଇଥିଲା ଓ ମୋ ପାଖରେ ଛିଡ଼ା ହବ ବୋଲି ପ୍ରତିଜ୍ଞା କରିଥିଲା । ସେ କହିଥିଲା - ରାଣା ମଲା ପରେ ତା ଆଙ୍ଗୁଠିରେ ସେଇ ହୀରା ମୁଦିଟା ନେଇଆସିବ । ମୁଁ ଆଣିଥିଲି । ରାତି ବହୁତ ଗଭୀର ଥିଲା - ଅନ୍ଧାରରେ ମୋତେ ରାସ୍ତା ଦେଖାଇଥିଲା ମୋର ସାହସ । ମୁଁ ରେଳଷ୍ଟେସନରେ ପହଞ୍ଚି ତାକୁ ବହୁତ ଖୋଜିଲି ହେଲେ ପାଇଲିନି । କୁଆଡ଼େ ସେ ଗଲା କେଜାଣି ମୋର ଆଉ ଧୈର୍ଯ୍ୟ ନଥିଲା । ପୋଲିସ ଆସି ପହଞ୍ଚିବା ପୂର୍ବରୁ ମୁଁ ସେ ସ୍ଥାନ ଛାଡ଼ି ଦେବାକୁ ଠିକ୍ କଲି । ସକାଳ ହେବା ଆଗରୁ ଯେଉଁ ଟ୍ରେନ୍‌ଟା ଆସିଲା ସେଥିରେ ବସି ଚାଲିଆସିଲି । ମୁଁ ଜାଣି ନଥିଲି ଯେ ଟ୍ରେନ୍‌ଟା ପୁରୀ ଆସିବ । ମୋ ସାଙ୍ଗରେ ଥିଲା ଗୋଟେ ବାକ୍ସ, ବାକ୍ସ ଭିତରେ ବ୍ୟାଗ୍, ବ୍ୟାଗ୍ ଭିତରେ ଅପର୍ଯ୍ୟାପ୍ତ ସୁନାହୀରାର ଅଳଙ୍କାର । ରାଣାର

Digitized by srujanika@gmail.com

ହୀରାମୁଦି ଯାହାର ମୂଲ୍ୟ ଲକ୍ଷରେ ହିସାବ କରାଯାଇଥିଲା, ସେଇ ହୀରା ବିକି ମୁଁ ଏ ଘରଟା ତିଆରି କରିଛି, ଘର ନୁହେଁ ପ୍ରାସାଦ – ଏ ଘରଟାରେ ମୋର ବାକି ଜୀବନ ମୁଁ ଏଠାରେ ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରି କଟାଇ ଦେବି ବୋଲି ସ୍ଥିର କରିଛି । ଏହି ସୁନ୍ଦର ଘରଟାରେ ମୁଁ ରହୁଛି ଓ ରହୁଥିବି ସବୁଦିନ ପାଇଁ । ଆଜି କାଲି ପରଦିନ । ମୁଁ ମରିଗଲାପରେ ବି ରହିଥିବି ଯେମିତି କି ଆଜି ।”

ଡର ମାଡିଲା ଶୁଣି ରାଣୀର କଥା । ଶେଷ ଦି'ପଦ କହିଲା ବେଳେ ରାଣୀର ମୁଖ ମଣ୍ଡଳରେ ଗୋଟେ ନୀଳ ନିଷ୍ପ୍ରଭ ରଙ୍ଗ ଉକୁଟି ଉଠିଲା ଏବଂ ଆଖିର ଡୋଳାରେ ଥଣ୍ଡା ଜହରପରି କିଛି ଭାସମାନ ଅନିର୍ଦ୍ଦିଷ୍ଟତା ଭରିଗଲା ।

ମୁଁ ଶୁଣି ଚାଲିଥିଲି, ସେ କହି ଚାଲିଥିଲା ।

“ମୋ ସାଥିରେ କେହି ଜବରଦସ୍ତ କରିପାରିବନି । ଅସମ୍ଭବ । ମତେ କେହି ଛୁଇଁ ବି ପାରିବନି । ଟିପ ଦେଇପାରିବନି ।” ମୋର ଟିପରେ ତାର ଦେହକୁ ଛୁଇଁ ଦେବାକୁ ଇଚ୍ଛାହେଲା । ସେ ମୋ ମନ କଥା ବୁଝିପାରିଲା ନା କ'ଣ, କହିଲା, “ମୋ କଥା ଶୁଣଛ ତ ଠିକ୍ ଅଛି । ମତେ କଥା କହିଲେ ମୁଁ ବି ଶୁଣିବି ହେଲେ ମତେ ଛୁଇଁବାକୁ ଇଚ୍ଛା କରିବନି । ପ୍ଲିଜ୍ । ଯଦି ସେ କଥା କରିବ ତେବେ ରାଣୀର ଅବସ୍ଥା ଭୋଗିବ ।” କେଉଁ ବାଟ ଦେଇ ମୁଁ ପ୍ରତିଶୋଧ ନେବି ସେକଥା ତୁମେ କଳ୍ପନା କରିପାରିବନି । ମୁଁ ଶୁଣି ଡରିଗଲି । ମୋ ଆଗକୁ ଝୁଲି ରହିଥିବା ହାତ ପଛକୁ ନେଇଗଲି । ଡର ମାଡ଼ିଲା ତା କଥା ଆଗକୁ ଶୁଣିବା ପାଇଁ ।

“ଏତେ ବି ଡରିବା ଠିକ୍ ନୁହେଁ” କହି ରାଣୀ ପୁଣି ହସିଲା ।

“ମତେ ଯାହା ଦେଖୁଛ ମୁଁ ତାହା ନୁହେଁ । ମୋ ଦେହ ଅଧା ସତ ଅଧା ମିଛ । ମୁଁ ଅଧା ଗଢ଼ା ଅଧା ମନଗଢ଼ା । ରଙ୍ଗହୀନ ଶୂନ୍ୟତାକୁ, ତାର ଥଣ୍ଡା ନୀଳ ଅନୁପସ୍ଥିତିକୁ, ଘୋଡ଼ାଇ ରଖିଛି ମୁଁ ପାଟ ଶାଢ଼ୀ ତଳେ । ରାଜା ଥରେ ମୋର ନିତମ୍ବକୁ ତା'ର ହାତରେ ଆଉଁସିବାକୁ ପରଖିବାକୁ ଚାହିଁଥିଲା । ମୋ ଦେହର ଶୀତଳ ଶିଥିଳତାର ପରଶରେ ଅଶ୍ୱସ୍ତି ଅନୁଭବ କରି ସେ ଚୁପ୍ ରହିବାକୁ ବାଧ୍ୟ । ମୋର ଅସ୍ତିତ୍ୱ କେବଳ ମୋର ହୃଦୟ, ମୋର ଛାତି, ମୁହଁ, ଆଉ ହସ । ସବା ଉପରେ ମୋର କଥାବାର୍ତ୍ତା । ତାକୁ ଛାଡ଼ିଦେଲେ ମୋର ଆଉ କିଛି ବି ନାହିଁ । କଟିତଳକୁ ମେଖଳା, ତା ତଳକୁ ମୋର ଦେହ ହିଁ ନାହିଁ । ଖାଲି ଶୂନ୍ୟତାକୁ ଘୋଡ଼ାଇ ରଖିଛି ଏ ନିମ୍ନ ଭାଗର ଶାଢ଼ୀ । ତମକୁ ଏବେ ମୁଁ ସାବଧାନ କରାଇ ଦେଉଛି ମୋ ଶାଢ଼ୀ ଉଠାଇ ଦେଖିପାର ତା ତଳେ କିଛି ନାହିଁ, ଖାଲି ଅନ୍ଧାରରେ ଗଢ଼ା ମୋର ଶୂନ୍ୟ ଶରୀର । ସେଇ ଶରୀରକୁ ଶାଢ଼ୀରେ ଢ଼ାଙ୍କିବାର ଅପର୍ଯ୍ୟାପ୍ତ ପ୍ରୟାସ । ମୋର ଉରୁ ନାହିଁ, ଯୋନି ନାହିଁ, ପାଦ ନାହିଁ । ଭୂମି ସହିତ ମୋର ସମ୍ପର୍କ ହିଁ ନାହିଁ । କେବଳ ଅସ୍ଥିର ଗତିଶୀଳତା । ମୁଁ ଶୂନ୍ୟରେ ବିଚରଣ କରିପାରେ । ମୁଁ ଚଳମାନ,

Digitized by srujanika@gmail.com

ଭାସମାନ, ମୁଁ ଏକ ଅପମାନ । କେବଳ ସେଇ ଅପମାନର ପ୍ରତିଶୋଧ ନବାପାଇଁ ମୁଁ ପ୍ରତିଜ୍ଞାବଦ୍ଧ ।"

ମୁଁ ଶୁଣିଯାଉଥିଲି ସେ ଯାହା ସବୁ କହୁଥିଲା । ତହିଁରେ ଗୋଟିଏ ଶବ୍ଦ ବି ମିଛ ନଥିଲା । ତଥାପି ମୁଁ ତାକୁ ଭଲ ପାଉଥିଲି । ସେଇ ଅର୍ଦ୍ଧ ଅଶରୀରୀ ନାରୀର ଆବୃତ ଅନୁପସ୍ଥିତିକୁ । ଶୂନ୍ୟ ନିତମ୍ବ ପାଇଁ ମୋର ପ୍ରଚଣ୍ଡ ଆକର୍ଷଣ । ଅନୁପସ୍ଥିତିର ରଙ୍ଗ ବି ନୀଳ ଆଉ ଥଣ୍ଡା ଅନୁଭବରେ ଭରିଥିଲା -

ସେ ଅନ୍ଧାରର ପର୍ଦା ଉପରେ ଛାଇ ପରି ଛିଡ଼ା ହୋଇ ମୋ ଆଡ଼େ ଚାହିଁଲା । ତାର ଉଲଙ୍ଗ ଉଦ୍ଧତ ଯୌବନକୁ ମୁଁ ସମ୍ପୂର୍ଣ୍ଣ ଅନ୍ଧାରରେ ବି ସ୍ପଷ୍ଟ ଦେଖିପାରୁଥିଲି । ଅନ୍ଧାରରେ ଯୌବନର ସୁଢ଼ଳପଣ ମତେ ଅଧିକ ଆନ୍ଦୋଳିତ କରୁଥିଲା । ମୁଁ ପ୍ରତି ଅଙ୍ଗର ଚମକକୁ ମୋ ଆଖିରେ ଦେଖିବା ଆଗରୁ ସ୍ନାୟୁରେ ଅନୁଭବ କରୁଥିଲି । କି ଅନୁପମ ଅନୁରୋଧ ।

ରାଣୀ ମତେ ଡାକିଲା - ତା'ର ଆଖିରେ ଥିଲା ଆହ୍ୱାନ । ହାତରେ ଠାର, ଓଠରେ ଲାଲିମା, ଅଙ୍ଗରେ ଇସାରା । ନଗ୍ନତାରେ କେବଳ ଚୁମ୍ବକୀୟ ଆକର୍ଷଣ । ସେ ଗୋଟେ ଅନ୍ଧାର ଅକାଶରେ ଦୂର ନକ୍ଷତ୍ରପରି ମତେ ଦିଗହରା କରିଦେଇ ଡାକୁଥିଲା ତାରି ଆଡ଼କୁ ।

ଭୂତର ସତ୍ୟ କଣ ଜାଣ, ତାହା ଜ୍ୟାମିତିକ । ତାହା ଅସତ୍ୟ ପରି ପ୍ରତେ ହେବାର କୌଣସି ଅବକାଶ ନାହିଁ । ତାକୁ ଡରିବା ଯେତେ ସତ୍ୟ ତାକୁ ପ୍ରଶ୍ନ ନ ପଚାରିବା ତାଠୁ ଅଧିକ ଅସମ୍ଭବ ।

"ତୁମ ନାଁ ଟା ତ କହିଲ ନାହିଁ", ମୁଁ ପୁଣିଥରେ ପଚାରିଲି ।

"ତାହାର କୌଣସି ଆବଶ୍ୟକତା ନାହିଁ ।"

"ମୁଁ ତୁମକୁ କଣ ବୋଲି ଡାକିବି, କି ସମ୍ବୋଧନ କରିବି ।"

"ମତେ ଡାକିବାର କି ଦରକାର ? ମତେ ଭାବିଲା ମାତ୍ରେ ମୁଁ ଚାଲି ଆସିବି, ଉଭାହେବି । ଏଇ ଯେମିତି ଆଜି ଏଇଠି ।"

ମୁଁ ପୁଣି ପଚାରିଲି, "ତୁମେ ଗଲା ପରେ ମୁଁ ଯଦି ଛବିଟି ଆଙ୍କିବି ତୁମର ତା' ନାଁଟା କଣ ଦେବି ?" ସେ ମୌନ ରହିଲା ।

ମୁଁ ଯେବେ ଅନ୍ୟମାନଙ୍କୁ ସେ କଥା କହିବି ସେତେବେଳେ ସେମାନଙ୍କୁ ତୁମ ନାଁଟା କଣ ବୋଲି କହିବି ? ସେମାନେ ତ ନିଶ୍ଚୟ ପଚାରିବେ । ନାଁ ନଥାଇ ଗପ ନାହିଁ । ହୋଇପାରେନା । ଇତିହାସ ତ ଅସମ୍ଭବ, ଆଉ ଭୂତ କଥାକୁ ପଚାରେ କିଏ । ନାଁ ନଥାଇ ନାରୀ-ଭୂତ । କିଏ ଶୁଣିବ ମୋ କଥା ?

ସେ ତୁନି ହୋଇଯାଇଛି । ମୌନାବତୀ ଜଙ୍ଗଲି ରାତିପରି ମତେ ଇସାରା କରୁଛି । ଆସ ଆସ ମୋ ଆଡ଼କୁ ଆସ । ମତେ ଛୁଅଁ । ମୁଁ ଜାଣେ ସେ ଧରା ଦବନି ତଥାପି

Digitized by srujanika@gmail.com

କାହିଁକି ଡାକୁଚି । ଓଃ କି ଦୁର୍ବାର ସେ ଆକର୍ଷଣ । ମୁଁ ତା’ ପଛରେ ନୁହେଁ, ଆଗରେ, ଅଳ୍ପ କେତେ ହାତ ଦୂରତାରେ ତାରି ଆଡ଼କୁ ଆଗେଇ ଆଗେଇ ଯାଉଛି । ସେ ତା ହାତ ହଲାଇ ମତେ ଡାକିବା ସମୟରେ ପଛେଇ ପଛେଇ ଯାଉଛି । ଆମେ ଦୁହେଁ ମୁହାଁମୁହିଁ, ମୁଁ ଅଗ୍ରସର ହେଉଛି ମାତ୍ର ଆମ ଭିତରେ ଦୂରତା କମି ଯାଉନି । ମତେ ଆଶ୍ଚର୍ଯ୍ୟ ଲାଗୁଛି ସେ ସେହିପରି ଯାଦୁଗରୀ ଛାଇର ଅନ୍ତହୀନ ଦୂରତା । ସେ ଏବେ ସେଇପରି ପଛେଇ ପଛେଇ ସମୁଦ୍ର ପାଣିରେ ପ୍ରବେଶ କଲାଣି । ପାଣିର ଢେଉ ତା ପାଦ ଗୋଇଠିରେ ଲାଗୁଛି । କ୍ରମଶଃ ତା ଅଣ୍ଟାରେ ପିଠିରେ ନୀଳ ଢ଼େଉର ଲହରୀ ମାଡ଼ ହଉଛି ।

ତାକୁ ହାତ ପାଆନ୍ତାରେ ପାଇ ବି ନ ପାଇବା ମୋ ପାଇଁ ଏବେ ସବୁଠୁ ବଡ଼ ଆହ୍ୱାନ । ମୁଁ ଆଗେଇ ଚାଲେ, ସେ ପଛେଇ ଯାଏ, ଏହା ଲୁଚକାଳି ଖେଳର ଓଲଟା । ସେ ଆଲୋକିତ ଛାଇ ଭିତରେ ମେଞ୍ଚାଏ କଜଳ ପରି ଯେତେ କଳା ସେତେ ସ୍ପଷ୍ଟ । ମୁଁ ଖୋଲା ଆଖିରେ ତାକୁ ଦେଖିପାରୁଥିବା ଦୁଃସ୍ୱପ୍ନର ତାଡ଼ନାରେ ଅଭିଭୂତ ମଣିଷଟାଏ । ସେ ପାଣିରେ ବୁଡି ବୁଡି ଯାଉଥିବା ଆହ୍ୱାନ । ମୁଁ ବି ତା ଆଡ଼କୁ ଆଗେଇ ଯାଉଥିବା ବାଧ୍ୟବାଧକତାର ଅନୁଗାମୀ ଦୁର୍ବଳତା ।

ତା ପିଠିରେ ବାଜୁଛି ସାମୁଦ୍ରିକ ଢେଉର ଉତ୍ତାଳ ଲହରୀ । ମୁଁ ତାର ହସର ଲହରୀକୁ ସମୁଦ୍ର ଲହରୀ ସହିତ ମିଶିଯିବାର ଦେଖିପାରୁଥିଲି । ତା ଆଖିର ଇସାରା ଅନୁରୋଧରୁ ଆସକ୍ତିରେ ବଦଳି ଯାଇଥିଲା । ତା କଟାକ୍ଷରେ ମୁଁ ଆକ୍ରାନ୍ତ ବିବଶତା । ମୁଁ ବି ପାଣିରେ ପାଦ ଦେଇ ସାରିଥିଲି । ଆଗକୁ ଯାଉଥିଲି । ମୁଁ ଭୁଲିଯାଇଥିଲି ଯେ ମତେ ସନ୍ତରଣ ଜଣା ନଥିଲା । ଯାହାର ଆକର୍ଷଣରେ ମୁଁ ଏତେ ବଡ଼ ଦୁଃସାହସ କରିଥିଲି ସେ ଥିଲା ମେଞ୍ଚାଏ ଅନ୍ଧାରରେ ଗଢ଼ା ଅଶରୀରୀ ।

ମୁଁ ଚିତ୍କାରକୁ ଚାପି ଗଳାରେ ବାନ୍ଧିବାର ପ୍ରୟାସ କଲାବେଳେ ସୁମତୀ ମୋର ସ୍ତ୍ରୀ ଚା’ କପ୍‌ଟେ ବଢ଼ାଉ ବଢ଼ାଉ କହିଲେ ରାତି ଅନେକ ବେଳୁ ଚାଲିଗଲାଣି । ଭୁଲି ଯାଉଛ କାହିଁକି ଆଜି ପରା ତିରିଶ ବର୍ଷ ପୂରିଗଲା ଆମ ବାହାଘରର । ବୁଢ଼ାଟିଏ ହେଲଣି, ଦୁଃସ୍ୱପ୍ନ ତଥାପି ଆଜି ବି ତମକୁ ଡରାଉଛି ?

କେବଳ ମୁଁ ଜାଣିଥିଲି ମତେ ସେଇ ଅନ୍ଧାରରେ ଭୀତତ୍ରସ୍ତ ହେବାରେ କେତେ ଯେ ଅମାପ ଆମୋଦ ମିଳୁଥିଲା ।

ସୁମତୀ ସତ୍ୟର ଆଧାର, ସ୍ୱପ୍ନର ଓଲଟା । ବିନ୍ଦୁଏ ବାସ୍ତବତାର ଅମୋଘ ପରିଣାମ । ସେ ମତେ ଭୟରୁ ମିଳୁଥିବା ମିଛ ଆନନ୍ଦ ଭିତରେ ବୁଡ଼ି ଯିବା ପୂର୍ବରୁ ସକାଳେ ମିଳୁଥିବା ସତ୍ୟ ତଥ୍ୟକୁ ଫେରାଇ ଆଣିବା ପାଇଁ ପ୍ରତିଜ୍ଞାବଦ୍ଧ । ସେଥିପାଇଁ ମୁଁ ତାଙ୍କୁ ରାଣୀର କାହାଣୀ ନ ଶୁଣାଇବାକୁ ମନସ୍ଥ କରେ ।

❑❑❑

Digitized by srujanika@gmail.com

★

ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର ବ୍ରଜନାଥ ବଡ଼ଜେନା ହାଇସ୍କୁଲର ଆଦର୍ଶ ଶିକ୍ଷକ ୰ ବୈଦ୍ୟନାଥ ମହାପାତ୍ରଙ୍କ ସୁଯୋଗ୍ୟ ସନ୍ତାନ ଭାବରେ ତା୧ ୧.୧ ୧.୧ ୯ ୫ ୪ ରିଖ ଦିନ ଜନ୍ମଗ୍ରହଣ କରିଥିଲେ ସ୍ୱର୍ଗତଃ ରଜତ ମହାପାତ୍ର ।

ବୃତ୍ତିରେ ଶିକ୍ଷାବିତ୍ ଏବଂ ପ୍ରଶାସକ ଥାଇ ଓଡ଼ିଆ ସାହିତ୍ୟକୁ ସେ ଦେଇଯାଇଛନ୍ତି ଅନେକ କବିତା ଓ ଗଳ୍ପ ସମ୍ଭାର । ଜଣେ ସୃଜନଶୀଳ ସ୍ରଷ୍ଟା ଭାବରେ ଇଂରାଜୀ ଓ ଓଡ଼ିଆ ଉଭୟ ଭାଷାରେ ସେ ଖୁବ୍ ମାର୍ମିକ ଓ ହୃଦୟସ୍ପର୍ଶୀ ରଚନାସବୁ ସୃଷ୍ଟି କରିଛନ୍ତି ।

ଝଙ୍କାର, ଇସ୍ତାହାର, ତ୍ରିବେଣୀ, ପ୍ରତିବେଶୀ, ସମାବେଶ, ଗଳ୍ପ, କଥା, ଗଳ୍ପ ଏକବିଂଶ ଶତାବ୍ଦୀର ଆଦି ସମ୍ଭ୍ରାନ୍ତ ପତ୍ରିକାମାନଙ୍କରେ ଦୀର୍ଘ ତିନି ଦଶନ୍ଧି ଧରି ତାଙ୍କର ଗଳ୍ପ ଓ କବିତା ସବୁ ପ୍ରକାଶ ପାଇ ସାରିଛି ।

'Travesty' ନାମକ ତାଙ୍କର ଏକ କ୍ଷୁଦ୍ରଗଳ୍ପ Weber– Contemporary West, Fall 1997 ରେ ପ୍ରକାଶିତ ହୋଇଥିଲା ।

ତାଙ୍କର ଇଂରାଜୀ କବିତା 'Humour' ଆମେରିକାର SCHAUB, Watermark Press ଦ୍ୱାରା ୧୯୯୮ ମସିହାରେ The National Library of Poetry ଆନୁକୂଲ୍ୟରେ ପ୍ରକାଶିତ 'Dawn of Silence' ରେ ସ୍ଥାନ ପାଇଥିଲା । ୨୦୦୧ ମସିହାରେ ତାଙ୍କର ଗୋଟିଏ କବିତା 'Blood' ଯୁକ୍ତରାଷ୍ଟ୍ରର internationallibraryofpoerty.com ଦ୍ୱାରା ପ୍ରକାଶିତ ହୋଇଥିବା କବିତା ସଙ୍କଳନ 'The Sound of Poetry' ରେ ସ୍ଥାନ ପାଇ CD ଏବଂ Cassette ଆକାରରେ ଉପଲବ୍ଧ ।

ଦୂର୍ଭାଗ୍ୟର ବିଷୟ, ଏଇ ସାରସ୍ୱତ ସାଧକଙ୍କର ଅକାଳ ମୃତ୍ୟୁ ଘଟେ ୨୦୧୨ ମସିହା ଡିସେମ୍ବର ମାସ ୨୧ ତାରିଖ ଦିନ ।

ଅକାଳରେ ଚାଲିଗଲେ ସିନା, ମାତ୍ର ପାଠକମାନଙ୍କ ହୃଦୟରେ ସେ ଚିରଞ୍ଜୀବୀ ହୋଇ ରହିଗଲେ । କବି ରାଧାନାଥଙ୍କ ଭାଷାରେ –

ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।

★



Digitized by srujanika@gmail.com